ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ମଇ ୨୦୧୮ ସଂସ୍କରଣ

କଥା ଓ କାହାଣୀ
ପଦ୍ୟ ଓ କବିତା
ହାସ୍ୟ ଓ ବ୍ୟଙ୍ଗ
ଇତିହାସ ଓ ପ୍ରବନ୍ଧ
ଅନୁବାଦ ସାହିତ୍ୟ
ସମ୍ବଲପୁରୀ ଲେଖା
ଗଳ୍ପସ୍ପର୍ଧା ଏବଂ
ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ପ୍ରତିଷ୍ଠାତା-ସଂପାଦକ, ଆହ୍ୱାନ ଇ-ପତ୍ରିକା

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍


ବୀମା ନଗର, ଦ୍ୱିତୀୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ / ହ୍ୱାଟ୍ସଆପ୍ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

Download Magazine from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




ଓଡ଼ିଶାର କାଶ୍ମୀର କୁହାଯାଉଥିବା ଦାରିଙ୍ଗବାଡ଼ିକୁ ବ୍ରହ୍ମପୁରଠାରୁ ଯାଉଥିବା ରାସ୍ତାର ସୋରଡ଼ା ନିକଟବର୍ତ୍ତୀ ଏକ ସର୍ପିଳ ରାସ୍ତା । ପର୍ଯ୍ୟଟକମାନେ ଏଠାରେ ଓହ୍ଲାଇ କିଛି ସମୟ ପାଇଁ ଫଟୋ ନିଅନ୍ତି ଏବଂ ଆଗକୁ ବଢ଼ନ୍ତି ।

Download Magazine from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୦ |
| | ଗଳ୍ପ ବିଭାଗ | |
| ଆତ୍ମହତ୍ୟା | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୨୩ |
| ଦ୍ୱିପହରର ଛାଇ | ପ୍ରମୋଦ କୁମାର ପଣ୍ଡା | ୨୯ |
| ମନଲାଖି ଫ୍ଲାଟ୍ | ସମ୍ବିତ୍ ସତ୍ୟପ୍ରକାଶ ମିଶ୍ର | ୩୮ |
| ବର୍ଲିନର ଡାକ | ନିଳାଦ୍ରୀ ବିହାରୀ ନାୟକ | ୪୨ |
| ଅକୁହା କାହାଣୀ | ଅନୁସୂୟା ମିଶ୍ର | ୪୮ |
| ବନ୍ଧ୍ୟା | ପ୍ରତିଭା ପ୍ରିୟଦର୍ଶିନୀ | ୫୫ |
| ଆଭାସ ଗଳ୍ପ | ରାଧାକାନ୍ତ ଦାଶ | ୬୨ |
| ଶୂନ୍ୟସ୍ଥାନ | ଲିନାରାଣୀ ଧଳ ମଙ୍ଗରାଜ | ୬୪ |
| ତେଜସ୍ୱିନୀ | ସୁଷମା ପରିଡା | ୬୬ |
| ମୋ କୁକୁର ମୋତେ ଭାଉ | ଡା ସୌମ୍ୟରଞ୍ଜନ ମିଶ୍ର | ୭୨ |
| କେଞ୍ଚୁଆ | ସୁବଳ ମହାପାତ୍ର | ୭୪ |
| ବିବେକାର ସ୍ୱକଳ୍ପିତ ଦୁନିଆ | ମଧୁସ୍ମିତା ପଟ୍ଟନାୟକ | ୭୭ |
| ଦୃଷ୍ଟାନ୍ତ ନାରୀଟିଏ | ବଳବନ୍ତ ସାହୁ | ୮୪ |
| ସୁନେଲୀ ସିଂହ | ଅଶୋକ ବିଶ୍ୱାଳ | ୯୦ |
| ଆଖି | ଶୁଭକାନ୍ତ ସାହୁ | ୯୪ |
| କିଏ ସ୍ୱାର୍ଥପର | ଇଂ ସଦାଶିବ ନାୟକ | ୯୭ |
| ବୋକିଝିଅ | ସନାତନ ମହାକୁଡ଼ | ୯୯ |

Download Magazine from www.aahwaan.com


| | | |
|---|---|---|
| ପ୍ଲାଟଫର୍ମ୍ | ସତ୍ୟବ୍ରତ ମହାପାତ୍ର | ୧୦୦ |
| ପାଉଁଜି | ଅନିଲ୍ ସାହୁ | ୧୦୪ |
| ମହଙ୍ଗା | ଜ୍ୟୋତିରଞ୍ଜନ ସାହୁ | ୧୦୮ |
| ରେଡ଼ଲାଇଟ୍ ଏରିଆ | ମୀନାକ୍ଷୀ ଦାଶ | ୧୧୧ |
| ମଙ୍ଗଳବାରିଆ ଆସର ଓ ପୁରୁଣୀ ଶାଗ | ଶିଶିର କୁମାର ଚୌଧୁରୀ | ୧୧୪ |
| ଦିବାସ୍ୱପ୍ନ | ଦୀପକ ଷଡ଼ଙ୍ଗୀ | ୧୧୯ |
| ମଉଳା କଢି | ଚନ୍ଦ୍ରକାନ୍ତ ଜେନା | ୧୨୧ |


## କବିତା ବିଭାଗ


| | | |
|---|---|---|
| ବିଷାକ୍ତ ପୃଥିବୀ | ମନୋରଞ୍ଜନ ମୁଦୁଲି | ୧୨୬ |
| ସ୍ୱପ୍ନ | ବଲବନ୍ତ ସାହୁ | ୧୨୭ |
| ଜୀବନ ଯଦି ? | ମାମାଜିନି ପ୍ରଧାନ | ୧୩୦ |
| ମାର୍ଗ ଦର୍ଶନ | ଶ୍ରୀଲକ୍ଷ୍ମଣ କୁମାର ବେହେରା | ୧୩୩ |
| ମୋ ମା’ | ମୃତ୍ୟୁଞ୍ଜୟ ହୋତା | ୧୩୬ |
| ହାତଧରି ଚାଲୁଚାଲୁ | ଶୈବାଳିନୀ ସାହୁ | ୧୩୭ |
| ପ୍ରତୀକ୍ଷା | ସଂଘମିତ୍ରା କାନୁନ୍‌ଗୋ | ୧୩୮ |
| ଖବର | ସୌମ୍ୟରଞ୍ଜନ ପାଲ | ୧୩୯ |
| ନେତା | କଳ୍ପତରୁ ମିଶ୍ର | ୧୪୦ |
| ବଗିଚାକୁ ଫେରେ | ଅଖିଳ କୁମାର ମିଶ୍ର | ୧୪୩ |
| ତୁମ ଅପେକ୍ଷାରେ ଆଜି ବି ମୁଁ | ସୁଦର୍ଶନ ସାହୁ | ୧୪୪ |
| ମୁଁ ନୁହେଁ ଗୀତା | ନରେଶ କୁମାର ବେହେରା | ୧୪୫ |
| ତୁମେ ଛୁଇଁଦେଲା ପରେ | କାହ୍ନୁ ଚରଣ ସାହୁ | ୧୫୦ |

Download Magazine from www.aahwaan.com


| | | |
|---|---|---|
| ଗ୍ରୀଷ୍ମପ୍ରବାହ | ନୃସିଂହ ଚରଣ ବେହେରା | ୧୫୧ |
| ସ୍ୱାର୍ଥ ଏ ଦୁନିଆ | ପୂର୍ଣ୍ଣଚନ୍ଦ୍ର ରଣା | ୧୫୨ |
| ତୁମପାଇଁ ପ୍ରିୟା | କାର୍ତ୍ତିକେଶ୍ୱର ସାହୁ | ୧୫୪ |
| ଶ୍ରମିକ | ସାଗର ପ୍ରଧାନ | ୧୫୫ |
| କେବେ କେବେ ତୁମେ | ଅଶୋକ କୁମାର ସେଠୀ | ୧୫୬ |
| ବାଟବଣା ମନ | ଜୟନ୍ତ କୁମାର ସାହୁ | ୧୫୮ |
| କନ୍ୟାଭୃଣର ବେଦନା | ଜିତେନ୍ଦ୍ର କୁମାର କହଁର | ୧୫୯ |
| ବୀର୍ଯ୍ୟବାନ ଜ୍ୟୋତି | କବିତା ମହାନ୍ତି | ୧୬୧ |
| ରାଣୀ ଫୁଲବାଣୀ | ବୈଚନ୍ଦ୍ର ମଲ୍ଲିକ | ୧୬୨ |
| ତୁମେ ସତେ ଦେଖାହେଲେ | ଡ: ସତ୍ୟନାରାୟଣ ମିଶ୍ର | ୧୬୫ |
| ଜହ୍ନର ଅଭିସାର | ସୁଦର୍ଶନ ସାହୁ | ୧୬୬ |
| ପୂର୍ଣ୍ଣଛେଦ | ଅନିଲ୍ ସାହୁ | ୧୬୭ |
| ଆଖପାଖ | ମିନତୀ ପ୍ରଧାନ | ୧୬୮ |
| କାଳବୈଶାଖୀ | ପବିତ୍ର ଦାସ | ୧୬୯ |
| ସୌନ୍ଦର୍ଯ୍ୟା | ଶ୍ରୀରାଜଶେଖର 'ଚିମା' | ୧୭୦ |
| ଉତ୍କଳଗୌରବ ମୋ ମଧୁରଗଣ୍ଡ | ଦେବବ୍ରତ ଦାସ | ୧୭୧ |
| ବିକଳ୍ପ ଶୈଶବ | ମନୋରଞ୍ଜନ ମୁଦୁଲି | ୧୭୨ |
| ବିରହ ବହ୍ନି | ସୁଶ୍ରୀ ମିନତିରାଣୀ ମେଣ୍ଡିଲି | ୧୭୩ |
| ଭାରତର କନ୍ୟା | ରଶ୍ମିତା ମହାନ୍ତ | ୧୭୪ |
| ସାଥୀ | ପ୍ରିୟଙ୍କା ସାହୁ | ୧୭୫ |
| କଳିକାଳ ସାବିତ୍ରୀ | ଶ୍ରୀମାନ୍ ଆର୍ତ୍ତତ୍ରାଣ ଖୁର୍ଡ଼ିଆ | ୧୭୬ |

Download Magazine from www.aahwaan.com


| | | |
|---|---|---|
| ହେ ବିଜ୍ଞାନୀ, ଘେନ କୋଟି ସଲାମୀ | ହିମାଂଶୁଭୂଷଣ ଜେନା | ୧୭୭ |
| ଦୁଇଟି କବିତା | ଶ୍ରୀ ରମା କାନ୍ତ ମିଶ୍ର | ୧୭୮ |
| ବୈଶାଖକୁ ସ୍ୱାଗତ | ସତ୍ୟବ୍ରତ ସାହୁ | ୧୮୨ |
| ତୁମେ କିଆଁ ? | ଶୁଭକାନ୍ତ ସାହୁ | ୧୮୩ |
| ଶବ୍ଦଟିଏ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୮୪ |
| ମୁଁ କିଛି ବି ଚାହେଁନା | ଶୁଭ୍ରାଂଶୁ ଦାସ | ୧୮୫ |
| ପ୍ରେମର ଛୋଟିଆ ଘର | ପ୍ରଶାନ୍ତ କୁମାର ନାଥ | ୧୮୭ |
| ଝାପସା ସମ୍ପର୍କ | ଅନିରୁଦ୍ଧ ସାମନ୍ତରାୟ | ୧୮୮ |
| ସ୍ମୃତି ତୁମେ ଫେରନ୍ତ କି ! | ସୁବଳ ମହାପାତ୍ର | ୧୯୦ |
| ମୁଁ କଣ ଅଭିଶପ୍ତ | ଚନ୍ଦ୍ରକାନ୍ତ ପହି | ୧୯୨ |
| ଦୁଃଖର ପାହାଡ଼ | କୁମାର ଲୋକେଶ | ୧୯୩ |
| ନାରୀ | ଚିତ୍ତରଞ୍ଜନ ସାହୁ | ୧୯୪ |
| ମୌସୁମୀ ତୁମେ ଆସିବ ବୋଲି | ଅରୁଣ କୁମାର ପାତ୍ର | ୧୯୬ |
| ପୁଅ ପୁଅ ଡାକ ଶୁଭିବନି ଆଉ | ସୁଦାମ ଗୌଡ଼ | ୧୯୮ |
| ନିର୍ବାକ ପୃଷ୍ଠ | ଅଶୋକ ବିଶ୍ୱାଳ | ୧୯୯ |
| ମୋ ମା | ଶୁଭମ କୁମାର ଧଳ | ୨୦୧ |
| ଧର୍ମ | ବିନୟ ମହାପାତ୍ର | ୨୦୨ |
| ଆଇଟି ଚାକିରୀ ସହ ରିସେସନ୍ ଫ୍ରି | ବିଜୟ କୁମାର ପଣ୍ଡା | ୨୦୪ |
| ବିଶ୍ୱାସର ସଂପର୍କ | ରାମ କଲତା | ୨୦୭ |
| ଫିକା ପ୍ରେମ | ସୁଦାମ ଲେଙ୍କା | ୨୦୮ |
| ନଷ୍ଟସ୍ୟ କାନ୍ୟା ଗତିଃ | କାର୍ତ୍ତିକ ପାଣିଗ୍ରାହୀ | ୨୦୯ |

Download Magazine from www.aahwaan.com


| | | |
|---|---|---|
| ନାରୀ | ଗୌରାଙ୍ଗ ଚରଣ ବେହେରା | ୨୧୧ |
| ଓଡ଼ିଆଣୀ | ସନ୍ତୋଷ ପଟ୍ଟନାୟକ | ୨୧୨ |
| ଲୁହ | ଶ୍ରଦ୍ଧାଞ୍ଜଳୀ ମିଶ୍ର | ୨୧୩ |
| ଭିନ୍ନତା | ରୋଜା ପଣ୍ଡା | ୨୧୪ |
| ଭକତର ଡାକ | ଜଗଦୀଶ ମିଶ୍ର | ୨୧୫ |
| ରଙ୍ଗ ଜୀବ | ସିପ୍ରା ନାମତା(ନମ୍ରତା) | ୨୧୬ |
| ଅନୁଚିନ୍ତା | ସସ୍ମିତା ମହାନ୍ତି | ୨୧୭ |
| ଗୁରୁ ବନ୍ଦନା | ଦୁର୍ଗାଚରଣ ପଧାନ | ୨୧୮ |
| କାଳିଆ କରୁଣା କନ୍ୟାଙ୍କୁ ଉଣା | ତୁଷାରକାନ୍ତ ପ୍ରସାଦ | ୨୧୯ |
| ଆପଣା ହସ୍ତେ ଜିହ୍ୱା ଛେଦି | ରାଜେନ୍ଦ୍ର ନାରାୟଣ ସେନାପତି | ୨୨୧ |
| ତମ ଲୁହ ଯେ ଜଡେଇ ନିଏ | ଡା ନୀଳମାଧବ କର | ୨୨୨ |
| ମୋ ଗାଁ | ଭାରତ ମେହେର | ୨୨୩ |


## ସମଲପୁରୀ ବିଭାଗ


| | | |
|---|---|---|
| ଅସଲ ଧନ୍ | ଶୁଭମ ନାଏକ | ୨୨୫ |
| ଅଫିସର୍ ଯଦି ହେତି | ବଲବନ୍ତ ସାହୁ | ୨୨୬ |
| ଦଲାଲ୍ | ଏମ୍. ବିଜୟ କୁମାର | ୨୨୯ |
| ଦୁଇଟି କ୍ଷୁଦ୍ର ସମଲପୁରୀ କବିତା | ଶଙ୍ଖସିନ୍ଧୁ ପୁରୋହିତ | ୨୩୦ |


## ଅନୁବାଦ ବିଭାଗ


| | | |
|---|---|---|
| ଆଖଡ଼ା | ସନାତନ ମହାକୁଡ଼ | ୨୩୧ |


## ପର୍ଯ୍ୟଟନ ବିଭାଗ


| | | |
|---|---|---|
| ପର୍ଯ୍ୟଟନ କ୍ଷେତ୍ର ଭଟ୍ଟାରିକା | ଶ୍ରୀବୈକୁଣ୍ଠନାଥ ଖଟୁଆ | ୨୩୪ |

Download Magazine from www.aahwaan.com

## ପ୍ରବନ୍ଧ ବିଭାଗ


| | | |
|---|---|---|
| ମନୁଷ୍ୟ ଜୀବନ ରହସ୍ୟ - ୧ | ପଙ୍କଜ କୁମାର ପାଣିଗ୍ରାହୀ | ୨୪୯ |
| ଯୋଗର ବାସ୍ତବ ବିଶେଷତ୍ତ୍ୱ | ପ୍ରବୀଣ କୁମାର କବି | ୨୫୨ |
| ମଧୁବାବୁ ଓ ଓଡ଼ିଶା | ଶ୍ରୀ ରମା କାନ୍ତ ମିଶ୍ର | ୨୫୫ |
| ବେଦାନ୍ତ ହିଁ ମାନବ ସାଧନାର ସୂତ୍ର | ଡ: ଲକ୍ଷ୍ମଣ ସାହୁ | ୨୬୫ |
| କୁତ୍ସିତ ମାନସିକତା - ୧ | ପଙ୍କଜ କୁମାର ପାଣିଗ୍ରାହୀ | ୨୭୨ |
| ଭୂତପୂର୍ବ ବନାମ ଅଭୂତପୂର୍ବ | ଡମ୍ବରୁଧର ପଟ୍ଟନାୟକ | ୨୭୮ |
| ଓଡ଼ିଆ ବ୍ୟାକରଣ ଶିକ୍ଷା | ଅଧ୍ୟାପିକା ରଞ୍ଜିତା ପାତ୍ର | ୨୮୩ |


## ଗଳ୍ପସ୍ପର୍ଦ୍ଧା ବିଭାଗ


| | | |
|---|---|---|
| ମଧୁସ୍ମିତାର ଜୀବନ | ଭାଗିରଥୀ ଯାନୀ | ୨୮୯ |
| ପ୍ରତାରଣା | ଅରୁଣ କୁମାର ପାତ୍ର | ୨୯୬ |
| ହଜିଯାଇଥିବା ମୋବାଇଲ୍ | ପ୍ରଶାନ୍ତ କୁମାର ନାଥ | ୩୦୬ |
| ଦି ଟୋପା ଲୁହ | ପ୍ରିୟଙ୍କା ସାହୁ | ୩୧୦ |
| ରାକ୍ଷସର ଛାଇ | ଅଶୋକ କୁମାର ସେଠୀ | ୩୧୮ |
| ହନି ଦ ହିରୋଇନ୍ | ଶ୍ରଦ୍ଧାଞ୍ଜଳୀ ମିଶ୍ର | ୩୨୯ |
| ଗଳ୍ପସ୍ପର୍ଦ୍ଧା ଫଳାଫଳ | | ୩୩୧ |
| ଜୁନ୍ ମାସପାଇଁ ଗଳ୍ପସ୍ପର୍ଦ୍ଧା | | ୩୩୨ |
| ବିଶେଷ ସୂଚନା | | ୩୩୩ |

Download Magazine from www.aahwaan.com

# ସମ୍ପାଦକଙ୍କ କଲମରୁ...



ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଆହ୍ୱାନ ଇ-ପତ୍ରିକାର ମଇ ମାସର ସଂସ୍କରଣ ଆପଣମାନଙ୍କ ପାଇଁ ଉପସ୍ଥାପନ କରୁଥିବା ବେଳେ ଆଶା କରୁଛି ପୂର୍ବ ସଂଖ୍ୟା ମାନଙ୍କ ଭଳି ଏହି ସଂସ୍କରଣ ମଧ୍ୟ ଆପଣମାନଙ୍କ ସ୍ୱୀକୃତି ପ୍ରାପ୍ତ କରିବ ।

ସାହିତ୍ୟର ଅପୂର୍ବ ସଂଗ୍ରହକୁ ଉପଭୋଗ କରିବାପୂର୍ବରୁ ଆସନ୍ତୁ ଦେଖିବା ବିଗତ ମାସର କିଛି ରାଷ୍ଟ୍ରୀୟ ଓ ରାଜ୍ୟସ୍ତରୀୟ ଘଟଣା ଆଦି ବିଷୟରେ ।

## ଅନିତା ଦାସ ଆଉ ନାହାନ୍ତି

ଓଡ଼ିଆ ଚଳଚ୍ଚିତ୍ର ଜଗତର ଜଣାଶୁଣା ଅଭିନେତ୍ରୀ ଶ୍ରୀମତି ଅନିତା ଦାସ ଗତକାଲି ହୃଦଘାତ ଯୋଗୁଁ ଇହଧାମ ତ୍ୟାଗ କରିଛନ୍ତି । ଓଡ଼ିଆ ଚଳଚ୍ଚିତ୍ର 'ଯାଯାବର'ରୁ ନିଜ ଅଭିନୟ ଜୀବନ ଆରମ୍ଭ କରିଥିବା ଅନିତା ଦାସ ଜୀବନର ବିଭିନ୍ନ ପର୍ଯ୍ୟାୟରେ ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରି ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ସମୃଦ୍ଧ କରିଛନ୍ତି । ବିଗତ କେଇ ଦଶନ୍ଧିରେ ସେ ବିଭିନ୍ନ ଚଳଚ୍ଚିତ୍ରରେ ମା' ଭୂମିକାରେ ଅଭିନୟ କରି ନିଜ ପାଇଁ ବିଶେଷ ସ୍ଥାନ ସଂରକ୍ଷିତ କରି ପାରିଥିଲେ । ସତାବନ ବର୍ଷ ବୟସରେ ସେ ହୃଦଘାତ ଯୋଗୁଁ ପ୍ରାଣ ହରାଇଛନ୍ତି । ତାଙ୍କର ବିୟୋଗରେ ଓଡ଼ିଆ ଚଳଚ୍ଚିତ୍ର ଜଗତ ଏକ ମହାନ ଅଭିନେତ୍ରୀଙ୍କୁ ହରାଇଛି ଏଥିରେ ଦ୍ୱିମତ ନାହିଁ ।

## ସୋନମ୍ କପୁରଙ୍କ ବାହାଘର

ବିଗତ ଏକ ମାସରୁ ଅଧିକ ସମୟ ହେବ ଯେଉଁ ଅଣରାଜନୈତିକ ଖବର

Download Magazine from www.aahwaan.com

ଗଣମାଧ୍ୟମକୁ ବାନ୍ଧି ରଖିଥିଲା ତାହା ହେଉଛି ପୁରୁଖା ଅଭିନେତା ଅନିଲ କପୁରଙ୍କ ସୁପୁତ୍ରୀ ସୋନମ କପୁରଙ୍କ ବିବାହ । ବଲିଉଡ଼ ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରୀରେ ଆୟୋଜିତ ଏହି ବିଶାଳ ବିବାହର ଫଟୋ ଓ ଭିଡ଼ିଓ ବିଭିନ୍ନ ଗଣମାଧ୍ୟମ ସମେତ ସୋସିଆଲ୍ ମେଡ଼ିଆରେ ମଧ୍ୟ ପ୍ରବଳ ଭାବରେ ପ୍ରସାର କରାଯାଇଥିଲା । ଦିଲ୍ଲୀର ବ୍ୟବସାୟୀ ଆନନ୍ଦ ଆହୁଜାଙ୍କୁ ସେ ଏକ ବର୍ଣ୍ଣାଢ୍ୟ ସମାରୋହରେ ବିବାହ କରିଛନ୍ତି ଏବଂ ଏହି ସମାରୋହରେ ବଲିଉଡ଼ ଶିଳ୍ପର ଊଣାଅଧିକେ ସମସ୍ତ ପ୍ରମୁଖ ଅଭିନେତା ଅଭିନେତ୍ରୀ ଅଂଶ ଗ୍ରହଣ କରିଥିଲେ ଏବଂ ଏହାକୁ ଦେଖିବାପାଇଁ ଲୋକମାନଙ୍କ ଭିତରେ ପ୍ରବଳ ଆଗ୍ରହ ଦେଖାଯାଇଥିଲା ।

## କର୍ଣ୍ଣାଟକରେ ବିଧାନସଭା ନିର୍ବାଚନ

ଆଜି କର୍ଣ୍ଣାଟକରେ ଅନୁଷ୍ଠିତ ହେଉଛି ବିଧାନସଭା ପାଇଁ ନିର୍ବାଚନ । ଉଲ୍ଲେଖଯୋଗ୍ୟ ଯେ ଦେଶର ଅନେକ ରାଜ୍ୟରେ କଂଗ୍ରେସର ମୂଳପୋଛ ହୋଇଯିବା ପରେ କେବଳ ଗୋଟିଏ ପ୍ରମୁଖ ରାଜ୍ୟରେ ଯେଉଁଠି ସଂଖ୍ୟାଗରିଷ୍ଠତା ରହିଛି ସେଇଠି ନିର୍ବାଚନର ମହତ୍ତ୍ୱ ଅଧିକ ହେଉଛି । ସେଥିପାଇଁ ବିଜେପି ଓ କଂଗ୍ରେସ ତରଫରୁ ବହୁତ ପ୍ରଚେଷ୍ଟା କରାଯାଉଛି । ସୂଚନାଯୋଗ୍ୟ ଯେ ଏହି ନିର୍ବାଚନ ପାଇଁ କଂଗ୍ରେସ ମହାସଚିବ ଶ୍ରୀ ରାହୁଲ ଗାନ୍ଧୀ କର୍ଣ୍ଣାଟକରେ ରହି ପ୍ରଚାର ଅଭିଯାନ ଚଳାଇଥିବା ବେଳେ ଅନେକ ଅନିୟମିତତା ଦେଖିବାକୁ ମିଳିଛି । ବିଜେପି ତରଫରୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ବିଭିନ୍ନ ଅଞ୍ଚଳରେ ବିଶାଳ ଶୋଭାଯାତ୍ରା ଓ ସଭାମାନ ଆୟୋଜନ କରିଛନ୍ତି ।

ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ ଆୟୋଜିତ ଏକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେବା ପାଇଁ ଯାଇଥିବା ରାହୁଲ ଗାନ୍ଧୀ ବନ୍ଦେ ମାତରଂ ସଂଗୀତକୁ ଅଧାରୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇ ଚର୍ଚ୍ଚାରେ ଆସିଥିଲେ ଏବଂ ଏହାକୁ ନେଇ ସାମାଜିକ ଗଣମାଧ୍ୟମ ଚଳଚଞ୍ଚଳ ହୋଇପଡ଼ିଥିଲା । ଦେଶର ସବୁଠାରୁ ପୁରୁଣା ରାଜନୈତିକ ଦଳର

Download Magazine from www.aahwaan.com

ପ୍ରମୁଖ ହୋଇ ରାଷ୍ଟ୍ରୀୟ ସଂଗୀତକୁ ଅପମାନ କରିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ଅନେକେ ମତ ଦେଇଥିଲେ ।

ଅନ୍ୟ ଏକ ସଭାରେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ଗାନ୍ଧୀ କହିଥିଲେ ଯେ ୨୦୧୯ ନିର୍ବାଚନରେ ତାଙ୍କ ଦଳ ସଂଖ୍ୟା ଗରିଷ୍ଠତା ପାଇଲେ ସେ ପ୍ରଧାନମନ୍ତ୍ରୀ ହୋଇପାରନ୍ତି । ଏହାକୁ ନେଇ ଅନେକ ବ୍ୟକ୍ତି ଶ୍ରୀ ଗାନ୍ଧୀଙ୍କୁ ହାସ୍ୟର ପାତ୍ର କରାଇଥିଲେ । ବର୍ତ୍ତମାନ ସଂସଦରେ ଏତେ କମ ସଂଖ୍ୟାରେ ସଦସ୍ୟ ଥିବା ସତ୍ତ୍ୱେ ନିଜକୁ ପ୍ରଧାନମନ୍ତ୍ରୀ ବୋଲି ଭାବିବା ତାଙ୍କର ମୁର୍ଖାମୀ ଏବଂ ବାଚାଳାମୀ ବୋଲି ବିରୋଧୀ ବିଜେପି ତରଫରୁ କୁହାଯାଇଥିଲା । ବିଜେପିର ନେତା ସୁବ୍ରମଣ୍ୟମ ସ୍ୱାମୀ ରାହୁଲ ଗାନ୍ଧୀଙ୍କ ବ୍ରିଟିଶ ନାଗରିକତ୍ୱ ଏବଂ ବିଦେଶ ବ୍ୟାଙ୍କରେ ରାହୁଲ୍ ଭିଞ୍ଚି ନାମରେ ରଖିଥିବା କଳାଟଙ୍କାର ବିବରଣୀ ଦେବାକୁ ଆହ୍ୱାନ କରିଥିଲେ ।

ବିଜେପି ତରଫରୁ ବାରମ୍ବାର ସୋନିଆ ଗାନ୍ଧୀଙ୍କ ରାଷ୍ଟ୍ରୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରାଯାଉଥିବା ହେତୁ ରାହୁଲ ଗାନ୍ଧୀ ବକ୍ତବ୍ୟ ଦେଇଥିଲେ ଯେ ତାଙ୍କ ମା ଶ୍ରୀମତି ସୋନିଆ ଗାନ୍ଧୀ ଅନେକ ଭାରତୀୟଙ୍କ ଠାରୁ ମଧ୍ୟ ଅଧିକ ଭାରତୀୟ ଏବଂ ତାଙ୍କର ଏହି ମନ୍ତବ୍ୟକୁ ନେଇ ଅନେକ ଆଲୋଚନା ଓ ସମାଲୋଚନା ହୋଇଥିଲା ।

ରାଜନୈତିକ ଯୁଦ୍ଧକ୍ଷେତ୍ରରେ ପରସ୍ପରପ୍ରତି ଆକ୍ଷେପ ଓ ଆକ୍ରମଣ ସାଧାରଣ ଘଟଣା ଏବଂ ଏହି ନିର୍ବାଚନ ସମୟରେ ମଧ୍ୟ ସେ ସବୁ ଦେଖିବାକୁ ମିଳିଥିଲା । ସେ ଯା ହେଉ ବିଭିନ୍ନ ଗଣମାଧ୍ୟମରେ ଏହି ନିର୍ବାଚନ ଏକ ତ୍ରିଶଙ୍କୁ ଅବସ୍ଥା ସୃଷ୍ଟି କରିବ ବୋଲି ମତ ଦେଉଥିବା ବେଳେ ଉଭୟ କଂଗ୍ରେସ ଏବଂ ବିଜେପି ନିଜ ନିଜ ଦଳ ସଂଖ୍ୟା ଗରିଷ୍ଠତା ପାଇବ ବୋଲି ଘୋଷଣା କରୁଛନ୍ତି ।

## ଓଡ଼ିଶାରେ ନିତିଦିନ ହେଉଥିବା ଭାଇରାଲ୍ ଭିଡ଼ିଓ

Download Magazine from www.aahwaan.com

ବିଗତ ମାସରେ ଓଡ଼ିଶା ସମ୍ବନ୍ଧରେ ପ୍ରକାଶିତ ଏକ ଖବରରେ ଜଣାପଡ଼ିଥିଲା ଯେ ରାଷ୍ଟ୍ରୀୟ ସ୍ତରରେ ଓଡ଼ିଆମାନେ ସର୍ବାଧିକ ଯୌନଭାବନାପ୍ରବଣ ଭିଡ଼ିଓ ଓ ଛବି ଦେଖିବାପାଇଁ ଇଣ୍ଟରନେଟର ବ୍ୟବହାର କରୁଛନ୍ତି । ଏହାର ପ୍ରମାଣ ପ୍ରତିଦିନ ଓଡ଼ିଶାରେ ପ୍ରକାଶିତ ହେଉଥିବା ଅଗଣିତ ଏମ୍ଏମ୍ଏସ୍ ବା ଭିଡ଼ିଓ ମାନଙ୍କର ତାଲିକା । ଭିନ୍ନ ଭିନ୍ନ ସମୟରେ ପ୍ରେମୀ ପ୍ରେମିକା କିମ୍ବା ଦମ୍ପତ୍ତି କିମ୍ବା ଅନ୍ୟ କୌଣସି ବ୍ୟକ୍ତିଙ୍କ ଅସଂଯତ ଅବସ୍ଥାର ଭିଡ଼ିଓ ଓଡ଼ିଶାରେ ବହୁଳ ଭାବରେ ପ୍ରସାର ହୋଇ ଆସୁଛି । ଯାହା ବାସ୍ତବିକ ଏକ ଚିନ୍ତାର ବିଷୟ । ଅନେକ ସଚେତନତା ସତ୍ତ୍ୱେ ଲୋକମାନେ ଏହି ପ୍ରକାରର ବିକୃତିକୁ ଆପଣାଇ ନିଜ ତଥା ନିଜ ପରିବାର ଓ ସମାଜ ପ୍ରତି ବିପଦକୁ ଟାଣି ଆଣୁଛନ୍ତି, ଯାହା ସର୍ବାଦୌ ଗ୍ରହଣୀୟ ନୁହେଁ । ସ୍ମାର୍ଟ ଫୋନର ବହୁଳ ବ୍ୟବହାର, ଶସ୍ତା ହେଉଥିବା ଇଣ୍ଟରନେଟ୍ ଡାଟା ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ହେତୁ ଲୋକମାନେ ଏହି ପ୍ରକାରର ଭିଡ଼ିଓକୁ ଫେସବୁକ୍ ଏବଂ ହ୍ୱାଟସ୍ଆପ୍ ମାଧ୍ୟମରେ ପ୍ରଚୁର ଭାବରେ ପ୍ରସାର କରାଉଛନ୍ତି ।

## ସମଗ୍ର ଦେଶରେ କାଳବୈଶାଖୀର ପ୍ରାଦୁର୍ଭାବ

ସମଗ୍ର ଦେଶରେ ଗ୍ରୀଷ୍ମର ନିଦାଘ ଜନମାନସକୁ ବ୍ୟାପକ ଭାବରେ ପ୍ରଭାବିତ କରୁଥିବା ସମୟରେ, କାଳାବୈଶାଖୀର ପ୍ରାଦୁର୍ଭାବ ଏହାକୁ ଦ୍ୱିଗୁଣିତ କରିଛି । ବିଶେଷ କରି ଦେଶର ଦକ୍ଷିଣପୂର୍ବ କୋଣରେ ସ୍ଥିତ ଓଡ଼ିଶାରେ ଏହାର ପ୍ରଭାବ ଦେଖାଯାଉଛି । ଦିନବେଳର ତାପମାତ୍ରାରେ କୌଣସି ପରିବର୍ତ୍ତନ ଦେଖାଯାଉ ନଥିଲେ ସୁଦ୍ଧା ସାନ୍ଧ୍ୟକାଳୀନ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହୋଇ ହଠାତ ବାୟୁମଣ୍ଡଳୀୟ ତାପମାତ୍ରା ବଦଳିବା ହେତୁ ପ୍ରାୟତଃ ପ୍ରତିଦିନ ସନ୍ଧ୍ୟାରେ ରାଜ୍ୟର କୌଣସି ନା କୌଣସି ସ୍ଥାନରେ କାଳବୈଶାଖୀ ଭଳି ପରିସ୍ଥିତି ସୃଷ୍ଟି ହେଉଛି । ଏହାର ପ୍ରଭାବରେ ବ୍ୟାପକ ଧନଜୀବନ କ୍ଷୟକ୍ଷତି ହେବାର ଦେଖାଯାଉଛି ।

Download Magazine from www.aahwaan.com

ବିଗତ ସପ୍ତାହରେ ଉତ୍ତର ଭାରତରେ ଅନୁରୂପ ଭାବରେ ଧୂଳିଝଡ଼ ହୋଇ ଅନ୍ୟୁନ ୧୩୦ ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ଏହାର ପ୍ରଭାବରେ ରେଳ ଓ ବିମାନ ଚଳାଚଳରେ ଅଚଳାବସ୍ଥା ଦେଖା ଦେଇଥିଲା । ତେଲେଙ୍ଗାନ, ଉତ୍ତରପ୍ରଦେଶ, ପଞ୍ଜାବ ଆଦି ରାଜ୍ୟ ସମେତ ଦେଶର ରାଜଧାନୀ ଦିଲ୍ଲୀରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଛି ।

## ଜିନ୍ନାଙ୍କ ଭୁତ ଓ ଅଲିଗଡ଼ ମୁସଲିମ୍ ବିଶ୍ୱବିଦ୍ୟାଳୟ

ବିଗତ ଦିନରେ ଏକ ଘଟଣା ସମୁଦାୟ ଦେଶରେ ଅଶାନ୍ତି ସୃଷ୍ଟି କରିବାକୁ ସକ୍ଷମ ହୋଇଥିଲା । ଭାରତର ଏକ ପ୍ରମୁଖ ଶିକ୍ଷାୟତନ ଆଲିଗଡ଼ ମୁସଲିମ୍ ୟୁନିଭର୍ସିଟିର ଛାତ୍ର ସଂସଦ ହଲରେ ପାକିସ୍ଥାନର ସଂସ୍ଥାପକ ମହମ୍ମଦ ଅଲି ଜିନ୍ନାଙ୍କ ପ୍ରତିଛବି ଲାଗିଥିବାର ଖବର ଯେତେବେଳେ ସୋସିଆଲ୍ ମେଡ଼ିଆରେ ପ୍ରଚାର ହେଲା ଏହାକୁ ନେଇ ଜାତିବାଦୀ ଅନେକ ଛାତ୍ର ସଂଗଠନ ସମେତ ଅନେକ ରାଜନୈତିକ ସଂଗଠନ ଆନ୍ଦୋଳନାତ୍ମକ ପଦକ୍ଷେପ ଆପଣେଇଲେ । ଭାରତର ସ୍ୱାଧୀନତା ସଂଗ୍ରାମରେ ଜିନ୍ନାଙ୍କ ମହତ୍ତ୍ୱ ରହିଛି କହି ସଂପୃକ୍ତ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଜିନ୍ନାଙ୍କ ପ୍ରତିଛବି ସେଠାରୁ ବାହାର କରିବାକୁ ବିରୋଧ କରିଥିଲେ, ଏହାର ବିପରୀତ ଭାରତ ବିଭାଜନରେ ଜିନ୍ନାର ଭୂମିକାକୁ ଦେଖି ସେ ଭାରତରେ କୌଣସି ପ୍ରକାର ସମ୍ମାନର ଅଧିକାରୀ ହୋଇ ପାରିବେ ନାହିଁ ବୋଲି ଅନେକ ମତ ଦେଇଥିଲେ । କିଛି ଦିନ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟ ପରିସରରେ ଉଷ୍ମତାର ବାତାବରଣ ଲାଗି ରହିଲା ।

## ସୁଷମା ସ୍ୱରାଜଙ୍କ ଦେଶପ୍ରେମୀ ପଦକ୍ଷେପ

ଭାରତ ସରକାରଙ୍କ ବିଦେଶମାମଲାର ମନ୍ତ୍ରୀ ଶ୍ରୀମତି ସୁଷମା ସ୍ୱରାଜ ବିଗତ ଚାରିବର୍ଷରେ ନିଜ ପାଇଁ ଏକ ସ୍ୱତନ୍ତ୍ର ନାମ ସୃଷ୍ଟି କରି ପାରିଛନ୍ତି । ବିଦେଶରେ ଫସି ରହିଥିବା ଭାରତୀୟମାନେ ଟ୍ୱିଟର ମାଧ୍ୟମରେ ତାଙ୍କୁ ସନ୍ଦେଶ ଦେବାପରେ ସେ ତ୍ୱରାନ୍ୱିତ

 Download Magazine from www.aahwaan.com

କାର୍ଯ୍ୟାନୁଷ୍ଠାନ କରି ସେମାନଙ୍କୁ ସୁରକ୍ଷିତ ଦେଶକୁ ଫେରାଇ ଆଣିବାରେ କେବେ ହେଲେ ଅବହେଳା କରିନାହାନ୍ତି । କିନ୍ତୁ ଗତ ଦୁଇ ଦିନ ତଳେ ବିଦେଶରେ ଅଟକ ରହିଥିବା ଜନୈକ ଡାକ୍ତରୀ ଛାତ୍ର ଯେତେବେଳେ ସୁଷମା ସ୍ୱରାଜଙ୍କୁ ସହାୟତା ପାଇଁ ଟ୍ୱିଟର ସନ୍ଦେଶ ଦେଇଥିଲେ ସେ ତାଙ୍କୁ ସାହାଯ୍ୟ କରିବାକୁ ମନା କରିଦେଇଥିଲେ ।

ଫିଲିପାଇନ୍ସରେ ଡାକ୍ତରୀ ଶିକ୍ଷା ଗ୍ରହଣ କରୁଥିବା ଜମ୍ମୁ କାଶ୍ମୀରର ଏହି ଛାତ୍ର ଜଣକ ଯେତେବେଳେ ସହାୟତା ପାଇଁ ଅନୁରୋଧ କରିଥିଲେ ସେତେବେଳେ ସେ ନିଜ ପ୍ରୋଫାଇଲରେ ଲେଖିଥିଲେ ଯେ ସେ ଭାରତୀୟ ଅଧିକୃତ କାଶ୍ମୀରର ଅଧିବାସୀ । ଏହାକୁ ଦେଖିବାପରେ ସୁଷମା ସ୍ୱରାଜ ଉତ୍ତର ଦେଇଥିଲେ ଯେ ଏହିଭଳି କୌଣସି ସ୍ଥାନ ପୃଥିବୀରେ ନାହିଁ । ଯେହେତୁ ସେ ଭାରତର ଅଧିବାସୀ ବୋଲି ନିଜକୁ ମନେ କରୁନାହାନ୍ତି ତେଣୁ ସେ ତାଙ୍କୁ ସହାୟତା ଯୋଗାଇ ଦେଇପାରିବେ ନାହିଁ । ଏହାପରେ ନିଜ ଭୁଲ ବୁଝିପାରି ଛାତ୍ରଜଣକ ନିଜ ପ୍ରୋଫାଇଲରେ ପରିବର୍ତ୍ତନ କରି ଜମ୍ମୁକଶ୍ମୀରର ଅଧିବାସୀ ବୋଲି ଉଲ୍ଲେଖ କରିବାପରେ ସୁଷମା ସ୍ୱରାଜ ତାଙ୍କୁ ସହାୟତା କରିବାପାଇଁ ରାଜି ହୋଇଥିଲେ ।

## ଟ୍ରମ୍ପ୍ ଓ କିମ୍ଙ୍କ ସାକ୍ଷାତକାର ଜୁନ ୧୨ ରେ

ବିଗତ କିଛି ମାସ ହେବ ବିଶ୍ୱରେ ଚାଲିଥିବା ଏକ ପ୍ରକାରର ଶୀତଳ ଯୁଦ୍ଧର ଦୁଇ ପ୍ରମୁଖ ପ୍ରତିଦ୍ୱନ୍ଦୀ ଉତ୍ତର କୋରିଆ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ପରସ୍ପର ସହ ବୁଝାମଣା କରିବାପାଇଁ ରାଜି ହୋଇଛନ୍ତି । ଏହି ପରିପ୍ରେକ୍ଷୀରେ ଆଗାମୀ ଜୁନ୍ ମାସ ୧୨ ତାରିଖ ଦିନ ଉଭୟ ଦେଶର ପ୍ରମୁଖମାନେ ଏକ ନିରପେକ୍ଷ ସ୍ଥାନ ସିଙ୍ଗାପୁରଠାରେ ପରସ୍ପରକୁ ସାକ୍ଷାତକରିବେ ବୋଲି ଶୁଣାଯାଉଛି । ଏହା ପୂର୍ବରୁ ଉତ୍ତର କୋରିଆରେ ବନ୍ଦୀଥିବା ତିନିଜଣ ଆମେରୀକିୟ ନାଗରିକଙ୍କୁ ଉତ୍ତରକୋରିଆର କାରାଗୃହରୁ ମୁକ୍ତ କରାଯାଇଛି । ଆଶା କରାଯାଉଛି ଏହି ସମୀକରଣ ଫଳରେ ଏକ ଅବଶ୍ୟମ୍ଭାବୀ ଯୁଦ୍ଧକୁ ଏଡ଼ାଇ ଦିଆଯାଇ

Download Magazine from www.aahwaan.com

ପାରିବ ।

## ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ହେବାକୁ ଚାହାନ୍ତି

ବିଗତଦିନ କର୍ଣ୍ଣାଟକରେ ନିର୍ବାଚନୀ ବାତାବରଣରେ ଗଣମାଧ୍ୟମକୁ ଉଦବୋଧନ ଦେଉଥିବା ସମୟରେ କଂଗ୍ରେସ ଦଳ ମହାସଚିବ ଶ୍ରୀ ରାହୁଲ ଗାନ୍ଧୀ ସୂଚନା ଦେଇଥିଲେ ଯେ ଯଦି ତାଙ୍କ ଦଳ ୨୦୧୯ରେ ସଂଖ୍ୟା ଗରିଷ୍ଠତା ହାସଲ କରେ ତେବେ ସେ ଭାରତୀୟ ଗଣତନ୍ତ୍ରର ପ୍ରଧାନମନ୍ତ୍ରୀ ହେବାକୁ ଚାହିଁବେ ।

ଏହାପରେ ଚିରାଚରିତ ଢଙ୍ଗରେ ଶ୍ରୀ ଗାନ୍ଧୀଙ୍କୁ ବିଭିନ୍ନ ପ୍ରକାର ଥଟାର ଶୀକାର ହେବାକୁ ପଡିଥିଲା । ବିଜେପି ଏହାକୁ ବାଚାଳାମୀ ବା ପାଗଳାମୀ ବୋଲି କହୁଥିବା ବେଳେ ସୋସିଆଲ୍ ମେଡ଼ିଆରେ ଏହାକୁ ନେଇ ଅନେକ ବ୍ୟଙ୍ଗାତ୍ମକ ଉପସ୍ଥାପନା କରାଯାଇଥିଲା ।

ବିଜେପି ନେତା ସୁବ୍ରମଣ୍ୟମ୍ ସ୍ୱାମୀ ଏବଂ ପ୍ରବକ୍ତା ଡା ସମ୍ବିତ୍ ପାତ୍ର ପ୍ରମୁଖ ଶ୍ରୀ ଗାନ୍ଧୀଙ୍କ ଏତାଦୃଶ ମନ୍ତବ୍ୟକୁ ଘୋର ନିନ୍ଦା କରିବା ସହ ବ୍ୟଙ୍ଗୋକ୍ତି ବିଭିନ୍ନ ଗଣମାଧ୍ୟମ ଜରିଆରେ ଉପସ୍ଥାପନ କରିଥିଲେ ।

## କାଶ୍ମୀର ପଥର ଫୋପଡ଼ାରେ ବୃଦ୍ଧି

ବିଗତ ସପ୍ତାହରେ କାଶ୍ମୀରରେ ହିଂସାବାଦୀ ମାନଙ୍କ ଦ୍ୱାରା ପଥର ଫୋପଡ଼ା କାଣ୍ଡରେ ଦୁଇ ଦୁଇଟି ଅସ୍ୱୀକାର୍ଯ୍ୟ ଘଟଣା ଘଟିଯାଇଛି । ପ୍ରଥମ ଘଟଣାରେ ଏହି ବିଚ୍ଛିନ୍ନତାବାଦୀ ଉଦ୍‌ଭ୍ରାନ୍ତ ଯୁବକ ମାନେ ଏକ ସ୍କୁଲ ଭ୍ୟାନ ଉପରକୁ ପଥର ମାଡ଼ କରିବା ଦ୍ୱାରା ଅନେକ କୋମଳମତି ଶିଶୁ ଆହତ ହୋଇଛନ୍ତି ଏବଂ ଅନ୍ୟ ଏକ ଘଟଣାରେ ସେମାନଙ୍କ ପଥରମାଡ଼ରେ କାଶ୍ମୀର ପର୍ଯ୍ୟଟନରେ ଯାଇଥିବା ତେଲେଙ୍ଗାନାର ଏକ ପରିବାରର ଜଣେ ସଦସ୍ୟ ପ୍ରାଣ ହରାଇଛନ୍ତି । ଉଭୟ ଘଟଣାକୁ ପ୍ରାୟ ଅଧିକାଂଶ ରାଜନୈତିକ ଦଳ ତରଫରୁ ଘୋର ନିନ୍ଦା କରାଯାଇଛି ।

Download Magazine from www.aahwaan.com

## ସରିଫ କହିଲେ ପାକିସ୍ଥାନ ମୁମ୍ବାଇ ଆକ୍ରମଣ କରାଇଥିଲା

ଆଜି ଏକ ଅପ୍ରତ୍ୟାଶିତ ଉପକ୍ରମରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ନବାଜ ସରିଫ୍ ପାକିସ୍ତାନର ପ୍ରମୁଖ ସମ୍ବାଦପତ୍ର ଡନକୁ ଦେଇଥିବା ଏକ ସାକ୍ଷାତକାରରେ ସ୍ୱୀକାର କରିଛନ୍ତି ଯେ ଭାରତରେ ହୋଇଥିବା ନଭେମ୍ବର ୨୬ ମୁମ୍ବାଇ ଆକ୍ରମଣରେ ପାକିସ୍ଥାନର ପ୍ରଚ୍ଛନ୍ନ ହାତ ଥିଲା । ଏବଂ ପାକିସ୍ତାନ ଭୂମିରୁ ହିଁ ଲସ୍କର-ଏ-ତୋଏବାର ଆତଙ୍କବାଦୀ କ୍ୟାମ୍ପରେ ଏହି ଆତଙ୍କବାଦୀଙ୍କୁ ପ୍ରଶିକ୍ଷଣ ଦିଆଯାଇ ଭାରତକୁ ପଠାଯାଇଥିଲା । ଏହା ଏକ ଷଡ଼ଯନ୍ତ୍ର ଥିଲା ଯାହାକୁ ପାକିସ୍ତାନ ଆଜି ପର୍ଯ୍ୟନ୍ତ ଅସ୍ୱୀକାର କରି ଆସୁଥିଲା ।

ପାନାମା ପେପର୍ ମାମଲାରେ ପାକିସ୍ତାନର ସର୍ବୋଚ୍ଚ ଅଦାଲତ ସରିଫଙ୍କୁ କୌଣସି ପ୍ରକାରର ସରକାରୀ ପଦପଦବୀରେ ରହିବାର ଅଧିକାରରୁ ଆଜୀବନ ପାଇଁ ବରଖାସ୍ତ କରିଛନ୍ତି । ସମ୍ବାଦପତ୍ରକୁ ଦେଇଥିବା ବୟାନରେ ସେ କହିଛନ୍ତି ଯେ ଆଫଗାନିସ୍ତାନର ବକ୍ତବ୍ୟର ମୂଲ୍ୟ ପାକିସ୍ତାନ ଠାରୁ ଅଧିକ ରହିଛି ଏବଂ ପାକିସ୍ତାନୀ ସରକାର ଏବଂ ଆର୍ମିର କାର୍ଯ୍ୟପ୍ରଣାଳୀ ପାଇଁ ପାକିସ୍ତାନ ସମଗ୍ର ବିଶ୍ୱରେ ଏକ ଘରିକିଆ ହୋଇଯାଇଛି ।

କୌଣସି ଆତଙ୍କବାଦୀ ପ୍ରମୁଖଙ୍କ ନାମ ନ ନେଇ ସେ କହିଛନ୍ତି ଯେ ଆମ ଦେଶରୁ ବେସରକାରୀ ଆତଙ୍କବାଦୀ ସୀମାରେଖା ପାର କରି ଯାଇ ଅନ୍ୟ ଏକ ଦେଶରେ ଦେଢ଼ଶହ ପାଖାପାଖି ଲୋକଙ୍କୁ ମାରିବା ସତ୍ତ୍ୱେ ସେହି ମାମଲାର ଶୁଣାଣୀ ଆମ ଅଦାଲତରେ ହୋଇ ପାରୁନାହିଁ କାହିଁକି ? ଏହା ଆଦୌ ଗ୍ରହଣୀୟ ନୁହେଁ । ଋଷର ରାଷ୍ଟ୍ରପତି ଭ୍ଲାଦିମିର୍ ପୁତିନ୍ ବି ଏହା କହିଛନ୍ତି ଏବଂ ଚୀନର ରାଷ୍ଟ୍ରପତି ଜିନ୍ ଜିଓପାଙ୍ଗ୍ ବି କହିଛନ୍ତି । ପାକିସ୍ତାନରେ ତ୍ରିସ୍ତରୀୟ ସମାନ୍ତରାଳ ସରକାରୀ ବ୍ୟବସ୍ଥା ଚାଲିଛି ବୋଲି ସେ କହିଛନ୍ତି । ମୁଖ୍ୟ ସରକାର ବ୍ୟତୀତ, ସୁରକ୍ଷାବଳ ଏବଂ ଆତଙ୍କବାଦୀଙ୍କ ହସ୍ତକ୍ଷେପ ହେତୁ ଦେଶର ଅବସ୍ଥା ଅସମ୍ଭାଳ ହୋଇଯାଇଛି ବୋଲି ସେ କହିଛନ୍ତି ।

Download Magazine from www.aahwaan.com

## ଲାଲକିଲା ଡାଲମିଆ ଗ୍ରୁପର ଦେଖାଶୁଣାରେ

ଭାରତର ପ୍ରମୁଖ ଦର୍ଶନୀୟ ସ୍ଥଳ, ଦିଲ୍ଲୀର ଲାଲକିଲ୍ଲାକୁ ପାଞ୍ଚବର୍ଷ ପାଇଁ ଡାଲମିଆ ଗ୍ରୁପର ଦେଖାଶୁଣା ଦାୟିତ୍ୱ ନ୍ୟସ୍ତ କରାଯାଇଛି । ଏହି ସୂଚନା ପ୍ରଘଟ ହେବାପରେ କିନ୍ତୁ ବିରୋଧୀ କଂଗ୍ରେସ ଏହାକୁ ହାତଛଡ଼ା ନ କରି ସରକାର ଆମ ଐତିହାସିକ କୀର୍ତ୍ତି ସବୁକୁ ବିକ୍ରୀ କରୁଛନ୍ତି ବୋଲି କହି ଭର୍ତ୍ସନା କରିଥିଲେ । ଏହା ସାମାଜିକ ଗଣମାଧ୍ୟମରେ ବହୁଳ ଭାବରେ ପ୍ରଚାର ହୋଇଥିଲା । କିଛି ଲୋକ ଏହାକୁ ଏକ ଅନୈତିକ ଏବଂ ଅଗଣତାନ୍ତ୍ରିକ ପଦକ୍ଷେପ ବୋଲି ଘୋଷଣା କରିଥିଲେ ।

ସୂଚନାଯୋଗ୍ୟ ଯେ ଦେଶରେ କାମ କରୁଥିବା ସମସ୍ତ ବୃହତ ବ୍ୟବସାୟିକ ଅନୁଷ୍ଠାନ ବା କର୍ପୋରେଟ୍ ସଂସ୍ଥା ପ୍ରତିବର୍ଷ ସେମାନଙ୍କ ଦ୍ୱାରା ହେଉଥିବା ଆୟର କିଛି ଅଂଶ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମରେ ଖର୍ଚ୍ଚ କରିଥାନ୍ତି । ଏହା ଅନ୍ତର୍ଗତ ବିଭିନ୍ନ ସଂସ୍ଥା ନୂତନ ବିଦ୍ୟାଳୟ ଖୋଲିବା, ହସପିଟାଲ ଖୋଲିବା ଆଦି କାମ କରିଥାନ୍ତି । ସେଇପରି ଡାଲମିଆ ଗ୍ରୁପକୁ ଲାଲକିଲ୍ଲାର ଦେଖାଶୁଣା କରିବାପାଇଁ ଦାୟିତ୍ୱ ଦିଆଯାଇଛି ।

ଏହା ପୂର୍ବରୁ ଲାଲକିଲ୍ଲାର ଦେଖାଶୁଣା ପାଇଁ ସରକାରୀ ସ୍ତରରେ ବାର୍ଷିକ ପ୍ରାୟ କୋଡ଼ିଏ କୋଟି ଟଙ୍କା ଖର୍ଚ୍ଚ କରାଯାଉଥିଲା । ଯାହା ସରକାରୀ ଖଜଣାରୁ ଦିଆଯାଉଥିଲା । ନୂତନ ବ୍ୟବସ୍ଥାଦ୍ୱାରା ଡାଲମିଆ ଗ୍ରୁପ୍ ଲାଲକିଲ୍ଲାର ରକ୍ଷଣାବେକ୍ଷଣ ବାବଦରେ ସମସ୍ତ ଖର୍ଚ୍ଚ ନିଜେ ତୁଲାଇବା ସହ ପ୍ରତିବର୍ଷ ସରକାରଙ୍କୁ ପାଞ୍ଚକୋଟି ଟଙ୍କା ଦେବ ବୋଲି ଦସ୍ତାବେଜ ସାକ୍ଷର ହୋଇଛି ।

## ଆଫଗାନିସ୍ଥାନରେ ୭ ଭାରତୀୟ ତାଲିବାନ ଦ୍ୱାରା ଅପହୃତ

ବିଗତ ସପ୍ତାହରେ ଆଫଗାନିସ୍ତାନରେ କାମ କରୁଥିବା ସାତଜଣ ଭାରତୀୟ ଇଞ୍ଜିନିୟରଙ୍କୁ ତାଲିବାନ ତରଫରୁ ଅପହରଣ କରି ନିଆଯାଇଥିବାର ସୂଚନା ମିଳିଛି । ପ୍ରାପ୍ତ

Download Magazine from www.aahwaan.com

ସୂଚନା ଅନୁଯାୟୀ ଏହି ସମସ୍ତ କର୍ମଚାରୀ ମହାରାଷ୍ଟ୍ରର ଏକ ପ୍ରାଇଭେଟ୍ କମ୍ପାନୀ ଦ୍ୱାରା ସେଠାରେ ନିଯୁକ୍ତି ପାଇଥିଲେ ଏବଂ ସେମାନେ ନିଜ କର୍ମସ୍ଥଳକୁ ଯାଉଥିବା ବେଳେ ସେମାନଙ୍କ ଡ୍ରାଇଭର ସମେତ ସମସ୍ତଙ୍କୁ ଅପହରଣ କରି ନିଆଯାଇଛି । ସେମାନଙ୍କୁ ସ୍ଥାନୀୟ ଲୋକ ବୋଲି ମନେ କରି ଭୁଲରେ ଅପରହଣ କରାଯାଇଥିବ ବୋଲି ସରକାରୀ ସୂତ୍ରରୁ ପ୍ରକାଶ । ଅଦ୍ୟବଧି କୌଣସି ଆତଙ୍କବାଦୀ ସଂଗଠନ ଏହି ଅପହରଣର ଦାୟିତ୍ୱ ନେଇ ନାହାନ୍ତି ।

## ଆମେରିକାରେ ପାକିସ୍ଥାନୀ ଦୁତାବାସ କର୍ମଚାରୀ ଗୃହବନ୍ଦୀ

ବିଗତ ସପ୍ତାହରେ ଆମେରୀକାର ଟ୍ରମ୍ପ ପ୍ରଶାସନ ପାକିସ୍ତାନୀ ଦୁତାବାସର କର୍ମଚାରୀ ମାନଙ୍କ ପାଇଁ ଅନେକ ନୂତନ କଟକଣା ଜାରୀ କରିଛନ୍ତି । ଏହା ଅନ୍ତର୍ଗତ ପାକିସ୍ତାନ ଦୁତାବାସର କୌଣସି ଅଧିକାରୀ ବିନା ଅନୁମତିରେ ନିଜ କାର୍ଯ୍ୟାଳୟ ବାହାରକୁ ଯାଇ ପାରିବେ ନାହିଁ । ଯଦି ସେମାନେ ବାହାରକୁ ଯିବାକୁ ଚାହାନ୍ତି ସେମାନେ ଅନ୍ୟୁନ ପାଞ୍ଚଦିନ ପୂର୍ବରୁ ଏଥି ନିମିତ୍ତ ଦରଖାସ୍ତ ଦେବେ ଏବଂ ସେମାନଙ୍କୁ ଦୁତାବାସର ପଚିଶି ମାଇଲ ବ୍ୟାସାର୍ଦ୍ଧର ଅଞ୍ଚଳ ମଧ୍ୟରେ ହିଁ ଭ୍ରମଣର ସୁଯୋଗ ମିଳିବ ।

## ଜେନେରାଲ୍ ରାୱତ୍ କହିଲେ ଆଜାଦୀ ଏବେ ନାହିଁ

କାଶ୍ମୀରରେ ଦିନକୁ ଦିନ ପରିସ୍ଥିତି ନିୟନ୍ତ୍ରଣାଧୀନ ହେଉଥିବା ବେଳେ କାଁ ଭାଁ ହିଂସାର ଘଟଣା ସମସ୍ତଙ୍କ ମନକୁ ଆଘାତ ଦେଉଛି । ଏହି ପରିପ୍ରେକ୍ଷୀରେ ଭାରତୀୟ ସ୍ଥଳସେନା ପ୍ରମୁଖ ଶ୍ରୀ ବିପିନ୍ ରାୱାତ ଦେଇଥିବା ଏକ ମନ୍ତବ୍ୟ ବହୁତ ପ୍ରତିକ୍ରିୟା ସୃଷ୍ଟି କରୁଛି । ସେ କହିଛନ୍ତି ଯେ କାଶ୍ମୀରର ଆଜାଦୀ ବା ସ୍ୱାଧୀନତା ନେଇ ଯେତେ ବୟାନବାଜୀ କଲେ ବି ସେମାନଙ୍କୁ ଆଜାଦୀ ଦିଆଯିବ ନାହିଁ । କାଶ୍ମୀର ସ୍ୱାଧୀନ ଭାରତର ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଏହାକୁ କୌଣସି ପରିସ୍ଥିତିରେ ବି ପାକିସ୍ତାନ ସମର୍ଥିତ ଆତଙ୍କବାଦ ହାତରେ ହାରିବାକୁ

Download Magazine from www.aahwaan.com

ଦିଆଯିବ ନାହିଁ ।

ସୂଚନାଯୋଗ୍ୟ ଯେ ବିଗତ କେଇ ବର୍ଷରେ ଭାରତ ସରକାର କାଶ୍ମୀରରେ କାର୍ଯ୍ୟରତ ସୁରକ୍ଷାବଳଙ୍କୁ ଅନେକ ସ୍ୱାଧୀନତା ଦେଇଛନ୍ତି ଯାହାଫଳରେ କାଶ୍ମୀରରେ ଆତଙ୍କବାଦୀ କାର୍ଯ୍ୟକଳାପ ବହୁ ପରିମାଣରେ କମ ହୋଇଯାଇଛି ।

## ଫ୍ଲିପ୍‌କାର୍ଟର ଅଂଶଧନ କିଣିଲା ଆମେରିକାର ୱାଲମାର୍ଟ୍

ଭାରତର ସର୍ବବୃହତ ଅନଲାଇନ୍ ବ୍ୟବସାୟିକ ପୋର୍ଟାଲ୍ ଫ୍ଲିପକାର୍ଟର ଅଂଶଧନ ବିକ୍ରୀ ହୋଇଛି । ଏଥିପାଇଁ ଆଶାୟୀ ଆମାଜନ୍ ଏବଂ ଆମେରିକୀୟ ସଂସ୍ଥା ୱାଲମାର୍ଟ୍ ମଧ୍ୟରେ ହୋଇଥିବା ବ୍ୟବସାୟିକ ସ୍ପର୍ଦ୍ଧାରେ ୱାଲମାର୍ଟ୍ ଏହି ସଂସ୍ଥାର ସତୁରି ଭାଗ ଅଂଶଧନ ପାଇବା ପାଇଁ ପାଖାପାଖି ୨୦ ବିଲିୟନ୍ ଡଲାର୍ ଅର୍ଥ ଦେଇଛନ୍ତି । ସୂଚନାଯୋଗ୍ୟ ଯେ ଏହି ସଂସ୍ଥା ମାତ୍ର ଦଶବର୍ଷ ତଳେ ବାଙ୍ଗାଲୋର ସହରର ଏକ ଦୁଇ ବେଡ଼ରୁମ୍ ଫ୍ଲାଟରେ ଅନଲାଇନ୍ ବହି ବିକ୍ରୟ ସଂସ୍ଥାଭାବରେ ଆରମ୍ଭ ହୋଇଥିଲା ଏବଂ ଏହା ନିଜର ବ୍ୟବସାୟର ପ୍ରଥମ ବର୍ଷରେ ମାତ୍ର ପଚାଶଖଣ୍ଡ ବହି ବିକ୍ରୀ କରିଥିଲା । କିନ୍ତୁ ଭାରତରେ ଇଣ୍ଟରନେଟର ବିକାଶ ଏବଂ ଲୋକମାନଙ୍କ ପାଖରେ ଉନ୍ନତ ବିକଳ୍ପର ଉପସ୍ଥିତି ଏବଂ ମୋବାଇଲ୍ ଇଣ୍ଟରନେଟର ବିକାଶ ଫଳରେ ଏହାର ବ୍ୟବସାୟ ଦ୍ରୁତ ଗତିରେ ବୃଦ୍ଧି ପାଇଥିଲା ।

## ଆଜୀବନ କାରାଦଣ୍ଡ ପାଇଲେ ଆଶାରାମ

ଅପ୍ରାପ୍ତବୟସ୍କା ବାଳିକାଙ୍କ ସହ ଯୌନ ଅପରାଧ ମାମଲାରେ ଯୋଦ୍ଧପୁର ଜେଲରେ ଥିବା ବର୍ଷୀୟାନ ଧର୍ମ ପ୍ରଚାରକ ଆଶାରାମ ବାପୁଙ୍କ ସମସ୍ତ ଆଶା ମଉଳି ଯାଇଛି । ବିଗତ ମାସରେ ଅଦାଲତ ଆଶାରାମ ବାପୁଙ୍କ ବିରୋଧରେ ଆସିଥିବା ସମସ୍ତ ଅଭିଯୋଗ ସତ୍ୟ ବୋଲି ପ୍ରମାଣିତ କରି ବାପୁଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ।

ସୂଚନାଯୋଗ୍ୟ ଯେ ହିନ୍ଦୁ ଧର୍ମରେ ଅନେକ ପାଖଣ୍ଡୀ ନିଜକୁ ଧର୍ମାବତାର ବୋଲି ଦର୍ଶାଇ

Download Magazine from www.aahwaan.com

ଅନେକ ପ୍ରକାର କୁକର୍ମରେ ଲିପ୍ତ ରହୁଥିବାର ଦୃଷ୍ଟାନ୍ତ ଅନେକ ଯୁଗରୁ ଦେଖିବାକୁ ମିଳି ଆସିଛି । ବିଗତ ଦିନରେ ଓଡ଼ିଶାରେ ସୁର ଏବଂ ସାରଥୀଙ୍କ କେଳେଙ୍କାରୀ ସମସ୍ତେ ଦେଖିଛନ୍ତି । ରାଷ୍ଟ୍ରୀୟ ସ୍ତରରେ ରାମରହିବ, ଆଶାରାମ୍ ଏବଂ ଅନେକ ଭଦ୍ରମୁଖା ପିନ୍ଧା ଶଠସାଧୁ ଜେଲ ଦଣ୍ଡ ପାଉଛନ୍ତି ।

ଏହା ଥିଲା ବିଗତ ମାସର କିଛି ପ୍ରମୁଖ ଘଟଣାବଳୀର ସମ୍ୟକ ଉପସ୍ଥାପନ । ପୁଣିଥରେ ଆଗାମୀ ସଂସ୍କରଣରେ ଆମେ ଦେଖିବା ଆଉ କିଛି ଘଟଣାର ସମୀକ୍ଷା ।

ଆହ୍ୱାନ ଇ-ପତ୍ରିକାରେ ପୃଷ୍ଠପୋଷକତା କରୁଥିବା ସମସ୍ତ ସହୃଦୟ ବନ୍ଧୁଙ୍କୁ ସଶ୍ରଦ୍ଧ ବିନମ୍ର ସମ୍ମାନ ଜଣାଉଛି । ଏହି ପତ୍ରିକା ଏକ ସମ୍ପୂର୍ଣ୍ଣ ଭାବେ ଓଡ଼ିଆ ଭାଷା ଓ ସାହିତ୍ୟପ୍ରତି ସମର୍ପିତ କିଛି ବନ୍ଧୁଙ୍କ ପ୍ରୟାସର ଫଳ ମାତ୍ର । ଏହା କୌଣସି ଭାବରେ ବ୍ୟବସାୟିକ ବା ଲାଭପ୍ରଦ ପତ୍ରିକା ନୁହେଁ । ଆମେ ନିଜର କାର୍ଯ୍ୟାଳୟ, ପରିବାର ଏବଂ ଅନ୍ୟାନ୍ୟ ଦାୟିତ୍ୱ ତୁଟାଇବା ପରେ ସ୍ୱଳ୍ପ ସମୟ ବ୍ୟୟ କରି ଏହି ପତ୍ରିକାର ପ୍ରକାଶନ କରୁଛୁ । ତେଣୁ ବେଳେ ବେଳେ ଏଥିରେ ଅହେତୁକ ବିଳମ୍ବ ହୋଇ ଯାଉଛି । ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ । କିଛି ବନ୍ଧୁ ଏହି ବିଳମ୍ବକୁ ଅଗ୍ରାହ୍ୟ ବୋଲି ଘୋଷଣା କରିଛନ୍ତି ଏବଂ ସୋସିଆଲ୍ ମେଡ଼ିଆରେ ଏହାକୁ ନେଇ ନିଜସ୍ୱ ମତ ଦେଉଛନ୍ତି ବୋଲି ଶୁଣିବାକୁ ପାଉଛି । ଏହା ଆମର ଭାବନା ସହ ସଂଲଗ୍ନ ଏକ କାର୍ଯ୍ୟ, ତେଣୁ ଏହାକୁ ସୁଚାରୁରୂପେ ପରିଚାଳନା କରିବା ଆମ ଦାୟିତ୍ୱ । ଆପଣ ମାନଙ୍କ ସହାୟତା ବିନା ଏହା ଆଦୌ ସମ୍ଭବ ହୋଇପାରିବ ନାହିଁ ।

ଆଶା କରୁଛି ଆପଣମାନେ ଆହ୍ୱାନ ପତ୍ରିକା ପ୍ରତି ଥିବା ଆପଣଙ୍କ ଆସ୍ଥା ଓ ବିଶ୍ୱାସକୁ ସୁଦୃଢ଼ କରି ରଖିବେ । ଧନ୍ୟବାଦ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

# ଗଳ୍ପ ବିଭାଗ

 Download Magazine from www.aahwaan.com

# ଆତ୍ମହତ୍ୟା



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ବାବୁ ନିଜ କୋଠରୀରେ ଶୋଇଥିବା ବେଳେ ଘର ବାହାରେ ପୋଲିସ ଗାଡ଼ିର ସାଇରନ ଶୁଣି ଝରକା ଦେଇ ବାହାରକୁ ଦେଖିଲା । କିଛି ପୋଲିସ ଅଧିକାରୀ ତା ଘର କବାଟ ପାଖରେ ଠିଆ ହୋଇଥିଲେ । ଆଶ୍ଚର୍ଯ୍ୟ ହୋଇ ବାହାରକୁ ସେ ଆସିଲା । ସେ କିଛି ବୁଝିବା ପୁର୍ବରୁ ତା ହାତଧରି ଟାଣି ଟାଣି ନେଇଗଲେ । ପୋଲିସ ଗାଡ଼ିର ପଛରେ ତାକୁ ପକାଇଦେଇ ସବୁ କନେଷ୍ଟବଳ ଧଡ଼ପଡ଼ ହୋଇ ବସିଗଲେ ଆଉ ସିଧା ଥାନାକୁ ଚାଲିଲେ । ସେ ବୁଝିପାରୁନଥିଲା ଏ ସବୁ କାହିଁକି ହେଉଥିଲା । ବାବୁର ମା' ଦାଣ୍ଡରେ ଠିଆ ହୋଇ ଚିତ୍କାର କରି କାନ୍ଦୁଥିଲେ । ସକାଳୁ ଆସି ପୂର୍ବାହ୍ନ ହୋଇଗଲା । ବାବୁର ବାପାମା' ଥାନା ବାରଣ୍ଡାରେ ଏପାଖ ସେପାଖ ହେଉଥିଲେ । ଥାନା ବାରଣ୍ଡାର ଗୋଟିଏ କୋଣରେ ମୁଣ୍ଡପୋତି ବସିଥିଲେ ମଧୁସ୍ମିତାର ବାପା । ଥାନାବାବୁ ଯାହା କହିଲେ ତାହା ଶୁଣିବା ପରେ ବାବୁର ବାପାମା' ଆଦୌ ବିଶ୍ୱାସ କରି ପାରିଲେ ନାହିଁ ।

"ବାବୁ ମଧୁସ୍ମିତାର କିଛି ଅନ୍ତରଙ୍ଗ ମୁହୂର୍ତ୍ତର ଭିଡ଼ିଓ ସୋସିଆଲ୍ ମିଡ଼ିଆରେ ଭାଇରାଲ୍ କରିଛି ଏବଂ ଏହା ଦ୍ୱାରା ମଧୁସ୍ମିତା ମାନସିକ ଭାବରେ ଆହତ ହୋଇ ଆତ୍ମହତ୍ୟା କରିଛି ।" ଥାନା ବାବୁଙ୍କ କଥା ଶୁଣିବାପରେ ବାବୁର ବାପାମା'ଙ୍କ ପାଦତଳୁ ଭୂଇଁ ଘୁଞ୍ଚିଗଲା ଭଳି ଲାଗିଥିଲା । ଅବିଶ୍ୱାସରେ ସେମାନେ ମଧୁସ୍ମିତାର ବାପାଙ୍କୁ ଚାହିଁଥିଲେ । ସେ ମଥାପାତି ଥାନା ବାରଣ୍ଡାରେ ଗୋଟିଏ କୋଣରେ ବସିଥିଲେ ।

କିଛି ସମୟପରେ ବାବୁର ମାମୁଁ ଜଣେ ଓକିଲଙ୍କୁ ନେଇ ଆସିଲେ । ସେ ଆସି ସବୁ

 Download Magazine from www.aahwaan.com

କଥା ଶୁଣିବାପରେ ତୁରନ୍ତ କୋର୍ଟରେ ଜାମିନ ଆବେଦନ କରିଦେଲେ । ପାରିପାର୍ଶ୍ୱିକ ପ୍ରମାଣ ଅଭାବରୁ ଜର୍ଜ୍ ଜାମିନ ଆବେଦନ ଗ୍ରହଣ କରିଦେଲେ । ରାତି ହେଉ ହେଉ ବାବୁ ନିଜ ଘରକୁ ଫେରି ଆସିଥିଲା । କିନ୍ତୁ ସେ ପାଲଟି ଯାଇଥିଲା ସ୍ଥାଣୁ । ବିଶ୍ୱାସ କରି ପାରୁନଥିଲା ମଧୁସ୍ମିତା ଆଉ ନାହିଁ । ସେଇ ସନ୍ଧ୍ୟାରେ ସେ ମଧୁସ୍ମିତା ଘରକୁ ଯିବାପାଇଁ ବାହାରିଲା, କିନ୍ତୁ ବାପାମା' ମନା କରିଦେଲେ । ଅବସ୍ଥା ଠିକ୍ ନାହିଁ ତେଣୁ ଘରୁ ବାହାରିବାକୁ ମନା କଲେ । ତେଣେ ଦିନସାରାର ଖବର ପରେ ସାହି ଭାଇ ତାଙ୍କ ଘରକୁ ଏମିତି ଦେଖୁଥିଲେ ସତେ ଯେମିତି ବାବୁ କିଛି ଗୋଟାଏ ଧର୍ତ୍ତବ୍ୟ ଅପରାଧ କରିଦେଇଛି ।

ବାବୁର ବାପା ମଧୁସ୍ମିତାକୁ ଜାଣିଥିଲେ । ସେ ହିଁ ମଧୁସ୍ମିତା ସହ ବାବୁର ସମ୍ପର୍କକୁ ସ୍ୱୀକୃତି ଦେଇଥିଲେ । ସେ ଦେଖିବାକୁ ଥିଲା ସେମିତି ସୁନ୍ଦରୀ ମଧ୍ୟ । ଭଲ ପାଠ ପଢୁଥିଲା । ତେଣୁ ତାକୁ ବୋହୂ କରିବାକୁ କୌଣସି ଅସୁବିଧା ନଥିଲା । ଏହି କଥା ମଧୁସ୍ମିତାର ପରିବାର ବି ଜାଣିଥିଲେ । କଲେଜ ସରିବାପରେ ମଧୁସ୍ମିତା ଆଉ ବାବୁ ଚାକିରୀ କରୁଥିଲେ । ସେମାନଙ୍କର ଜୀବନ ସୁରୁଖୁରୁରେ ଚାଲିଥିଲା ।

ନିଜ କୋଠରୀରେ ଅନ୍ଧାରରେ ବସି ବାବୁ ମନେ ପକାଉଥିଲା ମଧୁସ୍ମିତା କଥା ।

X X X X

ଗତ ମାସରେ ହିଁ ନିଜ ଦରମାରେ ଗୋଟିଏ ଦାମୀ ମୋବାଇଲ କିଣିଥିଲା ବାବୁ । ମଧୁସ୍ମିତା ଖୁସି ହେଉଥିଲା ସତ କିନ୍ତୁ କହୁଥିଲା କାହିଁକି ଏତେ ଦାମୀ ମୋବାଇଲ୍ କିଣୁଛ । ଭାରତବନ୍ଦ ହୋଇଥିଲା ବୋଲି ଅଫିସରୁ ବାହାରି ସେମାନେ ପରସ୍ପର ସହ ମିଶିବା ପାଇଁ ଯାଇଥିଲେ ରେଷ୍ଟୁରାଣ୍ଟ । କଲେଜରେ ପଢୁଥିବା ବେଳେ ସବୁଦିନ ଦେଖା ହେଉଥିଲା ହେଲେ ଚାକିରୀ କରିବାପରେ ସେମାନେ ଆଉ ପରସ୍ପର ସହ ଦେଖା ହୋଇ ପାରୁନଥିଲେ । ଆଉ

Download Magazine from www.aahwaan.com

ବାବୁ ମଧ୍ୟ କିଛି ବଦଳି ଯାଇଥିଲା । ଆଗ ବହୁତ ସାଧାସିଧା ରହୁଥିବା ବାବୁ ଆଜିକାଲି ବହୁତ ଖର୍ଚ୍ଚି ହୋଇଯାଇଛି ବୋଲି ମଧୁସ୍ମିତା ଅଭିଯୋଗ ବି କରୁଥିଲା । ସେଦିନ ରେଷ୍ଟୁରାଣ୍ଟରେ ବସିଥିବା ବେଳେ ମଧୁସ୍ମିତା ସେଇୟା ହିଁ କିଛି କହୁଥିଲା;

"ତୁମେ ସେ ମୋବାଇଲଟା ବନ୍ଦ କର ତା ପରେ କଥାବାର୍ତ୍ତା । ଯଦି ମୋବାଇଲରେ ଲାଗିବାର ଥିଲା ତ ମୋତେ କାହିଁକି ଡାକୁଥିଲ ? ଦେଖ ମୁଁ ଖୋଲାଖୋଲି କହିଦେଉଛି ତମର ବ୍ୟବହାର ମୋତେ ଜମା ଭଲ ଲାଗୁନି । ଆଉ ହଁ, ଶୁଣ ମୁଁ ତମ ପାଖରେ ଥିବା ବେଳେ ତମେ ମୋବାଇଲରେ ହାତ ଦବନି କି ମୋର ଫଟୋ ନବନି । ତୁମେ ପୁଅପିଲାଙ୍କ ଉପରେ ବିଶ୍ୱାସ ନାହିଁ । କେଜାଣି କେତେବେଳେ କେଉଁ ଅବସ୍ଥାରେ ତମେ ଫଟୋ ନେଇଯିବ । ସତ କହୁଛି ସେ ମୋବାଇଲ୍ ଯଦି ଆଉଥରେ ଦେଖିବି ନା, ମୁଁ ସିଧା ଫେରିଯିବି ।"

ନିଜ ମୋବାଇଲଟା ହଜାଇ ଦେବାପରେ ମଧୁସ୍ମିତା ମନେ ପକାଉଥିଲା ବାବୁ କଥା । ସେ କେତେ କଥା କହି ବାବୁକୁ ତାଗିଦ କରୁଥିଲା, ଏବେ ତା ନିଜ ମୋବାଇଲ ସେ ଖୋଜି ପାଉନି । ଗତସଂଧ୍ୟାରେ ମାର୍କେଟ୍ ଯାଇଥିଲା, ସେଇଠି କୋଉଠି ଛାଡ଼ି ଦେଇ ଆସିଲା କି ? ମୋବାଇଲରେ ଯେଉଁସବୁ ଛବି ଥିଲା, ତାହା ଯଦି କାହା ହାତରେ ପଡ଼େ ! ! !

ମଧୁସ୍ମିତା ଚିନ୍ତାରେ ବସି ଉଠି ପାରୁନଥିଲା । ମସ୍ତବଡ଼ ଭୁଲଟିଏ କରିଦେଇଛି ସେ । ଏବେ ତା'ର ଭୁଲପାଇଁ ସେ ପଶ୍ଚାତାପ କରୁଥିଲେ ସୁଦ୍ଧା, ମୋବାଇଲ୍ ନ ପାଇଲା ଯାଏଁ, ସେ ଯେ ଚିନ୍ତାମୁକ୍ତ ହେବନି ସେ କଥା ବି ସେ ଜାଣିଥିଲା । କଣ କରିବ ? ବାବୁକୁ ଫୋନ କରି ଏ ବିଷୟରେ କହିଲେ, ଅଯଥାରେ ଲମ୍ବାଚଉଡ଼ା ଭାଷଣ ଶୁଣିବାକୁ ପଡ଼ିବ । ଆଜିକାଲି ବବୁ ମଧ୍ୟ ଟିକେ ବଦଳି ଗଲାଣି । ଆଗଭଳି ଆଉ ବେଶି ସ୍ନେହଶ୍ରଦ୍ଧା ଦେଖାଉନାହିଁ । କଥା କଥାରେ ଆକଟ କରୁଛି । ପ୍ରେମିକ ଥିଲା ଭଲଥିଲା, ଯେବେଠୁ ସେ ବିବାହ କରିବ ବୋଲି

Download Magazine from www.aahwaan.com

ପ୍ରସ୍ତାବ ଗ୍ରହଣ କରିଛି ସେବେଠାରୁ ସେ ନିଜକୁ ମଧୁସ୍ମିତାର ସ୍ୱାମୀ ଭାବରେ ବ୍ୟବହାର କରୁଛି । ମଧୁସ୍ମିତାକୁ ସେ ସବୁ ବେଳେ ବେଳେ ଭଲ ଲାଗିଲେ ମଧ୍ୟ ପୂର୍ବକଥା ଭାବିଲେ ସେ ଚିନ୍ତାଗ୍ରସ୍ତ ହୋଇଯାଉଛି । ଦୁଇ ତିନିଦିନ ହେବ ମଧୁସ୍ମିତା ଫୋନ କରିନଥିଲା । ବାବୁ ଫୋନ କରିବା ବେଳକୁ ଫୋନ ସ୍ୱିଚ୍ ଅଫ୍ ଆସୁଥିଲା ।

ସେଦିନ ମଧୁସ୍ମିତାର ଅଫିସ ବାହାରେ ବାବୁ ଆସି ଅପେକ୍ଷା କରିଥିଲା । ମଧୁସ୍ମିତା ସ୍ଥିର ଚିତ୍ତରେ ନଥିଲା ଭଳି ମନେ ହେଉଥିଲା ଏବଂ ସେ ବି ଅଧିକ ସମୟ ସେଠାରେ ନ ରହି ଚାଲିଯାଇଥିଲା । ତାକୁ ଚିନ୍ତାଗ୍ରସ୍ତ ଦେଖି କାରଣ ବୁଝିବାକୁ ବହୁତ ଚେଷ୍ଟା କରିବା ପରେ ବି ମଧୁସ୍ମିତା କିଛି କହିନଥିଲା । ବାବୁ ଦୋଦୋପାଞ୍ଚ୍ ହୋଇ ସେଠାରୁ ଫେରି ଆସିଥିଲା ।

ପୁଣିଥରେ ସନ୍ଧ୍ୟାରେ ସେ ମଧୁସ୍ମିତାର ଅଫିସ ଯାଇଥିଲା, କିନ୍ତୁ ସେତେବେଳକୁ ମଧୁସ୍ମିତା ଘରକୁ ଚାଲିଯାଇଥିଲା ଦେହ ଭଲ ଲାଗୁନି ବୋଲି କହି । ତା ସହକର୍ମୀ ରମେଶ କହିଥିଲା ଯେ ମଧୁସ୍ମିତାର କାଳେ ମୁହଁ ବୁଲାଇ ବାନ୍ତି ଲାଗୁଥିଲା ବୋଲି ସେ ଘରକୁ ଚାଲିଗଲା ।

ବାବୁ ଚିନ୍ତାଗ୍ରସ୍ତ ହୋଇଗଲା । ଦୁଇସପ୍ତାହ ତଳର କଥା, ସେଦିନ ଭାରତବନ୍ଦ ଥିଲା ବୋଲି ମଧୁସ୍ମିତା ସହ ସେ ରେଷ୍ଟୁରାଣ୍ଟରେ ବସି କଥା ହେଉ ହେଉ ତା ସହ ଗୋପାଳପୁର ବୁଲିଯିବା କାର୍ଯ୍ୟକ୍ରମ କରିଥିଲା । ଘରେ ସମସ୍ତେ ଜାଣନ୍ତି ବାବୁ ବିଷୟରେ ତେଣୁ କେହି ପ୍ରଶ୍ନ କରିବାର ନଥିଲା । ବେଳାଭୂମିଠାରୁ ଅନତି ଦୂରରେ ଥିବା ଝାଉଁବଣରେ ନିଛାଟିଆ ସ୍ଥାନ ଦେଖି ସେମାନେ ବସିଥିଲେ । ବିବାହ ବିଷୟରେ ଚର୍ଚ୍ଚା ହେଉ ହେଉ କେତେବେଳେ ସେମାନେ ଦୁହିଁଙ୍କ ଭିତରେ ଥିବା ବାଡ଼କୁ ଡେଇଁଦେଲେ ସେମାନେ ଜାଣି ପାରିଲେ ନାହିଁ । ସେମାନଙ୍କର ସେଇ ଅନ୍ତରଙ୍ଗ ମୁହୂର୍ତ୍ତର ମୁକସାକ୍ଷୀ ଥିଲା ମଧୁସ୍ମିତାର ମୋବାଇଲ୍ । ମଧୁସ୍ମିତା

Download Magazine from www.aahwaan.com

ହିଁ ନିଜେ କହିଥିଲା, ମୋ ମୋବାଇଲରେ ସେଲ୍ଫି ନିଅ । ତମ ମୋବାଇଲ କିଏ ନା କିଏ ଦେଖୁଥିବ । କିଛି ଅତି ଅନ୍ତରଙ୍ଗ ମୁହୂର୍ତ୍ତକୁ ସେମାନେ ମୋବାଇଲ କ୍ୟାମେରାରେ ତୋଳି ନେଇଥିଲେ । ହେଲେ ସେଇ ଘଟଣା ପରେ ଆଜି ମଧୁସ୍ମିତାର ଦେହ ଖରାପ ହେବା ଶୁଣି ବାବୁ ମନରେ ଶଙ୍କା ଜାତ ହୋଇଥିଲା । ମଧୁସ୍ମିତା ଗର୍ଭବତୀ ନୁହେଁ ତ ?

ଅସହାୟ ଭାବରେ ବାବୁ ଏ ବିଷୟରେ ବୁଝିବା ପାଇଁ ମଧୁସ୍ମିତା ଘରକୁ ଯାଇଥିଲା । କିନ୍ତୁ ସେମାନଙ୍କ ପରିବାରରେ କୌଣସି କାରଣରୁ ବହୁତ ଗହଳି ଥିବା ହେତୁ ସେ ଏହି ବିଷୟରେ କଥା ହୋଇପାରିଲା ନାହିଁ । କିନ୍ତୁ ସେଇଠି ସେ ଜାଣିପାରିଲା ଯେ ମଧୁସ୍ମିତା ନିଜ ଫୋନ କେଉଁଠି ହଜାଇ ଦେଇଛି । "ତୁମେ ଏତେ କେର୍ ଲେସ୍ କେମିତି ହେଇପାରୁଛ ? ନିଜ ଜିନିଷର ଦାୟିତ୍ୱ ନେଇ ପାରୁନ ? ଘର କରିବ କେମିତି ? ତୁମେ ତ ପିଲା ହେଇନ ? ଆଉ କେଇ ମାସପରେ ଆମେ ବାହା ହେବା । ଏମିତି କଲେ କେମିତି ହେବ ?" ବାବୁର ଏହି ଶବ୍ଦବାଣରେ ମଧୁସ୍ମିତା ତାକୁ କହିବାକୁ ଭୁଲିଯାଇଥିଲା ଯେ ସେ ମୋବାଇଲରେ ସେମାନଙ୍କର ଅନ୍ତରଙ୍ଗ ମୁହୂର୍ତ୍ତର ଛବି ବି ରହି ଯାଇଛି । ଅନେକ କଟୁ କଥା କହିବା ପରେ କିନ୍ତୁ ବାବୁ ଧିର ହୋଇ ମଧୁସ୍ମିତାକୁ ଆଶ୍ୱାସନା ଦେଇ କହିଥିଲା ନୂଆ ମୋବାଇଲ୍ ଆଣିଦେବାପାଇଁ । ଏବଂ ଘରକୁ ଫେରି ଆସିଥିଲା ।

ପରଦିନ ଅର୍ଥାତ ଆଜି ସକାଳେ ଏ ସବୁ ଘଟଣା ଅକସ୍ମାତ୍ ଘଟିଗଲା ପରେ ବାବୁକୁ ଏବେ ଉପଲବ୍ଧି ହେଉଥିଲା ପ୍ରକୃତ ଘଟଣା କଣ ହୋଇଥାଇପାରେ । ମଧୁସ୍ମିତାର ମୋବାଇଲ୍ ପାଇଥିବା ବ୍ୟକ୍ତି କେହିଜଣେ ସେମାନଙ୍କ ଅନ୍ତରଙ୍ଗ ଫଟୋ ସବୁକୁ ସୋସିଆଲ୍ ମିଡ଼ିଆରେ ଛାଡ଼ି ଦେଇଥିଲା ଆଉ ତାହା ଦେଖିବାପରେ ମଧୁସ୍ମିତା ହତୋତ୍ସାହ ହୋଇ ହୁଏତ ଆତ୍ମହତ୍ୟା କରିଥିବ ବୋଲି ସେ ଜାଣି ପାରିଥିଲା । ସେ ଖଟରୁ ଉଠି ପୁଣିଥରେ ବାହାରକୁ ଯିବାକୁ

Download Magazine from www.aahwaan.com

ବାହାରିଲା । ସାଥିରେ ତା ମାମୁଁ ବି ଯାଇଥିଲେ । ମଧୁସ୍ମିତା ଘରକୁ ଯାଇ ମଧୁସ୍ମିତାର ମୋବାଇଲର ସବୁ ସୂଚନା ସଂଗ୍ରହ କରିବାପରେ ମୋବାଇଲଟି ଅନେକଦିନ ତଳେ ଚୋରୀ ହୋଇଥିବାର ସୂଚନା ଥାନାରେ ଦେଇ ଏକ ପ୍ରାଥମିକ ତଦନ୍ତ ରିପୋର୍ଟ୍ ଦାଖଲ କରିଆସିଲା । ମୋବାଇଲ୍ ଚୋରୀ ହେବା ପରେ ମଧୁସ୍ମିତା ଜଣାଇଦେଇଥିଲେ ହୁଏତ କିଛି କରି ହେଇଥାନ୍ତା ବୋଲି ବାବୁ ମତ ଦେଇଥିଲା, ହେଲେ ଏବେ ଆଉ କରିବାର କିଛି ନଥିଲା । ଲୋକଲଜ୍ଜା ଭୟରେ ମଧୁସ୍ମିତା ପ୍ରାଣ ହରାଇ ସାରିଥିଲା । ଆଉ ବାବୁ ଛନ୍ଦି ହୋଇଯାଇଥିଲା ଏମିତି ଏକ ଅପରାଧରେ ଯାହା ସେ ସ୍ୱପ୍ନରେ ସୁଦ୍ଧା କେବେ ଭାବି ପାରିବ ନାହିଁ ।


ବୀମା ନଗର, ଦ୍ୱିତୀୟ ଗଳି
ଆମ୍ବପୁଆ ମୁଖ୍ୟ ରାସ୍ତା
ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା
ଭ୍ରାମ୍ୟଭାଷ : ୭୦୦୮୫୬୭୦୮୫

ଆଗାମୀ ସଂସ୍କରଣ ନିମନ୍ତେ ଲେଖା ପଠାଇବାର ଶେଷ ତାରିଖ

ଜୁନ୍ ୩ ତାରିଖ (ରବିବାର)

Download Magazine from www.aahwaan.com

# ଦ୍ୱିପହରର ଛାଇ



ପ୍ରମୋଦ କୁମାର ପଣ୍ଡା

ଏକ

ଦିନେ, ଦି-ଦିନ ନୁହେଁ ! ସପ୍ତାହେ ହେଲା ସ୍ମୃତି ଦେଖୁଛି ତାକୁ । ଆଜି ବି ଦେଖିବ କି ? କ୍ଲାସ ସରିବାକୁ ଯାଉଛି । ଏଇ ଭାବନା ଆସୁ ଆସୁ ସ୍ମୃତିର ଛାତିରେ କମ୍ପନ ବଢ଼ିଗଲା । କ୍ଲାସ ଶେଷ ହେଲା । ମାଳବିକା ସହ ସେ କଲେଜରୁ ବାହାରକୁ ଆସିଲା ।

କଲେଜ ସାମନା ବସ୍ ରହିବା ଜାଗାରେ ସେ ଆଜି ବି ଠିଆ ହୋଇଛି ।ତାକୁ ଚାହିଁ ହସୁଛି । ଏକମୁଖୀ, ସ୍ଥିରଦୃଷ୍ଟି, ସ୍ମିତହାସ୍ୟ । ଆମନ୍ତ୍ରଣ ଜଣାଉଥିବା ହସ !

ସ୍ମୃତି ନିଜ ସ୍ମୃତି-କୋଷରେ ଖୋଜିଲା । ନା, ମାମାଙ୍କର କିଏ ସାଥୀ ଭଳି ତ ମନେ ହେଉନି । ତାହାହେଲେ କ'ଣ ପାଇଁ, କେବଳ ତାକୁ ହିଁ ଚାହିଁ ହସେ ? ସିଏ ତ ଆଉ ଛୋଟପିଲା ହୋଇନି ଯେ ହସି, ଫୁଲ ଶୁଙ୍ଘେଇ ତା ପଛେ ପଛେ ଟାଣି ନେଇଯିବ ! ତାହହେଲେ କିଏ ସେ ? କ'ଣ ଦରକାର ତା'ର ? ଅଜଣା ଅଘଟଣର ଆଶଙ୍କାରେ ସ୍ମୃତି ଶିହିରି ଉଠିଲା ।

ମାଳବିକା ପ୍ରଶ୍ନ କଲା, "କିଏ ଲୋ ସ୍ମୃତି, ଚିହ୍ନିଛୁ ? ସବୁବେଳେ ତୋତେ ହିଁ ଚାହିଁ ହସୁଛି ।"

ମୁଣ୍ଡ ହଲେଇ ସ୍ମୃତି ମନା କଲା ।

"ମୁଁ ପଚାରିବି ତାକୁ ?"

"କ'ଣ ବୋଲି ?"

Download Magazine from www.aahwaan.com

"ଏମିତି । ଜଣେ ପୁଅ ଜଣେ ଝିଅର ପିଛା ଧରିବାରେ କିଛି କାରଣ ଅଛି । କିନ୍ତୁ ଜଣେ ଦରବୁଢୀ ଏଇ ସୁନ୍ଦରୀର ପଛେ କାହିଁକି ?"

"ନା, ଆମର କିଛି ଦରକାର ନାଇଁ ସେସବୁ ସମ୍ପର୍କରେ ଆସିବା ।" ସ୍ମୃତି କହିଲା । ମାଳବିକା ପ୍ରତିବାଦ କଲାନି ।

"ସ୍ମୃତି, ଶୁଣିବୁ ?" ପ୍ରଶ୍ନ ଠିକ୍ ସେମାନଙ୍କୁ ଲକ୍ଷ୍ୟ କରି କରାଯାଇଥିଲା । ଦିହେଁ ସେତେବେଳେ ବସ୍ ରହିବା ଜାଗାକୁ ଅତିକ୍ରମ କରୁଥିଲେ । ତାକୁ ହିଁ ଲକ୍ଷ୍ୟ କରି ଡାକୁଥିବା ଜାଣି ବି ସ୍ମୃତି ଚାହିଁ ପାରିଲାନି । ଅନ୍ୟଦିଗେ ମୁହଁ ବୁଲେଇ ନେଲା । ମାଳବିକା ସିଧା ଚାହିଁଲା । ପୌଢାକୁ ଚାହିଁ ଆଖି ଆଖିରେ ପଚାରିଲା- ମୋତେ ?

"ନା, ତମକୁ ନୁହଁ । ସ୍ମୃତିକୁ । ଟିକେ ମୋ ପାଖକୁ ଆସିବୁ ମା' ?"

ମନେ ଚିଡିଗଲା ସ୍ମୃତି । ହୁଁ, ନାଁ ବି ଜାଣିଛି ! ମାଳବିକା କହୁଣୀରେ ତାକୁ ସ୍ପର୍ଶ କଲା, "ଯା, ଡାକୁଛି । ମୁଁ ଅଛି ଏଇଠି ।"

ସେ ପାଖକୁ ଗଲା । କ୍ଷଣକାଳ ପାଇଁ ନିରିଖେଇ ଚାହିଁଲା । ଗୌରାଙ୍ଗୀ ଏଇ ମହିଳା ଜଣକ ଅତୀତରେ ଯେ କେବେ ଦିନେ ସୁନ୍ଦରୀ ଥିଲେ, ସେଥିରେ ସନ୍ଦେହ ନାହିଁ । କୁନ୍ଦୀଲା କୁନ୍ଦୀଲା ଚେହେରାର ସୌନ୍ଦର୍ଯ୍ୟ ଏବେ ବି ମଉଳିନି ।

ପଚରିଲା, "କ'ଣ ?" ହଠାତ୍ ତାର ମନେ ହେଲା, ସେ ଠିକ୍ ଭାବେ ପ୍ରଶ୍ନ କରି ପାରୁନି । କଣ୍ଠରୁ ସ୍ୱର ଏକ ଭିନ୍ନ ଲହରରେ ବାହାରୁଛି ।

"ତୁ ବି.ଏ. ପଢୁଛୁ ମା' ?" କୋମଳ ଭାବେ ପ୍ରଶ୍ନ କରାଗଲା ।

ସେ ମୁଣ୍ଡ ହଲେଇଲା ।

"କେତେ ବଡ ହେଇଗଲୁଣି । ଏତେ ଟିକେ ଥିଲୁ । ଦେଖିଥିଲି ।"

Download Magazine from www.aahwaan.com

"କିନ୍ତୁ ମୁଁ ତ ଆପଣଙ୍କୁ ଜାଣିନି । କେବେ ଦେଖିନି ।"

ଆଖିରେ ତାଙ୍କର ଗତ ଯୁଗର ସ୍ୱପ୍ନ ଭାସି ଉଠିଲା । ଡୋଳା ଦୁଇଟି ଉପରେ ପାଣିର ଏକ୍ ଆସ୍ତରଣ ଦେଖାଗଲା । ସେ ସ୍ମୃତିର୍ ଚିବୁକ ସ୍ପର୍ଶ କଲେ, "ମୋ ନାଁ ରମା । ରମା କହିଲେ ତୋ ବାପା ଚିହ୍ନିବେ । କହିବୁ ?"

ସ୍ମୃତି ପ୍ରଶ୍ନର ଉତ୍ତର ଦେଇପାରିଲାନି ।

**ଦୁଇ**

ବାବା ଆସିଲାବେଳେ ରାତିର ପ୍ରଥମ ପ୍ରହର ବିତି ସାରିଥିଲା । ମାମା ତାଙ୍କ ହାତରୁ କୋଟ୍ ନେଇ ୱାର୍ଡରୋବ ବାହାର କରୁଥିଲେ । ସ୍ମୃତି କବାଟରେ ଆଘାତ ଦେଲା, "ବାବା !"

ଦିବ୍ୟେନ୍ଦୁ ବୁଲି ଚାହିଁଲେ ଏବଂ ଝିଅକୁ ଦୁଆର ମୁହଁରେ ଦେଖି କହିଲେ, "ଆ ଇତି, ଏଇଠିକୁ ଆସେ ।"

ପାଖକୁ ଆସି ସେ ପଚାରିଲା, "ବାବା, ଆପଣ ରମା ନାଆଁରେ କାହାକୁ ଜାଣନ୍ତି, ଜଣେ ସ୍ତ୍ରୀ ଲୋକକୁ ?"

ଜୋତା ଖୋଲୁ ଖୋଲୁ ଦିବ୍ୟେନ୍ଦୁଙ୍କ ହାତ ଅଟକିଗଲା । କିଛି ସମୟ ଚୁପ୍ ହେଇଯିବା ପରେ ସେ ସ୍ମୃତିକୁ ଚାହିଁଲେ, "କାହିଁକି, କ'ଣ୍ ହେଲା କି ?"

"ସପ୍ତାହେ ହେଲା ସେ କଲେଜ ସାମନା ପାସେଞ୍ଜେର ସେଡ୍‌ରେ ଠିଆ ହୁଅନ୍ତି । ମୋତେ ଦେଖି ହସନ୍ତି । ଆଜି କହିଲେ ଆପଣ ତାଙ୍କୁ ଜାଣନ୍ତି ବୋଲି । କିଏ ସେ ବାବା ?"

ଦିବ୍ୟେନ୍ଦୁ ଜବରଦସ୍ତ ହସିଲେ, "ଡରି ଯାଇଛୁ ? ଜଣେ କିଏ ତୋତେ ରୀତିମତ ଫଲୋ କରୁଛି । ଏଥିରେ ଡରିବାର କ'ଣ୍ ଅଛି । 'ବି ଏ ବ୍ରେଭ୍ ଗର୍ଲ ଏଣ୍ଡ ଫେସ୍ ଇଟ୍ ବ୍ରେଭଲି' । ମୋତେ ସେ ଜାଣିଥାଇପାରେ । କିନ୍ତୁ ମୁଁ ତାକୁ ଜାଣିନି ।"

ସ୍ମୃତି ସନ୍ତୁଷ୍ଟ ହୋଇ ପାରିଲାନି । ତଥାପି ପ୍ରତିବାଦ କଲାନି । ଫେରି ପଢୁଥିଲା । ବାବା ପଛରୋ ଡାକିଲେ, "ଶୁଣ ଇତି, କାଲିଠୁ ତୁ ଚାଲି ଚାଲି କଲେଜ ଯିବୁନି । ମୋ ଜିପ୍‌ରେ ଯିବୁ । ସେଥିରେ ହିଁ ଆସିବୁ । ଆଜିକାଲି ଏମିତି ଘଟଣା ରାଜଧାନୀରେ ପ୍ରବଳ । ଫୁଲ ଶୁଙ୍ଘେଇ କଲିକତାରେ ନେଇ ବିକି ଦେବେ ।"

ରମା ନାମ୍ନୀ ସେହି ସ୍ତ୍ରୀ ଲୋକଟି ମାଲୁଣି କି ? ଫୁଲ ଶୁଙ୍ଘେଇ ମେଣ୍ଟା କରିଦେବ ? ସେ ଶୀତେଇ ଉଠିଲା !

ଝିଅ ଚାଲିଗଲା ପରେ ବିରଳା ପଚାରିଲା, "ରମା ହଠାତ୍ ଏବେ କାହିଁକି ଦେଖା ଦେଇଛି ?"

ସେ ଉତ୍ତର ଦେଲେ, "ଦେଖାଯାଉ । ସମୟ କହିବ ।"

**ତିନି**

ସେଦିନ ତିନିଟା ପରର ସମସ୍ତ କ୍ଲାସ ହଠାତ୍ ସସ୍ପେଣ୍ଡ ହୋଇଗଲା । ସ୍ମୃତି ଘରକୁ ଫୋନ୍ କଲା । ମାମା କହିଲେ, ଡ୍ରାଇଭର ଶୋଇଯାଇଛି । ସେ ଯାଇ ଉଠେଇ ପଠେଇବେ । ଚାଲି ଚାଲି ଗେଟ୍ ପର୍ଯ୍ୟନ୍ତ ଗଲା ସ୍ମୃତି ।

ସେଇଠି ସେ ଠିଆହୋଇଥିଲେ ।ରମା ! ଆମନ୍ତ୍ରଣ ଜନିତ ହସ ! ତାକୁ ଦେଖି ପାଖକୁ ଆସିଲେ । ତା'ର୍ ସମସ୍ତ ରକ୍ତ ମୁଣ୍ଡ ଉପରକୁ ଉଠିଗଲା । କ୍ରୋଧରେ ଫାଟି ପଡିଲା ସେ, "କ'ଣ ଦରକାର ଆପଣଙ୍କର ? କାହିଁକି ମୋ ପିଛା ଧରିଛନ୍ତି ?"

ରମାଙ୍କ ଆଖିରୁ ହସ ଲିଭିଗଲା, "ପିଛା ନୁହେଁ ଝିଅ । ମାଆ ତ ଝିଅକୁ ଦେଖିବାଟା ଅପରାଧ ?"

ସେ ଚମକି ଉଠିଲା, "କିଏ କା ମାଆ ?"

 Download Magazine from www.aahwaan.com

"ତୁ ମୋ ଝିଅ ସ୍ମୃତି । ମୁଁ ତୋ ମାଆ ।"

ସ୍ମୃତିର କଣ୍ଠରୁ ଠିକ୍ ସ୍ୱର ବାହାରିଲାନି । ଫିସ୍ ଫିସ୍ ସ୍ୱରରେ କହିଲା, "ଅସମ୍ଭବ, ଅସମ୍ଭବ, ମୋ ମାଆ ମୋତେ ଜନ୍ମ କଲା ପରେ ମରିସାରିଛନ୍ତି ।"

ମୁଣ୍ଡ ହଲେଇଲେ ରମା, "ମୋ ଫୋଟ କେବେ ଘରେ ଦେଖିନୁ ?"

"ନା"

"ତୋ ବାବାଙ୍କୁ ଫୋଟ ମାଗେ, ଜାଣିପାରିବୁ ।"

ଏମିତି କେମିତି ହୋଇଗଲା ? ଗୋଟିଏ ମୁହୂର୍ତ୍ତରେ ସବୁକିଛି ଓଲଟପାଲଟ ହୋଇଗଲା । ତା ମାଆ ବଞ୍ଚିଛନ୍ତି ! ଅଥଚ ତାକୁ ପିଲାଦିନୁ କୁହାଯାଇଛି, ସେ ମରିସାରିଛନ୍ତି । ଏମିତି କେମିତି କରିପାରିଲେ ବାବା ? ଗୋଟିଏ ଛୋଟ ଦୁଧଖିଆ ଛୁଆ ପାଖରୁ ତା ମା'କୁ ଛଡେଇ କେମିତି ନେଇପାରିଲେ ? ମା... ! ପ୍ରଥମେ ପରିଚୟ ନ ଜାଣି ଯେଉଁ ସ୍ତ୍ରୀ ଲୋକଟିକୁ ଦେଖି ସେ ବିରକ୍ତ ହେଉଥିଲା, ସେ ତା ମା' ! ଇସ୍, ତାଙ୍କ ଛାତିରୁ ସେ କେତେଦିନ ଦୁଧ ଖାଇଛି ?

## ଚାରି

"ବାବା ?"

"କ'ଣ ଇତି ?"

"ମା'ଙ୍କର ଫୋଟ ନାହିଁ ?"

"ଆଲ୍‌ବମ୍‌ରେ ଅଛି, ଦେଖୁନୁ ।"

"ମାମାଙ୍କର ନାହିଁ ବାବା, ମୋ ମା'ଙ୍କର ଫୋଟ ।"

ଦିବ୍ୟେନ୍ଦୁ ଝିଅକୁ ଚାହିଁଲେ । ସ୍ମୃତି ଆଜି ସବୁଦିନଠୁ ଅଲଗା ଦେଖାଯାଉଛି । ରମାକୁ

Download Magazine from www.aahwaan.com

ପୁଣି ଭେଟିଛି କି ? ପଚାରିଲେ, "ଆଜି ତୋର ଫୋଟ କାହିଁକି ଦରକାର ପଡିଲା ?"

"ମୋ ମା'ଙ୍କର ନାଆଁ ରମା କି ବାବା ?"

ସେ ଥଣ୍ଡା ପଡିଗଲେ । ନିଜକୁ ଯଥାସମ୍ଭବ ସଂଯତ ରଖି ଉତ୍ତର ଦେଲେ, "ହଁ ।"

"ସେ ମରିସାରିଛନ୍ତି ବୋଲି ମିଛ କାହିଁକି କହିଛ ବାବା ? ତାଙ୍କୁ ଘରୁ ତଡି ଦେଇଛ ?"

"ତୋର ଏ ସବୁରେ ମୁଣ୍ଡ ଖେଳେଇବା ଦରକାର ନାହିଁ ।"

ସ୍ମୃତିର ସମସ୍ତ ତନ୍ତ୍ର ଆନ୍ଦୋଳିତ ହୋଇଗଲା । ଉତ୍ତେଜିତ ହୋଇ ପାଟି କଲା, "ମୋ ମା' ବଞ୍ଚିଥାଉ ଥାଉ ସେ ମରିସାରିଛନ୍ତି ବୋଲି କାହିଁକି କହିଲ ? ମୋର ଉତ୍ତର ଦରକାର ।"

ଦିବ୍ୟେନ୍ଦୁ ଚେୟାରରୁ ଉଠି ସ୍ତ୍ରୀଙ୍କୁ ଚାହିଁ କହିଲେ, "ତାକୁ କହିଦିଅ ବିରଳା, କାଲିଠୁ ତାର କଲେଜ ଯିବା ବନ୍ଦ । ମୁଁ ଚେଷ୍ଟା କରିବି, ଅନ୍ୟ କେଉଁଠି ହଷ୍ଟେଲରେ ରହି ସେ ଯେମିତି ପଢିପାରିବ ।"

ବିରଳା ଝିଅକୁ ବିକଳରେ ଚାହିଁଲେ । ଗଡି ଆସୁଥିବା ଲୁହକୁ ଦୁଇହାତ ପାପୁଲିରେ ଘୋଡାଇ ସ୍ମୃତି ନିଜ କୋଠରୀକୁ ଚାଲିଗଲା ।

**ପାଞ୍ଚ**

ସବୁ ରବିବାରରେ ଦିବ୍ୟେନ୍ଦୁ ଘରେ ରହନ୍ତି । ସେଦିନ ବି ଥିଲେ । ସ୍ତ୍ରୀଙ୍କ ସହ ବସି ଟି.ଭି ଦେଖୁଥିଲେ । ସ୍ମୃତି ନିଜ କୋଠରୀରେ ପଡିରହି ଶୀତୁଆ ଆକାଶକୁ ଚାହିଁଥିଲା । ବିରଳା ଆସି ତାକୁ ଡାକିଲେ ଟି.ଭି ଦେଖିବା ପାଇଁ । ଅଭିମାନରେ ମାମାଙ୍କ ଡାକ ବି ଶୁଣିଲାନି ସେ । ଶୋଇ ସ୍ୱପ୍ନ ଦେଖିଲା । ସୁନ୍ଦର, ଦିବ୍ୟ ଚେହେରା ନେଇ ତା ମାଆ ତାକୁ ଡାକୁଛନ୍ତି- ମୋ ପାଖକୁ ଆସିବୁନି ମାଆ ? ସ୍ମୃତି ଯାଇପାରୁନି । କୁହୁଡିରେ ପହଁରୁଛି । ପାଖରେ ପହଞ୍ଚିପାରୁନି । ତା'ର ଶ୍ୱାସରୁଦ୍ଧ ହୋଇଯାଉଛି । ସେ ସହାଯ୍ୟ ପାଇଁ ଚିତ୍କାର

Download Magazine from www.aahwaan.com

କରିବାକୁ ଚାହୁଁଛି । କିନ୍ତୁ ପାରୁନି ।

ତା'ର ନିଦ ଭାଙ୍ଗିଗଲା । କୋଠରୀ ଭିତରେ ପୌଷ ମଧ୍ୟାହ୍ନର ତୀକ୍ଷଣାଲୋକ । ବୈଠକଖାନାରେ ବାବା ଏବଂ ଅନ୍ୟ ଏକ ସରୁକଣ୍ଠର ଜୋରଦାର୍ ତର୍କ-ବିତର୍କ ଝଙ୍କାର ଶୁଣାଯାଉଛି । କିଏ ଆସିଛି ? ସେ ଉଠି ବୈଠକଖାନା ଦ୍ୱାର ନିକଟକୁ ଗଲା । ବାବା ଡାକିଲେ, ଆ ଇତି । ଦେଖେ କିଏ ଆସିଛି ।"

ରକ୍ତ-ପାଣ୍ଡୁର ଓସାରିଆ ମୁହଁ ନେଇ ରମା ବସିଥିଲେ । ତା ମାଆ ! ସ୍ମୃତି ହଠାତ୍ ବୁଝି ପାରିଲାନି, ସେ କ'ଣ କରିବ ? ଦୌଡିଯାଇ ତା ମା'ଙ୍କ କୋଳରେ ପଡିଯିବ, ନା ପ୍ରାଣ ଖୋଲି ହସିବ ? ତା'ର ହାତ ଧରି ପାଖରେ ବସେଇ ବାବା ପଚାରିଲେ, "ତାଙ୍କ ସହ ଯିବୁ ଇତି ? ଡାକି ଆସିଛନ୍ତି ।"

ସ୍ମୃତି କି ଉତ୍ତର ଦେବ ?

ଦିବ୍ୟେନ୍ଦୁ କହିଲେ, "ଦେଖ ରମା, ଇଏ ମୋର ଝିଅ । ତମର ନୁହେଁ । ଗୋଟିଏ ଜୀବନ୍ତ ମାଂସ ପିଣ୍ଡୁଳାକୁ ତମେ ଜନ୍ମ କରିଥିଲ ସତ । କିନ୍ତୁ ତାକୁ ମଣିଷ ଆମେ କରେଇଛୁ । ଆମେ !"

ରମାଙ୍କ ମୁହଁ ଅଧିକ ରକ୍ତାଭ ଦେଖାଗଲା, "ସ୍ମୃତିକୁ ମୋତେ ନ ଦେଲେ ମୁଁ କୋର୍ଟରେ ଠିଆ ହେବି ।"

ସେ ହସିଲେ, "ଓଃ, ସେଇ କୋର୍ଟରେ, ଯାହାର କାଠଗଡା ଭିତରେ ଠିଆହୋଇ ସ୍ୱୀକାର କରିଥିଲ; ସ୍ୱାମୀ, ଝିଅ, ସମ୍ପତ୍ତି, କାହାରି ଉପରେ ତମର ଅଧିକାର ନାହିଁ । ଆଉ ତମେ ନିଜ ଖୁସିରେ ହିଁ ତ୍ୟାଗପତ୍ର ଦେଇଛ । ମୁଁ ତ ତମକୁ ଛାଡି ନ ଥିଲି । ତମେ ହିଁ ଆମକୁ ଛାଡିଦେଲ । ଇତିକୁ ଛାଡି ଗଲାବେଳେ ସେ କେତେଦିନର ହୋଇଥିଲା, ମନେ ଅଛି ?"

Download Magazine from www.aahwaan.com

ରମାଙ୍କ ମୁହଁ ଧଳା ପଡିଗଲା । ସେ ଚୌକିରୁ ଉଠି ଠିଆ ହେଲେ । ସ୍ମୃତିକୁ ଚାହିଁ ବିକଳ ହୋଇ ଡାକିଲେ, "ମୁଁ ତୋ ମାଆ ଲୋ ଇତି । ଆ, ମୋ ସହ ଯିବୁ ।"

ଭୟରେ ସେ ଚୌକିରୁ ଉଠି ପାରିଲାନି । ଅଜାଣତରେ ତା' ହାତ ବାବାଙ୍କ ହାତକୁ ଭିଡି ଧରିଲା । ହାତର ସ୍ପର୍ଶରୁ ଝିଅର କମ୍ପନ ସେ ଅନୁଭବ କଲେ । କହିଲେ, "ରୂପର ନିଶାରେ ପାଗଳ ହୋଇ ହିରୋଇନ୍ ହେବ ବୋଲି ଗୋଟିଏ ଛୋଟ ଛୁଆକୁ ଛାଡି ଚାଲିଯାଇଥିଲ, କେତେ ଟଙ୍କା ରୋଜଗାର କଲ ରମା ? ନା, ନିରାଶ ହୋଇ ସ୍ମୃତିର ଆଶ୍ରା ଧରିଛ ? ତାକୁ ବି ହିରୋଇନ୍ କରିବ ?"

"ଦିବ୍ୟେନ୍ଦୁ ! !" ରମା ଚିତ୍କାର କଲେ ।

"ମିଛ ତ କହିନି, ରମା । ଜନ୍ମ କଲା ପରେ ତାକୁ ଛାତିର କ୍ଷୀର କେତେଦିନ ଖୁଆଇଛ ? ପ୍ରଥମେ ସନ୍ତାନ ପାଳିବା ଶିଖ । ତା'ପରେ ତା' ଉପରେ ଅଧିକାର ସାବ୍ୟସ୍ତ କରିବ ।"

ସତ, ସତ, ନିଷ୍ଠୁର ସତ । ଅବାକ୍ ସ୍ମୃତିର ମୁହଁକୁ ରମା ଚାହିଁ ପାରିଲେନି । ଏଇ ସବୁ ଶୁଣିଲା ପରେ କେମିତି ସେ ଝିଅ ଆଗରେ ଠିଆ ହୋଇପାରିବେ ? ଝଡ ବେଗରେ କୋଠରୀରୁ ବାହାରିଯାଇ ମଧ୍ୟାହ୍ନର ଖରାରେ ମିଶିଗଲେ ।

ରମାକୁ ଦେଖି, ଅନ୍ୟ ଘରେ ଲୁଚିଥିବା ବିରଜା, ସେ ଚାଲିଗଲା ପରେ ସ୍ୱାମୀଙ୍କ ପାଖକୁ ଆସିଲେ, "ସେ ଚାଲିଗଲେ ?"

ହାତମୁଠାରେ ଥିବା ଝିଅର ହାତକୁ ସ୍ତ୍ରୀଙ୍କ ହାତରେ ଦେଇ ଦିବ୍ୟେନ୍ଦୁ ସ୍ମୃତିକୁ ଚାହିଁ କହିଲେ, "ଇଏ ଥିଲା ତୋର ସେଇ ମା', ଯାହାକୁ ମୁଁ ଲୁଚେଇ ରଖିଥିଲି ।"

ସ୍ମୃତିର ଆଖି ଢଳ ଢଳ ହୋଇଗଲା । ଏଇ ଥିଲେ ତ ମାଆ ! ଯାହାଙ୍କୁ ସେ ସ୍ୱପ୍ନରେ

Download Magazine from www.aahwaan.com

ଦେଖିଥିଲା, ଯାହାଙ୍କୁ ସେ ସ୍ୱର୍ଗୀୟ ମନେ କରିଥିଲା ଏବଂ ଇଏ ତା'ର ମାମା, ବାବା କେବେ ଦିନେ କହିଥିଲେ, କେବଳ ତାକୁ ପାଳିବା ନିମନ୍ତେ ନିଜର ଗର୍ଭପାତ କରି ଦେଇଥିଲେ !

ସେ ଦେଖିଲା, ମାମା ଝରକା ଦେଇ ଦୂର ପର୍ଯ୍ୟନ୍ତ ଦେଖାଯାଉଥିବା ଲମ୍ବା ପିଚୁ ରାସ୍ତା କଡେ କଡେ ଶୀତୁଆ ଖରାରୁ ବଞ୍ଚିବା ପାଇଁ ମୁଣ୍ଡ ଉପରେ ଲୁଗାକାନିକୁ ଟାଣି ଯଉଥିବା ଜଣେ ସ୍ତ୍ରୀଲୋକକୁ ଚାହିଛନ୍ତି । ସେ ଝରକା ବନ୍ଦ କରିଦେଇ ମାମାଙ୍କ ଛାତିରେ ମୁହଁ ଲୁଚେଇଦେଲା ।

"ବାବାଙ୍କୁ କହିଦିଅ ମାମା, ମୁଁ ତମକୁ ଛାଡି କୁଆଡେ ଯିବିନି ।"

ବିରଳା ଝିଅର ଢଳ ଢଳ ଆଖିକୁ ଚାହିଁଲେ ଏବଂ ତା କପାଳ ଚୁମିନେଲେ ।

(୭ ଅକ୍ଟୋବର ୧୯୮୫, ସମ୍ବାଦ,
ସାହିତ୍ୟ ବିଭାଗ, ପୃଷ୍ଠା ୫ରେ ପ୍ରକାଶିତ)

ପ୍ଲଟ ନଂ ୧୦୦୦, ଦ୍ୱିତୀୟ ତୋଟା ସାହି
ବ୍ରହ୍ମପୁର - ୭୬୦୦୦୫

ଆଗାମୀ ସଂସ୍କରଣ ଜୁନ୍ ମାସରେ ପ୍ରକାଶିତ ହେବ । ନିଜସ୍ୱ ଲେଖା ଆମ ନିକଟକୁ ଜୁନ୍ ମାସ ତିନି ତାରିଖ ପୂର୍ବରୁ ପଠାନ୍ତୁ ।

**aahwaan@gmail.com**

Download Magazine from www.aahwaan.com

# ମନଲାଖି ଫ୍ଲାଟ୍ ମିଳିଗଲା



ସମ୍ବିତ ସତ୍ୟପ୍ରକାଶ ମିଶ୍ର

ସେ 3BHK ଫ୍ଲାଟଟି ମୋ ମନକୁ ଜମା ପାଉ ନଥିଲା, ଯଦି ଓ ମୋ ସ୍କୁଲ ଓ ଟିଙ୍କିର କଲେଜ ପାଖଥିଲା । ଫ୍ଲାଟର ଛାତରୁ ଠାଏଁ ଠାଏଁ ପଲସ୍ତରା ଖସି ପଡି ଲୁହା ରଡ ଦିଶୁଥିଲା । ଦିନ ଦ୍ୱିପହରେ ମଧ୍ୟ ଭିତରଟା କଳା ଅନ୍ଧାରିଆ ଲାଗେ । ସମୟ ପାଇଲେ ଟିକେ ଗପସପ କରିବା ପାଇଁ ପଡିଶା ଲୋକ ବି କେହି ନାହାନ୍ତି । ବାକି ପଡିଶା ଲୋକଙ୍କ ଫ୍ଲାଟ ବି ବହୁତ ଦୂରରେ । ତେଣୁ ମୁଁ ଯାହାକୁ ଦେଖିଲି ତାଙ୍କ କାନରେ କଥା ପକେଇ ଫ୍ଲାଟ ଖୋଜିବାରେ ଲାଗିଗଲି । ସ୍କୁଲରୁ ଫେରିବା ପରେ ଯେଉଁଠୁ ଯାହା ଖବର ସଂଗ୍ରହ କରିଥାଏ ସେହି ଅନୁଯାୟୀ ଠିକଣା ଜାଗାରେ ପହଞ୍ଚି ଅନୁସନ୍ଧାନ କରେ । ମୋବାଇଲରେ କିଛିଟା ଯୋଗାଯୋଗ ହେଇଯାଏ । ରବିବାର ଓ ଛୁଟି ଦିନ ମାନଙ୍କରେ ବି ଦିନ ରାତି ଖୋଜିବାରେ ଲାଗିଯାଏ । କେଉଁଠି ଫ୍ଲାଟ ଭଲ ଲାଗିଲେ ବି ଜାଗାଟା ପସନ୍ଦ ହୁଏନି, କେଉଁଠି ଜାଗା ଭଲ ଲାଗିଲେ ବି ଲୋକ ବାକ ଟିକେ ଠିକ ଲାଗୁନଥାନ୍ତି । ସବୁ ବେଳେ କାଳିଆକୁ ମୁଣ୍ଡିଆ ମାରି ଯାଏ ଆଜି ଯେମିତି ହେଉ ଗୋଟେ ଭଲ ଫ୍ଲାଟଟେ ମିଳିଯାଉ । ହେଲେ କଣ ହେବ ! ପ୍ରତିଥର ଫ୍ଲାଟ ଦେଖିବାକୁ ଗଲା ବେଳେ ଲାଗେ .... ଏଇଟା ବୋଧେ ମୋ ମନଲାଖି ହେଇଥିବ । ସ୍କୁଟିର ଚକ ଗଡିବା ସଙ୍ଗେ ସଙ୍ଗେ ମୋ ଭାବନାର ଚକ ବହୁତ ଆଗକୁ ବଢିଯାଏ । ରାସ୍ତାର ଉଭୟ ପଟେ ଥୁଣ୍ଟା ଗଛ ଗୁଡିକ ଚାତକ ପରି ଚାହିଁଥାନ୍ତି । ଅବଡା ଖାବଡା ରାସ୍ତା, ବହୁତ ଖାଲ ଢିପ । ଦୂରରେ ହଳଦିଆ ରଙ୍ଗର ବଡ ବଡ ଫ୍ଲାଟ ଗୁଡେ ଦିଶୁଥାଏ । ଏକଦମ ନିରୋଳା ପରିବେଶ । ମତେ ବି ଏମିତିକା ପରିବେଶ ବହୁତ ଭଲ ଲାଗେ । କିନ୍ତୁ ଏତେ

Download Magazine from www.aahwaan.com

ନିଛାଟିଆ ରାସ୍ତାରେ ଚିଙ୍କି କେମିତି କଲେଜରୁ ଫେରିବ ? ତେଣୁ ଫ୍ଲାଟ ଯାଏଁ ନ ଯାଇ ସ୍କୁଟି ବୁଲାଇକରି ଫେରି ଆସିଲି । ଆଉ ଥରେ ଅନ୍ୟ ଗୋଟେ ଫ୍ଲାଟକୁ ଗଲି । ଆଗରେ ଛୋଟ ବାଲକୋନୀ । ଲୁଗା ଶୁଖେଇବାକୁ ଟିକେ ଜାଗା ଅଛି । ଫ୍ଲାଟଟା ମୋଟମୋଟି ଚଳିବ । କିନ୍ତୁ ପଡିଶା ଘର ଏତେ ଲଗାଲଗି ଯେ ଏପଟେ ଜଣେ ଛିଙ୍କିଲେ ସେପଟେ ଶୋଇଥିବା ଲୋକଟି ଚମକିକି ଉଠିପଡିବ । ଏ ପଟେ ଚିକେନ ରାନ୍ଧିଲେ ସେପଟକୁ ବାସ୍ନା ହେବ । ପୁରା ହାଲିଆ ହେଇଗଲି, ତଥାପି ଆଶା ଛାଡୁ ନଥାଏ । ଥରେ ମୋର ଜଣେ ସହକର୍ମୀ ମୋତେ ସୌମ୍ୟା ମମତା ମିଶ୍ର ନାମକ ଜଣେ ଭଦ୍ର ମହିଳାଙ୍କୁ ଦେଖା କରିବାକୁ କହିଲେ । ତାଙ୍କର ପରିଚୟ ଦେଇ ଜଣେଇଲେ – ସେ ଏମିତି ଏକ ବ୍ୟକ୍ତିତ୍ୱ, ଯାହାଙ୍କୁ ଅନୁରୋଧ କରି କେହି କେବେ ନିରାଶ ହେଇନି । ଜଣଙ୍କଠୁ ଅନୁରୋଧ ପାଇଲେ, ସେ ତାକୁ ନିଜର କର୍ତ୍ତବ୍ୟ ବୋଲି ଭାବିନେଇ କାମରେ ଲାଗିଯାନ୍ତି । ସୌମ୍ୟା ମ୍ୟାଡାମଙ୍କ ନାଁଟା ମତେ କେମିତି ଚିହ୍ନା ଚିହ୍ନା ଲାଗିଲା । ପଚାରିଲି, "ସେ କରନ୍ତି କ'ଣ ?" ଖୋଲା ହସ ଗୋଟେ ହସି ବାନ୍ଧବୀ ମୋର କହିଲେ, "ପେଷା କହିଲେ, ତାଙ୍କର ଗୋଟେ ଲୁଗା ଦୋକାନ ଅଛି, କିନ୍ତୁ ଭଜନ ସବୁ ତାଙ୍କ ଜିଭ ଅଗରେ । ତା ଛଡା ଘରର ସମସ୍ତଙ୍କ ଦାୟିତ୍ୱ ନେବା, ସ୍ୱାମୀଙ୍କ କାର୍ଯ୍ୟରେ ସାହାଯ୍ୟ କରିବା, ବିପଦ ଆପଦରେ ପଡିଥିବା ଲୋକମାନଙ୍କୁ ସାହାଯ୍ୟ କରିବା, ଗରିବ ମେଧାବୀ ପିଲାମାନଙ୍କୁ ପାଠ ପଢିବାରେ ସାହାଯ୍ୟ କରିବା.... ଏମିତି ଅନେକ କାର୍ଯ୍ୟରେ ନିଜକୁ ସମ୍ପୂର୍ଣ୍ଣ ସମର୍ପିତ କରିଛନ୍ତି ସେ । ହଠାତ ମନେ ପଡିଗଲା, ନିକଟରେ ଶ୍ରୀଗୁଣ୍ଡିଚା ଭଜନ ସମାରୋହରେ ତାଙ୍କରି କଣ୍ଠରୁ ଶୁଣିଥିବା ଭଜନ ଜୀବନର ଶେଷ ବନ୍ଧୁ ପ୍ରଭୁ ଜଗନ୍ନାଥ ହେ ... । ସେଇ ଗୀତଟି ମତେ ଏତେ ଭଲ ଲାଗିଥିଲା ଯେ ମୁଁ ସାଙ୍ଗେ ସାଙ୍ଗେ ଗୀତଟିକୁ ରେକର୍ଡିଂ କରି ମୋ ମୋବାଇଲର ରିଂଟୋନ ରଖିଥିଲି । ତେଣୁ ଖୁସି ଓ ଆଶାର ତରଙ୍ଗକୁ

 Download Magazine from www.aahwaan.com

ମନ ମଧ୍ୟରେ ଧରି ଦିନେ ସୌମ୍ୟା ମାଡାମଙ୍କ ପାଖକୁ ଗଲି । ମ୍ୟାଡ଼ାମ୍ ହସ ହସ ମୁହଁରେ ମୋତେ ପାଛୋଟି ନେଲେ । ମୁଁ ନିଜର ଓ ପଠେଇଥିବା ବାନ୍ଧବୀଙ୍କ ପରିଚୟ ଦେଲି । ଆସିବାର ଉଦ୍ଦେଶ୍ୟ କହିଲି । ଘର ଭିତରକୁ ଡାକି ନେଲେ ସେ । ଅତି ପରିଚିତ ଆପଣର ଲୋକ ଭଳି ତାଙ୍କ ଡାଇନିଂ ରୁମରୁ ଦୁଇଟି ଚୌକି ଟାଣି ବସାଇଲେ । ଘରୋଇ ତଥା ସ୍କୁଲ ବିଷୟରେ କିଛି କଥାବାର୍ତ୍ତା ପରେ ମୁଁ ପଚାରିଲି – "ଭାଇନା ନାହାନ୍ତି କି ?" କିଛି ସମୟ ଭିତରେ ଭାଇନା ଅଫିସରୁ ଆସି ପହଞ୍ଚିଲେ । ଘରଟା ବେଶ ନିରୋଳା । ଏ ଦୁହିଁଙ୍କ ଛଡା ଆଉ କେହି ଦିଶୁ ନାହାନ୍ତି । ପଚାରିଲି – "ପିଲା ମାନେ ନାହାନ୍ତି କି ?" ଉତ୍ତରରେ ସେ ବାଁ ପଟକୁ ହାତ ଦେଖାଇ କହିଲେ – "ଏଇଟା ଟିଟୁର ରୁମ ଓ ଡାହାଣ ପଟକୁ ହାତ ଦେଖାଇ କହିଲେ ଏଇଟା ଛୋଟୁର ରୁମ ।" ରୁମ ଦୁଇଟିକୁ ଅନେଇଲି । କେହି ଥିଲାଭଳି ଲାଗୁନଥାଏ , କିନ୍ତୁ ଭିତରେ ଲାଇଟ ଜଳୁଥାଏ ଓ ପର୍ଦ୍ଦା ପଡିଥାଏ । ସୌମ୍ୟା ମ୍ୟାଡ଼ାମ ଅନର୍ଗଳ କହି ଚାଲିଥାନ୍ତି କେମିତି ଛୁଟି ହେଲେ ପିଲାମାନେ ତାଙ୍କ ସାଙ୍ଗ ସାଥିଙ୍କୁ ନେଇ ଆସନ୍ତି, କେମିତି ସେମାନଙ୍କର ମନ ପସନ୍ଦର ଖାଦ୍ୟରାନ୍ଧି ଖୁଆଇବାରେ ତାଙ୍କୁ କେତେ ଶାନ୍ତି ମିଳେ ଇତ୍ୟାଦି । ପୁଣି ପଚାରିଲି, ପିଲାମାନେ ବାହାରକୁ ଯାଇଛନ୍ତି କି ?" ତିଳେ ମାତ୍ର ବିଳମ୍ବ ନ କରି ନିର୍ବିକାର ଭାବେ ସେ କହିଲେ, "ସେମାନେ ଫରେନ ଯାଇଛନ୍ତି । ବଡ ପୁଅ ଫିଲିମ ତିଆରି କରିବାକୁ ଆମେରିକା ଯାଇଛି ଓ ସାନ ପୁଅ ଅଫିସିଆଲ ଟୁରରେ ଅଷ୍ଟ୍ରେଲିଆ ଯାଇଛି । ଏଇ ସମୟରେ ଭାଇନା କିଛି ଜଳଖିଆ, ଆଇସକ୍ରିମ୍ ଓ କୋଲ୍ଡ ଡ୍ରିଂକ୍ସ ଆଣି ସାମ୍ନା ଟେବଲରେ ରଖିଦେଲେ । ଭାଉଜ (ମ୍ୟାଡ଼ାମ୍) ଉଠି ପଡି ପ୍ଲେଟଟା ମୋ ହାତକୁ ବଢେଇ ଦେଇ ଖାଇବାକୁ ବଳେଇଲେ । ମୁଁ ପ୍ଲେଟଟା ଧରିପାରୁ ନଥାଏ । ସେ ଜବରଦସ୍ତ ମୋ କୋଳରେ ରଖିଦେଲେ । ଦୁହିଁଙ୍କର ବାଧ୍ୟବାଧକତାରେ ନିରୁପାୟ ହେଇ ସେଥିରୁ କିଛି ଖାଇଲି । ମୁଁ

Download Magazine from www.aahwaan.com

ଏତେ ଦୂର ଅନ୍ୟମନସ୍କ ହୋଇଯାଇଥିଲି ଯେ ପୁନର୍ବାର ମୋ ପାଇଁ ଫ୍ଲାଟ ଟିଏ ଖୋଜି ଦବାକୁ କହିବାକୁ ଭୁଲି ଯାଇଥିଲି । ସେ କିନ୍ତୁ ଭୁଲି ନଥିଲେ । ଅତି ଶୀଘ୍ର ମୋ ପସନ୍ଦ ର ଫ୍ଲାଟ ଟିଏ ମୋତେ ମିଳିଗଲା । ଚିଙ୍କିକୁ ମଧ୍ୟ ଘରଟି ବହୁତ ଭଲ ଲାଗିଲା । ଘରଟିକୁ ନିଜ ରୁଚିରେ ସଜାଇ ସାରି ନୀତିଦିନିଆ ଜୀବନ ଆରମ୍ଭ କରିବା ପରେ ଦିନେ ଚିଙ୍କି କହିଲା ସୌମ୍ୟା ଆଣ୍ଟି ଓ ଅଙ୍କଲଙ୍କୁ ମାମା ଟିକେ ଡାକୁନୁ । ହଁ ଚିଙ୍କି ମୁଁ ବି ସେଇଆ ଭାବୁଥିଲି ଯାହାଙ୍କ ଯୋଗୁଁ ଆମର ଏତେ ଦିନର ସମସ୍ୟାଦୂର ହେଇଗଲା ତାଙ୍କର ପାଦ ଏ ଫ୍ଲାଟରେ ପଡିବନି ବା କେମିତି ।

ଗୁଡିଆନାଳି, ଢେଙ୍କାନାଳ, ୭୫୯୦୦୧, ଓଡ଼ିଶା
ଇ ମେଲ ଠିକଣା : sambitsm1987@gmail.com

ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ବର୍ତ୍ତମାନ ଗୁଗୁଲ୍ ପ୍ଲେ ଷ୍ଟୋରରେ ନିଃଶୁଳ୍କ ଡାଉନଲୋଡ୍ ପାଇଁ ଉପଲବ୍ଧ ଅଛି । ଆପଣ ଚାହିଁଲେ ତାହା ଡାଉନ୍‌ଲୋଡ୍ କରିପାରିବେ ଏବଂ ଆହ୍ୱାନ ଇ-ପତ୍ରିକାର ୱେବ୍‌ସାଇଟରେ ପାଉଥିବା ସମସ୍ତ ସୁବିଧା ସମେତ କ୍ଷୀପ୍ର ସନ୍ଦେଶ, ବିଜ୍ଞାପନ, ସୂଚନା, ଲେଖା ସଂଗ୍ରହ ଆଦିର ବ୍ୟବସ୍ଥା ମଧ୍ୟ ଏହି ଆପ୍‌ରେ କରାଯିବ । ଆଗାମୀ ଦିନରେ ଲେଖକମାନେ ଏହି ଆପ୍ ମାଧ୍ୟମରେ ଆମକୁ ସିଧା ସଳଖ ଲେଖା ଦେଇପାରିବା ଭଳି ବ୍ୟବସ୍ଥା ଆମେ କରିବୁ ।

Please visit Google Play Store, Search for "Aahwaan" and get our App at the Top of the list. Install it Now.

Download Magazine from www.aahwaan.com

# ବର୍ଲିନର ଡାକ



ନୀଳାଦ୍ରି ବିହାରୀ ନାୟକ

କ'ଣ ଲେଖିବି ..କ'ଣ ଲେଖିବ... ଭାବୁ ଭାବୁ ଦୁଇମାସ ବିତିଗଲା...!!!ସୁଦୂର ବର୍ଲିନରୁ ମୋ ଅନାହିତା ମାଉସୀଙ୍କ ତାଗିଦ... "କେବେ ତୋ ଲେଖା ପଠାଇବୁ ନିକ୍ୱଣ (Nikon) ? କାନନ-Canon(ନିକ୍ୱଣର ବଡଭଉଣୀ)ଟା ବଡନାସ୍ତିକ, ତା'କୁ କହି ଲାଭନାହିଁ! ମନେ ମନେ ଆମେରିକୀୟ ହିରୋଇନ, ଦେଖିଲେ କହିବନି କେହି ସେ ଆମ ଓଡ଼ିଆ ଝିଅ ବୋଲି... ଭଗବାନ କେବେ ତା'କୁ ସଦବୁଦ୍ଧି ଦେବେ କେଜାଣି ? "ଜଗନ୍ନାଥଙ୍କ ଅନୁଭୂତି ସମ୍ବଳିତ କାହାଣୀକୁ ନେଇ ମାଉସୀଙ୍କ ଆଗାମୀ ପ୍ରକଳ୍ପ ଚାରୋଟି ୟୁରୋପୀୟ ଭାଷାରେ । ଅତି କମରେ ୨୨ଟି ଲେଖା ଦରକାର । ୨୨... ଏହି ସଂଖ୍ୟାଟି ପ୍ରତି ମାଉସୀଙ୍କ ଦୁର୍ବଳତାର ରହସ୍ୟ ମୁଁ ବୁଝି ପାରେନା । ଆଉ ଦିନେ ପଚାରି ଆପଣମାନଙ୍କୁ କହିବି । କୋଉ ତତ୍ତ୍ୱ ବିଜ୍ଞାନୀ (Data Scientist)ଙ୍କ ପରାମର୍ଶ ନେଇ ଥାଇପାରନ୍ତି । ବର୍ଲିନ୍‌ରେ ଆଗାମୀ ରଥଯାତ୍ରା ପାଇଁ ଅଗ୍ରିମ ପ୍ରସ୍ତୁତି । ଜର୍ମାନ୍, ସ୍ପାନିଶ, ଇଟାଲୀୟ ଓ ଫ୍ରେଞ୍ଚ ଭାଷାଭାଷୀ ଜଗନ୍ନାଥ ପ୍ରେମୀଙ୍କ ଆଗ୍ରହକୁ ଆଖି ଆଗରେ ରଖି ତାଙ୍କର ଏହି ଅଭୂତପୂର୍ବ ପ୍ରୟାସ ।

ଅନାହିତାମାଉସୀ 'ଆସେଞ୍ଚର' ବର୍ଲିନ (Accenture, Berlin)ରେ ଓ ଅଦ୍ୱୈତମଉସା ଏକ ଘରୋଇ ଗମନାଗମନ କମ୍ପାନୀ 'ଦେଉତ୍ସେ ବାହ୍‌ନ' (Deutsche Bahn, Berlin)ରେ କାମ କରନ୍ତି, ଯାହା କି ଆମ ଭାରତର IRCTC ଭଳି । ଅବସର ସମୟରେ ନୂଆ ଭାଷା, ସଂସ୍କୃତି ଶିଖିବା ପାଇଁ ଉଭୟଙ୍କ ଆଗ୍ରହ । ସେଥିପାଇଁ ସେମାନେ ପୁରା ୟୁରୋପରେ ୧୫ ବର୍ଷରେ ୧୫-୨୦ଟି ଚାକିରି ବଦଳାଇ ସାରିଲେଣି... ୟୁରୋପର ଏ ସହରରୁ ସେ ସହର ।

Download Magazine from www.aahwaan.com

ଇନ୍‌ଷ୍ଟାଗ୍ରାମରେ ଭରପୁର ଛବି । ବୋଧହୁଏ ପ୍ରତିଭାର ଉପଯୁକ୍ତ ସମ୍ମାନ ଓ ଉଚ୍ଚକୋଟୀର ସ୍ୱାଭିମାନ ଭରା ଜୀବନଧାରା ସେମାନଙ୍କୁ ୟୁରୋପରେ ବାନ୍ଧି ରଖିଛି । ସ୍ଥାନୀୟ ଲୋକେ ନିଜ ନିଜ ଭାଷା ପାଇଁ ଖୁବ ଗର୍ବିତ । ଇଂଲଣ୍ଡ ଛାଡି ଦେଲେ ଅନ୍ୟ ୟୁରୋପୀୟ ଦେଶ ମାନଙ୍କରେ ଖୁବ କମ୍ ଲୋକ ଇଂରାଜୀ କୁହନ୍ତି । ତେଣୁ ମାଉସୀ ସବୁ ଲେଖାକୁ ପୁଣି ଅନୁବାଦ କରିବେ Udemyରୁ ଶିଖିଥିବା ଚାରୋଟି ୟୁରୋପୀୟ ଭାଷାରେ ଏତେ ସମୟ କାହିଁ ଯେ ? ସାତ ଦରିଆ ପାରି ବିଦେଶମାଟିରେ ଆମ ସଂସ୍କୃତିକୁ ବଞ୍ଚାଇ ରଖିବା ସହ ତା'ର ପ୍ରଚାର ଓ ପ୍ରସାର ପାଇଁ ମାଉସୀଙ୍କ ଉଦ୍ୟମ ଦେଖିଲେ ମୁଁ ନିଜକୁ ଗର୍ବ ଅନୁଭବ କରେ । ଅଦ୍ୱୈତ ମଉସା ବି ମାଉସୀଙ୍କୁ ଏଥିପାଇଁ ସବୁ ପ୍ରକାର ସହଯୋଗ କରିଥାନ୍ତି ।

ଏବେ ମୋ ପାଳି ! ମୋ ଲେଖା ଭଲ ଲାଗେ ବୋଲି ଅନାହିତା ମାଉସୀଙ୍କ ଅନବରତ ତାଗିଦ ଜଲଦି ପଠାଇବା ପାଇଁ କାଳେ ମୁଁ ଭୁଲିଯିବି Googleର କାର୍ଯ୍ୟ ବ୍ୟସ୍ତତା ମଧ୍ୟରେ । ପ୍ରଭୁ ଜଗନ୍ନାଥ ଏତେ ବ୍ୟାପକ ଯେ କ'ଣ ଲେଖିବି କିଛି ଭାବି ପାରୁନଥାଏ । ଜଗନ୍ନାଥଙ୍କ ବାର ମାସେ ତେରଯାତ ଲେଖିଲେ ତ ପୋଥୀଟିଏ ହେବ । ତାଙ୍କ ଭକ୍ତମାନଙ୍କର କାହାଣୀ ବି ସେମିତି ଅସରନ୍ତି । ତାଙ୍କ ବେଶବିନ୍ୟାସ ବିଷୟରେ ଲେଖିବାକୁ କୋଉ ଫ୍ୟାସନ ପ୍ରଯୁକ୍ତି ବିଦ୍ୟା (Fashion Technology)ର ବିଶାରଦ ବି ହତଚକିତ ହୋଇ ପଡିବ । କଥା ଦେଇଛି ଯେତେବେଳେ... । ସ୍ଥିର କଲି ୨୨ ପାହାଚର ରହସ୍ୟ ସମ୍ବନ୍ଧରେ ଲେଖାଟିଏ ଲେଖିବି, କିନ୍ତୁ ସେ ବିଷୟରେ ଆଗରୁ ଅନେକ ଲେଖା ଇଣ୍ଟରନେଟ, ପୁସ୍ତକ, ମାଗାଜିନରେ ଉପଲବଧ । ଲେଖାଟି ମୌଳିକ ନ ହେଲେ ମୁଁ ନିଜେ ନିଜକୁ କ୍ଷମା କରିପାରିବିନି । ଶେଷରେ ସ୍ଥିରକଲି ନିଜ ଅନୁଭୂତିରୁ ଦି ପଦ ଲେଖିଦେବି । ମନେ ପଡିଗଲା ଆଈଙ୍କ ସେଇ ଢଗ :

"ସୁଖ କହିବି କି ଦୁଃଖ କହିବି

 Download Magazine from www.aahwaan.com

ଅଙ୍ଗେ ନିଭାଇବା କଥା କହିବି ”

ଜଗନ୍ନାଥ ଯେମିତି ଅସୀମ ଅନନ୍ତ, ତାଙ୍କୁ ଅନୁଭବ କରିଥିବା ଭକ୍ତର ଅନୁଭୂତି ବି ବ୍ୟାପକ ହେବା ସ୍ୱାଭାବିକ । ଆପଣ ମାନେ ହୁଏତ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ତ୍ରିମୂର୍ତ୍ତି ପ୍ରାୟ ଅଧିକାଂଶ ମନ୍ଦିରରେ ଦେଖିଥିବେ କିନ୍ତୁ ‘ଏକକ ଜଗନ୍ନାଥ’ ମାନେ ଜଗନ୍ନାଥ ଏକାକୀ ପୂଜା ପାଉଥିବା ମନ୍ଦିର ଆପଣ ଦେଖିଛନ୍ତି ? ସେଇ ଏକକ ଜଗନ୍ନାଥଙ୍କୁ କେନ୍ଦ୍ର କରି ମୋର ଏକ ନିଆରା ଅନୁଭୂତି ।

କିଛି ଦିନ ତଳେ **‘ଏକକ ଜଗନ୍ନାଥ’**ଙ୍କୁ ନେଇ କିଛିଟା ଗବେଷଣା ଆରମ୍ଭ କରିଥିଲି । ମୋ ଜନ୍ମଭୂମି ବ୍ରହ୍ମପୁର, କର୍ମଭୂମି ଗୁରୁଗ୍ରାମ, ହରିଆଣା ହେଲେ ବି ବାପା ବୋଉଙ୍କ ସହ ଆମେ ବେଳେ ବେଳେ ଜେଜେ ବାପା, ମା’ଙ୍କ ଗାଁକୁ ଯାଉ । ସେମାନେ ଆଜି ନାହାନ୍ତି ସତ ହେଲେ ମୋ ଦାଦା ଖୁଡି ଏବେ ରହନ୍ତି ଗାଁରେ । ଗଞ୍ଜାମ ଜିଲ୍ଲାର ତପ୍ତପାଣି ପାଖରେ ମୋ ଗାଁ । ସେଠାକାର ଦଧିବାମନ ମନ୍ଦିରକୁ ସ୍ଥାନୀୟ ଲୋକେ ଜଗନ୍ନାଥ ମନ୍ଦିର ବୋଲି କହନ୍ତି । ଏଇ ମନ୍ଦିରରେ ଜଗନ୍ନାଥ ଏକାକୀ ପୂଜା ପାଆନ୍ତି ବୋଲି ମୋ ଜେଜେ ମା’ କହୁଥିଲେ । ମୋ ବୋଉ ମତରେ, “ଜଗନ୍ନାଥଙ୍କୁ ଏକାକୀ ପୂଜା କରି ଆସୁଥିବାରୁ, ସେ ଗାଁର ଲୋକମାନେ ଅପେକ୍ଷାକୃତ ଅଧିକ ସ୍ୱାର୍ଥପର, ଭାଇ ଭାଇ, ଭାଇ ଭଉଣୀଙ୍କ ମଧ୍ୟରେ ସମ୍ପର୍କ କ୍ଷୀଣ । ଆମ ଘୁମୁସର ପରି ମର୍ଯ୍ୟାଦା, ସମ୍ମାନ ଏମାନେ ଜାଣନ୍ତିନି ।” ନିଜ ଜନ୍ମଭୂମି ସପକ୍ଷରେ କହିବାକୁ ଯାଇ ବାପା କହନ୍ତି, “ଆମର ଏଠି ପାଶ୍ଚାତ୍ୟ ସଂସ୍କୃତିର ଢାଞ୍ଚା... ନିଜ ଗୋଡ଼ରେ ନିଜେ ଛିଡା ମାନେ ଆତ୍ମନିର୍ଭରଶୀଳ ହେବାକୁ ସବୁବେଳେ ଚେଷ୍ଟା, କେହି କାହାରି ଉପରେ ଅତ୍ୟଧିକ ନିର୍ଭର କରନ୍ତି ନାହିଁ - ଇଏ ସ୍ୱାର୍ଥପରତା ନୁହେଁ ବରଂ ଆତ୍ମନିର୍ଭରଶୀଳତା ।” ସେ ଯାହା ହେଉ ମୁଁ କେବେ ସେ ମନ୍ଦିରକୁ ଯାଇଥିଲି ମନେ ନାହିଁ । ଜଗନ୍ନାଥ କାହିଁକି ଏକାକୀ ପୂଜା

 Download Magazine from www.aahwaan.com

ପାଆନ୍ତି ତା'ର ଉତ୍ତର ଏ ପର୍ଯ୍ୟନ୍ତ ମୁଁ ପାଇ ପାରିନାହିଁ । ସେ ଯାହା ହେଉ ଆମ ଓଡ଼ିଆ ସିନେମାରେ **'ଏକକ ଜଗନ୍ନାଥ'**ଙ୍କୁ ଖୋଜିବା ପାଇଁ ଚେଷ୍ଟା କରିଥିଲି । ତଥାପି ପାଇ ନଥିଲି ଏମିତି କୌଣସି ଚଳଚ୍ଚିତ୍ରଟିଏ । ହୁଏତ ଥାଇ ପାରେ କିନ୍ତୁ ଇଣ୍ଟରନେଟରେ ହୁଏତ ନଥାଇ ପାରେ । ଓଡ଼ିଆ ସିନେମା ଦେଖିବାକୁ ଆମ ଓଡ଼ିଆ କେତେ ଆଗ୍ରହୀ ଯେ ଆଜିକା ରିମେକ ଡବିଂ ଯୁଗରେ ! କିନ୍ତୁ ମନରେ ଏଇ ଅସମାହିତ ପ୍ରଶ୍ନଟି ସବୁବେଳେ ଉଙ୍କି ମାରୁଥାଏ ।

ମାର୍ଚ୍ଚ ୯ ରୁ ୧୧, ୨୦୧୮: ଦିଲ୍ଲୀ ସ୍ଥିତ ଇଣ୍ଡିଆ ଗେଟ୍‌ରେ ପାଳିତ ହୋଇଥାଏ 'ଓଡିଶା ପର୍ବ' - ଓଡ଼ିଆ କଳା, ସଂସ୍କୃତି, ପରମ୍ପରାକୁ ଜାତୀୟ ସ୍ତରରେ ପ୍ରଦର୍ଶନ କରିବା ପାଇଁ ସ୍ଥାନୀୟ ପ୍ରବାସୀ ଓଡ଼ିଆଙ୍କ ଦ୍ୱାରା ଥିଲା ଏହା ଏକ ଅଭିନବ ପ୍ରୟାସ । ମୁଁ ଏହି ସୁଯୋଗକୁ ହାତ ଛଡା ନ କରି ତିନି ଦିନ ଯାକ ଯାଇଥିଲି ଗୁରୁଗ୍ରାମରୁ ଦିଲ୍ଲୀ । ୧୦ ମାର୍ଚ୍ଚ, ସେଦିନ ଇଣ୍ଡିଆ ଗେଟ୍ ସାମ୍ନାରେ ଥିବା କୃତ୍ରିମ ଝରଣାର ଝର ଝର ନାଦ ଜଳ ଛାୟାରେ ଓଡ଼ିଆ ଚଳଚ୍ଚିତ୍ର ସଙ୍ଗୀତର ଅପୂର୍ବ ଫୁଆରା । କିନ୍ତୁ ମୁଁ କ'ଣ ଦେଖିଲି ହଠାତ୍... ବୋଧହୁଏ ମୁଁ ପାଇଗଲି ସେଇ ଅସମାହିତ ପ୍ରଶ୍ନର ଉତ୍ତର: **'ଏକକ ଜଗନ୍ନାଥ !!'** ମହାଶ୍ୱେତା ରାୟଙ୍କ ଅଭିନୀତ ଚଳଚ୍ଚିତ୍ର 'ତୁ ଥିଲେ ମୋର ଡର କାହାକୁ'ର ଶୀର୍ଷକ ଗୀତଟି ହଠାତ୍ ଜଳ କାନଭାସରେ ପ୍ରତିଫଳିତ ହୋଇଥିଲା..। କିଛି ସମୟ ପାଇଁ ମୁଁ ସ୍ତମ୍ଭୀଭୂତ ହୋଇ ପଡ଼ିଥିଲି ସେଇ ଜଳ ଛାୟା ପାଖରେ । ଦିନସାରା ଫୋଟ, ଭିଡିଓ ତୋଳୁ ତୋଳୁ ମୋ ମୋବାଇଲ ଚାର୍ଜ ସରି ଠପ୍ ହୋଇ ଯାଇଥାଏ । ତେଣୁ ଆଉ ରେକର୍ଡିଙ୍ଗ କରିପାରିଲିନି । ମନେ ମନେ ନିଜକୁ ଅସହାୟ ମନେ କରୁଥିଲି । ପାଖରେ ଛିଡା ହୋଇଥିବା ପଂଜାବୀ ଦମ୍ପତି ଜଣକ ଓଡ଼ିଆ ବୁଝି ପାରୁ ନଥିଲେ ବି ଅନବରତ ଭାବେ ଏଇ ସୁନ୍ଦର ଗୀତର ରେକର୍ଡିଙ୍ଗ କରୁଥିବା ଦେଖି ମନେ ମନେ ଖୁସି ଅନୁଭବ କରୁଥାଏ । ଘରକୁ ଆସିବା ପରେ ପୁରା ଚଳଚ୍ଚିତ୍ରଟି ୟୁ

Download Magazine from www.aahwaan.com

ଟ୍ୟୁବରେ ଦେଖିଲି । ମନେ ମନେ ଧନ୍ୟବାଦ ଦେଉଥିଲି ପ୍ରଭୁ 'ଏକକ ଜଗନ୍ନାଥ' ଙ୍କୁ ... ଓଡିଶା ପର୍ବରେ ମୁଁ ଯେ ଆବିଷ୍କାର କରି ପାରିବି କେବେ ଭାବି ପାରିନଥିଲି । ଆଜି ସେଇ 'ତୁ ଥିଲେ ମୋ ଡର କାହାକୁ' ଗୀତକୁ ମୋ ମୋବାଇଲରେ ଅନବରତ ଭାବେ ଶୁଣେ ଯେତେବେଳେ 'ଏକକ ଜଗନ୍ନାଥ' ମୋର ମନେ ପଡିଯାନ୍ତି ।

ବହୁ ଦିନର ପ୍ରତୀକ୍ଷାର ଅନ୍ତ ଘଟିଲା... ଧନ୍ୟ ପ୍ରଭୁ.... ଧନ୍ୟ ତୁମ ଲୀଳା... ଧନ୍ୟ ତୁମେ **'ଏକକ ଜଗନ୍ନାଥ'** ! ! !

ଏତିକି ଲେଖି ଇମେଲରେ ପଠାଇଦେଲି ମାଉସୀଙ୍କୁ ଲେଖାଟି । ବୋଧହୁଏ ଅନାହିତା ମାଉସୀ ସେଦିନ ତାଗିଦ ନ କରିଥିଲେ, ଏହି ଲେଖାଟି ସମ୍ଭବ ହୋଇପାରି ନଥାନ୍ତା... ପିଲାବେଳେ ଏକକ, ଦଶକ, ଶତକ ଓ ଗଣିତରେ ବିସ୍ତାରିତ ରୂପ ବୁଝାଇବାକୁ ଯାଇ ମାଉସୀ ଦେଇଥିଲେ ଏକ ଛୋଟଟିପ୍ସ, "ନିକ୍ୱଣ ଭୁଲିବୁନି, ଦେଖ ଏଇ ତ୍ରିମୁର୍ତ୍ତୀଙ୍କୁ.. ପ୍ରଭୁ ଜଗନ୍ନାଥ ଏକକ ସ୍ଥାନରେ, ଦେବୀ ସୁଭଦ୍ରା ଦଶକ ସ୍ଥାନରେ ଓ ପ୍ରଭୁ ବଳଭଦ୍ର ଶତକ ସ୍ଥାନରେ !" କି ସୁନ୍ଦର ତୁଳନା । ମନେ ମନେ ଭାବେ ଜଗନ୍ନାଥ ଏକକ ସ୍ଥାନରେ ରହିଲେ ବୋଲି କିଛି କହି ପାରନ୍ତିନି, ସେ ବ୍ରହ୍ମ ବିଭ୍ରାଟ ହେଉ କି ରତ୍ନ ଭଣ୍ଡାର ଲୁଟ ନହେଲେ ପ୍ରଭୁଙ୍କୁ ଉପବାସରେ ରଖିବା ହେଉ, କିଂକର୍ତ୍ତବ୍ୟବିମୁଢ଼ କାଳିଆ.... ହେଲେ ବଳଭଦ୍ର ଓ ଦେବୀ ସୁଭଦ୍ରା ଯେ କାହିଁକି ଚୁପ ବୁଝି ପାରେନା... ହେ ପ୍ରଭୁ ସେମାନେ କେବେ ଶୁଣିବେ ତୁମ ଶଙ୍ଖ ନାଦର ଅଦ୍ଭୁତ ନିକ୍ୱଣ... କ'ଣ ସେହି ଅନାହତ ଧ୍ୱନି ସେମାନଙ୍କୁ ଶୁଣାଯାଏନି.... ତୁମ ଗୁଣ୍ଡିଚାମାଉସୀ କ'ଣ ତୁମକୁ ତାଗିଦ କରନ୍ତିନି ? ମୁଁ ତ ବ୍ରହ୍ମପୁରରେ ଥାଇ ମୋ ଅନାହିତାମାଉସୀ ସୁଦୂର ବର୍ଲିନରୁ ଡାକ ଦେଲେ ଶୁଣିପାରେ... ତୁମେ କେବେ ଶୁଣିବ ?

**ମୋ ବିଷୟରେ :**

ମାନବ ସମ୍ବଳ ସଂସାଧନ ବିଶେଷଜ୍ଞ , SAP HCM SuccessFactors

**ସ୍ଥାୟୀଠିକଣା** :ଜ୍ୟୋତିନଗର - ଚତୁର୍ଥସରଣୀ , ବ୍ରହ୍ମପୁର , ଗଞ୍ଜାମ ,ଓଡିଶା – ୭୬୦୦୦୧

**ବର୍ତ୍ତମାନଠିକଣା (କର୍ମଭୂମି)** : ୟୁବ୍ଲକ୍, ୧୩/୪୬ - ତ୍ରୟୋଦଶସରଣୀ ,

ଡି.ଏଲ୍.ଏଫ୍.ଫେଜ୍୩ , ଗୁରୁଗ୍ରାମ୍,ହରିଆଣା - ୧୨୨୦୦୨


**ଦୂରଭାଷ** : ୯୯୯୯୨୦୧୭୪୧ (ହ୍ୱାଟ୍ସଅପ )/ ୯୯୯୯୨୩୭୬୯୧

Web: https://about.me/nbnayak.88 /

https://medium.com/@niladribiharinayak/

Email :nbnayak.88@gmail.com / nirnayak@outlook.com

DOWNLOAD



Download Magazine from www.aahwaan.com

# ଅଜୁହା କାହାଣୀ



ଅନୁସୂୟା ମିଶ୍ର

ଖବରକାଗଜଟା ଦେଖୁ ଦେଖୁ ମନେ ପଡ଼ିଗଲା ତା'ର... ଅତି ବେଶୀରେ ସାତ କି ଆଠ ବର୍ଷ ହୋଇଥିବା ତା ବୟସ ସେତେବେଳେ । ସେଦିନ ଦାଦା ଜଲଦି ଫେରିଥିଲେ ଅଫିସରୁ ମଧ୍ୟାହ୍ନ ଭୋଜନ ଖାଇବା ପାଇଁ । ମାମୁନି ଶୋଇନଥିଲା ସେତେବେଳକୁ । ଖାଇ ସାରି ଶୋଇବାକୁ ଗଲାବେଳକୁ ମାମୁନିକୁ ଦେଖି ଦାଦା ତାକୁ ପାଖକୁ ଡାକିଲେ । ବହୁତ ଡରେ ସେ ଦାଦାଙ୍କୁ । ପାପାଙ୍କ ମାମୁଁପୁଅ ଭାଇ ହୋଇଥିଲେ ବି ସେ ମୋଟେ ତା ପାପାଙ୍କ ପରି ନୁହନ୍ତି, ଭାରି ରାଗୀ । ମାମୁନି ତ ଜମା ଆସୁନଥିଲା । ବୁଢ଼ୀମାଉସୀ କିନ୍ତୁ ତାକୁ ଜବରଦସ୍ତି ଧରି ଆଣିଲା । ମାମା ଅଫିସ ଚାଲିଯିବାପରେ ବୁଢ଼ୀମାଉସୀ ଉପରେ ହିଁ ପଡ଼େ ମାମୁନିର ସମସ୍ତ ଦାୟିତ୍ୱ । ସ୍କୁଲରୁ ଆଣିବାପରେ ବୁଢ଼ୀ ଲୋକଟି ବହୁତ ହଇରାଣ ହୁଏ ମାମୁନି ପଛରେ ଗୋଡ଼ାଇ ଗୋଡ଼ାଇ । ସେ ଯେତିକି ସମୟ ଶୁଏ ସେତିକି ସମୟ ବୁଢ଼ୀ ମାଉସୀକୁ ଟିକେ ବିଶ୍ରାମ ମିଳେ ଯେ, କିନ୍ତୁ ସେ କଣ ସହଜରେ ଶୁଏ ? ସେଦିନ କାହିଁକି କେଜାଣି ଦାଦାଙ୍କ ସାଙ୍ଗରେ ସେଇ ସବୁ କଥା ଗପି ବସିଲା ବୁଢ଼ୀ । ହୁଏତ ସେ ଆଶା କରୁଥିଲା ଦାଦା ଟିକେ ଆକଟ କରନ୍ତେ, ଆଉ ମାମୁନି ସାଙ୍ଗେ ସାଙ୍ଗେ ଶୋଇପଡ଼ନ୍ତା । ଦାଦା କିନ୍ତୁ ନିଜେ ହିଁ ଶୁଆଇବାର ଦାୟିତ୍ୱଟି ନେଇଗଲେ । ବୁଢ଼ୀଟି ଶାନ୍ତିରେ ନିଶ୍ୱାସଟିଏ ମାରି ରୋଷେଇ ଘରକୁ ଚାଲିଗଲା ବେଳେ ମାମୁନି ମନେ ମନେ ତାକୁ ବହୁତ ଗାଳି ଦେଇଥିଲା । ଦାଦା ସେଦିନ ବିଲକୁଲ୍ ରାଗିନଥିଲେ ତା' ଉପରେ । ତା ମୁଣ୍ଡକୁ ଆସ୍ତେ ଆସ୍ତେ ଏମିତି ଆଉଁସି ଦେଇଥିଲେ ଯେ ତାକୁ ସାଙ୍ଗେ ସାଙ୍ଗେ ନିଦ ହୋଇଯାଇଥିଲା ।

 Download Magazine from www.aahwaan.com

ତା ପରଦିନକୁ ଦାଦାଙ୍କ ପ୍ରତି ମାମୁନିର ମନରେ ଥିବା ଭୟ ଅନେକଟା କମି ଯାଇଥିଲା । ସିଏ ଡାକିବା ମାତ୍ରେ ମାମୁନି ଆସି ପାଖେ ଶୋଇ ଯାଇଥିଲା । ତା ମୁଣ୍ଡକୁ ଆଉଁସି ଦେଉ ଦେଉ ଦାଦା ତାକୁ ବି ଘୋଡ଼େଇ ଦେଇଥିଲେ ତାଙ୍କ ଚାଦରରେ । ମାମୁନିକୁ କିନ୍ତୁ ଖୁବ୍ ଗରମ ଲାଗିଲା । ଏଥର ଆଉ ଗରମ ଲାଗିବନି କହି ଦାଦା ତାର ଜାମାଟିକୁ ଖୋଲି ଦେଇଥିଲେ । ସତରେ, ଆଉ ଗରମ ଲାଗିବ ନଥିଲା ତାକୁ, କିନ୍ତୁ ଲାଜ ଲାଗୁଥିଲା ଦାଦାଙ୍କ ପାଖରେ ଏମିତି ଶୋଇବାକୁ । ଠିକ୍ ତାକୁ ନିଦ ଆସିଲା ବେଳକୁ କିନ୍ତୁ ଦାଦାଙ୍କର ଘନ ଘନ ଗରମ ନିଶ୍ୱାସରେ ଖୁବ୍ ଅସ୍ୱସ୍ତି ବୋଧ କରିଥିଲା ସେ । କିଛି ବୁଝିପାରି ନଥିଲା । ଭାବିଲା, ହୁଏତ ଦାଦାଙ୍କର ଦେହ ଭଲ ନାହିଁ ଆଜି । ହଠାତ୍ ଦାଦା ତାକୁ ଜୋରରେ କୁଣ୍ଢେଇ ଧରିଲେ । ଖୁବ୍ କାଟୁଥିଲା ତାକୁ । ନିଶ୍ୱାସ ବି ଠିକରେ ନେଇ ପାରୁନଥିଲା ସେ । ବହୁତ କଷ୍ଟରେ ଏତିକି ବାହାରିଲା ତା ପାଟିରୁ... 'ପାଣି ପିଇବି ।' ତାକୁ ଜାମାପଟା ପିନ୍ଧାଇ ପାଣି ପିଇବାକୁ ଛାଡ଼ିଦେଇ ଦାଦା ବାହାରି ଯାଇଥିଲେ ଅଫିସ୍ ।

ସେତିକି ବେଳଠୁ ପୁରା ଭାବରେ ଚୁପ୍ ହୋଇଯାଇଥିଲା ମାମୁନି । ଭାବିଥିଲା, ମାମା ଅଫିସରୁ ଫେରିଲା ପରେ ତାକୁ ଦାଦାଙ୍କର ଏଇ ଅସ୍ୱାଭାବିକ ବ୍ୟବହାର କଥା କହିବ । ପୁଣି ତା'ର ମନେ ପଡ଼ିଯାଇଥିଲା ମାମାର କାଲିର କଥା... "ଦାଦାଙ୍କୁ ଏତେ ଡରିବାର କିଛି ନାହିଁ । ସିଏ ବି ତାକୁ ବହୁତ ସ୍ନେହ କରନ୍ତି, ପାପାଙ୍କ ପରି ।" ଆଉ ନିରୀହ ମନଟି ତାର ବୁଝି ଯାଇଥିଲା, ହୁଏତ ବଡ଼ ମାନଙ୍କର ସ୍ନେହ କରିବାର ଇଏ ବି ଗୋଟିଏ ପ୍ରକାର ଭେଦ ବୋଲି ।

ତା ପରଦିନ ପୁଣି ଯେତେବେଳେ ଦାଦା ତାକୁ ଶୁଆଇ ଦେବାକୁ ଡାକିଥିଲେ ମାମୁନିକୁ ବହୁତ ଡର ଲାଗିଥିଲା । ମାତ୍ର ମନା କରିବାର ସାହାସ ନଥିଲା । ସେଦିନ ବି କାଳେ ତାକୁ ଗରମ ଲାଗିବ ବୋଲି ତାର ଜାମାପଟା ସବୁ ଆଗୁଆ ଖୋଲିଦେଇ ଦାଦା ତାକୁ ଚାଦର

 Download Magazine from www.aahwaan.com

ଭିତରେ କୋଳକୁ ଜାକି ନେଇଥିଲେ, ଆଉ ଅଦ୍‌ଭୂତ ଏକ ଅଚିହ୍ନା ସ୍ୱରରେ କହିଥିଲେ, "ଏତେ ଡରୁଛୁ କାହିଁକି ? ମୁଁ କଣ ମାରୁଛି କି ?" ଧିରେ ଧିରେ ତା କଅଁଳ ଦେହର ଚାରିପଟେ ଦାଦାଙ୍କ ହାତର ଘେରଉଟା ଖୁବ୍ ନିଷ୍ଠୁର ହୋଇ ଉଠିଥିଲା । ସେ ତାକୁ ଆହୁରି ଶକ୍ତ ଭାବରେ ଜାକିଧରି ତା ଦେହସାରା ଗେଲ କରିବାକୁ ଲାଗିଲେ । ମାମୁନି ମନେ ପକାଇବାକୁ ଚେଷ୍ଟା କରୁଥିଲା, କାହିଁ ପାପା ତ ଏମିତି କେବେ ଗେଲ କରନ୍ତି ନି ? ହଁ, କେବେ କେବେ ଖରାବେଳେ ଦାଦା ଯେଉଁ ସିନେମା ଦେଖନ୍ତି ସେଇଥିରେ ମାମାପାପା ମାନେ ଏମିତି ହେବାର ସେ ଦେଖିଛି । କିନ୍ତୁ ସେଥିରେ ବି ତ ତା ପରି ଛୋଟ ଛୁଆଙ୍କୁ... । ତାକୁ ଅଧିକ କିଛି ଭାବିବାର ଫୁରସତ ନ ଦେଇ ଦାଦାଙ୍କର ଦୁଇଟା ହାତ ପାଗଳଙ୍କ ପରି ଘୁରିବୁଲିଲା ତା ଦେହସାରା, ସତେକି ଖୋଜି ବୁଲୁଥିଲେ କିଛି ଖୁବ୍ ନୃଶଂସ ଭାବରେ । କେଉଁଠି ନା କେଉଁଠି ଖଣ୍ଡିଆଟିଏ ହୋଇ ପୋଡ଼ିବାକୁ ଆରମ୍ଭ କରିଦେଇଥିଲା । ବହୁକଷ୍ଟରେ କିଛି ନିଶ୍ୱାସକୁ ଏକାଠି କରି ସେ ବିକଳ ଭାବରେ କହିଥିଲା, "ଦାଦା, ପାଣି ପିଇବି ।" ପାଣି ବୋତଲ ଆଗରୁ ଆଣି ମୁଣ୍ଡ ପାଖରେ ରଖିଥିଲେ ସେଦିନ । ପାଣି କିଛି ପିଆଇ ଦେଇ ତାକୁ ପୁଣି ଶୁଆଇବାର ଚେଷ୍ଟା କରୁଥିବା ବେଳେ ବାହାରେ ଭାଇର ପାଟି ଶୁଭିଥିଲା । ବୋଧହୁଏ ସେଦିନ ଭାଇର ସ୍କୁଲ ଶୀଘ୍ର ଛୁଟି ହୋଇଯାଇଥିଲା । ମାମୁନିକୁ ଜାମାପ୍ୟାଣ୍ଟ ପିନ୍ଧାଇ ଦେଇ ଦାଦା ଚୁପଚାପ୍ ଅଫିସ ଚାଲିଯାଇଥିଲେ ସବୁଦିନ ପରି ।

ଭାଇ ଯେତେ ଡାକିଲେ ବି ସେଦିନ ମାମୁନି ତା ସାଙ୍ଗେ ଖେଳିବାକୁ ଯାଇନଥିଲା କି ମାମା ଆଗରେ କିଛି ଖୋଲିକି କହି ପାରିନଥିଲା । ଲାଗୁଥିଲା ମାମା ଯଦି କିଛି ବିଶ୍ୱାସ ନ କରିବ ! କିନ୍ତୁ ମନେମନେ ମାମା ଉପରେ ଖୁବ୍ ରାଗୁଥିଲା ସେ । କାହିଁକି ସେ ସବୁଦିନ ଅଫିସ୍ ଯାଏ ? ଅନ୍ୟମାନଙ୍କ ମାମା ମାନଙ୍କ ପରି ସବୁବେଳେ ଘରେ ରହିଲେ କଣ ହୁଅନ୍ତା

Download Magazine from www.aahwaan.com

ନି ?

ତା ପରଦିନ ଯେତେବେଳେ ଦାଦାଙ୍କ ପାଖରେ ଛାଡ଼ିଦେଇ ବୁଢ଼ୀ ମାଉସୀ ଯିବାକୁ ବସିଲା, କାନ୍ଦି ଉଠିଥିଲା ମାମୁନି । ଦାଦା ତା' ପାଟିକୁ ଚାପି ଧରି ବୁଝାଇବା ସ୍ୱରରେ କହିଥିଲେ, "ଆ ଦେଖିବୁ, ତୋ ପାଇଁ କେତେ ଚକୋଲେଟ୍ ଆଣିଛି ମୁଁ ଆଜି ।" ଚକୋଲେଟରୁ କିଛି ତା ହାତରେ ଧରେଇ ଦେଇ ଦାଦା ତାକୁ ପୁଣି ଟାଣି ନେଇଥିଲେ ଗଭୀର ଅନ୍ଧକାର ଭିତରକୁ ଯାହାର ସାନ୍ଦ୍ରତା ମଣିଷପଣିଆକୁ ସମ୍ପୂର୍ଣ୍ଣ ଭାବରେ ଅନ୍ଧ କରିଦିଏ । ପୂର୍ବଦିନ ଭଳି ପୁଣୀ ସେଇ ଗରମ ନିଶ୍ୱାସ... ସେଇ ଅଚିହ୍ନା କଣ୍ଠସ୍ୱର... ଆଉ ତାର ଅପରିପକ୍ୱ ସତ୍ତା ଭିତରେ କିଛି ଗୋଟେ ଖୋଜି ବୁଲିବାର ହିଂସ୍ରତା । ତା ଭିତରେ ଦୁଇ ତିନିଥର ପାଣି ବି ପିଇଥିଲା ମାମୁନି । ମାତ୍ର ଦାଦା ତାକୁ ଯିବାକୁ ଦେଇନଥିଲେ ବାହାରକୁ । ଦିନପରେ ଦିନ ଏମିତି ଗଡ଼ି ଚାଲିଲା ।

ଭାଗ୍ୟକୁ ମାସଟେ ଭିତରେ ଅନ୍ୟ ସହରକୁ ବଦଳି ହୋଇଯାଇଥିଲା ଦାଦାଙ୍କର । ସେତେବେଳକୁ ମାମୁନି ସବୁଦିନ ପାଇଁ ହରାଇ ସାରିଥିଲା ବୟସସୁଲଭ ତା ମନର ସମସ୍ତ ସରଳତାକୁ । ଝରଣାଟିଏ ପରି ଚଳଚଞ୍ଚଳ ତା ଜୀବନର ସ୍ରୋତ ଉପରେ ଲଦି ହୋଇ ଯାଇଥିଲା ଗୁଡ଼ିଏ ଦ୍ୱନ୍ଦ, ସନ୍ଦେହ ଓ ଅବିଶ୍ୱାସର ଭାର, ସମସ୍ତଙ୍କର ଅଲକ୍ଷ୍ୟରେ । ଖୁବ୍ ଗମ୍ଭୀର ହୋଇ ଯାଇଥିଲା ସେ । ଚୁପ୍‌ଚାପ୍ ହୋଇ ରହୁଥିଲା ସବୁବେଳେ । କୋଳାହଳକୁ ଏଡ଼ାଇ ଯିବାପାଇଁ ପାଠ ବହି ଧରି ବସୁଥିଲା ସବୁବେଳେ । ଖୁବ୍ ସଙ୍କୁଚିତ ହୋଇ ଯାଇଥିଲା ତା ପୃଥିବୀ ।

ସ୍କୁଲ୍ ପାସ କରୁ କରୁ ମାମୁନି ନିଜକୁ ନିଜ ଭିତରେ ସୀମିତ କରି ରଖିବାଟା ଶିଖିଯାଇଥିଲା ଭଲ ଭାବରେ । ଜଣେ ସମ୍ପର୍କୀୟ ମାମୁଙ୍କର ତାକୁ କୋଳରେ ବସାଇ ଗେହ୍ଲା

 Download Magazine from www.aahwaan.com

କରିବା ହେଉ ବା ବୟସ୍କ ଟ୍ୟୁସନ୍ ସାର୍ ଜଣକର ପରୀକ୍ଷାରେ ଭଲ ରେଜଲ୍ଟ୍ କରିଥିବାରୁ ତାକୁ ଚାପିଧରି ଆଶୀର୍ବାଦ କରିବା, ଅଥବା ପାପାଙ୍କ ସାଙ୍ଗେ ସେଇ ଡାକ୍ତର ଜଣକ ଯିଏ ଅନ୍ଧାର ରୁମ୍ ଭିତରେ ତାକୁ ସାମନାରୁ କୁଣ୍ଢାଇ ଧରି ଟର୍ଚ୍ଚମାରି ତା ଆଖି ପରୀକ୍ଷା କରିଥିଲେ... ଧିରେ ଧିରେ ମାମୁନି ମନରେ ଧାରଣାଟିଏ ବଦ୍ଧମୂଳ ହୋଇଯାଇଥିଲା ଯେ ସବୁ ପୁଅମାନେ ହିଁ ଏମିତି । ଅବଚେତନ ମନରେ ପୁଅମାନଙ୍କୁ ଘୃଣା କରିବା ଆରମ୍ଭ କରିଦେଇଥିଲା ସେ । ନିଜକୁ ଯଥାସମ୍ଭବ ଦୂରେଇ ରଖୁଥିଲା ସେମାନଙ୍କ ପାଖରୁ । ମାତ୍ର ଏହାର କାରଣ ବିଷୟରେ ସାମାନ୍ୟତମ ସୁରାକ୍ ପାଇନଥିଲା ଦୁନିଆ ।

କିନ୍ତୁ ଯେଉଁଦିନ କଲେଜରେ ରାଗିଂର ଅପ୍ରୀତିକର ପରିସ୍ଥିତିରୁ ତାକୁ ରକ୍ଷା କରିଥିଲା ସରୋଜ, ସେଦିନ ସ୍ୱତଃପ୍ରବୃତ୍ତ ଭାବରେ ତା ଆଡ଼କୁ ବନ୍ଧୁତାର ହାତ ବଢ଼ାଇଥିଲା ମାମୁନି । ତାକୁ ଲାଗିଥିଲା, ହୁଏତ ସରୋଜ ସେମିତି ନୁହେଁ, ଯେମିତି ସେ ସମସ୍ତଙ୍କୁ ଭାବୁଛି । ସ୍ୱାଧୀନଚେତା ମନଟି ତାର ଖାତିର୍ କରି ନଥିଲା ସାଙ୍ଗମାନଙ୍କ କଟୁ ମନ୍ତବ୍ୟକୁ ଏବଂ ଦୁହେଁ ଖୁବ୍ ସମୟ ବିତାଇବାକୁ ଲାଗିଲେ ପରସ୍ପର ସାଙ୍ଗରେ । ଦିନେ ହଠାତ୍ ସରିଜ ଆସି ତା ହାତରେ କାର୍ଡ଼ଟିଏ ଧରାଇ ଦେଇ କୁଆଡ଼େ ଉଭାନ୍ ହୋଇଗଲା । ଆଶ୍ଚର୍ଯ୍ୟ ହୋଇ କାର୍ଡ଼ଟି ଖୋଲି ଦେଖିଲା ମାମୁନି, ଖୁବ୍ ସୁନ୍ଦର ଅକ୍ଷରରେ ଲେଖାଅଛି... True love can do the Impossible. ବାସ୍, ସେତିକି ଯଥେଷ୍ଟ ଥିଲା ମାମୁନିକୁ ବୁଝିବାପାଇଁ ଯେ ସରୋଜ ବି ସମସ୍ତଙ୍କ ପରି ପୁଅଟିଏ ହିଁ । ଝିଅଟିଏ ଦେଖିଲେ ସିଏ ବି ଚାହେଁ ନିକଟତର ହେବାପାଇଁ । ତା ହାତ ବି ବ୍ୟଗ୍ର ହୋଇ ଉଠେ ତାକୁ ଜୋରକରି ଜାବୁଡ଼ି ଧରିବାପାଇଁ । ସେଇ ଦିନଠାରୁ ନିଜକୁ ଆଉ ନିଜ ରାସ୍ତାକୁ ସେ ସବୁଦିନ ପାଇଁ ଅଲଗା କରି ନେଇଥିଲା ସରୋଜଠାରୁ ଏବଂ ଦୂରକୁ ଫୋପାଡ଼ି ଦେଇଥିଲା ପୁଅମାନଙ୍କ ପ୍ରତି ତା ମନର କେଉଁ ଅଲୋଡ଼ା କୋଣରେ ପଡ଼ି

Download Magazine from www.aahwaan.com

ରହିଥିବା ଅଳ୍ପ କିଛି ସମ୍ମାନ । କିନ୍ତୁ ଏ ବିଷୟରେ ବି କାହାକୁ କିଛି ଜାଣିବାକୁ ଦେଇନଥିଲେ ସେ ।

ପାଠପଢ଼ା ଶେଷପରେ ଯେତେବେଳେ ବିବାହର ପ୍ରଶ୍ନ ଉଠିଲା ସେତେବେଳେ ସେ ଜିଦ୍ ଧରି ବସିଲା ଯେ ପାତ୍ରଟିକୁ ଆଗ ଦେଖିବ । ତା ମନ ମାନିଲେ ହିଁ ସେ କଥା ଆଗେଇବ । ମାମାପାପା ବହୁତ ବିରକ୍ତ ହୋଇଥିଲେ, ତା କଥା ଶୁଣି । କିନ୍ତୁ ସେ କାହାକୁ ଖୋଲି କହି ପାରିନଥିଲା ତା'ର ଏପରି ନିଷ୍ପତ୍ତି ପଛର କାହାଣୀ । ସେ ଜାଣି ସାରିଥିଲା ଯେ ଚେହେରାର ସୌନ୍ଦର୍ଯ୍ୟର କୌଣସି ମୂଲ୍ୟ ନାହିଁ ତା ପାଖରେ । ସେ ବ୍ୟକ୍ତିତ୍ୱର ବିଶେଷତ୍ୱ ଚାହେଁ ଯାହାକୁ ସେ ସମ୍ମାନ କରି ପାରିବ । ଆଉ ସେ ବିଶେଷତ୍ୱଟିକୁ କେବଳ ତା' ଆଖି ହିଁ ଚିହ୍ନିପାରିବ ।

ଦିନେ ସତକୁ ସତ ଆସି ଭେଟ ହେଲେ ଠିକ୍ ସେହିଭଳି ବ୍ୟକ୍ତିତ୍ୱଟିଏ । ତାଙ୍କ ସ୍ନେହ ଶ୍ରଦ୍ଧା ଭିତରେ ମାମୁନି ଭୁଲିବାକୁ ଲାଗିଲା ତା ଜୀବନର ତିକ୍ତ ଇତିହାସଟିକୁ । ମାତ୍ର ଥରେ ହେଲେ ବି ସ୍ୱାମୀଙ୍କ ଆଗରେ ଖୋଲିକରି କହିପାରି ନଥିଲା ସେ ସବୁକୁ । ଶାଶୁଘରେ ମଧ୍ୟ ଦୁଇ ତିନିଥର ସେହିଭଳି ଅପ୍ରୀତିକର ପରିସ୍ଥିତିର ସାମନା କରିବାକୁ ପଡ଼ିଥିଲା । ମାତ୍ର ନା ତାକୁ ଆଶ୍ଚର୍ଯ୍ୟ ଲାଗିଥିଲା, ନା ତିଳେ ଦୁଃଖ । ନିଜର ମାନସିକ ଶାନ୍ତି ପାଇଁ ଧିରେ ଧିରେ ସେ ସବୁକୁ ସେ ଭୁଲିବା ଶିଖିଯାଇଥିଲା ସିନା, କାହା ଆଗରେ ପ୍ରକାଶ କରି ପାରିନଥିଲା ।

ଏତେ ବର୍ଷପରେ ଆଜି ଆସିଫାର ଫଟୋ ଦେଖି ତା ମନରେ ପୁଣି ସତେଜ ହୋଇଗଲା ପିଲାଦିନର ତିକ୍ତ ଅନୁଭୂତି ସବୁ । ଛୋଟ ଝିଅଟିର ଦୁର୍ଦ୍ଦଶାକୁ ନେଇ ଏତେ ବିସ୍ତାରିତ ବିବରଣୀ... ଏତେ ପ୍ରକାର ଯାଞ୍ଚ ରିପୋର୍ଟର ଟିକିନିଖି ଉପସ୍ଥାପନକୁ ପଢ଼ି ସେ ଭାବୁଥିଲା... ଝିଅଟି ମରି ଯାଇଛି, ଭଲ ହୋଇଛି । ଯଦି ସେ ବଞ୍ଚି ଥାଆନ୍ତା, ଯେଉଁ ଅଦୃଶ୍ୟ କ୍ଷତର କଷ୍ଟକୁ ନେଇ ସେ ସାରା ଜୀବନ ନିଜ ସାଙ୍ଗରେ ଯୁଦ୍ଧ କରିଥାଆନ୍ତା, ସେ କ୍ଷତର ନା ତିଳେ ଉପଶମ

Download Magazine from www.aahwaan.com

ଅଛି, ନା ତା'ର ଗଭୀରତାକୁ କଳିପାରିବା ଭଳି ଯନ୍ତ୍ରପାତି ଆଜି ପର୍ଯ୍ୟନ୍ତ କୌଣସି ଫୋରେନ୍ସିକ୍ ଲ୍ୟାବ୍‌ରେ ବ୍ୟବହାର ହୋଇଛି । ତା ଛଡ଼ା, ଦୁନିଆ କ'ଣ କିଛି ବି ଜାଣିପାରିଥାନ୍ତା ତା ବିଷୟରେ !

ଅନ୍ୟମନସ୍କତାରୁ ଫେରି ଆସୁ ଆସୁ ହଠାତ୍ ମାମୁନିର ଆଖି ପଡ଼ିଲା ତା ନିଜ ଝିଅ ଉପରେ । ଅଜଣା ଆଶଙ୍କାରେ ଥରି ଉଠିଲା ତାର ସମଗ୍ର ସତ୍ତା... ସରଳ ମୁହଁଟି ପଛରେ ସେ ବି ଚାପି ରଖିନି ତ ଏମିତି କିଛି ଅକୁହା ବେଦନାର କଥା ? ହେ ଭଗବାନ, ସେମିତି କେବେ ନ ହେଉ । କେବେ ବି ନ ହେଉ । ଓଃ... ଯନ୍ତ୍ରଣାରେ ତା ମୁଣ୍ଡଟା ଫାଟିଗଲା ପରି ଲାଗୁଥିଲା ।




Download Magazine from www.aahwaan.com

# ବନ୍ଧ୍ୟା



ପ୍ରତିଭା ପ୍ରିୟଦର୍ଶିନୀ

ବାର୍ଷିକ ପରୀକ୍ଷା ପାଖ, ତରବର ହୋଇ ସ୍କୁଲ ବାହାରିଥାଏ ମୀନା । ଡେରି ହେଲେ ଗୁରୁମାଙ୍କଠୁ ଗୋଟେ ଗାଳି ତଳେ ପଡିବନି । ସକାଳ ସମୟରେ ବଜାରରେ ବେଶ୍ ଭିଡ, ତେଣୁ ସେ ଭିତରୁ ସାଇକେଲ କାଢିନେବା ବହୁତ ସମୟ ନିଏ । ଜୋର ଜୋର ପେଡାଲ ମାରୁ ମାରୁ ଗୋଟାଏ ଚିତ୍କାର ଶୁଣି ଅଟକିଗଲା ଚଳମାନ ପାଦ । ସେ ଶବ୍ଦ ଯେତିକି ବିକଟାଳ ଥିଲା, ତା'ଠୁ ବିଭତ୍ସ ଥିଲା ସାମ୍ନାର ଦୃଶ୍ୟପଟ୍ଟ । ମୟୂରୀ ଅପାକୁ ତା ମେସ୍ ଭିତରୁ ଭିଡି ଆଣିଲେ ବିନୟ ଆଉ ତା ସାଥି । ବିନୟ ଗଳାଫଟେଇ ପଚାରୁ ଥାଏ, "କହ ମୋ ପ୍ରସ୍ତାବରେ ତୁ ରାଜି ।" ମୟୂରୀଅପା କାନ୍ଦୁଥାଏ ଏବଂ ନିଜକୁ ମୁକୁଳେଇ ଆଣିବାକୁ ଚେଷ୍ଟା କରୁଥାଏ । ହେଲେ ତା ଭଳି ନହୁଲି ତନୁପାତଳୀ ଝିଅ ତିନି ଜଣ ବଳିଷ୍ଠ ପୁରୁଷଙ୍କ ବଳ ଆଗରେ ହାର ମାନୁଥାଏ ବାରମ୍ବାର । ଏତିକିବେଳେ ବିନୟ ଗୋଟାଏ ବୋତଲ ଖୋଲି ଅଜାଡି ଦେଲା ମୟୂରୀ ଅପା ମୁହଁରେ । ଓଃ ! କି କରୁଣ ହୃଦୟ ବିଦାରକ ଆର୍ତ୍ତଚିତ୍କାର କରି ଭୂଇଁରେ ଲୋଟିଗଲା ମୟୂରୀଅପା । ଜଳିଗଲି, ପୋଡିଗଲି, ମରିଗଲି କହି ମାଟିରୁ ସାଉଁଟିବାକୁ ଚେଷ୍ଟା କରୁଥାଏ କାଣିଚାଏ ଆଶ୍ୱସ୍ତି । କାହାରିକୁ ଦୟା ଆସିଲା ନାହିଁ । ବରଂ ସେ ମେସ୍ ମାଲିକ ଓ ଆଖପାଖର କବାଟ ବନ୍ଦ ହୋଇଥିବା ସମସ୍ତ ଘର ଓ ଦୋକାନ ସବୁର ବଳକା ଦରଖୋଲା ଝରକା ତକ ବି ବନ୍ଦ ହୋଇଗଲା । କିନ୍ତୁ କୌଣସି ସରୁ ଫାଙ୍କ କିମ୍ବା କଣା ଦେଇ ଅନେକ ଦେଖୁଥିଲେ ଏ ଜଘନ୍ୟ ବିଭତ୍ସ ଦୃଶ୍ୟ । ମୟୂରୀ ଅପାର ସୁନ୍ଦର ମୁହଁଟା ମହମ ଭଳି ତରଳି ଯାଉଥାଏ ଯେମିତି । ଖଣ୍ଡ ଖଣ୍ଡ ଗଳି ପଡୁଥାଏ ମାଂସ । ସତେଜ ଫୁଲ ପରି ଛନଛନ ମୁହଁଟା

 Download Magazine from www.aahwaan.com

ସମ୍ପୂର୍ଣ୍ଣ ବିବର୍ଣ୍ଣ ବିକୃତ ହୋଇଗଲା ମାତ୍ର କେଇ ମିନିଟ ଭିତରେ । କେତେ ସମୟ ଛଟପଟ ହେବାପରେ ନିସ୍ତେଜ ହେଇଗଲା ଅପା । ଦଳବଳ ନେଇ ଫେରିଯିବା ଆଗରୁ ନିଜ ଦେଶୀ ବନ୍ଧୁକ ଫୁଟାଇ ଚେତାବନୀ ଦେଇଗଲା ବିନୟ, "କେହି କିଛି ଦେଖିନ । ଯଦି କେହି ମୁହଁ ଖୋଲିବ, ତା ମୁହଁରେ ଢାଳିଦେବି ଏମିତିଆ ଆଉ ଗୋଟେ ବୋତଲ ।"

ଭୟରେ ଥରୁଥାଏ ମୀନା । କ୍ୟାବିନ ପଛରୁ ସବୁ ଦେଖିଛି ସେ । ଇଚ୍ଛା ହେଉଛି ଧାଇଁଯିବ ଅପା ପାଖକୁ, ହେଲେ ପାଦ ଦୁଇଟା ପଥର ହେଇଯାଇଛି ଯେମିତି । ହଠାତ କାହା ସ୍ପର୍ଶ ପାଇ ଚମକି ପଡିଲା । ବାପା ! କିଛି ନ କହି କେବଳ ଘରକୁ ଫେରିଯିବା ପାଇଁ ନିର୍ଦ୍ଦେଶ ଦେଲେ । ହେଲେ ମୟୂରୀ ଅପା ! କେତେ ଭଲ ସିଏ । ସିଲେଇ ଶିକ୍ଷା କେନ୍ଦ୍ରରେ ଅପା ସହ ପରିଚୟ । ଅଭାବି ଘରର ଝିଅ । ହେଲେ ହୃଦୟରେ ଖୁବ ଧନୀ । ସେଇଥିପାଇଁ ବୋଉ ପୂଜାପର୍ବ ଦିନରେ ମୀନା ହାତରେ ପିଠାପଣା ପଠାଏ ମୟୂରୀ ପାଇଁ । ଏଇ ମେସ୍‌ରେ ରହି ପାଠପଢେ ଓ ସିଲାଇ ଶିଖାଏ । ବିନୟ ନଜର ପଡିଲା ଦିନୁ ଭାରି ହଇରାଣ କରେ । ଚଲେଇ ଦିଏନି ରାସ୍ତାରେ । ବିନୟ ଭଳି ଗୋଟେ ମୂର୍ଖ, ଟାଉଟର, ଗୁଣ୍ଡାକୁ ବାହା ହବାକୁ କିଏ ରାଜିହେବ, ହେଉପଛେ ତା ବାପା ସେ ଅଞ୍ଚଳର ବଡ ଠିକାଦାର ଆଉ ଆଗାମୀ ଦିନର ନେତା ।

ବାପଝିଅ ସାଇକେଲ ବୁଲେଇ କେଇପାଦ ଆଗକୁ ଯାଇଛନ୍ତି କି ନାହିଁ ପୋଲିସ କନେଷ୍ଟବଳ ଜଣେ ଆସି ଅଟକେଇଲେ । ବାକି କନେଷ୍ଟବଳ ମାନେ ସବୁ କବାଟ ବାଡେଇ ଲୋକଙ୍କୁ ବାହାରିବାକୁ ନିର୍ଦ୍ଦେଶ ଦେଉଥାନ୍ତି । ଧିରେ ଧିରେ କବାଟ ଖୋଲି ପୁରୁଷମାନେ ବାହାରିଲେ । ସ୍ତ୍ରୀଲୋକ ମାନେ ଏବେବି କବାଟ ଫାଙ୍କର ଦର୍ଶକ । ଏହା ଭିତରେ ଆମ୍ବୁଲାନ୍‌ସ ଆସି ମୟୂରୀ ଅପାକୁ ଡାକ୍ତରଖାନା ନେଇଗଲା । ଇନିସପେକ୍ଟର ପଚାରିଲେ,

 Download Magazine from www.aahwaan.com

“କ'ଣ ହେଇଥିଲା ? ଯିଏ ଯାହା ଦେଖିଛ କୁହ । ଦୋଷୀକୁ ଧରି କଠିନ ଦଣ୍ଡ ଦିଆଯିବ ।” କିଛି ସମୟ ଭିତରେ ଆଖିଦୃଶିଆ ଭିଡ ଜମା ହୋଇଯାଇଥିଲା । ସମସ୍ତେ କିଛି ଜାଣି ନଥିବା, ଦେଖି ନଥିବାର ସହଜ ଅଭିନୟ କରୁଥାନ୍ତି । ସତେକି ସମସ୍ତେ ସେ କାଣ୍ଡ ଘଟିବା ସମୟତକ ଧୃତରାଷ୍ଟ୍ର ପାଲଟି ଯାଇଥିଲେ । ପୋଲିସର ସେଇ ପ୍ରଶ୍ନ, କିଏ କରିଛି ଏ କାଣ୍ଡ, ଯାହା ଦେଖିଛ କୁହ । ଡରିବାର କିଛିନାହିଁ । ଦୋଷୀକୁ ଦଣ୍ଡ ମିଳିବ । ତଥାପି କେହି କିଛି କରିବାକୁ ନାରାଜ ।

ଏତିକିବେଳେ ମୀନା ପାଟିକରି କହିଲା, “ବିନୁ ଦାଦା କରିଛି ଏସବୁ । ସେ ନିଜେ ଢାଳିଦେଲା ଗୋଟେ ବୋତଲ ମୟୂରୀ ଅପା ଉପରେ ।” କିଛି କ୍ଷଣ ପାଇଁ ଗଣଗଣ ହେଉଥିବା ଗହଳି ନିରବ ହୋଇଗଲା । ଏ ଅପ୍ରତ୍ୟାଶିତ ଚାକ୍ଷୁଷ ପ୍ରମାଣ ଦେଖି ପୋଲିସ ବାବୁ ମୀନାକୁ ଡାକି କହିଲେ, “ଯାହା କହିଲ ଏଇନେ, ସେସବୁ ମୁଁ ତୁମ ବୟାନ ଭାବେ ଦରଜ କରିବି । ସେଥିରେ ଦସ୍ତଖତ କରିବ । ତୁମେ ସାବାଳିକା ହୋଇନାହଁ । ତୁମ ବାପାଙ୍କୁ ଡାକ ।” ସେତେବେଳକୁ ବାପାଙ୍କ ମୁହଁ ଶେତା ପଡିଯାଇଥାଏ । ଯେମିତି ମୟୂରୀ ନୁହେଁ, ମୀନା ମରଣ ମୁହଁରେ ଏବେ । ବାପା ପୋଲିସ ବାବୁଙ୍କ ପାଖରେ ହାତଯୋଡି ନେହୁରା ହେଲେ, “ଅଜ୍ଞାନ ଝିଅଟା, ବାଉଳାରେ କହି ଦେଇଛି । ତାକୁ ଏ ଭିତରେ ପୁରାନ୍ତୁନି ସାର୍ । ଝିଅଟା ମୋର ଭଲ ପାଠପଢୁଛି, ତା ଭବିଷ୍ୟତ ନଷ୍ଟ ହେଇଯିବ । ମୁଁ ସାଧାରଣ ପ୍ରାଇମେରୀ ସ୍କୁଲ ଶିକ୍ଷକଟିଏ । ସମ୍ପତ୍ତି କହିଲେ ଆତ୍ମସମ୍ମାନ ଟିକକ । ଏ ସବୁ କେସ୍ ଫୌଜଦାରୀରେ ଜଡିତ ହେଲେ ମୋ ସାରା ଜୀବନର ସଞ୍ଚିତ ପୁଞ୍ଜି ଏଇ ସମ୍ମାନତକ ମାଟି ହେଇଯିବ ।” ମୀନା ଏଇ ପ୍ରଥମଥର ବାପାଙ୍କୁ ଏତେ ଅସହାୟ ଦେଖୁଛି । ବାକି ଲୋକ ଫେରି ଗଲେଣି ନିଜ ନିଜ ସ୍ୱାଭାବିକ ଜୀବନ ଧାରାକୁ । ବାପାଙ୍କ କୌଣସି ଅନୁନୟର ପ୍ରଭାବ ପଡୁନଥିଲା ପୋଲିସ ବାବୁଙ୍କ

Download Magazine from www.aahwaan.com

ଉପରେ । ଏଇ ପ୍ରତ୍ୟକ୍ଷ୍ୟଦ୍ରଷ୍ଟା ପ୍ରମାଣକୁ ଥୋପ କରି ସଦାନନ୍ଦ (ବିନୟର ବାପା) ଠାରୁ ମୋଟା ଟଙ୍କା ଝଡେଇ ହେବ, ତା ପତିଆରା ଓ ପରିଚୟ ଠେସାବଳରେ ପ୍ରମୋସନ କିମ୍ବା ବଡ ସହରକୁ ବଦଳି ଭିତରୁ କିଛି ହାସଲ କରିହେବ । ତାଙ୍କଠୁ କୌଣସି ଦୃଢ ପ୍ରତିଶୃତି ନପାଇ ବାପଝିଅ ନିରାଶା ହୋଇ ଘରକୁ ଫେରିଲେ ପ୍ରାୟ ଅପରାହ୍ନ ବେଳକୁ ।

ଖବର ପହଞ୍ଚିଲା ବିନୟ ଘରେ । ତା ବାପା ସଦାନନ୍ଦର ପାଳିତ ଗୁଣ୍ଡାମାନେ ପ୍ରସ୍ତାବ ଦେଲେ, "ଥରେ ଖାଲି କୁହନ୍ତୁ ଭାଇନା, କାଲି ସକାଳୁ ସେ ଝିଅ ଶବ ଝୁଲୁଥିବ କୌଣସି ଗଛଡାଳରେ ।" ସଦାନନ୍ଦ ସେମାନଙ୍କୁ ଚୁପ୍ କରେଇଲା । ଅଟ୍ଟହାସ କରି କହିଲା, "ସେ ଝିଅଟା ବାଘୁଣୀଟାଏ । ତାକୁ ମୋ ବୋହୁ କରି ଆଣିବି । ମୋ ବଂଶକୁ ଏମିତି ବାଘୁଣୀଟେ ଠିକ ସାଜିବ । ଯା, ତା ବାପା, ସେ ସ୍କୁଲ ମାଷ୍ଟ୍ରକୁ ଡାକିକି ଆଣ ।" ମୀନା ବାପା ପ୍ରମୋଦବାବୁ ପ୍ରାଇମେରୀ ସ୍କୁଲ ଶିକ୍ଷକ ଆଉ ମା ଆଶା କର୍ମୀ । ୫ ପ୍ରାଣୀର ସଂସାର । ମୀନା ତଳେ ଉପରେ ଦୁଇ ପୁଅ । ସାଧାରଣ ନିମ୍ନ ମଧ୍ୟବିତ୍ତ ପରିବାର । ପ୍ରମୋଦ ବାବୁଙ୍କୁ ସଞ୍ଜ ବେଳକୁ ହାଜର କରାଗଲା ସଦାନନ୍ଦ ପାଖରେ । କାକୁସ୍ଥ ପ୍ରମୋଦବାବୁ ଜୁପକାଠର ପଶୁଟିଏ ଭଳି ଠିଆ ହୋଇଥାନ୍ତି । ସଦାନନ୍ଦ ଆରମ୍ଭ କଲା, "ଶୁଣିଲି ତମ ଝିଅକୁ ପୋଲିସ ବାଧ୍ୟ କରୁଛି ବୟାନ ଦେବାକୁ । ସେ ଥାନାବାଲା ଏଇ ମୌକାରେ ମୋ'ଠୁ କିଛି ଫାଇଦା ହାସଲ କରିବା ଲକ୍ଷ୍ୟରେ ଅଛନ୍ତି । ତମେ ବ୍ୟସ୍ତ ହୁଅନି ମାଷ୍ଟ୍ରେ । ମୋ ପ୍ରସ୍ତାବରେ ରାଜି ହେଲେ ଦୁହିଁଙ୍କ ଲାଭ । ମୋ ନାଁ ପଡିବନି କି ତୁମ ଝିଅ ନାଁ ଏଥିରେ ରହିବନି । ବାକି ତମ ଝିଅ ଭାଗ୍ୟ ଫିଟିଯିବ, ସେ ଲାଭ ଉପୁରି ।" ପ୍ରମୋଦ ବାବୁ କିଛି ବୁଝିପାରୁ ନଥାନ୍ତି, କିନ୍ତୁ ଭିତରର ନାଚାର ପିତା ଶୁଣିବା ଆଗରୁ ସବୁ ପ୍ରସ୍ତାବରେ ରାଜି ବୋଲି ସମ୍ମତି ଜଣାଇଦେଲେ ଝିଅ ନାଁ କେସ୍‌ରୁ ହଟିଯିବ ବୋଲି । ସଦାନନ୍ଦ ତାଙ୍କୁ ଅଟକେଇ ଏଥର ନିଜ ସର୍ତ୍ତ ଶୁଣେଇଲା, "ତମ

Download Magazine from www.aahwaan.com

ଝିଅକୁ ମୁଁ ବୋହୂ କରିବି । ହଁ, ଜାଣିଛି ସେ ସାବାଳିକା ହେଇନି । ଆମେ ଅପେକ୍ଷା କରିବୁ ପାଞ୍ଚବର୍ଷ । ତୁମେ ଏଇଠି ହାତକାଟି ଲେଖିଦେଇଯା ଏ ପ୍ରସ୍ତାବରେ ରାଜି ବୋଲି । ତା' ପରଠୁ ତୁମ ପରିବାରର ଭଲମନ୍ଦ ଦାୟିତ୍ୱ ମୋର ।" ହଁ, କରିବା ଯୋଉଠି ଏକମାତ୍ର ବିକଳ୍ପ, ସେଠି ସେଇଆ କରି ଘରକୁ ଫେରିଲେ ପ୍ରମୋଦ ବାବୁ ।

ସମୟ ତା ନିୟମିତ ଗତିନେଇ ଗଡି ଚାଲିଥାଏ । ମୀନା ସ୍କୁଲରୁ ବାହାରି କଲେଜରେ ପାଠ ପଢିଲାଣି । ସଦାନନ୍ଦ ଏ ଭିତରେ ବଡ ନେତାଟିଏ ହୋଇଗଲାଣି । ଏ ଅଞ୍ଚଳରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଧାୟକ ହୋଇଛି । ତା ପଇସା, ପ୍ରତିପତ୍ତି, ପତିଆରା ଆଉ ବାହୁବଳ ଯୋଗୁଁ ଶାସକ ଦଳିଆଙ୍କ ନିକଟତର ହେଇଛି । ତାକୁ ନିଜ ଦଳରେ ମିଶାଇବାକୁ ଶାସକ ଦଳ ତାକୁ ଥୋପରେ କିଛି କିଛି ଦେଉଛନ୍ତି । ଏଇ ଯେମିତି ଗାଁ ପ୍ରାଇମେରୀ ସ୍କୁଲକୁ ଅପର ପ୍ରାଇମେରୀ ଗ୍ରାଣ୍ଟ ମିଳିବା, ମୀନା ବାପା ସେଇଠି ପ୍ରଧାନଶିକ୍ଷକ ହେବା, ସ୍କୁଲ ଓ ସ୍ୱାସ୍ଥ୍ୟକେନ୍ଦ୍ରର ନୁଆ କୋଠା (ତିଆରି ହେଇଛି ବିନୁ କଣ୍ଟ୍ରାକ୍ଟର ହାତରେ) ଇତ୍ୟାଦି । ଛୋଟିଆ ଅଞ୍ଚଳଟି ଏ ଭିତରେ କ୍ଷୁଦ୍ର ସହର ଭଳି ଭେକ ପଇସାରିଛି । ବଦଳିନି ଯାହା କେବଳ ମୀନାକୁ ବୋହୂ କରିବା ପାଇଁ ସଦାନନ୍ଦର ସର୍ତ୍ତ ଓ ସେଥିକୁ ପ୍ରମୋଦବାବୁଙ୍କ ସମ୍ମତି । ସ୍ୱାସ୍ଥ୍ୟକେନ୍ଦ୍ର ନୁଆ କୋଠାଘର ଉଦ୍‌ଘାଟନ ପାଇଁ ଖୋଦ ସ୍ୱାସ୍ଥ୍ୟମନ୍ତ୍ରୀ ଆସିଥିଲେ । ନିଜ ପତିଆରା ବଢାଇବାକୁ ମଞ୍ଚରୁ ଘୋଷଣା ହେଲା ଯେ ସହରର ବିଶେଷଜ୍ଞ ଡାକ୍ତରୀ ଦଳ ଆସି ସେଠାରେ ଏକ ତିନି ଦିନିଆ ପରିବାର ନିୟୋଜନ ଶିବିର ଆୟୋଜନ କରିବେ ।

ସେଦିନ ସଞ୍ଜବେଳେ ସଦାନନ୍ଦ ଲୋକ ଆସି କହିଗଲେ ଶିବିର ସରିବାର ୨ ଦିନ ପରେ ହେବ ମୀନା ଓ ବିନୟର ବାହାଘର । ମଝିରେ ମାତ୍ର ଦୁଇ ସପ୍ତାହ । ତେବେ ଭୋଜିଠୁ ବେଦୀ ପର୍ଯ୍ୟନ୍ତ ସବୁ ପ୍ରସ୍ତୁତି ଦାୟିତ୍ୱ ସଦାନନ୍ଦର । ମୀନା ମନ ଦବିଗଲା । ପାଠପଢା

Download Magazine from www.aahwaan.com

ମଝିରେ ମାତ୍ର ୧୯ବର୍ଷରେ ବାହାଘର, ତାହା ପୁଣି ବିନୁ ଦାଦା ଭଳି ଗୋଟେ ନୃଶଂସ ଅପରାଧୀ ସହିତ । ମୟୂରୀ ଅପାର ସେ ମୁହଁ ଆସିଯାଉଥାଏ ସାମ୍ନାକୁ ।

ନିର୍ଦ୍ଧାରିତ ତିଥିରେ ଶିବିର ଆରମ୍ଭ ହେଲା । ପ୍ରଥମ ଦିନ କେହି ବି ଗଲେନି । ସହରରୁ ଆସିଥିବା ଡାକ୍ତରି ଦଳ ସାରାଦିନ ବସି ବସି ମଶା ବାଡେଇଲେ ଯାହା । କିଛି ଲୋକଙ୍କ ଅପରେସନ ନହେଲେ ସଦାନନ୍ଦର ଆଧି କମିଯିବ । ମୀନା ବୋଉଙ୍କୁ ଦାୟିତ୍ୱ ଦିଆଗଲା ବୁଝାସୁଝା କରି ଲୋକଙ୍କୁ ଆଣିବା ପାଇଁ । ସେ ମଧ୍ୟ ଦିନ ଅଧାରୁ ବାହାରିଗଲେ ଆଉ ବିଳମ୍ବିତ ରାତିଯାଏଁ ବୁଲି ବୁଲି ଖୁବ ବୁଝାଇଲେ ସ୍ଥାନୀୟ ଲୋକଙ୍କୁ । ପରିଣାମ ସ୍ୱରୂପ, ପରଦିନ ବେଶ୍ କିଛି ସ୍ତ୍ରୀ ଲୋକ ପହଞ୍ଚିଲେ । ଡାକ୍ତର ମାନେ କାମରେ ଲାଗିଲେ, ଶିବିର ଉଦ୍ଦେଶ୍ୟ କିଛି ମାତ୍ରାରେ ସଫଳ ହେଲା । ଆଉ ଗୋଟାଏ ଦିନ ବାକି । ଦ୍ୱିତୀୟ ଦିନର ସଫଳତା ଶିବିର ଆୟୋଜକଙ୍କୁ ଉତ୍ସାହିତ କରିଥାଏ, ତେଣୁ ଅନ୍ତିମ ଦିନ ପାଇଁ ଆଶା ବଢି ଥାଏ ।

ଶେଷଦିନ ଅପରାହ୍ଣ ସୁଦ୍ଧା ଆସିଥିଲେ ମାତ୍ର ୩ ଜଣ । ଆଉ କେହି ଆସିବାର ସମ୍ଭାବନା କ୍ଷୀଣ । ତଥାପି ୫ଟା ଯାଏଁ ବସିବାକୁ ହେବ ଔପଚାରିକତା ପାଇଁ । ପ୍ରାୟ ୩.୩୦ ବେଳକୁ ମୁହଁ ଘୋଡାଇ ସ୍ୱଳ୍ପବୟସ୍କା ମହିଳା ଜଣେ ପହଞ୍ଚିଲେ । ବନ୍ଧ୍ୟାକରଣ କରାଇବାକୁ ଚାହାନ୍ତି ବୋଲି ଜଣାଇଲେ । ରେଜିଷ୍ଟରରେ ନାଁ ଲେଖାଇଲେ 'ଅନାମିକା', ବୟସ ୧୯ବର୍ଷ । ସ୍ୱାମୀ ନାଁ ପଚାରିବା ପରେ ତା' ଉତ୍ତର ଶୁଣି ସମସ୍ତେ ସ୍ତବ୍ଧ ହେଲେ । ଝିଅଟି କହିଲା, "ମୁଁ ଅବିବାହିତା, କିଛିଦିନ ପରେ ବାହାଘର । ମୋ ପରିଚୟ ଗୋପନ ରଖିବାକୁ ଚାହେଁ, ନଚେତ ମୋ ପାଇଁ ଓ ମୋ ପରିବାର ପାଇଁ ବଡ ଅସୁବିଧା ସୃଷ୍ଟି ହେବ ।" ସମସ୍ତେ ଚକିତ ହେଉଥିବା ବେଳେ ବୟସ୍କା ଡାକ୍ତରାଣୀ ତାକୁ ଏକାନ୍ତକୁ ନେଇ ବୁଝାଇଲେ, "ମା, ଏତେ ଅଳ୍ପ ବୟସ, ପୁଣି

Download Magazine from www.aahwaan.com

କିଛିଦିନରେ ବାହାଘର । ସାରା ଜୀବନ ପଡିଛି ତୋ ସାମ୍ନାରେ । ଏ ନିଷ୍ପତ୍ତି ସ୍ୱାସ୍ଥ୍ୟ ଦୃଷ୍ଟିରୁ ବି ଭଲନୁହେଁ ତୋ ପାଇଁ ।” କୋହ ସମ୍ଭାଳି ଝିଅଟି ଉତ୍ତର ଦେଲା, “ମାଡାମ୍, ମୁଁ ଆଶାଦିଦିଙ୍କ ଝିଅ ମୀନାକ୍ଷୀ । ସମସ୍ତେ ମୀନା ବୋଲି ଜାଣନ୍ତି । ୨ ଦିନ ପରେ ବିଧାୟକ ସଦାନନ୍ଦଙ୍କ ପୁଅ ବିନୟ କଣ୍ଟ୍ରାକ୍ଟର ସହିତ ମୋ ବାହାଘର । ୫ବର୍ଷ ତଳେ ବିନୟ ଘଟାଇଥିବା ଗୋଟେ ଜଘନ୍ୟ କାଣ୍ଡରେ ସମସ୍ତ ଦର୍ଶକ ମୁକ ବଧିର ହେବାର ଅଭିନୟ କରିଥିବା ବେଳେ ମୁଁ ମୁହଁଖୋଲି ସାକ୍ଷ ଦେବାକୁ ସାହସ କରିଥିଲି । ସାକ୍ଷ ଦେବା ନୋହିଲା, କିନ୍ତୁ ସାହସର ଫଳସ୍ୱରୂପ ସଦାନନ୍ଦ ମୋତେ ବାଛିନେଲେ ତାଙ୍କ ବଂଶକୁ ସାହସୀ ଉତ୍ତରାଧିକାରୀ ଦେବାପାଇଁ । କାଲିକୁ ମୋ ସନ୍ତାନ ଆଉଗୋଟେ ସଦାନନ୍ଦ ବା ବିନୟ ଭଳି ଚରିତ୍ରଟିଏ ନହେବ ବୋଲି କି ଗ୍ୟାରେଣ୍ଟି ଅଛି ? ବରଂ ଏ ବଂଶ ଏଇଠି ସମାପ୍ତ ହେବା ସମାଜ ପାଇଁ ମଙ୍ଗଳକାରୀ ହେବ । ଗାନ୍ଧାରୀ ହେବା ଅପେକ୍ଷା ବନ୍ଧ୍ୟା ହେବା ମୋ ଲାଗି ବେଶୀ ଶ୍ରେୟସ୍କର, ନୁହେଁକି ? ? ? ଏ ଉପାୟ ସେ ବାପପୁଅଙ୍କୁ ଉଚିତ ଦଣ୍ଡ ହେବ । କେବଳ ଯଦି ଆପଣ ସହଯୋଗ କରିବେ ।” ଏଇ ସାହସ ଓ ଦମ୍ଭଦେଖି ଡାକ୍ତର ବି ପ୍ରଭାବିତ ହେଲେ । ଟିମ୍ କୁ ଅପରେସନ ପାଇଁ ପ୍ରସ୍ତୁତ ହେବାପାଇଁ କହିଲେ ଏବଂ ଝିଅଟିର ଅଦମ୍ୟ ଇଚ୍ଛାଶକ୍ତିକୁ ସାଲ୍ୟୁଟ କରି ପରିଚୟ ଗୁପ୍ତ ରଖିବା ପ୍ରତିଶ୍ରୁତି ସହ ମୀନାକୁ ଧରି ଅପରେସନ ଟେବୁଲ୍ ଆଡକୁ ଅଗ୍ରସର ହେଲେ ।

ଲିଙ୍କ୍ ରୋଡ଼, କଟକ, ଓଡ଼ିଶା

Download Magazine from www.aahwaan.com

# ଆଭାସ ଗଳ୍ପ



ରାଧାକାନ୍ତ ଦାଶ

ଗୋଟେ ରାଜ୍ୟରେ ରାଜା ବିଷ୍ଣୁ ଉପାସକ ଥିଲେ । ସେ ତାଙ୍କ ରାଜଧାନୀରେ ଗୋଟେ ସୁଦୃଶ ବିଷ୍ଣୁମନ୍ଦିର କରିବେ ବୋଲି ମନେ ମନେ ସ୍ଥିର କଲେ । ମନ୍ଦିର ନିର୍ମିତ ଉପଯୁକ୍ତ ସ୍ଥାନ ବଛାଗଲା । ମନ୍ଦିର ନିର୍ମାଣ ଆରମ୍ଭ ହେଲା । କେତେ ଶିଳ୍ପୀ ଦିନରାତି ଏକ କରି ମୁଣ୍ଡଝାଳ ତୁଣ୍ଡରେ ମାରି ମନ୍ଦିର ନିର୍ମାଣ କରିଲେ । ମନ୍ଦିର ନିର୍ମାଣର ଅନ୍ତିମ ପର୍ଯ୍ୟାୟରେ ଜଣେ ସାଧୁ ସେଠାରେ ପହଁଚିଲେ । ସେ ରାଜାଙ୍କ ସହିତ ମନ୍ଦିରରେ ପ୍ରତିମା ସ୍ଥାପନା ପାଇଁ କଥାବାର୍ତ୍ତା ହେଲେ । ସାଧୁଙ୍କ କହିବା ଅନୁଯାୟୀ ଏକ ବୃଦ୍ଧଶିଳ୍ପୀ ହିଁ ପ୍ରତିମା ଗଠନ କରିବେ । ଜଣେ ବୃଦ୍ଧଶିଳ୍ପୀଙ୍କୁ ରାଜାଙ୍କ ପାଖକୁ ଡକାଗଲା । ସାଧୁ କହିଲେ, “ବିଷ୍ଣୁଙ୍କ ପ୍ରତିମା ଯେଉଁ ଶିଳାରେ ହେବ ତାହା କୌଣସି ଜଙ୍ଗଲ ମଧ୍ୟରେ ଥିବା ଦରକାର ।” ସାଧୁଙ୍କ ଆଦେଶକୁ ମାନି ରାଜା କିଛି ସୈନ୍ୟ ଓ ସେ ବୃଦ୍ଧ ଶିଳ୍ପୀଙ୍କୁ ଜଙ୍ଗଲକୁ ପଠେଇଲେ ।

ଶିଳ୍ପୀ ବହୁତ ଜଙ୍ଗଲ ବୁଲିଲେ ହେଲେ ବିଷ୍ଣୁମୂର୍ତ୍ତୀ କରିବା ପାଇଁ ଉପଯୁକ୍ତ ଶିଳା ପାଇଲେ ନାହିଁ । ଶେଷରେ ଗୋଟେ ତାଙ୍କୁ ମିଳିଲା । ଯେତେବେଳେ ସେ ବୃଦ୍ଧ ସେ ଶିଳା ପାଖକୁ ଯାଇ ଶିଳାକୁ ଭଲ ଭାବେ ଦେଖିଲେ, ଶିଳାଟି ବହୁତ ସୁନ୍ଦର ଅଛି ମୂର୍ତ୍ତୀ ପାଇଁ ଉପଯୁକ୍ତ । ସେ ସେଠାରେ କାମ କରିବା ପାଇଁ ମନସ୍ଥ କଲେ । ସୈନ୍ୟ ମାନଙ୍କ ଠାରୁ ସାହାଯ୍ୟ ନେଇ ସେଠାରେ ଏକ ଅସ୍ଥାୟୀ ଶିଳ୍ପୀ ଶିବିର ନିର୍ମିତ ହେଲା । ବୃଦ୍ଧ ଶିଳ୍ପୀ ଜଣକ ଯେତେବେଳେ ଶିଳାରେ ଭଗବାନ ବିଷ୍ଣୁଙ୍କ ଚିତ୍ର ଅଙ୍କନ କରି ନିହଣରେ ସେ ଶିଳାକୁ ଖୋଳିବାକୁ ଲାଗିଲେ । ନିହଣର ପ୍ରଥମ ପ୍ରହାର ପରେ ସେ ଶିଳାରୁ ଉତ୍ତର ଆସିଲା, “ରହିଯାଅ ! ମୋତେ ହାଣ ନାହିଁ ।” ଶିଳାର ଉତ୍ତରରେ ବୃଦ୍ଧ ଶିଳ୍ପୀ ରହିଗଲେ । ଶିଳା କହିଲେ, “ମୁଁ ତୁମ ନିହଣର କଷ୍ଟ ସହ୍ୟ କରିପାରିବି ନାହିଁ । ତୁମେ ମୋତେ ଛାଡିଦିଅ, ଏ

Download Magazine from www.aahwaan.com

ଜଙ୍ଗଲରେ ଆହୁରି ଅନେକ ଶିଳା ଅଛି । ତୁମେ ସେଥିରେ ବିଷ୍ଣୁଙ୍କ ପ୍ରତିମା କରିପାର ।”

ଶିଳାର ଏପରି କଥାରେ ଶିଳ୍ପୀ କାମ ବନ୍ଦ କରିଦେଲେ । ରାଜାଙ୍କ ପାଖକୁ ଖବର ପଠଗଲା । ରାଜା ଓ ସାଧୁ ଉଭୟ ନିର୍ଣ୍ଣୟ କଲେ ଯେ ଆମେ ସେ ଶିଳାକୁ ପରିତ୍ୟାଗ କରି ନୂତନ ଶିଳାରେ ପ୍ରତିମା ନିର୍ମିତ କରିବା । ଶେଷରେ ତାହାହିଁ ହେଲା । ଆଉ ଏକ ଶିଳାସନ୍ଧାନ କରାଯାଇ ସେଥିରେ ବିଷ୍ଣୁ ପ୍ରତିମା ନିର୍ମିତ କରାଗଲା । ମନ୍ଦିରରେ ପ୍ରତିମା ସ୍ଥାପନା କରାଗଲା । ରାଜ୍ୟର ବହୁତ ଲୋକ ମନ୍ଦିରକୁ ଆସିଲେ । ସେମାନେ ଆଣିଥିବା ନଡିଆକୁ ବାଡେଇ ଭାଙ୍ଗିବା ପାଇଁ ଆଉ ଏକ ଶିଳାର ଆବଶ୍ୟକତା ପଡ଼ିଲା । ରାଜାଙ୍କ ଆଦେଶରେ ସୈନ୍ୟମାନେ ପ୍ରଥମେ ସନ୍ଧାନ ପାଇଥିବା ଶିଳାକୁ ଆଣିଲେ । ଯେଉଁ ଶିଳା କି କହିଥିଲା, ମୋତେ ହାଣ ନାହିଁ, ମୁଁ ନିହଣ କଷ୍ଟ ସହ୍ୟ କରିପାରିବି ନାହିଁ । ତା'କୁ ବିଷ୍ଣୁ ପ୍ରତିମାଙ୍କ ଆଗରେ ରଖାଗଲା । ସବୁଦିନ ପୂଜକ ପୂଜା ପାଇଁ ଆସିଥିବା ନଡିଆକୁ ସେଇ ଶିଳାରେ ହିଁ ବାଡେଇ ଭାଙ୍ଗନ୍ତି ।

ସେ ଶିଳା ଏବେ ଭାବିଲା ଯଦି ମୁଁ ସେ ନିହଣର କଷ୍ଟ ସହ୍ୟ କରିଥାନ୍ତି, ତେବେ ମୁଁ ବିଷ୍ଣୁଙ୍କର ପ୍ରତିମା ହୋଇଥାନ୍ତି । ଆଉ ପୂଜ୍ୟ ହୋଇ ପାରିଥାନ୍ତି, କିନ୍ତୁ ମୁଁ ସେମିତି କଲି ନାହିଁ ସେଥିପାଇଁ ସବୁଦିନ କଷ୍ଟ ସହ୍ୟ କରିବାକୁ ପଡୁଛି ।

ଯଦି ଆପଣଙ୍କ ଜୀବନରେ କିଛି କଷ୍ଟ, ଦୁଃଖ ଓ ଯନ୍ତ୍ରଣା ଆସୁଛି ତେବେ ଦ୍ୱିତୀୟ ଶିଳା ଭଳି ସହିଯାଆନ୍ତୁ । ନଚେତ ପ୍ରଥମ ଶିଳା ଭଳି ସବୁଦିନ କଷ୍ଟ ପାଉଥିବେ । ଅତୀତରେ ଭଗବାନଙ୍କୁ ମଧ୍ୟ କଷ୍ଟ ସହିବାକୁ ପଡିଛି । ଯେମିତି ରାତ୍ରିର ଘୋର ଅନ୍ଧାରରେ ପରେ, ଦିନର ପ୍ରଜ୍ୱଳ ଆଲୋକ ଥାଏ, ସେଇପରି ଜୀବନରେ ଦୁଃଖ ପରେ ସୁଖ ଥାଏ । ଏହା ହିଁ ସୃଷ୍ଟିର ନିୟମ । ଏହାହିଁ ଉପରୋକ୍ତ କାହାଣୀର ଅନ୍ତର୍ନିହିତ ବାଣୀ ।

ରତନପୁର ଶାସନ, କୁହୁଡ଼ି, ଖୋର୍ଦ୍ଧା, ଓଡିଶା ୭୫୨୦୨୭

ଇମେଲ - rkdash1996@gmail. com, ଭ୍ରାମ୍ୟଭାଷ - ୮୯୦୮୮୫୯୭୯୭

Download Magazine from www.aahwaan.com

# ଶୂନ୍ୟସ୍ଥାନ



ଲିନାରାଣୀ ଧଳ ମଙ୍ଗରାଜ

ପୁଣି ବସନ୍ତ ଆସିଛି । ଆମ୍ବଗଛରେ ବଉଳର ବାସ୍ନା ଚତୁର୍ଦ୍ଦିଗକୁ ମହକାଇ ଦେଇ ଆଶ୍ୱାସନାର ବାର୍ତ୍ତା ନେଇ ଆସିଛି ସଂଜୀବନୀ ପାଖକୁ । ତମ ଇଚ୍ଛା ଅନିଚ୍ଛା ସବୁର ଊର୍ଦ୍ଧ୍ୱରେ ସମୟ । ସମୟ ଆସିଲେ ପୁଣି ଶୁଖିଯାଇଥିବା ଗଛରେ ନୂଆ ନୂଆ ପତ୍ର କଅଁଳି ଗଛକୁ ସବୁଜିମା କରିବା ସହିତ ଫୁଲ ଫଳରେ ପରିପୂର୍ଣ୍ଣ କରିଦେବ । କୋଇଲି ମଝିରେ ମଝିରେ ତା ସୁଲଳିତ କଣ୍ଠରେ ପତ୍ରଝଡ଼ା ଜୀବନରେ ସୁମଧୁର ସଙ୍ଗୀତର ମୂର୍ଚ୍ଛନା ଦ୍ୱାରା ସତେକି ନୂତନ ପତ୍ରର ସମ୍ଭାରଣ ସୃଷ୍ଟି କରୁଛି । ବିମାନରେ ଝୁଲି ଝୁଲି ରାଧାମୋହନ ଘରକୁ ଘର ଆସିଲେଣି ଭୋଗ ଖାଇବାକୁ ।

ଆଜି ରାଧାମୋହନ ଆସିବେ ଆମ ଘରକୁ । ଗାଁରେ ସବୁଘର ବୁଲି ଆସିବା ପରେ ଆଜି ସକାଳୁ ରାତିପର୍ଯ୍ୟନ୍ତ ଆମ ଦାଣ୍ଡରେ ତାଙ୍କ ପୂଜା ହେବ । ତା'ପରେ ଯାଇ ମେଳଣ ପଡ଼ିଆରେ ତୋରଣ ସହିତ ରଙ୍ଗବେରଙ୍ଗ ଚାନ୍ଦୁଆରେ ସଜା ହୋଇ ପରିବେଶ ଆହୁରି ଭକ୍ତିମୟ, ଭାବମୟ ବିହ୍ୱଳ କରି ଦେଉଥିଲା । ଝୁଣା, ଅଗରୁ, ଧୂପ, ଦୀପ, କର୍ପୁର, ତୁଳସୀର ବାସ୍ନା ନିଜକୁ ରାଧାମୋହନଙ୍କ ପାଖରେ ସମର୍ପିତ ହେବାକୁ ଉତ୍ସାହିତ କରୁଥିଲା ।

ଘରେ ଝିଅବୋହୂ, ବନ୍ଧୁବାନ୍ଧବଙ୍କ ସମାହାର । ବାହା ହୋଇଥିବା ଝିଅ, ଦୂରରେ ରହୁଥିବା ପୁଅବୋହୂ ସମସ୍ତେ ଏହି ଦୋଳଯାତ୍ରାରେ ଘରକୁ ଆସିବା ନିଶ୍ଚିତ । ଏଇଟା ବୁଢ଼ୀ ମା'ର ଆଦେଶ ହେଉ ଅଥବା ରାଧାମୋହନଙ୍କ ଭକ୍ତିଭାବ ସହିତ ପିଲାବେଳୁ ସମସ୍ତଙ୍କର ଆକର୍ଷିତ ହେବାର ନିଆରାପଣ । ବର୍ଷରେ ଥରେ ସମସ୍ତଙ୍କ ସହିତ ଦେଖା ସାକ୍ଷାତ, କିଛି ସମୟ ଏକତ୍ରିତ ଭାବେ ବିତାଉଥିବା ସମୟକୁ କେହି ଯେମିତି ହାତଛଡ଼ା କରିବାକୁ ଚାହାନ୍ତିନି ।

 Download Magazine from www.aahwaan.com

ଏହି ସମୟରେ ଭାଇଙ୍କ ବଡ଼ଝିଅ ଆନି କିଛି ମେହେନ୍ଦୀ ଧରି ଆସିଗଲା । ସମସ୍ତଙ୍କ ହାତରେ ମେହେନ୍ଦୀ ଲଗେଇବା ତା'ର ଗୋଟିଏ ପୁରୁଣା ଅଭ୍ୟାସ । ବହୁତ ସୁନ୍ଦର ଭାବେ ସେ ବିଭିନ୍ନ ଆକାରର ଆଙ୍କିପାରେ, ଯେମିତି ସେ କୁଶଳୀ ବା ଦକ୍ଷ କାରିଗରଟିଏ ଏହି ବିଦ୍ୟାରେ । ନିଜ ହାତରେ କରେ, ଅନ୍ୟମାନଙ୍କ ହାତକୁ ଭିଡ଼ି ନେଇ କରିଦିଏ । ଏବେ ତ ବାହାଘର, ବ୍ରତଘର, ଯେକୌଣସି ଉତ୍ସବ ହେଲେ ମେହେନ୍ଦୀ କରିବାଟା ଯେମିତି ଆମ ପରମ୍ପରା ସହିତ ଜଡ଼ିତ ହୋଇଗଲାଣି । ସତ କହିବାକୁ ଗଲେ ଏଇ ମେହେନ୍ଦୀ ଲଗେଇବାକୁ ସବୁ ଝିଅବୋହୁଙ୍କର ଲୋଭ ଥାଏ । ସୁଯୋଗ ମିଳିଲେ ଟିକେ ବି ହାତଛଡ଼ା କରିନଥାନ୍ତି ।

ଜଣଙ୍କ ପରେ ଜଣେ ହାତ ବଢ଼ାଇ ଦେଉଥିଲେ ମେହେନ୍ଦୀ କରିବାକୁ । ସମସ୍ତେ ପ୍ରାୟ ନିଜ ହାତରେ ଗୋଟିଏ ଗୋଟିଏ ଅକ୍ଷର ଲେଖିବାକୁ ଭୁଲୁନଥାନ୍ତି । ନିଜର ମନର ମଣିଷର ନାଁ, ସତେ ଯେମିତି ନିଜ ମନର ମଣିଷର ନାଁ କୁ ସେଇଠି ଲେଖିଦେଲେ ତାଙ୍କ ଜୀବନ ସହ ଆହୁରି ନିବିଡ଼ ଭାବେ ଯୋଡ଼ି ହୋଇଯିବ । ସମସ୍ତଙ୍କର ସରିବା ପରେ ସଂଜୀବନୀ ହାତରେ ମେହେନ୍ଦୀ ଲଗେଇବା ଆରମ୍ଭ କରିଦେଲା ଆନି । ସବୁ ଆଙ୍କି ସାରିବାପରେ ଏ ପର୍ଯ୍ୟନ୍ତ ସମାଜର ଆଦବକାଏଦା ଉପରେ ସମ୍ପୂର୍ଣ୍ଣ ଅନଭିଜ୍ଞ ଆନି ପଚାରିଲା ଅପା କେଉଁ ନାଁ ଲେଖିବି । ଏ ପ୍ରଶ୍ନର ଉତ୍ତର ପାଇଁ ପ୍ରସ୍ତୁତ ନଥିବା ସଂଜୀବନୀ ହଠାତ୍ ଚମକି ଉଠିଲା । କେଉଁ ଅକ୍ଷର କହିବ ? ତାର ଯେ ଏ ପର୍ଯ୍ୟନ୍ତ ସେ ଯାଗା ଶୂନ୍ୟସ୍ଥାନ ହୋଇ ରହିଛି ।

ସାମଞ୍ଜସ୍ୟ କଣ ! ରାଧାମୋହନଙ୍କ ଆଡ଼କୁ ସେ ଅନେଇଲା । ସେ କଣ ରାଧା, ମୀରା ନା ରୁକ୍ମିଣୀ ହେବାର ଅପେକ୍ଷାରେ ? ମୀରା ତ ହୋଇ ସାରିଛି । ରାଧା ହେବାକୁ ସଂକୋଚ କରିଛି କେବେ ପରିବାର ଭୟରେ ତ କେବେ ସମାଜ ଭୟରେ । କିନ୍ତୁ ରୁକ୍ମିଣୀ ହେବାକୁ ତ ଅର୍ଣ୍ଣବଙ୍କର ସମ୍ପୂର୍ଣ୍ଣ ସ୍ୱୀକାରୋକ୍ତିକୁ ଅପେକ୍ଷା କରିବାକୁ ପଡ଼ିବ । ତା'ର ଶୂନ୍ୟସ୍ଥାନ ସେହି ପୂରଣ କରିପାରିବ ।

ମାର୍ଫତ : ଶ୍ରୀ ଏଲ୍. କେ. ମଙ୍ଗରାଜ
ୟୁନିଟ୍ - ୮, ଶତାବ୍ଦୀନଗର, ଭୁବନେଶ୍ୱର, ଓଡ଼ିଶା

Download Magazine from www.aahwaan.com

# ତେଜସ୍ୱିନୀ



ସୁଷମା ପରିଜା

ଅଫିସରୁ ନାଇଟ୍ ସିଫ୍ଟ ସାରି ଘରକୁ ଫେରୁଥିଲା ତେଜସ୍ୱିନୀ । ହାତଘଣ୍ଟାକୁ ଚାହିଁଲା, ରାତି ଗୋଟାଏ ବାଜିବାକୁ ଆଉ ପନ୍ଦର ମିନିଟ୍ ବାକି । ନିଜ ସ୍କୁଟିର ସ୍ପିଡ୍ ବଢାଇ ଦେଲା ସେ । ଘର ଆଉ ମାତ୍ର ତିନି କିଲୋମିଟର ଦୂର । କେତୋଟି ମିନିଟରେ ପାର୍ ହୋଇଯିବ ସେତକ ରାସ୍ତା । ରାସ୍ତାରେ ଲୋକମାନଙ୍କ ଭିଡ, ଗାଡି ମଟର ପେଁ ପାଁ କରି ଉଡି ଯାଉଛନ୍ତି । ବିଶାଖାପାଟଣାରେ ଏଇଟା ଅତି ସାଧାରଣ କଥା । ଯିଏ ଯାହା କମରେ ଲାଗିଥାନ୍ତି, କେହି କାହାରିକୁ ଅନେଇବାକୁ ବେଳ ନଥାଏ । ଜୀବନ ଯେମିତି ଧାଉଁଥାଏ ଏଠି । ଘରେ ତେଣେ ବାପା ଅନେଇ ବସିଥିବେ ତା'ର ଫେରିବା ବାଟକୁ । ସାନ ଭାଇ ଭଉଣୀ ଦି'ଟା ଖାଇପିଇ ଶୋଇ ପଡିଥିବେ । ବାପା କିନ୍ତୁ ସେ ନ ଫେରିବା ଯାଏ ସେମିତି ବସିଥିବେ ଅଖିଆ ଅପିଆ । ସେ ଘରେ ପହଞ୍ଚିଲା ପରେ ହାତ ଗୋଡ ଧୋଇବ, ଖାଇବା ଜିନିଷ ଗରମ କରିବ, ତା' ପରେ ବାପ ଝିଅ ଦିହେଁ ଖାଇବା ଟେବୁଲରେ ବସିବେ । ଖାଉ ଖାଉ ଦୁନିଆଁ ଯାକର ଗପସପ ହେବେ । ଏଇ ଅଭ୍ୟାସଟା ମା' ଗଲା ପରଠାରୁ ଆପଣାଇଛନ୍ତି ବାପା । ବିଚରା ବାପାଙ୍କ କଥା ଭାବିଦେଲେ ଆଖିରେ ଲୁହ ଜକେଇ ଆସେ ତେଜସ୍ୱିନୀର ।

ମା'ର ଅକାଳ ବିୟୋଗ ପରେ ଘର ସଂଭାଳିବାକୁ କେହି ନଥିବାରୁ ବାପାଙ୍କୁ ସ୍କୁଲର କିରାଣୀ ଚାକିରୀଟି ମଧ୍ୟ ଛାଡିବାକୁ ପଡିଲା । ସେତେବେଳକୁ ତେଜସ୍ୱିନୀର ଇଂଜିନିୟରିଂର ଶେଷ ବର୍ଷ । ସାନ ଭଉଣୀ ମନସ୍ୱିନୀର ପ୍ଲସ୍ ଟୁ ସେକେଣ୍ଡ ଇଅର ଆଉ ସାନଭାଇ ଅରୁଣ ଟେନଥ୍ କ୍ଲାସରେ । ସ୍ତ୍ରୀ କୁ ହରାଇବାର ଦୁଃଖକୁ ପଛରେ ପକାଇ ବାପା ସଂଭାଳି ନେଲେ

 Download Magazine from www.aahwaan.com

ତିନି ପିଲାଙ୍କୁ । ମା'ର ଅଭାବ ଜାଣିବାକୁ ଦେଲେନି ସେମାନଙ୍କୁ । ଟିଉସନ କରି ଘର ଚଳେଇଲେ, ମା'ର ଗହଣା ବିକ୍ରି କରି ପିଲାମାନଙ୍କୁ ଆଗକୁ ପଢେଇଲେ । ଇଂଜିନିୟରିଂ ସରୁ ସରୁ କ୍ୟାମ୍ପସର ସିଲେକ୍ସନରେ ଚାକିରି ପାଇଗଲା ତେଜସ୍ୱିନୀ । ପୋଷ୍ଟିଂ ହେଲା ତା' ନିଜ ସହର ବିଶାଖାପାଟଣାରେ । ଏଥର ଘରର ଦାୟିତ୍ୱ ନିଜ ମୁଣ୍ଡକୁ ନେଇଗଲା ସେ । ବାପାଙ୍କ ଟିଉସନ ବନ୍ଦ କରି ତାଙ୍କୁ ଘରେ ବିଶ୍ରାମ ନେବାକୁ କହିଲା, ସାନ ଭାଇ ଓ ଭଉଣୀର ଉଚ୍ଚଶିକ୍ଷାର ସମସ୍ତ ପ୍ରକାର ପଦକ୍ଷେପ ନେଲା, ରାମନାଥ ବାବୁ ଭାବିଲେ ତାଙ୍କ ଭାଗ୍ୟ ବଦଳିଗଲା ଏଥର ।

ତେଜସ୍ୱିନୀ ଥିଲା ସର୍ବଗୁଣ ସଂପର୍ଣ୍ଣା । ସେ ପାଠରେ ଥିଲା ଯେମିତି ଆଗୁଆ ସେବା ମନୋବୃତ୍ତିରେ ମଧ୍ୟ ସେତିକି ଆଗୁଆ । ସ୍କୁଲକଲେଜରେ ସୋସିଆଲ୍ ସର୍ଭିସ୍ କ୍ୟାମ୍ପେନରେ ତା'କୁ ଆଗ ଖୋଜା ପଡୁଥିଲା । ଚାକିରି କରିବା ପରେ ମଧ୍ୟ ସେ ଅଭ୍ୟାସ ଜାରି ରଖିଲା ସେ । ବିଶାଖାପାଟଣାରେ ଅଙ୍ଗଦାନ କାର୍ଯ୍ୟକ୍ରମର କ୍ୟାମ୍ପେନରେ ସେ ସାଜିଲା ପ୍ରମୁଖ ପ୍ରଚାରକ । ଛୁଟିଦିନ ଆଉ ଅବସର ସମୟରେ ସେ ଘର ଘର ବୁଲି ଲୋକମାନଙ୍କୁ ବୁଝାଉଥିଲା ଅଙ୍ଗଦାନର ମହତ୍ତ୍ୱ । କେଉଁଠି କେହି  ଅଙ୍ଗଦାନ କରିବାକୁ ଚାହିଁଲେ ଖରାବର୍ଷା ଶୀତ କାକର କିଛି ନମାନି ଛୁଟି ଯାଉଥିଲା ସେଠିକି । ସେଥିରେ ଗଭୀର ଆତ୍ମସନ୍ତୋଷ ପାଉଥିଲା ସିଏ । ସହରର ଅନେକ ଅନାଥାଶ୍ରମ, କନ୍ୟାଶ୍ରମ, ବୃଦ୍ଧାଶ୍ରମର ପୃଷ୍ଠପୋଷକ ଥିଲା ତେଜସ୍ୱିନୀ । ନିଜର ଦରମାରୁ, ସାଙ୍ଗ ସାଥୀ, ଅଫିସ୍ ର ସହକର୍ମୀମାନଙ୍କ ଠାରୁ ମାଗି ଆଣି ରୀତିମତ  ଡୋନେସନ୍ ଦେଉଥିଲା ସେଇ ସଂସ୍ଥା ମାନଙ୍କୁ । ଅବସର ସମୟରେ ସେଇ କାମରେ ଲାଗି ରହୁଥିଲା ସେ ।  ଦୀନଦୁଃଖି ମାନଙ୍କ ସେବା ଯେମିତି ତା'ର ଜୀବନର ବ୍ରତ ଥିଲା  ।

ଆଜି ମଧ୍ୟ ସେମିତି  ଗୋଟିଏ  ବାଳାଶ୍ରମକୁ  ସକାଳେ ଯାଇଥିଲା ତେଜସ୍ୱିନୀ ।

Download Magazine from www.aahwaan.com

ସେଠାର ପିଲାମାନଙ୍କ ସହିତ ଦୁଃଖ ସୁଖ ହୋଇ ଫେରିଥିଲା । ସେସବୁ ଯାଗାରୁ ଫେରିଲା ପରେ ମନଟା କୋହରେ ଭରିଯାଏ ତା'ର । ଗାଡି ଚଲାଉ ଚଲାଉ ହଠାତ୍ ଗୋଟାଏ ଝଟକା ଲାଗିଲା ତେଜସ୍ୱିନୀକୁ । ତାକୁ ଲାଗିଲା ସାମନା ପଟୁ କଣ ଗୋଟାଏ ଆସି ପିଟି ହୋଇଗଲା ତା' ଗାଡିରେ । ଅତର୍କିତ ଭାବେ ଝଟକା ଖାଇ ନିଜର ଭାରସାମ୍ୟ ହରାଇ ରୋଡ୍ ଡିଭାଇଡର୍ ରେ ମାଡ ହୋଇ ଛିଟିକି ପଡିଲା ସେ । ହେଲ୍ ମେଟ୍ ଟି ଖସିଗଲା ମୁଣ୍ଡରୁ । ଗାଡି ସହିତ କିଛି ବାଟ ଘୋଷାରି ହୋଇଗଲା ପରେ ଚେତା ହଜିଗଲା ତା'ର ।

ଝିଅକୁ ଅପେକ୍ଷା କରି କରି ଡ୍ରଇଂରୁମ୍ ର ସୋଫା ଉପରେ ଢୁଳେଇ ପଡିଥିବା ରାମନାଥ ବାବୁଙ୍କ ନିଦ ଭାଙ୍ଗିଲା ଲ୍ୟାଣ୍ଡଫୋନର କର୍କଶ ଶବ୍ଦରେ । କେତେବେଳ ଠାରୁ ବାଜି ଚାଲିଛି କେଜାଣି । ଏତେ ରାତିରେ ଟେଲିଫୋନ୍ ର ଆବାଜ ଶୁଣି ଛାତିଟା ଧଡ୍ ଧଡ୍ ହୋଇଗଲା ତାଙ୍କର । ଧାଇଁ ଯାଇ ରିସିଭର୍ ଟାକୁ ଉଠାଇ ଆଣି କାନରେ ଲଗେଇଲେ ସେ । ସେପଟରୁ ଭାସି ଆସୁଥିଲା ପୋଲିସ୍ ଇନିସପେକ୍ଟରଙ୍କ ଭାରି କଣ୍ଠସ୍ୱର, "ଶୀଘ୍ର ଆସି ସିଟି ହସ୍ପିଟାଲରେ ପହଞ୍ଚନ୍ତୁ, ଆପଣଙ୍କ ଝିଅର ଆକ୍ସିଡେଣ୍ଟ ହୋଇଛି ।" ଧଡ୍ କିନା ଫୋନ୍ ଟା କଟିଗଲା ସେପଟରୁ । ଗୋଡତଳୁ ଭୂଇଁ ଖସିଗଲା ରାମନାଥ ବାବୁଙ୍କର । କାନମୁଣ୍ଡା ଝାଇଁ ଝାଇଁ ହୋଇ ଯାଉଥିଲା, ମୁଣ୍ଡରେ କିଛି ପଶୁ ନଥିଲା, କଅଣ କରିବେ କୁଆଡେ ଯିବେ, ପିଲାମାନଙ୍କୁ ନିଦରୁ ଉଠେଇବେ ନା ଘର ଖୋଲା ରଖି ସେମିତି ହସ୍ପିଟାଲ୍ ଦୌଡି ଯିବେ,କିଛି ବୁଝି ପାରୁନଥିଲେ ସେ । ଶେଷରେ ପଡୋଶୀଙ୍କ କବାଟ ବାଡେଇ ଉଠେଇଲେ । ତାଙ୍କୁ ସବୁକଥା କହି ଅନୁରୋଧ କଲେ ସାଙ୍ଗରେ ହସ୍ପିଟାଲ ଯିବାକୁ । ନିଦରୁ ଉଠେଇ ପିଲାମାନଙ୍କୁ କହିଗଲେ ଟେଲିଫୋନ୍ ପାଖରେ ବସି ରହିବା ଲାଗି । ଦରକାର ପଡିଲେ ଫୋନ୍ କଲେ ଦୂରରେ ଥିବା ବଂଧୁ ବାଂଧବ ମାନଙ୍କୁ ଖବର ଦେବା ପାଇଁ ।

Download Magazine from www.aahwaan.com

ହସ୍ପିଟାଲରେ ପହଞ୍ଚିବା ବେଳକୁ ସେଠି ଅସମ୍ଭବ ଭିଡ । ଲୋକମାନଙ୍କ ଭିଡ ଠେଲି ପଇଁତରା ମାରୁଥିବା ପୋଲିସ ଅଫିସର ଙ୍କ ପାଖରେ ପହଞ୍ଚିଲେ ରାମନାଥ ବାବୁ । ସେ ତାଙ୍କ ବାହୁ ଧରି  ନେଇ ଗଲେ ଇମର୍ଜେନ୍‌ସି ଓାର୍ଡର ଅପରେସନ ଥିଏଟରର ଦୁଆର ମୁହଁକୁ । ଅପରେସନ ଥିଏଟର ବାହାରେ ନାଲିବତୀ ଜଳୁଥିଲା  । ରାମନାଥ ବାବୁ  ବୁଝି ଗଲେ ଅପରେସନ ଚାଲିଛି  । ଈଶ୍ୱରଙ୍କୁ  ପ୍ରାର୍ଥନା କରି ବାହାରେ ଅପେକ୍ଷା କରିବା ବ୍ୟତୀତ ଅନ୍ୟ ଉପାୟ ନଥିଲା  ତାଙ୍କ ପାଖରେ । କିଛି  ସମୟ ପରେ  ରୁମାଲରେ  ହାତ ପୋଛି ପୋଛି ବାହାରକୁ ବାହାରିଲେ ଡାକ୍ତର ବାବୁ  । ରାମନାଥ ବାବୁ  ଦୌଡି ଗଲେ ତାଙ୍କ ପାଖକୁ  । କାନ୍ଦିକାନ୍ଦି  ଧରି ପକେଇଲେ ଡାକ୍ତର ବାବୁ ଙ୍କ ହାତ ଦୁଇଟିକୁ  ।  ସେ କିଛି  କହିବା ପୂର୍ବରୁ ଡାକ୍ତର ବାବୁ କହିଲେ ' ଦି କେଶ୍ ଇଜ ଭେରି ଭେରି ସିରିୟସ୍  ମିଷ୍ଟର୍  । ଉଇ ହାଭ୍ ଡନ୍ ଆୱାର୍ ବେଷ୍ଟ । ରେଷ୍ଟ ଡିପେଣ୍ଡସ୍ ଅପନ୍ ଗଡ୍ '□ ରାମନାଥ ବାବୁ ବୁଝିଗଲେ, କଥା  ଆଉ ଆୟତ୍ତରେ ନାହିଁ ।  ବଡ ଡାକ୍ତର ଙ୍କ ପଛରେ ଆସିଥିବା  ହାଉସ୍ ସର୍ଜନ୍ ଜଣକ ବୁଝାଇ ଦେଲେ  ଭୟଙ୍କର  ଭାବେ  ମୁଣ୍ଡରେ  ମାଡ ହୋଇ ଥିବାରୁ ମସ୍ତିଷ୍କ ରେ ରକ୍ତ  ଜମାଟ ବାନ୍ଧି ଯାଇଛି, ଅପରେସନ କରି  ଗୁଡାଏ  ମୁଣ୍ଡା ରକ୍ତ କୁ ବାହାର କରିଦେଇଛନ୍ତି  ବଡ ଡାକ୍ତର ହେଲେ ବର୍ତ୍ତମାନ  କିଛି  କହିବା  ସମ୍ଭବ ନୁହେଁ ।  ଏବେ ରୋଗୀ କୁ ଆଇ ସି ୟୁ ରେ ରଖାଯିବ । ଅଠଚାଳିଶ ଘଣ୍ଟା ପରେ ଯାଇ  ଯାହା  ଜଣା ପଡିବ । ମୁଣ୍ଡରେ ହାତ ଦେଇ ଲଥ୍ କିନା ବସିପଡିଲେ  ରାମନାଥ ବାବୁ  । ଅଖିଆ ଅପିଆ  ବସି ରହିଲେ  ସେଇ ଡାକ୍ତରଖାନା ବାରଣ୍ଡା ରେ । ଆଖିରେ ଆଖିରେ ରାତି କଟିଲା  । ସକାଳ  ହେଲାରୁ  ଭିଡ ଜମିଲା ତେଜସ୍ୱିନୀ  ଜଡିତ ଥିବା  ଏନ୍ ଜି ଓ ର ସଭ୍ୟମାନଙ୍କ ର । ଦୁର୍ଘଟଣାର ଖବର ଟି ମଧ୍ୟ ସମସ୍ତ ଖବରକାଗଜ ଆଉ ଇଲେକ୍ଟ୍ରୋନିକ୍ ମିଡ଼ିଆ ରେ ପ୍ରକାଶିତ ହୋଇ  ଚହଳ ପକାଇ ସାରିଥିଲା  ।

Download Magazine from www.aahwaan.com

ତହିଁଆର ଦିନ ସଂଧ୍ୟା ବେଳକୁ ଡାକ୍ତରମାନେ ଘୋଷଣା କରିଦେଲେ ଯେ ତେଜସ୍ୱିନୀ ଗଭୀର କୋମା କୁ ଚାଲି ଯାଉଛି, ଯେଉଁଟାରୁ ସେ ଆଉ କେବେ ବି ବାହାରି ପାରିବ ନାହିଁ । ନିଶ୍ୱାସ ପ୍ରଶ୍ୱାସ ନେଇ ତାର ଶରୀର ଜୀବିତ ରହିବ ସିନା ତା' ର ମସ୍ତିଷ୍କ ଆଉ ମୋଟେ କାମ କରିବ ନାହିଁ । ଜିଅନ୍ତା ଶବ ଟିଏ ପରି ପଡି ରହିବ ଶଯ୍ୟା ଉପରେ । ଅକାଳରେ ସତେ କି ବଜ୍ରପାତ ହେଇଗଲା ରାମନାଥ ବାବୁଙ୍କର ମୁଣ୍ଡରେ ।

ଏତେ ସୁନ୍ଦର ଏତେ ଗୁଣର ଝିଅ ତାଙ୍କର ଏମିତି ଶବ ପରିକା ପଡି ରହିବ ତାଙ୍କରି ଆଖି ଆଗରେ, ଏକଥା କେମିତି ସହି ପାରିବେ ରାମନାଥ । ପ୍ରଭୁଙ୍କର କଣ ଟିକିଏ ଦୟା ହେଲାନି ଏ ମାଆ ଛେଉଣ୍ଡ ଝିଅ ଟି ଉପରେ । ଏତେ ବଡ ଦଣ୍ଡ ଦେଇ ଦେଲେ ତାକୁ । କାହାର ବା କ'ଣ କ୍ଷତି କରିଥିଲା ସିଏ ଯେ ଗୋଟାଏ ମଦୁଆ କନେଷ୍ଟବଳ ର ବାଇକ୍ ଧକ୍କାରେ ସେ ଜିଅନ୍ତା ଶବ ପାଲଟି ଗଲା । ଢୋ ଢୋ ମୁଣ୍ଡ ପିଟି କାନ୍ଦି କାନ୍ଦି ଗଡି ଯାଉଥାନ୍ତି ରାମନାଥ ବାବୁ । ନିଜ କାନ୍ଧରେ କାହାର ସ୍ପର୍ଶ ପାଇ ମୁହଁ ଉଠାଇ ଚାହିଁଲେ ସେ । ଦେଖିଲେ ପଛରେ ଠିଆ ହେଇଛନ୍ତି ଫାଦର୍ ଯୋଶେଫ୍ , ତାଙ୍କର ଘର ପାଖରେ ଥିବା ଚର୍ଚ୍ଚ ର ମୁଖ୍ୟ । ତେଜସ୍ୱିନୀ ପ୍ରାୟତଃ ସେଠିକି ଯାଇଥାଏ ପ୍ରାର୍ଥନା କରିବା ଲାଗି । ରାମନାଥ ଙ୍କ ହାତ ଧରି ଉଠେଇ ଆଣି ନିଜ ପାଖରେ ବସେଇ ମୁଣ୍ଡ କୁ ଆଉଁସି ଦେଇ ଫାଦର ଆଶ୍ୱାସନା ଦେଲେ ତାଙ୍କୁ । କହିଲେ ଯାହା ପ୍ରଭୁ ଙ୍କ ଇଛା ଥିଲା ତା ହା ହେଲା । ତୁମ ଝିଅ ଜଣେ ଦେବୀ ଥିଲା । ଦୀନଦୁଃଖି ମାନଙ୍କ ସେବାରେ ସେ ତା'ର ଜୀବନ ଉତ୍ସର୍ଗ କରିଥିଲା । ତମେ ଏମିତି କିଛି କାମ କର ଯେଉଁଥିରେ ସେ ଶାନ୍ତି ପାଇବ । ସବୁଦିନ ପାଇଁ ଲୋକମାନଙ୍କ ହୃଦୟରେ ନିଜର ସ୍ଥାନ ବଜାୟ ରଖିବ । ତାଙ୍କ ପଛକୁ ଠିଆ ହୋଇଥିବା ଅଙ୍ଗଦାନ କାର୍ଯ୍ୟକ୍ରମର ମୁଖ୍ୟ ଆଗେଇ ଆସିଲେ । ସେ କହିଲେ ଆମ ଅଙ୍ଗଦାନ କାର୍ଯ୍ୟକ୍ରମର ମୁଖ୍ୟ ପୁରୋଧା ଥିଲେ ତେଜସ୍ୱିନୀ । ଯଦି ଆପଣ ଅନୁମତି ଦେବେ, ତେବେ

Download Magazine from www.aahwaan.com

ଆମେ ତେଜସ୍ୱିନୀଙ୍କର ଅଙ୍ଗଦାନ ପାଇଁ ବ୍ୟବସ୍ଥା କରିବୁ ମେଡିକାଲ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି । ବହୁ ଆଗରୁ ତେଜସ୍ୱିନୀ ତାଙ୍କର ଅଙ୍ଗଦାନ କରିବାକୁ ଇଚ୍ଛାପତ୍ର ଦାଖଲ କରିଛନ୍ତି ଆମ ସଂସ୍ଥାରେ । ହତବାକ୍ ହୋଇ ବସିଥାନ୍ତି ରାମନାଥ ବାବୁ । ସେ ଭାବୁଥାନ୍ତି, କାଲି ସକାଳର ପିଲା ଝିଅଟା ତାଙ୍କର କେତେବେଳେ ଏତେ ବଡ ହୋଇ ଏତେ ଆଗକୁ ଚିନ୍ତା କରିପାରିଲା ? ତାକୁ କ'ଣ ଭବିତବ୍ୟ ଜଣାଥିଲା କି ? ନା ସବୁ ବିଧିନିର୍ଦ୍ଦିଷ୍ଟ ? ସମସ୍ତ କଥା ମନରେ ବିଚାର କରି ଛାତିକୁ ପଥର କରି ତେଜସ୍ୱିନୀର ଅଙ୍ଗଦାନ କରିବାକୁ ସମ୍ମତି ଦେଲେ ରାମନାଥ ବାବୁ । ପ୍ରଧାନ ଡାକ୍ତର ଧାଇଁ ଆସି କୁଣ୍ଢାଇ ପକାଇଲେ ରାମନାଥ ବାବୁଙ୍କୁ । କହିଲେ ଆପଣ ଜାଣି ନାହାଁନ୍ତି ଆପଣ କେତେ ବଡ କାମ କରିଛନ୍ତି । ଆପଣଙ୍କର ଗୋଟିଏ ଝିଅର ଅଙ୍ଗଦାନ କରି ଆପଣ ପାଞ୍ଚଟି ଜୀବନ ଦାନ କରିଛନ୍ତି । ଏଇ ମହତ୍ ଦାନ କରି ଆପଣଙ୍କ ଝିଅ ସବୁଦିନ ଲାଗି ଅମର ହୋଇ ରହିବ ଚାରି ଜଣଙ୍କ ଶରୀରରେ । ଧନ୍ୟ ଆପଣ, ଧନ୍ୟ ଆପଣଙ୍କ ଝିଅ ।

ସରକାରଙ୍କ ସହାୟତାରେ ସବୁ ବ୍ୟବସ୍ଥା ହୋଇଗଲା ବାରଘଣ୍ଟା ମଧ୍ୟରେ । ତେଜସ୍ୱିନୀର ହୃତପିଣ୍ଡ ଗଲା ଗ୍ଲୋବାଲ ହସ୍ପିଟାଲ ଚେନ୍ନାଇ, ଲିଭର୍ ଗଲା ଆପୋଲୋ ହସ୍ପିଟାଲ ବିଶାଖାପାଟଣା, ଗୋଟିଏ କିଡ଼ନୀ ଗଲା ବିଜୟା ହସ୍ପିଟାଲ ବିଜୟୱାଡା, ଅନ୍ୟ କିଡ଼ନୀଟି ଗଲା ନାରାୟଣା ହସ୍ପିଟାଲ ନେଲୋର୍, ଆଖିର କର୍ଣ୍ଣିଆ ଦୁଇଟି ଗଲା ଏଲ୍ ଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ ବିଜୟୱାଡାକୁ । ପାଞ୍ଚଟି ଶରୀରରେ ଚିରକାଳ ଲାଗି ଅମର ହୋଇଗଲା ତେଜସ୍ୱିନୀ । ଖବର କାଗଜ ଆଉ ସୋସିଆଲ ମିଡିଆରେ ଚିରଦିନ ପାଇଁ ଲିପିବଦ୍ଧ ହୋଇ ରହିଗଲା ତେଜସ୍ୱିନୀର ମହତ୍ ଦାନର କାହାଣୀ । ଗର୍ବରେ ଫୁଲି ଉଠୁଥିଲା ରାମନାଥ ବାବୁଙ୍କର ଛାତି ।

ଶାରଳା ଭବନ, ପୋତାପୋଖରୀ, ନୟାବଜାର, କଟକ - ୭୫୩୦୦୪, ଓଡ଼ିଶା

Download Magazine from www.aahwaan.com

# ମୋ କୁକୁର ମୋତେ ଭାଉ !!



ଡା ସୌମ୍ୟରଞ୍ଜନ ମିଶ୍ର

ସୁଦର୍ଶନର ସବୁବେଳେ ଅଭିଯୋଗ ଯେ ସରକାରୀ ଉଦାସୀନତା ଯୋଗୁଁ କିଛି ଅଞ୍ଚଳରେ ବିକାଶ ମାଡ଼ି ଚାଲିଥିବା ବେଳେ କିଛି ଅଞ୍ଚଳରେ ଏହାର ନାଁ ଗନ୍ଧ ନାହିଁ । ବିଶେଷ କରି ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ସରକାର କିଛି ଆଖିଦୃଶିଆ କରୁନାହାନ୍ତି ବୋଲି ତା'ର ମତ । ତେଣୁ ଆଞ୍ଚଳିକ ବୈଷମ୍ୟର ସରକାର ହିଁ ସୂତ୍ରଧର । ମୁଁ ଏ ବିଷୟରେ ଏକମତ ନ ହେଲେ ବି, ତାକୁ ଜୋର କରି କିଛି କହିପାରେ ନାହିଁ ।

ଏଇ ମାସ ଜଣେ ଡାକ୍ତରବନ୍ଧୁଙ୍କ ସୌଜନ୍ୟରୁ ଗୋଟାଏ ସରକାରୀ ଚିଠିର ନକଲ ମୋବାଇଲରେ ମୋତେ ହସ୍ତଗତ ହେଲା । ଏକ ସରକାରୀ ମେଡ଼ିକାଲ କଲେଜରେ ଥିବା ଏବଂ ଯୋଗ ଦେବାକୁ ଥିବା ପ୍ରାଧ୍ୟାପକ ମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ଦେବାପାଇଁ ସରକାର ଅର୍ଥ ବିଭାଗରୁ ଅର୍ଥ ମଞ୍ଜୁର କରିଛନ୍ତି । ଏହା ହେଲା ଚିଠିର ବିଷୟ ବସ୍ତୁ । ତୁରନ୍ତ ତାକୁ 'ସରକାରୀ ତତ୍ପରତା' ଶୀର୍ଷକ ନେଇ ମୋବାଇଲରେ ପଠାଇଦେଲି ସୁଦର୍ଶନ ପାଖକୁ ଆଉ ଅପେକ୍ଷା କରି ରହିଲି ତା ଉତ୍ତରକୁ । ଭାବିଲି ତାକୁ କିଛି ଉତ୍ତର ପଟିବ ନାହିଁ । ବାରମ୍ବାର ମୋବାଇଲ୍ ଦେଖୁଥାଏ । କାଳେ କିଛି ପଠାଇଲା କି ? ହେଲେ ସୁଦର୍ଶନ କିଛି ଉତ୍ତର ଫେରାଇଲା ନାହିଁ । ମନେ ମନେ ଖୁସି ହେଲି ।

ପରଦିନ ସକାଳୁ ସକାଳୁ ଶୁଭ ସକାଳର ବାର୍ତ୍ତା ସହ ଗୋଟାଏ ଲମ୍ବା ଉତ୍ତର ଆସିଲା । ବୋଧହୁଏ କେଉଁଠାରୁ ଗପଟିଏ କପି କରି ପଠାଇଥିଲା । ଗପର ସାରାଂଶ ଏହିପରି । କୌଣସି ଏକ ଜଙ୍ଗଲରେ ରହୁଥିଲେ ଅନେକ ମେଣ୍ଢା । ସବୁଠାରୁ ଟାଣ ମୁଣ୍ଡଥିବା ମେଣ୍ଢା

Download Magazine from www.aahwaan.com

ଥିଲା ସେମାନଙ୍କର ଦଳପତି । ଦଳପତି ତାଙ୍କର ପତ୍ନୀ, ଉପପତ୍ନୀ ଏବଂ ସେମାନଙ୍କର ସନ୍ତାନସନ୍ତତି ମାନଙ୍କୁ ନେଇ ପାହାଡ଼ ଖୋଲରେ ରହୁଥିଲେ । ଯୁଗ ବଦଳିବା ସହିତ ମେଣ୍ଢାମାନେ ମଧ୍ୟ ଟିକେ ଟିକେ ଚତୁର ହେବା ଆରମ୍ଭ କଲେ । କିଛି ମେଣ୍ଢା ମେଳିକରି ଦଳପତିଙ୍କୁ ଭେଟିଲେ ଆଉ ସେମାନଙ୍କ ପାଇଁ ପକ୍କା ବାସସ୍ଥାନର ବ୍ୟବସ୍ଥା କରିବାକୁ ଗୁହାରି ଜଣାଇଲେ । ଦଳପତି ଚତୁର ତ ତାଙ୍କ ସଚିବ ଆହୁରି ଉପର । ସେମାନଙ୍କର କଥା ବୁଝିବାର ପ୍ରତିଶୃତି ଦେଇ ଘଉଡ଼ାଇ ଦେଲେ ।

କିଛି ଦିନ ଉତ୍ତାରୁ ଦଳପତିଙ୍କ ଦପ୍ତରରୁ ଏକ ନିର୍ଦ୍ଦେଶନାମା ଜାରି କରାଗଲା । ସବୁ ପ୍ରଜା ମେଣ୍ଢା ମାନଙ୍କୁ ପକ୍କା ବାସସ୍ଥାନ ଯୋଗାଇ ଦିଆଯାଇ ପାରିବନାହିଁ । ଏଥିରେ ଟେକ୍‌ନିକାଲ୍ ଅସୁବିଧା ଅଛି । କେବଳ ବଛା ବଛା ଚତୁର ମେଣ୍ଢା ମାନଙ୍କୁ ପଥର ସନ୍ଧିର ପଟ୍ଟା ଦିଆଯିବ । ଅନ୍ୟ ସମସ୍ତ ପ୍ରଜାଙ୍କୁ ଦଳପତି କମ୍ବଳଟିଏ ଦେବାର ପ୍ରତିଶୃତି ଦେଉଛନ୍ତି । କମ୍ବଳ ବଣ୍ଟନର ସୁପରିଚାଳନା ପାଇଁ ଏହି ଯୋଜନାକୁ ସେ ପୂର୍ବତନ ଦଳପତି, ନିଜର ଦିବଂଗତ ପିତାଙ୍କ ନାମରେ ନାମିତ କରିଛନ୍ତି । ପ୍ରଜାମେଣ୍ଢାମାନେ ଏଥିରେ ବଡ଼ ଖୁସିଟିଏ ହେଲେ ।

ଗପ ଏଇଠି ସରିଗଲା । ପ୍ରଜା ମେଣ୍ଢାମାନଙ୍କର ଖୁସି କେତେଦିନ ରହିଲା, ଦଳପତି ଏତେଗୁଡ଼ାଏ କମ୍ବଳ କେମିତି ତିଆରି କରାଇଲେ, କାହାକୁ ବାଣ୍ଟିଲେ ସେ ବିଷୟରେ ଗପର ଆଗକୁ କିଛି ନଥିଲା, ହେଲେ ମୋତେ ଅନେକ କଥା ଭାବିବାକୁ ସୁଯୋଗ ଦେଲା ସୁଦର୍ଶନ ।

ମଧ୍ୟଖଣ୍ଡୀ, ଶ୍ରୀବଳଦେବ ଜୀଉ, କେନ୍ଦ୍ରାପଡ଼ା : ୭୫୪୨୧୨

ଭ୍ରାମ୍ୟଭାଷ : ୯୯୩୭୩୭୪୩୪୨

ଇମେଲ୍ : dr.srmishra@gmail.com

Download Magazine from www.aahwaan.com

# କେଞ୍ଚୁଆ



ସୁବଳ ମହାପାତ୍ର

ବାପା, "ଏ ସୁପ୍ରୀତି ଦିଦି ନା, ଜମା ଭଲ ନୁହଁ ।" କାନ୍ଧରେ ବ୍ୟାଗ ପକେଇ ସ୍କୁଲ ଗେଟ ପାଖରେ ପହଞ୍ଚୁ ପହଞ୍ଚୁ ମୋ ଝିଅ କହିଲା ।

-- କହିଲି, କାହିଁକି ? ସେ ତୋ'ର କଣ କଲା ? ?

-- ସେ ନା, ଆଜି ସମସ୍ତଙ୍କୁ ପଚାରିଲେ, "ସକାଳୁ କଣ ଖାଇକି ଆସିଛ ?" ମୁଁ କହିଲି "ମାଗି" । ମୋତେ କହିଲେ, "ତୋ ବାପାର ପଇସା ନାହିଁ କି ? ସେ କେଞ୍ଚୁଆ ଗୁଡା ସକାଳୁ କାହିଁକି ଖାଇକି ଆସୁଛୁ ?" ମୋତେ ନା, ଲାଜ ଲାଗିଲା । ସବୁ ପିଲାଙ୍କ ଆଗରେ ମୋତେ ସେ ଏମିତି କହିଲେ । ତୁମ ସାଙ୍ଗ ବୋଲି କଣ ସମସ୍ତଙ୍କ ଆଗରେ ଏମିତି କହିବା ଠିକ କି ? କାନ୍ଦ କାନ୍ଦ ହୋଇ ଏକା ନିଶ୍ୱାସରେ ସେ କହିଗଲା ଏତକ ।

କେଞ୍ଚୁଆ ଶବ୍ଦଟି କାହିଁକି କେଜାଣି କାନ ଭିତରେ ଦେଇ ଛାତିରେ ଅଟକି ଗଲା । ସ୍କୁଲ ସମୟରୁ ସେ ମୋତେ କେଞ୍ଚୁଆ ଡାକେ । ଜେଜେଙ୍କ ବନିସୀ ଧରି ସେ ଆଉ ମୁଁ ଯାଉ ମାଛ ମାରିବାକୁ । ବନିସୀ କହିଲେ ଛଅ-ସାତ ହାତ ଲମ୍ବା ଅଗି ବାଉଁଶ ଖଣ୍ଡେ । ସେଥିରେ ପତଳା ବନିସୀ ସୁତା ସହ ସୁତା ମଝିରେ ସୋଲ ଖଣ୍ଡେ ସହ ଅଗରେ ଲାଗିଥାଏ ବଙ୍କା କଣ୍ଟା ଗୋଟିଏ । କେତେ ହେବ ସମୟ ? ସେଇ ଷଷ୍ଠ କି ସପ୍ତମ କଥା । ଦି ପହରେ ସେ ଆଉ ମୁଁ ବାହାରି ଯାଉ ମାଛ ମାରିବାକୁ । ମୁଁ ବନିସୀ ସଜ କଲା ବେଳକୁ ସେ ଖୋଜି ଖୋଜି ଆଣିଥାଏ କେଞ୍ଚୁଆ କିଛି କୂଳରୁ । ମାଟି ଭିତରେ ଆଙ୍ଗୁଠି ଗେଞ୍ଜି ଟାଣି ଆଣେ କେଞ୍ଚୁଆକୁ । ଥରେ ଥରେ ଏକାବେଳେ ଦୁଇ କି ତିନି ଧରା ପଡ଼ିଯାଆନ୍ତି । କେଞ୍ଚୁଆକୁ ମଝିରୁ ଦୁଇଗଡ଼ କରି

 Download Magazine from www.aahwaan.com

ଖଣ୍ଡେ ବନିସୀର କଣ୍ଟାରେ କେଞ୍ଚି ଛାଡୁ ପାଣିକୁ । ସୋଲ ବୁଡ଼ିଗଲେ ଜାଣୁ ମାଛ ପଡ଼ିଛି । ତାକୁ ଉପରକୁ ଆଣି କଣ୍ଟାରୁ ବାହାର କରି ବାଲଟିରେ ରଖୁ, ପୁଣି ଆଉ ଖଣ୍ଡ । ବେଳେ ବେଳେ ପାଣିରେ ପଶି ଦେଖୁ କେଞ୍ଚୁଆର ଗୋଟେ ମୁଣ୍ଡ କେମିତି ହଲଚଲ ହେଉଛି ପାଣି ଭିତରେ, ତା'ପରେ ଆକଳନ କରୁ, ମୁଣ୍ଡ ହଲଚଲ ହେଲେ ପାଣିର ତରଙ୍ଗରୁ ମାଛ ଜାଣି ପାରୁଥିବ ଏଠି ଖାଦ୍ୟ ଅଛି, ଆଉ ଆସି ଏକାବେଳେ ଖାଦ୍ୟକୁ ପାଟିରେ ଟାକୁ କରି ଗିଳିଲା ବେଳକୁ ଲାଖିଯାଏ କଣ୍ଟା । ଏବେ ସେ ହୋଇଯାଏ ଆଉ କାହାର ଖାଦ୍ୟ । ଧରିଥିବା ମାଛ ଯାଏ ଆମ ଘରକୁ । ବୋଉ ରୋଷେଇ କରି ଡାକେ ତାକୁ ଖାଇବାକୁ ଆଉ କିଛି ଭାଗ ଯାଏ ତାଙ୍କ ଘରକୁ ।

କେଞ୍ଚୁଆ ଧରିବା ମୁଁ ତାକୁ ଶିଖେଇଥିଲି ଆଉ ତାକୁ ସମାନ ଭାବରେ ଦି ଖଣ୍ଡ କରିବା ବି । ସେଥିପାଇଁ ବୋଧେ ସେ ମୋତେ ଡାକେ 'କେଞ୍ଚୁଆ' କିନ୍ତୁ ସମସ୍ତଙ୍କ ଆଗରେ ନୁହେଁ, ଏକା ଥିଲାବେଳେ ।

ଏମିତି ଏମିତିରେ ଆମେ ଆସ୍ତେ ଆସ୍ତେ ବଡ଼ ହେଇଯାଉ । ତଥାପି ଚାଲିଥାଏ ମାଛ ଧରା, ରୋଷେଇ, ଖିଆପିଆ । ଦିନେ କହିଲା, "ଜାଣିଛୁ, ମୋ ବାହାଘର ଠିକ କରୁଛନ୍ତି ।"

-- ହଁ, ଭଲ କଥା । କିନ୍ତୁ, ତୁ ସତରେ ବାହା ହେଇଯିବୁ ?

-- ଆଉ କଣ ତୋ ପଛରେ କେଞ୍ଚୁଆ ପରିକା ନଡ଼ ନଡ଼ ହେଉଥିବି ?

-- ନା, ଯେ... ଆଉ କିଏ ମୋତେ କେଞ୍ଚୁଆ ଡାକିବ ?

ମୁହଁଟା ତାର ହଠାତ ଧାନ ଉଁସା ହାଣ୍ଡି ପରି ବଡ଼ ହୋଇଗଲା । କୁଣ୍ଢେଇ ଧରି କାନ୍ଦିଗଲା କିଛି ସମୟ । ତାପରେ କହିଲା, "ତୁ ତ ଆଜି ଯାଏ ବୁଝିପାରିଲୁନି, ତୋ'ଠୁ ଅଲଗା ହେଲା ପରେ ମୁଁ କେମିତି ଛଟପଟ ହୁଏ । ସକାଳ ହେବାକୁ ଅପେକ୍ଷା କରେ । ତୋତେ

 Download Magazine from www.aahwaan.com

କାହିଁକି କେଞ୍ଚୁଆ ଡାକେ ଜାଣିଛୁ ? ଗୋଟେ କେଞ୍ଚୁଆର ତୁ ଗୋଟେ ମୁଣ୍ଡ ଆଉ ମୁଁ ଗୋଟେ । ଜାଣିଛି ଏ ସମାଜ ଆମ ଦି ଜଣଙ୍କୁ ଠିକ ସମାନ ଦି ଭାଗରେ ଅଲଗା କରିବ, ଗୋଟେ ପଟେ ତୁ ଛଟପଟ ହେଉଥିବୁ ଆଉ ଆରପଟେ ମୁଁ । ଏକାଠି ଥିଲେ ବି ଯୋଡି ହେବାର ସବୁ ବାଟ ବନ୍ଦ ହୋଇ ସାରିଥିବ । ବାହାରେ ଆମେ ଦି ଜଣ ଦି ଜଣଙ୍କୁ ସାଙ୍ଗ ବୋଲି ପରିଚୟ ସିନା ଦେବା କିନ୍ତୁ ମୋ ସ୍ୱାମୀ ଆଉ ତୋ ସ୍ତ୍ରୀ ଆଗରେ ଆମେ ଦି ଜଣ, ତୁ ମୋ ଭାଇ ଆଉ ମୁଁ ତୋ ଭଉଣୀ । ମୋ ଛୁଆ ତୋତେ ମାମୁଁ ବୋଲି ଡାକିବେ ଆଉ ତୋ ଛୁଆ ମୋତେ ପିଉସୀ ।

ଝିଅ, ସ୍କୁଟର ପଛରେ ବସି ମୋତେ ହଲେଇ ଦେଇ କହିଲା, "ବାପା ଚାଲ, ସିଆଡୁ ଦିଦି ଆଉ ତାଙ୍କ ପୁଅ ଆସିଲେଣି ।"

-- ହଁ, କହି ସ୍କୁଟର ଷ୍ଟାର୍ଟ କଲା ବେଳକୁ ପଛରୁ ଶୁଭିଲା 'ଅଭିନାଶ ଅଙ୍କଲ'....

ହଠାତ, ଛାତି ଭିତରୁ ଚାରି ପାଞ୍ଚିଟା ହାଡ଼ ଏକାବେଳେ ରକ କରି ଭାଙ୍ଗିଗଲା । ମୁଁ ନ ଶୁଣିଲା ପରିକା ସ୍କୁଟର ଆଗକୁ ବଢ଼େଇ ସାରିଥିଲି......

ଦୂରଭାଷ-୯୩୭୬୦୧୨୫୦୦

ଇମେଲ- subal.mohapatra@gmail.com

ଗାନ୍ଧିନଗର, ଗୁଜରାଟ-୩୮୨୦୦୯

Download Magazine from www.aahwaan.com

# ବିବେକାର ସ୍ୱକଳ୍ପିତ ଦୁନିଆ



ମଧୁସ୍ମିତା ପଟ୍ଟନାୟକ

ଦୀର୍ଘ ଚାଳିଶ ବର୍ଷର କର୍ମମୟ ଜୀବନ ଭିତରେ ଓଡିଶାର ବିଭିନ୍ନ ଅଞ୍ଚଳକୁ ବଦଳି ହୋଇ ଯାଇଛି । ସବୁ ଅଞ୍ଚଳର ପାଣି, ପବନ, ପରିବେଶ, ଭାଷା, ମଣିଷ.., ସବୁଥିରେ ବିଭିନ୍ନତା ଦେଖିଛି । ସତ କହିବାକୁ ଗଲେ ସେସବୁ ସମୟକୁ ମୁଁ ମନ ଭରି ଖୁବ୍ ଉପଭୋଗ କରିଛି । ଅନେକ ଲୋକଙ୍କ ସଂସ୍ପର୍ଶରେ ଆସିଛି, ଭିନ୍ନ ଭିନ୍ନ ବ୍ୟକ୍ତି ଓ ଭିନ୍ନ ସେମାନଙ୍କର ବ୍ୟକ୍ତିତ୍ୱ  ସେଭଳି ଏମିତି କିଛି ଘଟଣା ଓ ସେହି ଘଟଣା ସହ ଜଡିତ ଥିବା ଚରିତ୍ରଗୁଡିକୁ ଭୁଲିବାକୁ ଚାହିଁଲେ ମଧ୍ୟ ଭୁଲି ହୁଏନା । ସେସବୁ ଗୋଟେ ଗୋଟେ ଅଭୁଲା ସ୍ମୃତିଟେ ହୋଇ ଆମ ମାନସପଟଳରେ ସବୁଦିନ ପାଇଁ ରହିଯାଆନ୍ତି । ସମୟେ ସମୟେ ଏହି ଅଭୁଲା ସ୍ମୃତି ସବୁ ଆମର ଚିନ୍ତା ଓ ଚେତନା ଭିତରକୁ ଅଚାନକ ପଶି ଆସି ସେମାନଙ୍କର ଉପସ୍ଥିତିକୁ ଜାହିର୍ କରିଥାନ୍ତି । ସେହିପରି ଗୋଟେ ଅଭୁଲା ଚରିତ୍ର ଆଜି ମଧ୍ୟ ମୋ ମାନସପଟଳରେ ଜୀବିତ ହୋଇ ରହିଛି । "ବିବେକା"- ସତରେ ! ଗୋଟେ ଅଦ୍ଭୁତ ମଣିଷ ସେ  ! !

ଦୀର୍ଘ ପଇଁତିରିଶ ବର୍ଷ ତଳର ଘଟଣା.. ଏହି ଚରିତ୍ର ସହିତ ମୋର ପରିଚୟ ହୋଇଥିଲା ଭବାନୀପାଟଣାରେ । ମୁଁ ଯେଉଁ ବ୍ୟାଙ୍କରେ କାମ କରୁଥିଲି ସେଠାରେ ସେ ମଧ୍ୟ କାମ କରୁଥିଲା । ସେଠାକାର ସ୍ଥାନୀୟ ଲୋକ ସେ । ସମସ୍ତେ ତାକୁ ବିବେକା ବୋଲି ଡାକନ୍ତି । କ୍ୟାଶିୟର ଥିଲା ସେ । ପ୍ରଥମେ ସେ କାମ କରୁଥିଲା ଟ୍ରେଜେରୀରେ । କିନ୍ତୁ ଯେତେବେଳେ ସରକାର; ଟ୍ରେଜେରୀଗୁଡିକୁ ବ୍ୟାଙ୍କରେ ମିଶାଇ ଦେଲେ ଅନେକ ଲୋକ ବ୍ୟାଙ୍କରେ ଚାକିରୀ ପାଇଗଲେ । ତେଣୁ ବିବେକା ମଧ୍ୟ ବ୍ୟାଙ୍କରେ ଚାକିରୀ

Download Magazine from www.aahwaan.com

ପାଇଯାଇଥିଲା ।

ଭଲ ଲୋକଟିଏ ଏଇ ବିବେକ । ବେଶୀ ପାଠ ସିନା ପଢିନି ହେଲେ ତା'ର ବ୍ୟବହାର ପୁରା ମାର୍ଜିତ । ନିଜର କାମକୁ ସୁଚାରୁ ରୂପେ ପୁରା କରେ । ତା'ର ଗୋଟିଏ ଖରାପ ଗୁଣ ହେଲା ମଦ ପିଇବାର ଅଭ୍ୟାସଟା । ଅଫିସକୁ ଆସିବା ସମୟରେ ଅବଶ୍ୟ ପିଏନି । ସେତେବେଳେ ଭବାନୀପାଟଣାର କାୟା ଏତେ ବିସ୍ତାରିତ ହୋଇ ନଥିଲା । ନୂଆ ନୂଆ ସେଠିକି ବଦଳି ହୋଇ ଯାଇଥାଏ । ପ୍ରଥମେ ଟିକେ ଅସୁବିଧା ହୋଇଥିଲା ସେଠାକାର ପରିବେଶ ସହ ଖାପ ଖୁଆଇବା ପାଇଁ । କିନ୍ତୁ ଧୀରେ ଧୀରେ ସବୁ ସାମାନ୍ୟ ହୋଇଗଲା । ଅଫିସ୍‌ର କାର୍ଯ୍ୟବ୍ୟସ୍ତତା ଯୋଗୁଁ ଅନ୍ୟ କେଉଁଆଡେ ବେଶୀ ଧ୍ୟାନ ମଧ୍ୟ ଯାଏନି ।

ସେଠି ଗୋଟିଏ ଘଟଣା ମତେ ପ୍ରାୟ ବିଚଳିତ କରିପକାଏ । ସେହି ଘଟଣାର ମୁଖ୍ୟ ନାୟକ ହେଉଛି ବିବେକ । ଅଫିସ୍‌ରୁ ସନ୍ଧ୍ୟାରେ କାମ ସାରି ଘରକୁ ଫେରିଲା ବେଳେ ତା'ସହ ଗୋଟେ ଛୋଟ ପିଲାକୁ ସବୁବେଳେ ଦେଖେ । କୌଣସି ଦିନ ଏଥିରେ ବ୍ୟତିକ୍ରମ ଘଟେନି । ଆଠ ନଅ ବର୍ଷର ଛୋଟ ପିଲାଟିଏ । ସାଇକେଲ ଗଡେଇ ଗଡେଇ ଆଗେ ଆଗେ ଚାଲିଥିବ ବିବେକ ଆଉ ତା' ପଛକୁ.. ତା' ପଛରେ ବେଶ ବେଗ୍ ଖଣ୍ଡେ କାନ୍ଧରେ ଝୁଲେଇ ଚାଲିଥିବ ସେଇ ଛୋଟିଆ ପିଲାଟି । ଅଫିସ୍‌ର ସମୟ ତକ ଛାଡି ଦେଇ ବାକି ଅନ୍ୟ ସମୟରେ ଯେଉଁଠି ଦେଖିବ ଦୁହିଁଙ୍କୁ ଏକା ସାଙ୍ଗରେ ଦେଖିବାକୁ ମିଳିବ । ଏପରିକି ମଦଭାଟିରେ ମଧ୍ୟ ସେ ପିଲାଟି ଥିବ ତା' ସାଙ୍ଗରେ ।

ବଡ ବିଚିତ୍ର କଥା ଇୟେ! ମନକୁ ସବୁବେଳେ ଗୋଟେ ପ୍ରଶ୍ନ ଆସେ.. ଏ ପିଲାଟି କିଏ ? ତା' ଘରେ କ'ଣ କେହି ନାହାନ୍ତି ଏ ପିଲାଟାର ଯତ୍ନ ନେବାକୁ.. ଆକଟ କରିବାକୁ .. ? ସ୍କୁଲରେ ଅନ୍ୟ ପିଲାମାନଙ୍କ ପରି ପାଠ ପଢିବାର ବୟସ.. ସେ ସ୍କୁଲ ଯାଉଥିବ

 Download Magazine from www.aahwaan.com

କେତେବେଳେ.. ପାଠ କେତେବେଳେ ପଢୁଥିବ.. ଏ ବିବେକାଟା ମୂର୍ଖଟାଏ ନା କ'ଣ..? ସବୁବେଳେ କ'ଣ ଛୁଆଟାକୁ ସାଙ୍ଗରେ ଧରି ବୁଲୁଛି..? ଏ ବ୍ୟାପରଟା କିଛି ବୁଝା ପଡୁନଥାଏ । ଏମିତି ନାନା ପ୍ରକାର ପ୍ରଶ୍ନ ଅଡୁଆ ସୂତା ପରି ମୋ ମନ ଭିତରେ ଛନ୍ଦି ହୋଇ ପଡୁଥାଏ ।

ସେ ଛୁଆଟା ମଧ୍ୟ ତା'ଠୁଁ ଅଧିକ । ତାକୁ ଦେଖିଲେ ଲାଗେ ସତେ ଯେମିତି ଗୋଟେ ବିଶ୍ୱସ୍ତ ସେବକ ତା' ଖାଉନ୍ଦର ସେବା କରିବା ପାଇଁ ସଦା ତତ୍ପର । ଶାନ୍ତ ସୁଧାର ଛୁଆ.. କୌଣସି କଥାକୁ ଉଁ ନାଇଁ କି ଚୁଁ ନାଇଁ..

ଏ ବିଷୟରେ ଅଫିସ୍‌ର ଅନ୍ୟ ସହକର୍ମୀମାନଙ୍କୁ ପଚାରିବାକୁ ଇଚ୍ଛା ଥିଲେ ମଧ୍ୟ ପଚାରି ପାରେନି । କାଳେ କିଏ କଥାକୁ ଅନ୍ୟ ଅର୍ଥରେ ନେବ । ଦିନେ ଅଫିସ୍ ବନ୍ଦ ହେବାକୁ ଅଳ୍ପ ସମୟ ଥାଏ । ମତେ ଆଉ ବିବେକାକୁ ଛାଡି ଅନ୍ୟମାନେ ପ୍ରାୟ ଚାଲିଗଲେଣି । ଏତିକି ବେଳେ ଦେଖିଲି ସେଇ ଛୁଆଟି ଭିତରକୁ ବାହାରୁ ଥାଇ ଉଣ୍ଡୁଥାଏ, ପୁଣି ଲୁଚି ଲୁଚି ଯାଉଥାଏ । ଆଉ ନିଜକୁ ଅଟକେଇ ପାରିଲିନି । ମୋର ମନର ଉଦ୍‌ବିଗ୍ନତାକୁ ଦୂର କରିବା ପାଇଁ ବିବେକାକୁ ପାଖକୁ ଡାକିଲି ।

ଡାକିତ ଦେଲି, ହେଲେ କେମିତି କଥା ପଚାରିବି? ମନରେ ଟିକିଏ ସଂକୋଚ ଭାବ ଆସୁଥାଏ । ତଥାପି ଦୋ ଦୋ ପାଞ୍ଚ ହୋଇ ପଚାରିଦେଲି, ଆଛା ବିବେକା! ଯଦି କିଛି ଖରାପ ନ ଭାବିବ ଗୋଟେ କଥା ତୁମକୁ ପଚାରି ପାରିବି କି ? ମୋର ଅବସ୍ଥା ଦେଖି ସେ ମଧ୍ୟ ଟିକିଏ ଭିତରେ ଭିତରେ ଦବି ଗଲା ଭଳି ଲାଗୁଥାଏ । ଧୀରେ ସ୍ୱରରେ ହାତ ଯୋଡି ପଚାରିଲା, କାମରେ ମୁଇଁ କିଛି ଭୁଲ୍ କରିଦେଇଛି କେ ସାର ?

ତା'ର ଛାନିଆ ଭାବ ଦେଖି ତାକୁ ଆଶ୍ୱସ୍ତ କରିବାକୁ ଯାଇ ପିଠି ଥାପୁଡେଇ ଦେଇ କହିଲି, "ଆରେ ନା..ନା..! ତୁମେ କିଛି ଭୁଲ୍ କାମ କରିନ ବିବେକା! ଗୋଟେ ଅଲଗା କଥା

 Download Magazine from www.aahwaan.com

ପଚାରିବାର ଥିଲା ତୁମକୁ...”

ସେ ଟିକେ ସାହାସ ପାଇ ହସି ହସି କହିଲା, କଣ୍‌ହାଁଟା ପଚାରିବେ ସାର୍ ? “ଆଛା ବିବେକା, ତୁମ ସାଙ୍ଗରେ ଯେଉଁ ଛୁଆଟି ସବୁ ବେଳେ ଥାଏ ସେ କିଏ ? ତୁମ ପୁଅକି.. ?’

‘ସେ ମୋର ପୁଅ ନୁହେଁ ସାର୍.., ସେ ତ ମୋର୍ ପୁତୁରା ହରି ।’

‘ଓହୋ ସେ ତା’ହେଲେ ତୁମ ପୁତୁରା ! କିନ୍ତୁ ସେ ସବୁବେଳେ ତୁମ ସାଙ୍ଗରେ କାହିଁକି ବୁଲୁଛି ? ତୁମ ଘରେ କ’ଣ କେହି ନାହାନ୍ତି ତା’ କଥା ବୁଝିବାକୁ ?

‘ଘରେ ସଭିଏଁ ଅଛନ୍ ସାର୍ । ହେଲେ ମୁଇଁ ତାକେ ବହୁତ ଭଲ ପାଏ । ସେ ତ ମୋର ଜୀବନ.. ତାକେ ଛାଡି ମୁଇଁ ନାଇଁ ବଞ୍ଚିପାରେ ।’

‘ହେଲା ଯେ ! ତୁମେ ଯଦି ତାକୁ ଏମିତି ତୁମ ସାଙ୍ଗରେ ସବୁବେଳେ ରଖିବ ତେବେ ସେ ପାଠ ପଢିବ କେତେବେଳେ ?’

ବିବେକା ଏକଥା ଶୁଣି ମତେ ଟିକିଏ ନିରିଖେଇ ଦେଖିଲା । ତା’ ପରେ ହସି ହସି କହିଲା, ‘ମୁଇଁ ତାକେ ସ୍କୁଲକେ ନାଇଁ ପଠେଇବାର୍ । ପାଠ ପଢି ସେ କିସ୍ ଟା କରିବ ଯେ !’

ତା’ କଥା ଶୁଣି ମୋର ଆଶ୍ଚର୍ଯ୍ୟର ସୀମା ରହିଲାନି । ବୋକାଙ୍କ ପରି ପଚାରିଲି, ଆରେ ! ସେ ପାଠ ପଢିବନି ତ କ’ଣ ମୂର୍ଖ ହେବ ? ତୁମେତ ପୁଣି ପାଠ ପଢି ଚାକିରୀ କରିଛ । ସେ ମଧ୍ୟ ପାଠଶାଠ ପଢି ନିଜ ଜୀବନକୁ ଗଢିବ.. ଚାକିରୀ କରିବ.., ତା’ର ତ ପୁଣି ଗୋଟେ ଭବିଷ୍ୟତ ଅଛି ନା ନାହିଁ ? ତୁମେ ଜାଣି ଜାଣି କେମିତି ତା’ର ଭବିଷ୍ୟତକୁ ନଷ୍ଟ କରି ଦେଉଛ । ତା’ ମା’-ବାପା କ’ଣ କିଛି କହୁନାହାନ୍ତି ? ତା’ର ‘ବୁଆ-ମା’ କିସ୍ ଟା କହିବେ ଯେ ! ତା’ର ଭବିଷ୍ୟତତ ମୋର ହାତ୍ରେ ସାର୍ । ଘରଦ୍ୱାର ଅଛେଁ.. ବାପ୍‌ଦାଦାର ଏତେ ଜମିବାଡି ଅଛେଁ... ନିଜର ହାତେଁ ପରିଶ୍ରମ କରି ସୁଖରେ ରହିବ ସେ । ଏଇତ ଗୁଟେ ମୋର୍

Download Magazine from www.aahwaan.com

ଲାଗି ସବୁକିଛି ସାର୍ .. ମୋର୍ ସବୁକିଛିତ ତାର୍.. ସବୁ ତାର୍.. କହିଲା ବେଳେ ବିବେକା ଭାବବିହ୍ୱଳ ହୋଇ ପଡୁଥାଏ ।

ତାକୁ ଆଉ କ'ଣ କହିବି ? ତା' କଥା ଶୁଣି ମୋ ପାଟିରେ ଆଉ କିଛି ଭାଷା ନଥାଏ । ଏଣେ ମୁଣ୍ଡଟା ମୋର ମଧ୍ୟ ମୋର ଗୋଳମାଳିଆ ଧରୁଥାଏ ଏବଂ ମନେ ମନେ ନିଜକୁ କହୁଥାଏ, କେଉଁ ମାଟିରେ ଗଢା ଏ ଲୋକଟା ? ନିଜେ ପାଠ ପଢିଛି.., ନିଜ ପୁତୁରାଟାକୁ ନିଜ ପିଲାଙ୍କଠୁ ବେଶୀ ଭଲ ପାଉଛି..ଅଥଚ ପାଠ ପଢେଇବନି.. ! ଏ କି ପ୍ରକାର କଥା.. !! ଛାଡ ! ତାକୁ କିଛି ପଚାରି ଲାଭ ନାହିଁ । ସେ ଯେଉଁ ପ୍ରକାରର ଲୋକ ତାକୁ ବୁଝେଇ ମଧ୍ୟ କିଛି ଲାଭ ନାହିଁ ।

ତଥାପି କ'ଣ ମନ ବୁଝୁଥାଏ । ପୁଣି ପଚାରିଲି 'ହଉ, ଛାଡ ସେସବୁ କଥା । ମୋର ଆଉ ଗୋଟେ ସନ୍ଦେହ ଦୂର କର ଆଗ..'

'କହୁନାହାନ୍ତି ସାର୍..'

'ତୁମ ପୁତୁରା.. ମାନେ ହରିକୁ ତୁମେ ସବୁବେଳେ ସାଙ୍ଗରେ ଧରି କାହିଁକି ବୁଲ ?' ମୋ କଥା ଶୁଣି ବିବେକା ପୁରା ଚୁପ୍ । ଆଉ କିଛି କହୁନଥାଏ । ମନେ ମନେ ତ ଭୀଷଣ ରାଗିଯାଇଥିଲି ତା' ଉପରେ । ତଥାପି ନିଜକୁ ଯଥା ସମ୍ଭବ ସଂଯତ କରି ଟିକେ ଜୋର୍ ଦେଇ ପଚାରିବାରୁ ଥତମତ ହୋଇ କହିଲା, "କଥା କଣକି ସାର୍, ମୁଇଁ ସବୁଦିନ୍ ଟିକେ ମାଲ୍ ପାଣି ପିଏ । ନ ହେଲେ ନାଇଁ ଚଳେ । ଦେଶୀ ମଦ ସାର୍ । ତେଣୁ ନିଶା ଟିକେ ଜୋର୍ ହୋଇଗଲେ ମୋର ହୋଶ୍ ନାଇଁ ରହେ । ରାସ୍ତାଘାଟ୍‌ରେ ଏଠି ସେଠି ପଡିଯାଏ ଆରୁ ମୋର ଲୁଗାପଟା ମଇଲା୍ ହୋଇଯାଏ । ସେତେବେଳେ ଏକା ଏଇ ହରି ମୋର ସାହା ଭରସା । ମୋର ମଇଲା୍ ଲୁଗା ପଟା ବଦ୍‌ଲା ବଦଲି କରି ସଫା ଲୁଗାପଟା ପିନ୍ଧାଇ ଦିଏ । ପାଣି ପିଆଏ । ମୋର୍ ନିଶା

 Download Magazine from www.aahwaan.com

କଟିବା ପର୍ଯ୍ୟନ୍ତ ମୋର୍ ପାଖେ ପାଖେ ଥାଏ । ତା'ପରେ ମୋର୍ ସାଇକଲ୍ ଆରୁ ମୋତେ ଧରାଧରି କରି ଘର୍‌କେ ଆଣିବା ଦାଇତ୍ୱଟା ଏକା ତାର୍ ସାର୍ । ସେ ନଥିଲେ ମୁଇଁ ବରବାଦ୍ ହୋଇ ସାରନ୍ତିଣି । ମୁଇଁ ତାକୁ ଯେତ୍‌କି ଭଲପାଏ ତା'ଠୁଁ ଅଧିକ ସେ ମତେ ଭଲପାଏ । ସେଇ ବେଗରେ ସେ ଧରିଥାଏ ମୋର ଲୁଗା ଆଉ ପାଣି ସାର୍ । ବିବେକା ଏସବୁ କରୁଥିବା ବେଳେ ମୁଁ ତା'ର ହାବଭାବକୁ ଲକ୍ଷ୍ୟ କରୁଥାଏ । ତା' ହାବଭାବରେ ନଥିଲା ପଶ୍ଚାତାପର କି ଆତ୍ମଗ୍ଲାନିର ଭାବ.. ଥିଲା କେବଳ ଏକ ଅର୍ନିବଚନୀୟ ପରିତୃପ୍ତିର ଭାବ । ମୁଁ ତାକୁ ଆଉ କିଛି ପଚାରିବା ଅବସ୍ଥାରେ ନଥିଲି । ଖାଲି ଯାହା ନିର୍ନିମେଶ ନୟନରେ ଚାହିଁ ରହିଥିଲି ଦୁହିଁଙ୍କୁ ସାଙ୍ଗ ହୋଇ ଯିବାର ।

'ବିବେକା ଆଉ ହରି' ଭଗବାନ କେମିତି ବନେଇଛନ୍ତି ଏ ଦୁହିଁଙ୍କର ଯୋଡିଟା କେଜାଣି ? କେତେ ସରଳ ଓ ନିଷ୍କପଟ ହୃଦୟ ସେମାନଙ୍କର । ମନରେ ନାହିଁ କିଛି ଆବିଳତା । ଏକ ମନ.., ଏକ ପ୍ରାଣ.. ସତେ ଯେପରି ଦୁହେଁ ଏକାତ୍ମ ହୋଇଯାଇଛନ୍ତି ଯୁଗ ଯୁଗ ପାଇଁ ।

କୁମ୍ଭାର ମାଟିର ପିଣ୍ଡୁଳାକୁ ନିଜ ହାତରେ କାଉଁରୀ ସ୍ପର୍ଶରେ ଯେଉଁ ଆକାର ଦେବାକୁ ଚାହେଁ ମାଟିର ପିଣ୍ଡୁଳାଟି ସେହି ଅନୁରୂପ ଆକାର ଧାରଣ କରିଥାଏ । ସେହି ପରି ବିବେକା ମଧ୍ୟ ହରିକୁ ନିଜର ବୁଦ୍ଧି ଓ ବିବେକ ବଳରେ ଏବେଠୁଁ ବଡ ଯତ୍ନରେ ଗଢିବାର ଲାଗିଛି । ନିଜର ଅନାଗତ ଭବିଷ୍ୟତକୁ ଆଖି ଆଗରେ ରଖି ହରିକୁ ଆଉ ମାଧ୍ୟମ କରୁନିତ ବିବେକା ?

ସତରେ ! ମଣିଷର ମନସ୍ତତ୍ତ୍ୱକୁ ବୁଝିବା ଓ ବୁଝେଇବା ଏକ କାଠିକର ପାଠ । ଆମେ ସମସ୍ତେ ନିଜ ନିଜର ବିଶ୍ୱାସ ମତେ ନିଜର ଏକ ସ୍ୱ-କଳ୍ପିତ ଦୁନିଆଟେ ଗଢି ତାରି ଭିତରେ

Download Magazine from www.aahwaan.com

ବଞ୍ଚିବାର କଳାକୁ ବେଶ୍ ଭଲ ଭାବରେ ଶିଖିଯାଉ । ମୋର ହାତ ଦୁଇଟି ଆପେ ଆପେ ସେଇ ଅଦୃଶ୍ୟ ନିୟନ୍ତାଙ୍କ ଉଦ୍ଦେଶ୍ୟରେ ଉଠି ଯାଇଥିଲା । ମନେ ମନେ ସେ ସମୟରେ କେବଳ ଏତିକି ପ୍ରାର୍ଥନା କରଥିଲି ଯେଉଁ ସ୍ନେହ,ଶ୍ରଦ୍ଧା ଓ ବିଶ୍ୱାସର ଅଦୃଶ୍ୟ ବନ୍ଧନରେ ସେ ନିଜ ସହିତ ହରିକୁ ବାନ୍ଧି ରଖିବାର ଚେଷ୍ଟା କରିଛି, ସେହି ବନ୍ଧନ ସବୁଦିନ ପାଇଁ ଅତୁଟ ହୋଇ ରହୁ ଏବଂ ବିବେକା ନିଜର 'ସ୍ୱ-କଳ୍ପିତ ଦୁନିଆରେ' ସର୍ବଦା ଖୁସିରେ ରହୁ ।

ମାର୍ଫତ-ମାଳତୀ ବେହେରା

୨୧୭, ୟୁନିଟ-୯(ଫ୍ଲାଟ)

ବାୟାବାବା ମଠ ଲେନ, ଭୁବନେଶ୍ୱର-୨୨

ଫୋନ-୭୨୦୫୮୫୦୮୩୧

We BUILD Apps

**Do You need an Android App for Your Business or Website ???**

**Contact us : 7008567085 / Mail us at : aahwaan@gmail.com**

**http://www.odiaguru.com**

Download Magazine from www.aahwaan.com

# ଦୃଷ୍ଟାନ୍ତ ନାରୀଟିଏ



ବଳବନ୍ତ ସାହୁ

ନିର୍ଜନ କାଳିମା ବୋଳା ଅନ୍ଧାର । ମାଘର ହାଡଭଙ୍ଗା ଶୀତ । କିଛି ବୁଲା କୁକୁରର ଭୋ... ଭୋ... ଶବ୍ଦରେ ଚମକି ଉଠିପଡେ - 'ଦୀନବାଇ' । ଯଦିବା ଉଠିପାରେ ନାହିଁ ଭୁସ୍ ଭାସ୍ କରି, ଉଠେ ତା'ପରି ଅଶିବର୍ଷିଆ ବୁଢ଼ୀ ତୁଳନାରେ ବେଶ୍ ଚଞ୍ଚଳରେ । ହାତ ବୁଲାଏ ତା'ର ଏକମାତ୍ର ସାଥୀ ସକାଶେ । ବଙ୍କୁଲି ସକାଶେ । ହାତରେ ପଡେ ଦିଆସିଲିଟେ । ଯେଉଁଠି ଥାଏ ମାତ୍ର ତିନି ଚାରିଟି କାଠି । ଦୁଇ ପ୍ରଚେଷ୍ଟାର ବିଫଳତା ପରେ ସଫଳ ହୁଏ ତୃତୀୟ ପ୍ରେଚେଷ୍ଟାରେ । ଦୁରୀଭୂତ କରିପାରେ ତା' ଚାରିହାତିଆ କୋଠରୀର ଘନୀଭୂତ ତମସାକୁ । ତଥା ଠାବ କରିପାରେ ତା' ସାଥୀ ବଙ୍କୁଳିକୁ । ଏହାପରେ ଉଠିପଡେ । ଗୋଟିଏ ହାତରେ ବଙ୍କୁଳି ଧରି  ଅନ୍ୟ ହାତରେ ମିଞ୍ଜି ମିଞ୍ଜି ଜଳୁଥିବା ଡିବିରିକୁ ଧରି । ଡିବିରିକୁ ଉଠାଏ କାନ୍ଥରେ ଟଙ୍ଗା ହୋଇଥିବା ଘଡି ଆଡକୁ । ଠାବ କରିବାକୁ ଅଶୀଦଶକର ସେ ଘଣ୍ଟାର ମୋଟା ଘଣ୍ଟାକଣ୍ଟାକୁ । ଦେଖେ । ତା' ସାଥେ ସାଥେ ଅନୁଭବ କରେ । ମଧ୍ୟରାତ୍ରିର କାକର ଛୁଆଁକୁ, ପୁଣି ହାଡଭଙ୍ଗା ଶୀତକୁ । ଏସବୁକୁ ନେଇ ନେଇ ଘାଣ୍ଟେ ତା' କଳନା ଶକ୍ତିରେ । ତା'ପରେ ପରେ ନିଶ୍ଚିତ ହୋଇ ପାଟି ଫିଟାଏ । କହେ- "ଅଢେଇ ବାଜି ଗଲାନା.. ।"

ବଙ୍କୁଳିରେ ଭାରସାମ୍ୟ ରଖି ପାଦ ବଢାଏ ଆଗକୁ  । କବାଟ ଖୋଲି ତାଗିଦ୍ କରେ ସେ ବୁଲା କୁକୁର ମାନଙ୍କୁ  । ପୁଣି ସତର୍କ କରିଦିଏ, "ରାତି ପାହିନାହିଁ" ବୋଲି । ତା' ପୁଣି ବଙ୍କୁଳିକୁ ଜହ୍ନମାମୁଁ ଆଡକୁ ଲମ୍ବେଇ ଲମ୍ବେଇକି । ବୁଝେଇ ସୁଝେଇ ଶାନ୍ତ କରିଦିଏ କୁକୁର

Download Magazine from www.aahwaan.com

ଗୁଡିକୁ । କବାଟ ଦେଇ । ଆସି ବସିପଡେ ଖଟରେ । ଥୋଇଦେଇ ବଙ୍କୁଳିକୁ । ଆଶ୍ରା ନପାଇ ଖସିପଡେ ବଙ୍କୁଳିଟି । ଠିକ୍ ଦୀନାବାଇ ପରି । ବଙ୍କୁଳିର ଶବ୍ଦରେ ତାଳ ଦେଇ ଶୁଭୁଥାଏ ସେପଟେ । ମେଁ.. ମେଁ... । ଦୀନାବାଇ ପୁଣି ତାଗିତ୍ କରେ ଛେଳି ଗୁଡିକୁ.. । କହେ - "କାଁଏ ମେଁ.. ମେଁ.. ହଉଛ ରେ.. ? ଶୁଅ ଛନେ.. ସକାଳେ ତମର୍ ମରନ୍ ପରେ" । ଏତିକି କହି କଣ ଯେ ଭାବେ । ତାହାକୁ ଜଣା ଅବା ସେ ଉପର୍ ମାଲିକଙ୍କୁ ଜଣା । ନିଶ୍ଚଳ, ନିସ୍ତବ୍ଧ ହୋଇ ବସିରହେ । ଅଚଳ ମହାମେରୁ ପରି ।

କିଛି ସମୟର ନିଶବ୍ଦ ଦୃଶ୍ୟ ପରେ । "କାଁଏରେ.. ଯଁଅରା ମକେ ହେଲେ ନେତୁ..., ସୁ କରି ମରନ୍ ଟେ ଦେଇକରି । ଖୁବ ଭାବବିହ୍ୱଳ ହୋଇପଡେ ଦୀନାବାଇ । ମନେ ପକାଏ ତା'ଧୂଳି ଧୂସର ଅତୀତକୁ । କଳାଧଳା ଅତୀତକୁ । ତଥାପି ସପ୍ତରଙ୍ଗରେ ରଙ୍ଗୀନ ହେଉଥାନ୍ତି ସେ ବିତିଯାଇଥିବା ପୁରୁଣା ଦିନ ଗୁଡ଼ିକ ।

ମାଆ ଘରେ ବସିକି ଖାଇଥିଲେ ବି । ଜମିଦାର ପଇସା । ଶଶୁର ଘରକୁ ଆସିବା ଦିନଠୁ କରିବାକୁ ପଡିଥିଲା ଝାଳବୁହା କଠିନ ପରିଶ୍ରମ । ରାତି ଗୋଟାଏ ଟାରୁ ସାରୁକୁ ପାଣି ଦେଣ୍ଡା । ସେଠାରୁ ଆସି ଇଟାଭାଟିରେ ଇଟାବୋହିବା । ସେଠାରୁ ଆସିଲେ କୁଆଡେ ଗଣ୍ଡେ ଖାଇକି, ପାଇଟି କାମ ଯେତେ । ତଥାପି ଦୀନାବାଇ କେବେ ଥକେ ନାହିଁ । ପୁଣି ରାଜୁ ବାପାକୁ କହେ, "ତମେ କେତେ ପରିଶ୍ରମ କରୁଛ... ଆରୁ ମୁଁଇ ଯେ... ।" ରାଜୁବାପା ହସିଦିଏ । ଆଉଁସି ଦିଏ ତା ଉଷ୍ମ ଶରୀରକୁ... ଯୌବନକୁ... ହୃଦୟକୁ... । ପୁଣି କହେ, "ତୁଇ ପରା ମୋର୍ ଫୁଲ ଲୋ... ଫୁଲ କାଣା ପଥର୍ ସାଙ୍ଗେ ଲଢ଼ିପାରିବା ?" ଭାବ ବିହ୍ୱଳ ହୋଇ ପୁଣି କହି ଚାଲୁଥାଏ, "ଆମେ ସିନା ପଥର୍ ଲୋକ ଲଢୁଛୁ... ଆରୁ ତୁଇ... ।" ସେ ସମୟରେ ବହୁତ କିଛି ବୁଝିପାରୁଥାଏ ଏମିତି ଭାବେ । ରାଜୁବାପାର ପ୍ରତିଟି ଅଧାକୁହା କଥା ଗୁଡାକୁ । ହସଖୁସିରେ କଟିଯାଉଥିଲା ଦିନ । ସେଇ 'ନ' ଅଙ୍କ' ସମୟରେ ଦେଉଥିଲା ସାତଶହ ଟଙ୍କା ।

Download Magazine from www.aahwaan.com

ସ୍କୁଲ ଫିସ ବାବଦକୁ । ତା' ମଧ୍ୟ ଅସୁବିଧା ହେଉନଥିଲା । ଯଦିବା କେବେ କେମିତି ଅସୁବିଧା ହୁଏ କାନଫୁଲ କି ନାକଫୁଲଟେ ସାହୁ ଦୋକାନରେ ରଖି ଟଙ୍କା କେଇଟା ମାଗିଲେ । ଆଁ... କରିଛି ସେ ସାହୁ ।

ଆସ୍ତେ ଆସ୍ତେ ରାଜୁ ଉତ୍କଳ ମହାବିଦ୍ୟାଳୟରୁ ବି.ଏସ.ସି ପାସ୍ କରେ । କୋଚିଂ ପାଇଁ ଚାଲିଯାଏ ସୁଦୂର କଲିକତା ସହରକୁ । ଟଙ୍କା ପତ୍ରର ଅଭାବରେ ବନ୍ଧା ପଡେ କାନଫୁଲ, ନାକଫୁଲ ଯେତେ । ହଠାତ୍ ରାଜୁବାପାକୁ ପାରାଲେସିସ୍ । ନିଛାଟିଆ ଜାଗାରେ କୁଆପାତ ହେଲା ଭଳି ପରିସ୍ଥିତି । ସେଦିନଠୁ ଅଣ୍ଟା ଭିଡେ ଦୀନାବାଇ । ବୁଲେ ଗାଁକୁ.. ଗାଁ.. । କେବେ ଶଙ୍ଖା ସିନ୍ଦୁର ନେଇ ତ ପୁଣି କେବେ ରଙ୍ଗବେରଙ୍ଗର ଫୁଲ ଟୋପେ ନେଇ । ଯୋଦ୍ଧା ସାଜି ଲଢ଼େ ପରିସ୍ଥିତି ସାଥେ । ଶେଷରେ ଜିତିଥାଏ । ଅବଶ୍ୟ ସେ ନହେଲେ ବି ତା' ପୁଅ । ପୁଅ ପ୍ରଫେସର । ସେ ବହୁତ ଖୁସି । ହେଲେ ସ୍ଥାୟୀ ରହିପାରିନି ଖୁସି । ହଠାତ୍ ରାଜୁବାପା ଚାଲିଯାଏ । ଆରପାରିକୁ... । ଦଶ ପନ୍ଦର ଦିନ କାନ୍ଦେ ମୁଣ୍ଡ ଫଟେଇ ଫଟେଇ । ବର୍ଷ ଯାକ କାନ୍ଦେ ସୁସ୍କି ସୁସ୍କି । ପରିଶେଷରେ ରାଜୁ ମୁହଁକୁ ଦେଖି ସ୍ୱାଭାବିକ ହୁଏ ସବୁକିଛି । ଯଦିବି ରାଜୁ ଆଜି ଆଉ କାହା ଇସାରାରେ... । ତା' ମାଆ ଅଲଗା ସେ ଅଲଗା । ଦୁହିଁଙ୍କ ଭାବନା ବି ଅଲଗା ଅଲଗା । ସେ ରହୁଛି ହ୍ୱାଇଟହାଉସ ପରି ଧଳା କୋଠାରେ । ଆଉ ତା' ମାଆ ଆଜିବି ସେଇ ପୁରୁଣା ଆଲୁଅବିହୀନ ମାଟି ଘରେ । ତା'ପୁଣି ବାହାଘର ଭୋଜି ପାଇଁ ଆସିଥିବା ଚାରି ହୃଦୟ(ଛେଳି) ସହ । ତଥାପି ସେ କେବେ ମନ ଊଣା କରେ ନାହିଁ ।

ହଠାତ୍ ଚମକି ପଡେ ଦୀନାବାଇ । ଭାବନା ରାଜ୍ୟରୁ ପ୍ରସ୍ଥାନ କରି ପ୍ରବେଶ କରେ ବାସ୍ତବିକତାକୁ । ମନେ ପକାଏ ରାଜୁ କହିଯାଇଥିବା କଥାକୁ । "ସକାଳେ ନଟୁଆ କାକାକୁ ଟିକେ ଡାକିଦେବୁ । ଶୀଘ୍ର କାଟିଦେବେ ।" ବିଳମ୍ବ ନକରି ଉଠିପଡେ ଦୀନାବାଇ । ଅଗ୍ରସର ହୋଇଥାଏ ନଟୁଆର ଘର ଅଭିମୁଖେ । ନଳପାଣି ଦିଆରେ କାଦୁଅ ସର ସର ରାସ୍ତା ।

 Download Magazine from www.aahwaan.com

ସପ୍ତାହେ ହେବ ମାଟି ଖୋଲିଥାଏ ରାସ୍ତାର ଦୁଇ ପାର୍ଶ୍ୱରେ । ନୂଆ ଡ୍ରେନ ପାଇଁ । କେଉଁଠି କେଉଁଠି ଢେଲାଗୁଡ଼ିକ ଆସି ପଡିରହିଥାନ୍ତି ରାସ୍ତା ଉପରେ.. । ଏକଦମ୍ ମଥା ପାତି । ତଥାପି ଅସୁବିଧା ହୁଏନାହିଁ ଷ୍ଟ୍ରୀଟ୍ ଲାଇଟ୍‌ରେ । ବଙ୍କୁଳିର ସହାୟତାରେ ଧୀରେ ଧୀରେ ଅଗ୍ରସର ହୋଇ ପହଞ୍ଚେ ନଟୁଆର ଚାଳଘର ଆଗରେ । କହିଦିଏ ଶୀଘ୍ର ଆସିବା ପାଇଁ । ସାମାନ୍ୟ ବିଶ୍ରାମ ପରେ ପୁଣି ଗୋଡ଼ କାଢେ ଘରଆଡ଼କୁ । ଏହାମଧ୍ୟରେ ହଠାତ୍ ଲିଭିଯାଏ ଷ୍ଟ୍ରିଟ୍ ଲାଇଟ୍ ଗୁଡିକ । ଆଗକୁ ବଢୁଥାଏ ଦୀନାବାଇ । ହଠାତ୍ ଖସିପଡେ ଡ୍ରେନରେ । ଏକଦମ୍ ଚଳଚ୍ଚିତ୍ରର ଦୃଶ୍ୟ ପରି । ଚେତାଶୂନ୍ୟ ହୋଇ ପଡି ରହିଥାଏ ଦୀର୍ଘ ଚାଳିଶ ମିନିଟ ଧରି । ଏହାପରେ ବହୁ କଷ୍ଟରେ ଉଠିବାକୁ ଚେଷ୍ଟାକରେ । କିନ୍ତୁ ବିଫଳ ହୁଏ । ତା' ପରେ ଘରକୁ ଫେରିଥାଏ ପାଖ କୁନା ସହାୟତାରେ । ଗାଁର ଖୁବ ଭଲ ପିଲାଟେ । ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ଦେଖିପାରେନି । ଏକଦମ୍ ଚଳଚ୍ଚିତ୍ରର ନାୟକ ପରି ।

ସମୟର ଅତିକ୍ରମରେ ସୂର୍ଯ୍ୟ ଉଁଇ ସାରିଥାନ୍ତି । ପ୍ରାୟ ଲୋକ ଉଠିଯାଇଥାନ୍ତି । ଆଖି ମିଟି ମିଟି କରି ଏସବୁ ଦେଖୁଛି ସତ । କିନ୍ତୁ ଗୋଡ଼ର ଦରଜରେ ଉଠିପାରୁନି । ବସିପାରୁନି । ବାଁ ଗୋଡଟା ଫୁଲିଗଲାଣି ବେଙ୍ଗ ପରି । ଏକଥା ଯାଇ ପଡିଲା ରାଜୁ କର୍ଣ୍ଣରେ । ରାଜୁ ବିରକ୍ତି ହୋଇ ଧାଇଁ ଆସିଲା ସତ  କିନ୍ତୁ କ'ଣ କରିବ ସେ ? ଏଇନା ଭୋଜି ପାଇଁ କେତେ କାମ । କିଛି କଲା ନାହିଁ କିନ୍ତୁ କିଛି କହିଗଲା । ତା'ର ସେ ନିତିଦିନିଆ ବୁଢ଼ୀ ଶବ୍ଦ ସହ ଆଉ କିଛି ମିଶେଇକି । ଯେମିତି ନିଆଁରେ ଘିଅ ଦେବା ପରି । କଟା ଘା'ରେ ଚୂନ ତ ନୁହଁ ତା'ପରି ଅନ୍ୟ କିଛି ଦରଦୀ ପଦାର୍ଥ ଦେଲାପରି ।

ସଫା ସଫା ଶୁଣିଲେ ମଧ୍ୟ କିଛି କହିଲା ନାହିଁ ଦୀନାବାଇ । ପ୍ରତିଦିନ ପରି । ନାଁ କହିଲା କିଛି ନାଁ ଦେଲା କିଛି ଭାବଭାଙ୍ଗି । ଏତିକିରେ କିଏ କହିଲା ଫାର୍ଷ୍ଟ ଏଡ୍ ଆଣି ମାଲିସ କରିବା ପାଇଁ । ଏହାପରେ ସବୁ ଶାନ୍ତି । ଦୀନାବାଇ ନିଜେ ଲାଗିପଡେ ତା' ଗୋଡ଼କୁ ମାଲିସ

 Download Magazine from www.aahwaan.com

କରିବାରେ । ବହୁ ସହନଶକ୍ତି ଦୀନାବାଇର । ତା' ବୋଲି ସହିଛି ସେ ପୀଡାକୁ । ଦଶ ଦଶ ବର୍ଷ ସହିଛି କେତେ ଲୋକଙ୍କ କେତେ କଥାକୁ । ବ୍ୟଥାକୁ । ବାଞ୍ଝ, ନିଃସନ୍ତାନ, ଅଲକ୍ଷଣୀ ଏପରି କେତେ କ'ଣ ? ସେ ଭାଙ୍ଗିଯାଇନି । ଆଉ ଆଜି ଭାଙ୍ଗିଯିବ ତା' ନିଜ ପୁଅର କେତେ ପଦ କଥାରେ । ଓଃ.. କଥା ତ ନୁହଁ ବ୍ୟଥାରେ । ନା... କେବେ ନୁହଁ ।

ହେଲେ କଥାରେ ଅଛି ଦଇବ ଦଉଡି... । ଗୋଡ଼ର ଯନ୍ତ୍ରଣା ବଢ଼ି ବଢି ଚାଲିଥାଏ । ଏଇନା ତ ଦୀନାବାଇ ପାଇଁ ଅସହ୍ୟ ହେଲାଣି । ତା ବୋଲି ତ ଅନିଚ୍ଛାରେ - ଆଃ.... ଉଃ.... ମାଁ ଲୋ... । ଧୀରେ ଧୀରେ ଅସମ୍ଭାଳ ହୋଇଯାଉଥାଏ ଶରୀର ଯାକ । ତାପମାତ୍ରା ବଢ଼ି ଚାଲୁଥାଏ । ଦେହସାରା ଖଇ ଫୁଟୁଥାଏ । ତଥାପି ସମସ୍ତେ କହୁଥାନ୍ତି । ଭୋଜି ସରିଯାଉ । ଦେଖିବା । କିଛି ହେବନି ।

"କିଛି ହେବା କଣ ନିଜ ହାତରେ । କରିଦେଉନ ।" ରାଗିକି ତା' ଝିଅ କହୁଥାଏ । ହେଲେ ଶୁଣୁଥିଲା କିଏ । ଯା' କାମରେ ବ୍ୟସ୍ତ ସିଏ । ରଙ୍ଗାରଙ୍ଗ ସାଜସଜ୍ଜା । ରାଜୁ କଣ ବିମଳକୁ କହୁଥାଏ, ଯେ ଆସିବ ବର୍ଷ ବର୍ଷ ମନେ ରଖିବ ଏଇ ବିବାହକୁ ।"

ସମୟକୁ ଧରିଛି କିଏ ? ସେ ଆସି ମୁଣ୍ଡ ଉପରେ । କେତେ ଗାଡି ଆସୁଥାଏ.. । କେତେ ଯାଉଥାଏ.. । ଶହ ଶହ ଲୋକ ଆସୁଥାନ୍ତି.. । ଡିଜେ ତାଳେ ତାଳେ ଝୁମୁଥାନ୍ତି କେହି କେହି । ଖାଉଥାନ୍ତି କେହି କେହି । ସେଲଫି ନେଉଥାନ୍ତି କେହି କେହି.... । କେହି ଜଣେ ହଠାତ୍ ଦୌଡ଼ି ଆସେ ଷ୍ଟେଜକୁ । ରାଜୁକୁ କାନରେ କହେ, "ଦୀନାବାଇ ଆଉ ନାହାନ୍ତି ।" ସମସ୍ତ ପରିବେଶ ଶାନ୍ତ । କଣ ହେଲା ? ନାଚୁଥିବା, ଖାଉଥିବା ଲୋକ ମଧ୍ୟ ଆଁ... କରି ଅନେଇଥାନ୍ତି ସେହି ପ୍ରଶ୍ନବାଚୀଟେ ନେଇ । ରାଜୁ ଖାରଜ କରି କହେ, "କିଛି ହୋଇନି ।" ତା'ପରେ ସବୁକିଛି ପୂର୍ବବତ୍ । ନାଚ, ଭୋଜି, ଡିଜେ ସବୁକିଛି । ରାଜୁ ପୁଣି ସେହି ଲୋକର କାନରେ କହେ- ଭଉଣୀକୁ ଶୁଣାଅ ନାହିଁ, ସେ ରଡିବ । ହଁ.. ଆଉ କବାଟ ଦେଇଦିଅ ।

Download Magazine from www.aahwaan.com

ପୁଣିଥରେ ସବୁକିଛି ଚାଲିଲା ପୂର୍ବବତ୍ । ଖାଇବା । ନାଚିବା । ଫୋଟୋ କାଢ଼ିବା । ବରକନ୍ୟା ପାଇଁ ସ୍ୱତନ୍ତ୍ର ସ୍ୱତନ୍ତ୍ର ଭାବେ । କନ୍ୟା ପକ୍ଷରୁ ଆସିଥିବା କ୍ୟାମେରାମେନ କନ୍ୟାର ଚିହ୍ନା । ଏଣୁ ଡାକିଥାଏ କ୍ୟାମେରାମେନକୁ ଆଉ କହେ ତା'ଶାଶୁକୁ ଟିକେ ଡାକି ଦେବାପାଇଁ । ତାଙ୍କ ସହ ଫୋଟୋଟେ ହେବ ।

ଏହାପରେ ସବୁକିଛି ଗୋଳମାଳ । ଫସର୍ ଫାଟିଗଲା ସବୁକିଛି । ସମସ୍ତେ ଜାଣିଯାଆନ୍ତି । କୁହାକହି ହୁଅନ୍ତି ନିଜ ନିଜ ଭିତରେ । ବୁଢ଼ୀ ମରିଗଲା । ବୁଢ଼ୀ ମରିଗଲା । ଝାଞ୍ଜି ପବନ ପରି କଥାଟା ବ୍ୟାପିଯାଏ ଗାଁ ସାରା । ଦେଇଯାଏ ଝାଞ୍ଜି ପରି ତାତିର ଅନୁଭବ । ଗାଁ ଲୋକ ଫୁସୁର୍ ଫାସର ହୁଅନ୍ତି । ଶୁଣିବାକୁ ମିଳେ ଯେ ।

ଦୀନାବାଇ ବିବାହର ପଚିଶବର୍ଷ ନିଃସନ୍ତାନ ଥିଲା । ପରିଶେଷରେ ବହୁ ଜପତପରେ ଜନ୍ମ ହୋଇଥିଲା ରାଜୁ । ତା'ପରେ ରାଜୁର ପଢା ସମୟରେ । ରାଜୁବାପା ଚାଲିଗଲା । ତା'ପରେ ମଧ୍ୟ ଭାଙ୍ଗିଯାଇନି ଦିନାବାଇ । ଖୁବ ଲଢ଼ିଲା ପରିସ୍ଥିତି ସହ । ଏଇ ଶେଷ ନିଶ୍ୱାସ ପର୍ଯ୍ୟନ୍ତ । ଗାଁ'ର କେତେ ବୃଦ୍ଧ ବୃଦ୍ଧା ଚାଲିଗଲେ ଆଶ୍ରମକୁ । ସେ ଗଲାନାହିଁ । ସେ କୁଆଡେ କହୁଥିଲା, "ସେ ବୃଦ୍ଧାଶ୍ରମ ଗଲେ, ତା'ପୁଅର ଇଜ୍ଜତ ଚାଲିଯିବ ।"

ସେ ଆଜି ଚାଲିଯାଇଛି ସତ । କିନ୍ତୁ ଇତିହାସ ହୋଇ ରହିଯାଇଛି ଏଇ ଗାଁ'ଲୋକଙ୍କ ମୁଖରେ । ଆଖପାଖ ଗାଁ ଲୋକଙ୍କ ମୁଖରେ । ସତରେ ଗୋଟେ ସଫଳ ନାରୀର ସ୍ୱରୂପ ହୋଇ । ଠିକ୍ ନାରୀ ଜାତି ପରି ଦେଇଚାଲିଛି ସବୁକିଛି । ହେଲେ ମାଗିନାହିଁ କେବେ କିଛି । ତା' ବୋଲି ତ ଆଜି ସେ ନାରୀର ସଠିକ୍ ଦୃଷ୍ଟାନ୍ତଟିଏ । ଇତିହାସ ପୃଷ୍ଠାର ସୀତା, ଅନୁସୟା, ଗାର୍ଗୀ, ଲୋପାମୁଦ୍ରା ପରି...... ।

ଭ୍ରାମ୍ୟଭାଷ : ୯୦୭୮୧୦୫୨୩୪

Download Magazine from www.aahwaan.com

# ସୁନେଲୀ ସିଂହ (ମଇ, ୨୦୧୮)



ଅଶୋକ ବିଶ୍ୱାଳ

ଏକ ଜଙ୍ଗଲୀ ବିଲେଇ

ଏବେ ସେମାନେ ଟିକେ ଟିକେ ବାହାରକୁ ବାହାରିଲେଣି । ମା' ପଛରେ କିଛି ସମୟ ଚାଲୁଛନ୍ତି । ମା' ଟିକେ ଆଶ୍ୱସ୍ତ ହେଲାଣି । ସେମାନଙ୍କ ପ୍ରଥମ ଚାଲିବା ଦେଖିବାର କଥା । ଛୁଆ ଗୁଡାକ ଟିକିଏ ଚାଲି ଥକି ଯାଉଥିଲେ । ମା' ସହ ଚାଲିବେ କଣ ଟିକିଏ ଚାଲି ନିଜ ଭିତରେ ଖେଳା ଖେଳି ହେଉଥିଲେ । ତେଣୁ ମା' ସେମାନଙ୍କୁ ସାଙ୍ଗରେ ନେଉ ନଥିଲା । ସେଦିନ ମା' ସେମାନଙ୍କୁ ଏକ ବୁଦା ତଳେ ଲୁଚାଇ ଦେଇଥିଲା । ଗଛ ଫାଙ୍କ ଦେଇ ଆଲୁଅ ଆସୁଥିଲା । ସେମାନେ ପ୍ରାୟ ଅନ୍ଧାର ଭିତରେ ଥିଲେ । କିନ୍ତୁ ବାହାର ଭଲ ଭାବେ ଦେଖା ଯାଉଥିଲା ।

ଦୁଇଛୁଆ ଗାଢ଼ ନିଦରେ ଶୋଇଥିଲେ । ପାଖରେ କେଉଁଠି ଜଙ୍ଗଲ ବିଲେଇଟିଏ ସାମାନ୍ୟ ମିଆଁଉ ମିଆଁଉ ହେଲା । ସେମାନଙ୍କ ନିଦ ଭାଙ୍ଗିଗଲା । ସେମାନେ କିନ୍ତୁ ବାହାରକୁ ଆସିଲେ ନାହିଁ । ନିଜ ଲୁଚିବା ଯାଗାରୁ ବାହାରକୁ ଅନେଇଲେ ।

କିଛି ଦୂରରେ ଏକ ଛୋଟିଆ ଛାପି ଛାପିକିଆ ପଶୁଟିଏ ଶବ୍ଦ କରୁଛି । ବିଲେଇଟି କିଛି ବାରୁଥିଲା ।

ଆରେ ସେ ତ ଆମ ଭଳିଆ ଦେଖାଯାଉଛି । ସେମାନେ ନିଜ ଭିତରେ କଥା ହେଲେ ଆଉ ତାକୁ ଲୁଚି ଅନେଇଲେ । ମା' ସେମାନଙ୍କୁ ବାହାରି ଆସିବାକୁ କହିନଥିଲା ।

ସେମାନେ ଅନେକ ଅନେକ ଜୀବ ଦେଖିଲେଣି । ସମସ୍ତେ ଅଲଗା ଅଲଗା ବ୍ୟବହାର

 Download Magazine from www.aahwaan.com

କରୁଛନ୍ତି । କିଏ ଶିକାର କରୁଛି ତ କିଏ ଘାସ ଖାଉଛି । ନୂଆ ଜୀବ ଦେଖିଲେ ସେମାନେ ସାବଧାନ ହେଉଥିଲେ । କିଏ ଜାଣେ ଏ ଜୀବ ସେମାନଙ୍କୁ ଶିକାର କରିଦେଇପାରେ ।

ସେଦିନ ଗିର ଜଙ୍ଗଲ ଖୁବ ସୁନ୍ଦର ଦେଖାଯାଉଥାଏ । ଚାରି ଆଡେ ଘାସ । ସେ ଭିତରେ ଅନେକ ଛୋଟ ଛୋଟ ଗୁଳ୍ମରେ ଫୁଲ ଫୁଟିଥାଏ । ଜଙ୍ଗଲୀ ଫୁଲ ମାନଙ୍କର ତାଜା ସୁବାସରେ ବାତା ବରଣ ମୋହ ଭରା ହୋଇଉଠେ । ଏକ ସୁନ୍ଦର ଫୁଲ ଉପରେ ରଙ୍ଗ ବେରଙ୍ଗୀ ପ୍ରଜାପତିଟିଏ ବସି ମଧୂ ଶୋଷୁଥାଏ । ହାଲକା ବାଇଗଣୀ ଧଳା ଫୁଲର ମଝିରେ ହଳଦିଆ ଖୁବ ଛୋଟ ପାଖୁଡା ଆଉ ତା ମଝିରେ ଗାଢ ଗୋଲାପୀ ରଙ୍ଗର ଖୁବ ଛୋଟ ପାଖୁଡା । ଏମିତି ଫୁଲ ଚାରି ଆଡେ ଭରି ଯାଇଥାଏ । ପ୍ରାୟତ୍ତ ସବୁ ଫୁଲରେ ପ୍ରଜାପତି ମାନେ ବସିଥାନ୍ତି । ଏତେ ରଙ୍ଗର ପ୍ରଜାପତି ନଦେଖିଲେ ବିଶ୍ୱାସ କରି ହେବନାହିଁ । କିଏ ସବୁଜ ରଙ୍ଗର ତ କିଏ, କମଳା ରଙ୍ଗର, କିଏ ହଳଦିଆ ରଙ୍ଗର । କାହାର ଡେଣାରେ ଗାଢ ନୀଳ ଠୋପା ଅଛି ତ କାହାର ଡେଣାରେ ଲାଲ କଳା ରଙ୍ଗର ଆଖି ହୋଇଯାଇଛି । କାହା ଦେହରେ ତ ବାଘ ଭଳି ଛାପି ଛାପିକା ଚିହ୍ନ ଭରି ଯାଇଥିଲା ।

ଏମିତିଆ ଏକ ଘାସୁଆ ଜମି ଭିତରେ ସେପଟେ ଜଙ୍ଗଲ ବିଲେଇଟିଏ ଲୁଚି ରହିଥାଏ । ଛୋଟ ଶିକାରୀଙ୍କ ମଧ୍ୟରେ ଶିକାରର ପଟୁତା ପାଇଁ ଜଙ୍ଗଲ ବିଲେଇ ନିଶ୍ଚିତ ଭାବେ ଆଗ ଧାଡିରେ ଆସିବ । ଏହି ଛୋଟ ଶିକାରୀମାନଙ୍କୁ ଖୋଜିବା କଷ୍ଟ । କିନ୍ତୁ ସେମାନେ ଖୁବ କୁଶଳ ଶିକାରୀ । ସେମାନଙ୍କ ଚାଲିବା ମୋଟେ ବାରି ହେବନାହିଁ ।

ଜଙ୍ଗଲ ବିଲେଇଟି ମାଂଶାସୀ । ତାର ଶରୀରର ବାଳ ଲମ୍ବା ପାଉଁଶିଆ । ବିଲେଇଟି ଘାସ ଭିତରେ ସେ ପ୍ରାୟତ୍ତ ଲୁଚି ଯାଇଥିଲା । ଲମ୍ବରେ ଜଙ୍ଗଲୀ ବିଲେଇ ଘରୋଇ ବିଲେଇଠୁ ଟିକିଏ ବଡ । କାନ ଗୁଡିକ ମୁଣ୍ଡ ଉପରେ ଲମ୍ବା ହୋଇ ବେକ ଆଡକୁ ବୁଲି ଆସିଥିଲା ।

Download Magazine from www.aahwaan.com

ବାଘ, ସିଂହର କାନ ଅପେକ୍ଷା ଅନେକ ବଡ କାନ । ଶରୀର ତୁଳନାରେ ବାଘ ବା ସିଂହର କାନ ଅନେକ ଅଂଶରେ ଛୋଟ । ବିଲେଇର ମୁହଁରେ କେଶର ନାହିଁ, ଦେହରେ ଲମ୍ବା ପାଉଁଶିଆ କଳା, ଧୂସରିଆ, ହଳଦିଆ ବାଳ ଭରିଯାଇଛି । ଅନ୍ୟ ବିଲେଇ ମାନଙ୍କ ଭଳିଆ ଜଙ୍ଗଲୀ ବିଲେଇର ନାକ ମଧ୍ୟ ଚଉଡା । କିନ୍ତୁ ଏହାର ଆଖି ଅପେକ୍ଷାକୃତ ଭାବେ ବଡ । ହଳଦିଆ ଆଖିରେ ମଝିରେ ଲମ୍ବାଳିଆ କଳା ଡୋଳା । ଏହାର ଗୋଡ ଗୁଡିକ ମୋଟାଥିଲା । ସେଥିରେ ଧଳାବାଳ ଭରି ଯାଇଥିଲା । ଜଙ୍ଗଲ ବିଲେଇର ମୁହଁଟା ଟିକିଏ ଗୋଜିଆ । ନାକ ତଳେ ଗୋଟିଏ ଛୋଟିଆ ମୁହଁ । ତା ଉପରେ ଧଳା ଦାଢି ଭାବରେ ଛୋଟ ଛୋଟ ବାଳ ଘେରି ଯାଇଛି । ସେଉଠୁ ସେଥିରୁ ଲମ୍ବା ନିଶ ସବୁ ଦୁଇ ଆଡକୁ ମେଲେଇ ହୋଇ ରହିଛି । ଜଙ୍ଗଲୀ ବିଲେଇଟି ଖୁବ୍ ଧ୍ୟାନର ସହ କାହାକୁ ଅନାଇ ରହିଥିଲା । ଉପରେ କେବଳ କାନ ଦେଖା ଯାଉଥିଲା । ଆଖି ଅଳ୍ପ ଦେଖା ଯାଉଥିଲା, ସଂପୂର୍ଣ୍ଣ ଶରୀର ଘାସ ଭିତରେ ଲୁଚିଯାଇଥିଲା । ବିଲେଇ ଗୁଡିକ ଖୁବ୍ ଚତୁରତାର ସହ ଛୋଟ ଛୋଟ ପ୍ରାଣୀକୁ ଶୀକାର କରିନିଅନ୍ତି ।

ପକ୍ଷୀଗୁଡା ଏ ବିଲେଇର ଲୁଚିବା ସହଜରେ ଜାଣି ପାରନ୍ତିନାହିଁ । ବିଲେଇଟି ପେଟେଇ ପଡିଥାଏ । କିନ୍ତୁ ତାର ଆଖି ଡେଉଁଥିବା ପକ୍ଷୀମାନଙ୍କ ଉପରେ ଥାଏ ।

ସେ ଖୁବ ଧରେ ଧିରେ ଆଗଉଥାଏ । ତାର ଆଗେଇବାଟା ସିଂହର ଆଗେଇବା ସହ ବହୁତ ମିଶୁଥାଏ । ଖୁବ ଧିରେ ଶରୀରକୁ ମାଟି ସହ ଲଗାଇ ଦେଇଥାଏ । ତାର ଲୋମ ଯୋଗୁ ସହଜରେ ତାକୁ ବାରି ହେବନାହିଁ । ତାର ଆଖି କିନ୍ତୁ ପକ୍ଷୀମାନଙ୍କ ଉପରେ ଲାଗି ରହିଥାଏ । ସେ ଯେମିତି ଅବସ୍ଥାରେ ରହିଲେ ବି ଆଖି କିନ୍ତୁ ପକ୍ଷୀମାନଙ୍କ ଉପରେ ଥାଏ । ଏଣେ ସେ ପକ୍ଷୀମାନେ ବିଲେଇ ଏତେ ପାଖେଇ ଆସିବା ଜାଣି ପାରୁନଥାନ୍ତି । ସେମାନେ ନିଜ

Download Magazine from www.aahwaan.com

ଖାଇବା ଆଉ ଡେଇଁବାରେ ଖୁବ ବ୍ୟସ୍ତ ଥାଆନ୍ତି ।

ଆଉ କେଇ ଖୋଜରେ ବିଲେଇ ସେମାନଙ୍କୁ ଧରିନେବ । ପକ୍ଷୀମାନେ ବିଲେଇକୁ ଲକ୍ଷ୍ୟ କରିନେଲେ । ସେମାନେ ଜୋରରେ ଡେଣା ଝାଡି ଉଡିବାକୁ ଚେଷ୍ଟା କଲେ । କିନ୍ତୁ ବିଳମ୍ବ ହୋଇ ଯାଇଥିଲା । ବିଲେଇ ନିଜ ଯାଗାରୁ ଏକ ସ୍ପ୍ରିଙ୍ଗ ଭଳି ଉଚ୍ଛୁଳି ପଡିଲା । ତାର ଆଗ ପଂଝାରୁ ଗୋଜିଆ ନଖସବୁ ବାହାରି ଆସିଥିଲା । ବିଲେଇର ନଖ ଅନ୍ୟ ଶିକାରୀମାନଙ୍କ ନଖଠାରୁ ମୁନିଆ ଆଉ ଧାରୁଆ । ଏକ ଛୁଞ୍ଚିଭଳି ଦେହରେ ସହଜରେ ଗଳିଯିବ ।

ବିଲେଇଟି ଡେଇଁ କରି ଜୋରରେ ଥାବା ମାରିଲା । ପକ୍ଷୀଟିଏ ମାଟିରେ ଖସି ପଡିଲା । ସହଜରେ ସେ ତାକୁ ମୁହଁରେ ଧରିନେଲା । ଅନ୍ୟମାନେ ଫଡ ଫଡ ହୋଇ ଉଡିଗଲେ ।

ଆଜି ଖାଇବା ପାଇଁ ବିଲେଇର ହୋଇଗଲା ।

ଏ ବିଲେଇଗୁଡିକ ବହୁତ ଚଞ୍ଚଳ । ସେମାନେ ଖୁବ ଜଲଦି ଶିକାର କରି ନେଇ ପାରନ୍ତି । ଠେକୁଆ, ପକ୍ଷୀ ଅନ୍ୟ ଛୋଟ ଜୀବଜନ୍ତୁ ଏମାନଙ୍କର ମୁଖ୍ୟ ଆହାର ।

ଏ ସିଂହ ଶିଶୁ ଦୁହେଁ ଲୁଚି ଏମିତି ଶିକାର ଦେଖିଲେ । ଏକ ଛୋଟ ଶିକାରୀ ଆଖି ପିଛୁଳାକେ ଏତେ ଉପରକୁ ଡେଇଁ ଶିକାର କରିପାରେ ସେମାନେ ଭାବି ପାରୁନଥିଲେ । ସେମାନଙ୍କର ମା'କୁ ଉପରକୁ ଡେଇଁବା ଦେଖି ନଥିଲେ ।

ସେମାନେ ନିଜ ଯାଗା ଭିତରେ ଲୁଚିଗଲେ । ବିଲେଇ ତେଣେ ସେ ପକ୍ଷୀଟାକୁ ମୁହଁରେ ଧରି ଏକ ବୁଦା ଭିତରେ ଲୁଚିଗଲା । ବିଲେଇମାନେ ସବୁବେଳେ ଏକାନ୍ତ ଚାହାନ୍ତି । ଏମାନେ ସିଂହ ମାନଙ୍କ ଭଳି ଖୋଲାରେ ଖାଆନ୍ତି ନାହିଁ । ଏକ ସୁବିଧା ଯାଗା ଦେଖି ଶାନ୍ତିରେ ଶିକାର ଖାଆନ୍ତି ।

କ୍ରମଶଃ...

Download Magazine from www.aahwaan.com

# ଆଖି



ଶୁଭକାନ୍ତ ସାହୁ

କୁଆଁର ପୁନେଇ ଜହ୍ନଟା ମୁରୁକି ମୁରୁକି ହସୁଛି । ନିର୍ମଳ ଶରତ ଆକାଶରେ ରୂପା ଥାଳିଆ ପରି ଜହ୍ନ ସତେ ବା ନୀଳ କାଗଜ ଉପରେ କୌଣସି ଚିତ୍ରଶିଳ୍ପୀର ଚିତ୍ରଟିଏ । ନଡିଆ ବାହୁଙ୍ଗା ଅଗ୍ରର ଅର୍ଦ୍ଧ ଆଛାଦନ ତା'ର ସୌନ୍ଦର୍ଯ୍ୟକୁ ଆହୁରି ମନୋରମ କରିଦେଉଛି । ମଝିରେ ମଝିରେ ଅତି କ୍ଷୁଦ୍ର ମେଘଖଣ୍ଡ ତା ସାମନାରେ ଅଟକି ଯାଇ ତାର ଶୋଭାକୁ ବର୍ଦ୍ଧିତ କରୁଛି । ଗାଁ ଦାଣ୍ଡରେ ଛୋଟ ପିଲାଙ୍କ କୋଳାହଳ ଶୁଭୁଛି । ପିଲାମାନେ ଖେଳି ଖେଳି ଏ ଯାଏଁ ବି ଆସିଯାଇ ପାରନ୍ତି ।

କୁଆଁର ପୁନେଇ ଜହ୍ନ ଯେ କେବଳ ସମୁଦ୍ରରେ ଯୁଆର ଉଠାଇପାରେ ତା' ନୁହେଁ, ସେ ଅସଂଖ୍ୟ କୁଆଁର କୁଆଁରୀଙ୍କ ମନ ସମୁଦ୍ରରେ ମଧ୍ୟ ସୃଷ୍ଟି କରେ ଉତ୍ତୁଙ୍ଗ ଜୁଆର । ମୁଁ ତ ନିଜେ କୁଆଁର । ମୁଁ ବା ବାଦ୍ ପଡନ୍ତି କିପରି ? ଆମ୍ବ ଗଛ ଛାଇରେ ହାତ ଛନ୍ଦି ଛିଡା ହୋଇ ମୁଁ ଏକ ଲୟରେ ଜହ୍ନକୁ ଦେଖୁଛି । ବାସ୍ତବରେ ପ୍ରେମୀଙ୍କ ପାଇଁ ଏ ଜହ୍ନଟା ଆହୁରି ସୁନ୍ଦର । ମୁଁ ଜହ୍ନକୁ କହି ଚଲିଥାଏ ଅନେକ କଥା । ମନେ ମନେ ଭାବୁଥାଏ ଯଦି ପ୍ରୀତି ତା' ସାଙ୍ଗମାନଙ୍କ ସହ ଲୁଚକାଳି ଖେଳି ଖେଳିକା ଏଠାକୁ ଆସି ଯାଆନ୍ତା, ମୋ ମନରେ ସମୁଦ୍ରରେ ସୃଷ୍ଟ ଜୁଆରରେ ତା' କୁଆଁରୀ ମନକୁ ସିକ୍ତ କରି ଦିଅନ୍ତି । ମୋ ଅନେକ ଦିନର ସ୍ୱପ୍ନ ଆଜି ବାସ୍ତବ ରୂପ ନିଅନ୍ତା । ମୋ ମନ ତଳର ଅବ୍ୟକ୍ତ ଗୋପନ କଥାକୁ ତା' ଆଗରେ ବ୍ୟକ୍ତ କରି କହନ୍ତି, "ମୁଁ ତୁମକୁ ଭଲପାଏ ପ୍ରୀତି ।" ଏମିତି ଆହୁରି ଅନେକ କିଛି । ହଠାତ୍ ମୋ ସହ କିଏ ଜଣେ ଧକ୍କା ହୋଇ ଯାଇଥିଲା । ମୁଁ ଆଗକୁ ଝୁଙ୍କି ପଡି ଭାରସାମ୍ୟ ରକ୍ଷାକଲି କିନ୍ତୁ ସେ ଭାରସାମ୍ୟ ହରାଇ ତଳେ ପଡିଗଲା । ତା' ମୁଁହରେ ପଡିଥିବା ଜହ୍ନ ଆଲୁଅରୁ ମୁଁ ପ୍ରୀତିକୁ

 Download Magazine from www.aahwaan.com

ଠିକ୍ ଚିହ୍ନି ପାରିଥିଲି । ସେ ଶଙ୍କିତ ସ୍ୱରରେ କହିଲା, "ତୁମେ ଏଠି ଥିବାର ମୁଁ ଜାଣିନଥିଲି । ସାଙ୍ଗ ମାନଙ୍କ ସହ ଲୁଚକାଳି ଖେଳୁ ଖେଳୁ ତୁମ ସହ ଧକ୍କା ହୋଇଗଲା । ମୋର ଭୁଲ୍ ହୋଇଯାଇଛି । ମୋତେ କ୍ଷମା କରିଦିଅ ।" ମୁଁ ଖାଲି ହତବାକ୍ ହୋଇ ଚାହିଁ ରହିଥିଲି । ମୋତେ ଏ ସବୁ ସ୍ୱପ୍ନ ପରି ପ୍ରତୀୟମାନ ହେଉଥିଲା । ମୁଁ କିଛି କହି ପାରୁନଥିଲି । ଟିକିଏ ଆଗରୁ ଭାବୁଥିବା କଥା ମଧ୍ୟ କହି ପାରିଲିନାହିଁ । ତା' ଆଖି ଦୁଇଟିକୁ ଏକ ଲୟରେ ଚାହିଁ ରହିଲି; ଯେମିତି ଚନ୍ଦ୍ରକୁ ଚାହିଁ ରହିଥିଲି । ତା'ର ଆଖି ଦୁଇଟି ଖୁବ୍ ସୁନ୍ଦର; ସତେ ଯେମିତି କଥା କହୁଛି । ହରିଣ ଆଖି ପରି ଚଞ୍ଚଳ ଆଖି ଦୁଇଟି ଶଙ୍କି ଯାଇଥିଲେ । ମୋତେ ଲାଗୁଥିଲା ତା' ଆଖି ଦୁଇଟି ମୋତେ ଭଲ ପାଇବାକୁ ଆହ୍ୱାନ କରୁଛନ୍ତି । ଆଖିର ମିଳନ ପରେ ଭଲ ପାଇବାର ଅୟମାରମ୍ଭ । ତା' ଆଖି ଦୁଇଟି ମୋତେ ଭଲ ପାଇବାକୁ ସ୍ୱାଗତ କରୁଥିଲେ ନିଶ୍ଚୟ ।

ପ୍ରୀତିର ବାହାଘର ଠିକ୍ ହୋଇଯାଇଛି । ତା'ର ଭାବୀ ସ୍ୱାମୀ ଏକ ବହୁରାଷ୍ଟ୍ରୀୟ କମ୍ପାନୀରେ ଉଚ୍ଚ ପଦବୀରେ ଅଧିଷ୍ଠିତ । ଏହି ପ୍ରସ୍ତାବରେ ତା'ର କିଛି ପ୍ରତିବାଦ କରିବାର ନଥିଲା । ତା ଭାବୀ ସ୍ୱାମୀର ସମ୍ଭ୍ରାନ୍ତତା ପାଇଁ ଭୁଲିବାକୁ ଚେଷ୍ଟା କରୁଥିଲା ଜହ୍ନ ଆଲୁଅ ତଳର ଚାରିଆଖିର ମିଳନକୁ । ତା' ଭାବୀ ସ୍ୱାମୀ ପାଇଁ ସେ ଆପେ ଗର୍ବିତ ହେଉଥିଲା ।

ରୁବି ମାଉସୀଙ୍କ ଝିଅ ସହିତ ପ୍ରୀତି ମାଉସୀ ଘରକୁ ଆସିଥିଲା । ସେ ଦିନ ମୁଁ ଏକ ପ୍ରଶ୍ନବାଚୀ ଆଖି ନେଇ ଚାହିଁ ରହିଥିଲି । ସେ ଥରକୁ ଥର ବାରମ୍ବାର ଟିକେ ଚାହିଁ ମୁହଁ ଫେରାଇ ନେଉଥାଏ । ମୋତେ ଲାଗୁଥିଲା ତା' ଆଖି ଦୁଇଟି ମୋତେ ଯେମିତି ମନା କରୁଛନ୍ତି ତାକୁ ଏମିତି ଚାହିଁବା ପାଇଁ । ପର ଝିଅ ବୋହୁଙ୍କୁ ଆଖି ପୁରାଇ ଚାହିଁବା ଅନୁଚିତ୍ । କାହାର ଗୁରୁତ୍ୱପୂର୍ଣ୍ଣ ଚିଜଟିଏ ହଜିଗଲେ ବା ଭାଙ୍ଗିଗଲେ ଯେମିତି ଅନ୍ୟମାନେ ଆଶ୍ୱାସନା ଦିଅନ୍ତି; ତା' ଆଖିଦୁଇଟି ମୋତେ କହୁଥିଲେ, "ଯାହାର ଯେଉଁଠି ଯୋଗ ଅଛି ସେ ସେଠରେ ହିଁ

 Download Magazine from www.aahwaan.com

ବାହାହେବ । ଏହା କପାଳ ଲିଖନ । ଏଥିପାଇଁ ଦୁଃଖ କରିବା ଅନୁଚିତ୍ ।”

ପ୍ରଭୁତ କ୍ଷତିରେ କମ୍ପାନୀ ବୁଡି ଯାଇଛି । ପ୍ରୀତିର ସ୍ୱାମୀଙ୍କୁ ନିଜର ପଦବୀ ହରାଇବାକୁ ପଡିଛି । ସେ ଏବେ ସଂପୂର୍ଣ୍ଣ ବେକାର । ଏ ଦୁଃଖକୁ ପାଶୋରିବା ପାଇଁ ସେ ମଦ୍ୟପ ବି । ମଦ କିନ୍ତୁ ଦୁଃଖ ଦୂର କରିପାରେ ନାହିଁ ବରଂ ଦୁଃଖକୁ ବହୁଗୁଣିତ କରିଦିଏ । ପ୍ରୀତି ପ୍ରତିବାଦ କରି ପ୍ରତି ବଦଳରେ ପାଏ ପ୍ରହାର ହିଁ ପ୍ରହାର, ଅକଥନୀୟ ଗାଳି । ଶାଶୁ, ନଣନ୍ଦ, ଦିଅର ସମସ୍ତଙ୍କ କୋପ ଦୃଷ୍ଟି ପଡିଛି ପ୍ରୀତି ଉପରେ । ସବୁ ଦୋଷ ଯେମିତି ତା'ର । ପ୍ରୀତି ଯୋଗୁଁ ହିଁ ଯେମିତି ତା' ସ୍ୱାମୀର ଏ ଅବସ୍ଥା । ସେ ଆଜି ସ୍ୱାମୀ ପରିତ୍ୟକ୍ତା ।

ଆଜି ବି କୁଆଁର ପୂର୍ଣ୍ଣିମା । ଆଜି ବି ଜହ୍ନଟା ଠିକ୍ ସେମିତି ଅପରୂପ ଶୋଭା ପରିପୂର୍ଣ୍ଣ । ହେଲେ ମୋଆଖିରେ ଭବିଷ୍ୟତ ସ୍ୱପ୍ନ ନାହିଁ; ଖାଲି ଅତୀତର ସ୍ମୃତି ପୂର୍ଣ୍ଣ । ମୋ ମନ ସମୁଦ୍ରରେ ସ୍ୱପ୍ନର ଜୁଆର ସୃଷ୍ଟି କରିବାକୁ ପୂର୍ଣ୍ଣିମାର ଜହ୍ନ ଦେହରେ ଶକ୍ତିର ଅଭାବ । ପ୍ରୀତିର ମଧ୍ୟ ବୋହୁ ବୋହୁକା ଖେଳିବାର ବୟସ ଆଉ ନାହିଁ । ସେ ତ ସତ ସତିକା ବୋହୁ ହୋଇଯାଇଛି । କୁଆଁରୀଏ ଗାଁ ଦାଣ୍ଡରେ ଚଉଁରା ଥାପି ଜହ୍ନିଓଷାରେ ବ୍ୟସ୍ତ । ଆଜି ଗାଁ ଦାଣ୍ଡରେ ତା ସହ ମୋର ଦେଖା ହୋଇଥିଲା । ମୁଁ ନୈରାଶ୍ୟର ଚାହାଁଣିରେ ଚାହିଁଥିଲି ତା' ମୁଁହକୁ । ସେ କରୁଣ ଭାବେ ମୋତେ ଚାହିଁ ରହିଥିଲା । ତା' ଆଖି ମୋତେ ଯେମିତି କହୁଥିଲା, “ମୋର ଆଉ କିଛି କରିବାର ନଥିଲା । ଆଉ ଥିଲେ ବି କ'ଣ କରିଥାନ୍ତି ?” ପ୍ରଥମ ଥର ପାଇଁ ତା'ର ସେହି ସୁନ୍ଦର ଆଖି ଦୁଇଟିରୁ ଆଷାଢ ଶ୍ରାବଣର ବନ୍ୟାକୁ ମୁଁ ଦେଖିଥିଲି । ସେ ନା ମୋତେ ଆଉ ଭଲ ପାଇ ପାରୁଥିଲା ନା ମୋତେ ଘୃଣା କରି ପାରୁଥିଲା । ଇଛା ହେଉଥିଲା ତା' ଆଖିରୁ ଆଷାଢ ଶ୍ରାବଣର ବନ୍ୟା ଧାରକୁ ପୋଛି ଦେବାକୁ । କିନ୍ତୁ ମୋର ମଧ୍ୟ କିଛି କରିବାର ନଥିଲା । କାରଣ ସେ ପରା ପର ସ୍ତ୍ରୀ...... ।

ଠିକଣା - ଗୋପବନ୍ଧୁ ହାଇସ୍କୁଲ୍, ପୋଲସରା, ଗଂଜାମ, ପିନ୍-୭୬୧୧୦୫ ।

ଭ୍ରାମ୍ୟଭାଷ : ୯୮୬୧୭୩୨୨୫୭ । ଇମେଲ୍ - subhakantasahu@rocketmail.com

Download Magazine from www.aahwaan.com

# କିଏ ସ୍ୱାର୍ଥପର



ଇଂ ସଦାଶିବ ନାୟକ

ସମୟ ପ୍ରାୟ ରାତ୍ର ୧୧ଟା । ହଠାତ୍ ବାହାରର କୋଳାହଳ ମୋ ମନକୁ ଇତଃସ୍ତତ କରିଦେଲା । ବାହାରକୁ ଆସି ଏକ ଅଦ୍ଭୁତ ଦୃଶ୍ୟ ଦେଖିଲି । ଯେଉଁ ଘରର କବାଟ ରାତି ୭ଟାରେ ବନ୍ଦ ହୋଇ ପୁଣି ଭୋର ୩ଟାରେ ଖୋଲେ, ଆଜି ପୁଣି କଣ ପାଇଁ ବିଡମ୍ବନା, ପରିସ୍ଥିତିକୁ ବୁଝିବା ପାଇଁ ନିକଟକୁ ଯାଇ ଦେଖିଲି ସମସ୍ତେ ନିସ୍ତବ୍ଧ, ମନରେ ଅଛି ଅସୁମାରି କୋହ । ମୋ ମନର ଆବେଗକୁ ନିୟନ୍ତ୍ରଣ କରିନପାରି ପ୍ରଶ୍ନକଲି, କିନ୍ତୁ ଏକ ନିରବ ଦୁଃଖଭରା ଚାହାଣି ହିଁ ଥିଲା ମୋ ପାଇଁ ଉତ୍ତର । ମୋ ମନ ଭିତରେ ଆନ୍ଦୋଳିତ ହେଲା ପ୍ରଶ୍ନର ଲହରି । ହଠାତ୍ ଲକ୍ଷ୍ୟ ପଡିଲା ଏକ ୮୨ ବର୍ଷର ବୃଦ୍ଧଙ୍କ ଉପରେ । ଯାହାକୁ ଦେଖିଲେ ମନେ ହୁଏ ପରିଶ୍ରମ କଣ ୟାଙ୍କଠୁ ଶିଖିବା ଉଚିତ । ବୟସର ସାୟାହ୍ନ ନିରାଶ କରିପାରିନି ଯାହାଙ୍କୁ । ସେହି ଜଣେ ମାତ୍ର ଲୋକର ବିଳାପ, ଆବେଗ ଓ କୋହ, ସତେ ଯେମିତି ପରିବେଶଟିକୁ ଶୋକାକୁଳ କରିଦେଇଛି । ଆବେଗ ଭରା କୋହରେ ଶିଥିଳିତ ତାର ଅଶ୍ରୁ ପୂରିତ ନୟନ ଯୁଗଳ । ପୁଣି ଆତ୍ମୀୟମାନେ ଭୟରେ କହୁଛନ୍ତି ବାହାରେ କାନ୍ଦନାହିଁ ଘର ଭିତରକୁ ଯାଅ । ସନ୍ଦେହ ମୋର ଦ୍ୱିଗୁଣିତ ହେଲା । ବୋଧହୁଏ ଏହି ବୃଦ୍ଧ କ୍ଷେତ୍ରରେ କିଛି ଭୁଲ ହୋଇ ଯାଇଛି ସେଥିପାଇଁ ଆତ୍ମୀୟମାନେ ବାହାରର ଲୋକଙ୍କୁ ଜଣାଇବାକୁ ଚାହାନ୍ତି ନାହିଁ । ଭାବିଲି ଘରକୁ ଗଲେ ବୃଦ୍ଧ ଜଣକ ପ୍ରକୃତିସ୍ତ ହୋଇ ଶାନ୍ତି ହୋଇଯିବେ କାରଣ ଘରେ ଅଛନ୍ତି ତାଙ୍କ ମନକୁ ଚିହି ପାରିଥିବା ଗୃହିଣୀଟିଏ, ହାତଧରି ବାହାହୋଇ ଥିବା ସ୍ତ୍ରୀ ତ ଏକାକରି ଚାଲି ଯାଇଛି ବହୁ ଦିନରୁ, ହେଲେ ମନକୁ ବୁଝି ପାରୁଥିବା ନବବଧୂଟି

Download Magazine from www.aahwaan.com

ନିଶ୍ଚିତଭାବରେ ଆଶ୍ୱସନା ଦେଇ ବୁଝେଇ ପାରିବ ବୃଦ୍ଧଟିକୁ । କବାଟ ଫାଙ୍କରେ ଦେଖି ସମସ୍ତଙ୍କ ଉପସ୍ଥିତି ମୋର ଅନୁଭବ ହେଲା । ଭାବିଲି ବୃଦ୍ଧଟି ଯେଉଁ ବୋହୂକୁ ଝିଅଠୁ ଅଧିକ ଭଲପାଏ । ଯେଉଁ ବୋହୂକୁ ନେଇସେ ବହୁତ ଖୁସି ସେ ବୋହୂଟି ନିଶ୍ଚିତ ଭାବେ ତାର ମନର ଯନ୍ତ୍ରଣାକୁ ଉପଶମ କରିପାରିଥିବ ତାହାହିଁ ହେଲା । ଘର ଭିତରୁ ଆଉ ଶବ୍ଦ ଶୁଭିଲାନି କବାଟ ବନ୍ଦ ହୋଇଗଲା । ରାତ୍ରର ନିରବତାରେ ମୋର ପ୍ରଶ୍ନ ସବୁ ଉଭେଇଗଲା । ମୁଁ ବି ବିଛଣାରେ ନିରବି ଗଲି । ସକାଳ ହେଲା, ଶୁଭ ସକାଳର ଆଗମନ । ମୁଁ ଶଯ୍ୟାତ୍ୟାଗ କରୁ କରୁ ମୋ ବୋଉ କହିଲା, ବାପରେ ଭଲ ବୋହୂଟି ଚାଲିଗଲା । ପୁଅ, ଝିଅ, ସ୍ୱାମୀ, ଶ୍ୱଶୁରକୁ ଛାଡି ଆତ୍ମହତ୍ୟା କଲା କିପରି ,କଣ ପାଇଲାସେ ହଠାତ୍ ମୁଁ ଗତରାତିର କଥା ମନେ ପକାଇଲି. କଣ ସେହି ଘରର କଥା ବୋଉ କହୁନିତ ?

ବାଜା ବାଜଣା ବାଜି ଯେଉଁ ବୋହୂଟି ସବାରି ଚଢି ଆସିଥିଲା । ବାଜା ବାଜଣାରେ କୋକେଇ ଚଢିଗଲା । କିନ୍ତୁ ନିଷ୍ପାପ ଶିଶୁଙ୍କ କଥା ବୁଝିବ କିଏ ? ସ୍ୱାମୀ ଓ ଶ୍ୱଶୁରକୁ ସେବା କରିବ କିଏ ? ଘରର ସମସ୍ତ ଦାୟିତ୍ୱ ନେବ କିଏ ? ଶ୍ୱଶୁରକୁ ମନଲାଗି ରୋଷେଇ କରି ଦେବ କିଏ ? ଏକ ସାଧାରଣ ଉତ୍ତର ସମସ୍ତ ଅସମାହିତ ପଶ୍ନର ସମାଧାନ ଥିଲା – " ଘରକୁ ନୁଆଁ ବୋହୂ ଆସିବ ।" ଘରଲୋକ ଓ ପରଲୋକ ପାଇଁ ସୁନାନାକି ବୋହୂଟିର ସତେ ଯେପରି ଏକ ବିକଳ୍ପ ଥିଲା - ଏକ ନୁଆ ବୋହୂ ।

ଏଥିପାଇଁ ମନରେ ପଶ୍ନ ଉଠେ ଏଠି କିଏ ସ୍ୱାର୍ଥପର । ସଂସାରର ବୋଝକୁ ମୁଣ୍ଡାଇ ମୁଣ୍ଡାଇ ଥକି ପଡି ନିଜ ରାସ୍ତା ବାଛିଥିବା ବୋହୂଟି ସ୍ୱାର୍ଥପର ନା ଆଉ ଏକ ଭାର୍ଯ୍ୟା ଆପଣାଇଥିବା ସ୍ୱାମୀଟି ସ୍ୱାର୍ଥପର ନା ହୃଦୟକୁ ବୁଝିପାରିଥିବା ବୋହୂକୁ ଭୁଲି ଆଉ ଏକ ବିକଳ୍ପର ସାହାରା ନେଇଥିବା ଶ୍ୱଶୁରଟି ସ୍ୱାର୍ଥପର ?

ମଥୁରା, ପୋଲସରା, ଗଂଜାମ

Download Magazine from www.aahwaan.com

# ବୋକିଝିଅ



ସନାତନ ମହାକୁଡ଼

ବାପା, ପ୍ଲିଜ୍, ମୋ ମାସେଜ୍ ଟି ପଢ଼ିବ , ମମି ର ମାସେଜ୍ ଭାବି ଫୋନ୍ ଅଫ୍ କରିଦବନି ।

କଥା କଣ କି ସ୍କୁଲ ପ୍ରୋଗ୍ରାମରେ ମୋର ଗୀତ ଗାଇବାକୁ ଅଛି ।

ସମସ୍ତଙ୍କ ମା,ବାପା ଆସିବେ ।

ତମେ ତ ଜାଣିଛ, ତମେ ମୋ ସାମ୍ନାରେ ବସିନଥିଲେ ମୋର ତାଳ ଭୁଲ ହେଇଯାଏ ।

ପ୍ଲିଜ୍, ତମେ ଆସିବନା ?

ମୁଁ, ଜାଣିଛି, ମା, ଯୌତୁକ ଆଣିନି ବୋଲି ତମେ ରାଗିକି ଆମକୁ ଅଜା ଘରକୁ ପଠେଇ ଦେଇଛ ।

ମୁଁ ପ୍ରମିସ୍ କରୁଛି, ଗଡ୍ ପ୍ରମିସ୍, ମୁଁ ବଡ଼ ହେଲେ ତମ ପାଇଁ ବହୁତ ଯୌତୁକ କିଣି ଆଣିବି । ଏବେ ତମେ ଆମକୁ ନେଇଯାଅନା !

ପ୍ଲିଜ୍, ବାପା, ମୋ ଗୀତ ଶୁଣିବାକୁ ଆସିବନା ! ନହେଲେ ମୋର ତାଳ ଭୁଲ ହେଇଯିବ ଯେ !

Download Magazine from www.aahwaan.com

# ପ୍ଲାଟ୍‌ଫର୍ମ



ସତ୍ୟବ୍ରତ ମହାପାତ୍ର

ଡର ଲାଗୁଥିଲା । ହଁ, ଲାଗିବନି ବି କେମିତି, ଏ ମୁଣ୍ଡ ସେମୁଣ୍ଡ ପୁରା ଶୂନଶାନ । ସତରେ ଏ ଛୋଟିଆ ପ୍ଲାଟଫର୍ମଟା ଖାଲି ହୋଇଗଲା ପରେ କେତେ ଅବାଗିଆ ଲାଗୁଛି । ମୋର ଭୀଷଣ ଭୁଲ ହେଇଗଲା, ନ ଜାଣିକି ଏ ଷ୍ଟେସନରେ ଓଲ୍‌ହାଇ ପଡିଲି । ଟ୍ରେନ୍ ଛାଡିଦେଲା । ଛୋଟିଆ ଷ୍ଟେସନଟେ । ଷ୍ଟେସନ ମାଷ୍ଟରଙ୍କୁ ସବୁକଥା କହିଲି । ସେ କହିଲେ ଚେଷ୍ଟା କରିବେ ମୋ ବ୍ୟାଗକୁ ଟ୍ରାକ କରିବାପାଇଁ । ପରବର୍ତ୍ତୀ ଟ୍ରେନ୍ ସକାଳ ଆଠଟାରେ । ଆହୁରି ଚଉଦ ପନ୍ଦର ଘଣ୍ଟା ଅଛି । କରିବି କଣ ?ବୁଝିଲି ଏ ଷ୍ଟେସନଟା ଟାଉନ୍‌ଠାରୁ ଦୂରରେ । ପାଖରେ କିଛି ବି ନାହିଁ ନା ରହିବାକୁ ବା ଖାଇବାକୁ । ଛାନିଆ ହୋଇ ପ୍ଲାଟଫର୍ମର ଏକ ମାତ୍ର ଦୋକାନରୁ ଯାହା ବିସ୍କୁଟ ମିଳୁଥିଲା କିଣି ପକାଇଲି । ଉପାୟଶୂନ୍ୟ ଭାବେ ଆଜି ରାତିଟା ଏଇଠି ବିତେଇବାକୁ ପଡିବ ।

ଧୀରେ ଧୀରେ ଅନ୍ଧାର ମାଡି ଆସିଲା ଓ ପ୍ଲାଟଫର୍ମ ଜନଶୂନ୍ୟ । ଗୋଟିଏ ବୁଲାଷଣ୍ଢ, ଦୁଇ ତିନୋଟି କୁକୁର ଓ ମୁଁ । ନିଜ ଟ୍ରେନ୍ ଛାଡିଦେବା, ବ୍ୟାଗ ହଜାଇ ଦେବାର ମନସ୍ତାପ ସାଙ୍ଗକୁ ଏ ପରିବେଶ ମତେ ଯେମିତି ଚାପୁଡା ମାରିଲା ପରି ଲାଗୁଥିଲା । ଭାଗ୍ୟ ଭଲ ମୋବାଇଲଟାରେ ଫୁଲ୍ ଚାର୍ଜ ଥିଲା । ନହେଲେ ଆହୁରି କଷ୍ଟ । ଘରକୁ ଫୋନ୍ କରି ଜଣାଇ ଦେଇଥିଲି । ଘରଣୀ ବ୍ୟସ୍ତ ତ ହେଲେ କିନ୍ତୁ ତା ଭିତରେ ଚେତାଇ ଦେଲେ ଯେ ମୁଁ ଜଣ ନିହାତି ବୋକା ଲୋକ ଓ ମହାମୁର୍ଖ ବୋଲି । ମୁଁ ସବୁବେଳେ ତ ତାଙ୍କ କଥାରେ ସହମତ ଥାଏ, ଆଉ ଏଥର ଆଉ କଣ ବା କହିଥାଆନ୍ତି । ଏବେ ଚିନ୍ତା ରାତିଟା କଟିବ କେମିତି ।

 Download Magazine from www.aahwaan.com

ରାତି ଆଗକୁ ବଢି ଚାଲିଛି । ଏବେ ପ୍ଲାଟଫର୍ମରେ ମତେ ସାଥୀଦେବାକୁ ଯୋଡାଏ ମଦୁଆ । ଡର ଲାଗୁଥିଲା କାଳେ ସେମାନେ ମୋବାଇଲ୍ ଛଡେଇ ନେବେ । କିନ୍ତୁ ସେମାନେ ତାଙ୍କ କାର୍ଯ୍ୟକ୍ରମରେ ବ୍ୟସ୍ତ ଥାଆନ୍ତି । ଆଉ ଧୀରେ ଧୀରେ ସେମାନେ ବି କୁଆଡେ ପଳାଇଗଲେ । ପୁରା ଶୂନଶାନ । ହଠାତ୍ ପାଦଶବ୍ଦରେ ମତେ ଚାଉଁକିନା ଲାଗିଲା । ମିଞ୍ଜି ମିଞ୍ଜି ଆଲୁଅରେ ଦେଖିଲି କେହି ଜଣେ ଆସୁଛନ୍ତି । ପାଖକୁ ଆସିଲା ପରେ ଦେଖିଲି ଆରେ ଇଏ ତ ଷ୍ଟେସନ ମାଷ୍ଟର ।

ଭଦ୍ରଲୋକ ଆସି ମୁଁ ବସିଥିବା ବେଞ୍ଚରେ ବସିଗଲେ । କହିଲେ, କଣ ଆଜି ରାତିରେ ଏଠି ମଶା ବାଡେଇବେ । ମୁଁ କହିଲି ଆଜ୍ଞା, କିଛି ଉପାୟ ତ ନାହିଁ । ହସି କହିଲେ, ସବୁ ପ୍ରଭୁଙ୍କ ଇଛା । ମତେ ବାଧିଗଲା, ମୁଁ କହିଲି ଏଇଟା ପ୍ରଭୁ କାହିଁକି କରିବେ, ମୋର ମୂର୍ଖତା । ଆପଣ ଏଠି ଅପନ୍ତରାରେ ପଡିଛନ୍ତି, ତାହା ବି କଣ ପ୍ରଭୁଙ୍କ ଇଛା । ସେ ଟିକିଏ ଚୁପ୍ ରହିଲେ ଓ କିଛି ସମୟପରେ କହିଲେ ଆପଣଙ୍କ ବ୍ୟାଗ୍ ମିଳିଯାଇଛି । ଆପଣଙ୍କ କୋଚ୍‌ରେ ଯାଉଥିବା ଗାର୍ଡଙ୍କୁ ଦିଆହୋଇଛି, ସେ ଆପଣଙ୍କ ଗନ୍ତବ୍ୟ ଷ୍ଟେସନରେ ଜମା ଦେଇଦେବେ । ମୁଁ ଲଜ୍ଜିତ ହୋଇ ସଙ୍ଗେ ସଙ୍ଗେ ଭଦ୍ରଲୋକଙ୍କୁ କ୍ଷମା ମାଗିଲି ଓ ଧନ୍ୟବାଦ ଜଣାଇଲି । କିଛି ସମୟ ଏଣୁତେଣୁ କଥା ହେବାପରେ ସେ କହିଲେ, ଜାଣନ୍ତି ମତେ ଯଦି ପ୍ରଭୁ ଏଠାକୁ ଆଣି ନଥାନ୍ତେ, ତେବେ ମୁଁ ଏବେ ଜେଲରେ ବା ପାଗଳଖାନାରେ । ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି, ଏମିତି କାହିଁକି ?

ସେ ଟିକିଏ ଚୁପ୍ ରହିଲେ, ତା ପରେ କହିଲେ, ଗତବର୍ଷ ଗୋଟିଏ ଟ୍ରେନ୍ ବିନା ଇଞ୍ଜିନ୍ ଗଡିଗଲା, ଶୁଣିଥିବେ ? ମୁଁ ହଁ ଭରିଲି । ସେ କହିଲେ, ସେଇ ଘଟଣା ମୁଁ ଏହା ପୂର୍ବରୁ ଥିବା ଷ୍ଟେସନରେ ହୋଇଥିଲ । ମୁଁ କହିଲି, ହଁ ଭଗବାନଙ୍କ ଯୋଗୁଁ ଏତେ ଲୋକ ବଞ୍ଚିଗଲେ ।

Download Magazine from www.aahwaan.com

ସେ ହସିଦେଇ କହିଲେ, ଆପଣ ତା ହେଲେ ମାନୁଛନ୍ତି ସବୁ ସେଇ ଉପରବାଲା ଯୋଗୁଁ ହେଉଛି ? ମୁଁ ହଁ ନା କରିରହିଲି । କହିଲି, ତେବେ ଆପଣଙ୍କୁ ଏଠି ଦଣ୍ଡସ୍ୱରୁପ ବଦଳି ହୋଇଛି । ସେ କହିଲେ, ଠ, ସେଇଆ ଭାବି ପାରନ୍ତି । କେଉଁଠି ନା କେଉଁଠି ଆମର ଭୁଲ୍‌ଥିଲା । କିନ୍ତୁ ସବୁଠାରୁ ବଡ କଥା ଯାତ୍ରୀମାନେ ସୁରକ୍ଷିତ ରହିଗଲେ । ମୁଁ ଟିକିଏ ଉତ୍ତେଜିତ ହୋଇ କହିଲି, ସେମାନଙ୍କ ଆୟୁଷ ଟାଣଥିଲା, ସେମାନେ ରକ୍ଷା ପାଇଗଲେ ।

ଭଦ୍ରଲୋକ ମୋ ସହିତ ହଁ ମିଶାଇଲେ ଓ କହିଲେ ଏଇଟା ସତ କଥା । ଯଦି ସେ ଗାଡି କେଉଁଠି ଓଲଟି ପଡିଥାଆନ୍ତା, ତା'ହେଲେ ମୋତେ ଜେଲ ହୁଏତ ହୋଇଥାନ୍ତା । ମୁଁ ବି ପଶ୍ଚାତାପରେ ହୁଏତ ପାଗଳ ହୋଇ ଯାଇଥାଆନ୍ତି । ପ୍ରଭୁଙ୍କ ଇଛାରୁ କିଛି ହେଲାନି । କିଛି ମାସ ସସ୍ପେଣ୍ଡ ପରେ ମୋର ଏଇଠି ପୋଷ୍ଟିଂ ହେଲା । କଷ୍ଟକର ଜୀବନ କିନ୍ତୁ ଚାକିରୀରେ ତ ଅଛି, ଘରସଂସାର ଚଳୁଛି ।

ତାଙ୍କ ମୁହଁରୁ କଥା ଛଡେଇ ମୁଁ କହିଲି ସବୁ ସେହି ପ୍ରଭୁଙ୍କ ଇଛା । ଭଦ୍ରଲୋକ ଟିକିଏ ହସିଦେଲେ ଓ ଉଠି ଚାଲିଗଲେ । ଖରାପ ଭାବିଲେ ବୋଧହୁଏ ।

ରାତି ଆଗକୁ ମାଡି ବସୁଥାଏ । ପ୍ଲାଟଫର୍ମ ଏବେ ପୁରା ଖାଲି । ସେ ଷଣ୍ଢ ଓ କୁକୁରମାନେ କେତେବେଳୁ ଶୋଇ ପଡିଲେଣି । ମୁଁ ଭାରି ସାହାସୀ । ହେଲେ ଏବେ ମତେ ଡରରେ ଜର ଆସିଗଲା ପରି ଲାଗୁଥାଏ । ବେଞ୍ଚଟା ଉପରେ ମୁଁ କେତେବେଳେ ଶୋଇପଡିଛି ଜାଣିନି । ହଠାତ୍ ମୋ ନିଦ ଭାଙ୍ଗିଗଲା କାହା ଡାକରେ । ଛାନିଆ ହେଇ ଉଠି ଦେଖିଲି, ଷ୍ଟେସନ ମାଷ୍ଟର ଠିଆ ହୋଇଛନ୍ତି ।

ସେ କହିଲେ, ଏଇଠୁ ଚାଲନ୍ତୁ । ମୁଁ ଯନ୍ତ୍ରବତ୍ ତାଙ୍କ ସହିତ ଯାଇ ଗୋଟିଏ ଛୋଟ କ୍ୱାର୍ଟର ପହଞ୍ଚିଲି । ଭଦ୍ରଲୋକ କହିଲେ ମୁହଁ ହାତ ଧୋଇ ଆସନ୍ତୁ, ମିଶି ଖାଇଦେବା ।

 Download Magazine from www.aahwaan.com

ଲାଜଲାଗିଲା, କିନ୍ତୁ ପରମତୃପ୍ତିରେ ଗଣ୍ଡେ ଖାଇ ମୁଁ ସେଇବଖରାରେ ଶୋଇ ପଡିଲି । ସକାଳୁ ଉଠି ଆଗ ଭଦ୍ରଲୋକଙ୍କୁ ଧନ୍ୟବାଦ ଦେଲି । ତା'ପରେ ପଚାରିଲି, ଆପଣ ମୋ ପରି ଜଣେ ଅଜଣା ଲୋକକୁ ଏମିତି ସାହାଯ୍ୟ କଲେ ଯେ ?

ଭଦ୍ରଲୋକ ହସି କହିଲେ, ସବୁ ସେହି ପ୍ରଭୁଙ୍କ ଇଛା ।

କିଛି ସମୟ ପରେ ଟ୍ରେନ୍ ଆସିଗଲା ଓ ସେ ମତେ ଗୋଟିଏ ଖାଲି ସିଟରେ ବସାଇ ଦେଲେ । ଟ୍ରେନ୍ଛାଡିଲା, କିନ୍ତୁ ମୋ ମନ ସେଇ ଷ୍ଟେସନରେ ଲାଗି ରହିଥିଲା । ସତରେ କଣ ସବୁ ପ୍ରଭୁଙ୍କ ଇଛା ! !

ପ୍ରାଚୀ ଏନକ୍ଲେଭ
ଚନ୍ଦ୍ରଶେଖରପୁର
ଭୁବନେଶ୍ୱର

# ଆପଣ ଜାଣନ୍ତି କି ?

ଆହ୍ୱାନର ଆଣ୍ଡ୍ରଏଡ୍ ଆପ ମାଧ୍ୟମରେ ଆପଣ ନିଜ ମୋବାଇଲରୁ କ୍ଷୀପ୍ର ବେଗରେ ଆମ ନିକଟକୁ ଲେଖା ପଠାଇପାରିବେ । ଗୁଗୁଲ୍ ପ୍ଲେ ଷ୍ଟୋରରେ ଯାଇ ଆହ୍ୱାନର ଆଣ୍ଡ୍ରଏଡ୍ ଆପ୍ ଆଜି ହିଁ ଡାଉନଲୋଡ୍ କରନ୍ତୁ ଏବଂ ନିଜ ମୋବାଇଲରେ ଇନ୍ଷ୍ଟାଲ୍ କରନ୍ତୁ ।

Download Magazine from www.aahwaan.com

# ପାଉଁଜି



ଅନିଲ୍ ସାହୁ

ସେଦିନ ମୁଁ ଆଉ ମୋ ସାଙ୍ଗମାନେ ମିଶି ପୁରୀ ବେଳାଭୂମି ଆଡ଼େ ବୁଲିବାକୁ ଯାଇଥିଲୁ । ସମସ୍ତେ ମିଶି ବହୁତ ସମୟ ଗାଧେଇଲୁ । କିଛି ସମୟ ପାଇଁ ଓଦା ସରସର ହୋଇ ମୁଁ ଆସି କୂଳରେ ଛିଡ଼ା ହୋଇଥାଏ । ମୋ ସାମ୍ନା ପଟରୁ ଦୁଇ ଜଣ ଝିଅ ଆସୁଥାନ୍ତି । ସେ ଦୁଇ ଝିଅଙ୍କ ଭିତରୁ ଗୋଟିଏ ଝିଅ ଉପରେ ମୋର ନଜର କିଛି ସମୟ ପାଇଁ ଅଟକି ଗଲା । ସତେ ଯେମିତି ସ୍ୱର୍ଗର ପରୀଟିଏ, ଗୋଟିଏ ଚାଉଳରେ ଗଢ଼ା ହୋଇଛି । କାହିଁକି କେଜାଣି ସେମାନଙ୍କ ପିଛା କରିବାକୁ ଲାଗିଲି । ସେମାନେ ମୋ ଆଗରେ ଆଉ ମୁଁ ସେମାନଙ୍କ ପଛରେ ଚାଲିଲି ।

କିଛି ବାଟ ଅତିକ୍ରାନ୍ତ କରିବା ଭିତରେ ଯେଉଁ ଝିଅଟି ମୋର ପସନ୍ଦ ହୋଇଥିଲା, ତା ଅଜାଣତରେ ତା ପାଦରୁ ପାଉଁଜିଟିଏ ଛିଣ୍ଡିଗଲା ଆଉ ସେ ପାଉଁଜିଟିକୁ ମୁଁ ପାଇଲି । ଭାବିଲି ଏଇଟା ସବୁଠୁ ବଢ଼ିଆ ସୁଯୋଗ, ପାଉଁଜିଟି ଦେବା ବାହାନାରେ ଦୁଇ ପଦ କଥା ହୋଇଯିବି । ହେଲେ କାହିଁକି କେଜାଣି ପାଉଁଜିଟି ଦେଇ ପାରିନଥିଲି ??

ସେ ଦୁଇ ଝିଅ କିଛି ବାଟ ଯିବା ପରେ ଗୋଟିଏ ସ୍ଥାନରେ ବସି ଗପିବାକୁ ଲାଗିଲେ । ମୁଁ ସେମାନଙ୍କର ଅତି ନିକଟରେ ଛିଡ଼ା ହୋଇଥିଲି । ହଠାତ୍ ଦୁଇ ଝିଅଙ୍କ ଭିତରୁ ଜଣେ କହିଲା ଆରେ ରିନୁ, ତୋର ଆଉ ଗୋଟେ ପାଉଁଜି କୁଆଡେ ଗଲା ??

ରିନୁ ନିଜ ପାଦକୁ ଚାହିଁ କହିଲା ସତରେ ତ ଆଉ ଗୋଟେ କେଉଁଠି ପଡ଼ିଲା ମୁଁ ବି ଜାଣିପାରିଲିନି ? ଏତେ ଲୋକ ଗହଳି, ସମୁଦ୍ର ବାଲି ଭିତରୁ କେଉଁଠୁ ପାଇବା କହିଲୁ ? ଛାଡ

Download Magazine from www.aahwaan.com

ସେ କଥା ।

ମୁଁ ଯେଉଁ ଝିଅ ପ୍ରତି ଆକୃଷ୍ଟ ହୋଇ ଏତେ ବାଟ ଆସିଛି ତା'ହେଲେ ତା ନାଁ ହେଉଛି ରିନୁ । ସେମାନଙ୍କ କଥା ଶୁଣି ମୁଁ ଭାବିଲି ତାଙ୍କୁ ପାଉଁଜିଟି ଫେରାଇ ଦେବା ଠିକ୍ ହେବ । ହେଲେ ମୁଁ ପୁଣି ଥରେ ନିଜ ମନ ଆଗରେ ହାରିଗଲି । ଇଚ୍ଛା ଥାଇ ମଧ୍ୟ ପାଉଁଜିଟି ଫେରାଇ ପାରିଲିନି । ମୋତେ ଯେମିତି ଲାଗିଲା ସେ ପାଉଁଜି ସହିତ ମୋର କିଛି ସ୍ମୃତି ସାଇତା ହୋଇରହିଛି ।

କିଛି ସମୟ ପରେ ସେ ଦୁହେଁ ନିଜ ବାଟରେ ଚାଲିଗଲେ । ଶେଷରେ ମୁଁ ବାଧ୍ୟ ହୋଇ ସାଙ୍ଗମାନଙ୍କ ପାଖକୁ ଫେରିଲି । କିଛି ସମୟର ମଜାମସ୍ତି ପରେ ଆମେ ସମସ୍ତେ ହୋଟେଲ୍ ରୁମକୁ ଫେରିଲୁ ।

ଏହା ଭିତରେ ବିତି ଯାଇଛି ସାତ ବର୍ଷ । ସେଦିନ ମୁଁ ବସ ଯୋଗେ ଅଫିସରୁ ଘରକୁ ଫେରୁଥାଏ । ସୁଲୁସୁଲିଆ ପବନରେ କେତେବେଳେ ଆଖି ଲାଖିଯାଇଛି ନିଜେ ବି ଜାଣିପାରିଲିନି । ଆଖି ଖୋଲିବା ମାତ୍ରେ ଦେଖିଲି ମୋ ପାଖରେ ବସିଛନ୍ତି ଜଣେ ନବ ବିବାହିତା ମହିଳା । ସେ ପିନ୍ଧିଥିବା ୟୁନିଫର୍ମ ଶାଢ଼ୀରୁ ଜାଣି ପାରିଲି ସେ ଜଣେ ଶିକ୍ଷୟିତ୍ରୀ । କିଛି ସମୟ ପାଇଁ ଆଶ୍ଚର୍ଯ୍ୟ ଭାବରେ ଚାହିଁ ରହିଲି ତାଙ୍କୁ । ଆରେ ଇଏ ତ ସେଇ ରିନୁ !!! ମୋ ଆଖିରୁ ଦୋଇ ଟୋପା ଆନନ୍ଦର ଅଶ୍ରୁ ଝରି ପଡ଼ିଲା । ଦୀର୍ଘ ସାତ ବର୍ଷ ହେଲା ଠିକଣା ଜାଣିନଥିବା ମନର ମଣିଷକୁ ମନେ ମନେ ଅନେକ ଖୋଜିଛି ହେଲେ କେଉଁଠି ପାଇନି । ଆଜି ଭଗବାନଙ୍କର କି ବିଚିତ୍ର ଖେଳ, ସେ ମୋ ସାମ୍ନାରେ ଉପସ୍ଥିତ । ସେଇ ଆଖି, ସେଇ ମୁହଁ, ସେଇ ଚେହେରା । କେବଳ ତଫାତ୍ ଏତିକି ସେଦିନ ଥିଲେ ଜଣେ କୁଆଁରୀ ଝିଅ ଆଉ ଆଜି ଜଣେ ବିବାହିତା ନାରୀ ।

ସେଦିନ ଏତେ ପାଖରେ ଥାଇ ମଧ୍ୟ ପଦୁଟିଏ କଥା ହୋଇ ପାରି ନଥିଲି ହେଲେ ଆଜି ସାହସ ସଞ୍ଚୟ କରି କହିଲି........

ଆପଣଙ୍କୁ କିଛି ପଚାରିବାକୁ ଚାହୁଁଛି ??

ହଁ, ପଚାରନ୍ତୁ ।

ଆପଣଙ୍କ ନାଁ ରିନୁ ?

ହଁ, ହେଲେ ଆପଣ କେମିତି ଜାଣିଲେ ?

ଆପଣ, ଆଉ ଆପଣଙ୍କ ସାଙ୍ଗ ପୁରୀ ସମୁଦ୍ରକୂଳ ବୁଲିବାକୁ ଯାଇଥିଲେ ।

ହଁ ଆମେ ସେଇଠି ରହି ପିଜି କରୁଥିଲୁ । ସମୟ ମିଳିଲେ ସମୁଦ୍ର ଆଡେ ବୁଲିବାକୁ ଯାଉ ।

କିନ୍ତୁ ସେଦିନ ଥିଲା କିଛି ଅଲଗା ।

ମାନେ !!! କ'ଣ କହିବାକୁ ଚାହୁଁଛନ୍ତି ଆପଣ ?

ଆଜକୁ ପ୍ରାୟ ସାତ ବର୍ଷ ହେବ, ପୁରୀ ସମୁଦ୍ର କୂଳରେ ଆପଣଙ୍କ ପାଦରୁ ଗୋଟିଏ ପାଉଁଜି ହଜି ଯାଇଥିଲା । କିଛି ମନେ ପଡୁଛି କି ?

ହଁ, ହଁ ମନେ ପଡିଲା ହେଲେ ଆପଣ ଏ ସବୁ କେମିତି ଜାଣିଲେ ?

ସେଦିନ ମୁଁ ଆପଣଙ୍କ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ଆପଣଙ୍କୁ ପିଛା କରୁଥିଲି, ଆଉ ସେ ପାଉଁଜିଟି ମଧ୍ୟ ମୁଁ ପାଇଥିଲି । ଏଇ ଦେଖନ୍ତୁ (ପର୍ସରୁ ବାହାରକରି ) ଏବେ ବି ସେଇ ପାଉଁଜିଟି ସାଇତି ରଖିଛି ।

ରିନୁ ଓଠରେ ଥିଲା ସ୍ମିତ ହାସ୍ୟଟିଏ........

ଆଛା କହିଲେ, ସେଦିନ କଣ ପାଇଁ ମୋତେ ମୋ ପାଉଁଜି ଫେରାଇଲେନି ?

Download Magazine from www.aahwaan.com

ଆଜିକୁ ସାତ ବର୍ଷ ହେଲା ସେଇ ଗୋଟିଏ ପ୍ରଶ୍ନ ହିଁ ମୋ ମନକୁ ବାରମ୍ବାର ଆନ୍ଦୋଳିତ କରୁଛି କଣ ପାଇଁ ଆପଣଙ୍କୁ ସେଦିନ ଆପଣଙ୍କ ପାଉଁଜି ଫେରାଇଲିନି ? ହେଲେ ଆଉ ନୁହଁ ଆଜି ଆପଣଙ୍କ ପାଉଁଜି ଫେରାଇ ଦେବି ।

ନା' ଥାଉ । ମୁଁ ନେବାଟା ଠିକ୍ ହେବନି । ଦୀର୍ଘ ସାତବର୍ଷ ହେଲା ସେ ପାଉଁଜିକୁ ଆପଣ ଯତ୍ନ ସହକାରେ ସାଇତି ରଖିଛନ୍ତି । କିଛି ତ ସ୍ମୃତି ଯୋଡି ହୋଇ ରହିଥିବ ନିଶ୍ଚୟ ।

ହଁ, ଆପଣ ଠିକ୍ କହିଲେ । କିଛି ତ ସ୍ମୃତି ଯୋଡି ହୋଇ ରହିଛି । ମୁଁ ଭାବୁଛି ଏଇ ବୋଧେ ପ୍ରେମ ହୋଇ ଥିବ । ଏକ ପାଖିଆ ଭଲ ପାଇବା କହିପାରନ୍ତି । କିଛି ନ ପାଇବାର ଗ୍ଲାନି, କିଛି ହଜେଇ ଦେଇଥିବାର ଦୁଃଖ ଆଜି ବି ମୋ ପ୍ରେମକୁ ମଳିନ କରି ପାରିନାହିଁ । ଏବେ ବି ହୃଦୟ ବକ୍ଷରେ ସେ ସ୍ମୃତିକୁ ସାଇତି ରଖିଛି ।

ଈଶ୍ୱରାପାଳ - ରାସୋଳ

ଢେଙ୍କାନାଳ

ଭ୍ରାମ୍ୟଭାଷ : ୯୮୫୩୨୨୦୧୪୩

Download Magazine from www.aahwaan.com

# ମହଙ୍ଗା



ଜ୍ୟୋତିରଞ୍ଜନ ସାହୁ

"ମେଁ....ମେଁ...ମେଁ... । ବୁଝିଲୁ ରାଧା ଆଜି ରାତିଟା ଆମ ସମ୍ପର୍କର ଶେଷ ରାତି । ଆ ପାଖକୁ ଟିକେ । ମୁଁ ତୋତେ ଆଉ ଆମ ପିଲା ମାନଙ୍କୁ ମନଭରି ଶେଷଥର ପାଇଁ ଦେଖିନିଏରେ ।" ଏହି କଥା ଶୁଣି ଆଖି ଛଳଛଳ ହୋଇଗଲା ରାଧାର । ଥର ଥର ସ୍ୱରରେ କହିଲା, "କେଡ଼େ ନିର୍ଦ୍ଦୟୀ ଏଇ ଆମ ମାଲିକଟା । କିଛି ଦିନପୂର୍ବରୁ ଆମ ବଡ ଛୁଆଟାକୁ ବିକିଦେଲା । ଗୌରୀ କହୁଥିଲା କୁଆଡ଼େ ରାଘବ ବୁଢ଼ା ପୁଅ ବାହାଘରରେ ସମସ୍ତେ କହୁଥିଲେ ମାଂସ ଖୁବ୍ ବଢ଼ିଆ ହୋଇଥିଲା ! ସେ କଥା ଶୁଣି କେମିତି ଧୈର୍ଯ୍ୟଧରି ମୁଁ ଗୁହାଳକୁ ଫେରିଛି ସେଇକଥାଟା ମୋ ମନ ଜାଣେ । ଏଇତ ପନ୍ଦର ଦିନ ପୂର୍ବରୁ ମୁଁ ତାକୁ ହରେଇଛି । ଆଉ ଆଜି ତୁମେ ବି କହୁଛ ମୋତେ ଛାଡ଼ି ଚାଲିଯିବ । ହେ ଭଗବାନ ! କାହିଁକି ଆମକୁ ଏତେ ଦଣ୍ଡ ଦେଉଛୁ ? ଆମକୁ ଜନ୍ମ ଦେଇଛୁ କଣ ଅନ୍ୟର ଖାଦ୍ୟ ହେବାପାଇଁ ! ତୁ କଣ ଜାଣିନୁ ଆମର ବି ମନଅଛି । ଶରୀରଟା ଦେଇଛୁ ଯେତେବେଳେ କଷ୍ଟ ବି ହେଉଛି । ଏତିକି କହି ରାଧୁ ଗୋପାଳର ମାଇ ଛେଳି ରାଧା ତା ମୁହଁଟାକୁ ନେଇ ଘଷିବାକୁ ଲାଗିଲା ଦାଢୁ ବୋଦାର ତେଲିଆ ଦିଶୁଥିବା ପିଠିଟା ଉପରେ । ରାଧାର ଝାଉଁଳା ମୁହଁ ଆଉ ଛଳଛଳ ଆଖିରୁ ବହୁଥିବା ପାଣିଧାରକୁ ନିଜ ଜିଭରେ ଚାଟି ଦେଉଦେଉ ଦାଢୁ ବୋଦା କହିଲା, "ମନ ଦୁଃଖ କରୁଛୁ କିରେ ପାଗଳୀ । ଜମାରୁ ମନ ଊଣା କରନା । ଆମ ଜୀବନ ତ ଏଇଆ । ନା ଆମ ଦେଇ ହଳ ହେବ ନା ଆମେ ବୋଝ ବୋହିପାରବା । ସେଥିପାଇଁ ତ ଆମର ଗୋଟିଏ ହିଁ ବାଟ । ସମସ୍ତେ ଆବଶ୍ୟ ଦିନେ ସେହି ବାଟେ ଯିବେ । କିନ୍ତୁ ଆମ ପ୍ରତି ଅନ୍ୟାୟ ହେଉଛି । କାହିଁକି ନା ଆମର ଅନିଚ୍ଛା ସତ୍ତ୍ୱେ ଏ ମଣିଷ ଗୁଡା ଜୋର ଜବରଦସ୍ତ ଆମକୁ ସେହି ରାସ୍ତାରେ ଠେଲିଦିଅନ୍ତି । ହେଉ ! କଷ୍ଟ ତ ହେବ । ହେଲେ ଦୁଃଖ ଏତିକି ଯେ ଜୀବ

 Download Magazine from www.aahwaan.com

ଶ୍ରେଷ୍ଠ ହୋଇ ଜୀବକୁ ଚିହ୍ନିପାରୁନି ଏ ମଣିଷ । ଛାଡ ସବୁ ଭଗବାନଙ୍କ ଇଚ୍ଛା । ହେଲେ ତୁ କିନ୍ତୁ ଭଗବାନଙ୍କୁ ଗାଳିକରନା । ଜାଣିଛୁ କେଡେ ଭାଗ୍ୟ ମୋର ! କାଲି ମୋତେ ଗାଁ ଠାକୁରାଣୀ ପାଖରେ ବଳିଦେବେ । ଲୋକେ କହୁଛନ୍ତି ମୋ ରକ୍ତ ପିଇଲେ କୁଆଡେ ମା'ର ଶୋଷ ମେଣ୍ଟିଯିବ । ଆଉ ମୋ ମଲା ଦେହଟା ଭୋକ ମେଣ୍ଟାଇଦେବ ଭକ୍ତଙ୍କର । କାଲି ମୋର ଏ ଦେହଟା ଧରାଶାୟୀ ହୋଇଯିବା ପରେ ଏ ଗାଁକୁ ରୋଗ କି ମରୁଡି କିଛି ବି ଆସିବନି ।" ଦାଢୁର କଥାକୁ ମଝିରେ ଅଟକାଇ ରାଧା ତାକୁ ପ୍ରଶ୍ନକଲା, "ରୋଗ କି ମରୁଡି ନଆସିଲେ କଣ ଏ ମଣିଷ ଗୁଡା ଆମକୁ ମୁକ୍ତ କରିଦେବେ ? କଣ ମା' ତୋ ରକ୍ତ ପିଇଦେଲେ ଆମକୁ ତା ପଣତରେ ଘୋଡାଇ ଦେଇ ମଣିଷଙ୍କ ଅତ୍ୟାଚାରରୁ ଆମକୁ ରକ୍ଷା କରିଦେବ ? ଆରେ ଦାଢୁ ! ମା' ତ ପଥରଟାରେ ! ହେଲେ ଆମ ଦେହରେ ତ ରକ୍ତ ଅଛି ମାଂସ ଅଛି ଆମର ଜୀବନ ଅଛି କଷ୍ଟ ବି ହେଉଛି ଆଉ ସବୁଠାରୁ ବଡକଥା ଆମର ଗୋଟିଏ ହୃଦୟ ବି ଅଛି ଯେଉଁଥିରେ ଭରିରହିଛି ମୋ ପିଲାଙ୍କ ପାଇଁ ଅନାବିଳ ସ୍ନେହ । ହେଲେ ଏକଥା ନା ମା' ବୁଝୁଛି ନା ମଣିଷ । ମା'କୁ ରକ୍ତ ଦରକାର ଆଉ ମଣିଷକୁ ମାଂସ ।" ରାଧାର କଥାରେ ଟିକିଏ ବିଚଳିତ ହୋଇଉଠିଲା ଦାଢୁ । କହିଲା, "ଆଉ ଅଭିମାନ କରନା ରାଧା । ଦେଖିବୁ ଏ ମଣିଷ ଗୁଡା ବି କେମିତି ଦଣ୍ଡ ପାଇବେ ! ମୁଁ ତ ଯାଉ ଯାଉ ଭୋକିଲା ପେଟର ଆହାର ହୋଇଯିବି କିନ୍ତୁ ଭାବୁଛି ଏ ମଣିଷ ଗୁଡାଙ୍କ କଥା । କଣ ହେବ ଏମାନଙ୍କର ? ଏ ରାଧା ! ମୋ କଥା ମନେ ରଖିଥିବୁ ଦିନ ଆସିବ ଆମ ଦେହର ଦାମ୍ ଟା ମଣିଷ ଜୀବନଠାରୁ ଆହୁରି ମହଂଗା ହୋଇଯିବରେ ।" ଏହା କହି ଚୁପ୍ ରହିଲା ଦାଢୁ । ଆଉ ଏଥୁଅନ୍ତେ ରାଧା ଦାଢୁକୁ ସ୍ନେହରେ ରାତିସାରା ଚାଟିବାକୁ ଲାଗିଲା ।

ରାତି ପାହି ସକାଳ ହେଲା । ଗୁହାଳର ସବୁ ଛେଳିଙ୍କୁ ଛାଡ଼ି ଦିଆଗଲା କେବଳ ଦାଢୁକୁ ଛାଡି । ମନ ଦୁଃଖରେ ରାଧା ଚାଲିଥାଏ ଗାଁ ରାସ୍ତାର କଡେ କଡେ । ତା'ର ସେହି ମେଁ ମେଁ ଡାକ ଭିତରେ ଥିବା ବେଦନାଟା ବୁଝିବାକୁ ଏ ମଣିଷ ସମାଜଟା ଥିଲା ଅସମର୍ଥ । ରାଧା

ଚାଲିଥିଲା ଆଗକୁ ଆଗକୁ ଆଉ ଚାଲିଚାଲି ଯାଇ ଧରିଲା ଗାଁ ସଂଲଗ୍ନ ଜାତୀୟ ରାଜପଥକୁ । ହଠାତ୍ ଦେଖିଲା ଟ୍ରକ୍ ଟିଏ ଗୋଟିଏ ସାଇକେଲ ଆରୋହୀକୁ ଧକ୍କାଦେଇ ଚାଲିଗଲା । ଖରାବେଳଟାରେ ରାଜପଥର ସେ ଉତ୍ତପ୍ତ ପିଚୁ ସଡକ ଉପରେ ରକ୍ତ ଜୁଡୁବୁଡୁ ସାଇକେଲ ଆରୋହୀଟି କହୁଥାଏ, "ପାଣି... ପାଣି ... ।" ସେତିକି ବେଳେ ସେହି ଗାଁର ବିଷ୍ଣୁ ସାହୁ ତା ଭାଇ ସହ ଯାଉଥିଲା ସେହି ବାଟରେ । ରାସ୍ତାରେ ପଡିଥିବା ସେ ଲୋକଟା ପାଖକୁ ଦୌଡିଗଲା ବିଷ୍ଣୁ ସାହୁ । ଦେଖିଲା, "ଆରେ ଏ ତ ରାଧୁର ପୁଅ । ଏହାର ଏ କି ଅବସ୍ଥା ! ଇଏ ବଞ୍ଚିବ ନା ନାହିଁ ସନ୍ଦେହ ।" ଏତିକିବେଳେ ସାଥିରେ ଥିବା ତା ଭାଇ କହିଲା, "ଆରେ ଏଇଟା ମରିଯିବ ନା କଣ ! ଚାଲଚାଲ ନହେଲେ ପୋଲିସ ଜାଲରେ ଫସିଯିବା । ଗାଁରେ ଯାଇ ଖବରଟା ଦେଇଦେବା । ଗାଁ ଲୋକ ଆସିଲା ଭିତରେ ଯଦି ବଞ୍ଚିଥିବ ତ ଭଲ ନହେଲେ ଆମେ ତ ଏ ପୋଲିସ ଫୋଲିସ୍ ଝମେଲାରୁ ରକ୍ଷାପାଇଯିବା । ଆଜି ପୁଣି ମାଁଙ୍କ ପୂଜା । ଚାଲ ଦେଖିବା କଣ ହେଉଛି ? କେହି ପୁଣି ସାଂଗେସାଂଗେ ଆସୁଛନ୍ତି କି ନାହିଁ ।" ଏହା କହି ଦୁହେଁ ଚାଲିଗଲେ ଗାଁକୁ । ଏପଟେ ପାଣି ପାଣି କହି ଜୀବନ ଯୁଦ୍ଧରେ ହାରିଗଲା ରାଧୁର ପୁଅ । ଏହା ଭିତରେ ଅନେକ ଗାଡି ଅନେକ ପଥିକ ଅନେକ ସାଇକେଲ ଆଉ ବାଇକ୍ ଆରୋହୀ ରାସ୍ତାରେ ଚାଲିଯାଉଥିଲେ ରାଧୁ ପୁଅର ନିର୍ଜୀବ ଶରୀରଟାକୁ ଦେଖିଦେଖି ।

ଏସବୁକୁ ଦେଖି ଦୌଡି ଦୌଡି ରାଧା ଯାଉଥାଏ ତା ମାଲିକ ରାଧୁ ଗୋପାଳ ଘରକୁ । ହଠାତ୍ ଅଟକିଗଲା ଘଣ୍ଟ ଶବ୍ଦରେ । ଦେଖିଲା ଗାଁ ମୁଣ୍ଡ ଶାଳୁଆ ମୂଳରେ ଗ୍ରାମଦେବୀଙ୍କ ପାଖରେ ବିଶାଳ ଜନସମୁଦ୍ର । ଦାଢୁର ମୃତ ଶରୀରରୁ ଖଣ୍ଡେ ପାଇବାକୁ ସମସ୍ତେ ବ୍ୟାକୁଳ । ରାଧା ବୁଲି ଚାହିଁଲା ଦୂରରେ ଥିବା ରାଜପଥକୁ । ଆଉ ମନେପକାଉଥିଲା ଦାଢୁର କଥା, "ଦେଖିବୁ ଆମ ଦେହର ଦାମ୍ ଟା ମଣିଷ ଜୀବନ ଠାରୁ ଆହୁରି ମହଂଗା ହୋଇଯିବରେ ।"

Download Magazine from www.aahwaan.com

# ରେଡ଼ଲାଇଟ୍ ଏରିଆ



ମୀନାକ୍ଷୀ ଦାଶ

ଚକାଚକ ଏରିଆ ଆମ ସ୍ମାର୍ଟ ସିଟି ଭୁବନେଶ୍ୱର । କି ଦିନ କି ରାତି ଏଠି ସବୁ ସମାନ । ପ୍ରତିଦିନ କିଛି ଆଶା ନେଇ କିଏ କେତେ ଦୂରରୁ ଏଠି ଚାଲିଆସନ୍ତି । ସବୁ ସେଇ ପେଟପାଇଁ । ରାତି ଆଲୁଅରେ ସବୁ ଚକଚକ ଦିଶୁଥିବା ଜିନିଷ ଦିନରେ ଜହ୍ନ ଲୁଚିଲା ପରି ଲୁଚିଯାଏ । ଯେମିତି ଆଜିକୁ ୭ବର୍ଷ ତଳେ ମୁଁ ଆସିଥିଲି ଏ ରଙ୍ଗୀନ ସହରକୁ ନିଜ ସ୍ୱପ୍ନ ନେଇ । ପାଠପଢି ଚାକିରୀ କରିବି ଘରକୁ ଦି ପଇସା ସାହାଯ୍ୟ କରିବି । କରିଲି ମଧ୍ୟ କଲସେଣ୍ଟର ଜବ । କିନ୍ତୁ କିଛିଦିନ ଏ ସହରର ଜାକଜମକରେ ନିଜକୁ ହଜେଇଦେଲି ଆଉ ତା ସଙ୍ଗରେ ହଜିଗଲା ମୋ ପରିଚୟ । ଦିନରେ କଲ ସେଣ୍ଟର ଆଉ ରାତିରେ କଲ ଏଟା ହିଁ ଜୀବନ ପାଲଟି ଯାଇଥିଲା । ପ୍ରତିଦିନ ରାତିରେ ଏଠି ଷ୍ଟ୍ରିଟଲାଇଟ ତଳେ ବିକ୍ରିହୁଏ । ପନିପରିବା ନୁହେଁ । ଦେହ । କିଏ ପେଟ ଭୋକପାଇଁ ବିକ୍ରିହୁଏ ଆଉ କିଏ ନିଜ ଶରୀର ଭୋକପାଇଁ କିଣେ । ହଜାର ହଜାର ଝିଅ । କିନ୍ତୁ ଦେଖିଛି ଏ ଆଖି ସାଧୁବେଶ ଧରି ଭଣ୍ଡ ଆଉ ଶିକ୍ଷିତ ବୋଲାଉଥିବା ସମ୍ମାନସ୍ପଦ ବ୍ୟବସାୟୀ । ସବୁ ଏ ଦେହ ପାଇଁ ପାଗଳ । ଦିନେ ଠିଆ ହୋଇଥାଏ । ହଟାତ ଜଣେ ଆସି ପଚାରିଲା ମଡେମ ଏ ବସଷ୍ଟାଣ୍ଡ କଉଠି । କାନକୁ ଭରସା ହେଉନଥାଏ । ବେ, ଶାଳି, ଆହୁରି ଅନେକ କଟୁ ଭାଷାରେ ବୋଲାଉଥିବା ଏ କନକକୁ ଆଜି ମଡେମ କିଏ ଡାକିଲା ।

ମୁଁ କହିଲି, "ତୁ କଣ ଏ ସହରରେ ନୂଆ ନା କଣ ? ବସଷ୍ଟାଣ୍ଡ ଏଠି ନୁହେଁ ଏଟା ରେଡଲାଇଟ ଏରିଆ । ଖାଲି ଲାଲ ଲାଲ ସବୁ ଆଡେ ଲାଲ ।"

 Download Magazine from www.aahwaan.com

ଏ ରକ୍ତ ମାଂସ ମିଶା ଜିନିଷ ବିକା ହେଉଥିବା ଜାଗାରେ ତୁ କୁଆଡେ ? ସେ ନିରବ ରହି କହିଲା ମୁଁ ନୂଆ ଜବ୍ ପାଇଁ ଆସିଛି ହେଲେ ରାସ୍ତା ପାଉନି ସରି । ହଉ ମୁଁ ଯାଉଛି । ଧନ୍ୟବାଦ ।

ମୁଁ କହିଲି ଆରେ ରହ କିଛି ତ ଇଂଲିଶ ତ ମୁଁ ବି ଶିଖିଛି । ଗ୍ରାଜୁଏଟ୍ ପଢ଼ିଛି ମୁଁ । ଡାର୍ଲିଂଗ, ଚାଲ ଆଜି ରାତି ତୁ ମୋ ରୁମକୁ କାଲି ତତେ ରାସ୍ତା ବତେଇଦେବି ତୁ ବି ଖୁଶ ଆଉ ମୁଁ ବି । ତା ମୁହଁରେ ଡର ସ୍ପଷ୍ଟ ବାରି ହେଉଥାଏ । କହିଲି ବେ ମର୍ଦଟା ହେଇକି କଣ ଡରୁଛୁ ? ସେ ନମ୍ର ଭାବରେ ଉତ୍ତର ଦେଲା ଟଙ୍କା ନିଅନ୍ତୁ କିନ୍ତୁ ସେ ସବୁ ପାଇଁ ମତେ ବାଧ୍ୟ କରନ୍ତୁନି ।

ମୁଁ କହିଲି କାମ ନାଇଁ ତ ଟଙ୍କା ନାଇଁ ମୋ ବିଜିନେସ୍‌ର ଅସୁଲ ଏଇଟା ।

୭ ବର୍ଷ ହେଲାଣି ଏ ଧନ୍ଦାରେ । ବୟସ ଥିଲା ରାତି ରାତି କେତେ ରାକ୍ଷସ ଏ ଦେହଟାକୁ ଖିନଭିନ୍ କରିଛନ୍ତି । ନୂଆ କଷି ହରିଣୀ ଲୋଡ଼ା ତାଙ୍କୁ । ଏ ବୁଢ଼ୀ ଛେଳିକୁ କିଏ ପଚାରେ ! କେବେ ଦି ତିନଦିନରେ ଥରେ କେହି ମିଳିଲେ ଶିକାର କରିବାକୁ ପଡେ । ବୟସଟା ମୁହଁରେ ଦେଖା ଗଲାଣି ଏ ଲିପିଷ୍ଟିକ ମେକପ ଦାଗ ସବୁ ଲିଭେଇଦବ କିନ୍ତୁ ଶରୀରର ପରିବର୍ତ୍ତନ କେମିତି ଲିଭେଇବ ।

ତୁ ଚାଲ ଆଜି ବି ଏ ଦେହରେ ବହୁତ ତାକତ ଅଛି ପୁରା ଖୁଶ କରିବ ଏ କନକ ତତେ ।

ଏତେ ପରେ ବି ସେ ନିରବ ଯିବାକୁ ଅମଙ୍ଗ । କହିଲା ଆପଣ ଟଙ୍କା ନିଅନ୍ତୁ କିନ୍ତୁ ମୋତେ ବାଧ୍ୟ କରନ୍ତୁନି । ମୁଁ ତା ମୁହଁରେ ଦୁଃଖଗୁଡା ଦେଖି ଆଶ୍ଚର୍ଯ୍ୟ ହେଲି । ଦେହ ନିଲାମ ମୋର ହେବ, ଉପଭୋଗ ତୁ କରିବୁ ହେଲେ ବି ତତେ ଦୁଃଖ ? ପ୍ରଥମ ଥର ଦେଖୁଛି ଏମିତି ପିଲା ।

 Download Magazine from www.aahwaan.com

ସେ ନିରବରେ ଉତ୍ତର ଦେଲା ଏମିତି ହିଁ ଗୋଟେ ସହର ମୋ ଭଉଣୀକୁ ମୋ'ଠୁ ନେଇ ଯାଇଛି । ୨ବର୍ଷ ହେଲାଣି ସେ ଜବ୍‌ପାଇଁ ଯାଇଛି ଯେ ଆଉ ଦେଖା ନାଇଁ । ପରେ ଖବର ପାଇଲୁ ଜବ୍ ନାଁରେ କିଛି ଦେହବିକାଳୀ ତାକୁ ଅନେକ ଦୂର ପଠେଇ ଦେଇଛନ୍ତି । ବହୁତ ଖୋଜିଲୁ ହେଲେ ଟଙ୍କାପଇସା ଅଭାବରୁ କିଛି ହେଇ ପାରିଲାନି । ସେଥିପାଇଁ ମୁଁ ଭୁବନେଶ୍ୱର ଆସିଛି ଜବ୍ କଲେ ସେ ଟଙ୍କାରେ ମୋ ଭଉଣୀକୁ ଖୋଜିବି ।

ମୁଁ କହିଲି ସେ ଆଉ କଣ ଥିବ ତା' ଦେହକୁ ଏ ରାକ୍ଷସଗୁଡା ଖିନଭିନ୍ କରି ଦେଇଥିବେ ।

ସେ ଉତ୍ତର ଦେଲା । ଆତ୍ମାରୁ ସେ ମୋ ଭଉଣୀ ଶରୀର ଗଲେ କଣ ହେଲା ଆତ୍ମା ତ ଥିବ ତାକୁ ମୁଁ ଫେରାଇ ଆଣିବି ।

ତମେ ବି ମୋ ଭଉଣୀପରି ତେଣୁ ତମର ଯଦି ଟଙ୍କା ଦରକାର ନିଅ । ହେଲେ ଏସବୁ ପାଇଁ ମତେ ବାଧ୍ୟ କରନି ।

ମୁଁ ହସି ହସି କହିଲି ଆଜି ଯାଏ ଏ କନକକୁ କେହି ଭଉଣୀ କହିନି ତୁ କହିଲୁ ସତରେ ମୋ ପେଟ ପୁରିଗଲା ଏ ଟଙ୍କା କଣ ହବ । ତୁ ରଖ ତୋ ଭଉଣୀକୁ ଖୋଜିବୁ ।

ଏ ରେଡଲାଇଟ ଏରିଆରେ ସବୁ ଲାଲ ରକ୍ତରେ ନିଜ ଶୋଷକୁ ମେଣ୍ଟାଇଥାନ୍ତି । ସେ ଲାଲ ରକ୍ତ ବର୍ଣ୍ଣ ହୃଦୟଟା ଭିତରେ ଲୁଚିଯାଏ ।

ତୁ ଆଜି ମୋ ହୃଦୟ ମାଗିଛୁ । ଏ ଦେହଟା ଅନେକକୁ ଦେଇଛି ମନ ତୁ କିଣି ନେଇଛୁ । ଯା ଏ କନକ ଟଙ୍କା ନେଇଛି ଗ୍ରାହକର ପାଉଣା ବି ଦବ । ତତେ ମୁଁ ବସଷ୍ଟାଣ୍ଡ ଛାଡିକି ଆସିବି । ନହେଲେ ଏଠି ଶିକାରୀ ନୁହେଁ ବରଂ ଶିକାର ବି ବେଳେ ବଳେ ଶିକାରୀକୁ ଖୋଜିଥାଏ ।

ରାଉରକେଲା, ସୁନ୍ଦରଗଡ଼, ଓଡ଼ିଶା

Download Magazine from www.aahwaan.com

# ମଙ୍ଗଳବାରିଆ ଆସର ଓ ପୁରୁଣୀ ଶାଗ



ଶିଶିର କୁମାର ଚୌଧୁରୀ

ଆମ ଚାରିଖଣ୍ଡ ଗାଆଁରେ ମଠଟିଏ, ନାଁ ତା'ର ତରକାଶୁଣୀ ଆଶ୍ରମ । ଦୁଆରଶୁଣୀ ଓ ତରକାଶୁଣୀ ନାମକ ଦୁଇ ପୋଖରୀ ହୁଡ଼ାରେ ଆଶ୍ରମ । ପାଖରେ ବ୍ରାହ୍ମଣୀ ଗଡ଼, କେବେ ସୁକିନ୍ଦା ରାଜାଙ୍କର ଗଡ଼ ଥିଲା । ସେଇ ପୋଖରୀ ଦୁଇଟି ରାଜାଙ୍କ ଅମଳରେ ତିଆରି । ଆଜି ସେହି ସ୍ମୃତି ବହନ କରୁଛି । ଦୁଇ ପୋଖରୀ ପାଣିର ରଙ୍ଗ ଅଲଗା । ଗୋଟିଏ ଜାଗାରେ ଲାଗି ଲାଗି ରହିଲେ ବି ଦୁଆରଶୁଣୀର ପାଣିର ରଙ୍ଗ ସ୍ୱଚ୍ଛ ଧଳା ଏବଂ ତରକାଶୁଣୀର ପାଣି ସାମାନ୍ୟ ନୀଳକୃଷ୍ଣ ବର୍ଣ୍ଣର । ଦୁଆରଶୁଣୀରେ ଧଳା କଇଁ ଓ ତରକାଶୁଣୀରେ ନାଲି କଇଁ, ଶରତ ଓ ଶୀତ ଋତୁରେ ଦେଖଣାହାରୀଙ୍କୁ ଆମୋଦ ଦିଏ ।

ସିଦ୍ଧଗିରିର ସନ୍ଥ ହାଡ଼ିବନ୍ଧୁ ଦାସ ମହାପୁରୁଷ ଏହି ମଠ ପ୍ରତିଷ୍ଠା କରିଥିଲେ । ଏଠାରେ କିଛି ଦିନ ରହି ସ୍ଥାନୀୟ ଲୋକଙ୍କୁ ବ୍ରହ୍ମ ଅବଧୂତ ଦୀକ୍ଷା ଦେଇ ଭକ୍ତମଣ୍ଡଳୀ ଗଠନ କରିଥିଲେ । ତାଙ୍କର ପ୍ରିୟ ଭକ୍ତ ଗଣେଶ୍ୱର ଦାସଙ୍କୁ ବାବାଜୀ ପଦରେ ଅଧିଷ୍ଠିତ କରାଇଥିଲେ ।

ବାବାଜୀ ମହାଶୟ ୧୯୪୮ରୁ ଆଜୀବନ ଏହି ମଠରେ ରହି ସ୍ଥାନୀୟ ଅଞ୍ଚଳରେ ଗୀତା ଭାଗବତ ଜ୍ଞାନର ପ୍ରସାର କରୁଥିଲେ । ଗୀତା ତାଙ୍କର ମୁଖସ୍ଥ ଥିଲା । ସେହି ସୂତ୍ରରେ ଏଠାରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି । ପ୍ରତି ମଙ୍ଗଳବାର ସଂଧ୍ୟାରେ ଏଠାରେ ଗୀତା ଭାଗବତ ପାଠ ହୁଏ । ଆଧ୍ୟାତ୍ମିକ ଭଜନ ଜଣାଣ ଗାନ ହୁଏ ଓ ଆଲୋଚନା ବି ହୁଏ । ମଠରେ ପ୍ରତିଷ୍ଠିତ ମନ୍ଦିରରେ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ମା ସୁଭଦ୍ରାଙ୍କ ମୂର୍ତ୍ତି ସ୍ଥାପନା ହୋଇ

Download Magazine from www.aahwaan.com

ପୂଜା ହେଉଛି । ଠାକୁରଙ୍କ ମନ୍ଦିର ବେଢ଼ାରେ ଭକ୍ତମାନେ ସମବେତ ହୁଅନ୍ତି ଏବଂ ଏ ସବୁ କାର୍ଯ୍ୟକ୍ରମରେ ଭାଗ ନିଅନ୍ତି ।

ସେଦିନ ଥାଏ ମଙ୍ଗଳବାର । ମଠରେ ପହଞ୍ଚି ଦେଖିଲି ମଙ୍ଗଳବାରିଆ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ୟୋକ୍ତା ଦୁଇ ଅକ୍ଷୟ ଓ ଦୁଇ ଆତୁଳ ଭାଇ ଆସି ନାହାନ୍ତି । ଏ ସମସ୍ତଙ୍କ ଦେହ ଖରାପ ଅଛି । ଆଶ୍ଚର୍ଯ୍ୟ ହେଲି, ଏକାଥରକେ ଠାକୁର ଏ ଚାରିଜଣଙ୍କୁ କାହିଁକି ଦୁଃଖଦେଲେ ? ସେମାନଙ୍କ ମଧ୍ୟରୁ ଦୁଇଜଣ ଆଗ୍ରହର ସହ ଭଜନ ଜଣାଣ ଗାୟନ କରନ୍ତି । ଆଉ ଜଣେ ଭାଗବତ ପାଠବେଳେ ପ୍ରତି ପଦେ ଦୁଇ ପଦରେ ଆଲୋଚନା କରିଥାନ୍ତି । ଏବଂ ସଭାପତି ଅକ୍ଷୟ ରାଉତ ମହାଶୟ ଏ ସବୁ ସଂଚାଳନ କରନ୍ତି । ସଂଧ୍ୟା ସାତଟାରୁ ରାତି ଦଶଟା ଯାଏଁ ମନ୍ଦିର ବେଢ଼ାର ପରିବେଶ ଭଗବତମୟ ହୋଇ ଉଠେ । ତା ପରେ ଖିଆପିଆ, ପଂକ୍ତି ଭୋଜନ, ଏକ ଭାତୃତ୍ୱ ସୁଲଭ ଭାବନାର ଉଦ୍ରେକ କରିଥାଏ । ତେଣୁ ସମସ୍ତେ ମଙ୍ଗଳ ବାରକୁ ଅପେକ୍ଷା କରିଥାଆନ୍ତି । ସେ ଯାହା ହେଉ ସେଦିନ ସଂଧ୍ୟା ଆସର ବି ଭଲ ହୋଇଥିଲା । ସ୍ଥାନୀୟ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅକ୍ଷୟ ହୋତା ମହୋଦୟ ଆମ ଅନୁରୋଧରେ ଯୋଗ ଦେଇ ସେଦିନର ଆଧ୍ୟାତ୍ମିକ ପରିବେଶକୁ ବେଶ୍ ଶାନ୍ତିପୂର୍ଣ୍ଣ ଓ ଆନନ୍ଦପ୍ରଦ କରିଥିଲେ । ତା'ପର ମଙ୍ଗଳବାର ସମସ୍ତେ ଆସିଲେ; ଭେଟହେଲେ । ସମସ୍ତଙ୍କ ସ୍ୱାସ୍ଥ୍ୟ ପଚାରି ବୁଝିଲି । ଜଣେ କଟକରୁ ଆଉ ଜଣେ ଭୁବନେଶ୍ୱର ଏମ୍ସରୁ ଚିକିତ୍ସିତ ହୋଇ ଫେରିଥିଲେ । ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ ଅତୁଳ ସାହୁ । ସେ ମହାଶୟ ଏକାଦଶ ସ୍କନ୍ଧ ଭାଗବତ ବୋଲା ହେଲାବେଳେ ପ୍ରାୟ ପଦେ ଦୁଇପଦରେ ଆଲୋଚନା କରନ୍ତି । ଗଣେଷ ବାବାଜୀଙ୍କର ସେ ଜଣେ ପ୍ରିୟ ଭକ୍ତ ଥିଲେ । ବୟସ ୭୪/୭୫ ହେଲେ ମଧ୍ୟ ପ୍ରତ୍ୟେକ ମଙ୍ଗଳବାର ସେ ମଠକୁ ଆସନ୍ତି । ଗୁରୁ ପୀଠପ୍ରତି ତାଙ୍କର ବହୁତ ମମତା । ସମ୍ପୂର୍ଣ୍ଣ

 Download Magazine from www.aahwaan.com

ସୁସ୍ଥ ହୋଇନଥା'ନ୍ତି । ଆଲୋଚନାରେ ବହୁତ କମ୍ ଭାଗ ନେଇଥାଆନ୍ତି । ପଚାରିବାରୁ କହିଲେ, "ପରିଶ୍ରା କରିବାରେ କଷ୍ଟ ହେଉଛି ଏବଂ ତଳିପେଟ ବହୁତ ବ୍ୟଥା ହେଉଛି । ଔଷଧ ଇଞ୍ଜେକ୍ସନ ନେଇ କିଛିଟା କମିଛି ।"

ପଚାରିଲି, "ଆତୁଳ ଭାଇ, ତୁମେ ପୁରୁଣୀ ଶାଗ ଚିହ୍ନିଛ ?" ସେ କହିଲେ, "ହଁ ।" ସେଠାରେ ଉପସ୍ଥିତ ରାଧୁ ପାତ୍ର କହିଲେ, "ଆରେ ଧଳା ପୁରୁଣୀ ନା ନାଲି ପୁରୁଣୀ ?" କହିଲି, "ଯେଉଁ ପୁରୁଣୀ ହେଉ ଚଳିବ, ତା'ର ଗୁଣ ଅବର୍ଣ୍ଣନୀୟ । ପୁରୁଣୀ ଅଚଳ କିଡ଼ନୀକୁ ସଚଳ କରେ । ପରିଶ୍ରା ଠିକ୍ ନ ହେଲେ, ଏହା କିଡ଼ନୀର ଦୋଷ । ଏଣୁ ଏଠାରେ ପୁରୁଣୀ ପ୍ରୟୋଗ କଲେ ଭଲ ହେବ ।"

ସମସ୍ତେ କହିଲେ, ପୁରୁଣୀ ଶାଗ ବର୍ଷାଋତୁ ଆରମ୍ଭ ସମୟରେ ହୁଏ ଏବଂ ବର୍ଷସାରା ମିଳେ । ଏହା ଅନ୍ୟ ଶାଗ ସାଙ୍ଗରେ ମିଶାଇ ଖରଡ଼ିକି ଖାଇଲେ ଭଲ ଲାଗେ । ଆତୁଳ ଭାଇଙ୍କ ପୁଅ କଳିଙ୍ଗନଗର ପେଣ୍ଠସ୍ଥଳ ଡୁବିରୀରେ ବ୍ୟବସାୟ କରେ, ସେଠାରେ ଘର କରି ରହୁଛି । ଏହି କ୍ରମରେ ଆତୁଳ ଭାଇ ସେଠାରେ ସପ୍ତାହରେ ପାଞ୍ଚ ଦିନ ରହନ୍ତି । ଆଉ ବାକି ଦୁଇଦିନ ନିଜ ଗାଁରେ ରହନ୍ତି । ଏଣୁ ମୁଁ ତାଙ୍କ ଗାଁରେ ଜନୈକ ଭଦ୍ରବ୍ୟକ୍ତିଙ୍କ ବାଡ଼ିରେ ପୁରୁଣୀ ଶାଗ ମିଳିପାରିବ ବୋଲି ସୂଚେଇ ଦେଲି । ସେ ସବୁ ବୁଝି ଚେଷ୍ଟା କରିବେ ବୋଲି କହିଲେ ।

ତା'ପର ମଙ୍ଗଳବାରକୁ ପୁଣି ସମସ୍ତଙ୍କ ସଙ୍ଗେ ଭେଟ ହେଲା । ଆତୁଳ ଭାଇ ଏଥର ଭାଗବତରେ ଆଉ ଟିକିଏ ଅଧିକ ଭାଗ ନେଉଥାନ୍ତି । ପଚାରିଲି, ଖବର କଣ ? ସେ କହିଲେ ପୁରୁଣୀ ଶାଗ ଖାଉଛି । କେମିତି ଖାଉଛ ବୋଲି ପଚାରିଲି, ସେ କହିଲେ, "ଘରେ ଶାଗ କରି ଦେଉଛନ୍ତି, ଖାଉଛି ।" ଏବେ ପରିଶ୍ରା ଠିକ୍ ହୋଇଗଲାଣି । ଆଉ ବ୍ୟଥା, ଦରଜ ତିନିପା କମିଗଲାଣି । "ଆଉ ଶାଗ ଖାଇବ ନା ?" ଜାଣିବାକୁ ଚାହିଁଲି । ସେ କହିଲେ, "ଆଉ ତାକୁ

Download Magazine from www.aahwaan.com

ଛାଡ଼ିବି ? ମୋର କେତେ କଷ୍ଟ ହେଉଥିଲା । କେତେ ବଡ଼ ରୋଗ ବୋଲି ଭାବୁଥିଲି । ଔଷଧ, ଇଞ୍ଜେକ୍‌ସନ୍, ସାଲାଇନ୍ ମିଶିକି ୨/୩ ହଜାର ଟଙ୍କା ଖର୍ଚ୍ଚ ହେଲା । ତାପରେ ବି ପରିଶ୍ରା ନ ହେବାର ଯନ୍ତ୍ରଣା ଥିଲା । ଚିନ୍ତା ବି ବଢ଼ି ଯାଇଥିଲା, ଯା'ହେଉ ଏଇ ବାଡ଼ି ବଗିଚାରେ ଅଯତ୍ନରେ ବଢୁଥିବା ଅଜଣା ପୁରୁଣୀ ଶାଗ ଖାଇ ମୁଁ ତ ଭଲ ହୋଇଗଲି । ଭଗବାନଙ୍କର କି ଲୀଳା ଦେଖ । କହିଲେ ତୁମେ ତ ଲୀଳା ଚରିତ ଶ୍ରୀମଦ୍ ଭାଗବତକୁ ତନ୍ମୟ ହୋଇ ବୁଝାଉଛ, ତେଣୁ ଲୀଳାମୟ ତୁମ ପାଇଁ ଆସୁଥିବା ବଡ଼ ବିପଦକୁ ସାଧାରଣ ପୁରୁଣୀ ଶାଗରେ ସୁସ୍ଥ କରିଦେଲେ । ତୁମର ଯେମିତି ଉତ୍କଣ୍ଠା ଭାଗବତ ଆଲୋଚନା ପାଇଁ, ସାହୁ ମହାଜନର ବେପାର ଛାଡ଼ି ମଠକୁ ଧାଇଁ ଆସୁଛ, ଆମକୁ ଭାଗବତର ଦିବ୍ୟବାଣୀ ଶୁଣାଉଛ, ଯେମିତିବା ତା'ଠାରୁ କମ୍ ହେଉ ପଛକେ ୫୦ ବା ୧୦୦ ଜଣକୁ ଏହି ପୁରୁଣୀ ଶାଗର ଅଲିଭା କାହାଣୀ ଶୁଣାଇଲେ ଆମ ତୁମ ଭଳି ଭକ୍ତମାନେ ଉପକୃତ ହୁଅନ୍ତେ ଏବଂ ଲୋକେ ଔଷଧର ମାୟା ଠାରୁ ଦୂରକୁ ଆସି ଗଛ ଲତାର ଆଶ୍ରାରେ ରହି ରୋଗମୁକ୍ତ ହୁଅନ୍ତେ । ରୋଗ ଯନ୍ତ୍ରଣା ସହଜରେ ଦୂର ହୋଇପାରନ୍ତା ।

ସମସ୍ତେ ଶୁଣୁଥିଲେ, ତନ୍ମୟ ହୋଇ ପୁରୁଣୀ ଶାଗର କାହାଣୀ । ସବୁଠୁ ମଜାଳିଆ ଘନବଳ ବାବୁ କହିଲେ, “ଆରେ ବାପା, ମୋର ତ ଅଧିକ ପରିଶ୍ରା ହେଉଛି । ପରିଶ୍ରା ଅନିୟମିତତା ଦୋଷରୁ ବେଳେ ବେଳେ ଲୁଗାରେ ପଡ଼ି ଯାଉଛି, କଣ କରିବା ?” କହିଲି ପରିଶ୍ରା ବିକୃତି ସାଧାରଣତଃ କିଡ଼ନୀ ସମ୍ପର୍କୀୟ ରୋଗ, ଆପଣ ପୁରୁଣୀ ଶାଗ ଖାଇ ଦେଖନ୍ତୁ । ପୁରୁଣୀର ଅନ୍ୟ ନାମ ପୁନର୍ନବା । ଏହା ପୁରୁଣାକୁ ନୂଆ କରେ । ସମସ୍ତ ନଷ୍ଟ ହୋଇ ଯାଇଥିବା ଜୀବକୋଷକୁ ଏହା ପୁଣି ପୂରଣ କରେ । ପୂରଣ କରୁଥିବାରୁ ଏହାର ନାମ ପୁରୁଣୀ । ଏଣୁ ଏହାକୁ ଖାଇଲେ କ୍ଷତି କଣ ? ଆମ ଚାରି ପାଖରେ ପ୍ରକୃତି ବହୁତ କିଛି

 Download Magazine from www.aahwaan.com

ଦେଇଛି । ଆମେ ବଟିକା ପଛରେ ଗୋଡ଼ାଇ ଗୋଡ଼ାଇ କ୍ଲାନ୍ତ ହୋଇ ପଡୁଛେ । ରୋଗ ଧରି ବୁଲୁଛେ । କିନ୍ତୁ କେହି ପାଖ ପରିବେଶକୁ ଦେଖୁନାହାନ୍ତି । ଫଳରେ ସବୁ ପ୍ରକାର ଅସୁବିଧା, ଯନ୍ତ୍ରଣାଦାୟକ ପରିସ୍ଥିତି । ସମସ୍ତେ ଆତୁଳ ଭାଇଙ୍କୁ ଅନୁକରଣ କଲେ ଭଲ ହେବ ।

ସଭାପତି ଅକ୍ଷୟ ନନାଙ୍କ ନିର୍ଦ୍ଦେଶ, "ହରେ କୃଷ୍ଣ ମହାମନ୍ତ୍ର ଜପ କର । ରୋଷେଇ ହେଇଗଲାଣି, ପଙ୍ଗତକୁ ଯିବା ଚାଲ ।"

ସମ୍ମିଳିତ ମହାମନ୍ତ୍ରର ଜପଧ୍ୱନୀ ସହିତ ତରକାଶୁଣୀ ଆଶ୍ରମରେ ଏକ ବିଶ୍ୱାସ ଓ ଭରସାର ପରିବେଶ ସୃଷ୍ଟିକରି ପୁରୁଣୀ ଶାଗର ଜୟଯାତ୍ରା ଚାଲିଥିଲା ।

ମାନପୁର, ଗୋବର୍ଦ୍ଧନପୁର
ଜିଲ୍ଲା : ଯାଜପୁର, ୭୫୫୦୧୯, ଓଡ଼ିଶା
ଭ୍ରାମ୍ୟଭାଷ : ୮୭୬୩୭୫୫୫୮୧

ସାଂପ୍ରତିକ ସମୟରେ ପ୍ରାୟ ଶତକଡ଼ା ଅଶୀଭାଗ ଲୋକ ମୋବାଇଲରେ ହିଁ ଇଣ୍ଟରନେଟ୍ ସେବା ଗ୍ରହଣ କରୁଛନ୍ତି ଏବଂ ସେମାନଙ୍କ ନିକଟରେ ପହଞ୍ଚିବାର ସର୍ବୋତ୍କୃଷ୍ଟ ଉପାୟ ହେଉଛି ଆଣ୍ଡ୍ରଏଡ୍ ଆପ୍ । ନିଜ ୱେବସାଇଟ୍ ପାଇଁ ଏକ ଆପ୍ କାହିଁକି ତିଆରି କରୁନାହାନ୍ତି ? ଆପଣଙ୍କ ଆନୁମାନିକ ବଜେଟ୍ ଠାରୁ ଢେର କମ ଖର୍ଚ୍ଚରେ ଏହା ତିଆରି ହୋଇପାରିବ । ଅଧିକ ସୂଚନା ପାଇଁ ଆଜି ହିଁ ଯୋଗାଯୋଗ କରନ୍ତୁ : ୭୦୦୮୫୬୭୦୮୫

Download Magazine from www.aahwaan.com

# ଦିବାସ୍ୱପ୍ନ



ଦୀପକ ଷଡଙ୍ଗୀ

ଦୁଇଟି ଅଣୁ ଗଳ୍ପ

୧

ଟ୍ରିଙ୍ଗ୍ ଟ୍ରିଙ୍ଗ୍ ଟ୍ରିଙ୍ଗ୍......

ମୋବାଇଲ୍ ଆଲାର୍ମଟା ଜୋରରେ ବାଜି ଉଠିଲା ଠିକ୍ ସକାଳ ୬ଟା ବେଳକୁ । ରାଜୀବ ବାବୁ ଉଠିପଡିଲେ ମୋବାଇଲ୍ ଆଲାର୍ମ୍ ଶୁଣି । ଟ୍ରାଉଜର, ଟି-ସାର୍ଟ ଓ ଜୋତା ପିନ୍ଧି ବାହାରି ଗଲେ ମର୍ନିଂୱାକ୍‌କୁ । ଠିକ୍ ସକାଳ ୭ଟାରେ ଫେରି ଆସି ପେପର ପଢିବାକୁ ବସି ପଡିଲେ । ତା'ପରେ ପତ୍ନୀ ରୋମି ଆଣି ଚା ବିସ୍କୁଟ ପରଷି ଦେଇଗଲେ । ଠିକ୍ ୯ଟା ବେଳକୁ ସ୍ନାନ କାର୍ଯ୍ୟ ଶେଷ କରି ଟିଫିନ୍ ଖାଇ ଲଞ୍ଚ୍ ବକ୍ସ ଧରି ବର୍ତ୍ତମାନ ରାଜୀବ ବାବୁ ପ୍ରସ୍ତୁତ ଅଫିସ ଯିବା ପାଇଁ । ପତ୍ନୀ ରୋମି ଆଣି କୋଟ୍ ପିନ୍ଧେଇ ଦେଲେ ଓ ବ୍ରିଫକେସ୍ ଆଣି ଧରେଇ ଦେଲେ । ରାଜୀବ ବାବୁ ଡ୍ରାଇଭରକୁ ଅର୍ଡର ଦେଲେ ଆଜି ଅଫିସରେ ବିଦେଶରୁ ଆସିଥିବା ଲୋକଙ୍କ ସହ ମିଟିଂ ଅଛି ତେଣୁ ଆଜି ତାଙ୍କର ପ୍ରିୟ ବ୍ଲାକ୍ ବିଏମଡବ୍ଲୁ ଗାଡି ବାହାର କରିବାକୁ । ଠିକ ବାହାରିଲା ବେଳକୁ ଜର୍ମାନ ସେଫୋର୍ଡ କୁକୁର ଟମି ଆସି ପାଖରେ ନେସି ହେଲା ।

ଭାଉ ଭାଉ ଭାଉ .......

ଚାଉଁକିନା ନିଦ ଭାଙ୍ଗି ଗଲା ରାଜୁଆ ଦିନ ମଜୁରିଆର । ସେପଟେ ବନ । ମିସ୍ତ୍ରୀ ଡାକ ପକେଇଲାଣି, "ଆବେ ଏ ରାଜୁଆ ! ! ଶଃ.. କାମ କରିବାକୁ ଆସିଛୁ ନା ଏଠି ଦିନ ଦି

 Download Magazine from www.aahwaan.com

ପ୍ରହରରେ ହେଣ୍ଡିମାରି ଶୋଇବାକୁ ଆସିଛୁ, ଦିନ ଆସି ୩ଟା ବାଜିଲାଣି ଖାଇଦେଇ ଶୋଇଛୁ ଯେ ଶୋଇଛୁ । ଜଲ୍‌ଦି ଆଣ ସିମେଣ୍ଟ ଗୋଳେଇକି... ଆଜି ଯାହାହେଲେ ଆମକୁ ଏ କାନ୍ଥଟା ଉଠେଇ ଦବାକୁ ପଡିବ ।" ନହେଲେ ବାବୁ ଆଜି ତୋର ମୂଲ କାଟି କି ରଖିବେ । ବନା ମିସ୍ତ୍ରୀର ତାଗିଦ ଶୁଣି ରାଜୁଆ କାନମୁଣ୍ଡା ଆଉଁସି ଚାଲିଲା ସିମେଣ୍ଟ ଆଉ ବାଲି ଗୋଳେଇବା ପାଇଁ । ଆଉ ଭାବି ଚାଲିଥିଲା ଆଉ ଟିକେ ହେଲେ ଦେଖିଥାନ୍ତା ସ୍ୱପ୍ନଟା ....

୨

ପିଣ୍ଟୁ ଉପରେ ପ୍ରବଳ ମାଡ ଆଉ ଗାଳି ହଉଛି । ବାପା ରାଗ ତମତମ ହେଇ କହୁଛନ୍ତି, "ପଳା ଏ ଘରୁ ତୋ ଭଳି ପୁଅ ମୋର ଆଉ ଦରକାର ନାହିଁ । ହଜାର ହଜାର ଟଙ୍କା ପାଣି ଭଳି ଉଡେଇ ସାରିଲିଣି ତୋ ପଛରେ କିନ୍ତୁ ଫଳ ଦୁଇ ଦୁଇଟା ବିଷୟରେ ୩୦ ତଳକୁ ନମ୍ବର ରଖି +୨ ପରୀକ୍ଷାରେ ଫେଲ୍ ହେଇଚୁ । ତୋରି ସାଙ୍ଗର ମହେଶ ବାବୁଙ୍କ ପୁଅ ମାନସ କିଛି କୁଆଡୁ ଟିଉସନ ନଯାଇ କି ବି ଫାଷ୍ଟ ଡିଭିଜନରେ ପାସ୍ କରିଛି ଆଉ ତୁ ?" ସେପଟୁ ରୋଷେଇ ଘରୁ ପିଣ୍ଟୁର ମା' କହୁଥାନ୍ତି "ହଉ ଛାଡ । ପିଲା ଏମିତି କେତେ ଫେଲ ହଉଛନ୍ତି ନା ଆଉ, ତୁମେ ତାକୁ ମାରିଲେ ସେ କଣ ଏବେ ପାସ୍ ହେଇଯିବ । ମୋ ପୁଅ ଆରଥରକୁ ପୁଣି ପରୀକ୍ଷା ଦବ ଆଉ ଦେଖିବ ସେ ଫାଷ୍ଟ ଡିଭିଜନରେ ପାସ୍ କରିବ ।" ପିଣ୍ଟୁର ମା'ଙ୍କ କଥା ସରିଛି କି ନାଇଁ ତା ବାପା ଦଉଡି ଆସି ପୁଣି ଦୁଇଟା ବିଧା ଦୁମଦୁମ କରି ଥୋଇଦେଲେ ପିଣ୍ଟୁ ପିଠିରେ । ଚାଉଁକିନା ନିଦ ଭାଙ୍ଗିଗଲା ପିଣ୍ଟୁର ଘଡିରେ ଦେଖିଲା ଦିନ ୩ଟା ବାଜିଛି । ଧଡପଡ ହେଇ ଉଠି ମୁହଁ ଧୋଇ କି ସାଇକେଲ ନେଇ ବାହାରି ଚାଲିଲା କେମେଷ୍ଟ୍ରି ଟିଉସନକୁ । ଆଉ ଭାବି ଚାଲିଥିଲା ଏମିତି ସ୍ୱପ୍ନ ଯେମିତି ତା'ର ଆଉ କେବେ ନ ଆସୁ ...

ଅଧ୍ୟାପକ, ରୋଲାଣ୍ଡ ଫାର୍ମାସୀ କଲେଜ, ଖୋଡାସିଂଗି, ବ୍ରହ୍ମପୁର – ୧୦

Download Magazine from www.aahwaan.com

# ମଉଳା କଢ଼ି



ଚନ୍ଦ୍ରକାନ୍ତ ଜେନା

ସେଦିନ କାହିଁକି କେଜାଣି ଗେଷ୍ଟ ହାଉସରେ ଖେଳି ଯାଇଥିଲା ଏକ ଭିନ୍ନ ବାତାବରଣ । ଆମେ ସମସ୍ତେ ହଜି ଯାଇଥିଲୁ, ଏକ ଅପୂର୍ବ, ଆନନ୍ଦଭରା ସ୍ୱର୍ଗୀୟ ପରିବେଶ ଭିତରେ । ମନ ଭିତରେ ଖେଳି ଯାଉଥାଏ ଅପୂର୍ବ ଶୀହରଣ । ସତରେ ଗୋଟେ କୋମଳମତି କଅଁଳ ମନରେ ଏତେ ଖୁସି ହୁଏତ କେହି କେବେ ଦେଖିନଥିବେ । ଦୀର୍ଘ ଚଉଦବର୍ଷ ଦୁଃଖ, କଷ୍ଟ ସଂଘର୍ଷମୟ ଜୀବନ ଭିତରେ, ହୁଏତ ଏତେ ସୁଖ ତାର ଯନ୍ତ୍ରଣାମୟ, ଜର୍ଜରିତ ଜୀବନକୁ ଗୋଟିଏ ଦିନରେ କେବେ ଆସିବ ସେ ସ୍ୱପ୍ନରେ ସୁଦ୍ଧା ଭାବିନଥିଲା । ଏହା କାହ୍ନା ଜୀବନର ପ୍ରଥମ ଜନ୍ମଦିନ ପାଳନ ଥିଲା । ଗେଷ୍ଟ ହାଉସରେ ମାସେ ହେବ ଚାକିରୀ କରିବାପରେ ପାଇଛି ତାର ପ୍ରଥମ ଦରମା । ଆଉ ସେଇ ଦରମାରେ ସେ ପାଳିଛି ତା ଜନ୍ମଦିନ । ନଅଶହ ଟଙ୍କାର ଏହି ସ୍ୱଳ୍ପ ବେତନ ତା ଜୀବନର ସବୁଠାରୁ ଅଧିକ ଦରମା । ସେ ଯା ହେଉ, ଆଜିପର୍ଯ୍ୟନ୍ତ ନିଜର ସ୍ୱଳ୍ପ ବେତନରେ ସେ ନିଜ ଛୋଟ ପରିବାରର ପାଳନପୋଷଣ କରି ଆସିଛି । ତା'ର ଯନ୍ତ୍ରଣାଜର୍ଜରିତ କାହାଣୀ ଆଜି ବି ମୋ ହୃଦୟକୁ ଦୋହଲାଇ ଦିଏ । ଆରେ ଆରେ କାହ୍ନାର ଜନ୍ମଦିନ ପାଳନ ଉତ୍ସବ ବିଷୟରେ ଭୁଲିଗଲେ ।

ଜନ୍ମଦିନ ପୂର୍ବରୁ କାହ୍ନା ଆମକୁ ତାଗିଦ୍ କରିଦେଇଥାଏ, ତମେମାନେ କେହି କୁଆଡ଼େ ଗୋଟିଏ ଦିନ ପାଇଁ ଯିବନାହିଁ । ଆମେ ବି ତା' ପ୍ରଥମ ଜନ୍ମଦିନ ପାଳନର ଖୁସିକୁ, ଆନନ୍ଦକୁ ଏବଂ ଉପଭୋଗକୁ କେମିତି ହରେଇବାକୁ ଇଚ୍ଛା ହେଲାନାହିଁ । ସେଦିନ କାହ୍ନା ସକାଳୁ ସକାଳୁ ଗାଧୋଇପଡ଼ି, ଶିବମନ୍ଦିରରେ ମୁଣ୍ଡିଆ ମାରି ପୂର୍ବରୁ କିଣିଥିବା ହଳେ ପ୍ୟାଣ୍ଟ, ସାର୍ଟ୍

 Download Magazine from www.aahwaan.com

ପିନ୍ଧି ପକାଇଥାଏ । ଗେଷ୍ଟ ହାଉସର ଜଣେ ଭଦ୍ର, ସରଳ ହୃଦୟର ଅତିଥି, ଯାହାଙ୍କର ସିଏ ଅତି ଆଦରରେ ଖାଇବା ପିଇବା ଖବର ବୁଝେ, ସେ ଭଦ୍ରବ୍ୟକ୍ତି କାହ୍ନା ପାଇଁ ଗୋଟିଏ ଜନ୍ମଦିନ କେକ୍, ମହମବତୀ ଆଉ ବେଲୁନ୍ ଆଣି ଦେଇଥାନ୍ତି । କାହ୍ନା ଛେନାପୋଡ଼ା ଆଣି ରଖିଥାଏ । ଜନ୍ମହେବାର ଅନେକ ବର୍ଷପରେ ତା ଜନ୍ମଦିନ ପାଳନ ହେଉଛି, ଏହା ନିଶ୍ଚୟ ସ୍ମରଣୀୟ ହେବା ଉଚିତ । କାହ୍ନାର ଜନ୍ମଦିନ ପାଇଁ ଗେଷ୍ଟ ହାଉସକୁ ସଜାଇ ଦିଆଯାଇଥାଏ । ଦୀର୍ଘ ଚଉଦବର୍ଷର ଗୋଟିଏ ଗୋଟିଏ ଯନ୍ତ୍ରଣାଜର୍ଜରିତ ଜଳି ଉଠୁଥିବା ମନ ସଦୃଶ କ୍ୟାଣ୍ଡେଲ୍ ଗୁଡ଼ିକୁ ଗୋଟିଏ ପରେ ଗୋଟିଏ ସେ ଲିଭାଇ ପାକାଉଥାଏ ।

ସୁଦୂର ଗଞ୍ଜାମ ଜିଲ୍ଲାର କେଉଁ ଏକ ମଳି ମଫସଲିଆ କାହ୍ନା ଆଜି ଭୁବନେଶ୍ୱରର ଚକଚକିଆ ପରିବେଶରେ ପାଳୁଛି ତା ଜୀବନର ପ୍ରଥମ ଜନ୍ମଦିନ । ସମସ୍ତଙ୍କୁ କେକ୍ ଖଣ୍ଡେ ଖଣ୍ଡେ କାଟି ଖୁଆଇଦେଲା । ନିଜେ ବି ମନ ଖୁସିରେ କେକ୍ ଖାଉଥାଏ । ହୁଏତ ତା ଜୀବନର ଏଇଟା ପ୍ରଥମ ଜନ୍ମଦିନ କେକ୍ କି କଣ ! ଜତୀନ୍ ବାବୁଙ୍କ ପାଇଁ ବଡ଼ ଭାଗ ଗୋଟିଏ ରଖିଦେଇ ସେ ଆମକୁ ଛେନାପୋଡ଼ ଖାଇବାକୁ ଦେଲା । ସେଦିନ ଆଉ ସେ ମୁହୂର୍ତ୍ତର କ୍ଷଣର ସମସ୍ତ ଆନନ୍ଦ ଆଜି ବି ମୋତେ ଆନ୍ଦୋଳିତ କରେ । କେବେ ବି ଏ ଆଖି ମୋର ଏକ କଅଁଳ, କୋମଳ ହୃଦୟର ଏତେ ଖୁସି ଦେଖିନଥିଲା । ମଝିରେ ମଝିରେ କାହ୍ନା କହୁଥାଏ, ସମସ୍ତେ “ହେପି ବାର୍ଥ୍ ଡେ” କହନ୍ତୁ ? ଆମେ ସବୁ ହସିଦେଉଥିଲେ ସୁଦ୍ଧା ଉପଲବ୍ଧି କରି ପାରୁଥିଲୁ ସେ କେତେ ଖୁସିଥିଲା ।

ଆମର ଏଇ ଖୁସି ଆସର ଚାଲିଥିବା ବେଳେ ୧୦୪ ନମ୍ବର ରୁମରୁ ଗେଷ୍ଟ ଜଣେ ଡାକ ପକାଇଲେ, “କାହ୍ନା, ଏ କାହ୍ନା । ଆରେ ଶୁଭୁନାହିଁ କି ? ପାଞ୍ଚଟା ବଡ଼ ପ୍ଲେଟ୍ ଆଉ ଛଅଟା ଗ୍ଲାସ୍ ନେଇ ଆସ ତ ! ଆମେ ଖାଇବାର ଅଛି ।” ଏତେ ସବୁ ଖୁସି ଭିତରେ କାହ୍ନା କିଛି

Download Magazine from www.aahwaan.com

ସମୟପାଇଁ ଭୁଲି ଯାଇଥିଲା ଯେ ସେ ଗେଷ୍ଟ ହାଉସର ଜଣେ ବୋଲକରା ପିଉନ । ସାଙ୍ଗେ ସାଙ୍ଗେ "ହଁ ସାର୍ ଆଣୁଛି" କହିଦେଇ ସେ ଚାଲିଗଲା ।

ରୋଷେଇ ଘରୁ କାଚ ପ୍ଲେଟ୍ ଆଉ ଗ୍ଲାସ୍ ସବୁ ହାତରେ ଧରି ପ୍ରତିଦିନ ଭଳି ଧାଇଁ ଧାଇଁ ସିଢ଼ିଚଢ଼ି ଯାଉଥିବା ବେଳେ ହଠାତ୍ ଭାରସାମ୍ୟ ହରାଇଲା ଆଉ ହାତରେ ଧରିଥିବା ସବୁ କାଚ ସାମାନ ତଳେ ପଡ଼ି ଝଣାଝଣ ଶବ୍ଦ କରି ନଷ୍ଟ ହୋଇଗଲା । ଜନ୍ମଦିନର ସବୁ ଉଲ୍ଲାସ କ୍ଷଣିକ ଭିତରେ ଉଭେଇ ଗଲା । ସବୁବେଳେ ଅତି ଯତ୍ନର ସହ କାମ କରୁଥିବା କାହ୍ନା ଆଜି କାହିଁକି ଅନ୍ୟମନସ୍କ ହୋଇଗଲା କେହି ଜାଣି ପାରିଲୁନାହିଁ । ବୋଧହୁଏ ଜନ୍ମଦିନ ପାଳନର ଖୁସିରେ ଆତ୍ମବିଭୋର ହୋଇଯାଇଥିଲା ସେ ।

କାଚ ସାମାନ ଭାଙ୍ଗିବା ଶବ୍ଦ ଶୁଣି ଗେଷ୍ଟ ହାଉସ୍ ମାଲିକ କାହ୍ନାକୁ ମନ ଇଚ୍ଛା ଗାଳି ଦେଇଥିଲେ । ଆନନ୍ଦରେ ଦିନଟିଏ ବିତାଇବା ପାଇଁ ଉଲ୍ଲାସରେ ଭରିଥିବା ମନରେ କଳାହାଣ୍ଡିଆ ମେଘ ଘୋଟି ଆସିଥିଲା । ଇଂରାଜୀ ଭାଷାରେ କଣ ନା କଣ ସବୁ ଗାଳି କରିଦେଇ ଗଲେ ମାଲିକ । ନିଷ୍ପାପ କାହ୍ନା ଆଖିରୁ ଧାର ଧାର ଲୁହ ବହିଗଲା ।

କିଛି କ୍ଷଣପୂର୍ବରୁ ଆନନ୍ଦରେ ମତୁଆଲା ହେଉଥିବା କାହ୍ନା ଏବେ ବିଷାଦଗ୍ରସ୍ତ ହୋଇଯାଇଥିଲା ଏବଂ ମନେ ମନେ ଭାବୁଥିଲା ଏ ସବୁ ମୋ ଜୀବନରେ ନ ଆସିଥିଲେ ହୁଏତ ଭଲ ହୋଇଥାନ୍ତା । ଏହି ଜନ୍ମଦିନ ପାଳନ ଆମ ଭଳି ଗରିବ ଲୋକମାନଙ୍କ ପାଇଁ ନାହିଁ ।

ଯେଉଁଦିନ ଠାରୁ ସେ ଏହି ଗେଷ୍ଟ ହାଉସକୁ ଆସିଥିଲା ସମସ୍ତଙ୍କୁ ଆପଣାର କରିଦେଇଥିଲା । ଏମିତି କୌଣସି ଉତ୍ସବ ନାହିଁ ଯାହା କାହ୍ନା ବିନା ସମ୍ଭବ ହୋଇପାରିବ । ସବୁ ଗେଷ୍ଟ ଦିନରେ ଅନେକ ଥର କାହ୍ନା କାହ୍ନା ବୋଲି ଚିତ୍କାର କରି ଡାକନ୍ତି ସେ କେବେ

ବିରକ୍ତ ହେବାର ଆମେ ଦେଖିନୁ । ସବୁବେଳେ ହସ ହସ ମୁହଁରେ ସେ ସମସ୍ତଙ୍କର ସବୁ ପ୍ରକାର ଦାବିକୁ ଶୀଘ୍ରାତିଶୀଘ୍ର ପୂରଣ କରିଦିଏ । ଗାଁରେ ତା' ପରିବାରରେ କେବଳ ମା' । ବାପାର ମୁହଁ ସେ ଦେଖିନି । ଜନ୍ମହେବାପର ଠାରୁ ମା' କୋଳରେ ବଢ଼ିଥିଲା । ଯେଉଁ ବୟସରେ ପିଲାମାନେ ଅଲିଅଳି ହେବା କଥା ସେଇ ବୟସରେ କାହ୍ନା ଅନ୍ୟମାନଙ୍କର ଗାଳି ଫଜିତ୍ ଖାଇ ଜୀହଜୁର୍ କରିଥିଲା ।

ଅନେକ ବର୍ଷ ବିତିଗଲାଣି । ସେଇ ଗେଷ୍ଟ ହାଉସରେ କାହ୍ନାକୁ ଦେଖି ଆସୁଛି । ତା' ବ୍ୟବହାରରେ କୌଣସି ପରିବର୍ତ୍ତନ ନାହିଁ । ସେଇ ନିଜ ଧୁନରେ ସବୁବେଳେ ମସଗୁଲ । ହଠାତ୍ ତା ଜନ୍ମଦିନ କଥା ମନେପଡ଼ି ଯାଇଥିଲା । ସେ ଦିନର ଘଟଣା ମୋ ମନରେ ଲିପିବଦ୍ଧ ହୋଇଯାଇଥିଲା । କାହ୍ନାକୁ ତା ଜନ୍ମଦିନ ବିଷୟରେ ପଚାରିବାକୁ କହିଲା, "ସେ ଦିନ ମୋ ଜୀବନରେ କେବେ ବି ନ ଆସୁ ।" କହୁ କହୁ ତା ଆଖି ଅଜାଣତରେ ଓଦା ହୋଇଗଲା ।

ତାକୁ ଆଉ କିଛି ପ୍ରଶ୍ନ କରିବାର ଜୁ ନଥିଲା ଆଉ ସେ କିଛି କହିବା ପୂର୍ବରୁ ଉପର ମହଲାରୁ ଶୁଭିଲା, "କାହ୍ନା..." ଆଉ କାହ୍ନା ଯନ୍ତ୍ରବତ୍ ସେ ଦିଗକୁ ପାଦ ପାକାଇ ଅଗ୍ରସର ହେଲା ।

ପୁରୁଷୋତ୍ତମପୁର, ଫୁଲନଖରା

କଟକ, ୭୫୪୦୦୧, ଓଡ଼ିଶା

# କବିତା ବିଭାଗ

# ବିଷାକ୍ତ ପୃଥିବୀ



ମନୋରଞ୍ଜନ ମୁଦୁଲି

ସୁନ୍ଦର ଏ ବିଶ୍ୱ ସବୁଜ ବନାନୀ
ନିର୍ମଳ ନିର୍ଝର ନଈ,
ଶୀତଳ ସମୀର ମଧୁର ଗୁଞ୍ଜନ
କାନେ ଆଉ ଶୁଭୁନାହିଁ ।

ଆକାଶ ଭରିଛି ବିଷାକ୍ତ ଧୂଆଁରେ
ଆସୁନି କିରଣ କଳଙ୍କ ଭେଦି,
ଜଳ ପ୍ରଦୂଷିତ ପାନୀୟ ଅଯୋଗ୍ୟ
ମରିଯିବା ଦିନେ ପିଇବା ଲାଗି ।

ଶ୍ୱାସକ୍ରିୟା ଦିନେ ରୁଦ୍ଧ ହୋଇଯିବ
ପଙ୍ଗୁ ହେଇଯିବେ ଜନ,
ରୋଗାକ୍ରାନ୍ତ ହେବେ ଔଷଧ ବିହୁନେ
ବନସ୍ପତି ହୁଏ ଶୂନ୍ୟ ।

ବିଷାକ୍ତ ଏ ଧରା ରୋଗବ୍ୟାଧି ଭରା
କ୍ଷଣକେ ହୋଇବ ଲୀନ,
ପରମାଣୁ ଯୁଦ୍ଧ କରିଦେବ ଶୂନ୍ୟ
ଆସୁଛି ପରା ସେ ଦିନ ।

ସଚେତନ ହୁଅ ହେ ବିଶ୍ୱଜନ
ପ୍ରଦୂଷିତ କର ନାହିଁ,
ସୃଷ୍ଟିର ରକ୍ଷକ ତୁମେ ଭଗବାନ
ଦିବ୍ୟଜ୍ଞାନ ଅଛ ପାଇ ।

Download Magazine from www.aahwaan.com

# ସ୍ୱପ୍ନ



ବଲବନ୍ତ ସାହୁ (ବବଲୁ)

ପ୍ରତିଦିନ ସୂରୁଜ ଉଇଁଥାଏ
ଦୀନାବାଇର ଛେରାପହଁରା ପରେ ପରେ
ନେଇ କିଛି ରଙ୍ଗୀନ ସ୍ୱପ୍ନକୁ ।

ସେ ବାରଲାଇଟ୍ ଦେଖାଇବା ହେଉ
ଆକାଶ ବୁକୁରେ ରଙ୍ଗ ମୁରୁଜ ପକାଇବା ହେଉ
କି ଆଉ କିଛି... ।

କା' ମୁଖରେ ହସ ନେଇ
ଅଥବା କା' ଆଖିରେ ଲୁହଧାର ।

କା' କୁଡ଼ିଆ ସ୍କାଇଲାଇଟରୁ ଅମାବାସ୍ୟା ଦୁରେଇବା
କା' ପାଇଁ ବିଦ୍ୟୁତ ପରଷିବା
କା' ପ୍ରେମ ପାଇଁ ନିଛାଟିଆ ପରିବେଶ ଦେବା
କା' ତିଆରି ବଡିଚୁରା ଶୁଖାଇବା
ଅଥବା କା' ବସ୍ତ୍ର ଅନ୍ତବସ୍ତ୍ର ଯାକ ଶୁଖାଇବା ।

Download Magazine from www.aahwaan.com

ଏତଦ୍ ବ୍ୟତିରେକ..
କା' ଜମିର ସ୍ୱପ୍ନ ଉଜାଡିବା
କା' ଶରୀରରୁ ହଂସା ଉଡାଇନେବା
ପୁଣି କା' ସ୍ୱପ୍ନରେ ଖଳନାୟକ ସାଜିବା
ଏଇତ ତା'ର ସ୍ୱପ୍ନ ଗୁଡିକ
ଯାହାକୁ ସେ କଳେବଳେ ହାସିଲ କରେ
ହାରିବାର ବିନା ଭୟରେ ।

ରୋଜ୍ ଏତେ ସବୁ ଦେଖିବା ପରେ
ବିନାସ୍ୱପ୍ନରେ କିପରି ବା ରହିପାରିଥାନ୍ତି ଯେ ?

ଗୋଟାଇ ଆଣିଲି ଭାବ ଓ ବେଲଗାମ୍ ମନକୁ
ଦୀନାବାଇ ମହୁଲ ଗୋଟାଇଲା ପରି ।

ଦେଖିଲି କିଛି ରଙ୍ଗୀନ ସ୍ୱପ୍ନ
ଇନ୍ଦ୍ରଧନୁର ସପ୍ତରଙ୍ଗ ପରି
କିଛି ସ୍ୱାର୍ଥ ସହ ନିସ୍ୱାର୍ଥକୁ ନେଇ
ପରିବାର ପାଇଁ; ନିଜ ପାଇଁ; ସମାଜ ପାଇଁ ।

ପରିବାର ପାଇଁ..

 Download Magazine from www.aahwaan.com

ଗଢିବି ବସାଟିଏ ବାୟାଚଢ଼େଇର ବସା ପରି

ଡୁଲାଇବି ଭଉଣୀକୁ ଦୁଇ-ହାତ କରିବାର ସୌଭାଗ୍ୟଟିକୁ

ରକ୍ତ ମାଂସରେ ଗଢିବି ଚିଁ ଚାଁ କରୁଥିବା କୁନି ଚଢ଼େଇଦୁଇ

ପୁଣି ଦୁହିଁଙ୍କୁ  ଶିଖାଇବି ଆକାଶ ବୁକୁରେ ଉଡାଣ୍  ।

ନିଜ ପାଇଁ.....

ଦେବୀ ଛଡା ମୁଁ ଆଉ କଉ ମଣିଷ ଯେ

ତା଼ ସାଥେ ଦୁନିଆ ଭ୍ରମିବି ଶେଷ ନିଃଶ୍ୱାସ ଯାଏ

ତା଼ ଶରୀରର ଲାଜଗହଣା ଆଉ ସଂକୋଚବାସକୁ ଉତାରିବି

ପିଆଜ ଚୋପା ପରି

ତା଼ପରେ ପରେ ଭିନ୍ନ ଏକ ଦୁନିଆ

ଯେଉଁଠି ପ୍ରେମ ଛଡା ନଥିବ ଆଉ କିଛି  ।

ସମାଜ ପାଇଁ...

କିଛି ତ କରିବି ଭଲ କାମ ଚନ୍ଦ୍ର ସୂର୍ଯ୍ୟ ପରି

ଅନ୍ଧାରର ରଜା ଜହ୍ନ ପରି

ଯେପରିକି  ସାଜିପାରିବି ଉଦାହରଣ  ।

ସେ ଗାନ୍ଧୀ ଗୋପବନ୍ଧୁ ପରି ନହେଲେ ବି

ଗୋଦାବରୀଶଙ୍କ ମାଗୁଣି ପରି  ।

ଶିକ୍ଷକ ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ର ଟିଟିଲାଗଡ଼

ଭ୍ରାମ୍ୟଭାଷ : ୯୦୭୮୧୦୫୨୩୪

Download Magazine from www.aahwaan.com

# ଜୀବନ ଯଦି ?



ମାମାଜିନି ପ୍ରଧାନ

ଜୀବନ ଯଦି ? ଖାତାଟିଏ ହୁଅନ୍ତା,
ଅଲୋଡ଼ା ପୃଷ୍ଠା ଯେତେ ଅଲଗା ରଖନ୍ତି ।
ଜୀବନ ଯଦି ? କଲମଟିଏ ହୁଅନ୍ତା,
କଟୁ ଶବ୍ଦ କେବେ ନ ଲେଖନ୍ତି ।
ଜୀବନ ଯଦି ? ଦୀପଟିଏ ହୁଅନ୍ତା,
ମନର ଯନ୍ତ୍ରଣାତକ ପୋଡ଼ି ପକାନ୍ତି ।
ଜୀବନ ଯଦି ? ବଂଶୀଟିଏ ହୁଅନ୍ତା,
ସବୁରି ପ୍ରାଣରେ ମଧୁର ସୁର ଭରନ୍ତି ।
ଜୀବନ ଯଦି ? ପକ୍ଷୀଟିଏ ହୁଅନ୍ତା,
ମନ ଖୋଲି ବହୁଦୁର ଉଡ଼ି ଯାଆନ୍ତି ।
ଜୀବନ ଯଦି ? ଫୁଲଟିଏ ହୁଅନ୍ତା,
ସବୁ ଦିନ ଫୁଟି ଠାକୁରଙ୍କ ମଥାରେ ଲାଗନ୍ତି ।
ଜୀବନ ଯଦି ? ନଈଟିଏ ହୁଅନ୍ତା,
କୁଳୁ, କୁଳୁ ହୋଇ ଚାରିଆଡ଼େ ବହି ଯାଆନ୍ତି ।
ଜୀବନ ଯଦି ? ଶବ୍ଦଟିଏ ହୁଅନ୍ତା,
ପ୍ରତ୍ୟେକ କଥାରେ ପ୍ରେମ ହିଁ ବାଣ୍ଟନ୍ତି ।

ଗଞ୍ଜାମ, ଓଡ଼ିଶା

Download Magazine from www.aahwaan.com

# ମାର୍ଗ ଦର୍ଶନ



ଶ୍ରୀ [illegible]ଣ କୁମାର ବେହେରା (ଯତି)

ହେ ଅଖିଳ ଜନତା -
ଲୋଭ କର ନାହିଁ ଧନ - ରତ୍ନକୁ,
ଲୋଭ କର ସବା, ଭକ୍ତି, ଧର୍ମକୁ ।

ନ କର ହୋ କ୍ଷତି ସତ୍ୟ - ନ୍ୟାୟର,
କ୍ଷତି କର ଗର୍ବ, ପାପ, ମିଥ୍ୟାର ।

ଯଶ ରଖିଯାଅ ମହୀମଣ୍ଡଳେ,
ଜଳିଯିବ ଦିନେ ଦେହ ଅନଳେ ।

ଗର୍ବ କର ନାହିଁ ନିଜର ବୋଲି,
ମର୍ତ୍ତ୍ୟରୁ ଦିନେ ତ ଯିବାରେ ଚାଲି ।

ପୀଡ଼ା ଦିଅ ନାହିଁ ପର ଆତ୍ମାକୁ,
ଦେଇ ଦେଖ ପୀଡ଼ା ନିଜ ଆତ୍ମାକୁ ।

ଆପଣା ଭାବି କରନି ବିଶ୍ୱାସ,

Download Magazine from www.aahwaan.com

ସ୍ୱାର୍ଥ ଶେଷ ପରେ ଢାଳନ୍ତି ବିଷ ।

କ୍ରୋଧ କର ନାହିଁ ନ୍ୟାୟ ନୀତିକୁ,
କ୍ରୋଧ କର ହେ କୁକର୍ମ ମାର୍ଗକୁ ।

ଶତ୍ରୁ ସାଜ ନାହିଁ ଦାନ ଦୟାର,
ସାଜ ଶତ୍ରୁ ଏବେ ମୋହ ମାୟାର ।

ବେଶଭୂଷା ଦେଖି ମଣନି ସାଧୁ,
ବଚନେ ତାର ନ ଥାଏରେ ମଧୁ ।

କୁକର୍ମ ମାର୍ଗକୁ ଦିଅ ଆହୁତି,
ଯତ୍ନ କର ଦେଶ ବୋଲନ୍ତି ଯତି ।

କବି କୁଟୀର
ଦଣ୍ଡାସିଂହା, ବାରକୋଟ
ଦେବଗଡ (ଓଡିଶା)
ମୋ-09668242720

Download Magazine from www.aahwaan.com

# ମୋ ମା'



ମୃତ୍ୟୁଞ୍ଜୟ ହୋତା (ଆଲୋକ)

ସୃଷ୍ଟିର କି ଦିବ୍ୟ ଛନ୍ଦନା ଗୋଟିଏ ଶବ୍ଦର ନାଁ
ତୋହରି ସ୍ଥିତି ମୁଁ ନିର୍ବୋଧ କିରି ପରଖିବି
ଇଶ୍ୱରଙ୍କୁ ଦିଅଇ ଧନ୍ୟବାଦ କେବଳ
ଚଳନ୍ତି ଠାକୁର ମମତା ମୂରତି ମୋ ପାଇଁ ମୋ ମା । ।

ପ୍ରଥମ ସ୍ପର୍ଶ ପ୍ରଥମ ଡାକ ଛାତିରେ ଭିଡି ଆଲୋ ମୋ ଧନ ଆ
ବ୍ୟାକୁଳ ହୁଏ ମନ ପାଟିରୁପେଟ ଖେଳିଯାଏ ପରିପୂର୍ଣ୍ଣତା
ତୋହରି ସୃଷ୍ଟି ତୋହରି ରକ୍ତ ଅନୁରୂପେ ଏକ ଛାଇ
ସେଥି ପାଇଁ ବୋଧେ ଶିଶୁ ଉଚ୍ଚାରିତ ପ୍ରଥମ ଶବ୍ଦ ଯେ ମା । ।

ନିରାପଦ ମଣେ ଶିଶୁଟି ନିଜକୁ କୋଳ ଯେ ମାତ୍ର ଠିକଣା
ପଣତକାନିରେ ମୁହଁ ପୋଛିଦେଇ ଭୁଲିଯାଏ ଦୁଃଖ କଷ୍ଟ
ସ୍ୱାର୍ଥର ଏ ଦୁନିଆ ହାଟରେ ସବୁ ମିଳିଯାଏ ମିଳେନା କିନ୍ତୁ ମା
ତୋ ସ୍ନେହ ମମତା ଅତୁଲ୍ୟ ଅଟଇ ନାହିଁ ଯେ ତା ତୁଳନା । ।

କୋଟିରୁ ପରାର୍ଦ୍ଧ ଶବ୍ଦ ମଧ୍ୟେ ଲାଗଇ ସହଜ ତୋ ନାଁ
ଆକାଶ ସମ ହୃଦୟ ଯାହାର ପୃଥିବୀ ସମ ସହନଶୀଳା

ମୋ ଆଖି ଲୁହରେ ହୃଦୟ ତୋ ଫାଟେ ହସରେ ତରଳେ ପରାଣ
ମୋ ଓଠରେ କିନ୍ତୁ ହସ ମାତ୍ର ପାଇଁ କରୁ କେତେ କଷ୍ଟ ମୋ ମା ।।

ବିନା ସ୍ୱାର୍ଥରେ ଅଳି ଅର୍ଦ୍ଦଳି ମୋ ସହୁ ସ୍ନେହରେ ନ କରୁ ଉଣା
ବାପାଙ୍କ ରାଗରୁ ତୁ ହିଁ ବଞ୍ଚାଉ ସନ୍ତାନ ତୋ ସବୁକିଛି
ବିନା କାରଣରେ ଅଝଟ କରେ କରେ ଯେ କେତେ ବାହାନା
କେତେବେଳେ ଆସି କୋଳେଇ ନେବୁ ଅପେକ୍ଷା କରିଥାଏ ମୁଁ ମା ।।

ତୋହରି ଶିକ୍ଷା ମୋହରି ଭିତରେ ଶାନ୍ତି ମୈତ୍ରୀ ଓ ଦୟା
ଭରି ଦେଇଛୁ ଶତ ସିଂହର ସାହାସ ଶିଖାଇଛୁ ପରୋପକାର
ଶିଖାଇଛୁ ପୁଣି ଭକ୍ତି କରିବା କହିବାକୁ ସତକଥା
ମଣିଷ ଅରଣ୍ୟେ ତୋ ସ୍ନେହ ଆଶୀର୍ବାଦ ସଞ୍ଜୀବନୀ ସମ ମୋ ମା ।।

ଇଶ୍ୱରଙ୍କ ପାଖରେ ପୂଜାର୍ଚ୍ଚନା କରୁ କରୁ କେତେ ମାନସିକ
ନ ମାଗୁ କିଛି ନିଜ ପାଇଁ ମାଗୁ ମୋ ପାଇଁ କେବଳ
ପ୍ରାଣୀ ଜଗତେ ସର୍ବେ ହୁଅନ୍ତି ତୃପ୍ତ ଧରି ତୋହରି ନାଁ
ବଞ୍ଚିବା ପାଇଁ ମାତ୍ର ସାହାରା ତୁ ନାହିଁ ତୋ କିଛି ବିକଳ୍ପ ।।

ଦେବୀ ରୂପେ ପୂଜା ପାଉ ଭିନ୍ନ ଅବତାରେ ଭିନ୍ନ ଭିନ୍ନ ତୋ ନାଁ
ସରସ୍ୱତୀ ହୋଇ ଜ୍ଞାନ ବାଣ୍ଟି ଦେଉ ଲକ୍ଷ୍ମୀରୂପେ ଧନ ଯଶ

 Download Magazine from www.aahwaan.com

ବଢିଲେ ଦୁଷ୍ଟାମି ସଂହାର କରୁ ହୋଇ ତୁ ଦୁର୍ଗା କାଳୀ
ଆଦ୍ୟାଶକ୍ତି ଅଟୁ ପାର୍ବତୀ ରୂପେ ସର୍ବାଗ୍ରେ ବନ୍ଦିତା ମୋ ମା ।।

ଗୁରୁଣ୍ଡି ଗୁରୁଣ୍ଡି ପଡି ଉଠି ଆଜି ହେଲି ମୁଁ ବଡ଼ ମୋ ମା
ତୋ ଆଶିଷ ପାଇ ପଥ କୁସୁମିତ ବାଧା ବିଘ୍ନ ହେଲା ଦୂର
ଭୁଲି ନ ପାରିବି ସମୟ ସେ କେବେ ତୋ କୋଳେ ମୋ ପିଲା ଦିନ
ଯେଉଁଠି ଥିଲେବି ତୋହରି ଶିଶୁ ଯେପରି ତୁ ମୋ ମା ।।

କହନ୍ତି ସମସ୍ତେ ମା ଋଣ କାଳେ କେବେ ତ ସୁଝି ହୁଏନା
ମୁଁ ବି ଚାହେଁ ବଞ୍ଚିବାକୁ କେବଳ ହୋଇଯେ ତୋହରି ଋଣୀ
ସମସ୍ତ ମା'ଙ୍କୁ ପ୍ରଣାମ ଜଣାଇ ସମର୍ପଣ କଲି କବିତା ମୋହରି
ଶବ୍ଦ ନ ପାଏ ଲେଖିବାକୁ ଆଉ ଅବର୍ଣ୍ଣନୀୟା ତୁ ମୋ ମା ।।

ସୋନପୁର, ଓଡ଼ିଶା
ଦୂରଭାଷ : ୮୭୫୮୦୯୪୮୧୪

Download Magazine from www.aahwaan.com

# ହାତଧରି ଚାଲୁ ଚାଲୁ



ଶୈବାଳିନୀ ସାହୁ

ବର୍ଷାପରି ତୁମେ ନୁହଁ ଚଳଚଞ୍ଚଳ
ଝରୁଥାଏ ତୁମ ମୁହଁରେ
ଆଗ୍ନେୟ ଉତ୍ତାପର ଧାର,
ହେଲେ ବର୍ଷା ଧାର ପରି
ନାଚେ ମୋ' ମନ ମୟୁରୀ
ଉତ୍ତପ୍ତ ମନକୁ ତୁମ ଭିଜାଏ ନିତି
ଚେଷ୍ଟା ମୋର ଅବିରତ,
ତୁମେ ମୋ' ଅମରାବତୀ
ପ୍ରତି ପଲକରେ
ତୁମେ ମୋର ସ୍ୱପ୍ନ ପାରିଜାତ ।
ମନ ମୋର ବର୍ଷା ବିଭୋର
ତୁମ ମନେ ବହେ ଉଜାଣି ପବନ
ଜଳିବନି, ହେଲେ ଜାଳିବ ମୋ ମନ
ତୁମ ପ୍ରତି ପ୍ରତିଶ୍ରୁତିରେ
ବିଜୁଳି ଚମକି ଉଠିବ
ପ୍ରତି ବିଶ୍ୱାସ ଓ ଭରସା
ତତଲା ହାଣ୍ଡିରେ ଫୁଟିବ
ତଥାପି ଏ ଆତ୍ମା
ଅନ୍ତର ସ୍ୱରକୁ ଛୁଇଁବ
ଯେଉଁଠି ବଢ଼ିଛି ଆମ ପ୍ରେମର ମହାଦ୍ରୁମ
ଶାଖା ହେବ ପ୍ରଶମିତ
ଅନ୍ତରରେ ତୁମେ ଥିବ ସେମିତି ଅକ୍ଷତ ।
ଅଦିନିଆ ବର୍ଷା ପରି ଦୁଃଖ ଲିଭିଯିବ
ତୁମେ ତ ମୋ ଆତ୍ମାର ସହଚର
ବିଗତ ଓ ଆଗତ
କାହିଁ କେତେ ଜନ୍ମର... ।
ପୁଣି ଜୀବନ୍ୟାସ ମିଳିଯିବ ଆହତ ପ୍ରାଣର
ହାତଧରି ଚାଲୁ ଚାଲୁ
ଲଙ୍ଘିଯିବା ଅନନ୍ତ ସାଗର ।

Download Magazine from www.aahwaan.com

# ପ୍ରତୀକ୍ଷା



ସଂଘମିତ୍ରା କାନୁନଗୋ

ଆସିବୁ ଆସିବୁ ବୋଲି ,ଭାବୁଛି ମୁଁ କେତେ,
ପ୍ରତୀକ୍ଷାର ଅନ୍ତ ନାହିଁ ମୋର,
ରୁଦ୍ଧ ମୋର ମନର କୋଠରୀ,
ଫିଟାଇ ପାରୁନି,ଅପେକ୍ଷାର କ୍ଳାନ୍ତିରେ,
ଭରିଛି ଶରୀର ।

ପ୍ରତୀକ୍ଷା ଦୀପାଳି ଜଳୁଛି,ମିଂଜି ମିଂଜି ହୋଇ
ତେଲ ଦେବା ପାଇଁ ଆଉ ବଳ ମୋରନାହିଁ ।
ଫୁଲ ସବୁ ରଂଗହୀନ ହୋଇ,
ଝରି ପଡିଲେଣି,ଫୁଲ ଭଳି
ମୋ ମନରେ ସରସତା ନାହିଁ ।

ତୁ ଯେବେଠୁଁ ଗଲୁଣି,
ସେଦିନଠୁଁ ଆଉ ଜମା ଆସୁନି ଫଗୁଣ,
ଚହଟୁନି ଚୈତ୍ର ମଲ୍ଲୀ ବାସ୍ନା,
ତୁ ନାହୁଁ ବୋଲି ଗାଁ ଦାଣ୍ଡ,ମେଲଣ ପଡିଆ
ସବୁ ଶୂନ୍ ଶାନ୍ ଲାଗେ,ତୁ ନାହୁଁ ବୋଲି

Download Magazine from www.aahwaan.com

ଜମା ମନକୁ ଆସେନା ।

ଅପେକ୍ଷାର ଅନ୍ତ ଘଟିବାକୁ,
କହି ଦେ କେତେବେଳ ବାକି,
ପାରୁନାହିଁ ଜୀଇଁ ଏଇ ଅଲୋଡା ଜୀବନ,
କିବା ପାରୁନାହିଁ ତତେ ଭୁଲି ସଖୀ ।

ତୁ ସିନା ଭୁଲିଗଲୁ,ଶଂଖା ସିଂଦୂରର ମୋହେ,
ଦେଇଗଲୁ ମତେ ଏଇ ପ୍ରତୀକ୍ଷାର ବୋଝ,
ମୁଁ କିନ୍ତୁ ଝୁରୁଛି ତତେ,
କାହିଁ କେତେକାଳୁ,ଅପ୍ରାପ୍ତିର ଶବ ବୋହିବୋହି ।
କରିଛି ମୁଁ ଅନନ୍ତ ପ୍ରତୀକ୍ଷା ।
ସତେ କି ଫେରିବୁ କେବେ
ବୟସର ସାୟହ୍ନରେ ,
ତୋର ମୋର ହୋଇଯିବ ଦେଖା.....

ଇରିଗେସନ୍ କଲୋନୀ ୪ର୍ଥ ଲେନ୍,
ଭବାନୀପାଟଣା
ଜିଲ୍ଲା : କଳାହାଣ୍ଡି, ୭୬୬୦୦୧

Download Magazine from www.aahwaan.com

# ଖବର



ସୌମ୍ୟରଞ୍ଜନ୍ ପାଲ

ଶୁଣିବାକୁ ଆଗଭର ଦୁଇ କାନ
ପଢ଼ିବାକୁ ତତ୍‌ପର ଏଇ ମନ
ପରଖିବା ସତ୍ୟ ମିଥ୍ୟାକୁ ପଛରେ
କାହାକୁ ଭର୍ତ୍ସନା କାହା ଗୁଣଗାନ ।
ସକାଳ ଚାହାର ଚୁମ୍ବକ ଅଧରେ
କିଛି ଦେଖିବାକୁ ସ୍ୱତଃ ମନ
ପୁଣି କେତେକ ଅଟକେ ବାଧାରେ ।
ମାନବ ଯନ୍ତ୍ର ପୁଣି ପଞ୍ଚଭୂତ
ଅଭିଭାବକ ସାଥେ ସୁତା ସୁତ
ଦୂର ଦିଗନ୍ତ ନେତ୍ର ସମ୍ମୁଖେ
ମଧୁର କେବେ ଅନଳ ବାତ

Download Magazine from www.aahwaan.com

# ନେତା



କଳ୍ପତରୁ ମିଶ୍ର

ଏ ଧରାଧାରେ ଯେତେ ମାନବ ଶୁଣ ହେ ବାଣୀ ମୋର
ଏ କଳି ଯୁଗେ କେ ମାୟାଧର କହିବି କଥା ତା'ର
ପାଞ୍ଚବରଷ ପରେ ଯେବେ ହୁଅଇ ନିର୍ବାଚନ
ଗାଁଠାରୁ ସହର ଯାଏ ହୁଏ ନେତାଙ୍କ ଆଗମନ
ପିନ୍ଧିଥନ୍ତି କୁର୍ତ୍ତା ପଞ୍ଜାବୀ ମୁଣ୍ଡରେ ଧଳା ଟୋପି
ତାଙ୍କରି ପଛେ ଚେଲା ଚାଲନ୍ତି ନେତାଙ୍କ ନାମ ଜପି
ସେବା ତ ତାଙ୍କ ଜୀବନବ୍ରତ ସିଏ ପାର୍ଲିଆମେଣ୍ଟର ତପି
ହେଲେ ଏହି ସଂସାରେ ନୁହନ୍ତି କେହି ତାଙ୍କର ସମ ପାପୀ
ସ୍ୱର୍ଗର ରାଜା ଇନ୍ଦ୍ରଦେବ, ଐରାବତ ତାଙ୍କ ଗାଡ଼ି
ଆମରି ନେତା କମ ନୁହନ୍ତି ଚଢ଼ନ୍ତି ନିତି ଅଡ଼ି
ସଭାର ବେଳ ହେଲେ ଉଛୁର ପହଞ୍ଚିନ୍ତି ତେବେ ନେତା
ନେତାଙ୍କ ମୁଖେ ପଡ଼ିଲେ ଖରା ଚେଲା ଦେଖାନ୍ତି ଛତା
କେତେ ଭକତ ନେତାଙ୍କୁ ପୁଣି ଦିଅନ୍ତି କୁସୁମ ଉପହାର
କିଏ ଦେବତାମଣି ନେତାଙ୍କ ପଦେ ହୁଅନ୍ତି ସାଷ୍ଟାଙ୍ଗ ନମସ୍କାର
ବସିବା ପାଇଁ ନେତାଙ୍କୁ ପୁଣି ଦିଅନ୍ତି ଦିବ୍ୟାସନ
କିଏ ସେ ଗାଏ ସ୍ୱାଗତ ଗୀତ କିଏ କରୁଥାନ୍ତି ଜୟଗାନ
ନେତାଙ୍କ ମୁଖୁଁ ଶୁଣନ୍ତି ସର୍ବେ ଅଭୁଲା ଦିବ୍ୟବାଣୀ

 Download Magazine from www.aahwaan.com

ଯେଉଁ ବାଣୀ ପଥରକୁ ବି କ୍ଷଣକେ କରେ ପାଣି
କେବେ ଚଷା ବେଶରେ ଭୋଟ୍ ମାଗନ୍ତି ହାତରେ ଲଙ୍ଗଳ ଧରି
ଲଙ୍ଗଳ ଚଳା ତାଙ୍କୁ ଅଜଣା କୁହନ୍ତି ବାର ମସି ଚାଷ ତାଙ୍କରି
କଠିନ ଶ୍ରମ ନିଇତି କରି ଫଳାଏ କ୍ଷେତେ ସୁନା
ମୂଲ ତାହାର ନେତା କି ବୁଝେ ଶୁଣାଏ ଆଶ୍ୱାସନା
ଝାଟି ମାଟିର କୁଡ଼ିଆ ତଳେ ବିତେ ଖରାବର୍ଷା ଯା'ର
ସରକାରଙ୍କ ଯେତେ ଯୋଜନା କିଆଁ ସପନ ତା'ର
କେବେ ନେତା ତ ଭୋଟ ମାଗନ୍ତି ହୋଇ ଯବାନ ବେଶେ ଧରି
ହେଲେ ଯୁଦ୍ଧକୁ ଦିନେ ନ ଯାଆନ୍ତି ଶତ୍ରୁକୁ କେବେ ମାରି
ଏଇ ଦେଶର ବୀର ଯନାବ ସହେ ଖରା ବର୍ଷା ଶୀତ
ପଥରବାଜି, ସନ୍ତ୍ରାସ ହାତେ କେତେ ଜୀବନ ଯାଏ ସତ
କେବେ ଛିଣ୍ଡା ଲେଙ୍ଗେଡ଼ା ନେତା ପିନ୍ଧନ୍ତି ଦାଦନ ଶ୍ରମିକ ପରି
ପଥର ଭାଙ୍ଗି ଯାଆନ୍ତି କେବେ ହାତେ ହାତୁଡ଼ି ଧରି
ହେଲେ ଦାଦନ ବିଦେଶେ ମରେ ସନ୍ତ୍ରାସବାଦୀ ହାରେ
ତଥାପି ନେତା ଭାଷଣ ଦିଅନ୍ତି ଗରିବ ହଟିଛି ଯେତେ
ଯୁବା ହାତରେ ସ୍ମାର୍ଟ୍ ମୋବାଇଲ୍ ସତେକି ସେତ ଦଣ୍ଡ କବାଟ
ଭୋକ ଶୋଷକୁ ଭୁଲିଣ ଯୁବା ଚଳାନ୍ତି ଇଣ୍ଟରନେଟ
ତଥାପି ନେତା କହି ବୁଲନ୍ତି ସ୍ୱପ୍ନ ହେବ ସତ
ବେକାରୀ ଯେତେ ଦୂର ହୋଇବ ଦେଶ ହେବ ଉନ୍ନତ
କେତେକ ଏଠି ବିଦେଶ ଗଲେ ଦେଶକୁ ନେଲେ ଲୁଟି

Download Magazine from www.aahwaan.com

ବଳକା ଯାହା ରହିଲା ବାକି ନେତାଏ ନେଲେଣି ବାଣ୍ଟି

ମନ୍ତ୍ରୀ ହେବାକୁ କେତେକ ନେତା ହୋଇନାହାନ୍ତି ବାହା

ଅଚ୍ଛାଦିନର ସ୍ୱପ୍ନ ନିତି ଦେଖନ୍ତି କେତେକ ଯାହା

କିରାଣୀ ଖାଏ କିଲିପାନ ଟେ ମନ୍ତ୍ରୀ ଖାଆନ୍ତି ଖଣି

ଓକିଲ ବାବୁ ବାଦାମ ଲାଞ୍ଚ ଖାଆନ୍ତି ଡାକ୍ତର ଟଙ୍କା ଗଣି

ସରପଞ୍ଚ ବି ଭତ୍ତା ଚାଉଳ ମାରି ନିଇତି ଖାଆନ୍ତି

ଏମିତି ଯେତେ ଲମ୍ପଟ ଦଳ ଦେଶକୁ ଲୁଟୁଥାନ୍ତି

ଏଣୁ ଏମାନେ ମାୟା ବଳରେ କରନ୍ତି ଛଳନା

ଲୋକେ ଭକୁଆ ହୁଅନ୍ତି ଭାଉ ନଜାଣି ତାଙ୍କ ଛଳନା

ଆସରେ ଆସ ଭାରତବାସୀ ମେଲାଇ ହାତକୁ ହାତ

ଭ୍ରଷ୍ଟାଚାରୀଙ୍କୁ ରୋକିବା ଆମେ ଗଢ଼ିବା ସୁନାର ଭାରତ ।

+==================================+

# ବଗିଚାକୁ ଫେରେ



ଅଖିଳ କୁମାର ମିଶ୍ର

ଗୋଟେ ବଗିଚା ଥିଲା,
ମୁଁ ସେଠାରେ ବସି ରହୁଥିଲି
ଓ ତମ କୋଳରେ ଘୁମଉଥିଲି
ତାହା ଆମର ସବୁଠୁ ପ୍ରିୟ ବଗିଚା ଥିଲା ।

ପବନରେ ଗୁଣୁ ଗୁଣୁ ସ୍ୱର
ମୁଁ ଶୁଣିବାକୁ ଭଲପାଉଥିଲି ସେଠାରେ
ସେ ଗୀତର ମାନେ ମୁଁ କିଛି ବୁଝୁନଥିଲି
ତମେ କିନ୍ତୁ ସେ ଗୀତ ସହ ତାଳଦେଇ
ଆଉ କେତେ ଗୀତ ଗାଉଥିଲ ।

ଏବେ ସେଇ ପୁରାତନ ଜାଗାକୁ ମୁଁ ଯାଏ
ଶହୀଦନଗର ଷ୍ଟେସନ ପାଖରେ,
ଇଚ୍ଛାକରେ, ତମକୁ ସେଠି ପାଇବାକୁ,
ଆଉଥରେ ଦେଖିବାକୁ/
ଫେରିବାକୁ ହୁଏ
ନିଜ ହୃଦୟକୁ ପୁଣି ଚିହ୍ନିବାକୁ...

ଭାବେ, ଏବେ ମୁଁ ସେ ଗୀତ ଗାଇବି
ଯାହା ତମେ ଦିନେ ଗାଉଥିଲ
କାରଣ ଏବେ ମୋ ପାଳି ପଡ଼ିଛି ।

ନିର୍ଦ୍ଦେଶକ, ସମ୍ବାଦ
ଆକାଶବାଣୀ, ଗୌହାଟୀ, ଆସାମ

Download Magazine from www.aahwaan.com

# ତୁମ ଅପେକ୍ଷାରେ ଆଜି ବି ମୁଁ



ସୁଦର୍ଶନ ସାହୁ

ତୁମେ ଚାଲିଗଲାପରେ
ସାଥୀ ମୁଁ କରିଛି ଆଖିର ଲୁହକୁ
ଲୁହ ଲୁଚାଇବାକୁ ଆପଣେଇଛି
ମା ହାତ ତିଆରି ଉଲ୍ ରୁମାଲକୁ ।

ମନେ ପଡ଼େ ଯେବେ ଅଭୂଲା ସ୍ମୃତି ତୁମର
କାନ୍ଦେ କଇଁ କଇଁ କରି ଅନ୍ଧାରକୁ
ସାଥୀମୋର ।
ମନେ ପଡ଼େ ଯେବେ ତୁମ କୋମଳ ହାତର
ଛୁଆଁ
ଭାବି ନଥିଲି ମୁଁ ଦିନ ଆସିବ ଯେ
ଜଳାଇ ଦେବ ମୋ ଛାତିରେ ନିଆଁ ।

ହୃଦୟରେ ଆଉ ଜଳୁନାହିଁ ପ୍ରେମ ନିଆଁ ।
ଜଳିବା ବଦଳେ ଏତେ ସୁଖ ଦେଉ
କୁହୁଳୁଛି ଖାଲି ଧୂଆଁ ।
ଇଚ୍ଛା ବଳିଥିଲା ସାତ ଜନ୍ମପାଇଁ
କରିବି ତୁମକୁ ସାଥୀ
କିନ୍ତୁ ତୁମେ ଗଲାପରେ କାହିଁକି କେଜାଣି
ଜଳୁଛି ମୁଁ ଦିନ ରାତି ।

ଏବେ ବି ତୁମକୁ ଚାହିଁ ମୁଁ ବସେ
ସନ୍ଧ୍ୟାରେ ନଦୀ ମୁହାଣ ପାଖେ ।
ଥରେ ତୁମେ ଆସି କହିଦେଇ ଯାଅ
ତୁମ ସ୍ମୃତିଛଡ଼ା ଆଉ
କାହା ସ୍ମୃତି ନାହିଁ ମୋ ପାଖେ ।

ଭାବେ ମୁଁ ବସି ଅତୀତର ହସ ଖୁସିକୁ
ଯେତେ ଚେଷ୍ଟା କଲେ ଭୁଲିପାରେ ନାହିଁ
ପ୍ରଥମ ପ୍ରେମର ଅଭୁଲା ସ୍ମୃତିକୁ ।
ଏବେ ଚାହୁଁଛି କେବଳ ତୁମକୁ
କେବଳ ତୁମକୁ ।
ସେ ତୁମେର ମାନେ ଯଦି ପାରୁଥିବ ବୁଝି
ଫେରିବ ମୋ ହୃଦୟକୁ...

କ୍ଷୀରୋ, ଷଠିପୁର, ଯାଜପୁର
ଭ୍ରାମ୍ୟଭାଷ : ୭୦୭୭୭୬୪୬୯୪୧

Download Magazine from www.aahwaan.com

# ମୁଁ ନୁହେଁ ଗୀତା



ନରେଶ କୁମାର ବେହେରା

ଜାଣିଲି ମୁଁ ଯେବେଠୁ ଯୌବନ
ଦୁଇହାତ ହୋଇଥିଲା
ଛାଡି ଆସିଲା ପରେ ପଣତକାନି ମାଆର
ଅଚିହ୍ନା ଅନ୍ଧାରୁଆ ମୁହଁଗୁଡ଼ା
ଜାଣି ବି ଅଜଣା
ସତେ ଯେମିତି କୁହୁଡିଆ - ଦ୍ୱନ୍ଦ
ଟିକେ ହସ, ଟିକେ କାନ୍ଦ ।

କାହାକୁ କହିବି
କା ପାଖେ ଶୋଇବି
ଧଡ ଧଡ ହେଉ ଥାଏ ଛାତି ମୋର
ଜହ୍ନ ତାରା ଆକାଶରେ
ଖେଳୁଥାଏ ବିଜୁଳିର ଗାର
ଖାଇକି ଭୋକିଲା, ପିଇକି ଶୋଷିଲା
ଲାଗୁଥାଏ ପେଟ ବେକ ମୋର

ବଡମା କହିଥିଲା ବୋଲି
ଡରିକି ଚାହିଁଥିଲି ବସି
ଆସିବ ମରଦ
ତୋଳିନେବ ବାହୁରେ ତାର
ହୋଇବ ଜନମ ଧନ୍ୟ ମୋର ।

କଥା ଏତକ ମନେ ଅଛି
ଶେଷ ହୋଇଛି ରାତି ଚଉଠି
ଆସି ଉଠଉଛି ହାତ ମାରି
ସକାଳର କଁଅଳିଆ ତାତି
କହେ ଯେପରି ଉଠ ବେଗି
ଶାଶୁଘର ସବୁ ଥିବେ ଜଗି
କହିବେ ବୋହୁଟା ଅଳସଇ
ଚିହ୍ନେଇବେ ସବୁ ପଡିସା ସାହି ।
ପଚାରୁଥାନ୍ତି ସଭିଏଁ
ଜାଣିବାପାଇଁ ସରସମନେ
ସାଉଂଟୁଛି ମନେ ମନେ
କାଲି ରାତିର ଘଟଣାମାନ

Download Magazine from www.aahwaan.com

ଘଟିଛିକି ଅଘଟଣ
ପାଉନି ତ କିଛି ଟେର
କହିବି ମୁଁ କି ଖବର ।

ବିତିଛି ଏମିତି
କେତେ ଯେ ସପନର ରାତି
ଖୋଜୁଥାଏ କରିବାକୁ
ପରିପୂର୍ଣ୍ଣ - ବ୍ୟାଧି
ନଚେତ ହୋଇବି ମୁଁ ପାପୀ
ଭୟରେ ଥରୁଥାଏ ଛାତି

- ୧ -
ପଚାରେ ଥରେ ଏମିତି
ଲଗେଇଲୁ କି ରଙ୍ଗ ମୋତେ
ହଜେଇଲୁ ସଜେଇ ନାରଙ୍ଗ
ଭାବିଛୁକି ଭୁଲିଗଲି କାହ୍ନାରେ
ଯାଉନି ବୋଲି ତୋ ଦୁଆରେ
ଶଙ୍ଖା ଅଳତା ଯେ ଦେହରେ ।

ତୁ କେମିତି କହୁ ଆଜି ମୋତେ
ହୋଇ ମୋ ପ୍ରଥମ ପ୍ରେମିକ
ଏ ତ ପରିଚୟ ସମାଜର
ଏ ଘରର, ସେ ଘରର
ମିଛି ମିଛିଆ ସଂସାରର
ଭାବେନା ଏହା ଯେ ମୁଁ
ତୋତେ କରିଦେଲି ପର ।
ପାଉଛି ମୁଁ ଏତେ ଭଲ ବୋଲି
କରାଉଛୁ ମୋତେ ଅଟ୍ଟହାସ୍ୟ
ବୋଲାଉଛୁ ମୋତେ ଏଠି ବାଞ୍ଛ
କରିଛୁକି ମୋତେ ତାର ପ୍ରାପ୍ୟ
ନା ଦେଖିଛି ମୁଁ ତାର ଆସ୍ୟ
କରୁଥାନ୍ତି ସବୁ ଉପହାସ
ଏ କଣ ତୋର ଆଶୀର୍ବାଦ
ଦେଇଅଛୁ ଏ କି ପ୍ରସାଦ ।

ବଦଳିଲୁନି କି ବଦଳିବୁନି
କରିଥାଉ ନଟଖଟ
ନ ପାରଇ ଛାଡ଼ି
ନ ପାରଇ ଭୁଲି
ହେଉଥାଏ ଛଟପଟ

 Download Magazine from www.aahwaan.com

ଦେବୁଯଦି ଦେ ଏକଗୋଟି ଫଳ
ପାଇଲି ସନ୍ତାନ ଏକ ପୁତ୍ରର ।

ଆଉନ ଆଶିବି ଏ ଜନମେ
ଭୁଲ ଯଦି ଅବା ମୁଁ ନ କରିଛି
ସଜା ମୋ ପାଇଁ କି କାରଣେ ।

ମୁଁ ବି ଅଜଣା କାହୁଁହେଲି ବଣା
ତା ମନେ - ତୋ ମନ କରି ବିନ୍ଧା
ପ୍ରମାଣିତ କଲୁ ନୁହେଁ ତୁ ପାଷାଣ
ଅଟୁ ସତ୍ୟ ହେ ପରମାନନ୍ଦ ।

ଦେଲୁ ଯଦି ମୋତେ ନାଆଟି ଗୀତା
ରଖେ ତୋ ଏହାର ମହତ୍ତ୍ୱ
ଭୁଲିବେନି କିନ୍ତୁ ଲୋକେ ଏ ଯୁଗର
କରିବାକୁ ଏହା ଅନ୍ତ
ତୁ ସିନା ବସିଛୁ ପଥର ପାଲଟି
ନାହିଁ ତୋର କିଛି ଚିନ୍ତା
ମଣିଷ ଜୀବନ ଦୁର୍ଲଭ ମାତ୍ର
ହୋଇଥାନ୍ତି ହନ୍ତସନ୍ତ ।

କଲୁ ମୋତେ ମାତୃ
ଦେଲୁ ମୋତେ ତୃପ୍ତି
ପୁଣି ଯେ ରହିଛି ମନରେ
କେତେଯେ ଆସକ୍ତି
ଜାଣିବାକୁ ଥରେ
ତା ମନେ ହୃଦୟେ
ରହିନି କିଆଁ ସେ ପ୍ରୀତି ।

- ୨ –

ଛଅ ବର୍ଷର ବିବାହ ବନ୍ଧନେ
ହୋଇନି ଆବଦ୍ଧ କେବେ ଯେ ଛନ୍ଦନେ
ଜାଣିନି କଣ ସେ ମଲ୍‌ହାର
ସଂଗମ, ଜୁଆର ଆବେଗର
ସରିଲାଣି ଯେବେ ନଦୀ ଏ ବକ୍ଷର

କହୁଛି ମୁଁ ଆଜି ଖୋଲି
କେତେ ବଡ ଭୁଲ କଲି
ପଚାରି ତା ମନ କଥା
ପାଇଲି ମୁଁ ଭାରି ବ୍ୟଥା
କି କରିବି ମୁଁ ଆଜି

Download Magazine from www.aahwaan.com

ବର ମୋର ପ୍ରିୟା ସାଜି
ଯାଉଛି ସେ କାହା ଘର
ଅଜଣା ମୁଁ ନିରନ୍ତର ।

- ୩ –
ଏକି ହେଲା ବଜ୍ରପାତ
କରିବିକି ମୁଁ ନିପାତ
କାନ୍ଦି ମନ ଭାଙ୍ଗିଦେଲା
ଲହଡିର ଗନ୍ତାଘର
ଶୁଷ୍କ ନଦୀ ବୋହିଗଲା
ଦେଖି ଅଶ୍ରୁ ସୁକୁମାର
ଏକି କଲ ହେ ବିଧାତା
ମୋତେ କର ବହିଷ୍କାର ।

ସତେ କଣ ଦୁନିଆଁରେ
ସ୍ତ୍ରୀ ନୁହେଁ ପ୍ରେମ ବଡ
ଯଦିଥିଲା ସେ ମିଳନ
କାହିଁ କଲା ଏ ମେଳନ
ମୁଁ କଣ ଚାହିଁଥିଲି
ଏ ଯବନ ଯୌବନ
ଦେଲ କାହିଁ ପରିଚୟେ
ଦୁହିଙ୍କର ଏ ନୟନ ।

ଭାବିନ ପାରେ କିଛି
ଚେଷ୍ଟିତ ମୁଁ ଚାଲେ ଅନ୍ଧକାରେ
ତୋଳିବାକୁ ଆଉ ଏକ ଘର
ତନୟକୁ ସାଥି ସହୋଦର
ପାଇଛି ମୁଁ ଯେବେ ତାକୁ ପୁଜି
ଗଢିବି ସଂସାର ତାହାର
ଯେପାଇଁ ତୁ ରଖିଲୁ ମୋ ମାନ
ପଣିଲି ନେବି ସ୍ୱାର ଭାର ।

- ୪ –
ଭୁଲିଲି ମୁଁ ସବୁକିଛି
କିଏ ସାଥି କିଏ ବର
ବଞ୍ଚିଛି ତାହାରି ପାଇଁ
ସିଏ ମୋର ମୁଁ ତାର
ନାହିଁ କିଛି ଅଭିଲାଷା
ନା ଆଶା ନା ଲିପ୍ସା
କହିବି କାହାକୁ ଏଠି

କିଏ ଅବା ସେ ଭରସା ।

- ୫ -

ସମ୍ପାଦକ, ଗଞ୍ଜାମର କବିତା ଘର, ବ୍ରହ୍ମପୁର, ଗଞ୍ଜାମ

ପୁଣି ଥରେ ତୋ ଦୁଆରକୁ
କଲି ପ୍ରାରମ୍ଭ ଆସିବାକୁ
ଭଲ ଯେ ତୋତେ ପାଇଥିଲି
ଭୁଲ ବୋଧେ କଲି ଅପସରି
ଅଜ୍ଞାନୀ ତ ମୁଁ ଥିଲି
ନ ବୁଝି ପାରିଲି
ଥିଲି ଏକ ପାଗଳି
ଶୁଣି ଗଲି ସହି ଗଲି
ଯିଏ ଯାହା କହିଦେଲା
ହୁଁ ଟିଏ ମାରିଲି
ତେଣୁ ମୋତେ ଦେଲୁଶିକ୍ଷା
ଏହା ହିଁ ମୋ ଶେଷ ଦିକ୍ଷା
ପାଇଗଲି ବହୁ ଆଖ୍ୟା
ହେଲି ପୁରସ୍କୃତ ଏ
ଅଜଣା ଅଚିହ୍ନା ସହରରେ
ହସ – ଲୁହ ଓ କାନ୍ଦ ଭରିକି
ଚାଲିବି ପୁଣି ଆଜି
କରୁଛି **ଗୀତା** ନିଜେ ସ୍ୱୀକାର ।।

Download Magazine from www.aahwaan.com

# ତୁମେ ଛୁଇଁଦେଲା ପରେ



କାହ୍ନୁ ଚରଣ ସାହୁ

ଜୀବନର ଅଙ୍କାବଙ୍କା ରାସ୍ତାରେ
ଚାଲୁ ଚାଲୁ ଦେଖାହେଲା ତୁମ ସହ
ଦେଖିବାରେ ବିତିଗଲା
ଜୀବନର କେତେ ଅଭୁଲା ସମୟ ।

ଚକ୍ ଚକ୍ ଚମକୁଥିଲା
ବିଜୁଳିପରି ତୁମ ସୁନେଲି ମୁହଁ
ମନ ଆଇନାରେ ଆଙ୍କି ହୋଇଗଲା
ଝାପ୍ସା ଝାପ୍ସା ପ୍ରତିବିମ୍ବ ।

ମନ ଚାହୁଁଥିଲା ପ୍ରତିକ୍ଷଣେ
କରିବାକୁ ଅତି ଆପଣାର
କେଜାଣି କାହିଁକି ଲାଗେ ଭୟ
ତୁମକୁ ପାଇ ହରେଇବାର ।

ହୃଦୟ ସାଗରେ ଅବିରତ
ଉଠୁଥାଏ ତୁମ ପାଇଁ ପ୍ରେମର ଜୁଆର
କିଛି କ୍ଷଣପରେ ଠିଆ ହୁଏ ପାହାଡ଼
ଉଚ୍ଚ ନୀଚ ଭେଦ ଭାବର ।

ସେ ଦିନର ପହିଲି ଦେଖାରୁ
ହଜି ଯାଇଛି ତୁମରି ସ୍ୱପ୍ନରେ
ଶିହରଣ ଖେଳିଯାଇଛି ସାରା ଶରୀରେ
ତୁମେ ଛୁଇଁ ଦେଲା ପରେ
ତୁମେ ଛୁଇଁ ଦେଲା ପରେ ।

ପଣ୍ଡକାମାଳ, ମ.ରାମପୁର, କଳାହାଣ୍ଡି
ଭ୍ରାମ୍ୟଭାଷ : ୯୫୫୬୮୨୨୪୪୭
ଇମେଲ୍ : kahnuchsahus@gmail.com

# ଗ୍ରୀଷ୍ମପ୍ରବାହ



ନୃସିଂହ ଚରଣ ବେହେରା

ତତଲା ପବନ ବହୁଅଛି ଏଠି
ଚାରିଆଡ଼େ ହାହାକାର
ଆକାଶରୁ ଅବା ଅଗ୍ନି ବୃଷ୍ଟି ହୁଏ
ଜୀବଜନ୍ତୁ ନାରଖାର,
ପିଇବାକୁ ନାହିଁ ନୀର
ଝାଞ୍ଜି ପବନରେ ଦେହ ଜଳିଯାଏ
ଉଜୁଡ଼ିଲା କେତେ ଘର ।
ଉତ୍ତର ପଶ୍ଚିମ ମଧ୍ୟ ଭାରତରୁ
ବହୁଛି ଉଷ୍ଣ ପ୍ରବାହ
ସରକାରୀକଳ ନୀରବ ନିଶ୍ଚଳ
ଅଂଶୁଘାତ କଥା କୁହ,
ଜୀବନ ତ ଦୁର୍ବିସହ
ଅଂଶୁଘାତେ କେତେ ମଣିଷ ମଲେଣି
ପୋଛିଲେଣି କେତେ ଲୁହ ।

ପାଣିପାଇଁ ସର୍ବେ ହୁଅନ୍ତି ବିକଳ
ଶୁଖିଲାଣି ନଈନାଳ
ନଳକୂପ ଅଛି ପାଣି ଆସୁନାହିଁ
ଶୁଖୁନାହିଁ ଦେହ ଝାଳ
ଆଶ୍ରୟ ହିଁ ଗଛମୂଳ
ମଣିଷ ମରଇ ନିଜ ସ୍ୱାର୍ଥପାଇଁ
ଧ୍ୱଂସ କରି ଜଙ୍ଗଲ ସମୂଳ
ଜୀବନ ବିକଳେ ଏ ପ୍ରାଣୀ ଜଗତ
ବଞ୍ଚିବ ବା କେତେ କାଳ !

୨୧୭, ୟୁନିଟ୍-୯ (ଫ୍ଲାଟ୍)
ବାୟାବାବା ମଠ ଲେନ୍
ଭୁବନେଶ୍ୱର - ୨୨

Download Magazine from www.aahwaan.com

# ସ୍ୱାର୍ଥ ଏ ଦୁନିଆ



ପୂର୍ଣ୍ଣଚନ୍ଦ୍ର ରଣା

ସବୁଥାଇ ମୋର ଲାଗୁଛି ମୋତେ ଯେ
କିଛି ନାହିଁ ଦୁନିଆରେ
ମିଛ ଏ ଜନମ ମିଛ ଏ ସଂସାର
ସବୁ ସ୍ୱାର୍ଥ ଏ ଧରାରେ ।୧

ଆଖି କହେ ସତେ କାନ୍ଦିବାକୁ ମୋତେ
ଓଠେ ମୋର ହସ ନାହିଁ,
ହୃଦୟ ଭିତରେ ଦୁଃଖ ଦାଉ ଦାଉ
ଏ ଜୀବନଟା କାହାପାଇଁ ।୨

ଦୁନିଆରେ ସିନା ଦୁଃଖ ସୁଖ ସତ
ସୁଖ ଦୁଇଦିନ ବନ୍ଧୁ
ଦୁଃଖ ମୋ ଜୀବନେ ଚିରସ୍ଥାୟୀ ସତେ
ସାକ୍ଷୀ ସେଇ କୃପାସିନ୍ଧୁ ।୩

ଦୁନିଆ ଆଗରେ ଏ ଶରୀର ସତ
ମନ କିଏ ପଢ଼େ ନାହିଁ
ମନର ବର୍ଣ୍ଣନା ପାଇଁ ନାହିଁ ଶବ୍ଦ
ଏ ଦୁଃଖ ଜଞ୍ଜାଳ ପାଇଁ ।୪

Download Magazine from www.aahwaan.com

ଦେଇଛନ୍ତି ଜନ୍ମ ମୋ ପିତାମାତା
କରମ ଦେଇଛି ସେଇ
ଭାଗ୍ୟକୁ ଆଦରି କରୁଛି କରମ
ଦୁଃଖ ଭୁଲିପାରୁନାହିଁ ।୫

କାହିଁକି ଏମିତି କରେ ଏ ବିଧାତା
ଦେଖିଲେ ମୁଁ ପଚାରନ୍ତି
ହେ ତୁମେ ବିଧାତା ! ଦୁନିଆ ଗଢ଼ିଛ
ସ୍ୱାର୍ଥ କାହିଁ ଦେଇଛନ୍ତି ।୬

ସ୍ୱାର୍ଥ ଏ ଦୁନିଆ ସ୍ୱାର୍ଥପର ଗୋଷ୍ଠୀ
ସ୍ୱାର୍ଥ ଏଠି ଆଦରନ୍ତି
ନିଃସ୍ୱାର୍ଥପର ଯେ କାନ୍ଦି କାନ୍ଦି ମରେ
କାହାକୁ ନ ପରଖନ୍ତି ।୭

ବିନତି କରୁଛି ବିଧାତା ପାଖରେ
ସ୍ୱାର୍ଥକୁ ଦୂରେଇ ନିଅ
ସ୍ୱାର୍ଥବାଦୀକୁ ତ କର ଯେ ନିଃସ୍ୱାର୍ଥୀ
ସୁଖ ତାକୁ ଟିକେ ଦିଅ ।୮

ହାଟସିଂହପୁର, ପୋ: ସିଂହପୁର, କୁଆଖିଆ ଥାନା, ଧର୍ମଶାଳା, ଯାଜପୁର
୭୫୫୦୦୮, ଓଡ଼ିଶା

Download Magazine from www.aahwaan.com

# ତୁମ ପାଇଁ ପ୍ରିୟା



କାର୍ତ୍ତିକେଶ୍ୱର ସାହୁ

ସମାଜର ଯେତେ ଲାଞ୍ଛନା ଯାତନା
ମଥାପାତି ସହିଯିବି,
ସବୁ କଳଙ୍କକୁ ମୁଣ୍ଡରେ ମୁଣ୍ଡେଇ
କଳଙ୍କିତ ହେଲେ ହେବି ।
ପ୍ରେମ କରି ଯଦି ପାପ କରୁଅଛି
ପବିତ୍ର ପାପୀ ମୁଁ ହେବି,
ନରକ ଯନ୍ତ୍ରଣା ଭୋଗିବାକୁ ହେଲେ
ହସିହସି ଭୋଗିଯିବି ।
ଭଲପାଇବାର ପ୍ରମାଣ ଦେବାକୁ
ଅଗ୍ନିରେ ମୁଁ ଝାସଦେବି,
ଦରକାର ହେଲେ ପ୍ରସ୍ତୁତ ଅଛି ମୁଁ
ସିନ୍ଧୁ ଡେଇଁ ଲଙ୍କା ଯିବି ।

ବିପଦେ ଆପଦେ କୁରୁସଭା ମଧ୍ୟେ
କୋଟିବସ୍ତ୍ର ଦାନଦେବି,
ଆକାଶରୁ ଚାନ୍ଦ ତୁମେ ଯଦି ମାଗ
ହାତେ ଆଣି ତୁମ ଦେବି ।
ଭାଙ୍ଗିଯାଇ ଥିଲେ ଗଢ଼ି ଆଣି ଦେବି
ହଜିଥିଲେ ଖୋଜିଦେବି,
ସକାଳରୁ ସନ୍ଧ୍ୟା ସନ୍ଧ୍ୟା ରୁ ସକାଳ
ତୁମ କଥା ଭାବୁଥିବି ।
ତୁମକୁ ପାଇବା ପାଇଁ ଲୋଡ଼ା ହେଲେ
ଶହେ ଜନମ ମୁଁ ନେବି,
ତୁମେ ମୋର ଧନ ତୁମେ ମୋ ଜୀବନ
ତୁମ ପଥ ଚାହିଁ ଥିବି ।

ଚଣ୍ଡିଆପଲା, ଭୁଆଶୁଣିପାଟଣା
ଖୋର୍ଦ୍ଧା-୭୫୨୦୬୧
ମୋ-୯୯୩୮୮୩୪୨୪୦

# ଶ୍ରମିକ



ସାଗର ପ୍ରଧାନ

ଶ୍ରମିକ ମୁଁ ଶ୍ରମିକ
ପରିଶ୍ରମରେ ଠିଆ କରିଛି
ରୁଧିରର କୋଣାର୍କ ।

ଖରା ବରଷା ତାତି
ଶୀତ କାକର ନାହିଁ ଖାତର
ସହୁଥାଏ ମୁଁ ନିତି ।

ସ୍ୱପ୍ନ ମୋର ସମାଧି
ଅନ୍ୟ ପାଇଁ ଅଟ୍ଟାଳିକା ଗଢେ
ନୂତନ ତାର ବିଧି ।

ରାସ୍ତା ଘାଟ ପ୍ରାଚୀର
ବ୍ରିଜ ସହର ମହାନଗର
ସୌଧ ଗୀର୍ଜା ମନ୍ଦିର ।

ସବୁ ନିର୍ମାଣେ ମୋର
ରହିଛି  ବିନ୍ଦୁ ରୁଧିରଦାନ
ନାହିଁ ମୋ ପକ୍କା ଘର ।

ସୃଷ୍ଟି ସର୍ଜନା କରେ
ବିସକର୍ମା ଦୂତ ସାଜିଛି ମୁଁ
ନାନାଦି ଅସ୍ତ୍ର ଧରେ ।

ସଂସାର ସୁଖ  ପାଇଁ
ଅନ୍ୟର ସ୍ୱପ୍ନ କରେ ସାକାର
ନିଜକୁ ଜାଳି ଦେଇ ।

ପଦାଗିରି, ଗଞ୍ଜାମ

Download Magazine from www.aahwaan.com

# କେବେ କେବେ ତୁମେ



ଅଶୋକ କୁମାର ସେଠୀ

କେବେ ତୁମେ କୋମଳ ତ
କେବେ ତୁମେ ଶିକ୍ତ,
କେବେ ତୁମେ ପୁଷ୍ପିତ ଗୋ
କେବେ ତୁମେ କଣ୍ଟକିତ ।

କେବେ ତୁମେ ଶାଶ୍ୱତ ତ
କେବେ ତୁମେ ଭୟଭୀତ,
କେବେ ତୁମେ ବିରଙ୍ଗନା
କେବେ ତୁମେ ପରାସ୍ତ ।

କେବେ ତୁମେ ଉଗ୍ର ତ
କେବେ ତୁମେ ଅନୁତପ୍ତ
କେବେ ତୁମେ ସିଦ୍ଧି ଗୋ
କେବେ ତୁମେ ଅଭିଶପ୍ତ ।

କେବେ ତୁମେ ଶୁଷ୍କ ତ
କେବେ ତୁମେ ଶିକ୍ତ,
କେବେ ତୁମେ ପତ୍ର ଝଡା ତ

Download Magazine from www.aahwaan.com

କେବେ ତୁମେ ପଲ୍ଲବିତ ।

କେବେ ତୁମେ ସାଗରୀକା
କେବେ ତୁମେ ଶାମୁକା ,
କେବେ ତୁମେ ତମସା ଗୋ
କେବେ ତୁମେ ଦୀପିକା ।

କେବେ ତୁମେ ବାଲୁକା ତ
କେବେ ତୁମେ ଚିଲିକା ,
କେବ ତୁମେ ସର୍ବଂସହା ତ
କେବେ ତୁମେ ଦାରୁଣ ବିଭୀଷିକା ।

କେବେ ତୁମେ ସଦୟ ଗୋ
କେବେ ତୁମେ ନିର୍ଦ୍ଦୟ ,
କେବେ ତୁମେ ଦ୍ରବିଭୁତ
କେବେ ମନେ ଭାରି ସଂଶୟ ।

କେବେ ତୁମେ ଝରା ଶ୍ରବଣ
କେବେ ତୁମେ ଚାତକ ,
କେବେ ତୁମେ ହସ ର ଉଛାସ
କେବ ପୁଣି ଭରା ଲୋତକ ।

କଲ୍ୟାଣ ପୁର, ନୟାଗଡ଼ , ମୋ : ୯୮୬୧୦୬୦୧୫୨

Download Magazine from www.aahwaan.com

# ବାଟବଣା ମନ



ଜୟନ୍ତ କୁମାର ସାହୁ

ସନ୍ଧ୍ୟା ଆଗମନ ନେଇ
ଆସିଲା ଜୀବନ ଅନ୍ଧାର ସବୁ
ଏତେ ସଙ୍କୋଚିତ କେଉଁ ବିରହଣ
କୋଳାହଳ ମନ କଣ ସବୁ ନେବୁ ।

ଏଇ ଯେ ଲୋଡ଼ା ଦୁଇଟି ପ୍ରଶ୍ନ
ଉତ୍ତର ନାହିଁ ଯେ ତୋ ପାଖରେ
କେଉଁ ଅଶରୀର ପରି ଭାସି ଚାଲିଛୁ
କାହାପାଇଁ ଏତେ ଚିନ୍ତାରେ ।

ଦୁଇ ପାଦ ଆଗକୁ ଚାଲିନୁ ଏବେ
ଖୋଜୁଅଛୁ ସଙ୍ଗେ ସଙ୍ଗେ ସାହାରା
ଲମ୍ବାପଥ ଦେଖିଦେଲା ମାତ୍ରେ
ହୋଇ ଯିବୁନି ତ ସର୍ବହରା ।

ବହୁତ ଗହଳ ଭରି ତ ରହିଛି
ଲାଗେ ସବୁ ସ୍ୱାର୍ଥପର
ପାଖକୁ ପାଖ ଚାଲି ଆସୁଛନ୍ତି
କହି ସବୁ ତୁମେ ନିଜର ।

ଝୁଣ୍ଟିବା ମାତ୍ରେ ପଛରୁ ଶୁଭୁଛି
ଭାଙ୍ଗିଗଲା ସ୍ୱପ୍ନସବୁ ଯାହାପାଇଁ ବଞ୍ଚିଅଛୁ
ସୂର୍ଯ୍ୟପରି କାହିଁ ଜଳିବୁ ଆଉ
କେତେ ଦୂର ଯେ ତୁ ଚାଲିଛୁ ।

ହସ ହସ ଲାଗେ ଜୀବନଜଞ୍ଜାଳ
ପଚାରି ଚାଲେ ବାରମ୍ବାର
ଦୁଃଖସୁଖ ଦୁଇ ନିକିତି ଲୋଡ଼ନ୍ତି କାହିଁ
ଖୋଜନ୍ତି ଆନନ୍ଦ ପରି ଭଟ୍ଟା ଭୁଲି ଲୁହର
ଜୁଆର ।

Download Magazine from www.aahwaan.com

# କନ୍ୟାଭ୍ରୁଣର ବେଦନା



ଜିତେନ୍ଦ୍ର କୁମାର କହଁର

ସରଗର ସମ ଅଟେ ପିତା ମାତା
ଥାଇ ତୋ ଅନ୍ତରୁ ଶୁଣିଛି ମୁଁ,
ପାରିଛ କେମିତି ସାଜି ମୋ ମୃତ୍ୟୁର ଦୂତ ଆଜି
ଭାବିବି ପାରୁନି ମୁଁ ।

ଦେଖିବାକୁ ଚାହେଁ ମୋ କଳ୍ପିତ ଧରାକୁ
ଚାହେଁ ମୁଁ ବି ବଞ୍ଚିବାକୁ,
ସ୍ନେହ ଆଞ୍ଚୁଳାଏ ଛଡ଼ା ପାଶରୁ ତୁମ
କିଛି ବି ଚାହେଁନି ମୁଁ ।

ରୁଦ୍ଧ କୋଠରୀରେ ଚାଲିଛି ମୋ ନିଶ୍ୱାସ
ପ୍ରତି ମୂହୁର୍ତ୍ତେ ମୃତ୍ୟୁର ନିକଟେ ମୁଁ,
ଭୂମିଷ୍ଠ ହେବାକୁ ମୁଁ ବି ଚାହେଁ
ବେଦନା ମୋ ଶୁଣିକି ପାରୁନୁ ତୁ ।
ତୋ କୋଳରେ ଖେଳିବାକୁ
ତୋ ହାତ ଧରି ଚାଲି ଶିଖିବାକୁ,
ଟିକି ମୋର ସ୍ୱପ୍ନ ଏଇ
ତୋ ଦୁନିଆର ଅଂଶ ହେବାକୁ ।

Download Magazine from www.aahwaan.com

ସର୍ବଦା ଅପେକ୍ଷିତ ସେ ସୂର୍ଯୋଦୟକୁ
ମୋ ସ୍ୱାଗତ ପାଇଁକି ଯେବେ ଦୀପାଳି ଜାଳିବୁ,
ନାହିଁ ଯେ ଫରକ ନନ୍ଦନ ନନ୍ଦିନୀରେ
ଏ ମରମ କୁ କେବେ ବୁଝିବୁ ।

ପୁତ୍ର ପରିକନ୍ୟା ଯେ ସର୍ବ ସମକକ୍ଷ
ସେ ବି ଉଡାଏ ବିଜୟ ଧ୍ୱଜା,
ମାତୃ ପିତୃ ହୋଇ ଯଦି ବୁଝିବନି ତୁମେ
କେ ପାରିବ ବୁଝି ମୋ ମନ କଥା ।

କାହିଁ କରୁ ଏ ଅନ୍ତର ସୂତ ସୂତାରେ
ଜାଣି ମୁ ପାରୁନି ସତେ,
ବୁକୁ ଫଟା ରୋଦନ ମୋ, କର୍ଣ୍ଣେ କି ତୋ ପଡୁନି
ଜୀବନର ଭିକ୍ଷା ମାଗେ ।

ମମତା ମୁଁ ତୋ'ର ମୁଁ ତୋ ରୁଧିର
ନୁହେଁ ତୋ ଠାରୁ ଅଲଗା ମୁଁ,
ପ୍ରଶ୍ନ ମୋ ଯେବେ ଆସେ ତୋ ଆଗେ
ନିରୁତ୍ତୋର କାହିଁ ତୁ ? ନିରୁତ୍ତୋର କାହିଁ ତୁ ? ? ?

କଲାଡି, ଫୁଲବାଣୀ, କନ୍ଧମାଳ
ଦୁରଭାଷ- ୯୪୩୯୫୪୨୫୨୧

# ବୀର୍ଯ୍ୟବାନ ଜ୍ୟୋତି



କବିତା ମହାନ୍ତି

ଆମେ ଏ ଜାତିର ବୀର୍ଯ୍ୟବାନ ଜ୍ୟୋତି
ତମିସ୍ରା, ତମସା, ବକ୍ଷଭେଦି
ଦୁଃଖ, ଦୈନ୍ୟର କଣ୍ଠରୋଧି
ତମୋଘ୍ନ ବିନାଶୁ ତନ୍ଦ୍ରାର ତପତୀ
ଆମେ ଏ ଜାତିର ବୀର୍ଯ୍ୟବାନ ଜ୍ୟୋତି ।୧

ଆମେ ଏ ଜାତିର ବୀର୍ଯ୍ୟବାନ ଜ୍ୟୋତି
ଊଷର ଉର୍ବୀ ଘର୍ମରେ ସିକ୍ତ
ସ୍ୱର୍ଣ୍ଣଭୂମିରେ ସ୍ୱର୍ଣ୍ଣାଭ କ୍ଷେତ
କେଦାରେ କେଦାରେ ସବୁଜିମା ପ୍ରୀତି
ଆମେ ଏ ଜାତିର ବୀର୍ଯ୍ୟବାନ ଜ୍ୟୋତି ।୨

ଆମେ ଏ ଜାତିର ବୀର୍ଯ୍ୟବାନ ଜ୍ୟୋତି
ରତ୍ନରେ ଭରି ରତ୍ନାଙ୍ଗୀ ଧରା
ରତ୍ନାକର ଗର୍ଭୁଁ ମୋତିଝରା
ଭାଙ୍ଗିଦେବୁ ଏଇ ଜାତିର ନିଗୁପ୍ତି
ଆମେ ଏ ଜାତିର ବୀର୍ଯ୍ୟବାନ ଜ୍ୟୋତି ।୩

ଆମେ ଏ ଜାତିର ବୀର୍ଯ୍ୟବାନ ଜ୍ୟୋତି
ପ୍ରକଟିତ ହେବ ପ୍ରଜ୍ଞାଦୀପ୍ତି
ଜ୍ଞାନ ବିଜ୍ଞାନ ବିଦ୍ୟା ପ୍ରଯୁକ୍ତି
ସୁଭାଷା ବୈଭବେ ଜାତିର ଉନ୍ନତି
ଆମେ ଏ ଜାତିର ବୀର୍ଯ୍ୟବାନ ଜ୍ୟୋତି ।୪

ଆମେ ଏ ଜାତିର ବୀର୍ଯ୍ୟବାନ ଜ୍ୟୋତି
ମାନବ ପ୍ରେମସୁଧା ଝରାଇ
ଅସ୍ମିତା, ଅହନ୍ତା ଦେବୁ ଦୂରେଇ
ସୁଉଚ୍ଚେ ତୋଳିବୁ ଜାତିର ପ୍ରଜାତି
ଆମେ ଏ ଜାତିର ବୀର୍ଯ୍ୟବାନ ଜ୍ୟୋତି ।

ପ୍ରଧାନ ଶିକ୍ଷୟିତ୍ରୀ, ସାଇଲୋ ଝାରପଡ଼ା,
ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କଣ୍ଟାପଡ଼ା. କଟକ
ଭ୍ରାମ୍ୟଭାଷ : ୭୦୭୭୯୩୦୦୭୫

Download Magazine from www.aahwaan.com

# ରାଣୀ ଫୁଲବାଣୀ



ବୈଚନ୍ଦ୍ର ମଲ୍ଲିକ

ଗିରିକୁଞ୍ଜେ ଗିରିମଧ୍ୟେ ତୁହି ଫୁଲବାଣୀ
କାହାର କନ୍ୟା ଗୋ ଅଟୁ ତୁହି ଫୁଲରାଣୀ ।।
ତୋ ତନୁକୁ ବର୍ଣ୍ଣିବାକୁ ନାହିଁ ମୋ ଉପମା
କେଉଁ କାରିଗର ଗଢେ ତୋ ସ୍ୱର୍ଣ୍ଣ ପ୍ରତୀମା ।।
କବି କୁଳେ ଗାଇଗଲେ ତୋ ରୂପର ଛବି
ଗଦା ଗଦା ହୋଇଯିବ ପୋଥିର ପୃଥିବୀ ।।
ସଖୀମେଳେ ସ୍ୱୟଂମ୍ବରେ ତୁ ଏକା ସୁନ୍ଦରୀ
ତୋ ରୂପକୁ ଈର୍ଷ୍ୟା କରି ଆସିଲେନି ପରୀ ।।
ଅଙ୍ଗେତୋର ଅଳଙ୍କାର ଖଞ୍ଜି ଦେବା ପାଇଁ
ମହୀ ତଳେ ସଖୀ ଜଣେ ନ ମିଳିଲେ କେହି ।।
ତେଣୁ ଛଅ ଜଣ ସଖୀ ସରଗୁ ଆସିଲେ
ଛଅ ଋତୁ ନାମେ ହୋଇ ତୋପାଖେ ରହିଲେ ।।
କପାଳେ ଟିକିଲି ଦେଲେ ନାରାୟଣୀ ମାଆ
ଧନ୍ୟ ସଖି ଗଣେ ତୁମ ମା' ମୋର ସାହା ।।
ତୋ ଚାରୁ କୁନ୍ତଳ କେଶ ଲମ୍ବି ଯାଏ ନୀରେ
ସାଲୁଙ୍କୀ ନଦୀର ଜଳ ଭ୍ରମ ସୃଷ୍ଟି କରେ ।।

Download Magazine from www.aahwaan.com

ଗଭାକୁ ଗଜରା ପାଇଁ କେତେ ରଙ୍ଗ ଫୁଲେ

କୁରେଇ, ଶିମିଳି, ଶାଳ ଚାରା ରୋପି ଗଲେ । ।

ପାଦରେ ଘୁଙ୍ଗୁର ତୋର ବାନ୍ଧି ଦେବା ପାଇଁ

କନ୍ଧର ଖଞ୍ଜଣୀ ସଖେ ମାଗି ଆଣେ ଯାଇ । ।

ଦଶ ଦିଗେ ବାସି ଉଠେ ତୋ ସନ୍ଦର ଗୁଣ

ତୋ ପାଇଁ ପାଗଳ ତାରା ରବି ଆଉ ଜହ୍ନ । ।

ଶ୍ରାବଣର ବର୍ଷା ଜଳେ କରୁଥିଲ ସ୍ନାନ

ଓଦା ବସ୍ତ୍ର ତଳୁ ଦିଶେ ଶ୍ରୀ ଅଙ୍ଗ ଯୌବନ । ।

ମେଘ ଫାଙ୍କେ ଲୁଚି ଦେଖେ ପାଗଳ ସୂରୁଜ

ପାଇବାକୁ ପତ୍ନୀ ସମ ମନ ତାର ତେଜ । ।

ଶୀତୁଆ ରାତିରେ ଦିନେ ଶୋଇ ଥିଲ ତୁମେ

କୁହୁଡି ଚଦର ଅଙ୍ଗେ ନଥିଲା ସଂଭ୍ରମେ । ।

ଚିବୁକେ ଚରଣେ ଚନ୍ଦ୍ର ଦେଖେ ତୋ ବକ୍ଷୋଜ

ଚନ୍ଦ୍ରକାନ୍ତ ମଣି ପୁରେ ରଖିବି ମୁଁ ଆଜ । ।

ସ୍ୱୟଂମ୍ବର ସଭା ମଧ୍ୟେ ନାହିଁ କେହି ବୀରେ

ସୂର୍ଯ୍ୟ, ଚନ୍ଦ୍ର ପରାକ୍ରମେ ତାରା ଗଲା ଦୂରେ । ।

ବ୍ୟଙ୍ଗେ କହେ ତାରା ଜଣେ ଚାହିଁ ଚନ୍ଦ୍ର, ସୂର୍ଯ୍ୟେ

ଚନ୍ଦ୍ରର କଳଙ୍କ ଅଛି ସୂର୍ଯ୍ୟ ଭାରି ତେଜେ । ।

ତ୍ରି-ଭୂବନେ ମିଳିବେନି ତୋ ପରି ସୁନ୍ଦରୀ

 Download Magazine from www.aahwaan.com

ମନ ମୋହେ ତାରା ତୋର ନିଏ ଯେ ଆଦରି । ।

ମୋ ଗଳାରେ ଦେଇ ଦିଅ ସ୍ୱୟଂମ୍ବର ମାଳ

ପାହି ଯିବ ରାତି ଆଉ ହେବଟି ସକାଳ । ।

ଯେଉଁ ବୀରେ ଜିଣିପାରେ ତୋ ହୃଦୟ ମନ

ଜାଣିବୁ ସେ ପତି ତୋର ନୁହେଁ ଆଉ ଆନ । ।

ବୁଦ୍ଧି ମତୀ ଅଟୁ ତୁହି ତୋହର କି ! ! ଜ୍ଞାନ

କହିବି କି ? ମୁହିଁ ଛାର କବିଟେ ସାମାନ୍ୟ । ।

ରାସୁଡି, ଡଙ୍କୁଣୀ, ଫୁଲବାଣୀ, କନ୍ଧମାଳ

ଦୂରଭାଷ ନଂ- ୮୭୭୩୭୭୮୯୨୭

Download Magazine from www.aahwaan.com

# ତୁମେ ସତେ ଦେଖାହେଲେ



ଡ଼: ସତ୍ୟନାରାୟଣ ମିଶ୍ର

ତୁମେ ସତେ ଦେଖାହେଲେ କ'ଣ କରନ୍ତି ?
ଚିହ୍ନା ଅଚିହ୍ନା ପରିକା ଚାହିଁ ମୁଁ ରହନ୍ତି ।
ତୁମେ ତ ତୁମେ କି ନୁହଁ ଆଗ ପରଖନ୍ତି
କ'ଣ କରନ୍ତି ?
ଝରୁଥିବା ଲୁହଧାର ଝରାଇ ଦିଅନ୍ତି
ଆବେଗର ଗନ୍ତାଘର ଖୋଲି ମୁଁ ଦିଅନ୍ତି
ପଚାରି ବୁଝନ୍ତି, କ'ଣ କରନ୍ତି ?
ଆଶାର ଆକାଶେ ତୁମ ଛବିକୁ ଧରନ୍ତି
ଯେତେ ଯେତେ ଯାତନାର ହିସାବ ମାଗନ୍ତି
ଜୀଇଁବାର ଅର୍ଥ ପଚାରନ୍ତି, କ'ଣ କରନ୍ତି ?
ସବୁପାଇଁ ତୁମେ ଦାୟୀ ବୋଲି ତ କୁହନ୍ତି
କ'ଣ ଦେଇଛ କୁହ ବୋଲି ପଚାରନ୍ତି
କି ଚାହୁଁଛ ପ୍ରତିଦାନେ ପ୍ରଶ୍ନ ତ କରନ୍ତି, କ'ଣ କରନ୍ତି ?
ଆଉ କେବେ ଦେଖାହେବ ଠିକଣା ବୁଝନ୍ତି
ଅଭିଶାପ ଆଶିଷକୁ ମୁଣ୍ଡାଇ ଧରନ୍ତି
ମୋହରୁ ମାନବତ୍ୱର ରାସ୍ତା ପଚାରନ୍ତି
ବିଦାୟ ଦିଅନ୍ତି ।

ସି-୮୬, ଲିଙ୍ଗରାଜ ବିହାର, ପୋଖରିପୁଟ, ଭୁବନେଶ୍ୱର, ଭ୍ରାମ୍ୟଭାଷ : ୯୯୩୮୧୬୭୩୩୧

Download Magazine from www.aahwaan.com

# ଜହ୍ନର ଅଭିସାର



ସୁଦର୍ଶନ ସାହୁ

ଜହ୍ନ ଯତେଇ ଧରୁଥିଲା ପୃଥିବୀକୁ, ତା ରୁପେଲି ବାହୁର ଶୀତଳ ସ୍ପର୍ଶରେ,
ଝଙ୍କାଳିଆ ଗଛମୂଳେ ଛପିରହି, ଅନ୍ଧାର ଚାହୁଁଥିଲା ବାହାରକୁ ଅତି ବିମର୍ଶରେ ।
ବସୁଥିଲା ଜହ୍ନ ଗୁମ୍‌ସୁମ୍ ହୋଇ ଏକୁଟିଆ, ଗାଁ ମୁଣ୍ଡ ବୁଢା ବରଗଛ ଚୁଳ ଉପରେ,
ସ୍ନେହରେ ଆଉଁଶି ଦେଉଥିଲା ଶୋଇଥିବା ପକ୍ଷୀଛୁଆଙ୍କୁ ଦୋହଲୁଥିବା ଡାଳ ଉପରେ ।
ଚୁପ୍‌ଚାପ୍ ଗପୁଥିଲା ସେ ପବନ ସହ, ଭସାଭସା ବାଦଲକୁ ଛୁଇଁ,
ଭାରି ଦୁଷ୍ଟ ସେ ବାଦଲ, ତାକୁ କୋଳେଇ ଧରୁଥିଲା କାହିଁ କେତେ କ୍ଷଣ ପାଇଁ ।
ରୁପେଲି ଗହଣାରେ ସଜେଇହୋଇ ରଜନୀଗନ୍ଧା ଭାସୁଥିଲା ସ୍ୱପ୍ନର ରାଇଜେ,
ବାଦଲ କୋଳରୁ ଖସିଆସି ଦେଖୁଥିଲା ଜହ୍ନ ତାକୁ ମନର ମଉଜେ ।
ଖିଲି ଖିଲି ହସୁଥିଲା ଜହ୍ନ, କିନ୍ତୁ ସେ ହସ ଥିଲା ନିହାତି ଅବୋଧ୍ୟ,
ଶୁଷ୍କ ଧରଣୀ ବୁକୁରେ ସେ ବୋଧେ ଖୋଜୁଥିଲା ଅନ୍ତରଙ୍ଗ କଇଁର ସାନିଧ୍ୟ ।

ଅଧ୍ୟାପକ,
ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ବ୍ରହ୍ମପୁର, ଓଡ଼ିଶା

Download Magazine from www.aahwaan.com

# ପୂର୍ଣ୍ଣଚ୍ଛେଦ



ଅନିଲ୍ ସାହୁ

ଅଭିମାନ କରି କହିଦେଲି
ଘର ଛାଡ଼ି ଚାଲିଯିବି ବୋଲି
ତୁ ଆଖିରୁ ଲୁହ ଗଡ଼େଇ ଦେଲୁ ।
ସତରେ ଯେତେବେଳେ ମୁଁ
ଏ ଦୁନିଆ ଛାଡ଼ି ଚାଲିଯିବି
ସେତେବେଳେ ତୁ କଣ
ତୋ କୋଳକୁ ଫେରେଇ ଆଣିବୁ
ନା ନିଷ୍ଠୁର ସତ୍ୟକୁ ବଦଳେଇ ଦେବୁ ?
ତୁ ପାରିବୁନି ମା...
ଏ ସଂସାର ନିୟମ ବଡ଼ ବିଚିତ୍ର
ଯା'ର ଆରମ୍ଭ ଅଛି
ତା'ର ଅଛି ଅନ୍ତ,
ଏ ଜୀବନଟା ଗୋଟେ ପୂର୍ଣ୍ଣଚ୍ଛେଦ ।

# ଆରପାଖ



ମିନତୀ ପ୍ରଧାନ

ଜହ୍ନରାତି -
ଲଗାଇଛି ରଟ
ସକାଳ ପହରୁ ଦାଣ୍ଡଦୁଆର
ଆଉଜିବା ଠାରୁ ।

କେବେ କେମିତି  ଦୁଆର ଖୋଲିଲେ
ଭିତରେ ପଶିବ, ସବୁଆଡେ ବ୍ୟାପିଯିବ
ଭିଜାଇବ ମାଟି ଆଉ
ମୋ ଚାରି କାନ୍ଥର ସମସ୍ତ ଜିନିଷ ।
ତା ବାସ୍ନାର ଉତ୍କଟତା
କେବେ କେବେ ମୋର
ସହନର ସୀମା ବାହାରେ
ନାକରେ ରୁମାଲ ଦେଇ କେତେ ବା ପୋଛିବି
ଅନ୍ଧାର ଓ ଅଳନ୍ଧୁ ନେସି ଯାଇଥିବା
ମୋ ଛୋଟ ଦୁନିଆରେ ?

ତୁ ଫେରିଯା ତୋ ଆରପାଖ ଦୁନିଆକୁ
ସ୍ମୃତି  ସବୁ ନେଇ, ଆଉ ରୁପେଲି କିରଣ
ମୋର ଏଠି ଲୋଡା ନାହିଁ,
ସାନିଧ୍ୟ ଓ କିରଣରୁ କିଛି
ଝରକା ସେପଟେ ଉଙ୍କି ମାରୁଥା
ଜୋଛନାକୁ ଯାଚି ଯାଚି ।

ମୁଁ ବେଶ ଖୁସି ଅଛି
ମୋର ଝାପସା ଅନ୍ଧାର ଦୁନିଆରେ
ଖୋଜିବାକୁ ବେଳ କାହିଁ
ତୋ ରୂପ ଆଉ ଗୁଣର ମହତ୍ତ୍ୱ... ?

Download Magazine from www.aahwaan.com

# କାଳବୈଶାଖୀ



ପବିତ୍ର ଦାସ

ଅଚାନକ ମାଡ଼ିଆସ ତୁମେ
ମଧ୍ୟାହ୍ନର ପରେ ପରେ
ଘୋଟପାଟ ହୋଇ...
ରଚିବାକୁ ତାଣ୍ଡବ
କ୍ଷଣକ ମଧ୍ୟରେ ।

ଏ ତୁମର ଆବାହନୀ
ହେଇପାରେ, ବଡ଼ ଦୁର୍ଦ୍ଦାନ୍ତ
ଅନ୍ୟର ନଜରରେ...
କିନ୍ତୁ, ତୁମେ ବଡ଼ ଉପକାରୀ
ବନ୍ଧୁଟିଏ, ହେ ମୋର
କାଳବୈଶାଖୀ ।

ପ୍ରକୃତରେ ତୁମେ ଆସିବାର
ନା ଥାଏ ଆମନ୍ତ୍ରଣ
ନା ନିମନ୍ତ୍ରଣ...
ବିନା ଆହ୍ୱାନରେ
ତୁମର ପଦାର୍ପଣ ହେଇଯାଏ
ମୃଦୁ ଏକ ଭୂମିକମ୍ପ
ସମସ୍ତଙ୍କ ଛାତି ଭିତରେ ।

ରିସର୍ଚ୍ଚ୍ ସ୍କୋଲାର୍, ଓଡ଼ିଆ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

Download Magazine from www.aahwaan.com

# ସୌନ୍ଦର୍ଯ୍ୟା



ଶ୍ରୀରାଜଶେଖର 'ଚିମା'

ନବନୀତା ସମ ମୃଦୁଳ ଲତା କବିତା ବନିତା
ଯିଏ ସର୍ବଦା ହେଉଛନ୍ତି ଆଶ୍ରିତା ।
ସ୍ୱତନ୍ତ୍ରତାରେ ଯେ ପରିମିତା
ସୌନ୍ଦର୍ଯ୍ୟା ହେଲେ ଯେ ହୁଅନ୍ତି ଅନୀତା ।
ସୁଗନ୍ଧିତ, ସୁଶୋଭିତ ସୁମନ ସହିତ ସୁସଜ୍ଜିତ ଯଦି ଲତା
ଅମିତ ସୌନ୍ଦର୍ଯ୍ୟ ଦ୍ୱାରା ହୁଏ ନନ୍ଦନକାନନର କନକଲତା ।
କମନୀୟ ରମଣୀୟ ସୁବର୍ଣ୍ଣ ସହ ସମଳଙ୍କୃତ ଯଦି କବିତା
ସରସ ସରିତା ହୋଇ ଚିରଦିନେ ରହିବ ଜନମାନସରେ ସୁପରିଚିତା ।
ଅବଳା ନୁହେଁ ଯେ ବନିତା
ଲାବଣ୍ୟଲାଳିତ୍ୟ ଚେହେରାର ମୃଦୁହାସ ଦ୍ୱାରା ହୋଇପାରେ ଅପରାଜିତା ।
ରସଜ୍ଞଙ୍କ ପାଖରେ ଅଛି ଏମାନଙ୍କ ସୁଗୁଣର ଅଭିଜ୍ଞତା
ଆବିଷ୍କୃତ ହେଲେ ନିତ୍ୟେ ରୁହନ୍ତି ଅଭିଜୀତା ।
ନିଜ ପ୍ରକୃତିର ହୁଅନ୍ତି ଯଦି ସଂରକ୍ଷିତା,
କଳା ସଂସ୍କୃତି ନନ୍ଦନବନ ପାଇଁ ହୁଅନ୍ତି ମଧୁମିତା ହର୍ଷିତା ।
ପରବଶ କରେ ସୌନ୍ଦର୍ଯ୍ୟପ୍ରିୟଙ୍କୁ ଲତା କବିତା ବନିତାଙ୍କ ସୁନ୍ଦରତା
ତାହା ଯୋଗୁଁ ସୁନିଶ୍ଚିତ ତାଙ୍କର ମାନ୍ୟତା ଲୋକପ୍ରିୟତା ।

ଅଣ୍ଡିଲୋ, ପୁରୀ କେନାଲ୍ ରୋଡ଼, ହଂସପାଳ, ଭୁବନେଶ୍ୱର

Download Magazine from www.aahwaan.com

# ଉତ୍କଳ ଗୌରବ ମୋ ମଧୁରଗଣ୍ଡ



ଦେବବ୍ରତ ଦାସ

ଉତ୍କଳ ଗୌରବ ମୋ ମଧୁରଗଣ୍ଡ
ଗୋବଂଶଙ୍କୁ ଦେଖି ମନେ ଲାଗେ ବିଚିତ୍ର ।।

ଅନାହାର ବୁଲୁଛନ୍ତି ଦାଣ୍ଡ ଦୁଆର
ଆହାର ପାଇଁ ଆସିଲେ ମିଳେ ପାହାର ।
ଅବିବେକି ହୃଦେ ନାହିଁ ପ୍ରୀତିର ଭାବ
ଅତ୍ୟାଚାର ଦେଖି ତାଙ୍କ ସର୍ବେ ନୀରବ ।।

ଗୋମାତା ସେବିଲେ ସୁଖେ ମିଳେଇ ଅନ୍ନ
ଖରା ବରଷାରେ ବୁଲି କାଟନ୍ତି ଦିନ ।
ନିଦେୟରେ ପ୍ରହାରନ୍ତି ଏ ମୃଢ଼ ଜନ
ସହି ସହି ବିତୁଅଛି ତାଙ୍କ ଜୀବନ ।।

ଦିନୁ ଦିନ ଉପବାସ ନାହିଁ ଆହାର
ରହିଛି ଜୀବନ ଖାଲି ସହି ପାହାର
କେ-ମାରୁ ଅବା ମରୁ ବୁଲନ୍ତି କ୍ଷେତ
ଗୋ-ବର ଧନ ଅଟେ ତୁଳସୀକ୍ଷେତ୍ର ।।

Download Magazine from www.aahwaan.com

# ବିକଳ୍ପ ଶୈଶବ



ମନୋରଞ୍ଜନ ମୁଦୁଲି

ମୋପାଇଁ ନାହିଁ ଗାଁଦାଣ୍ଡ ନାଳ
ଭସେଇବା ପାଇଁ କାଗଜଡ଼ଙ୍ଗା,
ପୋଖରୀ ହୁଡାଟେ ଖୋଜି ପାଉନାହିଁ
ବାଗୁଡି ଖେଳଟା ମୋତେ ମହଙ୍ଗା ।

ଶଙ୍କର ଗୋପାଳ ପାର୍ବତୀ ମାଧିଆ
ସାଙ୍ଗ ବୋଲି ମୋର କେହି ତନାହିଁ,
ତେଇଶ ମହଲା ଆପାର୍ଟମେଂଟରେ
ପୋଖରୀ ହୁଡାଟେ ପାଇବି କାହିଁ ।

ଜେଜେ ଆଇମା ଗାଁରେ ରହିଲେ
ଶୁଣିନାହିଁ ଗପ ରାମସୀତାଙ୍କ କଥା,
ଘିଅ ପୋଡ଼ପିଠା ଜେଜେମା ଖୁଆଏ
କହୁଥିଲେ ବାପା(ତାଙ୍କ) ଶୈଶବ କଥା ।

କାଗଜ ଡ଼ଙ୍ଗାରେ ବତୀଟେ ଲଗେଇ
ବାଥ୍‌ଟବ୍‌ରେ ଦିଏ ଭସେଇ,
ପିଜା ବର୍ଗର୍ ପାପା ଆଣିଦେଲେ
ସସ୍ ଲଗେଇ ଦିଏ ମୁଁ ଖାଇ ।

ବାଡ଼ି ବରକୋଳି ଆମ୍ବ ପିଜୁଳି
ତୋଳି ଖାଇବାଟା ସପନ ମୋତେ,
ଗାଁ ଚାଟଶାଳୀ ସ୍କୁଲ ମାଷ୍ଟର
ମିଛ କି ସପନ ଲାଗୁଛି ମୋତେ ।

ମମି ଚାଲିଯାଏ ଅଫିସ୍ ସକାଳୁ
ସାହା ମୋର ଥାଏ ମୋ ପ୍ଲେ - ସ୍କୁଲ,
ପାପା ଆଣୁଥିଲେ ଦିନ ଦଶଟାରେ
ଆୟା ଦେଉଅଛି ମୋତେ ନୁଡୁଲୁ ।

ଗାଁ ଦାଣ୍ଡ ଧୂଳି ବାଡ଼ି ବରକୋଳି
ମୋ ପାଇଁ ସପନ ପାଇବି କାହିଁ,
ସହରୀ ନିଶାର ସଂଘର୍ଷ ଭିତରେ
ବିକଳ୍ପ ଶୈଶବ ମୋ ପାଇଁ ନାହିଁ ।

Download Magazine from www.aahwaan.com

# ବିରହ ବହ୍ନି



ସୁଶ୍ରୀ ମିନତିରାଣୀ ମେଣ୍ଡିଲି

ବିବାହିତା ମୁହିଁ ଭୁଲିପାରେ ନାହିଁ
ମଥାରେ ପିନ୍ଧି ବି ସିନ୍ଦୁର
ପହିଲି ପ୍ରଣୟ କରଇ ଅଥୟ
ଚିହ୍ନା ବି କଲି ସାତପର ।

ଜ୍ୟୋସ୍ନାର ପରଶେ କୁମୁଦିନୀ ହସେ
ନୀରପୂର୍ଣ୍ଣା ସରୋବରେ
ତୁମର ସେ ସ୍ମୃତି ସ୍ନେହାଶିଷ ପ୍ରୀତି
ନିତି ଭାବେ ନିର୍ଜନରେ ।

ଲଗାଇ ବୁକୁରେ ଉଦ୍ଧତ ଅଙ୍ଗରେ
ନେଉଥିଲ ଯେବେ ଭିଡ଼ି
ଲାଜୁଆ ମରମ ତୁଟାଇ ସରମ
ମିଛେ ଯାଉଥିଲି ଚିଡ଼ି ।

ଆଜି ବି ସେ ଛୁଆଁ କରିଛି କିମିଆଁ
ଝୁରୁଛି ନିଦାଘ ବୟସେ
ମାଧୁର୍ଯ୍ୟ ବେଳାର ମିଳନ ଆମର
ମନେ ପଡ଼େ ରାତ୍ର ଦିବସେ ।

ମୁକୁଳା ଯୌବନେ ରୋମାଞ୍ଚିତ ମନେ
ଭାବେ ମୁହିଁ ସେହି ବେଳ
ଜହ୍ନକୁ ଦେଖିଲେ ବିରହେ ମୁଁ ଜଳେ
ଧନ୍ୟ ଏ ପ୍ରଣୟ ଖେଳ ।

କେ. ପାଲି, ବୀରମହାରାଜପୁର,
ସୁବର୍ଣ୍ଣପୁର ଜିଲ୍ଲା, ଓଡ଼ିଶା

Download Magazine from www.aahwaan.com



# ଭାରତର କନ୍ୟା

ରଶ୍ମିତା ମହାନ୍ତ

ମୁଁ ଭାରତର କନ୍ୟା ; ଦାମିନୀ ବି ମୁଁ

ମୁଁ ହିଁ ନିର୍ଭୟା ।

ରୂଢ଼ି ବାଦୀ ରୋଗାକ୍ରାନ୍ତ ମାନସିକତାରେ ପହଁରୁ ଥିବା

ଆର୍ଯ୍ୟ ସମାଜରେ ଜନ୍ମେ – ମରେ ସହସ୍ରା ।

କେବେ ବେଆଇନ ଭ୍ରୂଣହତ୍ୟାରେ

ତ କେବେ କାହା ଅଶ୍ଲୀଳ ଇଙ୍ଗିତରେ ।

ନିତିନିତି ମରେ – ସବୁ ବେଳେ ମରେ ।

ପୁଣି ବଞ୍ଚି ଉଠେ

ଗୋଚର ଭୂମିର ଘାସ ପରି

...ମହମବତି ଆଲୋକରେ

ସୁସ୍ଥ ସକାଳର ସମ୍ଭାବନାରେ

ଜୀର୍ଣ୍ଣ- ଶୀର୍ଣ୍ଣ ଆଶା ସବୁ ଜରାର ଚାଦର ଆଡେଇ

ଧୀରେ ଧୀରେ କଅଁଳି ଉଠେ

ସେଇ ଉଷ୍ମତା ପରଶରେ ।

କିନ୍ତୁ, କାହିଁ ?

ସେ ସମୟ ତ ଏ ଯାଏଁ ଆସିନି ।

ମାନବର ମାନବିକତା - ଜାଗିନି !!

Download Magazine from www.aahwaan.com

କାଲି ଯାଏ ସଂପର୍କର ସୁଅ ଥିବା ମୋର ପ୍ରତିଟି ରୂପ
ଆଜି ଗାଳି ସାଜି ସମାଜର ପୌରୁଷତ୍ୱ
ଦର୍ଶାଉଛି ।
ଆଉ ଲଜ୍ଜା ଓ ବିତୃଷ୍ଣାରେ ମୋ ମୁଣ୍ଡ ନଇଁବାର ଦେଖି
ପୁରୁଷତ୍ୱ ଗର୍ବରେ ମୁଣ୍ଡ ଟୁଙ୍ଗାରୁଛି ।
ଅବଶ୍ୟ ସେ ଏକା ଦୋଷୀ ନୁହେଁ , ଯେ କରିଛି ମୋ ଠାରେ ଅନ୍ୟାୟ ।
ମୁଁ ବି ଦୋଷୀ; ନ ଲଢି ଶେଷ ଯାଏ
ଆବରିଛି ଯାହା ପରାଜୟ ।
ଆଉ ସେ ବି ଦୋଷୀ - ମୂକ ସାକ୍ଷୀ; ଯିଏ ମାଗି ନାହିଁ ନ୍ୟାୟ ।
ଶେଷ ବେଳେ ସଂଗ୍ରାହୀ ମୋର ପ୍ରତିଟି ସାମର୍ଥ୍ୟ
ନିଜ ଅସ୍ତିତ୍ୱ ଜଗିବାକୁ ମାଗୁଛି ସାହାଯ୍ୟ ।
ଭୁଲନା ହେ ଆର୍ଯ୍ୟ; ଏହି ଆର୍ଯ୍ୟାବର୍ତ୍ତର ଇତିହାସ
ନାରୀ ଅବମାନେ କି ଭଳି ଘଟିଛି ବିନାଶ ।
ସ୍ମରି ରଖ ସେହି ବୈଦିକ ବାର୍ତ୍ତା –
"ଯତ୍ର ନାର୍ଯ୍ୟେସୁ ପୂଜନ୍ତେ, ରମନ୍ତି ତତ୍ର ଦେବତା ।"
ସର୍ବଂସହା ମୁଁ ତୁମ ମାନବୀୟ ଆତିଥ୍ୟରେ
ନଚେତ ଦୁଷ୍ଟ ସହ ଲଢିପାରେ ସିଂହ ସବାରିରେ ।
ବିଳମ୍ବ ହେଲାଣି ବହୁ ତଥାପି କହୁଛି
ସମ୍ଭାଳି ନିଅ ନିଜକୁ ଅନ୍ୟଥା କାଳ ହସୁଛି

ଭୁବନେଶ୍ୱର

Download Magazine from www.aahwaan.com

# ସାଥୀ



ପ୍ରିୟଙ୍କା ସାହୁ

ଗହଳ ରାତିର ବହଳ ଅନ୍ଧାରେ
ତୁମ ସ୍ମୃତି ଉଙ୍କିମାରେ,
ନିଜେ ମୁଁ  ନିଜକୁ ଭୁଲି ଯାଇଥିଲି
ତୁମକୁ ଦେଖିଲା ପରେ .....

ଆକାଶରେ ତାରା ଗୋଟି ଗଣିତାଲୋ
ଗଣିକି ପାରିବ କିଏ ,
ମନ ତଳର ବେଦନା ମନେ ଥାଏ
ବୁଝିକି ପାରିବ କିଏ .......

ଫିକାଲାଗେ ପୁନେଇଁଜହ୍ନ ଯୋଛନା
ସାଥୀ ତୁମ ବିଛେଦରେ,
ମନ ବଗିଚାରୁ ଗୋଲାପ ଝାଉଁଳେ
ଜଳେ ଜଳନ୍ତା ଜୁଇରେ .......


ଏଇ ମୋ ମନ ଅଲୋଡା ପାନ୍ଥଶାଳା
ତୁମକୁ ଅପେକ୍ଷାରତା,
କେବେ ମୁଁ ଗାଉଛି ବିରହ ସଂଗୀତ
କେବେ ଲେଖୁଛି କବିତା ......

ଆଖିକୋଣରୁ ଝରୁ ନାହିଁ ଲୋତକ
ଅନ୍ତରୁ ଝରଇ ଲହୁ,
ପରଦେଶୀ ସାଥୀ ପାଷାଣ ହୃଦୟ
ଆଶା ମୋ ଭଲରେ ରହୁ ........

ସାହାନିୟାଜ ପୁର
କଟକ

Download Magazine from www.aahwaan.com

# କଳିକାଳ ସାବିତ୍ରୀ



ଶ୍ରୀମାନ୍ ଆର୍ତ୍ତତ୍ରାଣ ଖୁର୍ଡ଼ିଆ

ଘରଣୀ ମୋହର କରିଛି ଅନ୍ତର
ବଡ଼କାଣ୍ଡ ଭିଆଇଛି
ସାବିତ୍ରୀ ଉଆଁସେ ସରାଗ ସହସେ
ବୟଫ୍ରେଣ୍ଡ ପୂଜୁଅଛି ।
କଅଁଳ ବୟସୀ ରୂପ ମୁକ୍ତାକେଶୀ
ଚାରୁସମ ଅଙ୍ଗଠାଣି
ପ୍ରାପତ ବୟସେ ଲଭି ଅସନ୍ତୋଷ
ହୃଦୟେ ହୁଏ ମୁଁ ଗୁଣୀ ।
କେତେ ଯେ ବାହାନା କପଟ ଛଳନା
ରଚେ ନିଇତି ମୋ ସାଥିରେ
ନିଜ କର୍ମପଥେ ଚାଲେ ମୁଁ ନିରତେ
ସେ ଭିଜେ କା ପ୍ରେମ ସ୍ମୃତିରେ ।
ସବୁ ମୁଁ ଜାଣଇ କହି ନ ପାରଇ
ନିଜ ଲାଜେ ନିଜେ ମରେ
ସଙ୍ଗିନୀ ମହିମା ଗୌରବଗାରିମା
ପରିପୂର୍ଣ୍ଣ ଛଳନାରେ ।

ଉଚ୍ଛୁଳା ଯୌବନେ ପୀରତି ଦଂଶନେ
ନପାରେ ବୋଧେ ମୁଁ ଶୋଷି
ଅବେଳରେ ପଡ଼ି ଆସିଅଛି ହୁଡ଼ି
ଅତଳ ତନୁ ବୟସୀ ।
ଧନ୍ୟ ତା'ର ମତି କରିଲି ମୁକତି
ପାଗଳି କାହା ପ୍ରେମାତୁରେ
ଏମିତି ଗୃହିଣୀ ସାକ୍ଷାତ ବାଘୁଣୀ
ନେପଥ୍ୟ ସାବିତ୍ରୀ ପୂଜାରେ ।

ବଙ୍କିଆ, ବୀରମହାରାଜପୁର, ସୁବର୍ଣ୍ଣପୁର
ପିନ : ୭୬୭୦୧୮, ଓଡ଼ିଶା
ଭ୍ରାମ୍ୟଭାଷ : ୯୪୩୯୧୪୦୮୧୪
ଇମେଲ୍ : akhurdia999@gmail.com

Download Magazine from www.aahwaan.com

# ହେ ବିଜ୍ଞାନୀ, ଘେନ କୋଟି ସଲାମୀ



ହିମାଂଶୁ ଭୂଷଣ ଜେନା

ହେ ଦିବ୍ୟଦ୍ରଷ୍ଟା, ଯୁଗସ୍ରଷ୍ଟା, ମହାବିଜ୍ଞାନୀ ଷ୍ଟିଫେନ୍
ଘେନ ଆମ କୋଟି ସଲାମୀ
ଆଯୁବା ରୋଗଗ୍ରସ୍ତ ତୁମ ଶରୀର
ବିଜ୍ଞାନୀ ପ୍ରବୃତ୍ତିର ପ୍ରୟୋଗଶାଳା ତୁମ ଜୀବନ ଯୌବନ
ଗବେଷଣାରେ ଆଜୀବନ ନିମଗ୍ନ କରି କେତେ ଯେ ଉପହାର
ଦେଇଛ ଏ ମାନବ ଜାତିକୁ
ତିଳ ତିଳ କରି ଦଗଧ ହେବା ପର୍ଯ୍ୟନ୍ତ ତୁମ ଶରୀର
ଦିବ୍ୟାଙ୍ଗଙ୍କୁ ଦେଇଛ ଆକାଶ ଛୁଇଁବାର ମହତାକାଂକ୍ଷା
ସୃଷ୍ଟିର ରହସ୍ୟ ଖୋଜିବାକୁ କରିଛ
କଳାଗର୍ତ୍ତର ଅନୁସନ୍ଧାନ
ସନ୍ଧାନୀ ମନ ଖୋଜିଚି ବିଜ୍ଞାନର ଚେତନା
କେବେ ପରାଜିତ କରି ପାରିଛି କି ତୁମ ଅଦମ୍ୟ ଇଚ୍ଛା ଶକ୍ତିକୁ
ଏ କ୍ଷୀଣ ଶରୀର ?
କୃତଘ୍ନ ନୁହେଁ ଏ ମାନବଜାତି
କୋଟି କୋଟି ସଲାମ ଜଣାଏ ମଥାପାତି
ପାଉ ଏ ଆତ୍ମା ସଦଗତି
ହେଉ ବିଜ୍ଞାନର ଜୟ, ହେଉ ବିଜ୍ଞାନର ଜୟ ...

ସରକାରୀ ଶିକ୍ଷକ, ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟ, ନିଆଳି
ଯାଜପୁର, ଓଡ଼ିଶା
ଭ୍ରାମ୍ୟଭାଷ : ୯୭୭୭୬୯୩୩୮୦
ଇମେଲ୍ : himanshubhushanjena@gmail.com

Download Magazine from www.aahwaan.com

# ଦୁଇଟି କବିତା



ଶ୍ରୀ ରମା କାନ୍ତ ମିଶ୍ର

## ୧ । ମେଘ ଓ ମାନସୀ

୧ ।

ବାହାରେ ମେଘର ଗର୍ଜନ
ରାତି ବାରଟାର ନିର୍ଜନ
ଅନ୍ତର ମମ ଶୂନ୍ୟ
କମ୍ପି ଉଠେ ଘନ ଘନ ।

୨ ।

ଏଇ ଯେ ଚମକି ଉଠେ ବିଜୁଳି
ଅନ୍ତର ଦୀପ ଉଠେ ମୋ ଜଳି
କାମନା ବାସନା ଲାଗନ୍ତି କଳି
କିଏସେ ବଳି ?

୩ ।

ବତାସେ କମ୍ପେ ଝାଉଁ ବନ
ଅନ୍ତରେ ଜାଗେ କମ୍ପନ
ମନ ମୟୁରର ନର୍ତ୍ତନ
ଅଦୂରେ ଶ୍ୟାମବନ ।

୪ ।

ପ୍ରଖର ବାରିର ବର୍ଷଣ
ଅନ୍ତରେ ପ୍ରେମ କର୍ଷଣ
ରଖିଛି ଧରି ନିଶାଣ
ମାନସୀ ମୋର ପାଷାଣ ।

୫ ।

ନଡ଼ିଆ ଗଛ ର ହିଲ୍ଲୋଳ
ବାହୁଙ୍ଗା ଚୟ ର କଲ୍ଲୋଳ
ପ୍ରେମ କରିଦିଏ ବିଲୋଳ
ଡାକଇ ଦୂରେ ଶୃଗାଳ ।

୬ ।

ଝରେ କି ଆକାଶୁଁ ଲୋତକ ?
ମମ ଅନ୍ତର ପ୍ରତୀକ ?
ପ୍ରିୟାର ଭାବନା କରିଛି ମୁକ
ଚମକି ଉଠେ ଜଳକା ପୋକ ।

୭ ।

ଅଦିନ ମେଘ ଥିଲ କାହିଁ ?
ମାନସୀ ମୁଖ ଦେଲ ମନେ ପକାଇ
ଚିତ୍ରକୁ ତବ ରହିଛି ଚାହିଁ
ମନଟା ଲାଗଇ ନାହିଁ ।

Download Magazine from www.aahwaan.com

## ୨ ।। ଭିକ୍ଟୋରିଆ ମେମୋରିଆଲରେ ଗୋଟିଏ ସନ୍ଧ୍ୟା

ଏ ଜାଗାରେ ସିଗାରେଟଟା ବଡ଼ ମିଠା ଲାଗେ

କାହିଁକି କେଜାଣି ?

ଏ ଜାଗାରେ ମନଟା ହୁଏ ବ୍ୟଭିଚାରୀ

ତା' ହୁଏତ ମନ ଅଛି ଜାଣି ।

ମୃଦୁ ମୃଦୁ ଚାହାଁଣି ଆଉ ମିଠା ମିଠା କଥା

ନୃତ୍ୟମୟୀ ପଦପାତ ଲାସ୍ୟମୟୀ ଛନ୍ଦ

ବେଣୀ କରେ ପ୍ରତିବାଦ ହଲାଇ ସଂକେତ ।

ଯୁଗଳ ପ୍ରେମିକ ଯୋଡି ଛନ୍ଦାୟିତ ଗତି

ମିଠା ମିଠା କଥା ଆଉ ଚପଳ ସେ ମତି

ବ୍ୟଭିଚାରୀ ହୁଏ ମନ, ସ୍ଥାନର ପ୍ରଭାବ

ଏଡିବାର ଶକ୍ତି ମୋର ନାହିଁ ।

ସୁନ୍ଦର ମାର୍ବଲ ପଥର ନିର୍ମିତ ପ୍ରାସାଦ

ଭିକ୍ଟୋରିଆ ମେମୋରିଆଲ୍ ହାତ ଠାରି ଡାକେ ...

ଦେଖ ମୋତେ ଦେଖ ଆସି

ଦେଖ ତୁମ ଇତିହାସକୁ ଆସି ।

ଦରକାର ନାହିଁ ! ଅନାବଶ୍ୟକ ସେ ସବୁ

ଇତିହାସ ଦେଖି କେହି ଆନନ୍ଦ କି ପାଏ ?

ଜୀବନ୍ତ ଇତିହାସ ଲେଖ, ନୂତନ ପୃଥିବୀ ଦେଖ

ଯୌବନ ତରଙ୍ଗର ଜୟ ଜୟକାର ଲେଖ ।

Download Magazine from www.aahwaan.com

ଜବ ଚାର୍ଣ୍ଣକ୍ କେବେ କଲିକତା କଲେ ଆଉ
ଭିକ୍ଟୋରିଆ କେବେ ରାଜତ୍ୱ କରିଥିଲେ ତାଙ୍କର
ସେ ବଂଶଗାଥା ଦେଖି ଆମେ କରିବୁ ବା କ'ଣ ?
ଲେଖିବାନି କାହିଁକି ଆମେ ଜୀବନ୍ତ କୋଣାର୍କ ?
ନ ହେଉ ସେ କାଳଜୟୀ
ସାମୟିକ ପ୍ରସଂଗେ ରହିବ ନିଶ୍ଚିତ ।
ଅତୀତ କୁ ଭୁଲି ଆଉ ଭବିଷ୍ୟତ କଣ ?
ଏ ମଝିରେ ବର୍ତ୍ତମାନ ତାହାରି ମୂଲ୍ୟ ସର୍ବାଧିକ ।
ଏ ଜାଗାରେ ସିଗାରେଟ ଟା ମିଠା ଲାଗେ
ଘାସର ଗାଲିଚା ଉପରେ ଆଉ ଝଙ୍କାଳିଆ ଦ୍ରୁମ ତଳେ
ମନ ହୁଏ ବ୍ୟଭିଚାରୀ ଯୌବନର ପତ୍ର କଅଁଳେ
ହାତ ଠାରି ଡାକେ ଏକ ନୂତନ ପୃଥିବୀ
ସନ୍ଧ୍ୟା ନଇଁ ଆସେ ତେଣେ ଦିନାନ୍ତର ରକ୍ତ ବର୍ଣ୍ଣ ଛବି ।

ଭି.ଆଇ.ଏମ - .୨୬୮
ଶୈଳଶ୍ରୀ ବିହାର
ଭୁବନେଶ୍ୱର -୭୫୧୦୨୧
ମୋବାଇଲ -୯୯୩୭୨୬୮୦୧୨

Download Magazine from www.aahwaan.com

# ବୈଶାଖକୁ ସ୍ୱାଗତ



ସତ୍ୟବ୍ରତ ସାହୁ

ବୈଶାଖର ଧୁ ଧୁ ଖରାରେ ବି ଇଚ୍ଛା ହୁଏ
ସ୍ୱପ୍ନ ଦେଖିବାକୁ
ସ୍ୱପ୍ନ ନ ଦେଖିଲେ ବଞ୍ଚି ହୁଏନି
ବାସ୍ତବ ହେଉ ବା ନ ହେଉ ତଥାପି
ସ୍ୱପ୍ନ ଦେଖିବାର ମୋହ ତୁଟେନି ଆମର ।
ଅଂଶୁଘାତକୁ ଭୟ ନ କରି
ଜଳଛତ୍ରରୁ ପାଣି ଟୋପେ ପିଇ
ଗଛ ଛାଇରେ ଥକା ମେଣ୍ଟାଇ
ଯେମିତି ବାଟୋଇଟି ଲକ୍ଷ୍ୟ ରଖିଥାଏ
ପହଞ୍ଚିଯିବାକୁ ତା' ଗନ୍ତବ୍ୟ ସ୍ଥଳରେ
ଠିକ୍ ସେମିତି ମଣିଷର ମନ ।
ତାକୁ ଜୀଇଁବାକୁ ହେବ,
ସ୍ୱପ୍ନ ଦେଖିବାକୁ ହେବ ।
ବୈଶାଖର ଖରାକୁ ଡରି...
ଚାଷୀ ତ ଛାଡ଼ି ଦେବନି ଚାଷ
ଗଛମାନେ ତ ମରିଯିବେନି
କବି ତ ରଖି ଦେବନି କଲମ
ବ୍ୟବସାୟୀ ତ ବନ୍ଦ କରିବନି ବେପାର
ପ୍ରେମୀମାନେ ତ ଭୁଲି ପାରିବେନି ପ୍ରେମକୁ
ତେବେ...
କାହିଁକି ବା ସ୍ୱପ୍ନ ଦେଖାଯିବନି ବୈଶାଖରେ ?
ବୈଶାଖ...
ତମେ ଆସିଛ, ଭଲ କରିଛ
ତମେ ନ ଆସିଲେ...
ଆକାଶ ସ୍ୱପ୍ନ ଦେଖିପାରିବନି ମେଘର
ପୃଥିବୀ ସ୍ୱପ୍ନ ଦେଖିପାରିବନି ବର୍ଷାର,
ମଣିଷ ବି ସ୍ୱପ୍ନ ଦେଖିପାରିବନି ବଞ୍ଚିବାର ।
ତମେ ଆସିଛ
ଆଜି ଦୁଃଖ ଦେଲେ ବି କାଲିପାଇଁ ସୁଖର
ବାର୍ତ୍ତା କିଛି ନେଇ ଆସିଛ ।
ତେଣୁ ହେ ବୈଶାଖ...
ତମକୁ ସ୍ୱାଗତ... ହୃଦୟରୁ ସ୍ୱାଗତ ।

ପଲ୍ଲାସାହି, କମାଳପୁର
ଅହିୟାସ, ଯାଜପୁର - ୭୫୫୦୩୬
ଭ୍ରାମ୍ୟଭାଷ : ୯୩୩୮୧୬୫୬୧୯

Download Magazine from www.aahwaan.com

# ତୁମେ କିଆଁ ?



ଶୁଭକାନ୍ତ ସାହୁ

ଝରଣା ତ ଝରିଯାଏ ସାଗରକୁ
ନମାନି ବାଧା ଗିରି ବନ,
ତୁମେ କିଆଁ ଆସୁନାହଁ ମୋ ପାଖକୁ
ଡେଇଁ ସମାଜର ନିୟମ ?
କଇଁ ସିନା ଛୁଇଁ ପାରେନାହିଁ ଜହ୍ନ
ଛୁଇଁତ ପାରୁଛି ଜୋଛନା,
ଦେହକୁ ମୋହର ନଛୁଇଁଲେ ତୁମେ
ମନକୁ ବି କିଆଁ ଛୁଅଁନା ?
ଫୁଲ ତ ଡାକୁଛି ଆସ ପ୍ରଜାପତି
ଶୋଷିନିଅ ମଧୁକୁ ମୋର,
ତୁମେ କିଆଁ ଥରେ ଡାକୁନାହଁ ମୋତେ
ଦେବାକୁ ଚୁମ୍ବନ ପ୍ରେମର ?

subhakantasahu@rocketmail.com
ମୋ-୯୮୬୧୭୩୨୨୫୬
ଗୋପବନ୍ଧୁ ହାଇସ୍କୁଲ୍, ପୋଲସରା, ଗଂଜାମ, ପିନ୍-୭୬୧୧୦୫ ।

Download Magazine from www.aahwaan.com

# ଶବ୍ଦଟିଏ




ସୁଧାଂଶୁ ଶେଖର ଦ୍ୱିବେଦୀ

ଶବ୍ଦଟିଏ -
ଦିଗନ୍ତବ୍ୟାପି ପ୍ରଭୂତି ।
କେଜାଣି କିଏ
ସେ ଶବ୍ଦରେ ଖଞ୍ଜିଦେଲା
ସ୍ନେହ, ପ୍ରୀତି, ଶ୍ରଦ୍ଧା, ମମତା ଓ ଆପଣାତ୍ୱ ?
ମମତାର ମୂର୍ତ୍ତି ସେ
ସ୍ନେହର ଘର ସେ
ଦୟାର ଉଦ୍‌ଗମ ସେ
କ୍ଷମାର ସୁମେରୁ ସେ
ଓ
ପୃଥିବୀର କବିତା ବି ସେ
ବର୍ଣ୍ଣନାତୀତ ଶବ୍ଦଟିଏ ସେ
କେବେ ଅମ୍ମି
କେବେ ମମ୍ମି
କେବେ ମମ୍
କେବେ ଆମ୍ମା
କେବେ ମଦର୍
କେବେ ପୁଣି ମା'
ଯେଉଁ ଶବ୍ଦର କୁହୁକ ପରଶରେ
ଠାକୁର ବି ତା ପାଦତଳେ
ମୁଣ୍ଡିଆ ମାରନ୍ତି
ଯେଉଁଥିପାଇଁ
ସର୍ବଧର୍ମ ସମନ୍ୱୟରେ
ସେ ହୋଇଯାଏ
ଅଭିନ୍ନ, ଅନ୍ୱୟ, ବିସ୍ମୟ ।

ଯୋଗ ଫର୍ ଲାଇଫ୍, ବିସି-୭୫
ସେକ୍ଟର-୨, ସଲ୍‌ଟଲେକ୍, କୋଲକାତା-୭୪
ଭ୍ରାମ୍ୟଭାଷ : ୯୭୮୧୩୭୩୫୧୨

# ମୁଁ କିଛି ବି ଚାହେଁନା



ଶୁଭ୍ରାଂଶୁ ଦାଶ

ହେ ଠାକୁର କିଛି ବି ମାଗୁନି ତୁମକୁ
ତୁମଠୁ ମୁଁ କିଛି ବି ଚାହେଁନା ।
ମୋକ୍ଷ ଚାହେଁନା କି ମୁକ୍ତି ଚାହେଁନା
ନିର୍ବାଣ ଚାହେଁନା କି ତୃପ୍ତି ବି ଚାହେଁନା ।
କିଛି ବି ନ ମିଳୁ ମୋତେ ମୁଁ କିଛି ବି ଚାହେଁନା ।

ଦେବ ଯଦି ହେ ଠାକୁର
ମୋହ ଶୂନ୍ୟ ଇଛାଟିଏ ଦିଅ ।
କପାଳ ଓ କର ପାପୁଲିରେ
ଆଶାଶୂନ୍ୟ କର୍ମ ଲେଖିଦିଅ ।
କରୁ କରୁ ଥକି ନ ପଡ଼େ ମୁହିଁ
ମୋ ଦେହରେ ଅସୁମାରୀ ଶକ୍ତି ଭରିଦିଅ ।
ଭୋଗ ଚାହେଁନା, ମୁଁ ଭାଗ୍ୟ ଚାହେଁନା
ଧନ ଚାହେଁନା କି ଯଶ ଚାହେଁନା
କିଛି ବି ନ ମିଳୁ ମୋତେ ମୁଁ କିଛି ବି ଚାହେଁନା ।

ଦେବ ଯଦି ହେ ଠାକୁର

ନିର୍ବିକାର ମନଟିଏ ଦିଅ

ମାନ କରି ମନ ମାରି ମୁଁ ବସି ନ ପଡ଼େ


ମୋ ଭିତରେ ଜାଗୃତିର ମନ୍ତ୍ର ଭରିଦିଅ ।

ହସ ଚାହେଁନା, ମୁଁ କାନ୍ଦ ଚାହେଁନା

ଦୀପ୍ତି ଚାହେଁନା କି ଶାନ୍ତି ବି ଚାହେଁନା ।

କିଛି ବି ନ ମିଳୁ ମୋତେ ମୁଁ କିଛି ବି ଚାହେଁନା ।

କଟକ, ଓଡ଼ିଶା



Download Magazine from www.aahwaan.com

# ପ୍ରେମର ଛୋଟିଆ ଘର



ପ୍ରଶାନ୍ତ କୁମାର ନାଥ

ମନର ଦେଶରେ ତୋପାଇଁ ଗଢିଲି
ପ୍ରେମର ଛୋଟିଆ ଘର
ଲାଗିଲା ଯେମିତି ଘର ନୁହେଁ ସିଏ
ମୋ ପାଇଁ ସରଗପୁର ।
ସଜାଇଲି ତାକୁ ପ୍ରୀତି ପରଶରେ
ଅମାପ ସେନେହ ଦେଇ
ସେହି ଘର ମୋର ହୋଇଲା ସୁନ୍ଦର
ତୁମ ମଧୁ ଛୁଆଁ ପାଇଁ ।
ସେଘର ଅଗଣା ମହକି ଉଠିଲା
ପୀରତି ଫୁଲର ବାସେ
ଖୁସିର ମଳୟ ବହିଲା ଜୀବନେ
ପ୍ରେମ ଋତୁ ପ୍ରୀତି ମାସେ ।
ଈର୍ଷାର କୀଟଟି କାଟି ପାରିଲାନି
ସ୍ନେହ ମମତାର ଡୋର
ସନ୍ଦେହ ଶତ୍ରୁଟି ଡେଇଁ ପାରିଲାନି
ଆମ ଭରଷା ପ୍ରାଚୀର ।

ସୁନ୍ଦରପୁର,ଉତ୍ତରକୂଳହାଟ୍,ପ୍ରୀତିପୁର,ଯାଜପୁର ।
ମୋ-୦୮୮୯୨୩୦୧୧୪୩

Download Magazine from www.aahwaan.com

# ଝାପ୍‌ସା ସମ୍ପର୍କ



ଅନିରୁଦ୍ଧ ସାମନ୍ତରାୟ

ଦୂର ଦିଗବଳୟରେ
ଏକୀଭୂତ ହୋଇଥିବା ସମ୍ପର୍କ ନୁହେଁ ତ
ତୁମର ଆଉ ମୋର
ଯହିଁ ମିଳନ ଆଭାସ ଦେଖାଇ
ଆକାଶ ଆଉ ଧରିତ୍ରୀ ଭଳି
ମିଛଟାରେ ଏକାଠି ହେବାର
ସ୍ୱପ୍ନ ଦେଖିବାକୁ ପଡ଼େ ।

ମିଶିବାର ସ୍ୱପ୍ନ ନେଇ
ବହୁଥିବା ନଦୀର ଦୁଇକୂଳ ନୁହେଁ ତ
ସମ୍ପର୍କ ଆମର
ଯହିଁ ଏକାଠି ଲୀନ ହେବାର
ବାସ୍ତବତା ଥିବା ସତ୍ତ୍ୱେ
ଭିନ୍ନ ଭିନ୍ନ ତୀରରେ
ପ୍ରବାହିତ ହେବାକୁ ପଡ଼େ ।

ଜନଶୂନ୍ୟ ମରୁଭୂମିରେ
ମରୀଚିକାର ଭ୍ରମ ନୁହେଁ ତ

Download Magazine from www.aahwaan.com

ସମ୍ପର୍କ ଆମ ପ୍ରେମର
ଯହିଁ ବଞ୍ଚିବାର ଆଶା ନେଇ
ତୃଷାର୍ତ୍ତ ପଥିକ
ତୃଷ୍ଣା ମେଣ୍ଟାଇବାକୁ ଧାଇଁ ଧାଇଁ
ହତାଶ ହେବାକୁ ପଡ଼େ ।

ନିସ୍ତବ୍ଧ ରଜନୀର
କ୍ଲାନ୍ତ ହୃଦୟର ସ୍ୱପ୍ନ ନୁହେଁ ତ
ସାଥୀ ସଂପର୍କ ଆମର
ଯହିଁ ବାସ୍ତବ ଏକ କଳ୍ପନା
ଆକର୍ଷଣବିହୀନ ମହାକାଶରେ
କୁହୁଡ଼ି ପହଁରା ପହଁରି
ନିରାଶ ହେବାକୁ ପଡ଼େ ।

ଅସରାଏ ଜୀବନର
ଅମଳିନ ସ୍ମୃତିର ସନ୍ତକ ନୁହେଁ ତ
ଆମ ଏ ମଳିନ
ଯହିଁ ଜୀବନ ସାଉଁଟେ ସ୍ମୃତିଚିତ୍ର ସବୁ
ସ୍ମୃତି ସଜାଡ଼େ ଜୀବନ
ପ୍ରାଣବିନ୍ଦୁ ପ୍ରସ୍ଥାନ ଦ୍ୱାରେ
ପ୍ରଶ୍ୱାସ ନେବାକୁ ପଡ଼େ ।

କଲ୍ୟାଣ ସିଂହପୁର, ଓଡ଼ିଶା

Download Magazine from www.aahwaan.com

# ସ୍ମୃତିକୁ ନେଇ ମୋର ଏକ କବିତା...



ସୁବଳ ମହାପାତ୍ର

ରତ୍ନାକର ପରିଡା, ବୟସ ପଚାଶ ପାଖାପାଖି, ଧର୍ମପତ୍ନୀ ଅଧାରାସ୍ତାରେ ତାଙ୍କୁ ଛାଡି ଆର ପାରିରେ । ଘରେ ଦୁଇଟି ବଢ଼ିଲା ପିଲା । ପିଲାଙ୍କ ଭବିଷ୍ୟତ ଭାବି ଭାବି ରାତିରେ ଆଖିକୁ ନିଦ ଆସେନାହିଁ । ଖଟରେ ଶୋଇ ଶୋଇ ଖୋଲା ଝରକାରେ ବାହାରକୁ ଚାହିଁ ଭାବନ୍ତି ସ୍ତ୍ରୀ କଥା.... ତାଙ୍କ ମନକଥାକୁ ନେଇ ଏ କବିତାଟି....

ସ୍ମୃତି – ଫେରନ୍ତ କି ପୁଣି ତୁମେ ଆଉଥରେ....

ମନେପଡ ତୁମେ ବେଳ ଅବେଳରେ,
ମନେପଡ ତୁମେ ରାତ୍ରୀର ନିର୍ଜନ ପ୍ରହରେ,
ମନେପଡ ତୁମେ ସମସ୍ତେ ଶୋଇଗଲା ପରେ,
ମନେପଡ ତୁମେ ରୁଦ୍ଧ କୋଠରୀରେ ।

ଦିଶିଯାଅ ତୁମେ ଧୂମ୍ର କୁଣ୍ଡଳୀରେ,
ଦିଶିଯାଅ ତୁମେ ପିଆଲା ପାତ୍ରରେ,
ଦିଶିଯାଅ ତୁମେ ଅନ୍ଧାର ଭିତରେ,
ଦିଶିଯାଅ ତୁମେ ପତ୍ର ଗହଳରେ ।

ତୁମ ମୁଖେ ଥିଲା ଚାନ୍ଦର ଚାନ୍ଦିନୀ,
ତୁମ କଣ୍ଠେ ଥିଲା ରାଗର ରାଗିଣୀ,
ନୃତ୍ୟେ ତୁମେ ଥିଲା ଶିବଙ୍କ ତାଣ୍ଡବ,
ହସ୍ତେ ତୁମ ଥିଲା ବଳିଆର ଭୁଜ ।

Download Magazine from www.aahwaan.com

ହୃଦେ ତୁମ ଥିଲା ମା'ର ମମତା,
ସ୍ନେହ ତୁମର ତ ଲେଲିହାନ ଶିଖା,
ରାଗତ ତୁମର ପରମ ଚଣ୍ଡାଳ,
ପ୍ରେମ ତ ତୁମର ବାରିଧିର ଜଳ ।

କାହିଁ ଚାଲିଗଲ ଅଫେରା ବାଟରେ,
ଝୁରୁଛନ୍ତି ସର୍ବେ ଅତି ନିରନ୍ତରେ,
ଫେରନ୍ତ କି ପୁଣି ତୁମେ ଆଉଥରେ,
କୋଳାଗ୍ରତ କରି ନିଅନ୍ତି ମୁଁ ଥରେ ।

ଆସି ଦେଖିଯାଅ ଥରେ ମୋ ଅବସ୍ଥା,
ତୁମ କଥା ଭାବି ହେଲିଣି ମୁଁ କଣ୍ଟା,
ଆଉଥରେ ଖାଲି ଦେଖିବାକୁ ଇଚ୍ଛା,
ପୂର୍ଣ୍ଣକର ମୋର ଏହି ମନୋବାଞ୍ଛା ।

ଲେଖେ ମୁଁ କବିତା ତୁମ କଥା ଭାବି,
କାହିଁ ମନେପଡ ପୁଣି ଥରେ ଆଜି,
ହଜି ମୁଁ ଯାଆନ୍ତି ତୁମରି କୋଳରେ,
ଫେରନ୍ତ କି ପୁଣି ତୁମେ ଆଉଥରେ ।

ଗାନ୍ଧିନଗର, ଗୁଜରାଟ
ଭ୍ରାମ୍ୟଭାଷ : ୯୭୨୦୧୨୫୦୦
ଇମେଲ୍ : Subal.mohapatra@gmail.com

Download Magazine from www.aahwaan.com

# ମୁଁ କଣ ଅଭିଶପ୍ତ



ଚନ୍ଦ୍ରକାନ୍ତ ପହି

କି ପାପ କରିଛି ନାରୀ ଜନ୍ମ ପାଇ
ଅବଳା ଦୁର୍ବଳା ଭାବି
ମୋ ହାତରେ ପକାଇଦେଇଛି ଏ ସମାଜ
ପାଣିକାଚର ଚାବି ।
କେମିତି ବଞ୍ଚିବି ! ବଞ୍ଚିବାକୁ ଦିଅ ମତେ
ଆରେ ମୂର୍ଖ ପୁରୁଷ ! ମୁଁ ତୋ ମା' !
କେମିତି ତୁ ପାରୁଛୁ
ତୋ ମା'ର ବସ୍ତ୍ର ଟାଣି !
କୋଉ ଅଧିକାରରେ ତୁ
ରକ୍ତାକ୍ତ କରୁଛୁ ତୋ ମା'ର
ଲୁକ୍କାୟିତ ଅଙ୍ଗକୁ !
ଥରେ ଭାବିଛୁ ଏଇ ମା'ର ଅନ୍ତରକଥା
ଯେଉଁ ଅନ୍ତଚିରି କ୍ଷୀର ପିଉଥିଲୁ
ସେଇ ଅନ୍ତକୁ କେମିତି ଦେଖୁଛୁ
ଜଳିଯାଉନି ତୋ ଆଖି
ଫାଟି ଯାଉନି ତୋ ଛାତି !
ଆରେ ପାପୀ ! ମୁଁ ତୋ ଭଉଣୀ !
ଏଇ ହାତରେ ତତେ ବାନ୍ଧିଥିଲି
ସେନେହର ଡୋରି ! କେମିତି ଭାଙ୍ଗୁଛୁ ?
ସେ ପ୍ରତିଜ୍ଞା ! ପ୍ରତିଶ୍ରୁତି !
କୋଉ ଅଧିକାରରେ ତୁ
ମୋ ବସ୍ତ୍ର ଫାଡ଼ି ମୋ ଦେହରେ
କଳଙ୍କର ଗାର ଟାଣୁଛୁ ।
କଣ ଏଇ ମୋ ରାକ୍ଷୀର ଉପହାର !
ମୋ ଭକ୍ତି ! ପ୍ରେମ ! ସ୍ନେହ !
ଏ ସବୁର ପ୍ରତିଫଳନ ଯଦି ଏହା !
ତେବେ ସେଇ ରାକ୍ଷୀ ଡୋରରେ
ଚିପିଦେ ମୋ ଗଳା !
ଲେଖିଦେ ରକ୍ତରେ ମୋର
ନୂଆ ଇତିହାସ ! ଲିଭାଇ ଦେ !
ଏ ସମ୍ପର୍କର ଗାର !
ମୁଁ ନାରୀ ! ହେଇପାରେ ଅବଳା
କିନ୍ତୁ ନୁହେଁ ତୋ'ପରି ଅମଣିଷ
ମୁଁ କନ୍ୟା ! ହେଇପାରେ ଦୁର୍ବଳା
କିନ୍ତୁ ନୁହେଁ ତୋ'ପରି କାପୁରୁଷ ।

ଶଂଖଣା, ହାଟଡ଼ିହି, କେନ୍ଦୁଝର-୭୫୮୦୮୩
ମୋ-୭୩୭୭୬୨୪୨୫୨

Download Magazine from www.aahwaan.com

# ଦୁଃଖର ପାହାଡ଼



✍ କୁମାର ଲୋକେଶ୍

ହୃଦୟ ବିହୀନ ପ୍ରୀୟାକୁ କହୁଛି......

ଦୁଃଖର ପାହାଡ଼ ପଡିଛି ଉପରେ
ସୁଖ ଜମା ଭାଗ୍ୟେ ନାହିଁ
କେମିତି ବଞ୍ଚିବି ଦୁଃଖକୁ ଚାପିକି
କାହାକୁ ପାରୁନି କହି,
ସୁଖ ଯେତେବେଳେ ପାଖେ ଆସୁଥିଲା
କଷ୍ଟର ନଥିଲା ଦେଖା
ଆଜି କିନ୍ତୁ ସେ ପାହାଡ଼ ପଡିଛି
ଆଉ ନାହିଁ ମୋର ରକ୍ଷା,
ସହି ସହି ସବୁ ପଥର ହେଲିଣି
କିଏସେ ବୁଝିବ କୁହ
ରାତି ସରୁ ନାହିଁ ଦିନ ଯାଉ ନାହିଁ
ବହୁଛି ଆଖିରୁ ଲୁହ,
ଭାଗ୍ୟ ତ ମୋ ସାଥେ ଲୁଚକାଳି ଖେଳେ
ନପାଏ ଟିକିଏ ଶାନ୍ତି
ଏଭଳି ଆଉ କା ଜୀବନେ ନ ହେଉ
ଅନୁରୋଧ କରେ ସାଥୀ ।

ଢେଙ୍କାନାଳ
ଗୋରଡାପାଳ
୭୯୮୧୩୧୦୭୧୯

Download Magazine from www.aahwaan.com

# ନାରୀ



ଚିତ୍ତରଞ୍ଜନ ସାହୁ

ଶୁଭୁନି କି ନାରୀ ତତେ ନାରୀର ଚିତ୍କାର
ହୃଦର ଉଚ୍ଛ୍ୱାସ ସହ କରେ ହାହାକାର ।
ଉଲ୍ଲସିତ ମନ ତାର ତପତେ ଅଧୀର
ଲୁଟି ନେଲେ ତାକୁ ଆଜି ସମାଜେ ତସ୍କର ।।
ହରଷ ଭରା ପରସ ନାହିଁ ତାର ପାଶେ
ଝାଂଜି ବାହା ସମ ବାୟୁ ତା ପାଖରୁ ଆସେ ।
ସଭିଙ୍କ ତୃଷ୍ଣା ଯେ ଦିନେ କରୁଥିଲା ଦୂର
ତା ଶୋଷ କି ମେଣ୍ଟାଇବେ ଆଜିର ଏ ନର ।।
ତୋ ଜଠରୁ ଜନ୍ମି ଆଜି କେତେ ଭୟଙ୍କର
ତୋ ସହ ଲଢ଼େଇ କରେ ସମାଜେ ଏ ଖର ।
ସଂସାର ହେଲାଣି ଆଜି ପୁର୍ଣ୍ଣ ରକ୍ଷ୍ୟପୁରୀ
ଭ୍ରମରେ ପଡ଼ିଣ ସର୍ବେ ହେଲେ ତୋବଇରି ।।
ମର୍ତ୍ତ୍ୟବାସୀ କଲେଣି ଦୌରାତ୍ମ୍ୟ ଦୈତ୍ୟସାଜି
ଉଭା ହୁଅ ନାରୀ ଦୈତ୍ୟ ସମାଜେ ଦୁର୍ଗା ସାଜି ।
ଜାଣିନୁକି ତୁହି କଳା ବାଦଲ ଘୋଟିଛି ଆଜି
ରକ୍ତ ମୁଖର ହେଲାଣି ସଂସାର ପାଷାଣ୍ଡ ସାଜି ।।
ନିର୍ଯ୍ୟାତନାର ପ୍ରବଞ୍ଚନାର ଭାଜନ ସାଜି
ବେଦନାରେ ଆଜି ଉରସ ତୋହର ଗଲାଣି ଭିଜି ।
ତୀବ୍ର ଗତିରେ ଖଡ୍‌ଗ ବୁଲାଇ ଧରା ପରେ
ଅତ୍ୟାଚାରୀକୁ ବିନାଶ କର ମା ମହିପରେ ।।

Download Magazine from www.aahwaan.com

ନିର୍ମୂଳ କର ଦୈତ୍ୟ ସମାଜ ଗିରିରାଜି
ନୀଳ ଆକାଶୁ କଳା ବାଦଲ ଯାଉ ହଜି ।
ଉଗ୍ର-ଶାନ୍ତ-କୋମଳ-କଠିନ ଶରୀର ତୋର
ଦେଖୁ ଏ ସମାଜ ବେନି ନେତ୍ରେ ରୂପ ତୋର ।।
ଦୀପ୍ତ-ଦୃଢ଼-ନମ୍ର-ସ୍ଥିର ରୂପ ତୋର
ଅତ୍ୟାଚାରୀର ଅତ୍ୟାଚାରରେ ହେଲା ଅଧୀର ।
ତରଙ୍ଗିଣୀ ସାଜି ଢାଳି ଦେଇଅଛୁ ଅମାପ ଜଳ
ସଂସାର ମୁଖରେ ହରଷ ପରଶି ବେଳକୁ ବେଳ ।।
ଶିତାଂଶୁ ସାଜି ଶୀତଳ ହେବାର କାରଣ ନାହିଁ
ସହସ୍ରାଂଶୁ ହୁଅ ସମାଜରେ ଦୁଷ୍ଟ ବିନାଶ ପାଇଁ ।
ବ୍ୟଗ୍ର-ଅସ୍ଥିର-ଅତୀବ-ନିଷ୍ଠୁର ପ୍ରଳୟ ହୋଇ
କ୍ଷମା-ଦୟା-ମମତା-ମୋହ ପାଶୋରି ଯାଇ ।।
ଶକ୍ତି ଗୋ ତୁମେ ଶକ୍ତି ରେ ତୁମ କାର୍ଯ୍ୟ କର
ବିତାଡିତ କର ଆଜିର ସମାଜୁ ନିଷ୍ଠୁର ନର ।
ନାରୀ ଗୋ ତୁମେ ଦୁର୍ଗା ଗୋ ତୁମେ ନାରାୟଣୀ
ସକଳ ଯନ୍ତ୍ରଣା ସକଳ ବେଦନା ନିବାରିଣୀ ।
ତୋ ଆଗମନର ଅନୀଳେ ଅନଳ ଲିଭୁ ଆଜି
ଦୈତ୍ୟ ସମାଜ ଖଣ୍ଡ ଖଣ୍ଡ କର ଦୁର୍ଗା ସାଜି ।।

ସିଙ୍ଗୀରୀ, ଆଳି, କେନ୍ଦ୍ରାପଡା
ଭ୍ରାମ୍ୟଭାଷ : 7377678738 / 8908784757
ଇମେଲ୍ : Gmail_schittaranjan93@gmail.com

Download Magazine from www.aahwaan.com

# ମୌସୁମୀ ତୁମେ ଆସିବ ବୋଲି



ଅରୁଣ କୁମାର ପାତ୍ର

- ମୌସୁମୀ ତୁମେ ଆସିବ ବୋଲି .....

ମୋ ମନ ହୃଦୟେ କେତେ ଉତ୍କଣ୍ଠା ..... କେତେ ଉଦ୍ଦୀପନା
ଜାଣିପାରିବିନି ତୁମେ ପ୍ରତୀକ୍ଷାର ମାର୍ମିକ ବେଦନା ।
ବୈଶାଖୀର କୋପ ଦୃଷ୍ଟି ବଢୁଛି ଆଗକୁ
ଦେହ ମନ ପ୍ରାଣ ଦେଇ କେତେ ଖୋଜିଛି ତୁମକୁ ..... ।
ଶୟନେ ସପନେ ଜାଗରଣେ ଉଜାଗରେ ବସି
ବିଗତ ଦିନର ସ୍ମୃତିକୁ ଭାବୁଛି ମୁଁ ମନେ ହସି ହସି ..... ।
ପଦ୍ମାଗନ୍ଧା ଶରୀର ତୁମ ..... ଶୀତଳ ପରଶ
ସ୍ମୃତିରେ ଆସିଲେ ଥରେ ଲଗାଇ ହରଷ ..... ।
ନାନା ଜାତି ପୁଷ୍ପ ଆଜି ଫୁଟି ଶୋହେ ତୁମ ପାଇଁ
ତୃଷାର୍ତ୍ତ ଧରଣୀ ରହିଛି ତୁମ ପଥ ଚାହିଁ ..... ।
ଭିଜି ଭିଜାଇବାରେ ଅଛି ଆଜି କେତେ ଯେ ଆନନ୍ଦ
ଅନୁଭବୀ ହୃଦୟଟେ ହିଁ ଜାଣଇ ତା'ର ଭଲମନ୍ଦ ..... ।
ଅନାବୃତ ଦେହ ତୁମ ସତେ ପୂର୍ଣ୍ଣିମାର ଚାନ୍ଦ
କବିର ଭାଷା ନାହିଁ ହେବାକୁ ଉପାମାର ଛନ୍ଦ ..... ।
ପ୍ରତୀକ୍ଷାର କଷ୍ଟ ଆଉ ଆଶାର ଆନନ୍ଦ
ମୋ' ମନରେ ଆଙ୍କିଦିଏ ଅଜସ୍ର ଲୋତକର ଦ୍ୱନ୍ଦ ..... ।

Download Magazine from www.aahwaan.com

ତୁମ ଆଗମନ କାଳେ ଗଡିଯିବ ଭାବି

ଆରାଧନା କରିଥିଲି ମୁଁ କେତେ ଦେବାଦେବୀ ..... ।

ପ୍ରତୀକ୍ଷାର ପୂର୍ଣ୍ଣଚ୍ଛେଦ ଏତେ ଶୀଘ୍ର ଯେ ଆସିବ

ସତରେ, ତୁମ ମନର ଭାବନା ଅବା କିଏ ସେ ଜାଣିବ ..... ?

ତୁମ ଆଲିଙ୍ଗନ ଆଜି ଆନ୍ଦୋଳିତ ମନ

ଧନ୍ୟ ହୁଏ ଦେହ ମନ ପ୍ରାଣ ଆଉ ଏ ଯୌବନ ..... ।

ପହିଲି ସ୍ପର୍ଶ ତୁମର ଛୁଇଁଛି ଧରାବକ୍ଷକୁ

ଉନ୍ମାଦିତ କରିଅଛି ଲେଖକ ..... କବିଙ୍କୁ ..... ।

ତୁମ ଆଗମନ ପାଇଁ କେତେ ଯେ ଆସର

ସାଦରେ ଗ୍ରହଣ କରିବ ମୋ' ପ୍ରୀତି ଉପହାର..... ।

ଶିକ୍ଷକ, କେନ୍ଦୁପଦର, ଫୁଲବାଣୀ – ୭୬୨୦୦୧, ଜିଲ୍ଲା : କନ୍ଧମାଳ (ଓଡ଼ିଶା)

ମୋ : ୯୪୩୭୭୬୫୨୭୫, ଇମେଲ୍ : arunpatra21171@gmail.com

Download Magazine from www.aahwaan.com

# ପୁଅ ପୁଅ ଡ଼ାକ ଶୁଭିବନି ଆଉ



ସୁଦାମ ଗୌଡ଼

ପୁଅ ପୁଅ ଡ଼ାକ ଶୁଭିବନି ଆଉ
ମାଆ ନାହିଁ ଆଉ ଦୁନିଆରେ ।
ମାଆକୁ ମୋ'ର ଯେତେ ଖୋଜିଲେ
ପାଇବି ନାହିଁ ସପନରେ ॥

ମାଆ ବିନା ଆଜି କେମିତି ବଞ୍ଚିବି
ଏକା ଏକା ଲାଗେ ସବୁବେଳେ ।
ସେଦିନ କଥା ମନେ ପଡ଼େ ଆଜି
ଶୋଇପଡୁଥିଲି ତାଙ୍କ କୋଳେ ॥

ଦଶ ମାସ ଦଶ ଦିନ ଧରି ଦୁନିଆକୁ
ଆଣିଥିଲେ ମାଆ ମତେ ।
ତାଙ୍କରି କୋଳରେ ଜନ୍ମ ହେଇଆଜି
ଦୁନିଆ ଦେଖୁଛି କେତେ ॥

ମାଆ ପାଇଁ ସିନା କାନ୍ଦେ ମୁଁ ଆଜି
ମାଆକୁ ପାଇବା ପାଇଁ ।
ମାଆ ଆଜି ଯଦି ପାଖରେ ଥିଲେ
ପାଖକୁ ଯାଆନ୍ତି ଧାଇଁ ॥

ମାଆଲୋ ମୋର କଥା ତୁମ
ଆଜି ଚାପି ରଖିଛି ମନେ ।
ସେ କଥା ଆଜି ଭାବିଲା ବେଳକୁ
ଶୁଣା ଯାଉଛି କାନେ ॥

ବୁଢ଼ାବାହାଲ
ଜି : ସୁନ୍ଦରଗଡ଼
ମୋ : ୮୭୭୨୩୯୦୦୭୩

Download Magazine from www.aahwaan.com

# ନିର୍ବାକ ପୁଷ୍ପ



ଅଶୋକ ବିଶ୍ୱାଳ

ନିର୍ବାକ ପୁଷ୍ପ - (ତାଙ୍କାଙ୍ଗ ପର୍ବତର ଆତ୍ମା)-୪

କଣ ପାଇଁ ତୁମେ କହି ତ ନଥିଲ
ସନ୍ଦେଶ କାହିଁକି ନଦେଲ
ଝରଣା ଦିନେ ବୋହି ଯାଉଥିଲା
କେତେ ପାଣି ଥିଲା ଝରଣାରେ
ପବନରେ ଜଳ କଣା ଭାସୁଥିଲା ।

କହି ନଥିଲ କିପାଇଁ ଅନ୍ତରଙ୍ଗ ବନ୍ଧୁକୁ ତ ତୁମେ
ସେଇ ଝରଣା କୂଳରେ
ଛୋଟ ଏକ ଫୁଲ କେବେ ଫୁଟିଥିଲା
ବୁଦା ଗହଳରୁ ଉଙ୍କି ମାରୁଥିଲା
ଦେଖୁଥିଲା ତ ଲୋକଙ୍କୁ
ଖସୁଥିବା ପତରରେ ଲେଖୁ ବି ନଥିଲା
ପାଣିରେ ସନ୍ଦେଶକୁ ଭସାଉ ନଥିଲା ।

କହିଲ ନାହିଁ କିପାଇଁ

Download Magazine from www.aahwaan.com

ସେହି ଛୋଟ ଫୁଲ

ଝରଣାକୁ ଖାଲି ଅନାଉଥ ଥିଲା

ପାଣିରେ ଦେଖୁଥିଲା ନିଜର ଛାଇକୁ

ଭାବୁଥିଲା କହିବାକୁ

ଝରଣା ସ୍ୱରରେ ନିଜର କଥାକୁ ।

ସେହି ଛୋଟ ଫୁଲ କହିପାରିଲାନି

ଗାଇ ପାରିଲାନି ଝରଣା ସ୍ୱରରେ

ନୀରବରେ ଖାଲି ରହିଗଲା

ପଥର ହୋଇଲା ପାଣିର ଧାରରେ

କେତେ ଢେଉ ଥିଲା

ଓଦା ହୋଇ ଯାଉଥିଲା

ନିର୍ବାକ ରହିଲା ଝରଣା କୂଳରେ ।

Download Magazine from www.aahwaan.com

# ମୋ ମା



ଶୁଭମ କୁମାର ଧଳ

ଦେଇଛୁ ଜନମ ତୁ ପରା ମତେ....
ନିଜେ ସହି କେତେ କଷ୍ଟ ସତେ.....
ତୋ ଠାରୁ ସୃଷ୍ଟି ଜୀବନ ମୋର,
କେମିତି ଭୁଲିବି ମା' ମୁଁ ତତେ.......

ଭରି ଥାଉ ମୋର ମନରେ ଖୁସି.....
ଦୁଃଖ ସହି ନେଉ ତୁ ହସି ହସି.....
କ୍ଷମା କରୁ ମୋର ସବୁ ଭୁଲ,
କେବେ ଯାଉନା ମୋ ଉପରେ ରୁଷି....

ଦୁନିଆରା ରଙ୍ଗ ପଡିଯାଏ ଫିକା.....
ଭଲପାଇବା ଏଠି ହୁଏ କିଣା ବିକା....
ଭୁଲି ଯା'ନ୍ତି ସମସ୍ତେ ମତେ,
ପାଖରେ ତୁ ଥାଉ କେବଳ ଏକା.....

ମନ କଥା ମୋର ତୁ ବୁଝି ପାରୁ.....
ମୋ ପାଇଁ ତୁ କେତେ ବ୍ରତ କରୁ....
କାଳେ କିଛି ହେଇଯିବା ମୋର,
ସବୁବେଳେ ତୁ ଭାବି ଡରୁ....

ମୋ ମୁଣ୍ଡରେ ଥାଏ ସର୍ବଦା ତୋ ହାତ....
ଦେଖାଉ ତୁ ମତେ ସବୁ ଭଲ ବାଟ....
ଦୁନିଆ ରେ ମୋ ପାଇଁ କେବଳ,
ତୁ ହିଁ ଏକ ମାତ୍ର ସତ........

ଭ୍ରାମ୍ୟଭାଷ : ୭୫୦୪୩୨୨୪୯୩

Download Magazine from www.aahwaan.com

# ଧର୍ମ



ବିନୟ ମହାପାତ୍ର

ମାଆ କହିଲେ,
ଏଇଠି ଭଗବାନ ରହନ୍ତି,
ଏହାକୁ ମନ୍ଦିର କହନ୍ତି,
ଏଇଠି ମୁଣ୍ଡିଆ ମାର, ଧର୍ମ ହେବ ।
ବାପା ହାତରେ କିଛି ପଇସା ଦେଲେ
କହିଲେ, ମନ୍ଦିର ହୁଣ୍ଡିରେ ପକା, ଧର୍ମ ହେବ ।
ଭଗବାନଙ୍କ ମୂର୍ତ୍ତିରେ ଫୁଲ ଚଢା,
ଭଗବାନଙ୍କ ଆଗରେ ଧୂପ ଦେ, ଦୀପ ଜାଳ
ପ୍ରଣାମ କର, ଧର୍ମ ହେବ ।
ପ୍ରଭୂଙ୍କୁ ପାଖରେ ପ୍ରସାଦ ଚଢାଅ
ଧର୍ମ ହେବ ।
ମନ୍ଦିର ବାହାରେ ଭିଖାରୀଙ୍କୁ
ଖୁଚୁରା ପଇସା ଦିଅ, ଧର୍ମ ହେବ ।
ବାର ମାସରେ ତେର ପର୍ବ କର,
ଏକାଦଶୀରେ ଓପାଷ ରଖ,
ସୋମ, ଗୁରୁ, ଶନିବାର ଆମିଷ ଖାଆନି
ଧର୍ମ ହେବ ।
ସକାଳ ସଞ୍ଜରେ ଦୀପ ଜାଳ, ଧୂପଦିଅ
ପ୍ରଭୂଙ୍କୁ ପ୍ରଣାମ କର, ତୁଳସୀରେ ପାଣି ଦିଅ
ନିତି ଭାଗବତ, ପୁରାଣ ପଢ,

Download Magazine from www.aahwaan.com

ଗୋ-ବ୍ରାହ୍ମଣଙ୍କୁ ପ୍ରଣାମକର, ଧର୍ମ ହେବ ।
ମାଆ ବାପା ଯାହା କହିଲେ, ମାନିଲି,
ଯେପରି କହିଲେ ସବୁ କଲି କରୁଥିଲି ।
ଦିନେ ମାଆକୁ ପଚାରିଲି,
ମାଆ ଏଇ ଧର୍ମଟା କଣ ?
କେତେ ଧର୍ମ ଜମା ହେଲାଣି ମୋହର ?
ମାଆ କୋଳକୁ ଟାଣିନେଲେ,
ଟିକେ ଗେଲ କଲେ, ପୁଣି କହିଲେ, ଧନରେ,
ମୁଁ କି ଜାଣେ ଏଇ ଧର୍ମ କର୍ମ କ'ଣ ?
ବାପାଙ୍କୁ ପଚାର, ସିଏ ଜାଣିଥିବେ ।
ବାପାଙ୍କୁ ପୁଛିଲି, ବାପା ଏଇ ଧର୍ମଟା କଣ ?
କେତେ ଧର୍ମ ଜମା ହେଲାଣି ମୋହର ?
ବାପା କହିଲେ, ମୋତେ କି ଜଣାଅଛି
ଧର୍ମ ମାନେ କ'ଣ !
ମୋ ବାପା ମାଆ ମୋତେ ଶିଖାଇଥିଲେ,
ମୁଁ ତୋତେ ଶିଖାଇ ଦେଲି,
ମୁଁ ବି ଜାଣେନା କେତେ ଧର୍ମ
ଜମା ମୋ ଖାତାରେ ।
କହନ୍ତି, ଧର୍ମ ବିଷୟରେ ପ୍ରଶ୍ନ କରନ୍ତିନି,
ପଚାରିଲେ କାଳେ ପାପ ହୁଏ ।
ମନେ ମନେ ଭାବୁଥିଲି
ଏ ପାପ ପୁଣି କ'ଣ ? ? ? ?

ପଟିଆ, ଭୁବନେଶ୍ୱର

Download Magazine from www.aahwaan.com

# ଆଇଟି ଚାକିରୀ ସହ ରିସେସନ୍ ଫ୍ରି



ବିଜୟ କୁମାର ପଣ୍ଡା

ଆହା କି ମନଲୋଭା ସତେ ଆଇଟି ଚାକିରୀ

ଦୂରକୁ ସୁନ୍ଦର ଉଚ୍ଚ ପରବତ ଗିରି ।

ସୁଟ୍‌ବୁଟ୍ ଲଗାଇ ଆମେ ଇଞ୍ଜିନିୟର୍ ବାବୁ

ଦଶମହଲା କୋଠାରେ ଏସିରେ ବସିବୁ ।

ପାଞ୍ଚ ବରଷରେ ଟିମ୍ ଲିଡର୍ ହୋଇବୁ

ବିଦେଶ ଯାଇ ଡଲାର ଦରମା ଆଣିବୁ ।

ଫ୍ଲାଟ୍ କିଣି ଦାମୀ ଦାମୀ କାରରେ ବୁଲିବୁ

ଏମିତି କେତେ ସପନ ହୃଦୟରେ ଭରି

ରାତିଦିନ ଏକାକରି ପାଇଲି ଆଇଟି ଚାକିରୀ ।

ସପନ ସତ ହେଲା ଜୀବନ ମିଠା ଲାଗିଲା,

କିନ୍ତୁ ଚାକିରୀ କେତେ ଅସ୍ଥାୟୀ, ଏ କଥା କଳ୍ପନା ନଥିଲା ।

ବ୍ୟାଙ୍କରୁ ପୁଳାଏ ଲୋନ୍ ନେଇ

ଘର ଓ ଗାଡ଼ି କିଣିଲୁ,

ଜୀବନକୁ ଅଲଗା ରୂପ ଆଣିଦେଲୁ ।

ହେଲେ ଏତେ ସବୁ ଖୁସି ସହ ଆସିଲା ସମସ୍ୟା

Download Magazine from www.aahwaan.com

ପ୍ରତି ପନ୍ଦର ତାରିଖ ପରେ ହୁଏ ଅଙ୍କକଷା
କେମିତି କଟିବ ମାସ, ଇଏ୍ବେ କି ଦୁର୍ଦ୍ଦଶା ।

ଧର୍ମପତ୍ନୀ ପଚାରନ୍ତି କି ଆଇଟି ଚାକିରୀ କରୁଛ ?
ପ୍ରତିଦିନ ବିଳମ୍ବ ରାତିରେ ତ ଫେରୁଛ ?
ମୋ ପାଇଁ ତମ ପାଖେ ଯଦି ସମୟ ନ ଅଛି
ଏକୁଟିଆ ତୁମେ ଥାଅ, ମୁଁ ଓଡ଼ିଶା ଯାଉଛି ।
ପ୍ରତି ପାଞ୍ଚବର୍ଷେ ଯେମିତି ଆସେ ନିର୍ବାଚନ
ନିଦ ହଜେ ନେତାଙ୍କର ବିବଶ ଜୀବନ
ଠିକ୍ ସେମିତି ଆଇଟିରେ ପ୍ରତି ତିନି ଚାରିବର୍ଷେ
ଭୟଙ୍କର ରିସେସନର ସୁନାମୀ ମାଡ଼ି ଆସେ ।
ରାତି ରାତି ଉଜାଗରେ ବିବ୍ରତ ଏ ମନ
ଚାକିରୀ ଛଟେଇ ଭୟରେ ଛଟପଟ ପ୍ରାଣ ।

କେତେ ବିଳମ୍ବିତ ରାତ୍ରିରେ ଘରକୁ ଫେରିଛୁ
କମ୍ପାନୀ ପାଇଁ ଜୀବନ ନର୍କ ଯେ କରିଛୁ
ପରିବାରକୁ ପଛରେ ପକାଇ
ସତରେ କମ୍ପାନୀର ଚାକର ହୋଇଛୁ ।
ଚାକିରୀରୁ ଯଦି ଛଟେଇ ହୋଇବ,

Download Magazine from www.aahwaan.com

ଘର ଓ ଗାଡ଼ିର କିସ୍ତି କେଉଁଠୁ ଆସିବ ?

ବ୍ୟାଙ୍କ ଏ ସବୁକୁ ନିଶ୍ଚେ ଜବତ କରିବ ।

ଏମିତି ଅନେକ ପ୍ରଶ୍ନ ମନରେ ଉଙ୍କି ମାରୁଥାଏ

ଜଳାଇ ଅବଶୋଷର ବହ୍ନି ହୃଦୟରେ

ଇୟେ କି ଆଇଟି ମାର୍କେଟ୍

ଆଉ କି ରିସେସନ୍ ଭାଇ ?

ଘଡି ଘଡ଼ି ବଦଳାଏ ରୂପ, ବହୁରୂପି ହୋଇ ।

ଆଇଟି ଚାକିରୀ ସହ ଏଠି ରିସେସନ୍ ଫ୍ରି....

Download Magazine from www.aahwaan.com

# ବିଶ୍ୱାସର ସଂପର୍କ



ରାମ କଲତା

ତୁମେ ଗଲାପରେ କେମିତି ବଞ୍ଚୁଛି
ଶୁଣ ହେ ବନ୍ଧୁ ଜହ୍ନ,
ରହିଛି ତୁମର ଏକମାତ୍ର ଶିକ୍ଷା
ଏକା ରହିବାର ଚିହ୍ନ ।
ତୁମେ ଗଲାପରେ ରାତି ମୋ ପାହୁଛି
ସୂର୍ଯ୍ୟର ସୁନେଲୀ କିରଣରେ
ଅଭିମାନ କରି ଭୁଲିବାର ଅଭିନୟ
ରଖିଛ ବୋଧେ ହୃଦୟରେ ।
ଜାଣେ ବିଶ୍ୱାସର ସଂପର୍କ ଏହା
ନୁହେଁ ମୋ ପ୍ରତି ଅଭିମାନ
ବର୍ଷ ବଦଳିଛି ଋତୁ ବଦଳିଛି
ହେଲେ ସେମିତି ଅଛି ତୁମ ମନ ।

ତୁମ ଜ୍ୟୋତ୍ସ୍ନାବିନା ରାଗ ଆସେ
ଭଲ ଲାଗେନା ଜୀବନ
ଦୁନିଆରେ ସବୁ ମିଛ ମରୀଚିକା
ସତ ଖାଲି ଆମ ମନ ।
ପୂର୍ଣ୍ଣିମୀ ରାତି ବି ଅନ୍ଧାର ଲାଗେ
ପବିତ୍ର ଜହ୍ନବିନା
ପିତାମାତା ପରି ମନ କିଣିଥିଲ
ସମସ୍ତଙ୍କୁ ଏହା ଜଣା ।
ଅନୁଭବ ନାହିଁ ହୃଦୟରେ ମୋର
ତୁମ ଦୂରତାର ଚିହ୍ନ
କାରଣ ଆମ ବନ୍ଧୁତାର କାନ୍‌ଭାସରେ
ରଖିଛି କେବଳ ବିଶ୍ୱାସର ଚିହ୍ନ ।

ପୂର୍ବତନ ଛାତ୍ର ସଂସଦ ସଭାପତି
ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ, ବଲାଙ୍ଗୀର
ଭ୍ରାମ୍ୟଭାଷ : ୭୭୫୨୦୮୯୧୭୫

Download Magazine from www.aahwaan.com

# ଫିକା ପ୍ରେମ



ସୁଦାମ ଲେଙ୍କା


ପୂର୍ଣ୍ଣିମା ଆସିଛି ଜହ୍ନ ବି ଦିଶୁଛି
ବସିଛି ମୁଁ ଏକା ଛାତେ,
ପ୍ରୀତିଭରା ସେହି ସ୍ମୃତିକୁ ଭାବୁଛି
ଜହ୍ନ ହସୁଅଛି ମୋତେ ।
ଆଖି ଛଳ ଛଳ ଲୁହ ମୋ କହୁଛି
ତୁ କି ବୁଝିବୁ ସତେ,
କେମିତି ଭୁଲିବି ସେ ଅଭୁଲା ସ୍ମୃତି
ଭଲପାଏ ମୁହିଁ କେତେ ?
ରାଜାରାଣୀ ଗପ କେତେ ମୁଁ କହିଛି
ଏ ରାତି ସବୁ ତ ଜାଣେ,
ପ୍ରେମର ଜୁଆରେ ଭଟ୍ଟା ପଡ଼ିଲାଣି
କହ ହେଁ ଜହ୍ନ ଅଧରେ ।

କେଉଁ ସପନର ଅଭାବ ରଖିଲି
ତୁ ତ ମୂକ ସାକ୍ଷୀରେ,
ପ୍ରିୟା ମୋ କରିଲା ସାତପର ମୋତେ
ରହିବି କେମିତି ଶାନ୍ତିରେ ।
ନିଶବ୍ଦ ଏ ରାତି ଆଖି ଖୋଲିଦିଏ
ପ୍ରିୟାର ସେ ରୂପ ମୋଚନରେ,
ଜହ୍ନ ସାଥେ କୁଆଁ ତାରାକୁ ଦେଖିଲେ
ସବୁ ଭୁଲିଯାଏ ନିର୍ଜନରେ ।
ଜହ୍ନ ହସୁଥାଏ ତାରା ଦେଖୁଥାଏ
ଏ ରାତି ରହିଛି ଏକା
ସଭିଏଁ କହନ୍ତି ମିଳିମିଶି ହୋଇ
ପ୍ରେମ ତୋ ହୋଇଛି ଫିକା ।

ଭ୍ରାମ୍ୟଭାଷ : ୭୦୬୪୮୦୦୧୪୪

Download Magazine from www.aahwaan.com

# ନଷ୍ଟସ୍ୟ କାନ୍ୟା ଗତିଃ



କାର୍ତ୍ତିକ ପାଣିଗ୍ରାହୀ

କଲମ ଧରିଛି ଯେବେ ଲେଖିବାକୁ ତ ହେବ
ସମୟର ଆହ୍ୱାନ ଲେଖିବାକୁ ତ ହେବ
ଯେବେ ଯେବେ କଲମ ଧରିଛି
ମନେ ପଡ଼ିଯାଏ ଗୀତାର ନିର୍ଦ୍ଦେଶ
ହେ ଅର୍ଜୁନ, ଯୁଦ୍ଧାୟ କୃତ ନିଶ୍ଚୟ...
ହେ କୃଷ୍ଣ...
ସେତେବେଳେ ମାର୍ଗ ହିଁ ତମେ ଥିଲ
ମାର୍ଗଦର୍ଶକ ବି ତମେ ହିଁ ଥିଲ
ରଥୀ ବି ତମେ ହିଁ ଥିଲ
ସାରଥୀ ବି ତମେ ହିଁ ଥିଲ
କିନ୍ତୁ ଆଜି ! ! !
ସୃଷ୍ଟି ତମର... ବିନାଶ ଆମେ କରୁଛୁ
କଳା ତୁମର... କଳଙ୍କିତ ଆମେ କରୁଛୁ
ଏଠି ରାମ ଆମେ... ରାବଣ ବି ଆମେ
ଏଥି ନରସିଂହ ବି ଆମେ
ନାରୀଭକ୍ଷୀ ସିଂହ ବି ଆମେ
ଏଠି ଶାସକ ବି ଆମେ

Download Magazine from www.aahwaan.com

ଶୋଷିତ ବି ଆମେ

ପଥ ବି ଆମେ... ପଥଭ୍ରଷ୍ଟ ବି ଆମେ

ହେ କେଶବ ଥରେ ତ କହିଯାଅ

ଆଧୁନିକତାର ଦ୍ୱାହି ଦେଇ ଆଖିରେ

ଅନ୍ଧପୁଟୁଳି ବାନ୍ଧି ଗାନ୍ଧାରୀ ସାଜିବୁ

ନା ନିଜ କୁତ୍ସିତ ଚିନ୍ତାଧାରାକୁ

ଲୁଚାଇବାର ପ୍ରୟାସରେ ଧୃତରାଷ୍ଟ୍ର... ?

ଲେଖିବାକୁ ବସିଛି ଯେତେବେଳେ

ଲେଖିବି ତ ନିଶ୍ଚୟ...

ସେ ସୁଖର ହେଉ ଅବା ଦୁଃଖର

ହସର ହେଉ ଅବା ଲୁହର

ମଣିଷପଣିଆର ହେଉ

ଅବା ଅମାନବୀକତାର

ସବୁଠି ତ ଅନ୍ଧକାରର କଳାବାଦଲ

ସେ ଆଇନ ଆଖିର ଅନ୍ଧପୁଟୁଳି ହେଉ

ଅବା ଅସହାୟତା 'ଦେଖ ଏବଂ ଲେଖର'


ହେ ଗୀତର ରଚୟିତା

ଏବେ ତ କହିଯାଅ...

'ନଷ୍ଟସ୍ୟ କାନ୍ୟା ଗତିଃ'

Download Magazine from www.aahwaan.com

# ନାରୀ



ଗୌରାଂଗ ଚରଣ ବେଉରା

ସୃଷ୍ଟି ରଚେ ନାରୀ ସୃଷ୍ଟି ନାଶେ ନାରୀ
ନାରୀ ହିଁ ପାଳନକର୍ତ୍ତ୍ରୀ,
ନାରୀ ବିନା ସୃଷ୍ଟି ଯେହ୍ନେ ଅନାବୃଷ୍ଟି
ନାରୀ ହିଁ ସକଳ ଧାତ୍ରୀ ॥
ଇତିହାସ ଗାଏ ନାରୀର ରାଗିଣୀ
ବେଦ ଗାଏ ବେଦନ୍ବିତା,
ମହାଭାରତ ଠୁଁ ରାମାୟଣ ଯାଏ
ସେଇ ତ ଜଗତଜିତା ॥
ସତୀତ୍ୱ ତାହାର ସ୍ୱଭାବ ଅଟଇ
ସଦା ଚର୍ଯ୍ୟାପଟୁ ମନ,
ଜଗତର ଧାତ୍ରୀ ଧରା ସେ ଧରିତ୍ରୀ
ସଂସାରେ ବନ୍ଧା ଜୀବନ ॥
ସଦା ବ୍ୟସ୍ତ ରହି ଘରର ଜଂଜାଳେ
ପ୍ରତି ହୃଦେ ତୃପ୍ତି ଆଣେ,
ବାପ ଘର ଟେକ ରଖିଣ ଗୌରବେ
ସ୍ୱାମୀଙ୍କୁ ଦେବତା ମଣେ ॥

ଶ୍ୱଶୁର ଘରେ ସେ ଶାଶୁ ଶ୍ୱଶୁରଙ୍କୁ
ପିତାମାତା ଭକ୍ତି ଦେଇ,
ସ୍ନେହ ପାରାବାରେ ଭସାଏ ସଭିଙ୍କୁ
କନିଷ୍ଠ ଜ୍ୟେଷ୍ଠଙ୍କୁ ନେଇ ॥
ନାରୀ ନୁହେଁ ସେତ ସଦା ନାରାୟଣୀ
ଆଶୀର୍ବାଦ ମନ୍ଦାକିନୀ,
ଢାଳୁଥାଏ ସଦା ସ୍ନେହ ବାରିଧାରା
ପୂଣ୍ୟତୀର୍ଥ ବୈତରଣୀ ॥
ଦାୟାଦ ପ୍ରଦାନେ ସେହି ତ ନମସ୍ୟା
ଯୁଗ ଗାଏ ତାର ଗାଥା,
ବୀର ବୀରାଂଗନା ଜନମ ଦାତ୍ରୀ ସେ
ନୁହଁଇ ଏହା ଅନ୍ୟଥା ॥
କଳଙ୍କ ବେଦୀରେ ଆଜି ସେ ଧର୍ଷିତା
ସମାଜ ଅର୍ଥ ବେଢୀରେ,
ନ ପାଏ ସେ ରାହା କିଏ ହେବ ସାହା
ଆଜି ଏ ମିଥ୍ୟା ସଂସାରେ ॥

ଶିକ୍ଷକ, କୁଲିଆମାଲ ଉଚ୍ଚ ବିଦ୍ୟାଳୟ

Download Magazine from www.aahwaan.com

# ଓଡ଼ିଆଣୀ



ସନ୍ତୋଷ ପଟ୍ଟନାୟକ

ହାତରେ ନାଇଚି' ଶଙ୍ଖା, ଚୁଡ଼ି ଆଉ
ସିନ୍ଥିରେ ନାଲି ସିନ୍ଦୂର
ମଥାରେ ଟାଣିଛି ଓଢ଼ଣାକୁ ସିଏ
ପ୍ରତୀକ ସେ ସମ୍ମାନର....

ସଞ୍ଜରେ ସକାଳେ ଶୁଭ ମନାସୁଛି
ସଭ୍ୟତା ସଂସ୍କୃତି ଗୁଣୀ
ଉତ୍କଳ ମନ୍ଦିରେ ଚଳନ୍ତି ପ୍ରତିମା
ଦେବୀଟିଏ ଓଡ଼ିଆଣୀ....

ତ୍ୟାଗର ମହିମା ବଖାଣୁ ଥାଏ ସେ
ମଥାରେ ଥାଏ ଓଢ଼ଣୀ
ସ୍ନେହ ମମତାର ଅପୂର୍ବ ଭଣ୍ଡାର
ଉତ୍କଳ ଶ୍ରୀ ଓଡ଼ିଆଣୀ.....

ଓଡ଼ିଆଣୀ ହସ୍ତେ ଆଜି ବି ରାଇଜେ
ସଭ୍ୟତା ସଂସ୍କୃତି ଶକ୍ତ
ତା'ଲାଗି ଉତ୍କଳ ଧନ୍ୟ ସାରା ବିଶ୍ୱେ
କର ତା'କୁ ପ୍ରଣିପାତ.....

ଗଞ୍ଜାମ, ଓଡ଼ିଶା

Download Magazine from www.aahwaan.com

# ଲୁହ



ଶ୍ରଦ୍ଧାଞ୍ଜଳୀ ମିଶ୍ର

ଲୁହ ସେ ତ ଅମାନିଆ ଲୁହ

ଝରିଯାଏ ହୃଦୟର ନିବୁଜ କୋଠରୀରୁ

ସେ କବିର ମାନସୀ ସକାଳର ସୂର୍ଯ୍ୟ

ଗୋଟିଏ ପ୍ରେମିକର ଦୁର୍ବଳତା ।

ସଂଜ୍ଞା ଅନେକ ମାତ୍ର ଲକ୍ଷ୍ୟ ଏକ

କେତେବେଳେ ଜୀବନର ବିଫଳତାରେ ତ

କେତେବେଳେ ସଫଳତାରେ

ଝରି ଆସେ ଦୁଃଖ ରେ ଅବା ସୁଖରେ

ସେ ତ ଲୁହ ଅମାନିଆ ଲୁହ

ଝରିଆସେ ହୃଦୟ ର ନିବୁଜ କୋଠରୀରୁ

Download Magazine from www.aahwaan.com

# ଭିନ୍ନତା



ରୋଜା ପଣ୍ଡା

ପୁରୁଷ କାନ୍ଦିଲେ ଦୁନିଆଁ ଚହଲି ଯାଏ
କିନ୍ତୁ ସ୍ତ୍ରୀ କାନ୍ଦିଲେ କେବଳ କଜ୍ୱଳ ବହିଯାଏ
ଅଶ୍ରୁ ସେହି ଗୋଟିଏ, ମୂଲ୍ୟ କିନ୍ତୁ ଏକ ନୁହେଁ
ପାଣିର ଦୁଇ ଟୋପାରେ ସତରେ କେତେ ଭିନ୍ନତା ଥାଏ ।୧
ପୁରୁଷ କିଛି କହିଲେ ଖୋଲା ମନର ଭାରି
ସ୍ତ୍ରୀ କିଛି କହିଲେ ଭାରି କଥା କୁହାଳୀ
ସଂଭାଷଣ ସେହି ଗୋଟିଏ, କଳା କିନ୍ତୁ ଏକ ନୁହେଁ
ଶବ୍ଦ ମଧ୍ୟ ଜାତିଭେଦକୁ ଆଡେଇ ନାହିଁ ପାରି ।୨
ପୁରୁଷ ଭୁଲଟିଏ କଲେ, କୁହାଯାଏ ହଁ ଏମିତି ଛୋଟମୋଟ ଭୁଲ ହେଇଯାଏ
ହେଲେ ସ୍ତ୍ରୀ ଭୁଲଟିଏ କଲେ ସତେ ଯେମିତି ଦୁନିଆଁ ଓଲଟିଯାଏ
ତ୍ରୁଟି ସେହି ଗୋଟିଏ, ଶାସ୍ତି କିନ୍ତୁ ଏକ ନୁହେଁ
କ୍ଷମାର ଉଦାରଭାବନାରେ ବି  ସତରେ ଅନେକ ଭିନ୍ନତା ଥାଏ ।୩
ପୁରୁଷଟିଏ ମରିଗଲେ ପୁରା ଘରଟି ଉଜୁଡି ଯାଏ
ହେଲେ ସ୍ତ୍ରୀଟିଏ ମରିଗଲେ ତା ଜାଗା ନେଇ, ଆଉଜଣେ ଆସି ଘର ସଜାଏ
ମୃତ୍ୟୁ ତ ସେହି  ଗୋଟିଏ, ହେଲେ ଶୋକ କାହିଁକି ଏକ ନୁହେଁ
ଜୀବନାବସ୍ଥାର ବିଷମତା ସତରେ ମୃତ୍ୟୁ ପରେ ମଧ୍ୟ ରହେ ।୪

ପୁର୍ଣ୍ଣାନନ୍ଦ ଭବନ,
ନେତାଜୀ ନଗର, ମଧୁପାଟଣା, କଟକ-୭୫୩୦୧୦,
ଦୂରଭାଷ-୯୪୩୮୧୭୫୯୩୦

Download Magazine from www.aahwaan.com

# ଭକତର ଡାକ



ଜଗଦୀଶ ମିଶ୍ର

ଭାବରେ ଭକ୍ତିରେ ଜଗନ୍ନାଥ ତୁମେ
ବନ୍ଧା ଭକତର ଡୋରେ
ଜାଣେନା ମୁଁ ପ୍ରଭୁ ତୁମବିନା କିଛି
ଶରଣ ତୁମ ପୟରେ ।
ସଖା ବନ୍ଧୁ ମୋର କାଳିଆ ସାଆନ୍ତ
ତୁମ ବିନା ଗତି ନାହିଁ
ମୋ ପ୍ରାଣରଥର ସାରଥୀଟେ ହୋଇ
ପାଖକୁ ନିଅ ଗଡ଼େଇ ।
ମହାପ୍ରଭୁ ମୋର ବଳିଆର ଭୁଜ
ଏତିକି କରୁଣା କର
ଜୀବ ଗଲାବେଳେ କରିବି ଦର୍ଶନ
ତୁମ ସେ ଚକାଡୋଳାର ।
ମାଗୁନାହିଁ ପ୍ରଭୁ ତୁମକୁ ମୁଁ କିଛି
ଜୀବନ ଅପରାହ୍ନରେ
ଏତିକି ଆଶିଷ ରଖିଥାଅ ପ୍ରଭୁ
ତୁମ ଏ ଭକ୍ତ ଉପରେ ।

Download Magazine from www.aahwaan.com

# ରଙ୍ଗ ଜୀବ



✍ ସିପ୍ରା ନାମତା ( ନମ୍ରତା )

ଆଙ୍କିବସେ ମୁଁ କ୍ୟାନଭାସ ପରେ
କେତେ ରଙ୍ଗ କେତେ ତୂଳୀରେ ,
ଜୀବନ ତ ଖାଲି ରଙ୍ଗ ଛିଟା ମାତ୍ର
ଜାଣେନା ତା' ଗତି ପଥରେ ।।

କଣ୍ଟକ ବନେ କଣ୍ଟକ ଫୁଟେ
ଅବ୍ୟକ୍ତ ଅବାରିତ ,
ସେଇ ଛବି ତଳେ ଖେଳିବୁଲେ କେତେ
କାହାଣୀ କେତେ ମିଛ, ସତ ।।
ଏଇ ତ ଜୀବନ ଦୁଃଖର ଜୁଇରେ
ରଙ୍ଗ ଜୀବର ଜୀବନ ।।।

ଆଙ୍କିବାକୁ ତୁମ ଜୋଛନା କିରଣ
ହସର ମଧୁର ଝର ,
ଲୁଚାଇବି ମୋର ସତୃଷ୍ଣ ଆଖିର
ସିକ୍ତ ଅଶ୍ରୁର ଝର ।।

ପ୍ରେମର ଚିତ୍ର ଆଙ୍କି ମୁଁ ବସିଛି
ଲୁଚାଇ ଅଦିନ ଝଡ,
ପେଟ ପାଇଁ ଯେବେ ଓପାସ ଭୋକରେ
ପଡ଼ଇ ମରୁଡି ଚଡ ।।
ସେଇ ତ ଜୀବନ ଜୁଆରେ ଭାସୁଛି
ରଙ୍ଗ ଜୀବର ଜୀବନ ।।।

ଶିକ୍ଷୟିତ୍ରୀ, ବାରିପଦା, ମୟୁରଭଞ୍ଜ, ଓଡ଼ିଶା

Download Magazine from www.aahwaan.com

# ଅନୁଚିନ୍ତା



ସସ୍ମିତା ମହାନ୍ତି

ପ୍ରକୃତିର ଅଗଣାରେ
ଫୁଲଙ୍କ ରଙ୍ଗୋଲି
ପ୍ରସ୍ଫୁଟିତ ରଙ୍ଗ ରୂପ
ଅନନ୍ୟ ସିମ୍ଫୋନି ।।

ମଧୁର ବିବିଧ ବାସ୍ନା
ସମୀକରଣ ଅପୂର୍ବ
ମହ ମହ ଚଉଦିଗ
ପୁଲକିତ ବିଶ୍ୱ ।।

ଅନେକର ମଧ୍ୟେ ଥାଏ
ଏକତାର ଗଳ୍ପ
ସାତ ରଙ୍ଗ ସମାବେଶ
ଇନ୍ଦ୍ରଧନୁ ଦୃଶ୍ୟ ।।

ଭିନ୍ନତାର ସମାହାର
ଅଟେ ଏ ଜୀବନ
ସୁଖମାନେ ଏକାପରି
ଦୁଃଖ ହିଁ ବିଚିତ୍ର ।।

ଅନ୍ଧାରର ସାନିଧ୍ୟରେ
ଆଲୋକ ସୁନ୍ଦର
ସବୁହେଲେ ଏକାପରି
ସଂସାର ଅସାର ।।

ମହାନଦୀ ବିହାର, କଟକ, ଓଡ଼ିଶା

Download Magazine from www.aahwaan.com

# ଗୁରୁ ବନ୍ଦନା



ଦୁର୍ଗାଚରଣ ପଧାନ

ଆହେ ଗୁରୁ ତବ ଶୁଭାଶିଷେ ଜୀବ
ଲଭଇ ଗତି ମୁକତି ।
ଅତଳ ଜଳଧି ସଂସାରକୁ ଭେଦି
ବଇକୁଣ୍ଠ ସୁଖ ପ୍ରାପ୍ତି ।
ନିର୍ବୋଧକୁ ବୋଧ ଦାନ ତବ ସିଦ୍ଧ
ଅନ୍ତରେ ପ୍ରଜ୍ଞା-ଶକତି
ଚିର ଦୀପ୍ତିମନ୍ତ ତୁମେ ହେ ଅନନ୍ତ
ହୃଦେ ବିରାଜିତ ଶାନ୍ତି ।
ପ୍ରତିକ୍ଷଣେ ଆନ ମାନବ ଜୀବନ
ତୁମେ ଏକା ଚିରନ୍ତନ
ଦୀପଶିଖା ଶତ ଜ୍ୟୋତି ପ୍ରକାଶିତ
ଲଭି ତବ ଦରଶନ ।

ତୁମେ ହିଁ ନିର୍ମାତା ଜୀବନେ ଚାରୁତା
ଅକ୍ଷୟ ଯାହାର କୀର୍ତ୍ତି
ଯେଉଁନାମ ତୁଣ୍ଡେ ଏ ବିଶ୍ୱ ବ୍ରହ୍ମାଣ୍ଡେ
କୋଟି ଜନମୁଖେ ନିତି ।
ତବ କରୁଣାରେ ନିର୍ଝରେ ଧରାରେ
ସଦା ଶାନ୍ତି-ମୈତ୍ରୀ-ପ୍ରୀତି
ଗୁରୁହେ ତୁମର ଚରଣ କିଙ୍କର
ପୟରେ ଢାଳେ ପ୍ରଣତି ।

ଜାମପାଲି, ସାଲେପାଲି, ମେଲଛାମୁଣ୍ଡା, ବରଗଡ଼
ସମ୍ବଲପୁର ଜିଲ୍ଲା, ଓଡ଼ିଶା

Download Magazine from www.aahwaan.com

# କାଳିଆ କରୁଣା କନ୍ୟାଙ୍କୁ ଊଣା



ତୁଷାରକାନ୍ତ ପ୍ରସାଦ

ସ୍ଥାବର ଜଙ୍ଗମ କୀଟ ଆଦି ପାଳୁ ନିତି,
କନ୍ୟା ଭୃଣହତ୍ୟା ଏଠି ଦେଖୁତୁ କେମିତି ।
ଏ ସଂସାର ଅଟେ ପରା ତୋର ପରିବାର,
ଆଉ କେତେ ଦେଖିବୁ ତୁ କହ ବଳାତ୍କାର ।
ମିଛେ କିବା ବୋଲାଉ ତୁ ଜଗତର ନାଥ,
ପ୍ରତିବାଦ କରିବାକୁ ନାହିଁ ତୋର ହାତ ।
ଦ୍ରୌପଦୀ ବିବସ୍ତ୍ର ବେଳେ କୁରୁସଭା ସ୍ଥଳେ,
ରକ୍ଷା କରି ଯଶ ରଖିଥିଲ ମହୀ ତଳେ ।
ଆଜିର ନାରୀର ତୋତେ ଶୁଭୁନି ଚିତ୍କାର,
ଅବା ସବୁ ଶୁଣି କଲୁ ଛାତିକୁ ପଥର ।
କନ୍ୟାଦାନ କରି ଯିଏ ପୂଣ୍ୟ କରିଥିଲା,
ଯୌତୁକ ଜୁଇରେ କିମ୍ବା ତା ଝିଅ ଶୋଇଲା ।
ଭୃଣଟିଏ ବଢିବାକୁ ଲୋଡେ ମାତୃଗର୍ଭ,
ଏ କଥାକି ଭୁଲିଗଲେ କହ ସର୍ବେ ସର୍ବ ।
ବିଜ୍ଞାନ ବଳରେ ଶିଶୁ ଜନମ ନେଉଛି,
ସଂସାରେ ମାଆର ସେ, କି ମମତା ପାଉଛି ।

Download Magazine from www.aahwaan.com

ତୁ ଜଗି ବସିଥା ତୋର ରତ୍ନସିଂହାସନ,
ଆଖି ବୁଜି ଦେଖୁଥା ତୁ ପାପ ଦିନୁଦିନ ।
ସୁଭଦ୍ରାକୁ ଜଗିଥାଅ ତା ଜଗା ବଳିଆ,
ବଳି ତ ପଡନ୍ତି ଏଠି କେବଳ ନିରୀହା ।
ଯୁଗ ଯୁଗ ବଦଳିଲା, ବଦଳିନି ରିତି
ନାରୀ କାଲି ଯାହାଥିଲା ଆଜିବି ସେମିତି ।
କେତେ ରୂପନେଇ କେତେ ବାଣ୍ଟିଲୁ ତୁ ଜ୍ଞାନ,
କହ ଏ ମଣିଷ ଜାତି ରଖିଲା କି ମାନ ।
ସୃଷ୍ଟି ପାଇଁ ଗଢା ନାରୀ ପୁରୁଷ ଯୁଗଳ,
ଉଭୟ ବଞ୍ଚି ରହିଲେ ସୃଷ୍ଟିର ମଙ୍ଗଳ ।
ତେବେ ଶୋଭା ପାଇବରେ ନୀଳଚକ୍ରେ ବାନା
ପାଶବିକ ଅତ୍ୟାଚାର ନାରୀକୁ ଦେଏନା ।
ନୋହିଲେ ଏପରି ଦିନେ ବାଜିବ ବାଜଣା,
କାଳିଆ କରୁଣା କାହିଁକି କନ୍ୟାଙ୍କୁ ଊଣା ।

ବରୀ, ଯାଜପୁର
ମୋ - 9178500548

Download Magazine from www.aahwaan.com

# ଆପଣା ହସ୍ତେ ଜିହ୍ୱା ଛେଦି



ରାଜେନ୍ଦ୍ର ନାରାୟଣ ସେନାପତି

ଗଛ ଆମେ ସବୁ କାଟୁଚେ ନିତି
ଜଳ ଅପଚୟେ ଯାଇଛେ ମାତି ।
ମାର୍ଚ୍ଚ ରୁ ଏବେ ଏମିତି ତାତି
ଅଂଶୁଘାତ ରେ କେତେ ମରନ୍ତି ।
କଂକ୍ରିଟି ସହରେ ମିଳୁନି ମାଟି
ଜରି ବ୍ୟବହାର ବଢିଛି ଏଠି ।
ଏସବୁ ଥିରେ ପା ଦିଖାଵା ବେଶୀ
ଫଟୋ ଯାହା ଖାଲି ଉଠୁଚି ବେଶୀ ।
ଦେଖଉଛେ ଆମେ ନିଜର ଖାଦି
ଆପଣା ହସ୍ତେ ଜିହ୍ୱାକୁ ଛେଦି ।
ତଥାପି ମୁଣ୍ଡରେ ପଶୁନି ବୁଦ୍ଧି
ବିନାଶ କାଳେ ପା ଓଲଟା ବୁଦ୍ଧି ।
ଏବେବି ସମୟ ବଞ୍ଚିଛି ଭାଇ
ପର ପିଢ଼ି ରକ୍ଷା କରିବା ପାଇଁ ।

ପାଇକତିଗିରିଆ, ଖୋର୍ଦ୍ଧା, ଓଡ଼ିଶା
୯୪୩୮୭୨୧୩୫୦

Download Magazine from www.aahwaan.com

# ତମ ଲୁହ ଯେ ଜଡ଼େଇନିଏ



ଡା ନୀଳମାଧବ କର

କିଏ ଜାଣେ କ'ଣ ପାଇଁ
ଗବ ଗଛଟେ ଗଜୁରେ
ଓ ତା ଦେହରେ
ନାଉଡ଼ଙ୍କ ସାପ ଲୁଚିଥାଏ ।

ବିଛାମନ୍ତ୍ର ଅଜଣା ଲୋକଙ୍କୁ
ସାପକାମୁଡ଼େ
ତାତିଲା କୋହରେ
ଛାତି ଦୁମୁକେ
ତମ ଲୁହରେ
ମୋ ମନ ଅଗଣା ଭିଜେ
ଭିଜି ଭିଜି ଯାଏ ।
ତମ ଲୁହ ପୋଛି ଦେବାର ପ୍ରତିଶୃତି
ଦେବତାଙ୍କ ଅପଲକ, ଜୁଳୁଜୁଳୁ
ଖାଲି ଆଖିରେ ପାଅ କି ପାଅନା ବୋଲି
ତମେ ମୋତେ ଜାବୁଡ଼ିକି ଧର ।

ତା'ପରେ ଭାରି ଭଲ ଲାଗେ
ମରିପାରୁନଥିବା ଅବସ୍ଥା
ଦପ୍ ଦପ୍ ଜଳୁଥାଏ ଆଶା
ବିସ୍ମରଣ ହୋଇଯାଏ ମୃତ୍ୟୁ ।

ସୂର୍ଯ୍ୟ ଯଦି କେବେ ଆସେ
ପାଖୁଡ଼ା ଖୋଲେ -
ମୁକ୍ତିପାଏ ଭ୍ରମର
ମୋର କିନ୍ତୁ ମୁକ୍ତି କାହିଁ
ତମ ଲୁହ ଯେ ଜଡ଼େଇ ନିଏ
ସାତ ଜନମ ଯାଏଁ ।

ମାନସିକ ରୋଗ ବିଶେଷଜ୍ଞ,
ଓଲଭର୍‌ହାମ୍ପଟନ୍, ଇଂଲଣ୍ଡ
ଇମେଲ୍ : nmadhab@yahoo.com

Download Magazine from www.aahwaan.com

# ମୋ ଗାଁ



✍ ଭାରତ ମେହେର

ଗାଁ ମୋହର ଭାରି ସୁନ୍ଦର
ମନେ ପଡ଼େ ଭାରି ସତେ ।
ଆଜି ମୁଁ ଆସି ଏହି ପରଦେଶେ
ରହିଛି କେଜାଣି କେମିତି ।
ଇଚ୍ଛା ହୁଏ ମୋତେ ଗାଁକୁ ଯିବାକୁ
ସହରକୁ ଦେଇ ଛାଡ଼ି
ସେହି ଗାଁର ମମତା ପାଇ
ଜୀବନ ରହିଛି ଧରି ।
ମୋ ଗାଁର ପାଣି ପବନ
ମନେ ପଡ଼େ ଆମ୍ବଗଛ ମୂଳ
ଆହା କେତେ ଆନନ୍ଦମୟ
ଗାଁ ସାହି ବନ୍ଧୁ ମେଳ ।
ଭଲ ଲାଗେନା ସହରକୁ ମୋତେ
ମୋ ଗାଁଠୁ ବେଶୀ ବେଶୀ
ଇଚ୍ଛା ହୁଏ ସତେ ଗାଁ ଯାଇ
ହୋଇଯିବା ପାଇଁ ଚାଷୀ ।
କହିଛି ମୋ ମାଟି ମାଁ
ସହରକୁ ପାଠପଢ଼ି ଯା
ବଡ଼ ମଣିଷ ହୋଇ
ମୋ ନାଁ ରଖିବୁ ଯା ।

Download Magazine from www.aahwaan.com

# ସମ୍ବଲପୁରୀ ବିଭାଗ

Download Magazine from www.aahwaan.com

# ଅସଲ ଧନ



ଶୁଭମ ନାଏକ

ସିଆନ୍ ସୁଜନ ଜ୍ଞାନି ଗୁନି ଜନ୍
ତାକଁର ତୁଣେ କହି ଜାଇଛନ୍
ପାଠ୍ ଆଏ ପୁତା ଅସଲ ଧନ୍
ପଢ଼ିଥିବୁ ଯଦି ଦେଇ ମନ
ସତ୍ ହେବା ତୋର ସବୁ ସପନ ।
ଇହାଦେ ସିନା ତୁଇ ମୋର ଛୁଆ
ଦିନେ କେ ହେବୁ ବୁଆ
ଇହାଦେ ମୋର ବଲେ ତୁଇ ଠିଆ
କାଏଲ ତୁଇ ଖୁଜବୁ ଅଢ଼ିଆ ।
ଅନ୍ଧାର ଦିସିବା ଯେଭେ
ତୋର୍ ଜୀବନର୍ ବାଟ୍
ଆପେ ଉଁକିଆର ରାହା ଦିସିବା
ପଢ଼ିଥିବୁ ବଏଲେ ପାଠ୍ ।
ବସି ଖାଏଲେ ବାଏଲ୍ ସରେ
ମୋର୍ ସମ୍ପତ୍ତି ଭି ହେବା ଖାର୍
ଶେଷେ ବଚଁବା ଯାହା
ହେଟା ହେବା ଭାଇ ଭାଗ୍
ଭରି ନବୁ ଯଦି ତୋର୍
ଜ୍ଞାନର୍ ଭାର୍
ହେଥି ନାଇଁ ନ ଉନଜୀ
କାହାର୍ ଲାଭ୍ ।
ଠୁଲାବୁ ଇବେଲା କେ
ଯଦି ବୁଦ୍ଧିଜ୍ଞାନ୍
ଦୁନିଆଁର ଭିଡ଼ ଭିତରେ
ତୁଇଁ ହେବୁ ସିଆନ୍
ସମକର୍ ଭିତରେ
ବନବା ତୋର୍ ଗୁଟେ
ଅଲଗ୍ ପେହେଚାନ୍ ।
ହଁସି ହଁସି ଗଲା ଉତାରୁ
କିଏ କାଣା ଝୁଲା ପୁରୁତୁନୁ
ନେଇ ପାରିଛେ
ଜାହିଁର୍ ଦରବ୍ ତାହିଁ
ଠାନ୍ କେ ଠାନ୍ ବସି ରହିଛେ
ସୁନା ରୂପା ଟଙ୍କା ପଏସା
ମହଲ କିଛି ସଙ୍ଗେ
ନାଇଁ ନେଇ ପୁତା
ବୁଦ୍ଧି ଆର୍ ଜ୍ଞାନ୍
ସଙ୍ଗେ ବୁହି ଭାଗିଛେ ।

 Download Magazine from www.aahwaan.com

# ଅଫିସର୍ ଯଦି ହେତି !



ବଲବନ୍ତ ସାହୁ

ଧରିଛେ କଲମ୍ ଲେଖ୍‌ମି ବୋଲି
ମାଏଁଟ୍ ମାଆ ଭାଷାଥି ପଦେ
କାଣା ଲେଖ୍‌ମି ? ସୋର୍ ନାଇଁ ମୋର୍
ନାଇଁ ପଡୁଛେ ତୋ ମନେ ।

ହଁ.. ହଁ.. ! ପଡୁଛେ ମନେ
ଲେଖୁଛେ ଗୁଟେ କଥା
ଅଏନ୍ କଥାଟେ ଲେଖୁଛେ ଭାଇ
ବନେ କରି ଶୁନୁ ଥାହା ।

ଅଫିସର୍ ଯଦି ହେତି ?
ସତେ ! ଅଫିସର୍ ଯଦି ହେତି !

କଳା ଝିମ୍ ଝିମ୍ ଦାମକିଆ କୋଟ୍
ହଜାର୍ ଟଙ୍କିଆ ବୋଟ୍ ସୁଟ୍
ନାଇଁ ମୁଇ ପିନ୍ଧିଥିତି ,
ଶହ ଶହ ଟଙ୍କିଆ ଅତର୍ ମାଖି

 Download Magazine from www.aahwaan.com

ନାଇଁ ମୂଇ ବାସୁଥିତି ।

ଲାକ୍ ଲାକ୍ ଟଙ୍ଗାର୍ ଗାଡି ନେ ସତେ
ନାଇଁ ମୁଇ ବସୁଥିତି
ପ୍ଲାଟୁନ୍ ପ୍ଲାଟୁନ୍ ଗାର୍ଡ ଧରି
ନାଇଁ ମୁଇ ବୁଲୁଥିତି ।

ଏ.ସି ଘର୍‌ନେ ବସିକରି
ନାଇଁ ଛିନୁଥିତି ପିସି
ବଡ଼ବଡ଼କିଆ କେ ମୁଡ଼େ ବୁହି
ନାଇଁ ମାର୍‌ତି ଚାଷୀ ।

ଦିନ୍ କେ ଗୁଟେ ଗୁଟେ ଯୋଜ୍‌ନା ମୁଇ
ନାଇଁ ବରଂ କାରୁଥିତି
ଗୁଟେ ଯୋଜ୍‌ନା କର୍‌ତି ଭାଇ
'ମୁନୁଷ ପନ୍' ନାଁ ଦେତି ।

ମୁନୁଷ୍ ଭିତରେ ମୁନୁଷ୍‌ପନ୍
କୁଟ୍ କୁଟ୍ ଦେତି ଭରି
ଅଲ୍‌ଗା ଲୋକର୍ ଦୁଃଖେ ଜେନ୍‌ତା

Download Magazine from www.aahwaan.com

ଆଁଏକ୍ ନୁ ଝର୍‌ତା ପାନି ।

ଦିନ୍‌କେ ଦୁଇଟା ଚାଷୀ ଭାଇ
ନାଇଁ ପିଉଥିତେ ବିଷ୍
ଚାଷୀର ହଁକ୍ ନେ ଲଢ୍‌ତି ମୁଁଇ
ସୁଝେ ଦେତି ସବୁ ରିସ୍ ।

ଗାଁ ଭୂଇଁ ଛାଡି ରାଜ୍‌ଧାନୀ ନେ
ନାଇଁ ରାହୁଥିତି ମୁଇ
ଦୁଃଖୀର ସାଙ୍ଗେ ଦୁଃଖ୍ ଭାଗ ମାଗି
ରହତି ଗାଁ ନେ ମୁଇ ।

ମୁନୁଷ୍ ଭିତରେ 'ମୁନୁଷ୍ ପନ୍'
କୁଟ୍ କୁଟ୍ ଦେତି ଭରି
ଅଲ୍‌ଗା ଲୋକର୍ ଦୁଃଖେ ଯେନ୍‌ତା
ଆଁଏକ୍ ନୁ ଝରତା ପାନି ,
ଆଁଏକ୍ ନୁ ଝରତା ପାନି ।
ଅଫିସର ଯଦି ହେତି...
ଭାଇ...ଅଫିସର ଯଦି ହେତି !

ଭ୍ରାମ୍ୟଭାଷ : ୯୦୭୮୧୦୫୨୩୪

Download Magazine from www.aahwaan.com

# ଦଲାଲ୍



ଏମ୍. ବିଜୟ କୁମାର

ଆମର୍ ଗାଁକେ ଦଲାଲଟୁରା
ଆଏବା ବଏଲେ ଏକଟୁପି
ଦୁଲଦାଲ ବରସୁଥିବା
ସରାବନ ବୁନ୍ଦାଁ ବାଗୁର
ପଥରକଁରା ମେତାନ
ମାଡ଼ ଖାଏବା ମରତୁନ
ଟକର ପକାଇ ଦେବା
ଖାଇ ଥିଲଟା ଉଗ୍ଲାବା
ଇ ଦଲାରି କରବାରଟା
କାନ ଧରିଦେଇ ଛାଡ଼ିଦେବା
ସଉରୁଥିବା ଜୀବନ୍ ସାରା
କମେ ଜେନ ଧୁରକୁଟାତୁନ

ଭୋକ୍ ସୋସଥି ମଲେ ମରବୁ
ଆର ନୈ ଜଉ ଦାଦନଖଟି
କିଏ ହାତକେ କଟେଇ ହେବା
କାଏଜେ ମରବ ଗୋତିଖଟି
ହେବା କିଏ ଇଜତ୍ ଲୁଟେଇ
ହେଇଗଲାନ ମରନଘାଟି

ଆଦଁରାର ଇଟଭାଟିଥି
ନଡ଼ିଆ ଚୁପି ଦେଇଆସିଛୁ
ଡ଼ାକ୍ ଦେଲାନ ଗାଁଆରମାଟି
କାମଧନ୍ଦା ଠିକସେ ଇନେ
ନାଇ ମିଲବାର ବଲିତ
ଜାଉଥିନୁ ପେଟର ଲାଗି
ବାହାରକେ ଦାଦନଖଟି

ଆମର ଭୁକାପେଟକେ
ଦେଖେଇ ନାଇକର ନାଟ
ଆର ଧିକ୍ ତିନି ନାଂଗ୍
କାମ୍ କବାର ଜୁଗେଇଦିଅ
ମାଟିରପୁଓ ମରୁ ଇମାଟି
ଆମରଦାବି ପୁରଣକର
ଫେର୍ ଲୁନ ଇଜନମ୍ ମାଟି

ରେମନ୍ଡ଼ା, ସଇନ୍ତଲା, ବଲଙ୍ଗୀର, ୩୨

Download Magazine from www.aahwaan.com

# ଦୁଇଟି କ୍ଷୁଦ୍ର ସମଲପୁରୀ କବିତା



ଶଙ୍ଖସିନ୍ଧୁ ପୁରୋହିତ

## କାଲିଆରେ

କାଏଁ ମହନି ଲଗାସୁରେ କାଲିଆ,

ଘିଚିନେସୁ ମନ୍ ମୋର ।

ସବୁ କାମ୍‌ବୁଡ଼ା ଛାଡ଼ି

ପଲେଇ ଆଇଛେଁ ।

ଘିଚ୍‌ବାର୍ ଲାଗି ରଥଡୋର ।

ସଂସାର ଭିତରେ ତୁଇ ତ ସାର୍

ମିଛ୍ ଭିତରେ ତୁଇ ସତ୍,

ତୋର୍ ପାଦତଲେ କରୁଛେଁ

କୋଟି ଜୁହାର୍...

ଇ ସଂସାରୁ ଉଦ୍ଧାର୍ କର ।

## ବର୍ଷାରାନୀ

ବର୍ଷାରାନୀ,

ଝାଏଁରେ ଝାଏଁ କରି,

କେତେ ଖେଲ୍‌ସ ଲୁକ୍‌ଲୁକାନୀ ?

ଦହଡ଼ି ଆସ ଗୋ !

ଡେରି ନାଇକର-

ଗେହ୍ଲେଇ ନୁନୀ ।

ସଂସାର ସାରା ସଭେଁ

ତୁମକୁ ହେଲେନ

ହୁର୍‌ଗୁନି ।

ଡ: ପରଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷା ଓ ଗବେଷଣା

ପ୍ରତିଷ୍ଠାନ, ସମ୍ବଲପୁର

ଭ୍ରାମ୍ୟଭାଷ : ୯୯୩୮୭୨୦୧୯୫

Download Magazine from www.aahwaan.com

# ଆଖଡ଼ା



ସନାତନ ମହାକୁଡ଼

ମୂଳ ବଙ୍ଗଳା ରଚନା : କନକ ଠାକୁର

ଓଡ଼ିଆ ଭାଷାନୁବାଦ : ସନାତନ ମହାକୁଡ଼

ଘରଛାଡ଼ି ଯଦି ବାହାରି ପଡ଼େ
ତୁମେ କି ମୋର ସଙ୍ଗେ ଯିବ ଆଲୋକ ?
ଅନ୍ଧାର ଖୁଣ୍ଟି ଖୁଣ୍ଟି ଖାଅ
ଅମାବାସ୍ୟା - ନିଶିଦ୍ଧ ଗଳ୍ପ
ପଥ କି ମୋତେ ଡାକଦେବ ?
ମୁଁ ଯିବାକୁ ଚାହେଁ ବୈରାଗୀ ଆଖଡ଼ାକୁ ।

ନାଭିକୁଣ୍ଡେ ଗଙ୍ଗାଜଳ ସ୍ପର୍ଶକରେ
ସାରାଦିନ ଉଚ୍ଚାରଣ କରି କୃଷ୍ଣନାମ
ଭୁଲରେ ଦେଖେ ନା ଭାବି
ଅଳିନ୍ଦେ ରଖା ହୋଇଛି ପ୍ରଣୟୀର ପ୍ରେମ
ଅବଗାହନ ଘୁରେଇ ଦେଇଛି ସଂସାର
ଲତାପରି ମାଡ଼ିଥିବା ରିପୁ

Download Magazine from www.aahwaan.com

ଆଜି ତୁଳସୀ ଜଳେ ଛିଡ଼ା ହୋଇ
ବୈରାଗୀ ହେବାର ମନ୍ତ୍ରପାଠ କରେ
ଆଉ ଖୋଲି ରଖେ ପ୍ରାକ୍ତନ ଜୀବନ ।

ଗ୍ରାମ/ପୋଷ୍ଟ : ବେରୁଆଁବାରୀ, ୭୫୨୦୮୨
ଜିଲ୍ଲା : ନୟାଗଡ଼, ଓଡ଼ିଶା
ଭ୍ରାମ୍ୟଭାଷ : ୦୯୩୩୯୬୨୦୧୬୮
ଇମେଲ୍ : sanatan8@rediffmail.com
ୱେବ୍‌ସାଇଟ୍ : www.sanatanamahakud.in

Download Magazine from www.aahwaan.com

# ପର୍ଯ୍ୟଟନ ବିଭାଗ

Download Magazine from www.aahwaan.com

# ପର୍ଯ୍ୟଟନ କ୍ଷେତ୍ର ଉଛାରିକା



ଶ୍ରୀ ବୈକୁଣ୍ଠନାଥ ଖଟୁଆ

କୁହାଯାଏ ସାରା ଭାରତ ଆର୍ଯ୍ୟାନାଇଜେସନ୍ ହେଲା ପରେ ଓଡ଼ିଶା ବା ସେତେବେଳର କଳିଙ୍ଗ କୋଶଳ ଉତ୍କଳ ଶେଷରେ ଆର୍ଯ୍ୟମାନଙ୍କ ଦ୍ୱାରା ବସତି ସ୍ଥାପନ କରାଗଲା । ତେଣୁ ଆର୍ଯ୍ୟମାନେ ଉଡ୍ରଦେଶକୁ ମ୍ଲେଚ୍ଛ ଦେଶ ବୋଲି କହୁଥିଲେ । ପରେ ରାଜା ମହାରାଜାମାନେ ମଧ୍ୟଦେଶରୁ ବ୍ରାହ୍ମଣମାନଙ୍କୁ ଅଣାଇ ନିଜ ନିଜ ରାଜ୍ୟରେ ରଖାଇ ସେମାଙ୍କୁ ଆଗ୍ରାହାରା ପ୍ରଦାନକରି ରଖାଇଥିଲେ । ସେମାନେ ରାଜକାର୍ଯ୍ୟ ତଥା ଧର୍ମଧାର ପ୍ରବର୍ତନ କରିବାରେ ସାହାଯ୍ୟ କରିଥିଲେ । ସେମାନଙ୍କୁ ଜମି ପ୍ରଦାନ କରାଯାଉଥିଲା । ସେତେବେଳେ କାଗଜ ନଥିଲା । ତମ୍ବାପଟାରେ ଜମି ଜମା ଦିଆଯାଉଥିଲା । ଏହି ତମ୍ବାପଟା ସବୁ ୫୧୦ ଖ୍ରୀ. ରୁ ପ୍ରଦାନ କରାଯାଇଥିବାର ଜଣାଯାଏ । ବୁଦ୍ଧଦେବଙ୍କ ସମୟରେ ମଧ୍ୟଦେଶ ସହିତ ବେପାର ବଣିଜ ଚାଲୁଥିବାର ଜଣାଯାଏ । ତାପୂର୍ବରୁ ପୂର୍ବବର୍ତ୍ତୀ-ଆର୍ଯ୍ୟମାନେ ଏଠାକୁ ଆସିଥିଲେ ପରେ ପର୍ଯ୍ୟାୟକ୍ରମେ ଆର୍ଯ୍ୟମାନେ ଆସିଲେ । ସେମାନଙ୍କୁ ଆର୍ଯ୍ୟୋତର ବୋଲି କୁହାଯାଉଥିଲା ।

ମୋର ଏଠାରେ ଗୋଟେ କଥା ମନେ ପଡ଼େ -ପ୍ରତ୍ୟେକ ମନ୍ଦିରରେ ପୂଜକ ମାଳିମାନେ ଥିଲେ । ବର୍ତ୍ତମାନ ବି ମଧ୍ୟ ମାଳିମାନେ ସେହି ପୂଜାକାମ କରି ଆସୁଛନ୍ତି । କି ଜଗନ୍ନାଥ ମନ୍ଦିର କି ଶିବ ମନ୍ଦିର କି ଠାକୁରାଣୀ ମନ୍ଦିର ସବୁଠାରେ ମାଳି / ମଳିଆମାନେ ପୂଜକ । ଆର୍ଯ୍ୟମାନେ ଆସିଲାପରେ ମନ୍ଦିରମାନଙ୍କରେ ପୂଜାରିମାନେ ନିଯୁକ୍ତ ହେଲେ ବା ରାଜକାର୍ଯ୍ୟରେ କ୍ଷତ୍ରିୟମାନେ ନିୟୋଜିତ ହେଲେ । ତେଣୁ ଏହା ସତ ଯେ ଧିରେ ଧିରେ ଆର୍ଯ୍ୟାନାଇଜେସନ ହୋଇଛି । ଏହା ଏକା ଦିନକରେ ଆର୍ଯ୍ୟାନାଇଜେସନ ହୋଇନାହିଁ ।

Download Magazine from www.aahwaan.com

ଗ୍ରୀକ୍ ମାନେ ଆସିବାଦ୍ୱାରା ଭାରତରେ ନିର୍ମାଣ କଳା ଆସ୍ତେ ଆସ୍ତେ ବିକାଶ ଲାଭ କଲା । ଏହାର ପୂର୍ଣ୍ଣ ବିକାଶ ଗୁପ୍ତମାନଙ୍କ ସମୟରେ ଘଟିଲା । ଏହିଠାରୁ ମନ୍ଦିର ନିର୍ମାଣ କୌଶଳ ବିକାଶଲାଭ କଲା । ବୁଦ୍ଧଦେବଙ୍କ ସମୟରେ ବୁଦ୍ଧଙ୍କ ମୂର୍ତ୍ତି ନିର୍ମାଣ କରାଯାଇ ନଥିଲା । ଏହା ଅଶୋକଙ୍କ ସମୟରେ ନିର୍ମାଣ କରାଗଲା । ଏହି ଅଶୋକଙ୍କ ସମୟରୁ ବୁଦ୍ଧଙ୍କ ମୂର୍ତ୍ତି ବହୁମାତ୍ରାରେ ନିର୍ମାଣ କରାଗଲା । କିନ୍ତୁ ଗୁପ୍ତମାନଙ୍କ ସମୟରୁ ମନ୍ଦିର ନିର୍ମାଣ କୌଶଳ ଆରମ୍ଭ ହେଲା ।

ପୂର୍ବରୁ ଗଛମୂଳରେ ପୂଜା ପାଉଥିବା ଠାକୁର ଠାକୁରାଣୀମାନେ ଚାଳଘରେ ପୂଜା ପାଉଥିଲେ । ପରେ ଠାକୁରଙ୍କ ପାଇଁ ମନ୍ଦିର ତିଆରି କରାଗଲା ମନ୍ଦିରରେ ପୂଜା ପାଇଲେ । ପଥରରେ ମନ୍ଦିର ନିର୍ମାଣ ପରେ ଏବେ ସିମେଣ୍ଟରେ ମନ୍ଦିର ତିଆରି ହେଉଛି ।

ଭଟ୍ଟାରିକାର ପଥର ଦେଉଳର ନିର୍ମାଣ କାଳ ୮/୯ ଶତାବ୍ଦୀ । ଏହା ଭୌମକର ରାଣୀ ନିର୍ମାଣ କରିଥିଲେ ବୋଲି କୁହାଯାଉଛି । କିନ୍ତୁ ଏହି ଅଂଚଳରେ ଭଞ୍ଜମାନେ ଶାସନ କରୁଥିଲେ । ସେ ଯାହାହେଉ ଭୌମକରମାନଙ୍କ ଅଧୀନରେ ଭଞ୍ଜମାନେ ଶାସନ କରୁଥିଲେ । ତେଣୁ ଭୌମକରମାନଙ୍କ ସହାୟତାରେ ଭଞ୍ଜମାନେ ଏହି ମନ୍ଦିର ନିର୍ମାଣ କରିଥିଲେ ।

ଲୋକକଥା ଓ ଉକ୍ତି ଅନୁସାରେ ଏହି ଠାକୁରାଣୀ ପର୍ଶୁରାମ ସ୍ଥାପନ କରିଥିଲେ । ପର୍ଶୁରାମ କେତେବେଳେ ସ୍ଥାପନା କରିଥିଲେ ଜଣାନାହିଁ ବା ତା'ର ଇତିହାସ ନାହିଁ । ସମ୍ଭବତଃ ଗୁପ୍ତମାନଙ୍କ ସମୟରେ ପର୍ଶୁରାମ ସ୍ଥାପନା କରିଥାଇ ପାରନ୍ତି । ଏହା ହେଇଛି ୪/୫ମ ଶତାବ୍ଦୀର କଥା । ୪/୫ଶତାବ୍ଦୀରେ ଗୁପ୍ତମାନଙ୍କ ଅଧୀନରେ ଓଡ଼ିଶାର କିଛି ଅଂଚଳ ଥିଲା । ଗୁପ୍ତମାନେ ସେମାନଙ୍କର ମହାସାମନ୍ତଙ୍କ ଦ୍ୱାରା ଏହି ଅଂଚଳକୁ ଶାସନ କରୁଥିଲେ ।

ପୂର୍ବର କଥା କହିବାକୁ ଗଲେ ଓଡ଼ିଶାରେ ବୌଦ୍ଧଧର୍ମର ପ୍ରାବଲ୍ୟ ରହିଥିଲା । ଏହା

 Download Magazine from www.aahwaan.com

ଥିଲା ଖ୍ରୀ.ପୂ. ୬ଷ୍ଠ ଶତାବ୍ଦୀରୁ ଖ୍ରୀ. ୪/୫ ଶତାବ୍ଦୀ । ଏହି ସମୟରେ ବୌଦ୍ଧ ଦେବୀ ତାରା ମହାନଦୀ କୂଳରେ ଗ୍ରାମ ଦେବତୀ ରୂପରେ ପୂଜା ପାଉଥିଲେ । ଗୁପ୍ତମାନଙ୍କ ସମୟରେ ବୌଦ୍ଧଦେବୀ ତାରା ଭଟ୍ଟାରିକା ନାମରେ ପରିବର୍ତ୍ତନ ହେଲେ । ବର୍ତ୍ତମାନ ମନ୍ଦିର ଚାରିପାଖରେ ବୌଦ୍ଧମୂର୍ତ୍ତି ଗୁଡ଼ିକ ସେମିତି ପଡ଼ିରହିଛି । ଏଥିରୁ ଜଣାଯାଉଛି ଏହା ବୌଦ୍ଧ ଦେବୀ ତାରା ମହାମାୟା ତ୍ରିପୁରା ସୁନ୍ଦରୀ ଭଟ୍ଟାରିକା ରୂପରେ ପରିବର୍ତ୍ତିତ ହେଲେ । ଏହା ଥିଲା ସମୟର ଆହ୍ୱାନ ବା ପରିବର୍ତ୍ତନ । ଏହା ଥିଲା ଧର୍ମଧାରାର ପରିବର୍ତ୍ତନ ।

ପର୍ଯ୍ୟଟନ କ୍ଷେତ୍ର ଭଟ୍ଟାରିକା କଟକ ଜିଲ୍ଲା ବଡ଼ାମ୍ବା ବ୍ଲକ ମହାନଦୀ କୂଳରେ ଅବସ୍ଥିତ । ଏହା କଟକଠାରୁ ୧୦୦ କି.ମି. ଦୂରରେ ଅବସ୍ଥିତ । ଏଠାକୁ ଯିବାକୁ ହେଲେ କଟକ-ମଙ୍ଗୁଳି-ଚଉଦ୍ୱାର-ଖୁଂଟୁଣୀ- ଆଠଗଡ଼-ତିଗିରିଆ-ବଡ଼ାମ୍ବା-ଗୋପପୁର ଛକ । ଏହି ଛକ ଠାରୁ ମାତ୍ର ବାମ ପାର୍ଶ୍ୱର୍ରେ ୫ କି.ମି. ଗଲେ ପଡ଼େ ଭଟ୍ଟାରିକା ପୀଠ । ଏହା ଶଶାଙ୍ଗ ଗ୍ରାମରେ ଅବସ୍ଥିତ । ମହାନଦୀର ଦୁଇପାର୍ଶ୍ୱର୍ରେ ପାହାଡ଼ । ମଝିରେ ବହିଯାଇଛି ମହାନଦୀ । ଉତ୍ତର ପାର୍ଶ୍ୱର୍ରେ ରତ୍ନଗିରି ପାହାଡ଼ ଓ ଦକ୍ଷିଣ ଦିଗରେ ହନୁମନ୍ତିଆ ପାହାଡ଼ । ମହାନଦୀର ବିଭସ୍ୱରୂପ ଏହିଠାରେ ଦେଖିବାକୁ ମିଳେ । ମହାନଦୀରୁ ଅନେକ ଧାର ବାହାରି ପୁଣି ମହାନଦୀରେ ମିଶିଛନ୍ତି । ସେଥିରୁ ପୋଡ଼ାନାଳ ହେଇଛି ମହାନଦୀର ଏକ ଗୋଡ଼ । ଏହା ମହାନଦୀରୁ ବାହାରି ପୁଣି ମହାନଦୀରେ ମିଶିଛି । ଏହି ଗୋଡ଼ ସହିତ ଅନେକ ଝରଣା ଉତ୍ତର ଦିଗ ପାହାଡ଼ରୁ ବାହାରି ପୁଣି ଏହି ନାଳରେ ମିଶିଛନ୍ତି । ପାଖରେ ବାଘ ମୁଣ୍ଡିଆ ମୁଣ୍ଡଟେକି ଛିଡ଼ା ହୋଇଛି । କୁହାଯାଏ ବର୍ତ୍ତମାନ ମହାନଦୀର ଓସାର ଯେତିକି ପୂର୍ବେ ସେତିକି ନଥିଲା । ଓସାର ବହୁତ କମ୍ ଥିଲା ମହାନଦୀ ପାଣି ସବୁଆଡ଼େ ଖେଳେଇ ହୋଇ ଯାଉଥିଲା । ପାଖରେ ନଦୀ ନାଳ ହ୍ରଦ ଘେରି ରହିଥିଲା । ଏହି ଶୋଭାରେ ବିମୋହିତ ହୋଇ ପର୍ଶୁରାମ

Download Magazine from www.aahwaan.com

ମା'ଙ୍କୁ ସ୍ଥାପନା କରିଥିଲେ । ଏଥିରୁ ଜଣାଯାଏ ବୌଦ୍ଧଦେବୀ ତାରା ପର୍ଶୁରାମଙ୍କ ଦ୍ୱାରା ଭଟ୍ଟାରିକା ଭାବରେ ପରିବର୍ତ୍ତିତ ହେଲେ । ହେଲେ ମନ୍ଦିର ୮/୯ ଶତାବ୍ଦୀରେ ନିର୍ମାଣ କରାଗଲା ।

ମହାମାୟା ତ୍ରିପୁରା ସୁନ୍ଦରୀ ବରଦମ୍ବା (ବୃହଦମ୍ବା) ଭଟ୍ଟାରିକା କେଉଁ ଆବାହମାନ କାଳରୁ ପୂଜା ପାଇ ଆସୁଛନ୍ତି ତାହା ଆଲୋଚନା କରିବା ବଡ଼ କଠିନ ବ୍ୟାପାର । ଏହାର କୌଣସି ଲିଖିତ ଦସ୍ତାବିଜ୍ ନାହିଁ । ଯାହା ଲୋକକଥା ଲୋକଉକ୍ତି ମନ୍ଦିର ପରମ୍ପରା ପୂଜା ପଦ୍ଧତି ଓ କିମ୍ବଦନ୍ତୀକୁ ଆଧାର କରି ଆଲୋଚନା କରାଯାଇପାରେ । ଏହି ପୀଠ ମହାନଦୀ କୂଳରେ ଅବସ୍ଥିତ । ଦକ୍ଷିଣରେ ହନୁମନ୍ତିଆ ପାହାଡ଼ ଶ୍ରେଣୀ ପୂର୍ବ ପଶ୍ଚିମରେ ଦଣ୍ଡାୟମାନ । ଉତ୍ତର କୂଳରେ ରତ୍ନଗିରି ପାହାଡ଼ ହାଇସ୍କୁଲ ପାହାଡ଼ ପରେ ହାଡୁଆ ନଳ ପ୍ରବାହିତ ତା'ପାର୍ଶ୍ୱରେ ବାଘ ମୁଣ୍ଡିଆ । ରତ୍ନଗିରି ପାହାଡ଼ ଓ ହାଇସ୍କୁଲ ପାହାଡ଼ ମଝିରେ ବଢ଼ି ପାଣି ପ୍ରବେଶକରି ସେଠାରେ ନାଳ ସୃଷ୍ଟି କରିଥାନ୍ତା । ରତ୍ନଗିରି ପାହାଡ଼ ସିଂହନାଥ ଓ ବାଣେଶ୍ୱର ପରି ନଦୀ ମଝିରେ ରହିଯାଇଥାନ୍ତା । ଏଠାରେ କଥା ଉଠୁଛି ବର୍ତମାନର ରତ୍ନଗିରି ପାହାଡ଼ ନାଁ ରତ୍ନଗିରି ପାହାଡ଼ ନା ଅନ୍ୟ କଛି ପାହାଡ଼ ରତ୍ନଗିରି ନାମରେ ଥିଲା । ବର୍ତ୍ତମାନର ମନ୍ଦିର ପୁରୁଣା ମନ୍ଦିର ନୁହେଁ । ପୁରୁଣା ମନ୍ଦିର ନଦୀ ଗର୍ଭରେ ରତ୍ନଗିରି ପାହାଡ଼ ଉପରେ ଥିଲା । ସେହି ମନ୍ଦିର ସହିତ ପାହାଡ଼ ନଦୀଗର୍ଭରେ ଲୀନ ହୋଇ ଗଲା ଫଳରେ ରାଜା ଫକୀର ଚନ୍ଦ୍ର (୧୭୧୧ - ୧୭୪୩ ) ମଧ୍ୟରେ ନୂଆ ମନ୍ଦିର ତିଆରି କଲେ । ପୁରୁଣା ମନ୍ଦିର ପଥର ସବୁ ନଦୀକୁ ଯିବାକୁ ପାହାଚରେ ଲାଗଛି । ଶଶାଙ୍ଗ ଓ ଓଗାଳପୁର ମୌଜା ନଦୀ ଭିତରେ ଥିଲା । ବନ୍ୟାଦାଉରୁ ରକ୍ଷାପାଇବା ପାଇଁ ହାଇସ୍କୁଲ ପାହାଡ଼ ପଶ୍ଚିମ ଓ ପୂର୍ବଦିଗରେ ଯଥାକ୍ରମେ ପାହାଡ଼ ଉପରକୁ ଚାଲି ଆସିଛନ୍ତି ।

 Download Magazine from www.aahwaan.com

ଶକ୍ତି ଉପାସନା – ଶକ୍ତି ଉପାସନା କାହିଁ କେଉଁ ଆବାହମାନ କାଳରୁ ଚାଲି ଆସିଛି । ଯେତେବେଳେ ମଣିଷ ଅସହାୟ କିଂକର୍ତ୍ତବ୍ୟବିମୁଢ଼ ସେ ସଙ୍ଗେ ସଙ୍ଗେ "ମା" ବୋଲି ଡାକି ଦିଏ । ମାଆ ହେଉଛି ରାହା, ମାଆ ହେଉଛି ସାହା । ଏ ହେଉଛି ମଣିଷର ସହଜାତ ପ୍ରବୃତ୍ତି । ତାକୁ କିଏ ରକ୍ଷା କରେନି । ରକ୍ଷାକରେ ମାଆ । ଏହିଠାରୁ ଶକ୍ତି ଉପାସନାର ଆରମ୍ଭ ।  ଯିଏ ରକ୍ଷା କରେ ତାକୁ ଉପାସନା କରାଯାଏ । ଏହି ମାତୃ ଉପାସନା ବହୁ ପୁରାତନ । ହରପ୍ପା ଓ ମହେଞ୍ଜୋଦାରୋରେ ଖନନ ଫଳରେ ଅନେକ ମାତୃକା ମୂର୍ତ୍ତି ଦେଖିବାକୁ ମିଳିଛି । ତେଣୁ ଏହି ମାତୃ ଉପାସନା ବହୁ ପୁରାତନ; କିନ୍ତୁ ଏହାର କିଛି ଲିଖିତ ପ୍ରମାଣ ନାହିଁ । ଏହି ମାତୃ ଉପାସନା ଏହି ମାଟିର ନିଜସ୍ୱ ।

ଐତିହାସିକ ଭିତ୍ତିଭୂମି – ମହାମାୟା ତ୍ରିପୁରା ସୁନ୍ଦରୀ ସିଦ୍ଧଗୌରୀ ଭଟ୍ଟାରିକା କେଉଁ ଆବାହମାନ କାଳରୁ ଶଶାଙ୍କ ଗ୍ରାମ ନଦୀ ଭିତରେ ଥିଲାବେଳେ ରତ୍ନଗିରି ପାହାଡ଼ ଉପରେ ଗ୍ରାମଦେବତୀ ରୂପେ ପୂଜା ପାଉଥିଲେ । ସେତେବେଳେ ମନ୍ଦିର ନଥିଲା, ଗଛ ମୂଳେ ଚାଳଘରେ ଠାକୁରାଣୀ ପୂଜା ପାଉଥିଲେ । ଦେବୀ ଭଟ୍ଟାରିକାଙ୍କ ନାମ ମତ୍ସ୍ୟପୁରାଣ ଓ ସ୍କନ୍ଦପୁରାଣରେ ଦେଖାଯାଏ । ଏହା ଏକ ତନ୍ତ୍ରପୀଠ ବୋଲି କୁହାଯାଏ । ଓଡ଼ିଶାରେ ୮ଟି ତନ୍ତ୍ରପୀଠ ଅଛି ବୋଲି ରାଧାକୃଷ୍ଣ ପଣ୍ଡା ତାଙ୍କର 'ଉଡ୍‌ଡ଼ିଶ ତନ୍ତ୍ର'ରେ ଆଲୋଚନା କରିଛନ୍ତି ।

ମହାମାୟା - ଖ୍ରୀ.ପୂ. ୨ୟ ଶତାବ୍ଦୀରୁ ଖ୍ରୀ. ୧୦ ଶତାବ୍ଦୀ ପର୍ଯ୍ୟନ୍ତ ଏ ଅଂଚଳ ବୌଦ୍ଧ ଧର୍ମର ଆଡ୍ଡାସ୍ଥଳୀ ଥିଲା । ସିଂହନାଥ  ପୀଠ ଓ  ବାଣେଶ୍ୱର ନାଶୀ ବୌଦ୍ଧ ପୀଠ ଥିଲା । ତେଣୁ ଏହି ପୀଠ ବୌଦ୍ଧପୀଠ ଥିଲାବୋଲି ଅନୁମାନ ହୁଏ । ବୁଦ୍ଧଦେବଙ୍କ ଦେହତ୍ୟାଗ ପରେ ବୌଦ୍ଧ ଧର୍ମ ଭାଗ ଭାଗ ହୋଇଗଲା ଯଥା - ହୀନଯାନ, ମହାଯାନ ଓ ବଜ୍ରଯାନ । ବୌଦ୍ଧ ଧର୍ମକୁ ରକ୍ଷାକରିବା ପାଇଁ ବଜ୍ରଯାନ-ପନ୍ଥୀମାନେ ତନ୍ତ୍ରସାଧନାକୁ  ଉପଯୁକ୍ତ ମାର୍ଗ ବୋଲି

 Download Magazine from www.aahwaan.com

ବିବେଚନା କଲେ । ବୌଦ୍ଧଧର୍ମର ବଜ୍ରତନ୍ତ୍ର ଅନୁଯାୟୀ ଓଡ଼ିଶାରେ ତାହାର ପ୍ରଭାବରେ ତନ୍ତ୍ରପୀଠମାନ ଗଢ଼ି ଉଠି ଶକ୍ତି ଉପାସନା ଆରମ୍ଭ ହେଲା । ଏହା ଥିଲା ୪/୫ ଶତାବ୍ଦୀ । ଭଟ୍ଟାରିକାରେ ବୌଦ୍ଧମାନଙ୍କର ସ୍ମାରକୀ ନଦୀ ଗର୍ଭରେ ଲୀନ ହୋଇଯାଇଛି । ନଦୀ ଭିତରେ ଥିବା ଗ୍ରାମମାନ ଉଚ୍ଚ ଜାଗାକୁ ଉଠିଆସିଛି । ମହାମାୟା ଭଟ୍ଟାରିକାଙ୍କର ପ୍ରତିମାକୁ ଅନୁଧ୍ୟାନ କଲେ ଜଣାଯାଏ, ଏହା ବୌଦ୍ଧ ଧର୍ମର ଦେବୀ ତାରା ଅଟନ୍ତି । ବୌଦ୍ଧ ଦେବୀ ତାରା ବଜ୍ରଯାନ ପନ୍ଥୀମାନଙ୍କର ଦେବୀ ଅଟନ୍ତି । ସେ ବର୍ଣ୍ଣରେ ଶ୍ୱେତ, ଏକମୁଖୀ, ଦ୍ୱିଭୁଜା, ଦକ୍ଷ ହସ୍ତରେ ବରଦା ମୁଦ୍ରା, ବାମ ହସ୍ତରେ ଅଭୟ ମୁଦ୍ରା, ଲଳିତାସନରେ ଉପବିଷ୍ଟ ଓ ବିଭିନ୍ନ ଅଳଙ୍କାରରେ ପରିଶୋଭିତା, ଏହି ତାରା ଅନ୍ୟତ୍ର ଦେବୀମାନଙ୍କ ଦ୍ୱାରା ପରିବେଷ୍ଟିତା ହୋଇଛନ୍ତି । ସେହିପରି ମହାମାୟା ଭଟ୍ଟାରିକା ଦ୍ୱିଭୁଜା ମୂର୍ତ୍ତିର ଦକ୍ଷିଣ ହସ୍ତରେ କାମନା ପୂର୍ଣ୍ଣ ବରଦା ମୁଦ୍ରା । ବାମହସ୍ତରେ ଜ୍ଞାନର ପ୍ରତୀକ ପଦ୍ମଫୁଲ ଅଭୟ ମୁଦ୍ରା, ପାଦରେ ନୂପୁର କଟିରେ କିଙ୍କିଣୀ ହସ୍ତରେ ବଳୟ ଉନ୍ନତ ସ୍ତନଯୁଗଳ ଉପରେ ସ୍ତନବନ୍ଧ କାଞ୍ଚୁଲା, ଗ୍ରୀବାଦେଶରେ ବିବିଧ ହାର ମୁଖ ମଣ୍ଡଳରେ ପ୍ରସନ୍ନତା କର୍ଣ୍ଣରେ ତାଟଙ୍କ, କରଣ୍ଡ ମୁକୁଟ ତୂଲ୍ୟ ସଜ୍ଜିତ କେଶଗୁଚ୍ଛ ଓ ଅଳଙ୍କାରରେ ସରଳତା ରହିଛି । ଅଙ୍ଗକାନ୍ତିରେ ନାନା ଅଳଙ୍କାର ଆଭରଣ ଓ ମସ୍ତକରେ ଅର୍ଦ୍ଧଚନ୍ଦ୍ର ସେ ଲଳିତାସନରେ ଉପବିଷ୍ଟ ଓ ତାଙ୍କ ଉଭୟ ପାର୍ଶ୍ୱରେ ଦୁଇଟି ଧାଡ଼ିରେ ଆଠଗୋଟି ନାରୀ ମୂର୍ତ୍ତୀ ବିଦ୍ୟମାନ । ସେମାନଙ୍କ ନାମ ହେଲା – ଉଗ୍ରାଇ, ଉଗ୍ରତାରାଇ, ପ୍ରଚଣ୍ଡାଇ. ଚାମୁଣ୍ଡାଇ, ଶକଟାଇ, ବକଟାଇ. ଦୁର୍ଗାଇ ଓ ମହାଲକ୍ଷ୍ମୀ । ତାଙ୍କର ତିନୋଟି ଚକ୍ଷୁ ଓ ମସ୍ତକରେ ବହୁସ୍ତରୀୟ ପ୍ରଭାମଣ୍ଡଳ ଥିବା ପରି ଜଣାପଡ଼େ । ଏହା ଦ୍ୱିଭୁଜା ଗୁପ୍ତଯୁଗର ଆଦ୍ୟପାଦ ପର୍ଯ୍ୟନ୍ତ ଦେବଦେବୀଙ୍କୁ ଦ୍ୱିଭୁଜା ରୂପେ ପୂଜା କରାଯାଉଥିଲା । କିନ୍ତୁ ବିରଜା ଚତୁର୍ଭୁଜା । ତେଣୁ ଆଗରୁ ବୌଦ୍ଧ ମୂର୍ତ୍ତୀ ତାରା ରୂପରେ ପୂଜାପାଉଥିଲେ । ବର୍ତ୍ତମାନ

Download Magazine from www.aahwaan.com

ମନ୍ଦିର ଚତୁପାର୍ଶ୍ୱରେ ବୌଦ୍ଧମୂର୍ତ୍ତି ପଡ଼ିରହିଛି । ଏଗୁଡ଼ିକ ପୁରଣା ମନ୍ଦିର ଜାଗାରୁ ଆଣି ଏଠାରେ ରଖିଛନ୍ତି । ବୌଦ୍ଧ ଧର୍ମର ଅସ୍ତ କାଳରେ ତାରାଙ୍କୁ ହିନ୍ଦୁଧର୍ମର ମହାମାୟା ନାମରେ ଗ୍ରାମଦେବତୀ ରୂପରେ ପୂଜା କଲେ । ଏହାଙ୍କର ବରଦା ମୁଦ୍ରା ଥିବାରୁ ଏହାଙ୍କୁ ବରଦମ୍ବା ମଧ୍ୟ କହିଲେ । ପରେ ଏହା ବୃହଦମ୍ବା ହେଲା । ପାଖ ନଦୀ ଅବବାହିକାରେ ସବୁ ଗାଁଗୁଡ଼ିକ ଥିଲା । ଏହି ପୀଠର ପରିସୀମା ପାଂଚକ୍ରୋଶ ଥିଲା । ଏହି ପାଂଚକ୍ରୋଶର ଏ ହେଉଛନ୍ତି ଇଷ୍ଟ ଦେବୀ ।

ତ୍ରିପୁରା ସୁନ୍ଦରୀ - ଆର୍ଯ୍ୟମାନଙ୍କ ପରେ ଭାରତକୁ ଗ୍ରୀକ୍ ମାନେ ଆସିଲେ । ସେମାନେ ବେଶୀ ଦିନ ତିଷ୍ଠି ପାରିଲେ ନାହିଁ । ପରେ ଆର୍ଯ୍ୟମାନେ ଯେଉଁଠାରୁ ଆସିଥିଲେ କୁଷାଣମାନେ ସେହିଠାରୁ ଆସିଲେ । କୁଷାଣମାନେ ବୌଦ୍ଧ ଧର୍ମକୁ ଗ୍ରହଣ କରିନେଲେ । କୁଷାଣମାନଙ୍କ ସସ୍କୃତି ଓ ଆର୍ଯ୍ୟମାନଙ୍କ ସଂସ୍କୃତି ମିଶି ଏକ ନୂଆ ରୂପ ନେଲା । ପଥର ଉପରେ ଲେଖା ପରିବର୍ତ୍ତେ ତମ୍ବାପଟା ଉପରେ ଲେଖା ଆରମ୍ଭ ହେଲା । ଏହି ସମୟରେ ବ୍ରହ୍ମୀ ଲିପିରୁ ପ୍ରୋଟ ନାଗରୀ ଲିପି ଅରମ୍ଭ ହେଲା । ପ୍ରାୟ ଗୁପ୍ତଯୁଗ ୪ର୍ଥ ଶତାବ୍ଦୀ ବେଳକୁ ପ୍ରୋଟନାଗରୀ ଲିପିରୁ ଦେବନାଗରୀ ଲିପି ପୂର୍ଣ୍ଣରୂପ ନେଇସାରିଥିଲା । ପୁରାଣ ବେଦ ବେଦାନ୍ତ ଆଦି ବ୍ରାହ୍ମୀ ଲିପରୁ ଦେବନାଗରୀ ଲିପିରେ ପରିବର୍ତ୍ତନ ହୋଇଗଲା । ସେଇଥିପାଇଁ ଗୁପ୍ତ ଯୁଗକୁ ଭାରତର ସୁବର୍ଣ୍ଣ ଯୁଗ କହନ୍ତି । ଗୁପ୍ତମାନେ ବୌଦ୍ଧ ଧର୍ମ ପରିତ୍ୟାଗ କରି ବ୍ରାହ୍ମଣ୍ୟଧର୍ମ ଗ୍ରହଣ କରିଥିଲେ । ଗୁପ୍ତମାନଙ୍କ ପତନ ପରେ ପରବର୍ତ୍ତି ଗୁପ୍ତମାନେ ତାଙ୍କର ପ୍ରତିନିଧି ନିଯୁକ୍ତ କରି ଏହି ଅଂଚଳରେ ଶାସନ କରୁଥିଲେ । ଅଶୋକଙ୍କ ସମୟରୁ ଏହି ଅଂଚଳ ତୋଷାଳି ନାମରେ ପରିଚିତ ଥିଲା । ଗୁପ୍ତମାନଙ୍କପରେ ଏହି ଅଂଚଳକୁ ଦୁଇଭାଗ କରିଦିଆଗଲା । ସେଗୁଡ଼ିକ ହେଲା ଉତ୍ତର ତୋଷାଳି ଓ ଦକ୍ଷିଣ ତୋଷାଳି । ଉତ୍ତର ତେଷାଳିରେ ବିଗ୍ରହ (ପୃଥିବୀ ବିଗ୍ରହ)

 Download Magazine from www.aahwaan.com

(ଭାନୁ ଦତ) ଓ ମାଣମାନେ ଓ ଦକ୍ଷିଣ ତୋଷାଳିରେ ମାଠର (ପ୍ରଭଞ୍ଜନ ବର୍ମନ ଶକ୍ତି ବର୍ମନ) ଓ ପିତୃଭକ୍ତମାନେ ଶାସନ କରୁଥିଲେ । ଏ ସମସ୍ତେ ବ୍ରାହ୍ମଣ୍ୟ ଧର୍ମର ପୃଷ୍ଠପୋଷକ ଥିଲେ । ପର୍ଶୁରାମ ମହର୍ଷି ଭୃଗୁଙ୍କର ବଂଶଧର ଥିଲେ ବିଷ୍ଣୁ ପୁରାଣ ଅନୁସାରେ ମହର୍ଷି ଭୃଗୁ ଥିଲେ ବ୍ରହ୍ମାଙ୍କର ମାନସ ସନ୍ତାନ । ଆଉ ମଧ୍ୟ ପ୍ରାଚୀନ କାଳରେ ବ୍ରହ୍ମା ବରୁଣଙ୍କର ଏକ ଯଜ୍ଞ କରିଥିଲେ । ସେହି ଯଜ୍ଞରୁ ଭୃଗୁ ମହର୍ଷି ଜନ୍ମ ଗ୍ରହଣ କରିଥିଲେ । ମହିୟସୀ ମହିଳା ପୁଲେମା ଥିଲେ ଭୃଗୁଙ୍କ ପତ୍ନୀ । ଭୃଗୁଙ୍କ ପୁଅ ଚ୍ୟବନ ତାଙ୍କ ସ୍ତ୍ରୀ ସୁକନ୍ୟା (କ୍ଷତ୍ରିୟ ରମଣୀ) ତାଙ୍କ ପୁଅ ଋଚିକ ତାଙ୍କ ପୁଅ ଜମଦଗ୍ନି ତାଙ୍କ ପୁଅ ପର୍ଶୁରାମ । ଏହି କ୍ରମରେ ପର୍ଶୁରାମ ଋଷି ପରମ୍ପରା ବହନ କରିଥିଲେ । ଏସମସ୍ତେ ବ୍ରାହ୍ମଣ୍ୟ ଧର୍ମର ପୃଷ୍ଠପୋଷକ ଥିଲେ । ଏହି ସମୟରେ ପର୍ଶୁରାମ ଦେଶୀୟ କ୍ଷତ୍ରିୟମାନଙ୍କୁ ୨୧ ବାର ନିକ୍ଷେତ୍ରିକରି ବୌଦ୍ଧଧର୍ମ ମହାମାୟାଙ୍କୁ ବ୍ରାହ୍ମଣ୍ୟଧର୍ମର ତ୍ରିପୁରା ସୁନ୍ଦରୀ ରୂପରେ ପୂଜାକଲେ । ଏହି ପର୍ଶୁରାମଙ୍କର ସାଧନାପୀଠ ମହେନ୍ଦ୍ରାଚଳଠାରୁ ସୂର୍ପାରକ(ମୁମ୍ବାଇ) ଯାଏଁ ପରିବ୍ୟାପ୍ତ ଥିଲା । ପର୍ଶୁରାମ ମହେନ୍ଦ୍ର ପର୍ବତରେ ରହନ୍ତି ମହୋଦଧିରେ ସ୍ନାନ କରନ୍ତି ସାହ୍ୟାଦ୍ରିରେ ଗୁରୁ ଦର୍ଶନ ପୁରୀ ପୁରୁଷୋତମରେ ଜଗନ୍ନାଥ ଦର୍ଶନ କରନ୍ତି । ଏହାଙ୍କର ଗୁରୁ ଦେବ ଦତାତ୍ରେୟ । ଦତାତ୍ରେୟ ପର୍ଶୁରାମଙ୍କୁ ଶ୍ରୀବିଦ୍ୟା ଶିକ୍ଷା ଦେଇଥିଲେ । ଶ୍ରୀବିଦ୍ୟାରେ ୬୪ ମହାବିଦ୍ୟା ଅଛି । ସେଥିରେ ତ୍ରିପୁରା ସୁନ୍ଦରୀ ଗୋଟିଏ ମହାବିଦ୍ୟା । ପର୍ଶୁରାମ ମହାମାୟା ତ୍ରିପୁରା ସୁନ୍ଦରୀଙ୍କୁ ଉପାସନା କରୁଥିଲେ । ପର୍ଶୁରାମ ତ୍ରିପୁରା ସୁନ୍ଦରୀଙ୍କୁ ପୂଜା କରୁଥିବାର 'ବାଡ଼ବାନଳ ତନ୍ତ୍ର'ରୁ ଜଣାଯାଏ ।

" କାମେଶି ଲଳିତା ବାଲା ମହା ତ୍ରିପୁର ସୁନ୍ଦରୀ
ତ୍ରିପୁରା ଭୈରବୀ ହେ୍ୟତା ଉର୍ଦ୍ଧ୍ୱରାନ୍ନାୟ ସମାଶ୍ରିତାଃ ।

 Download Magazine from www.aahwaan.com

ଜନଶ୍ରୁତିରୁ ଜଣାଯାଏ ଏହା ପର୍ଶୁରାମ ପୀଠ । ବାଙ୍କୀର ଚର୍ଚ୍ଚିକା ମଧ୍ୟ ପର୍ଶୁରାମ ପୀଠ । କ୍ଷତ୍ରିୟ ବୀର ପର୍ଶୁରାମ ସହସ୍ରାର୍ଜ୍ଜୁନ ସହିତ ଯୁଦ୍ଧ କରୁ କରୁ ପରାସ୍ତ ହେଲେ । ଏହି ପରାଜୟ ତାଙ୍କ ପକ୍ଷେ ଗଭୀର ଅପମାନ ଜନକ ଥିଲା । ତେଣୁ ସେ ଶପଥ ନେଲେ ସମଗ୍ର ମେଦିନୀ ନିକ୍ଷେତ୍ରି କରିବେ । ତେଣୁ ଶକ୍ତି ଆହରଣ ଉଦ୍ଦେଶ୍ୟରେ ପର୍ଶୁରାମ ଶରମୂନରେ ଦେବୀଙ୍କୁ ଅଙ୍କନ କରିଥିଲେ । ସେ ଯେଉଁ ପଥର ଉପରେ ବସି ସାଧନା କରୁଥିଲେ ବର୍ତ୍ତମାନ ସେହି ପଥର ପଡ଼ରହିଛି । ଆଉ ଗୋଟିଏ କଥା ଏହି ଅଂଚଳକୁ କାଳଚୁରୀମାନେ (୧୦୪୨- ୧୨୩୮ ) ପର୍ଯ୍ୟନ୍ତ ଶାସନ କରୁଥିଲେ । ସେମାନଙ୍କୁ ଡାହାଳିଆ ହୈହୟ କହୁଥିଲେ । ସେମାନେ ସହସ୍ରାର୍ଜ୍ଜୁନ ପର୍ଶୁରାମଙ୍କ ଉପାସକ ଥିଲେ । ସେମାନେ ପର୍ଶୁରାମ ମନ୍ଦିର ଆଦି ନିର୍ମାଣ କରିଥିଲେ । ଏହି ପର୍ଶୁରାମଙ୍କର ଜନ୍ମ ବୈଶାଖ ଶୁକ୍ଳ ତୃତୀୟାରେ ପାଳନ କରାଯାଉଛି । ତେଣୁ ଏହି ପୀଠର ପରିବର୍ତ୍ତନରେ ପର୍ଶୁରାମଙ୍କର ଅବଦାନ ରହିଛି । ତେଣୁ ପର୍ଶୁରାମଙ୍କ ସମୟରେ ମା'ତ୍ରିପୁରା ସୁନ୍ଦରୀ ଭାବେ ପରିଚିତ ହେଲେ ।

ଭଟ୍ଟାରିକା - ଏହି ଅଂଚଳ କିଛିଦିନ ଭୌମମାନଙ୍କ (୭୩୬-୯୨୯) ଆନୁଗତ୍ୟ ସ୍ୱୀକାର କରି ଭଞ୍ଜମାନେ ଶାସନ କରୁଥିଲେ । ଏହି ସମୟରେ ଏହାର ନାମ ଭଟ୍ଟାରିକାରେ ରୂପାନ୍ତରିତ ହେଲା । ଏହି ଭୌମକରମାନଙ୍କ ମଧ୍ୟରୁ କେତକ ବୌଦ୍ଧଧର୍ମାବଲମ୍ବୀ ଓ ଆଉକେତକ ଶୈବଧର୍ମାବଲମ୍ବୀ ଥିଲେ । ଏମାନଙ୍କ କୁଳରେ କୌଣସି ସନ୍ତାନସନ୍ତତି ନ ରହିବାରୁ ତାଙ୍କର ରାଣୀ ଓ ଝିଅମାନେ ଶାସନ କାର୍ଯ୍ୟ ପରିଚାଳନା କରୁଥିଲେ । ସେମାନଙ୍କ ପ୍ରଶସ୍ତିରୁ ଜଣାଯାଏ ସେମାନେ ସିଦ୍ଧ ଭଟ୍ଟାରକ ସିନ୍ଧ ଗୌରୀ ଓ ପରମଭଟ୍ଟାରକ ଉପାଧି ଧାରଣ କରୁଥିଲେ । ତେଣୁ ଏହି ସମୟରେ ପୀଠଦେବୀଙ୍କର ନାମ ଭଟ୍ଟାରିକାରେ ପରିଣତ ହେଲା । ଆଉ କାହା ମତରେ ପର୍ଶୁରାମ କ୍ଷତ୍ରିୟ (ଭଞ୍ଜମାନଙ୍କୁ ) ପରାଜିତ କରିବା ପାଇଁ

Download Magazine from www.aahwaan.com

ମା'ଙ୍କୁ ଉପାସନା କରି ବରପ୍ରାପ୍ତି ହୋଇ ପରାଜିତ କରିଥିବାରୁ ତାଙ୍କ ନାମ ଭଟ୍ଟାରିକା ହେଲା । ଏହି ପୀଠର ମନ୍ଦିର ଭୌମକରମାନଙ୍କ ସମୟରେ ବା ଶୈଳୋଦ୍ଭବିମାନଙ୍କ ସମୟରେ ତିଆରି ହୋଇଥିଲା ବୋଲି ଅନୁମାନ କରାଯାଏ । ସିଂହନାଥ ମନ୍ଦିର ଶୈଳୀ ଓ ଭଟ୍ଟାରିକା (ପୁରୁଣା)ମନ୍ଦିର ଶୈଳୀ ଏକାପରି ମନେହୁଏ । ପୁରୁଣା ମନ୍ଦିରର କଛି ପଥର ନଦୀକୁ ଯିବାକୁ ପାହାଚରେ ବ୍ୟବହାର କରାଯାଇଥିଲା । ସିଂହନାଥ ମନ୍ଦିରର କିର୍ତୀମୁଖ ଓ ପୁରୁଣା ଭଟ୍ଟାରିକା ମନ୍ଦିର କିର୍ତୀମୁଖ ପ୍ରାୟ ସମାନ । ସିଂହନାଥ ମନ୍ଦିର ପର୍ଶୁରାମେଶ୍ୱର ମନ୍ଦିର ସମସାମୟିକ । ହରେକୃଷ୍ଣ ମହତାପ ଏହାକୁ ୭-୮ଶତାବ୍ଦୀର ବୋଲି ନିର୍ଣ୍ଣୟ କରିଛନ୍ତି । ପର୍ଶୁରାମେଶ୍ୱର ମନ୍ଦିର ଶୈଳୋଦ୍ଭବୀମାନଙ୍କର କିର୍ତୀ । ତେଣୁ ଏହା ନିଃସନ୍ଦେହରେ କୁହାଯାଇପାରେ ଏହି ମନ୍ଦିର ୭-୮ ଶତାବ୍ଦୀରେ ତିଆରି ହୋଇଥିଲା ।

ସଂଗାଣ ମଣ୍ଡଳ - ପରେ ଏହି ଅଂଚଳ ସୋମବଂଶୀ ଅଧୀନରେ ଥିଲା । ଏମାନେ ବୌଦ୍ଧ ଧର୍ମର ବିରେଧୀଥିଲେ । ବୌଦ୍ଧମାନଙ୍କୁ ରାଜ୍ୟରୁ ବିତାଡ଼ିତ କଲେ । ଭଟ୍ଟାରିକା ପୀଠ ସେମିତି ରହିଗଲା । ଶଙ୍ଖାମେରିରୁ ଯେଉଁ ତମ୍ବାପଟା ମିଳିଛି ସେଥିରେ ସଂଗାଣ ମଣ୍ଡଳ, କନ୍ତପଡ଼ା ସନ୍ତରାବାଡ଼ି ଲେଖା ଅଛି । ସଂଗାଣ ମଣ୍ଡଳ ବୋଧେ ଏହା ସ୍ୱ-ଗଣ ମଣ୍ଡଳ । ବାଲିଝରି ତମ୍ବାପଟାରେ ଐରାବତ ମଣ୍ଡଳ ଲେଖାଅଛି । ନରସିଂହପୁରକୁ ଐରାବତ ମଣ୍ଡଳ କହୁଥିଲେ । ବଡ଼ମ୍ବାକୁ ପୂର୍ବରୁ ସଂଗାଣ ମଣ୍ଡଳ କହୁଥିଲେ । ପରେ ଏହି ଅଂଳ ଡାହାଳିଆ ଅଧୀନରେ ଥିଲା । ସେକଥା ଆଗରୁ କୁହାଯାଇଛି ।

ବଡ଼ାମ୍ବା- ଗଙ୍ଗମାନେ ରାଜତ୍ୱକାଳରେ ଏହି ପୀଠ ସେମତି ରହିଗଲା । ଲୋକ ଲେଚନକୁ ଆସିଲାନି । ଏମାନେ ଶୈବ ଓ ବୈଷ୍ଣବ ଧର୍ମାବଲମ୍ବୀଥିଲେ । ଏହି ସମୟରେ ଭୁବନେଶ୍ୱରରେ ଶବି ମନ୍ଦିର ଓ ପୁରୀରେ ଜଗନ୍ନାଥ ମନ୍ଦିର ନିର୍ମାଣ ହେଲା । ୧୩୦୫

Download Magazine from www.aahwaan.com

ଖ୍ରୀ.ରେ ହଟକେଶ୍ୱର ଓ ମଲ୍ଲକେଶ୍ୱର ଏହିଠାରେ ରାଜ୍ୟ ସ୍ଥାପନ କଲେ । ସେତେବେଳେ ସିଂହନାଥ ପୀଠ ଓ ଭଟ୍ଟାରିକା ମନ୍ଦିର ଥିଲା । କେଶରୀ ମାନଙ୍କର ସଂଗାଣ ମଣ୍ଡଳରୁ ଗଙ୍ଗମାନଙ୍କ ସମୟରେ ଏହା ଦରଦମ୍ବାରୁ ବଡ଼ାମ୍ବା ହୋଇଗଲା । ବୌଦ୍ଧମାନଙ୍କର ସେହି ବରଦାମ୍ବାରୁ ଏହାକୁ ବୃହଦମ୍ବା (ବୃହତ୍+ଅମ୍ବା) ବଡ଼ାମ୍ବାରେ ନାମକରଣ କରି ରାଜ୍ୟର ନାମ ବଡ଼ାମ୍ବା ଦେଲେ । ଆଜି ପର୍ଯ୍ୟନ୍ତ ସେହି ବଡ଼ାମ୍ବା ଚଳି ଆସୁଛି । କେହି କେହି ଭୁଲରେ ଏହାକୁ ବଡ଼ମ୍ବା କହୁଛନ୍ତି ।

ମନ୍ଦିରର ଅବକ୍ଷୟ ଓ ପୁନୋରୁଦ୍ଧାର - କାଳର କରାଳଗର୍ଭରେ ଦିନେ ଏହି ମନ୍ଦିର ଲୋପ ପାଇଯିବ ବୋଲି କେହି ଭାବି ନଥିଲେ । ଯିଏ ଏହାକୁ ତିଆରି କରିଥିଲା କ'ଣ ଭାଙ୍ଗିବାକୁ କରିଥିଲା ? ଏ ଦେଶ ନଦୀମାତୃକାର ଦେଶ । ଶବର କନ୍ଧ ଏ ଅଂଚଳର ମୂଳ ଅଧିବାସୀ । ପରେ ଆଷ୍ଟ୍ରୋଏସିଆଟିକ୍ ମେଡ଼ିଟୋରିଆନ୍(ଆର୍ମାନଏଡ଼)ମାନେ ଆସି ବସତି ସ୍ଥାପନ କଲେ । ଏମାନେ ଆର୍ଯ୍ୟପୂର୍ବବର୍ତୀ ଯାଜାବର ଏଠାରେ ଆସି ବସତି ସ୍ଥାପନ କଲେ । ବୁଦ୍ଧଦେବ ଆର୍ଯ୍ୟମାନଙ୍କୁ ପ୍ରତିରୋଧ କରିବାରୁ ସେମାନେ ଅଙ୍ଗ ବଙ୍ଗ କଳିଙ୍ଗ ସୁହ୍ମଦେଶରେ ପ୍ରବେଶ କରିପାରିଲେ ନାହିଁ । କିନ୍ତୁ ଭୌମକର ଓ ସୋମବଂଶୀମାନଙ୍କ ସମୟରେ ହିନ୍ଦୁ ରାଜାମାନେ ବ୍ରହ୍ମଣମାନଙ୍କୁ ମଧ୍ୟଦେଶରୁ ଆଣି ସେମାନଙ୍କୁ ଜମି ଜମା ଦେଇ ବସତି ସ୍ଥାପନ କରାଇଲେ । ଏସବୁ ତମ୍ବାପଟ୍ଟାରୁ ଜଣାପଡ଼ । ତେଣୁ ଏ ସଂସ୍କୃତି ଆର୍ଯ୍ୟ ଆର୍ଯ୍ୟପୂର୍ବବର୍ତୀ ଦ୍ରାବିଡ଼ ଅନାର୍ଯ୍ୟମାନଙ୍କର ସସ୍କୃତି । ସବୁ ଫେଣ୍ଟାଫେଣ୍ଟି ହୋଇ ରହିଛି । ଏ ଅଂଚଳକୁ ଆର୍ଯ୍ୟମାନେ ଉଜ୍ଜୟିନୀ କାଶୀ ମଧ୍ୟଦେଶରୁ (ଗୁପ୍ତମାନଙ୍କର ଶାସାନକାଳ ଓ ପରେ) ମହାନଦୀ ଉପତ୍ୟକା ଦେଇ ଆସି ବସତି ସ୍ଥାପନ କଲେ । ଦ୍ରବିଡ଼ମାନେ ଦକ୍ଷିଣରୁ ଆସି ବସତି ସ୍ଥାପନ କଲେ । ସେଟେଲମେଣ୍ଟ ରିପୋର୍ଟରୁ ଜଣା ପଡ଼େ ଏ ଅଂଚଳରେ ୭୦

 Download Magazine from www.aahwaan.com

ଭାଗ ଚଷା ଅଟନ୍ତି । ଏ ଅଂଚଳର ମୂଳ ଅଧିବାସୀ ଏମାନେ ପରିବର୍ତ୍ତନ ହୋଇଗଲେ । କିଛି ଜଙ୍ଗଲ ଭିତରେ ରହିଛନ୍ତି । ଏ ଦେଶକୁ ବିଦେଶୀ ଆଫଗାନମାନେ ଆସିଲେ । ସେତେବେଳେ ମହାନଦୀ ଅଣଓସାର ଓ ଗଭୀର ଥିଲା ଏହାର ଅନେକ ପରି-ନଦୀ ଥିଲା ମହାନଦୀରୁ ଉପର ମୁଣ୍ଡରେ ପରିନଦୀ ବାଟଦେଇ ପାଣି ଯାଇ ପୁଣି ତଳମୁଣ୍ଡରେ ସେହି ମହାନଦୀରେ ମିଶୁଥିଲା । ପାଣି ସିଧା ମହୋଦଧିରେ ପଡୁଥିଲା । ତଳମୁଣ୍ଡେ ଅନେକ ବନ୍ଧ ହେବାରୁ ମହାନଦୀ ଖାଇବାକୁ ଆରମ୍ଭକଲା । ନଦୀ ଭିତରେ ଥିବା ଗାଁ-ଗଣ୍ଡା ଉଠି ଆସିଲା । ମନ୍ଦିର କଣ ଉଠି ଆସିବ ? ମହାନଦୀ ଶଯ୍ୟାରେ ମନ୍ଦିର ଲୋପ ପାଇଗଲା । ଶୁଣାଯାଏ କଳାପାହାଡ଼ ଏ ମନ୍ଦିରକୁ ନଷ୍ଟ କରିଦେଇଥିଲେ । କିନ୍ତୁ ଏହା ସତ୍ୟ ନୁହେଁ । ତେଣୁ ଏହି ମନ୍ଦିର ୧୭୦୦ ଖ୍ରୀ. ପୂର୍ବରୁ ଭାଙ୍ଗି ଯାଇଛି । ଏହା ବୋଧହୁଏ ଆଉରେଙ୍ଗଜେବଙ୍କ ସମୟ । କିମ୍ବା ଗାଁ ଗୁଡ଼ିକ ୧୫୫୦ ଭିତରେ ଉଚ୍ଚ ଜାଗାକୁ ଉଠି ଆସିଛି । ବୋଧେ ଏହି ସମୟରେ ମନ୍ଦିର ଭାଙ୍ଗି ଯାଇଛି । କାରଣ ଆଉରେଙ୍ଗଜେବଙ୍କ ସମୟରେ ରାସ୍ତାଘଟ ନଦୀ ବନ୍ଧ ରାସ୍ତା ଉପରେ ବ୍ରିଜ୍ ଆଦି ତିଆରି ହେଲା । ପରେ ରାଜା ଫକୀର ଚନ୍ଦ୍ର (୧୭୧୧-୧୭୪୩ ) ମଧ୍ୟରେ ନୂଆ ମନ୍ଦିର ତିଆରି କଲେ । ଭଟାରିକା ଯାତ୍ରା ଓ ଚନ୍ଦନ ଯାତ୍ରା ରାଜା ଫକୀର ଚନ୍ଦ୍ର (୧୭୧୧-୧୭୪୩ ) ମଧ୍ୟରେ ଆରମ୍ଭ କରେଇଥିଲେ । ମୁଖଶାଳା ପଦ୍ମନାଭ ମଙ୍ଗରାଜ (୧୭୪୮-୧୭୯୬) ଦେଉଳବେଢ଼ା ଓ ପଥର ଶିଢ଼ି ରାଜା ପିଣ୍ଡିକି ଶ୍ରୀଚନ୍ଦନ ୧୮୦୩-୧୮୫୧ ଭିତରେ ତିଆରି କରିଥିଲେ । ମୋହନ ଦାଶରଥି ମଙ୍ଗରାଜ (୧୮୬୯-୧୮୮୧) ରେ ତିଆରି କରିଥିଲେ । ଦେବୀମିଶ୍ରଙ୍କ ସମୟରେ ମହାନଦୀ କୂଳକୁ ଲାଗି ଏକ ଦର୍ଶକ ଗ୍ୟାଲେରୀ ନିର୍ମାଣ କରାଯାଇଛି । ଏହା ୨୦୦୪-୦୫ରେ ନିର୍ମାଣ କରାଯଇଛି ।

ଠାକୁରାଣୀଙ୍କ ନୀତିକାନ୍ତି - ଠାକୁରାଣୀଙ୍କର ମୁଖ୍ୟ ପୂଜକ ହେଉଛନ୍ତି ମାଳି । ଏମାନେ

 Download Magazine from www.aahwaan.com

ଆର୍ଯ୍ୟ ବା ଅର୍ଯ୍ୟୋତର ଅନାର୍ଯ୍ୟ ବା ଦ୍ରାବିଡ଼ ବୋଲି କହିହେଉନାହିଁ । ଏମାନେ ଆର୍ଯ୍ୟଗୋଷ୍ଠୀର ନୁହଁନ୍ତି । ଆଶ୍ୱିନ ମାସ ଶୁକ୍ଳପକ୍ଷ ଅଷ୍ଟମୀ ନବମୀ ଦୁଇ ଦିନ ମା'ଙ୍କର ପୂଜାର୍ଚ୍ଚନା କରାଯାଏ । ଆଗରୁ ଏଠାରେ ମଇଁଷି ବଳି ଦିଆଯାଉଥିଲା । ଏହି ମହୀଷ ଢେଙ୍କାନାଳ ରାଜା ଦେଉଥିଲେ । କୁହାଯାଏ ଏଠାରେ ନରବଳି ଦିଆଯାଉଥିଲା । ଏହି ନରବଳି ଲୋକମାନଙ୍କ ଅଗୋଚରରେ ହେଉଥିଲା । ଏହି ବଳି ମହାନଦୀର ଏକ କୁମ୍ଭୀର ବଳିକୁ ଆଣି ଗୋଟିଏ ପଥର ଗୁମ୍ଫା ଘରେ ରଖେ । ଏହି ବଳି ମହାନବମୀ ଦିନ ରାତ୍ରିରେ ଦିଆଯାଏ । ଏହି ବଳିକୁ ଭଟାରିକାଙ୍କ ସାତ ଭଉଣୀ ଲାଗି କରନ୍ତି । ଅଷ୍ଟମୀ ନବମୀ ଦୁଇଦିନ ଯାତ୍ରା ହୁଏ । ଏହାକୁ ରାଜା ଫକୀରଚନ୍ଦ୍ର ଆରମ୍ଭ କରିଥିଲେ । ଶଶାଙ୍ଗ ଗାଁଠାରୁ ମହାନଦୀ କୂଳ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାଶ୍ୱର୍ରେ ଯାତ୍ରା ବସେ । ଏହି ଯାତ୍ରାରେ ଲୋକମାନଙ୍କର ଗୃହପୋକରଣ କିଣିଥାନ୍ତି । ଏହି ଯାତ୍ରା ବଡ଼ ଜାକଜମକରେ ପାଳିତ ହୁଏ । ବହୁ ଦୂର ଦୂରାନ୍ତରୁ ଲୋକ ଆସନ୍ତି । ଲୋକମାନେ ମା'ଙ୍କ ପାଖରେ ବଳି ପକାଇବା ପାଇଁ ବଡ଼ମ୍ବା, ନରସିଂହପୁର, ଢେଙ୍କାନାଳ, ଅନୁଗୋଳ, ଖଣ୍ଡପଡ଼ା, ବାଙ୍କୀ ଓ ତିଗିରିଆ ରାଜ୍ୟରୁ ଲୋକମାନେ ଆସିଥାନ୍ତି । ମୁଁ କହୁଛି ୧୯୬୫-୬୬ କଥା ସେତେବେଳେ ଏତେ ବୋଦା ବଳି ପଡୁଥିଲେ ଯେ ରାସ୍ତାରେ ପାଳ ଦଉଡ଼ିରେ ବୋଦାର ବେକ ବାନ୍ଧି ଟାଣି ଟାଣି ନେବାର ଦୃଶ୍ୟ ବଡ଼ ହୃଦୟବିଦାରକ ଥିଲା । ଏପରି କି ଗୋଟିଏ ବୋଦା ପରେ ଆଉ ଗୋଟିଏ ବୋଦା ଲାଇନ୍ ଲାଇନ୍ ଲାଗିଥାଏ । ଏବେ ସେ ବଳିପ୍ରଥା ଆଉ ନାହିଁ । ଏହା ପ୍ରାୟ ୧୯୯୦ ମସିହାର ବନ୍ଦ ହୋଇଗଲାଣି । ମଇଁଷି ବଳି ମଧ୍ୟ ବନ୍ଦ ହୋଇଗଲାଣି । ମଣିଷ ବଳି କଥା ଠାକୁରାଣୀଙ୍କୁ ଜଣା । ଠାକୁରଙ୍କ ସେବାୟତ ମାଳିମାନେ ଜମିଜମା ନିଷ୍କର ଭୋଗ କରୁଛନ୍ତି । ଶଶାଙ୍ଗ ଗାଁ ଲୋକମାନଙ୍କ ମଧ୍ୟରେ ମୁଖ୍ୟ ଜାତି ହେଲେ ଚଷା । କିଛି ମାଳି ମଧ୍ୟ ଅଛନ୍ତି

 Download Magazine from www.aahwaan.com

ବାକି ଅନ୍ୟ ପାଟକର କିଛି କିଛି ଲୋକ ବସବାସ କରନ୍ତି । ପାଖରେ ଓଗାଳପୁର ଗାଁରେ ପାଇକ ବସତି ରହିଛି ।


ସହାୟକ ଗ୍ରନ୍ଥ

୧.ଓଡ଼ିଶାର ଦେବୀପୀଠ(ତତ୍ୱ ଓ ଉପାସନା), ପ୍ରଥମ ଭାଗ ପୃ ୨୯୯ ଲେ- ରାଜେନ୍ଦ୍ର କୁମାର ମହାନ୍ତି ।

୨. ଓଡ଼ିଶାର ଦେବଦେବୀ, ଉତ୍କଳ ପାଠକ ସଂସଦ, ଲେ- ନିରଞ୍ଜନ ରାଉତ ।

୩. ବଡ଼ାମ୍ବା ଇତିହାସ, ଲେ - ଶ୍ରୀବତ୍ସ ଦାଶ ବିଦ୍ୟାଳଙ୍କାର

୪. ଭଟ୍ଟାରିକା ସମାଜ ୬.୯.୧୯୯୯

୫.ଚାମୁଣ୍ଡାରୁ କାଳୀ, ନାରାୟଣ କୁମାର ରାଉତରାୟ ସମାଜ ୩.୧୦.୨୦୧୩

୫. କାଳଚୁରୀ ଇତିହାସ

୬. ଓଡ଼ିଶା ଇତିହାସ ଲେଖକ- ହରେକୃଷ୍ଣ ମହାତାବ



ବିଶ୍ୱନାଥପୁର, ବଡ଼ମ୍ବା, କଟକ

ଭ୍ରାମ୍ୟଭାଷ : ୯୭୭୭୧୪୩୪୮୫

# ପ୍ରବନ୍ଧ ବିଭାଗ

Download Magazine from www.aahwaan.com

# ମନୁଷ୍ୟ ଜୀବନ ରହସ୍ୟ - ୧



ପଙ୍କଜ କୁମାର ପାଣିଗ୍ରାହୀ

ବାଛୁରୀ ଛୁଆଟିଏ ଜନ୍ମ ହେବାପରେ ଇତଃସ୍ତତଃ ବଡ ଜୋରରେ ଦୌଡ଼ି ଦୌଡ଼ି ବ୍ୟତି ବ୍ୟସ୍ତ କରାଇଥାଏ ! ନୂତନ ଭାବେ ଧାରା ପୃଷ୍ଠରେ ପଦାର୍ପଣ କଲାପରେ ଦୁନିଆର ରଙ୍ଗ ରୂପରେ ପ୍ରଭାବିତ ହୋଇ ନୂତନତ୍ୱ ଅନୁଭବ ତାକୁ ବିଚଳିତ କରିଥାଏ, ପ୍ରକୃତିର ଅନେକ କିଛି କୌତୁହଳ  ଜାଣିବା ପାଇଁ । ହେଲେ ସମୟର ସ୍ରୋତରେ ଧୀରେ ଧୀରେ ସେ ବାନ୍ଧି ହୋଇଯାଏ ମନୁଷ୍ୟର ବଳୟ ଭିତରେ । ଆରମ୍ଭ ହୁଏ ନୂଆ ଏକ ଜୀବନ ତା'ର ! ଖୁଣ୍ଟରେ ବନ୍ଧା ହେବା !ସକାଳେ ଚରା ଭୂମିକୁ ଯାଇ ସନ୍ଧ୍ୟାରେ ଘରକୁ ଫେରିଲାପରେ କିଛି କୁଣ୍ଡା ତୋରାଣି ପିଇ ରାତିରେ ଶୋଇବା ! ପୁଣି ସକାଳେ ସେହି କାମ । ଧୀରେ ଧୀରେ ବଡ ହେବା ପରେ ଛୁଆ ଜନ୍ମ କରି ପାଳନ କର୍ତ୍ତାଙ୍କୁ କ୍ଷୀର ଦେଇ ତାଙ୍କ ବ୍ୟବସାୟରେ ଲାଭ କରାଇବା । ଆଉ ବେଳେ ବେଳେ ଅବସର ସମୟ ପୂର୍ବରୁ ହାଟରେ ବିକ୍ରି ହୋଇ ହଲାଲ ହୋଇ ମଣିଷଙ୍କ ଭୋଜନ ହେବା !

ଠିକ ସେହି ଭଳି ମଣିଷ ଛୁଆଟିଏ ଜନ୍ମ ହେବା ପରେ ପ୍ରାୟ ଅନେକ ବର୍ଷ ପର୍ଯ୍ୟନ୍ତ ତା'ରି ମନରେ ଅନେକ ପ୍ରଶ୍ନ ଉଠୁଥାଏ -"ମୁ" ର ଉତ୍ତର ଖୋଜିବା ପାଇଁ ! ତେଣୁ ଅନେକ ଜିନିଷ କଥା,ବସ୍ତୁ,ଶକ୍ତି ଇତ୍ୟାଦି ଉପରେ ଅନେକ ପ୍ରଶ୍ନ କରିଥାଏ ସେ ତାରି ପରିପାର୍ଶ୍ୱିକ ବ୍ୟକ୍ତିଙ୍କ ପାଖରେ । ବିଶେଷ କରି ମା ଓ ବାପାଙ୍କୁ ବେଶୀ ! ଆଉ ଅନେକ ସମୟରେ ଅନେକ ବସ୍ତୁ ଗୁଡିକ ଉପରେ ଗବେସଣାତ୍ମକ ଭାବେ ତାକୁ ଭାଙ୍ଗି ମାଡ ମଧ୍ୟ ଖାଇ ଥାଏ ! ହେଲେ ସେହି " ମୁ " ର ଉତ୍ତର ସେ ପାଇବାର ସୁଯୋଗ ପାଇପାରେ ନାହିଁ ! କାରଣ

 Download Magazine from www.aahwaan.com

ମନୁଷ୍ୟର ବ୍ୟସ୍ତ ବହୁଳତା ଜୀବନ ମଧ୍ୟରେ ପିଲାଟିର ଭବିଷ୍ୟତ (ଏକ ମିଥ୍ୟା ଓ ଭ୍ରାନ୍ତିକର ଉପାଦାନ ଯାହା ପରିବାର ଲୋକ ଚିନ୍ତା କରିଥାନ୍ତି) ଗଠନ ଦିଗରେ ତାକୁ ନିୟୋଜିତ କରାଯାଇ ଥାଏ - ଯଥା ବିଦ୍ୟା ଶିକ୍ଷା ଅର୍ଜନ ଠାରୁ ଆରମ୍ଭ କରି ରୋଜଗାର, ସଂସାର ଗଠନ ଏବଂ ସାଂସାରିକ କର୍ତ୍ତବ୍ୟ ପାଳନ ପର୍ଯ୍ୟନ୍ତ ଯେଉଁଥିରେ ତାର ବାର୍ଦ୍ଧକ୍ୟ ସମୟ ଚାଲିଆସେ ! ହେଲେ ସଂସାରର ସମସ୍ତ ତଥା କଥିତ କର୍ମ ସରିଲାପରେ ଯେଉଁସବୁ ପ୍ରଶ୍ନ ପିଲା ବେଳେ ମନରେ ଉଠି ଥାଏ ପୁଣି ତାହାର ପୁନରାବୃତ୍ତି ହୁଏ ! ହେଲେ କିନ୍ତୁ ଆଶ୍ଚର୍ଯ୍ୟର କଥାଯେ ଆଉ ସମୟ ନଥାଏ ତା'ରି ପାଖରେ ସେହିସବୁ ପ୍ରଶ୍ନ ର ଉତ୍ତର ଖୋଜି ବାହାର କରିବା ପାଇଁ ! ଜଞ୍ଜାଳ ମୟ ଜୀବନ ଭିତରେ ଅନେକ ଦୁଃଖ କଷ୍ଟ ଭୋଗୀ ଶେଷ ନିଶ୍ୱାସ ତ୍ୟାଗ ପୂର୍ବରୁ ନିଜ ଜୀବନ ରହସ୍ୟ ର ସଜ୍ଞା ବୁଝିନପାରି ବ୍ୟତି ବ୍ୟସ୍ତ ହୋଇ କିଛି କୁଚକ୍ରୀ ଜାଲରେ ପଡି ମିଥ୍ୟା ପ୍ରୟାସ ଗୁଡିକୁ ଆପଣେଇ ନେଇଥାଏ ଯାହା ବାସ୍ତବ ନୁହେଁ ! ଏବଂ ନିଜ ମନକୁ ସାନ୍ତ୍ୱନା ଦେଇ ପୁଣି ପୁନର୍ଜନ୍ମ ରେ ଆଉ କିଛି ଅଧିକା କରିବା ପ୍ରୟାସ କରିଥାଏ ମଣିଷ !ହେଲେ ବାସ୍ତବିକ ସେ ନିଜ ଜୀବନର ରହସ୍ୟ ନିଜେ ବୁଝି ପାରେ ନାହିଁ ! କେବଳ ଅନ୍ୟ କାହାଦ୍ୱାରା ପ୍ରଭାବିତ ହୋଇ ଯାହା ସାନ୍ତ୍ୱନା ପାଇଥାଏ ତାହା ହିଁ ତାରି ପାଇଁ ହୋଇଯାଏ ସର୍ବେ ସର୍ବା ! ଆଉ ପୁଣି ତା'ରି ସେହି ଭ୍ରାନ୍ତି ତଥ୍ୟ କୁ ଅନାୟାସ ଭାବେ ପ୍ରଚାର ପ୍ରସାର ଦିଗରେ ଲାଗି ପଡେ ଅନ୍ୟକୁ ପ୍ରଭାବିତ କରିବା ପାଇଁ ! ଆଉ ଏକ ବିଶାଳ ଅନ୍ଧ ବିଶ୍ୱାସ ର ସାମ୍ରାଜ୍ୟ ସୃଷ୍ଟି ହୁଏ ତାରି ପରିବାର ଆଉ ନିକଟ ସମ୍ପର୍କୀୟ ମାନଙ୍କୁ ନେଇ ଯାହା ଆଜିକାର ସମାଜର ଏକ ଜ୍ୱଳନ୍ତ ଉଦାହରଣ !

ହେଲେ ବାସ୍ତବ କ'ଣ ? ସତ୍ୟ କ'ଣ ? ଏହି ପ୍ରଶ୍ନ ଆଜି ପର୍ଯ୍ୟନ୍ତ ପ୍ରଶ୍ନରେ ହିଁ ରହି ଯାଇ ଅଛି ମଣିଷ ପାଖରେ !

Download Magazine from www.aahwaan.com

ସତ୍ୟ ଏବଂ ବାସ୍ତବତାର ଉତ୍ତର ପାଇନାହାନ୍ତି କେହି ! ସମସ୍ତେ କେବଳ ଅନ୍ଧ ଭାବେ କୁହୁଡି ମଧ୍ୟରେ ପହଁରି ପହଁରି ଜୀବନ ନଇ ପାର କରୁଛନ୍ତି !

ହେଲେ ପ୍ରକୃତିର ରହସ୍ୟ, ଜୀବନ ରହସ୍ୟ, ବାସ୍ତବତା ଜାଣିବା କ'ଣ ସମ୍ଭବ ନୁହେଁ ? ନା ମନୁଷ୍ୟ ଜାଣିବା ପାଇଁ ଆଗ୍ରହୀ ନୁହେଁ ? !

ଆପଣଙ୍କ ପ୍ରଶ୍ନ କିମ୍ବା ଉତ୍ତର ଅପେକ୍ଷାରେ !.........

ସୋସିଆଲ୍ ଫୋରମ୍

ବ୍ୟାଙ୍କ କଲୋନୀ, ଛତ୍ରପୁର, ଗଞ୍ଜାମ

୭୬୧୦୨୦, ଓଡ଼ିଶା

ଇମେଲ୍ : socialforum.org.in@gmail.com

ଭ୍ରାମ୍ୟଭାଷ : ୯୪୩୭୩୨୪୯୧୭ / ୯୮୬୧୧୦୯୫୮୪

Download Magazine from www.aahwaan.com

# ଯୋଗର ବାସ୍ତବ ବିଶେଷତ୍ୱ ଓ ଭକ୍ତିଯୋଗ



ପ୍ରବୀଣ କୁମାର କବି

ସରଳ ଅର୍ଥରେ ବୁଝିଲେ , ଗୋଟିଏ ଜିନିଷ ସହିତ ଆଉ ଗୋଟିଏ ଜିନିଷର ମିଶ୍ରଣକୁ ଯୋଗ କୁହାଯାଏ । ସମଜାତୀୟ , ସମଭାବାପନ୍ନ, ସମମନ, ସମରକ୍ତ, ସମପ୍ରକୃତି, ସମଶକ୍ତିର ମିଶ୍ରଣକୁ ଯୋଗ କୁହାଯାଏ । ଯୋଗ ବା ମିଳନ ଦ୍ୱାରା ମଣିଷ ଉପକୃତ ହୋଇଥାଏ ଯେପରି ନିଜ ସ୍ୱଭାବ ସହିତ ଅନ୍ୟ ସ୍ୱଭାବର ମିଳନ ଘଟିଲେ ବନ୍ଧୁତ୍ୱ ବଢେ ।

ଯୋଗର ଅନ୍ୟନାମ ଜାଗରଣ । ଯେଉଁ ଯୋଗ ମାଧ୍ୟମରେ ମନୁଷ୍ୟ ନିରୋଗୀ ହୁଏ, ଆତ୍ମବିଶ୍ୱାସ ବଢେ, ନିର୍ଭୀକ ହୁଏ, ଚଞ୍ଚଳମନ ସ୍ଥିର ହୁଏ, ସ୍ୱଭାବର ପରିବର୍ତ୍ତନ ଘଟେ, ଆଧ୍ୟାତ୍ମିକ ଭାବ ଜାଗ୍ରତ ହୁଏ, ମନ ଈଶ୍ୱରାଭିମୁଖୀ ହୁଏ ତାକୁ ହିଁ ବାସ୍ତବ ଯୋଗ କୁହାଯାଏ । ବିନା ସାଧନାରେ ଯୋଗ ସମ୍ଭବ ନୁହେଁ । ତେଣୁ ଏଥିପାଇଁ ପ୍ରଥମେ ସଂକଳ୍ପ ଲୋଡ଼ା । ତାପରେ ଶ୍ରଦ୍ଧା, ବିଶ୍ୱାସ ଏବଂ ଧୈର୍ଯ୍ୟ ଲୋଡ଼ା ।

ଯୋଗକୁ ଅନେକ୍ ଭାବରେ ବିଭକ୍ତ କରାଯାଇଛି ଯଥା-

କର୍ମଯୋଗ, ଜ୍ଞାନଯୋଗ, ଭକ୍ତିଯୋଗ, ରାଜଯୋଗ, କ୍ରିୟାଯୋଗ, ହଠଯୋଗ ଏବଂ ଅଷ୍ଟାଙ୍ଗଯୋଗ ଇତ୍ୟାଦି । ସଂସାରରେ ଏହିପରି ପ୍ରାୟ ୮୪ ଟି ପ୍ରସିଦ୍ଧ ଯୋଗ ଓ ୭୦୦ ଅପ୍ରସିଦ୍ଧ ଯୋଗ ରହିଛି । ଏହି ଯୋଗ ଗୁଡିକର କାର୍ଯ୍ୟପ୍ରଣାଳୀ, ବିଧିବ୍ୟବସ୍ଥା ଓ ସାଧନାପଦ୍ଧତି ପରସ୍ପରଠାରୁ ଭିନ୍ନ । ତଥାପି ସମସ୍ତଙ୍କ ମୂଳରେ ଗୋଟିଏ ତଥ୍ୟ ନିହିତ । ତୁଚ୍ଛ ଅବସ୍ଥାରୁ ମହାନତା ଦିଗରେ, ଅପୂର୍ଣତାରୁ ପୂର୍ଣ୍ଣତା ଦିଗରେ, ଅସତ୍‌ରୁ ସତ୍ ଦିଗରେ, ତମସାରୁ ଜ୍ୟୋତି ଦିଗରେ, ମୃତ୍ୟୁରୁ ଅମୃତ ଦିଗରେ ଯେଉଁ ପ୍ରଗତି ହୋଇଥାଏ ତାହାର ନାମ

Download Magazine from www.aahwaan.com

ଯୋଗ ।

ଆଧ୍ୟାତ୍ମିକ ଭାଷାରେ ଅଣୁ ଆତ୍ମାକୁ ପରମାତ୍ମାରେ ପରିଣତ କରିବାର ପ୍ରଯତ୍ନକୁ ଯୋଗ କୁହାଯାଏ ।

ସଂସାରରେ ଯେତେ ଯୋଗର ବର୍ଣ୍ଣନା ରହିଛି ସେ ସମସ୍ତ ଯୋଗ ମଧ୍ୟରୁ ଭକ୍ତିଯୋଗକୁ ଶ୍ରେଷ୍ଠ ଯୋଗ ବୋଲି ଗଣନା କରାଯାଏ । "ମୁଁ ଏବଂ ମୋର" ଶବ୍ଦଦ୍ୱାରା ଉତ୍ପନ୍ନ ସମସ୍ତ ବସ୍ତୁ ଓ ବ୍ୟକ୍ତି ପ୍ରତି ଥିବା ମୋହ ଓ ମମତାକୁ ତୁଟାଇ ଯେଉଁମାନେ କେବଳ "ମୁଁ ଆଉ ତୁ" ଭିତରେ ସମ୍ବନ୍ଧ ସ୍ଥାପନ କରିପାରନ୍ତି ସେମାନଙ୍କୁ "ଭକ୍ତଯୋଗୀ" ବୋଲି କୁହାଯାଏ । ସଂସାରରେ ରହି ମଧ୍ୟ ସିଧାସଳଖ ଭଗବାନଙ୍କର ପ୍ରେମ ଆସ୍ୱାଦନ କରିବାର ଶ୍ରେଷ୍ଠ ମାର୍ଗ ହେଉଛି ଭକ୍ତିଯୋଗ । ମଣିଷ ଜୀବନର ସମସ୍ତ କର୍ମର ଉଦେଶ୍ୟ ହେଉଛି ଆନନ୍ଦରେ ଜୀବନ ଅତିବାହିତ କରିବା । ଏହି ଆନନ୍ଦକୁ ଖୋଜିବାକୁ ଯାଇ ମନୁଷ୍ୟ ଧନ ଉପାର୍ଜନ କରେ, ସଂପତ୍ତି ଠୁଳ କରେ, ନାନାପ୍ରକାର ଉପଭୋଗ୍ୟ ପଦାର୍ଥ ସଂଗ୍ରହ କରି ସେଥିରୁ ଆନନ୍ଦ ଖୋଜେ । କିନ୍ତୁ ବାସ୍ତବ ଆନନ୍ଦ ଓ ସ୍ଥାୟୀ ଆନନ୍ଦ ଏହିସବୁ ଜିନିଷରୁ ମିଳିପାରେନା । ବରଂ ଏହିସବୁ ଜିନିଷକୁ ଖୋଜିବାକୁ ଯାଇ ମନୁଷ୍ୟ ଦୁଃଖ, କଷ୍ଟ, ଅଭାବ ଓ ଅଶାନ୍ତି ଭୋଗକରେ । କିନ୍ତୁ ବାସ୍ତବ ଏବଂ ସ୍ଥାୟୀ ଆନନ୍ଦ ପାଇବାକୁ ହେଲେ ଭଗବାନଙ୍କ ସହ ଜଡ଼ିତ ହେବାକୁ ପଡିବ । ଭଗବାନଙ୍କ ବାସ୍ତବତାକୁ ଉପଲବ୍ଧି କରିବାକୁ ପଡିବ ।ଭଗବାନଙ୍କ ପ୍ରେମକୁ ଆସ୍ୱାଦନ କରିବାକୁ ପଡିବ ଏବଂ ଭଗବାନଙ୍କୁ ପାଇବାର ଏହି ମାର୍ଗକୁ ଭକ୍ତିଯୋଗ କୁହାଯାଏ ।

ଭକ୍ତିମାର୍ଗର ପଥିକମାନଙ୍କ ପ୍ରତି ଭଗବାନଙ୍କର ସର୍ବଦା ସୁଦୃଷ୍ଟି ରହିଥାଏ । ଯେଉଁମାନେ ବିନା ସ୍ୱାର୍ଥରେ ଭଗବାନଙ୍କ ଆଡକୁ ଚାଖଣ୍ଡେ ବି ଆଗେଇ ଆସନ୍ତି, ଭଗବାନ

Download Magazine from www.aahwaan.com

ତାଙ୍କ ଆଡକୁ ହାତେ ଆଗେଇ ଯାଆନ୍ତି । ବଣିଆ ଯେପରି ସୁନାର ଭଲମନ୍ଦ ଜାଣିବାପାଇଁ କସଟି ପଥରରେ କଷେ ଓ ଯେତେବେଳେ ଜାଣିପାରେ ସେ ସୁନାରେ ଖାଦ ଅଛି, ସେତେବେଳେ ସେ ତାକୁ ନିଆଁରେ ପୋଡି ତାର ଖାଦକୁ ବାହାରକରି ଖାଣ୍ଟି ସୁନା ବାହାର କରେ । ଠିକ୍ ସେହିପରି ଭଗବାନ ଭକ୍ତର ଭାବକୁ ପରୀକ୍ଷାରୂପକ କଷଟି ପଥରରେ କଷି ଦୁଃଖ, କଷ୍ଟ, ରୋଗ ରୂପକ ଅଗ୍ନିରେ ଦାହକରି ତାକୁ ନିଜ ଆଡକୁ ଆକର୍ଷିତ କରିନିଅନ୍ତି । ଥରେ ଭକ୍ତ ଭଗବାନଙ୍କର ନିଜର ହୋଇଗଲେ ଭଗବାନ ଭକ୍ତର ଅଧୀନ ହୋଇଯାଆନ୍ତି ।ଏବଂ ଭକ୍ତ ସେତେବେଳେ ନିର୍ବାଣ ଚାହେଁନି କି ବ୍ରହ୍ମରେ ଲୀନହେବାକୁ ଚାହେଁନି ସେ କେବଳ ତାଙ୍କର ଦାସ ହେବାକୁ ଚାହେଁ, ସେବକଟିଏ ହୋଇ ରହିବାକୁ ଚାହେଁ । ଭଗବାନ ଏବଂ ଭକ୍ତ ମଧ୍ୟର ଏଇ ଭକ୍ତିରସକୁ ଆସ୍ୱାଦନ କରିବା ପାଇଁ ଭଗବାନ ଶ୍ରୀକୃଷ୍ଣ ମଧ୍ୟ ଶ୍ରୀଚୈତନ୍ୟଙ୍କ ରୂପରେ ଧରାବତରଣ କରିଥିଲେ ବୋଲି ଅନେକ୍ ବିଶ୍ୱାସ କରନ୍ତି ।

ସମ୍ପାଦକ, “ବଣମଲ୍ଲି”

ଅଧ୍ୟାପକ, ଉଦ୍ଭିଦବିଜ୍ଞାନ ବିଭାଗ

ପତିତପାବନ ମହାବିଦ୍ୟାଳୟ

ସାଇଁକୁଳ, କେନ୍ଦୁଝର

ଭ୍ରାମ୍ୟଭାଷ : ୭୭୦୯୦୭୭୦୨୩

Download Magazine from www.aahwaan.com

# ମଧୁବାବୁ ଓ ଓଡ଼ିଶା



ଶ୍ରୀ ରମା କାନ୍ତ ମିଶ୍ର

ଏପ୍ରିଲ ୨୮ ତାରିଖ ମଧୁବାବୁଙ୍କ ଜୟନ୍ତୀ ଉପଲକ୍ଷେ :

## ଶ୍ରୀଯୁକ୍ତ ମଧୁସୂଦନ ଦାସଙ୍କର ଓଡ଼ିଆ ଜାତିକୁ ଦାନ

ମଧୁସୁଦନ ହେଉଛନ୍ତି ଓଡ଼ିଆ ଜାତିର ପ୍ରଥମ ଗ୍ରାଜୁଏଟ । ଓଡ଼ିଆ ଜାତିର ପ୍ରଥମ ଏମ.ଏ. । ପ୍ରଥମ ଓଡ଼ିଆ ଓକିଲ ଓ ପ୍ରଥମ ଓଡ଼ିଆ ଆଡ଼ଭୋକେଟ । ଇଉରୋପକୁ ପ୍ରଥମ ଓଡ଼ିଆ ଯାତ୍ରୀ । ପ୍ରାଦେଶିକ ଭାଇସ ରୟାଲ ବ୍ୟବସ୍ଥାପକ ସଭାର ପ୍ରଥମ ଓଡ଼ିଆ ସଭ୍ୟ । ପ୍ରଥମ ଓଡ଼ିଆ ମନ୍ତ୍ରୀ ଓ ମନ୍ତ୍ରୀତ୍ୱ ପରିତ୍ୟାଗ କରିବାରେ ପ୍ରଥମ ଭାରତୀୟ ମନ୍ତ୍ରୀ । ସର୍ବୋପରି ସେ ହେଉଛନ୍ତି ନବୀନ ଉତ୍କଳର ପ୍ରାଣ ପ୍ରତିଷ୍ଠାତା । ଆଜି ଆମେ ଯାହା କିଛି ଘେନି ଗର୍ବ କରୁଛୁ ତାହା ପଛରେ ତାଙ୍କର ପ୍ରେରଣା ନିହିତ । ସେ ସମୟର ଓଡ଼ିଶାର କି ରାଜନୀତି, କି ଅର୍ଥନୀତି, କି ସାମାଜିକ ଜୀବନ ଏବଂ କି ଧାର୍ମିକ ଜୀବନ ପ୍ରତ୍ୟେକ କ୍ଷେତ୍ରରେ ମଧୁ ବାବୁଙ୍କ ଅବଦାନ ନିହିତ । ସେ ସମୟର ଓଡ଼ିଶାର ଇତିହାସ ସମ୍ବନ୍ଧରେ ଆଲୋଚନା କଲେ ଆମକୁ ମଧୁସୂଦନଙ୍କର ପଚାଶ ବର୍ଷର ଜୀବନକୁ  ତନ୍ନ ତନ୍ନ କରି ଆଲୋଚନା କରିବାକୁ ହେବ । ଏଥିପାଇଁ ଯଥାର୍ଥରେ ଶ୍ରୀଯୁକ୍ତ ଚିନ୍ତାମଣି ଆଚାର୍ଯ୍ୟ କହିଛନ୍ତି – "ମଧୁବାବୁଙ୍କ ଜୀବନ କାହାଣୀ ଉତ୍କଳର ଅର୍ଦ୍ଧ ଶତାବ୍ଦୀର ଇତିହାସ । ଏହି ଇତିହାସ ମଧ୍ୟରେ ଉତ୍କଳର ସାମାଜିକ, ରାଜନୈତିକ, ଅର୍ଥନୈତିକ ତଥା ଶିଳ୍ପ, ବାଣିଜ୍ୟ, ଶିକ୍ଷା - ସମସ୍ତ ବିଷୟ ନିହିତ ହୋଇ ରହିଅଛି ।"

ଓଡିଶା ଆଜି ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ । ଓଡ଼ିଶାର ପ୍ରତ୍ୟେକ କ୍ଷେତ୍ରରେ ଏକ ସ୍ୱତନ୍ତ୍ରତା

Download Magazine from www.aahwaan.com

ବିଦ୍ୟମାନ । କିନ୍ତୁ ଦିନ ଥିଲା ଓଡ଼ିଶାର କୌଣସି ସ୍ୱତନ୍ତ୍ର ସତ୍ତା ନ ଥିଲା । ଓଡିଶା ବିହାର, ବଙ୍ଗ, ମାନ୍ଦ୍ରାସ, ଆନ୍ଧ୍ର ଓ ମଧ୍ୟ ପ୍ରଦେଶ ସହିତ ଖଣ୍ଡ ବିଖଣ୍ଡିତ ହୋଇ ମିଶି ରହିଥିଲା । ଏହି ଛିନ୍ନମସ୍ତା ଉତ୍କଳଜନନୀର ଏକୀକରଣ ମଧୁସୂଦନଙ୍କର ଜୀବନର ମୁଖ୍ୟ ସାଧନା ଥିଲା ! ବିଛିନ୍ନ ଓଡ଼ିଆ ଭାଷା ଅଂଚଳ ଗୁଡ଼ିକ କିପରି ଏକାଠି ହେବ, ଓଡ଼ିଆ ଲୋକେ କିପରି ଓଡ଼ିଆରେ ଶିକ୍ଷା ପାଇ ପାରିବେ, ଓଡ଼ିଶାରେ କିପରି ଶିଳ୍ପ ବିକାଶ ହେବ ଏହି ସମସ୍ତ ସମସ୍ୟାର ସମାଧାନ ନିମନ୍ତେ ସେ ନିଜକୁ ତିଳ ତିଳ କରି ଅର୍ପଣ କରିଥିଲେ । ଏହି ସମସ୍ତ ପ୍ରଶ୍ନକୁ କେବଳ ନିଜ ମଧ୍ୟରେ ସିମୀତ ନ ରଖି  ସମସ୍ତ ଉତ୍କଳୀୟଙ୍କର ମଧ୍ୟରେ ପ୍ରସାର କରିବା ଉଦ୍ଦେଶ୍ୟରେ ସେ ଓଡ଼ିଶାରେ ଗଠନ କରିଥିଲେ 'ଉତ୍କଳ ସମ୍ମିଳନୀ' । କୋଟିଏ ଉତ୍କଳୀୟଙ୍କର ପ୍ରାଣ ବିନ୍ଦୁ ଧରିଥିବା ସେହି ଉତ୍କଳ ସମ୍ମିଳନୀରେ  ସେ ଗୁରୁ ଗମ୍ଭୀର ମନ୍ତ୍ରରେ ଉଚ୍ଚାରଣ କରିଥିଲେ -

"କୋଟିଏ ସନ୍ତାନ ଗୋଟିଏ ସ୍ୱରରେ

ଜନନୀ ଜନନୀ ଡାକ

ତୃଷାରେ କାତର ଗଗନକୁ ଚାହିଁ

ଯେସନେ ଡାକେ ଚାତକ ।

ଜାତି ପ୍ରେମ ବହ୍ନି ପ୍ରଜ୍ଜ୍ୱଳିତ କର

ସ୍ୱାର୍ଥକୁ ଦିଅ ଆହୁତି

ସ୍ୱାର୍ଥମେଧ ଯଜ୍ଞେ ଚାରିଆଡ଼େ ନାଚ

ଛାତିକୁ ମିଶାଇ ଛାତି ।"

## ସ୍ୱଦେଶପ୍ରେମୀ ସାହିତ୍ୟ ସୃଷ୍ଟି :

Download Magazine from www.aahwaan.com

ଏ କଥା ନିଃସନ୍ଦେହରେ କୁହାଯାଇ ପାରେ ଯେ ମଧୁସୂଦନଙ୍କ ପରି ତୀବ୍ର ସ୍ୱଦେଶୀ ଓ ବଳିଷ୍ଠ ଓଡ଼ିଆ ମନୋଭାବ ନେଇ ଅନ୍ୟ କୌଣସି ସାହିତ୍ୟିକ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଏ ପର୍ଯ୍ୟନ୍ତ ଅବତୀର୍ଣ୍ଣ ହୋଇନାହାନ୍ତି । ତାଙ୍କର ଜୀବଦ୍ଦଶା ମଧ୍ୟରେ କି ବକ୍ତୃତା, କି କବିତା ଓ କି ବ୍ୟବସାୟ ବାଣିଜ୍ୟ ସବୁଥିରେ ତାଙ୍କର ସେହି ଗୋଟିଏ ମାତ୍ର ବ୍ୟାକୁଳତା ଫୁଟି ଉଠୁ ଥିଲା – "ହେ ବୀର ଓଡ଼ିଆ ଜାତି ତୁ ନିଜକୁ ଚିହ୍ନିବା ଶିଖ ! ଜଗତ ସମ୍ମୁଖରେ ମଥା ଉଚ୍ଚ କରି ଠିଆ ହୁଅ । ତାଙ୍କର କର୍ମ ମୟ ଜୀବନ ଭିତରେ ସେ ଯାହା କିଛି ଲେଖି ଯାଇଛନ୍ତି ସେ ସବୁ ସତେ ଯେପରି ଶକ୍ତିର ଉତ୍ସ । ତାଙ୍କର ସାହିତ୍ୟ ଥିଲା ଉଦ୍ଦେଶ୍ୟ ମୂଳକ । ସେହି ଉଦ୍ଦେଶ୍ୟ ହେଉଛି ମାତ୍ର ଗୋଟିଏ ତାହା ହେଉଛି ଅବହେଳିତ ଓ ନିର୍ଯ୍ୟାତିତ ଓଡ଼ିଆ ଜାତିକୁ ସଜାଗ ଓ ସଚେତନ କରି ବିଶ୍ୱ ବକ୍ଷରେ ଏକ ବିଶିଷ୍ଟ ଜାତି ରୂପେ ଠିଆ କରାଇବା । ସେଥିପାଇଁ ମାତୃହରା ଛୋଟ ଶିଶୁ ପରି ବ୍ୟାକୁଳ ହୋଇ ପୂର୍ଣ୍ଣାଙ୍ଗୀ ଉତ୍କଳମାତାର ସନ୍ଧାନ ପାଇବା ପାଇଁ ସେ ଭୁବନେଶ୍ୱର, କୋଣାର୍କ ଓ ଆଉ ସବୁଆଡେ ଖୋଜି ଭୁଲିଛନ୍ତି । ସେ ଲେଖିଛନ୍ତି -

ମା ମା ବୋଲି ଯେତେ ମୁଁ ଡାକିଲି<br>
ମାଆକୁ ପାଇଲି ନାହିଁ<br>
ଭାଇ ଭାଇ ବୋଲି ଯେତେ ମୁଁ ଡାକିଲି<br>
ଉତ୍ତର ନ ଦେଲେ କେହି ।

ଶେଷରେ ପୂର୍ଣ୍ଣାଙ୍ଗୀ ମାଆର ଦର୍ଶନ ନ ପାଇ ମଧୁସୂଦନ ଉଦ୍ବୋଧନ ଦେଇ କହିଛନ୍ତି -

ଭୂମିକମ୍ପ ହେବ ଧରଣୀ ଫାଟିବ<br>
ଉଠିବେ ସହସ୍ର ଭୁଜା<br>
ସେହି ତୋର ମାତା ସେହି ତୋର ପିତା

 Download Magazine from www.aahwaan.com

କର ତାଙ୍କ ପାଦ ପୂଜା ।

ଏଠାରେ ସାହିତ୍ୟିକଙ୍କର ଆସନରୁ ସେ ପୁରା ପୁରି ଉପଦେଷ୍ଟା ଋଷିଙ୍କର ଆସନକୁ ଉଠି ଆସିଛନ୍ତି । ଏହି କାରଣରୁ ତାଙ୍କର ବ୍ୟକ୍ତିତ୍ୱର ପ୍ରଭାବ ଓଡ଼ିଆ ଜାତୀୟ ଜୀବନକୁ ବହୁ ପରିମାଣରେ ପ୍ରଭାବିତ କରିଥିଲେ ମଧ୍ୟ ଓଡ଼ିଆ ସାହିତ୍ୟର ଗତିକୁ ବିଶେଷ ଭାବରେ ପ୍ରଭାବିତ କରି ପାରି ନ ଥିଲା ।

## ଓଡ଼ିଶାର ଶିଳ୍ପୋନ୍ନତି

ମଧୁସୂଦନ ହିଁ ପ୍ରଥମ ବ୍ୟକ୍ତି ଯେ ଓଡ଼ିଶାର ଅର୍ଥନୀତିକୁ, ଓଡ଼ିଆ ଜାତିର ଅର୍ଥନୈତିକ ଅବସ୍ଥାକୁ ଉତ୍ତମ ରୂପେ ହୃଦୟଙ୍ଗମ କରି ପାରିଥିଲେ । ସେ ଭଲ ଭାବରେ ବୁଝି ଥିଲେ ଓଡିଶାକୁ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ କରିଦେଲେ ଓଡ଼ିଆ ଲୋକଙ୍କର ଭାଗ୍ୟ ବଦଳିବ ନାହିଁ । ଓଡ଼ିଶାର ଲୋକେ ଗରିବ । ସେମାନଙ୍କୁ ଭଲରେ ରହିବାକୁ ହେଲେ ଚାଷ ସଂଗେ ସଂଗେ ଦେଶର ଶିଳ୍ପ ଉନ୍ନତି କରାଯିବ ଦରକାର ।

ମଧୁବାବୁ ଜାଣୁଥିଲେ ଶିଳ୍ପ, କାରିଗରୀରେ ଓଡ଼ିଆ ଲୋକେ ଅତି ପାରଙ୍ଗମ । ଓଡ଼ିଆ ଶିଳ୍ପୀ କୋଣାର୍କ, ଲିଙ୍ଗରାଜ, ଏବଂ ଜଗନ୍ନାଥଙ୍କର ମନ୍ଦିର ନିର୍ମାଣ କରିଛନ୍ତି । ପାଲଟଣା ବୋଇତ ବାହି ଜାଭା, ସୁମାତ୍ରା, ଜାପାନ ଇତ୍ୟାଦି ଅଂଚଳ କୁ ଯାଇ ବ୍ୟବସାୟ କରିଛନ୍ତି । ଏ ଦେଶର ଲୋକଙ୍କ ହାତରେ ଅତି ଉତ୍କୃଷ୍ଟ କଳା ର କାମ ହୋଇ ପାରିବ । ଉତ୍କୃଷ୍ଟ କଳା ପାଇଁ ଉତ୍କଳ ଯୁଗେ ଯୁଗେ ପ୍ରସିଦ୍ଧି ଲାଭ କରିଛି । କେବଳ କଳ କାରଖାନା ବସାଇବାକୁ ଓଡ଼ିଆ ମାନଙ୍କ ପାଖରେ ଧନ ନାହିଁ । ଏଥିପାଇଁ ଓଡ଼ିଆ ମାନେ ଶିଳ୍ପ ବ୍ୟବସାୟରେ ପଛରେ ପଡି ରହି ଛନ୍ତି । ସେଥିପାଇଁ ମଧୁ ବାବୁ ନିଜେ କେତୋଟି କାରିଗରୀ କାରଖାନା ଖୋଲିବାକୁ ସ୍ଥିର କଲେ । ତାଙ୍କରି ଚେଷ୍ଟା ଫଳରେ ଉତ୍କଳ ଟାନେରୀ ନାମକ ଏକ ଜୋତା କାରଖାନା ଆଉ

Download Magazine from www.aahwaan.com

ଉତ୍କଳ କଳା ସମ୍ପଦ ନାମକ ଏକ ସୁନା ରୂପା ର ତାରକସି କାମର ଦୋକାନ ଖୋଲା ହେଲା । ଏହି ଜୋତା କାରଖାନାରେ ତିଆରି ହେଉଥିବା ଜିନିଷ ର ଗୁଣବତ୍ତା କିପରି ଅଧିକ ହେବ ଓ ଅନ୍ୟ ପ୍ରଦେଶରେ ତିଆରି ହେଉଥିବା ଜୋତା ଠାରୁ ଅଧିକ ମଜବୁତ ହେବ ସେଥିପାଇଁ ସେ ଯତ୍ନ କରୁଥିଲେ । ଉତ୍କୃଷ୍ଟ ଜୋତା ତିଆରି ହୋଇ ପାରୁ ନ ଥିଲେ ସେ ଗୁଡିକୁ ବଜାରକୁ ନ ଛାଡି ନଷ୍ଟ କରି ଦେଉ ଥିଲେ । ଏଥିପାଇଁ ଜୋତା ବ୍ୟବସାୟରୁ ସେ ଲାଭ ନ ପାଇ ବେଳେ ବେଳେ କ୍ଷତି ସହୁ ଥିଲେ । କ୍ଷତି ହେଉ ପଛେ ସେ ସର୍ବଦା କହୁଥିଲେ - "କ୍ଷତି ହେଉ କିନ୍ତୁ ଆମ ମାନ ରହୁ, ଓଡ଼ିଆ ଲୋକେ ଉତ୍କୃଷ୍ଟ ଜୋତା ତିଆରି କରୁଛନ୍ତି ବୋଲି ଅନ୍ୟ ପ୍ରଦେଶର ଲୋକେ ଜଣାନ୍ତୁ ।"

ଓଡ଼ିଆ ଜାତିର ନାମ କେବେହେଲେ ତଳେ ନ ପଡୁ, ଓଡ଼ିଆ ମାନଙ୍କୁ କେହି କେବେ ନୀଚ ମନେ ନ କରୁ, ଓଡ଼ିଆ ଜାତି ପ୍ରତ୍ୟେକ କାମରେ ଆଗରେ ରହୁ ଏହାହିଁ ଥିଲା ମଧୁ ବାବୁଙ୍କର ଅନ୍ତରର କଥା । ଏହି ଭାବ ଉତ୍କଳର ଘରେ ଘରେ ପହଂଚାଇବା ପାଇଁ ସେ ସଦା ସର୍ବଦା କର୍ମରତ ଥିଲେ । ବିଭିନ୍ନ ସଭା ସମିତିରେ ସେ ଉତ୍କଳ ଲୋକଙ୍କୁ ସର୍ବଦା ନିଜ ଜାତିର ଉନ୍ନତି ପାଇଁ ଉପଦେଶ ଦେଉ ଥିଲେ । ମଧୁ ବାବୁ ଉତ୍ତମ ରୂପେ ହୃଦୟଙ୍ଗମ କରିଥିଲେ ଯେ ଧନ, ଜନ, ଓ ମନ ଅର୍ଥାତ ଆର୍ଥିକ, କାୟିକ ଓ ବୌଦ୍ଧିକ ଏହି ତିନି ଗୁଣ ଏକାଠି ହେଲେ ଶିଳ୍ପ ଅଭିବୃଦ୍ଧି ହେବା ସୁନିଶ୍ଚିତ । ଜଣେ ବ୍ୟକ୍ତିଙ୍କ ଠାରେ ଏହି ତିନି ଶକ୍ତି ଏକତ୍ର ରହି ପାରିବା ସମ୍ଭବପର ହୋଇ ନ ଥାଏ , ତେଣୁକରି ୟୁରୋପ ପରି ଶିଳ୍ପୋନ୍ନାତ ରାଷ୍ଟ୍ରରେ ତିନି ଶ୍ରେଣୀର ଲୋକେ ଏକାଠି ହୋଇ ଶିଳ୍ପରେ ପ୍ରଗତି କରନ୍ତି । ଶିଳ୍ପ କ୍ଷେତ୍ରରେ ପାଶ୍ଚାତ୍ୟ ଜଗତ ସହିତ ପ୍ରତିଯୋଗିତା କରିବାକୁ ହେଲେ ଓଡ଼ିଆ ଜାତିକୁ ମଧ୍ୟ ଏହି ସୂତ୍ରରେ ଅଗ୍ରସର ହେବାକୁ ହେବ, ଏହି କଥା ସେ ସର୍ବଦା ଉତ୍କଳ ର ଲୋକଙ୍କୁ ବୁଝାଉଥିଲେ । ସେ

Download Magazine from www.aahwaan.com

କେବେହେଲେ ଓଡିଶା ବାସୀଙ୍କୁ ନିରାଶ ଏବଂ ହତାଶ ବାଣୀ ଶୁଣାଇ ନାହାନ୍ତି । ସେ କହିଛନ୍ତି - "ଲୋକେ କହନ୍ତି ଓଡିଶା ଗରିବ କିନ୍ତୁ ମୁଁ କହେ କଦାପି ନୁହେଁ । ବର୍ତ୍ତମାନ କଲିକତା, ନାଗପୁର ଆଦି ସ୍ଥାନରେ କଳ କାରଖାନାରେ ଲକ୍ଷ ଲକ୍ଷ ଓଡ଼ିଆ କାମ କରୁଛନ୍ତି, ଏହାର ଅର୍ଥ ଓଡ଼ିଆଙ୍କ କାମର ମୂଲ୍ୟ ଅଛି ଯେଉଁ ମୂଲ୍ୟ ବାହାରର ଲୋକେ ଖାଇ ଯାଉଛନ୍ତି ।

## ମଧୁସୂଦନଙ୍କ ତ୍ୟାଗ :

ମଧୁସୂଦନଙ୍କ ଭଳି ଲୋକ ଏଯାବତ୍ ଉତ୍କଳରେ ଜନ୍ମ ଗ୍ରହଣ କରି ନାହାନ୍ତି । ସେ ହୃଦୟଙ୍ଗମ କରିଥିଲେ, ଦେଶ ପ୍ରେମର ମୌଳିକ ତତ୍ତ୍ୱ ହେଉଛି ଆତ୍ମୋତ୍ସର୍ଗ । ଏହି କାରଣରୁ ୧୯୨୧ ମସିହାରେ ସେ ଯେତେବେଳେ ବିହାର ଓଡିଶା ର ମନ୍ତ୍ରୀ ରୂପେ ନିର୍ବାଚିତ ହେଲେ ତାଙ୍କର ମତ ଥିଲା ଯେ ମନ୍ତ୍ରୀମାନେ ଲୋକ ପ୍ରତିନିଧି ହୋଇ ବେତନ ଭୋଗୀ ହେବେ ନାହିଁ ଏହା ଉଚିତ ନୁହେଁ । ସରକାର ଏ କଥା ନ ମାନି ବାରୁ ସେ ମନ୍ତ୍ରୀ ପଦବୀରୁ ଇସ୍ତଫା ପ୍ରଦାନ କରିଥିଲେ । ଏ ଭଳି ତ୍ୟାଗ ଆଜିର ଦୁନିଆରେ ବିରଳ ।

## ମଧୁ ବାବୁଙ୍କ ଜାତୀୟତା :

ଜାତୀୟତାର ଭାବନାକୁ ଆଜି ଆମେ ଯେଉଁ ସଂକୀର୍ଣ୍ଣ ଅର୍ଥରେ ଗ୍ରହଣ କରୁ ମଧୁବାବୁ ସେ ଅର୍ଥରେ ଗ୍ରହଣ କରି ନ ଥିଲେ । ଅନ୍ୟ ଦେଶ, ଜାତି ପ୍ରତି ଘୃଣା ବା ପ୍ରତିହିଂସା ଦେଶ ପ୍ରେମରେ ଯାଏ ନାହିଁ । ପ୍ରକୃତ ଦେଶ ପ୍ରେମୀ ନିଜ ଦେଶ ଓ ଜାତିକୁ ନିଶ୍ଚୟ ଶ୍ରଦ୍ଧା କରିବ, କିନ୍ତୁ ଅନ୍ୟ ଦେଶ ବା ଜାତିକୁ ଘୃଣା କରିବା ନାହିଁ । ସ୍ୱଚ୍ଛ ଦେଶ ପ୍ରେମିକ ଆବଶ୍ୟକ ହେଲେ ନିଜ ଦେଶ ପାଇଁ ଜୀବନ ଦେଇ ପାରେ କିନ୍ତୁ ଅନ୍ୟମାନଙ୍କ ରକ୍ତରେ ନିଜ ହସ୍ତ କୁ କଳଙ୍କିତ କରିବ ନାହିଁ ।

ମଧୁ ବାବୁ କଥା କଥାକେ ଓଡ଼ିଆ ଜାତିକୁ ତାଙ୍କର ପୂର୍ବ ସ୍ମୃତିକୁ ସ୍ମରଣ କରାଇ ଦେଉ

Download Magazine from www.aahwaan.com

ଥିଲେ ଏବଂ ସେଥିପାଇଁ ସେ କହୁଥିଲେ -

ଉଠରେ ଉଠରେ ଉତ୍କଳ ସନ୍ତାନ

ଉଠିବୁ ତୁ କେତେ ଦିନେ

ପୂରୁବ ଗୌରବ ପୂରୁବ ସାହସ

ପଡିବ କି କେବେ ମନେ ?

ତୋହର ଜନନୀ ବୀର ପ୍ରସବିନୀ

ଧୂଳିରେ ପଡିଛି ଦେଖ

ଜନ ସମାଜରେ ଏ ମହି ମଧ୍ୟରେ

କିପରି ଦେଖାଉ ମୁଖ ?

ଜାତିର ମୂଲ୍ୟ ବଢିଲେ ସମଗ୍ର ଜାତି ତାର ସୁଫଳ ଭୋଗିବେ । ତେଣୁ ବ୍ୟକ୍ତି ବିଶେଷର ପ୍ରାଣ ଯାଉ ପଛେ ଜାତୀୟ ସମ୍ମାନ ରକ୍ଷା କରିବା ପ୍ରତ୍ୟେକ ଦେଶ ବାସୀଙ୍କର ସର୍ବାଦୌ କର୍ତ୍ତବ୍ୟ । ଏହି କଥା ବୁଝାଇବା ପାଇଁ ସେ ଜାପାନ ଜାତିର ଉଦାହରଣ ଦେଉଥିଲେ ଏବଂ ସ୍ୱାର୍ଥ ତ୍ୟାଗ କରି ଦେଶର ସେବାରେ ନିଜକୁ ନିୟୋଜିତ କରିବା ପାଇଁ ଉପଦେଶ ଦେଉଥିଲେ ।

ଜାତିର ଉନ୍ନତି ହେବକିରେ ଭାଇ

ସ୍ୱାର୍ଥକୁ ଜଗତ ମଣି

ଗୋଦର ଗୋଡ଼ରେ ମାଉଁସ ଲାଗିଲେ

ଦେହର କି ଶୋଭା ଗଣି ?

ଜାତିର ଉନ୍ନତି ସେ କାହୁଁ କରିବ

Download Magazine from www.aahwaan.com

ସ୍ୱାର୍ଥେ ଯା'ର ବ୍ୟସ୍ତ ମନ

ଶାଗୁଣା ବିଲୁଆ ଚିକିତ୍ସକ ହେଲେ

ଶବ କି ପାଇବେ ପ୍ରାଣ ?

ଜାତି ନନ୍ଦିଘୋଷ ଚଳିବକି ଭାଇ

ସ୍ୱାର୍ଥ କୁ ସାରଥୀ କଲେ

ଟାଣେ କିରେ ଗାଡି ଦାନା ର ତୋବଡ଼ା

ଘୋଡା ମୁହେଁ ବନ୍ଧା ଥିଲେ ?

ଜାତି ଯେଉଁ ଗୁଣ ପାଇଁ ବିଖ୍ୟାତ ସେହି ଗୁଣକୁ ଅକ୍ଷୁର୍ଣ୍ଣ ରଖିବା ପ୍ରତ୍ୟେକଙ୍କର କର୍ତ୍ତବ୍ୟ ହେବା ଉଚିତ । ଏହି କତ୍ତବ୍ୟ ପାଳନରେ ଜୀବନ ମରଣର କଦାପି ପ୍ରଶ୍ନ ଉଠେ ନାହିଁ । ଦେଶ କାଳ ବିବେଚନା କରି କର୍ତ୍ତବ୍ୟ କରଣୀୟ । କାରଣ ଏହା ଦ୍ୱାରା ବ୍ୟକ୍ତି ପରେ ବ୍ୟକ୍ତିର ତିରୋଧାନରେ ମଧ୍ୟ ଜାତିର ସମ୍ମାନ ଅକ୍ଷୁର୍ଣ୍ଣ ରହେ । "ସର୍ବେ ଚଳିବେ କାଳ ବଳେ, କଥା ରହିବ ମହି ତଳେ ."

## ଓଡ଼ିଶାରେ ଶିକ୍ଷାର ପ୍ରସାର :

ଆଜିକାଲି ନିରକ୍ଷରତା ଦୂରୀକରଣ ଲାଗି ଆମ୍ଭେମାନେ ଚିନ୍ତା କରୁଅଛୁ, କିନ୍ତୁ ସେ ଯୁଗରେ ପ୍ରାଥମିକ ଶିକ୍ଷାର ବିସ୍ତାର, ନିରକ୍ଷରତା ଦୂରୀକରଣ ପ୍ରଭୃତି ମଧୁ ବାବୁଙ୍କ ହୃଦୟରେ ଜାଗ୍ରତ ହୋଇ ଥିଲା । ସେଥିପାଇଁ ସେ କଲିକତାରେ ଥିବା ସମୟରେ କେତେ ଗୁଡିଏ ନୈଶ ବିଦ୍ୟାଳୟ ସ୍ଥାପନ କରି ନିଜର ମନୋକାମନା ପୂର୍ଣ୍ଣ କରି ଥିଲେ ।

## ହିନ୍ଦୁ ପ୍ରେମୀ ହୃଦୟ :

ମଧୁବାବୁ ଖ୍ରୀଷ୍ଟିୟାନ ଥିଲେ ମଧ୍ୟ ହିନ୍ଦୁ ଜାତି ଓ ଜଗନ୍ନାଥ ମନ୍ଦିର ପ୍ରତି ତାଙ୍କର ଗଭୀର

Download Magazine from www.aahwaan.com

ଶ୍ରଦ୍ଧା ଓ ସମ୍ମାନ ଥିଲା । ପୁରୀ ମନ୍ଦିର ତାଙ୍କୁ ହିନ୍ଦୁ ମାନଙ୍କ ନିକଟରେ ପ୍ରଶଂସା ଭାଜନ କରିଥିଲା । ପୁରୀ ମନ୍ଦିର ମକଦ୍ଦମାରେ ସେ ଯେଉଁ ପ୍ରୁଫ ଲେଖି ଦେଇଥିଲେ, ତାହା ଦେଖି ବିଖ୍ୟାତ ଇଂରାଜୀ ବାରିଷ୍ଟର ଉଡ୍ରଫ ତାଙ୍କର ଭୂୟସୀ ପ୍ରଶଂସା କରିଥିଲେ ।

ମଧୁ ବାବୁ ବଡ଼ ଉଦାର ଓ ନିର୍ଲୋଭ ଥିଲେ । ସେ ବହୁ ଛାତ୍ରଙ୍କୁ ଅର୍ଥ ବ୍ୟୟ କରି ପଣ୍ଡିତ କରାଇ ଥିଲେ ଏବଂ ବହୁ ଅନୁଷ୍ଠାନକୁ ଅର୍ଥ ସାହାଯ୍ୟ କରିଥିଲେ । ସେ ଏତେ ଦାନ କରିଥିଲେ ଯେ ମଲା ବେଳକୁ ତାଙ୍କ ନିକଟରେ କାଣି କଉଡ଼ିଟିଏ ମଧ୍ୟ ନ ଥିଲା ।

ମଧୁ ବାବୁଙ୍କର ଦେଶପ୍ରେମ , ଲୋକସେବା ଓ ବିଚକ୍ଷଣ ବୁଦ୍ଧି ଯୋଗୁ ଓଡ଼ିଶାର ଲୋକେ ତାଙ୍କୁ ଭକ୍ତି କରୁ ଥିଲେ ଏବଂ ମନେ ମନେ ଭଗବାନଙ୍କୁ ତାଙ୍କ ପରି ପୁତ୍ର ବର ଦେବା ପାଇଁ ପ୍ରାର୍ଥନା କରୁଥିଲେ । ଓଡ଼ିଆ ଲୋକେ ପିଲାମାନଙ୍କୁ ଶିଖାଉ ଥିଲେ - "ପାଠ ପଢ଼ିବି, କାଳିଆ ଘୋଡା ଚଢ଼ିବି, ମଧୁ ବାବୁ ସଂଗେ ଲଢ଼ିବି ।"

ପରିଶେଷରେ ଏତିକି କୁହାଯାଇପାରେ ଯେ ମଧୁସୂଦନ ହିଁ ଆଧୁନିକ ଓଡ଼ିଶାର ପ୍ରକୃତ ଜନକ । ତାଙ୍କର ଅବଦାନ ବିନା କେବେ ହେଲେ ବି ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠିତ ହୋଇ ପରି ନ ଥାନ୍ତା । ତେବେ ଆମେ ସବୁ ଏ ଜାବତ ମଧ୍ୟ ମଧୁସୂଦନଙ୍କ ଦାନ ର ପ୍ରତିଦାନ ଦେଇ ପାରି ନାହୁଁ କାରଣ ତାଙ୍କ ପରି ଆଉ ଜଣେ ମଧୁସୂଦନ ଓଡ଼ିଶାରେ ଜନ୍ମ ନେଇ ପରି ନାହାନ୍ତି । ଆମେ ସବୁ ଆଜିବି ତାଙ୍କର ପଦାଙ୍କ ଅନୁସରଣ କରି ନାହୁଁ ଓ ପଳାୟନ ପନ୍ଥୀ ସାଜିଛୁ । ଆମର ଆଜିର ବ୍ୟବହାର ଉପରେ ଅଧ୍ୟାପକ ଜାନକୀ ବଲ୍ଲଭ ମହାନ୍ତି ଲେଖିଛନ୍ତି -

"ଆମେ ସବୁ ବଚନ ବାଗୀଶ
ସଭାମଧ୍ୟେ ଉଚ୍ଚ କଂଠେ କରୁ କେତେ
ଉଲ୍ଲସିତ ଜ୍ଞାନ ଆଉ କର୍ମ ର ଘୋଷଣା

'ଡାଲଡା' ଯୁଗର ଆମେ ପଳାତକ ତ୍ରିସଂକୁ ର ଦଳ

ସ୍ଥିତି ହରା ସ୍ଥିତି ର ସନ୍ଧାନୀ

ଏଇ ଆମ ଜୀବନ ଆଦର୍ଶ "

ଯେତେଦିନ ପର୍ଯ୍ୟନ୍ତ ଏଇ ପଳାୟନ ବାଦ ଆଦର୍ଶ ନ ଉଠିଛି ସେତେଦିନ ପର୍ଯ୍ୟନ୍ତ ମଧୁ ବାବୁଙ୍କ ଜାତୀୟତା ଫେରି ଆସି ପାରିବ ନାହିଁ କି ତାଙ୍କର ପରିକଳ୍ପିତ ଉତ୍କଳର ଉନ୍ନତି ହୋଇ ପାରିବ ନାହିଁ ।

ଭି.ଆଇ.ଏମ - .୨୬୮

ଶୈଳଶ୍ରୀ ବିହାର

ଭୁବନେଶ୍ୱର -୭୫୧୦୨୧

ମୋବାଇଲ -୯୯୩୭୨୬୮୦୧୨

Download Magazine from www.aahwaan.com

# ବେଦାନ୍ତହିଁ ମାନବ ସାଧନାର



ଡକ୍ଟର ଲକ୍ଷ୍ମଣ ସାହୁ

ବିଶ୍ୱ ପ୍ରକୃତିର ଉତ୍ତମ ବିଧାନ, ମାନବ କର୍ତ୍ତବ୍ୟର ପଥ କଣ ? କେଉଁମାର୍ଗରେ ସେ ନିଜ ସ୍ୱାଧୀନ କର୍ମଶକ୍ତିର ପ୍ରୟୋଗକରି ଜୀବନ କୃତାର୍ଥ କରିବ ? ବୈଦିକ ଦୃଷ୍ଟିକୋଣରୁ ଏହାର ଉତ୍ତର ହେଉଛି 'ଯଜ୍ଞନୀତି' । ନିଜ ଅଧିକାର ପାଇଁ ଯଜ୍ଞ ସଂପାଦନ ମାନବ ଜୀବନର କୃତାର୍ଥ ମାର୍ଗ । ଯାହା ଉଚିତ୍, ତାହା ହିଁ ବିଶ୍ୱବିଧାନ ଓ ଅନୁକୂଳ ଅଟେ । ଯାହା ବିଶ୍ୱମଙ୍ଗଳ, ତା'ର ପ୍ରାପ୍ତିପାଇଁ କାମନା କରିବା, ସକଳ ପ୍ରେୟ ସାମଗ୍ରୀକୁ ବଳି ବା ଆହୂତି ପ୍ରଦାନ କରିବାର ନାମ ଯଜ୍ଞ । ଅଥାର୍ଥ, ନିଜପାଖରେ ଥିବା ଅମାପ କର୍ମଶକ୍ତି, ଜ୍ଞାନଶକ୍ତି, ଭୋଗ୍ୟବସ୍ତୁ, ସୁବିଧା ସୁଯୋଗକୁ ଶ୍ରେୟ ଉଦ୍ଦେଶ୍ୟରେ, ପ୍ରକୃତି ଉଦ୍ଦେଶ୍ୟରେ, ବିଶ୍ୱନିୟନ୍ତା ମଙ୍ଗଳମୟ ଦେବଗଣଙ୍କ ପ୍ରସନ୍ନ ଲାଗି ଉତ୍ସର୍ଗ କରିବାହିଁ ଯଜ୍ଞ ସଂପାଦିତ ହୁଏ । ଦେବତାଙ୍କୁ ପ୍ରସନ୍ନ କରିବା ଅର୍ଥ ଶ୍ରେୟର ଅନୁବର୍ତ୍ତନ ଓ କଲ୍ୟାଣ ମାର୍ଗରେ ଆତ୍ମନିଯୋଗ କରିବା । ଯେ ପ୍ରେୟର ଆଦର କରେ ସେ ଦେବତାଙ୍କ ବିରୋଧ କରେ, ଅର୍ଥାତ ବିଶ୍ୱମଙ୍ଗଳ ବିଧାନକୁ ଅଗ୍ରାହ୍ୟ କରି ଦେହିନ୍ଦ୍ରିୟ ମନୋବୃତ୍ତିକୁ ତୃପ୍ତିକରେ । ବିଶ୍ୱବିଧାନର ପ୍ରତିକୂଳ ମାର୍ଗରେ ଯାଇ ସ୍ୱକୀୟ ଆକାଂକ୍ଷାକୁ ଚରିତାର୍ଥ କରେ । ମାନବର ଯଥାର୍ଥ ଗୌରବରୁ ବଞ୍ଚିତ ହୁଏ ।

ଦେବତାଙ୍କ ପ୍ରସନ୍ନ, ଅର୍ଥାତ୍ ବିଶ୍ୱବିଧାନର ଅନୁକୂଳପ୍ରାପ୍ତ ଉଦ୍ଦେଶ୍ୟରେ ନିଜର ଶକ୍ତି, ଭୋଗ୍ୟ ସାମଗ୍ରୀ ଓ ପୁଞ୍ଜିକୁ ସଠିକ୍ ମାର୍ଗରେ ବିନିଯୋଗ କରି ଜୀବନ ବିତାଇବା ଯଥାର୍ଥ ଧର୍ମ । ବିଚାରପୂର୍ବକ ସ୍ୱଇଚ୍ଛାରେ ଯଜ୍ଞବ୍ରତୀ ହେବା ମାନବୀୟ ଧର୍ମ । ଏହି ଯଜ୍ଞହିଁ ଶ୍ରେୟର ମାର୍ଗ ଓ ଉନ୍ନତତର ବ୍ୟାପକତର । ତେଣୁ ମନୁଷ୍ୟ ଯେବେ ଦେବତାଙ୍କୁ ପ୍ରସନ୍ନକରି

Download Magazine from www.aahwaan.com

ପ୍ରାପ୍ତବସ୍ତୁକୁ ତ୍ୟାଗ କରେ, ଦେବତା ତା'ପ୍ରତି ପ୍ରସନ୍ନ ହୁଅନ୍ତି । ମନୁଷ୍ୟ ଯଦି ବିଶ୍ୱପ୍ରକୀୟାର ନିୟାମକ ଧର୍ମ ବିଧାନର ଅନୁକୂଳ ପଥରେ ନିଜ ଶକ୍ତି ସଦବ୍ୟବହାର କରେ, ତେବେ ବିଶ୍ୱବ୍ୟାପାର ସମୂହ ଏହାର ଅନୁକୂଳ ହୋଇ ଉପସ୍ଥିତ ହେବ ଓ ତା'ର ଆକାଂକ୍ଷିତ ସ୍ଥାୟୀ ସୁଖବସ୍ତୁ ସମୂହକୁ ତାକୁ ଦେଇ କୃତାର୍ଥ କରେ । ଏହା ଦେବତା ଓ ମନୁଷ୍ୟର ବିଶ୍ୱନୀତି ଓ ମାନବୀୟ ସ୍ୱାଧୀନତା । ଏପ୍ରକାର ପରସ୍ପରାନୁକୂଳ ହେବା ପରେ ମନୁଷ୍ୟ ଜୀବନ ସାର୍ଥକ ପାଲଟେ । ଜଗତ ମଧ୍ୟ ମଙ୍ଗଳ ପାଲଟିଯାଏ, ବ୍ୟକ୍ତିର ଓ ସମୂହର କଲ୍ୟାଣ ଘଟେ, ଯାହା ବ୍ୟକ୍ତି ଓ ସମାଜର ମଙ୍ଗଳ । ବର୍ତ୍ତମାନର ସଂଭୋଗ ଓ ଭବିଷ୍ୟତର ସଂଭୋଗ ଏକ ସଙ୍ଗରେହିଁ ସଂପାଦିତ ହୁଏ । ତ୍ୟାଗ ଭିତରେ ଭୋଗ, ବୃହତ୍ କଲ୍ୟାଣରେ ଆତ୍ମନିୟୋଗ ଦ୍ୱାରା କଲ୍ୟାଣପ୍ରାପ୍ତି, ବିଶ୍ୱସେବାଦ୍ୱାରା ଅଭିଷ୍ଟ ସିଦ୍ଧି, ଦେବତାଙ୍କ ପ୍ରୀତି ସଂପାଦନାଦ୍ୱାରା ଶ୍ରେୟ ଓ ପ୍ରେୟର ସାମଞ୍ଜସ୍ୟ ବିଧାନ, ଏହି ଯଜ୍ଞନୀତି ହିଁ ବୈଦିକ ଧର୍ମନୀତି । ଏପ୍ରକାର ଦେବତ୍ୱର ଜୀବନଯାପନ ହିଁ ଅଭିଷ୍ଟ ସିଦ୍ଧିର ସୁନିଶ୍ଚିତ ଉପାୟ । ଜୀବନକୁ ଯଜ୍ଞମୟ କରିବା ଦ୍ୱାରା ହିଁ ମନୁଷ୍ୟତ୍ୱର ସମୁଚିତ୍ତ ବିକାଶ ଘଟେ ।

ବୈଦିକନୀତି ଅବଲମ୍ବନ କରିବା ଫଳରେ ମନୁଷ୍ୟ ସହ ମନୁଷ୍ୟର ସଙ୍ଘର୍ଷ ବଦଳରେ ସମ୍ମିଳନ, ପ୍ରତିଦ୍ୱନ୍ଦ୍ୱିତା ବଦଳରେ ସହଯୋଗିତା, ମତଭେଦ ବଦଳରେ ଆଦାନପ୍ରଦାନ, ସ୍ୱାର୍ଥ ବଦଳରେ ତ୍ୟାଗ ଓ ପ୍ରେମସମ୍ବନ୍ଧ ପ୍ରତିଷ୍ଠିତ ହୁଏ । ଦେଶ, କାଳ ଓ ଅବସ୍ଥାର ପରିବର୍ତ୍ତନ ଆସେ, ରୁଚି, ବୁଦ୍ଧି, ପ୍ରକୃତି ଓ ସାମ୍ରାଜ୍ୟରେ ନାନାବିଧ ବୈଚିତ୍ର କାରଣ ଘଟେ । ବିଭିନ୍ନ ମନୁଷ୍ୟର ଅନୁଷ୍ଠିତ ଯଜ୍ଞର ଆକୃତି ଓ ପ୍ରକୃତିରେ ଭିନ୍ନତା ଆସିବା ସ୍ୱାଭାବିକ । କାରଣ ଧନୀର ଯଜ୍ଞ ଓ ଗରିବର ଯଜ୍ଞ, ରାଜା ଓ ପ୍ରଜାର ଯଜ୍ଞ, ଜ୍ଞାନୀ ଓ ମୂର୍ଖର ଯଜ୍ଞ, ବୀର ଓ ଦୁର୍ବଳର ଯଜ୍ଞ ଏକ ପ୍ରକାର ହେବା ସମ୍ଭବ ନୁହେଁ, ଏକ ପ୍ରକାର ହେବାରେ ଯଜ୍ଞନୀତିର ସାର୍ଥକତା ନୁହେଁ । ତେଣୁ ବେଦରେ ବିଭିନ୍ନ ପ୍ରକାର ଯଜ୍ଞର ବିଧାନ ରହିଛି । ଋଷିଗଣଙ୍କ

 Download Magazine from www.aahwaan.com

ମାଧ୍ୟମରେ ବିଭିନ୍ନ ପ୍ରକାରର ଅଧିକାର ସଂପନ୍ନ ମନୁଷ୍ୟ ପାଇଁ ବିଭିନ୍ନ ଜାତୀୟ ଅଭିଷ୍ଟ ସିଦ୍ଧିର ଉପାୟ ରୀତିରେ ନାନା ଯଜ୍ଞର ବିଧାନ ସମାଜରେ ଗଠିତ ଓ ପ୍ରଚାରିତ ହୋଇଛି, କିନ୍ତୁ ଯଜ୍ଞର ମୂଳନୀତି ସମସ୍ତଙ୍କ ପାଇଁ ସମାନ । ପ୍ରତ୍ୟେକ ନିଜର ସ୍ୱାଧୀକାର ବଳରେ ଯଜ୍ଞ ଦ୍ୱାରା ଅନନ୍ତତର ଅଧିକାରର ପ୍ରାପ୍ତିରେ ସଫଳ ହୁଏ, ଯଜ୍ଞମୟ ଜୀବନଯାପନ ମାନବର ଅଧିକାର । ସେ କେବଳ ଏହି ଉପାୟରେ କୃତାର୍ଥ ଲଭିବାରେ ସମର୍ଥ ହୁଏ, ଏହା ଦ୍ୱାରା ତା'ର ଚିତ୍ତ ଉଦାର ହୋଇଯାଏ, ଦେହର ଇନ୍ଦ୍ରିୟ ପବିତ୍ର ପାଲଟିଯାଏ, ଭୋଗ୍ୟ ବିଷୟାସକ୍ତି ଓ ତତ୍ ଜନିତ ବନ୍ଧନ ଶିଥିଳ ପାଲଟେ, ଦୃଷ୍ଟି ବ୍ୟାପକ ଓ ଗମ୍ଭୀର ହୁଏ, ଜୀବନ ଉନ୍ନତତର ଭୂମି ଉପରେ ଆରୋହଣ କରେ ଓ ଚିରସ୍ଥାୟୀ ସୁଖ ପ୍ରାପ୍ତକରେ ।

ବୈଦିକ ଦୃଷ୍ଟି ଅବଲମ୍ବନରେ ଶ୍ରେୟର ଅନୁବର୍ତ୍ତନ କଲେ ଚିତ୍ତ ଯେତେ ପରିଶୁଦ୍ଧ ହୁଏ, ପ୍ରେୟର କାମନା ସେତେ ସେତେ କମିକମି ଯାଏ ଓ ଉନ୍ନତରୁ ଉନ୍ନତତର ଆଦର୍ଶ ମାନବ ହୃଦୟକୁ ଅନୁପ୍ରାଣିତ କରେ, ଉନ୍ନତରୁ ଉନ୍ନତତର ଯଜ୍ଞାନୁଷ୍ଠାନରେ ଅଧିକାର ଓ ପ୍ରବୃତ୍ତି ପ୍ରାପ୍ତ ହୋଇଥାଏ । ଶେଷରେ ଜିଜ୍ଞାସାର ଉଦୟ ଘଟେ, ଯାହାକୁ ଅନ୍ତ କୁହାଯାଏ । ବୈଦିକ ଜ୍ଞାନ, ବୈଦିକକର୍ମ, ବୈଦିକ ଭାବ ଓ ସାଧନା, ଏସବୁ ଚରମ ଆଦର୍ଶ ଜାଣି ଆକାଂକ୍ଷା ଉତ୍ପନ୍ନ ହୁଏ । ମାନବର ଚରମ ଶ୍ରେୟ କଣ ? ଯାହାର ପ୍ରାପ୍ତିପରେ ସମ୍ପୂର୍ଣ୍ଣ ଭୋଗ ବାସନାର ଅବସାନ ଘଟିବ, କ'ଣ ଏଭଳି କର୍ମ, ଯାହା ଭିତରେ ସମସ୍ତ କର୍ମର ଐକାନ୍ତିକ ପରିସମାପ୍ତି ଘଟିପାରିବ । ହୃଦୟରେ କଣ ଏଭଳି ଭାବ ଅନୁଶୀଳନ ସମ୍ଭବ, ଯାହା ଭିତରେ ଅନ୍ୟ ସବୁ ଭାବର ପ୍ରବାହ ବିଲୀନ ହୋଇଯିବ । ଏହାହିଁ ନିଶ୍ଚିତ ଜିଜ୍ଞାସା, ବୈଦାନ୍ତିକ ଜିଜ୍ଞାସା ଓ ଯାହାର ସାଧନା ଶ୍ରେୟସାଧନା ଅଟେ ।

ମାନବୀୟ ସତ୍ୟାନୁସନ୍ଧିତ୍ସା କ୍ଷେତ୍ରରେ ଦୁଇଟି ପ୍ରେରଣା ଅନୁଭୂତ ହୁଏ । ଗୋଟିଏ ଜ୍ଞାନରୂପକ ପ୍ରେରଣା ଓ ଅନ୍ୟଟି ଐକ୍ୟଜ୍ଞାନ ରୂପକ ପ୍ରେରଣା । ମନ ଓ ବୁଦ୍ଧି ଏଦୁଇ ପ୍ରେରଣା

 Download Magazine from www.aahwaan.com

ଦ୍ୱାରା ଚାଳିତ ହୋଇ ସତ୍ୟର ଅନୁସନ୍ଧାନ କରେ, ଏଥିରେ କାର୍ଯ୍ୟ ଅପେକ୍ଷା 'କାରଣ' ଅଧିକତର ସତ୍ୟ ଅଟେ । ବହୁତ ଅପେକ୍ଷା ଐକ୍ୟ ଅଧିକତର ସତ୍ୟ ହୋଇଥାଏ । ଇନ୍ଦ୍ରିୟ ଓ ମନ ସମଗ୍ର ସମଉପଯୋଗ କାର୍ଯ୍ୟ ସମୂହର କାରଣ ଓ ଏହା ଭିତରେ ଐକ୍ୟ ସୂତ୍ରର ଆବିଷ୍କାର ହୁଏ । ଏହି ତତ୍ତ୍ୱର ଆବିଷ୍କାର ଫଳରେ ମାନବର ବୁଦ୍ଧି ଏହିକଥାକୁ ଉପଲବ୍ଧି କରେ । ମଣିଷର ଏହି ତତ୍ତ୍ୱାନୁସନ୍ଧିତ୍ସୁ ବୁଦ୍ଧି କ୍ରମଶଃ ବିକଶିତ ହୋଇ ସଂକୀର୍ଣ୍ଣତାମୁକ୍ତ ହୁଏ । ବିଶାଳ ଜଗତର ମୂଳ କାରଣକୁ ଅନୁସନ୍ଧାନ କରିବାରେ ଲାଗିଯାଏ । ଅଖଣ୍ଡ ତତ୍ତ୍ୱର ବିଚିତ୍ର ଅଭିବ୍ୟକ୍ତି ରୂପେ ଦର୍ଶନ କରିବାକୁ ପ୍ରଯତ୍ନଶୀଳ ହୁଏ । ଏହି ଅନୁସନ୍ଧାନ ଓ ପ୍ରଯତ୍ନର ଫଳରୁ ଉପଲବ୍ଧ ହୁଏ ଅସଂଖ୍ୟ  ଜଡ ଓ ଚେତନ ପଦାର୍ଥ ମୂଳରେ ଅଦ୍ୱିତୀୟ ବସ୍ତୁ ନିତ୍ୟ ବିଦ୍ୟମାନ । ଯାହା କେବଳ ନିଜ ସର୍ତ୍ତାରେ ସର୍ତ୍ତାବାନ ହୁଏ ଓ ଏଥିରୁ ଅନ୍ୟ ସମସ୍ତ ପଦାର୍ଥର ଉତ୍ପନ୍ନ ଘଟିଛି । ଏହାର ସର୍ତ୍ତାରେ ହିଁ ସମସ୍ତ ସତ୍ତାର ବିଚିତ୍ର ଅଭିବ୍ୟକ୍ତ, ତା'ରି ମଧ୍ୟରେ ସମସ୍ତଙ୍କ ସ୍ଥିତି ଓ ଗତି ଘଟେ । ଏହା କେବଳ ସ୍ୱତନ୍ତ୍ର ସତ୍ତାବିଶିଷ୍ଟ ଅଦ୍ୱିତୀୟ ବସ୍ତୁର ସ୍ୱୟଂପ୍ରକାଶ । ତେଣୁ ଚୈତନ୍ୟ ସ୍ୱରୂପ ଏହା ସବୁ ଦେଶ କାଳରେ ଅତୀତ ଅଟେ । ଏହି ଅଖଣ୍ଡ ସ୍ୱରୂପର ରୂପ ପ୍ରକାଶ ବସ୍ତୁ ବୃହତ୍ ହେବାର କାରଣ ଏହା ବ୍ରହ୍ମ ନାମରେ ଅଭିହିତ । ଏପରିକି ଏହା ସର୍ବ-କାଳାତୀତ ଓ ସର୍ବକାଳାଶ୍ରୟ ହେବାରୁ ଏହା ଅକାଳ ଓ ମହାକାଳ ନାମରେ ମଧ୍ୟ ଅଭିହିତ । ଏହା 'ଏକମେବାଦ୍ୱିତୀୟମ୍', 'ସ୍ୱୟଂ ଜ୍ଞାନମନନ୍ତମ୍', 'ଆନନ୍ଦ ରୂପ ସମୃତମ', 'ଶାନ୍ତ ଶିବଂମ୍', ପରମ ଓ ଚରମତବ୍ୟ' ଜୟ ଅଧିଗତ ଓ ଆସ୍ୱାଦିତ ହୋଇଥାଏ । ଏଥିରେ ଜ୍ଞାନର ଓ କର୍ମର ଚରମ ସାର୍ଥକତା ଓ ସବୁ ଭାବନାରେ ଏକ ମହାଭାବର ନିତ୍ୟ ପ୍ରତିଷ୍ଠା ଘଟେ । ଏହି ପରମ ସତ୍ୟକୁ ଜ୍ଞାନର ଅନ୍ତ, କର୍ମର ଅନ୍ତ, ଭୋଗର ଅନ୍ତ ଓ ଭାବର ଅନ୍ତ ବୋଲି ଧରାଯାଏ, ତେଣୁ ଏହା ବେଦାନ୍ତ ଅଟେ ।

ଏହି ବେଦାନ୍ତିକ ଧାରଣା ପ୍ରାପ୍ତ ପରେ ବିଶ୍ୱ ଜଗତ ଅକାରଣ ଲକ୍ଷ୍ୟହୀନ ପ୍ରାକୃତିକ

Download Magazine from www.aahwaan.com

ନିୟମାବଳୀ ଦ୍ୱାରା ପରିଚାଳିତ ବୋଲି ମଧ୍ୟ ହୃଦବୋଧ ହୁଏନାହିଁ । ବରଂ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ 'ଏକ ବ୍ରହ୍ମ'ରେ ସଂଯୁକ୍ତ ଓ ଏକ ବ୍ରହ୍ମ ଦ୍ୱାରା ସୁନିୟନ୍ତ୍ରିତ ଅଟେ । ବ୍ରହ୍ମମୟ ଜଗତ, ଏକବ୍ରହ୍ମ ସମଗ୍ର ଜଗତର, ସବୁ ପଦାର୍ଥର ପ୍ରାଣ ସ୍ୱରୂପ, ଅନ୍ତରାତ୍ମା ସ୍ୱରୂପରେ ଅର୍ନ୍ତଯ୍ୟାମୀ ନିୟନ୍ତା ରୂପେ ବିରାଜମାନ କରେ । ତେଣୁ ଜଗତମୂଳତଃ ଏକବ୍ରହ୍ମ । ବ୍ରହ୍ମହିଁ ପ୍ରତ୍ୟେକ ବସ୍ତୁ ଓ ବ୍ୟାପାରର ଏକ ସୂତ୍ରରେ ଗ୍ରଂଥିତ । ବୈଦିକ ଦୃଷ୍ଟି ଲବ୍ଧ ସବୁ ଦେବତା ଏକ ବ୍ରହ୍ମରୁ ହିଁ ବିଚିତ୍ର ବିଭୂତି ରୂପେ ପ୍ରତୀୟମାନ ହୁଅନ୍ତି । ଜଗତ ଭିତରେ ଦେବଗଣଙ୍କ ବିଚିତ୍ର ଶକ୍ତିର ଖେଳ ପରିଦୃଷ୍ଟ । ଏସବୁ ଶକ୍ତି ଏକ ମହାଶକ୍ତିର ପରିପ୍ରକାଶ । ଏହି ମହାଶକ୍ତି ଏକ ଅଦ୍ୱିତୀୟ ସଚ୍ଚିଦାନନ୍ଦ ପରମ ମଙ୍ଗଳମୟ ବ୍ରହ୍ମ ଶକ୍ତି । ଏହି ମହାଶକ୍ତି ଘଟନ ଅଘଟନ ଘଟାଏ, ମହାଶକ୍ତିର ସ୍ୱଭାବରେ ବିଦ୍ୟମାନ ହୁଏ । ତେଣୁ ମହାଶକ୍ତିକୁ 'ମାୟା' ବା 'ମହାମାୟା' ବା 'ଯୋଗମାୟା' ଆଦି ଆଖ୍ୟା ଦିଆଯାଇପାରେ । ଏହି ଯୁକ୍ତି ଅନୁଯାୟୀ ମାୟା ବ୍ରହ୍ମ ସ୍ୱରୂପ ଅଭିନ୍ନ । ବ୍ରହ୍ମହିଁ ସ୍ୱକୀୟ ମହାଶକ୍ତିର ଅବଲମ୍ବନରେ ନିଜକୁ ଜଗତ ରୂପରେ ପ୍ରକାଶ କରିଥାଏ, ବ୍ରହ୍ମମୟ ଜଗତରେ ସତ୍ୟ ନୁହେଁ, ସର୍ବଖଲବିଦଂ ବ୍ରହ୍ମ, ସର୍ବ ଶିବମୟଂଜଗତ୍ । ଅନ୍ୟର ଓ ନିଜ ଜୀବନର ସ୍ୱାର୍ଥକତା ପରମନିଃଶ୍ରେୟ କଣ ? ଏହାର ନିର୍ଦ୍ଧାରଣ ପାଇଁ ନିଜ ସ୍ୱରୂପକୁ ହୃଦୟଙ୍ଗମ କରିବା ଆବଶ୍ୟକ ମୁଁ କିଏ, ମୋର ସ୍ୱରୂପ କଣ ? ମୁଁ ଏହା କେବଳ ଅନନ୍ୟ ବସ୍ତୁ, ବ୍ୟକ୍ତି ଓ କର୍ମ ସମ୍ବନ୍ଧୀୟ ପରିଚୟ ଓ ଉପାଧିମାତ୍ର, ଏପରିକି ଅନ୍ୟଠାରୁ ଧାର ନିଆଯାଇଥିବା ପରିଚୟ-ତୁମର, ତାଙ୍କର, ମୋର, ଆପଣଙ୍କର... ନିଜର ପରିଚୟ ମାତ୍ର । ଅସଲ ସ୍ୱରୂପ କଣ ? ବିଚାର କଲେ ଉପଲବ୍ଧି ହେବ ଯେ- ମୁଁ ନିତ୍ୟଶୁଦ୍ଧ ମୁକ୍ତ ସଚ୍ଚିଦାନନ୍ଦ ସ୍ୱରୂପ ଆତ୍ମା ଅଟେ । ପାରମାର୍ଥିକ ବ୍ରହ୍ମ ସହ ମୋର ଭାବ/ପାର୍ଥକ୍ୟ ନାହିଁ, ଆମର ଜ୍ଞାନ କର୍ମାଦି ବିଷୟ ରୂପରେ ଯେ ବିଶାଳ ଜଡ଼ଜଗତ ବିଦ୍ୟମାନ, ଏହାର ମୂଳରେ ଯେ ବ୍ରହ୍ମ ବିଦ୍ୟମାନ, ସେ ହିଁ କେବଳ ଜ୍ଞାତା, କର୍ତ୍ତା ଓ ଭୋକ୍ତାରୂପେ ବିଦ୍ୟମାନ ରହିବା, ଅର୍ଥାତ୍ ମୋର

Download Magazine from www.aahwaan.com

ମଧ୍ୟ ତାତ୍ତ୍ୱିକ ସ୍ୱରୂପ ସେହି ଏକହିଁ ବ୍ରହ୍ମ ଅଟନ୍ତି । 'ୟ୍ୟାସ୍ୱନବସୌ ପୁରୁଷଃ ସୌଂହଂମସ୍‌ସିଂ', 'ଅହଂ ବ୍ରହ୍ମସ୍‌ସିଂ' । ଯେଉଁ ପ୍ରକାର ବ୍ରହ୍ମରେ ନିଜକୁ ଉପଲବ୍ଧ କରିହୁଏ, ପ୍ରତ୍ୟେକ ଜୀବ ହିଁ, ତମେ ମଧ୍ୟ ବ୍ରହ୍ମରେ ଅଭିନ୍ନ ରୂପେ ଦର୍ଶନ ପାଅ- 'ତତ୍ତ୍ୱମସି', 'ଜୀବୋ ବ୍ରହ୍ମାଦ ନାପରଃ' । ଏପ୍ରକାର ବିଚାର ସିଦ୍ଧାନ୍ତରେ ପହଞ୍ଚି ହୁଏ ଯେ, ଅଦ୍ୱିତୀୟ ନିତ୍ୟ ପବିତ୍ର ସଚ୍ଚିଦାନନ୍ଦ ବ୍ରହ୍ମ ଯେ, ଅସଂଖ୍ୟ ଆତ୍ମା ସୂରୂପରେ, ଅସଂଖ୍ୟ ଜ୍ଞାତା, କର୍ତ୍ତା ଓ ଭୋକ୍ତା ଓ ଅସଂଖ୍ୟ ବୀଜ, କାର୍ଯ୍ୟ ଓ ଭୋଗ୍ୟରୂପେ, ଅସଂଖ୍ୟ ଚେତନ/ଜଡ ରୂପେ ନିଜକୁ ପ୍ରକଟ କରି ଅନାଦି, ଅନନ୍ତ କାଳରୁ ଲୀଳାକରି ଆସୁଛନ୍ତି । ପାରମାର୍ଥତଃ ଏକ ବ୍ରହ୍ମ ହିଁ ଆତ୍ମାକୁ ଛାଡି ନ ରହିବାର କାରଣ, ଏ ସର୍ବ ସମ୍ବନ୍ଧାତୀତ, ସର୍ବ ଭାବାତୀତ, ଗୁଣାତୀତ, ନିରୂପାଧିକ, ନିର୍ଗୁଣ ନିର୍ବିଶେଷ ଅଟେ, ଅନ୍ୟ ଓ ଏହି ନିଜର ମାୟା ଯୋଗରେ ଅସଂଖ୍ୟ ନାମ ଓ ରୂପରେ ପ୍ରକଟ ହୋଇ ସବିଶେଷ, ସଗୁଣ, ଅନନ୍ତ ଗୁଣାଧାର, ଅନନ୍ତ ଭାବଧାର, ସର୍ବସମ୍ବନ୍ଧମୟ ଓ ସର୍ବୋପାଧିବିଭୂଷିତ ହୋଇଥାନ୍ତି, ଏହା ପରମାର୍ଥିକ ଦୃଷ୍ଟିକୋଣ ।

ତେଣୁ ପାରମାର୍ଥକ କୌଣସି କର୍ତ୍ତବ୍ୟ-ଅକର୍ତ୍ତବ୍ୟ, ପ୍ରାପ୍ତ-ତ୍ୟକ୍ତ, ଶ୍ରେୟ-ଅଶ୍ରେୟ କିଛି ମଧ୍ୟ ରହି ପାରେନାହିଁ । ମୁଁ ବସ୍ତୁତଃ ନିତ୍ୟ ପୂର୍ଣ୍ଣତାରେ ପ୍ରତିଷ୍ଠିତ ବ୍ରହ୍ମରୁ ଅଭିନ୍ନ, ସୁତରାଂ ମୋର ସାଧ୍ୟ ବା ସାଧନା କିଛିନାହିଁ, ଯାହା ମୋର କର୍ତ୍ତବ୍ୟ-ଅକର୍ତ୍ତବ୍ୟ କରିବାର ଦ୍ୱନ୍ଦ୍ୱର ଅନୁଭବ ଅଟେ । କାରଣ ମୁଁ ନିଜର ସୂରୂପକୁ ଅନୁଭବ କରିପାରେ ନାହିଁ, କେବଳ ଅନିତ୍ୟ ଉପାଧିୟକୁ ହିଁ ନିଜର ସୂରୂପ ବୁଝୁ । ନିଜ ସୂରୂପର ଜ୍ଞାନ ମିଳିଗଲା ପରେ ସବୁ ଦ୍ୱନ୍ଦ୍ୱ ମିଳେଇଯାଏ । ତେଣୁ ନିଜ ସୂରୂପର କରିବାହିଁ ମୋର ଏକ ମାତ୍ର ସାଧନା, ଅଜ୍ଞାନତାର ନିରାକରଣର ଦ୍ୱାରା ଏହି ଆତ୍ମତତ୍ତ୍ୱ ବ୍ରହ୍ମକୁ ଉପଲବ୍ଧ କରିବା ମାନବ ଜୀବନର ଚରମ ଆଦର୍ଶ । ଯେପର୍ଯ୍ୟନ୍ତ ଅଜ୍ଞାନତା ନିବୃତ୍ତି ନାହିଁ, ସେପର୍ଯ୍ୟନ୍ତ ଆତ୍ମାସୂରୂପ ବା ସାକ୍ଷାତକାର ଘଟିପାରିବ ନାହିଁ । ତେଣୁ ଦେହିନ୍ଦ୍ରିୟ ମନ, ବୁଦ୍ଧିକୁ ତତ୍ତ୍ୱଜ୍ଞାନପ୍ରାପ୍ତିର ଅନୁକୂଳ କରାଇବା ଓ

Download Magazine from www.aahwaan.com

ଏହି ଚରମ ସତ୍ୟକୁ ତତ୍ତ୍ୱକୁ ଶ୍ରବଣ ମନନ ଓ ନିତ୍ୟ ଆସନହିଁ ଏକମାତ୍ର ସାଧନ ଅଟେ । ଏହାର ଉଦ୍ଦେଶ୍ୟ କର୍ତ୍ତାର ସଂଯମ, ଉଦାରତା ଭାବର ଅନୁଶୀଳନ କରିବା ଆବଶ୍ୟକ ଅଛି । ଏହି ଯଜ୍ଞସାଧନ ଅଙ୍ଗୀଭୂତ ହେଲେ ଦେହିନ୍ଦ୍ରିୟ ମନ ଓ ବୁଦ୍ଧିକୁ ସୁସଂସ୍କୃତ କରି କ୍ରମଶଃ ଶ୍ରେୟକୁ ଜୀବନରେ ପରିଚାଳିତ କରିରଖେ । ଯାଦ୍ୱାରା ବ୍ରହ୍ମ ସ୍ୱରୂପ ଉପଲବ୍ଧି ଘଟି ସର୍ବତ୍ୟାଗର ମହାଯଜ୍ଞ ସୃଷ୍ଟି କରେ । ମୁଁ ଓ ମୋର କହିବାରେ ଯାହା ବୁଝାପଡେ ସେ ସବୁ ଆହୂତ ଦେଇ ଅହଂଶୂନ୍ୟ ଭାବ ପ୍ରତିଷ୍ଠା କରିବାହିଁ ଯଜ୍ଞସାଧନର ଚରମ ସାର୍ଥକତା । ସବୁ ପ୍ରକାରର ପ୍ରାଣକର୍ମ, ଇନ୍ଦ୍ରିୟକର୍ମ, ମାନସିକ କର୍ମର ସୁସଂଯତ କରିବାର ବୁଦ୍ଧିକୁ ବ୍ରହ୍ମକାରିତା କରିବାହିଁ ସଂଯମର ପରାକାଷ୍ଠା କୁହାଯିବ । ଯାବତୀୟ ଚିତ୍ତବୃତ୍ତିକୁ ସର୍ବୋତ୍ତମ ଭାବ ସମନ୍ୱିତ ଏକମାତ୍ର ପ୍ରେମବୃତ୍ତିରେ ପରିଣତ କରି ଆତ୍ମାଭିନ୍ନ ନିଖିଳ ରସାମୃତ ସିନ୍ଧୁସଚ୍ଚିଦାନନ୍ଦ ବ୍ରହ୍ମକୁ ଉପାସନା କରିବା ଓ ଐକାନ୍ତିକ ରୂପରେ ବ୍ରହ୍ମମୟ ମହାଭାବରେ ପ୍ରତିଷ୍ଠା କରିବାହିଁ ଉପାସନାର ପରାକାଷ୍ଠା ଅଟେ । ତେଣୁ ବେଦ ବେଦାନ୍ତହିଁ ସକଳ ମାନବ ସାଧନାର ପରମ ମିତ୍ର ଅଟେ । ଯାହା କେବଳ ମାନବକୁ ଜ୍ଞାନାଲୋକରେ କେବଳ ନୁହେଁ ପରମାତ୍ମାଙ୍କ ନିକଟରେ ପହଞ୍ଚାଇ ଦିଏ ।

▪ ଓଡିଆ ଭାଷା ଓ ସାହିତ୍ୟ ବିଭାଗ

ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ-4

ଦୂରଭାଷ : 94377 40280

Email : Laxmansahoo9040@gmail.com

Download Magazine from www.aahwaan.com

# କୁତ୍ସିତ ମାନସିକତା - ୧



ପଙ୍କଜ କୁମାର ପାଣିଗ୍ରାହୀ

ପ୍ରାଚୀନ ଭାରତୀୟ ସଂସ୍କୃତି, ପରମ୍ପରା, ମର୍ଯ୍ୟାଦା, ସାମାଜିକ ସଂସ୍କାର କ'ଣ ଥିଲା, ତାହାର ସ୍ୱଚ୍ଚକ୍ଷୁ ଦର୍ଶୀ ଅଦ୍ୟାବଧି ନଥିଲେ ମଧ୍ୟ ସାଧାରଣ ପାରିବାରିକ ମନୁଷ୍ୟ ଗୁଡିକୁ ଦେଖି ନିରୀକ୍ଷଣ କଲେ ମନରେ ପ୍ରଶ୍ନ ଉଠେ, ଆମ ପୂର୍ବ ପୁରୁଷ ମାନେ ଏକ ବିଡମ୍ବନା ଥିଲେ, ନା ଆମେ ପଶ୍ଚ୍ୟତ ସଭ୍ୟତା କୁ ଆପଣେଇ ପ୍ରଗତିର ଅବାସ୍ତବ କୁହେଳିକା କୁ ପ୍ରଶ୍ରୟ ଦେଇ ଏକ କୁତ୍ସିତ ମାନସିକତା ମଧ୍ୟରେ ନିଜକୁ ଦଗ୍ଧ କରୁଛେ ?! ଏକ ବିଶାଳ ବାସ୍ତବ ବାଦୀ ପ୍ରଶ୍ନର ଉତ୍ତର ଖୋଜି ଅନୁଶୀଳନ କଲେ ଜଣାଯାଏ ଯେ.............

ଭୌଗଳିକ ସ୍ଥିତି ଅନୁଯାଇ ପୃଥିବୀର ବିଭିନ୍ନ ସ୍ଥାନ ତଥା ମହାଦେଶ, ଦେଶ ଏବଂ ଅଞ୍ଚଳ ବିଶେଷ କୁ ନେଇ ଭିନ୍ନ ଭିନ୍ନ ଜଳ ବାୟୁ ଓ ପାଣି ପାଗ ର ଉପସ୍ଥିତି ହେତୁ ପ୍ରତ୍ୟେକ ଦେଶର ମନୁଷ୍ୟ ମାନଙ୍କ ମଧ୍ୟରେ ବିଭିନ୍ନତା ଦେଖିବାକୁ ମିଳେ ! ତଥା ପ୍ରତ୍ୟେକ ପରିସୀମା ପରିଧି ମଧ୍ୟରେ ଏକ କିସମର ଗୋଷ୍ଠୀ ଯୁକ୍ତ ମନୁଷ୍ୟ ଦେଖିବାକୁ ମିଳନ୍ତି ଯାହା ଅନ୍ୟ ଏକ ସ୍ଥାନର ମନୁଷ୍ୟଙ୍କ ମଧ୍ୟରେ ଅନେକ ଅସାମଞ୍ଜସ୍ୟ ପ୍ରଦର୍ଶନ କରିଥାଏ ! ଅର୍ଥାତ ପୃଥିବୀର ବିଭିନ୍ନ ଦେଶର ମନୁଷ୍ୟ ମାନଙ୍କ ରଙ୍ଗ, ରୂପ, ମାନବିକ ଚିନ୍ତାଧାରା, ସାମାଜିକ ଜୀବନ ଧାରଣ ଶୈଳୀ, ମାନବିକ ମୂଲ୍ୟବୋଧତା, ସାମାଜିକ ସଂସ୍କାର ତଥା ସର୍ବୋପରି ସେମାନଙ୍କ ଚଳଣି ହାବ ଭାବ ରେ ଅନେକ ପାର୍ଥକ୍ୟ ପରିଲକ୍ଷିତ ହୋଇ ଥାଏ ! ଏହି ମାନସିକତା ଅନେକ ସମୟରେ ମନୁଷ୍ୟର ନିଜସ୍ୱ ଚିନ୍ତାଧାରା ରୁ ସୃଷ୍ଟି ହେଉଥିବା ବେଳେ ତାହାର କାରଣ ସମ୍ପୂର୍ଣ ରୂପେ ପ୍ରକୃତି ର ଉପାଦାନ ଗୁଡିକର ପ୍ରଭାବରୁ ହେଉଥିବା ଅସ୍ୱୀକାର କରିହେବ ନାହିଁ ! ହେଲେ ଉକ୍ତ ଅସାମଞ୍ଜସ୍ୟତା ହେତୁ ମନୁଷ୍ୟ ସମାଜରେ ଗୋଟିଏ ଦେଶରୁ ଆଉଗାଟିକୁ ଅନେକ ପ୍ରଭାବ ପଡିଥାଏ ଯାହାର ଭଲ ମନ୍ଦ ସାଧାରଣ ମନୁଷ୍ୟ ସହଜରେ

 Download Magazine from www.aahwaan.com

ଅନୁଶୀଳନ କରି ଜାଣିନପାରି ଅନେକ ସମୟରେ ପଥହରା ହୋଇଯାଏ !!

ଭାରତୀୟ ସଂସ୍କୃତି ତଥା ସାମାଜିକ ସଂସ୍କାର ପୃଥିବୀର ସର୍ବ ପ୍ରାଚୀନ ଏବଂ ସର୍ବୋତ୍କୃଷ୍ଟ ଥିବା ସର୍ବଜନ ବଦିତ । ପ୍ରାଚୀନ ଭାରତୀୟ ସମାଜ ହିନ୍ଦୁ ଧର୍ମକୁ ଭିନ୍ନତମ ଓ ଅପରିହାର୍ଯ୍ୟ ର ମାନ୍ୟତା ଦେଇ ଏକ ସୁସ୍ଥ ମାନବିକ ମୂଲ୍ୟ ବୋଧ ସମାଜ ଗଠନ ଦିଗରେ ପ୍ରୟାସରତ ଥିଲା ! ଭାରତର ଭୌଗଳିକ ସ୍ଥିତି ଅନୁଯାଇ ବହୁ ଜ୍ଞାନୀ ଗୁଣି ମନୁଷ୍ୟ ଏହି ଦେଶରେ ଜନ୍ମ ଲାଭ କରିବାର ସୁଯୋଗ ପ୍ରକୃତି ଦେଇଥିବା ହେତୁ ଅତ୍ୟନ୍ତ ଉନ୍ନତ୍ତ ପରିବେଶରେ ସଂସ୍କୃତି ଓ ସଭ୍ୟତା ଗଢି ତୋଳିଥିଲା ହିନ୍ଦୁ ସମାଜ ! କିନ୍ତୁ ଭଲ ସହିତ ମନ୍ଦର ସମଷ୍ଟି ଅନିବାର୍ଯ୍ୟ ହେତୁ କେତେକ ମନ୍ଦ ଉଦେଶ୍ୟ ଧାରି ମଣିଷ ମଧ୍ୟ ଜନ୍ମ ହୋଇଥିବା କିଛି ବିଚିତ୍ର ନୁହେଁ ! ଅର୍ଥାତ ସେହି ମନ୍ଦ ଉଦେଶ୍ୟ ଧାରି ମଣିଷ କୂଚକ୍ର ଏବଂ ଅନ୍ୟକୁ ପ୍ରତାରଣା କରି ଉଚ୍ଚାସନ ରେ ଅଭିଷିକ୍ତ ହେବା ପାଇଁ ସଦା ସର୍ବଦା ପ୍ରୟାସ ରତ ଥିଲେ ! ଅତଏବ ହିନ୍ଦୁ ଧର୍ମ କୁ ପଥ ଭ୍ରଷ୍ଟ କରି ସେଥିରେ ଅନେକ କୁସଂସ୍କାର ତଥା ଉଚ୍ଚ ନୀଚ, ଜାତି ଭେଦ, ଛୁଆଁ ଅଛୁଆଁ ଆଦି ଭେଦ ଭାବି ସୃଷ୍ଟି କରି ଅଜ୍ଞାନ ଲୋକଙ୍କୁ ଶିକ୍ଷାର ବହିର୍ଭାଙ୍ଗ ରେ ରଖି ସେମାନଙ୍କୁ ପ୍ରତାରଣା କରି ସାମାଜିକ ସ୍ତରରେ ନିମ୍ନଗାମୀ କରି ରଖିଥିଲେ ବାହୁବଳୀ ମାନେ ! ତଥାପି ଭାରତୀୟ ଭାବେ ସେମାନେ ସଂସ୍କାର କୁ ଅନୁକରଣ କରି ନିଜର ମାନବିକ ମୂଲ୍ୟବୋଧ କୁ ବଜାୟ ରଖିଥିଲେ ଅନେକ ଶତାବ୍ଦୀ ପର୍ଯ୍ୟନ୍ତ !

ଇତି ମଧ୍ୟରେ ମନୁଷ୍ୟ ମନରେ କଳୁଷିତ ଚିନ୍ତାଧାରା ତଥା ମନ୍ଦ ଉଦେଶ୍ୟ ଗୁଡିକ ପ୍ରଖର ହେବାକୁ ଲାଗିଲା ! ଅର୍ଥାତ କିଛି ଚତୁର ମନୁଷ୍ୟ ଅଜ୍ଞାନ ଶାନ୍ତ ସରଳ ମନୁଷ୍ୟ ମାନଙ୍କୁ ବିଭିନ୍ନ ଉପାୟରେ ଠକି ସେମାନଙ୍କ ମନରେ ପ୍ରାକୃତିକ ବିପର୍ଯ୍ୟୟ ଓ ତହିଁରୁ ରକ୍ଷା କାରି ଏକ ଅବାସ୍ତବ କାଳ୍ପନିକ ଭଗବାନ ବା ସର୍ବ ଶକ୍ତିମାନ ର ଭୟ ସେମାନଙ୍କ ମନରେ ସଞ୍ଚାର କରିବାକୁ ଲାଗିପଡ଼ିଲେ ! ପରିତାପର ବିଷୟ ଏହିକି ଯେ ନିଛନ୍ଦ ନିରୀହ ମନୁଷ୍ୟ ଗୁଡିକ ଅଜ୍ଞାନତା ବଶତଃ ସେମାନଙ୍କ ପ୍ରରୋଚନାରେ ପଡି ସେହି ଅନ୍ଧ ବିଶ୍ୱାସ ପଛରେ ମାତି

 Download Magazine from www.aahwaan.com

ସେମାନଙ୍କୁ ଅନୁକରଣ କରିବା ଆରମ୍ଭ କଲେ ! ଇତି ମଧ୍ୟରେ ଆଉ କିଛି ବାହୁବଳୀ ତଥା ଶକ୍ତିଶାଳୀ ମନୁଷ୍ୟ ସେହି ନିରୀହ ମାନଙ୍କ ଉପରେ ଆକ୍ରମଣ କରି ସେମାନଙ୍କ ଠାରୁ ତାଙ୍କରି ଦ୍ୱାରା ଆଦାୟ ଖାଦ୍ୟ ଶସ୍ୟ କୁ ଜୋର ଜବରଦସ୍ତ ଅକ୍ତିଆର କରି ସେମାନଙ୍କୁ ଦମନ କରି ରଖିବା ଆରମ୍ଭ କଲେ ! କିନ୍ତୁ ସେମାନେ ଏହି ଶାରୀରିକ ଦୁର୍ବଳ କିନ୍ତୁ ମାନସିକ ଶକ୍ତିଶାଳୀ ଚତୁର ମନୁଷ୍ୟ ମାନଙ୍କୁ ପ୍ରଭାବିତ କରିପାରୁ ନଥିଲେ !!

ଏହିଭଳି ଅନେକ ବର୍ଷ ଅତିକ୍ରମ ହେବା ପରେ ଧୀରେ ଧୀରେ ବାହୁବଳୀ ମାନେ ଅନ୍ୟ ମାନଙ୍କୁ ଆକ୍ରମଣ କରି ତାଙ୍କରି ପାଖରୁ ଖଜଣା ସ୍ୱରୂପ ସେମାନଙ୍କ ଆଦାୟର କିଛି ନିର୍ଦ୍ଦିଷ୍ଟ ଅଂଶ କ୍ରମାନୁଗତ ଭାବେ ଅକ୍ତିଆର କରି ନିଜର କୋଷ ଭରିବାକୁ ଲାଗିଲେ ! ଅର୍ଥାତ କାଳ କ୍ରମେ ସେମାନେ ନିଜକୁ ଧନୀ ବୋଲି ପରିଚୟ ଦେଇ ଆହୁରି ଅଧିକା ସାମ୍ରାଜ୍ୟ ବିସ୍ତାର ପୂର୍ବକ ଆକ୍ରମଣକାରି ପରାକ୍ରମ ଦେଖାଇ ଆରମ୍ଭ କଲେ ଏକ ନୂତନ ଅଧ୍ୟାୟ, ଯାହାଙ୍କୁ ସାଧାରଣ ଦୁର୍ବଳ ଶ୍ରେଣୀର ଜନତା ଭୟରେ ରାଜା (ଅର୍ଥାତ ପରାକ୍ରମ ଶାଳୀ ମନୁଷ୍ୟ) ବୋଲି କହିବା ଆରମ୍ଭ କଲେ ! ଇତି ମଧ୍ୟରେ ସମାଜର ଜ୍ଞାନୀ ତଥା ଚତୁର ମନୁଷ୍ୟ ମାନେ ଏହି ଦୁଇ ଗୋଷ୍ଠୀଙ୍କ ମଧ୍ୟବର୍ତ୍ତୀ ସୋପାନରେ ଥିଲେ । କାଳକ୍ରମେ ଏହି ଜ୍ଞାନୀ ଗୁଣି ଲୋକ ମାନେ ମଧ୍ୟ ଉକ୍ତ ବାହୁବଳୀ ମାନଙ୍କ ଠାରେ ସମ୍ମାନିତ ହୋଇ ଅର୍ଥାତ ସେମାନଙ୍କ ପରାମର୍ଶ ଦାତା ଭାବେ କାର୍ଯ୍ୟ କଲେ ! ହେଲେ ଏହି ବାହୁବଳୀ ଏବଂ ଜ୍ଞାନୀ ମାନଙ୍କ ସଂଖ୍ୟା ଅଜ୍ଞାନ ଅଶିକ୍ଷିତ ମାନଙ୍କ ତୁଳନାରେ ଆଶାତୀତ କମ ଥିଲେ ମଧ୍ୟ ସେମାନେ ଏହି ବିଶାଳ ଗୋଷ୍ଠୀକୁ ନିଜ ନିୟନ୍ତ୍ରଣାଧିନ କରି ଶାସନ କରିବାରେ ସମର୍ଥ ହୋଇ ପାରିଲେ ! ଯାହା ହେଉ ଉଚ୍ଚ ନୀଚ, ବଡ ସାନ ଆଦି ଭେଦଭାବ ଥାଇ ମଧ୍ୟ ବା ଅଜ୍ଞାନ ସରଳ ଦୁର୍ବଳ ମନୁଷ୍ୟ ଗୁଡିକୁ ଶିକ୍ଷା ଅର୍ଜନ କରିବାର ସୁଯୋଗ ନଥାଇ ମଧ୍ୟ ଏକ ମାନବିକ ମୂଲ୍ୟବୋଧ ଯୁକ୍ତ ସମାଜ ଗଠିତ ହୋଇଥିଲା ସର୍ବୋପରି ଆମ ଦେଶ ଭାରତ ବର୍ଷ ରେ !

ଇଂରେଜ ମାନଙ୍କ ଆଗମନ ପରେ ସେମାନଙ୍କ ମାୟା ଜାଲକୁ ବୁଝି ନପାରି କିଛି

Download Magazine from www.aahwaan.com

ବାହୁବଳୀ (ରାଜା) ସେମାନଙ୍କ ଚତୁରତାର ଶିକାର ହୋଇ ପ୍ରଶ୍ରୟ ଦେଲେ ବ୍ୟବସାୟ କରିବା ପାଇଁ । ଇଂରେଜ ମାନେ ବିଶ୍ୱର ସର୍ବ ପ୍ରଥମ କୁଚକ୍ରୀ ମାନସିକତା ପ୍ରବଣ ମନୁଷ୍ୟ ଥିଲେ ! ତେଣୁ ସେମାନେ ଧୀରେ ଧୀରେ ଆମ ଦେଶର ସରଳ ଲୋକ ମାନଙ୍କ ମନକୁ ମୋହିତ କରି ପରବର୍ତ୍ତୀ ପର୍ଯାୟରେ ଏକ ବିଶାଳ କଠୋର ରାଜତନ୍ତ୍ର ଆରମ୍ଭ କରି ଶାସନ କରିବାକୁ ଲାଗିଲେ ଭାରତୀୟ ମାନଙ୍କୁ ! ଦେଶ୍ଵର ତଥା କଥିତ ସମସ୍ତ ବାହୁବଳୀ ମାନଙ୍କୁ ଦମନ କରି ବିସ୍ତାର କଲେ ଏକ ବିଶାଳ ଇଂରେଜ ଶାସିତ ଅଞ୍ଚଳ ! ହେଲେ ସେମାନଙ୍କ ଦୁରଦୃଷ୍ଟି ଏତେ ଅଧିକ ଥିଲାଯେ ଏମିତି କିଛି ଚକ୍ରାନ୍ତ ମୂଳକ ଆଇନ ତଥା ସାମାଜିକ ବ୍ୟବସ୍ଥା ଆମ ଦେଶରେ ପ୍ରଣୟନ କଲେ ଯାହାକୁ ଆମେ ଏପର୍ଯ୍ୟନ୍ତ ଏକବିଂଶ ଶତାବ୍ଦୀରେ ପଦାର୍ପଣ କରି ମଧ୍ୟ ବୁଝି ନପାରି ତାକୁ ଅନୁକରଣ କରି ଚାଲିଛେ ! କର୍ପୁର ଉଡି ଯାଇ ଅଛି ହେଲେ ଇଂରେଜ ମାନଙ୍କ କନା ଖାଲି ପଡି ରହିନୀ ବରଂ ସମଗ୍ର ଦେଶ କୁ କୁତ୍ସିତ ମାନସିକତା ପ୍ରବଣ କରି ରଖି ସାଧାରଣ ଜନତାଙ୍କୁ ଦିବା ନିଶି ଅହ ରହ ସମସ୍ୟା ଘେରରେ ରଖି ଅଶାନ୍ତି ଜୀବନ ଯାପନ କରାଉଛି !

କଣ କଲେ ସେମାନେ ଯାହା ଆମର ମେରୁଦଣ୍ଡ ଭାଙ୍ଗିଦେବା ସହିତ ଆଦୌ ଆଗକୁ ଅଗ୍ରସର ହେବା ପାଇଁ ଦେଉନାହିଁ, ବିଚାର କଲେ ବୁଝି ହେବ.........

କ୍ରମଶଃ ଦ୍ୱିତୀୟ ଅଧ୍ୟାୟ ରେ....

ସୋସିଆଲ୍ ଫୋରମ୍
ବ୍ୟାଙ୍କ କଲୋନୀ, ଛତ୍ରପୁର, ଗଞ୍ଜାମ, ୭୬୧୦୨୦, ଓଡ଼ିଶା
ଇମେଲ୍ : socialforum.org.in@gmail.com
ଭ୍ରାମ୍ୟଭାଷ : ୯୪୩୭୩୨୪୯୧୭ / ୯୮୬୧୧୦୯୫୮୪

Download Magazine from www.aahwaan.com

# ଭୂତପୂର୍ବ ବନାମ ଅଭୂତପୂର୍ବ



ଡମ୍ବରୁଧର ପଟ୍ଟନାୟକ

ଯାହା ଆଗରୁ କେବେ ଦେଖାଯାଇ ନଥିଲା ତାହା ଅଦୃଷ୍ଟପୂର୍ବ । ତାକୁ ମଧ୍ୟ ଆମେ ଅଭୂତପୂର୍ବ ବୋଲି କହୁ । ତେବେ ଏହା ସବୁବେଳେ ପ୍ରଶଂସାସୂଚକ ହୋଇଥାଏ । ଅତି ଜଘନ୍ୟ ଭାବେ ହତ୍ୟା କରିବା କଥାରେ କେହି କେବେ 'ଅଭୂତପୂର୍ବ' ଶବ୍ଦର ପ୍ରୟୋଗ କରନ୍ତି ନାହିଁ । ରାଧାକୃଷ୍ଣଙ୍କ ପ୍ରେମ ସବୁବେଳେ ଅଭୂତପୂର୍ବ ବୋଲି କୁହାଯାଏ । ହେଲେ ଆଜିକାଲିର 'ବୋତଲ ଭାଙ୍ଗିବି ଗୋରୀ ତୋ ଦୁଆରେ' ଜାତୀୟ ପ୍ରେମକୁ ଅଭୂତପୂର୍ବ ବୋଲି ବିକଳିଆ ପ୍ରେମିକମାନେ କହିବସିଲେଣି । ତେବେ ଥରେ ବୋତଲ ଭାଙ୍ଗିଥିବା ପ୍ରେମିକ ପ୍ରବର ପରବର୍ତ୍ତୀ ସମୟରେ 'ଭୂତପୂର୍ବ ବୋତଲ-ଭଙ୍ଗାଳୀ' ରୂପେ ହିଁ ପରିଚିତ ହେବ ଏଥିରେ ସନ୍ଦେହ ନାହିଁ ।

ଆଜିକାଲି ସମସ୍ତେ ଅଭୂତପୂର୍ବ ବୋଲାଇବାକୁ ତତ୍ପର । ଗିନିସ୍ ବୁକ୍ ଅଫ୍ ୱାର୍ଲଡ ରେକର୍ଡସ୍‌ରେ ନାମ ଦରଜ କରିବାକୁ ବହୁଲୋକ ବହୁ ଅଜବ କାମ ସବୁ କରି ଦେଖାଉଛନ୍ତି । ଏ ବହିର ଏ ବର୍ଷର କୃତିତ୍ୱ ତାଲିକାରେ ଯେଉଁମାନେ ଅଭୂତପୂର୍ବ କାମ କରି ଦେଖାଇଛନ୍ତି ବୋଲି ସ୍ୱୀକୃତ ହୋଇଥାନ୍ତି, ଆଗାମୀ ବର୍ଷମାନଙ୍କରେ ସେମାନେ ଭୂତପୂର୍ବ ହୋଇସାରିଥାନ୍ତି । ବୋଲିବା ବାହୁଲ୍ୟ ଆଜି ଯିଏ ଅଭୂତପୂର୍ବ କାଲି ସିଏ ଭୂତପୂର୍ବ ହେବାକୁ ବାଧ୍ୟ ।

ଆଜିକାଲିର ମୋବାଇଲ୍ ସେଟ୍‌ଗୁଡିକୁ ହିଁ ଦେଖନ୍ତୁ । ସବୁ ନୂଆ ସେଟ୍ ଅଭୂତପୂର୍ବ ବ୍ୟାବହାରିକତା ଓ ଲୋଭିଲା ରୂପରଙ୍ଗ ନେଇ ବଜାରକୁ ଆସିଥାନ୍ତି । କିନ୍ତୁ ତା'ର ପରବର୍ତ୍ତୀ ସଂସ୍କରଣମାନଙ୍କରେ ଆହୁରି ନୂଆ ଓ ଆହୁରି ଅଦ୍ଭୁତ ବୈଷୟିକ ଉତ୍କର୍ଷ ପ୍ରଯୁକ୍ତ କରି

 Download Magazine from www.aahwaan.com

କଂପାନୀ ଯେତେବେଳେ ବଜାରକୁ ଛାଡେ ପୁରୁଣାଗୁଡିକ ଅଚିରେ ଭୂତପୂର୍ବ ସଂସ୍କରଣ ହେଇଯାନ୍ତି ଯାହା ଅନେକଙ୍କ ପାଇଁ ଅଲୋଡା ମନେହୁଏ । ଯେ କୌଣସି ଯନ୍ତ୍ରପାତି କ୍ଷେତ୍ରରେ ତାହା ହିଁ ଘଟିଥାଏ । କାରଣ ବିଜ୍ଞାନ ସବୁବେଳେ ନୂଆ କଥାର ସନ୍ଧାନ ଦେଇଥାଏ । ଅଶୀଦଶକର ଗୋଟିଏ ମଣିଷ ଛୁଆର ମେଧାକୁ ଆଜିର ମଣିଷ ଛୁଆର ମେଧା ସହିତ ତୁଳନା କଲେ ଜଣାପଡିବ ଆଜିର ଛୁଆ କେତେ ଅଭୂତପୂର୍ବ ମେଧାର ଅଧିକାରୀ । କିନ୍ତୁ ଆଜିର ଛୁଆ ସହିତ ଆଗାମୀର ତୁଳନା କଲେ ଆଜିର ଛୁଆ ଭୂତପୂର୍ବ ହେଇଯିବେ । କାରଣ ସମୟ ସର୍ବଦା ପରିବର୍ତ୍ତନଶୀଳ ।

ସବୁଦିନ ପାଇଁ କେହିକେବେ ଅଭୂତପୂର୍ବ ବା ବର୍ତ୍ତମାନର ସ୍ଥିତିରେ ରହିପାରିବେ ନାହିଁ । ଏହା ସଂସାରର ନିୟମ । ହଁ ଆମ ମୁଖ୍ୟମନ୍ତ୍ରୀ ନବୀନଙ୍କ ପରି କେହିକେହି ଭାଗ୍ୟବଳରୁ ଗୋଟିଏ ଦୀର୍ଘକାଳ ଅବଧି ଯାଏଁ ଅଭୂତପୂର୍ବ ରହିବା ଏକ ବ୍ୟତିକ୍ରମ ହୋଇପାରେ; କିନ୍ତୁ ତାହା ଯେ ଅନନ୍ତକାଳ ଯାଏଁ ସ୍ଥିର ରହିବ ସେ ଗ୍ୟାରେଣ୍ଟି କେହି ଦେଇପାରିବେ ନାହିଁ । ଦିନେ ଆପଣ ଯୁବକ ଥିଲେ, ଏବେ ବୁଢା ହେଲେଣି ମାନେ ଆପଣ ଭୂତପୂର୍ବ ଯୁବକ ବା ଭୂତପୂର୍ବ ଶିଶୁ । ବୁଢା ବୟସରେ ଆପଣ ଯଦି ଯୁବକସୁଲଭ କାଣ୍ଡ କାରଖାନା କରିପାରୁଛନ୍ତି ତାହେଲେ ସେସବୁ କାର୍ଯ୍ୟକଳାପକୁ ଅଭୂତପୂର୍ବ ବୋଲି କୁହାଯାଇ ପାରିବ । ଅର୍ଥାତ୍ ଯାହା ଯୁବକାବସ୍ଥାରେ ବି କେହି କରି ନଥିବେ ତାହା ଆପଣ କରି ଦେଖାଇଲେ ବୋଲି ତାକୁ ଅଭୂତପୂର୍ବ କୁହାଯିବ । ଯଦି ପୂର୍ବ ଅଲିମ୍ପିକ୍ ଗୁଡିକରେ ଜଣେ ଭାରତୀୟ ଖେଳାଳୀ ୫ଟି ସ୍ୱର୍ଣ୍ଣପଦକ ହାସଲ କରିଥାଏ, ବର୍ତ୍ତମାନର ଅଲିମ୍ପିକ୍‌ରେ ଜଣେ ଯଦି ୧୦ କି ୧୫ ସ୍ୱର୍ଣ୍ଣପଦକ ହାସଲ କଲା ତାହେଲେ ତାକୁ କୁହାଯିବ ଅଭୂତପୂର୍ବ ସଫଳତା, ମାନେ ସେ ପୂର୍ବର ସମସ୍ତ ରେକର୍ଡ ଭଙ୍ଗ କରିପାରିଛି । ପରବର୍ତ୍ତୀ ସମୟରେ ଆଉକିଏ ଯଦି ୧୫ରୁ ଊର୍ଦ୍ଧ୍ୱ ପଦକ ଜିତେ ତାହେଲେ ୧୫ଟି ପଦକ ଜିତିଥିବା ଖେଳାଳୀ ଅଚିରେ ଭୂତପୂର୍ବ ହେଇଯିବେ । ଏହା

 Download Magazine from www.aahwaan.com

ଅବଧାରିତ ।

ଜଣେ ପ୍ରଧାନଶିକ୍ଷକ ତାଙ୍କର ଜ୍ଞାନ, ନିଷ୍ଠା, ଦକ୍ଷତା ଓ କଡା ଶାସନ ବଳରେ ପୂର୍ବର ସମସ୍ତ ରେକର୍ଡ ଭଙ୍ଗ କରି ନାଆଁ କଲେ । ଅନୁଷ୍ଠାନର ଗୌରବ ବଢିଗଲା ଓ ବିଦ୍ୟାଳୟର ପିଲାଏ ଭଲ କୃତିତ୍ୱ ହାସଲ କଲେ । ଏଣୁ ଏହି ଅଧୁନାତନ ପ୍ରଧାନଶିକ୍ଷକ ଜଣକ ହେଲେ ଅଭୂତପୂର୍ବ । କିନ୍ତୁ କିଛିବର୍ଷ ପରେ ସେ ଚାକିରିରୁ ଅବସର ଗ୍ରହଣ କଲେ । ତାପରେ ତାଙ୍କ ନାମ ପଛରେ ଅବସରପ୍ରାପ୍ତ ବା ଭୂତପୂର୍ବ ପ୍ରଧାନଶିକ୍ଷକ ବୋଲି ହିଁ ଲେଖାଯିବ ସିନା ସେ ତ ଆଉ ଚିରକାଳୀନ ପ୍ରଧାନଶିକ୍ଷକ ହୋଇ ରହିପାରିବେ ନାହିଁ । ତେଣୁ ଅବସର ଗ୍ରହଣ ପରେ ସବୁ ଚାକିରିଆଙ୍କୁ 'ଭୂତ'ର ଆଶ୍ରୟ ନେବାକୁ ହେବ । ଅବସର ପରର ଏ ଭୂତ ବହୁଲୋକଙ୍କୁ ଗ୍ରାସ କରିଯାଏ । କାରଣ ଶ୍ରୀକୃଷ୍ଣ ଅର୍ଜୁନଙ୍କ କଳା ହରଣ କରିବା ପରି ଅବସର ନିଜପାଖରୁ କ୍ଷମତା, ପ୍ରତିପତ୍ତି, ସମ୍ମାନ, ଶକ୍ତି ସବୁ ହରଣ କରିନେଇଥାଏ । ଗତକାଲି ଚାକିରିରେ ସିଂହ ପ୍ରାୟେ ଗର୍ଜୁଥିବା ଲୋକଟିକୁ ଅବସର ପରେ ଲୋକେ ତାକୁ ମୂଷାପ୍ରାୟେ ବ୍ୟବହାର ଦେଖାନ୍ତି । ସେ ହେଇଯାନ୍ତି ଭୂତପୂର୍ବ ଅମୁକ ବାବୁ ।

ନିଜର ବର୍ତ୍ତମାନର ଚଉକି ବା ପଦବୀଟିକୁ ବହୁଦିନ ଧରି ରଖିବା ଏତେ ସହଜ ନୁହେଁ । ରାଜନୀତିରେ ଗୋଡ ଟଣାଟଣିକୁ ସମ୍ଭାଳି ନପାରିଲେ ଆପଣଙ୍କୁ ଚଉକି ଛାଡିବାକୁ ପଡିବ । ଜନତା ବି ଆପଣଙ୍କ କାର୍ଯ୍ୟକଳାପକୁ ଦେଖି ଭୋଟ ଦେବେ କି ଚିତା କାଟିବେ ନିଜେ ସ୍ଥିର କରନ୍ତି । ଅତଏବ ଆପଣ ଗତକାଲି ଯଦି ଜିଲ୍ଲା ପରିଷଦ ଅଧ୍ୟକ୍ଷ କି ବିଧାୟକ କି ମନ୍ତ୍ରୀ କି ସାଂସଦ ଥିଲେ ଆଜି ଅନାସ୍ଥା ପ୍ରସ୍ତାବ ବଳରେ ଚଉକିରୁ ଓହ୍ଲେଇ ଦେଲେ ଆପଣଙ୍କ ନାମ ଆଗରେ ଭୂତପୂର୍ବ ଶବ୍ଦ ଲାଗିବାକୁ ବେଶୀ ସମୟ ଲାଗିବ ନାହିଁ । ଆପଣ ମୁଖ୍ୟମନ୍ତ୍ରୀ ହୁଅନ୍ତୁ କି ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି ହୁଅନ୍ତୁ କି ରାଜ୍ୟପାଳ, ରେଳ ମନ୍ତ୍ରୀ ହୁଅନ୍ତୁ କି ତେଲ ମନ୍ତ୍ରୀ ଯେ କୌଣସି ପଦବୀରେ ଥାଆନ୍ତୁ ନା କାହିଁକି ସ୍ୱାଭାବିକ ଭାବେ ବା ଅସ୍ୱାଭାବିକ

Download Magazine from www.aahwaan.com

ଭାବେ ଦିନେ ଆପଣଙ୍କୁ ସେ ପଦବୀରୁ ହଟିବାକୁ ହେବ । ତାପରେ ଆପଣ ହେଇଯିବେ ଭୂତପୂର୍ବ । ତେଣୁ କୋଉ ମୁହୂର୍ତ୍ତରେ ଆପଣଙ୍କୁ ଭୂତ ଗ୍ରାସିବ ତାହା ଆପଣ କଳ୍ପନା ବି କରିପାରିବେ ନାହିଁ । ଚାକିରିରେ ପଦୋନ୍ନତି ପାଇ ଆପଣ ବଡବାବୁ ହେଲେ । ତାହଲେ ଆପଣ ହେଇଯିବେ ଭୂତପୂର୍ବ ବରିଷ୍ଠ କିରାଣୀ ଓ ବର୍ତ୍ତମାନର ମୁଖ୍ୟ କିରାଣୀ । ବହୁଦିନ ଗୋଟିଏ ପଦବୀରେ ବା ଗୋଟିଏ ଜାଗାରେ ରହିଲେ ବି ଆପଣ ଅନ୍ୟମାନଙ୍କର ଚକ୍ଷୁଶୂଳ ହେବେ । ଆପଣଙ୍କର କର୍ତ୍ତବ୍ୟନିଷ୍ଠା, ଦାୟିତ୍ୱବୋଧ, କର୍ମ ତତ୍ପରତା ଆଦିକୁ ପାଶ୍ୱର୍ରେ ପକାଇ ଆରମ୍ଭ ହେଇଯିବ ଆପଣଙ୍କ ନାମରେ ଚୁଗୁଲି । ପରର କାନକୁହାରେ ବିଶ୍ୱାସ କରୁଥିବା ତେଲିଆ ହାକିମ, ହାଇକମାଣ୍ଡ ଦିନେ ଅଚାନକ ଆପଣଙ୍କୁ ପଦବୀରୁ ହଟେଇ ଦେଇପାରନ୍ତି । ଆପଣଙ୍କୁ ରାୟଗଡ, କୋରାପୁଟ, କେଉଁଝର, ଟିଟଲାଗଡ, ମାଲକାନଗିରି କି ଉମରକୋଟକୁ ବଦଳି ହେଇଯାଇପାରେ । ଆପଣ ଆଉ ରାଜଧାନୀରେ ଆଡ୍ଡାମାରି ରହିପାରିବେ ନାହିଁ । ଏବେ ଆପଣଙ୍କ ନାମ ଆଗରେ ଭୂତପୂର୍ବ ଅଧ୍ୟକ୍ଷ/ଅଧିକାରୀର ମୋହର ବସିଯିବ । ଆହା ଏଥିରେ ଯୋଉ କଷ୍ଟ ତାହା ଭୋଗିଲା ଲୋକ ହିଁ ଜାଣେ ।

ଲୋକେ ବିବିଧ ଅବସୋସ ନେଇ ମରିଥିଲେ ତାଙ୍କର ଅତୃପ୍ତ ଆତ୍ମା ଭୂତ ହୁଏ ବୋଲି ଆମେ ବିଶ୍ୱାସ କରୁ । 'ଭୂତ' ଅର୍ଥାତ୍ ଅସ୍ତିତ୍ୱ ଶୂନ୍ୟ । ଅର୍ଥାତ୍ ଯାହା ପୂର୍ବେ ଥିଲା ଏବେ ନାହିଁ । ପୂର୍ବରୁ କ'ଣ ଥିଲେ ବୋଲି କେହି ପଚାରିଲେ ଆମେ କହୁ ସେ ଜଣେ ଭୂତପୂର୍ବ ଅଧ୍ୟାପକ । କେହି ଯଦି ତାଙ୍କ ପ୍ରେମିକାକୁ ବାହା ହୋଇଥାନ୍ତି ତାହେଲେ ତାଙ୍କ ସ୍ତ୍ରୀଙ୍କ ପରିଚୟ ଦେଲାବେଳେ କୁହାଯାଏ ଇଏ ହେଉଛନ୍ତି ସେ ବାବୁଙ୍କ ଭୂତପୂର୍ବ ପ୍ରେମିକା ତଥା ବର୍ତ୍ତମାନର ସ୍ତ୍ରୀ । ପ୍ରେମିକା ବଦଳ ବା ସ୍ତ୍ରୀ ବଦଳ କ୍ଷେତ୍ରରେ ବି ସେଇ ଏକାକଥା କୁହାଯିବ । ସ୍ୱାମୀ ବଦଳ ବା ସ୍ତ୍ରୀ ଦ୍ୱିତୀୟ ହେଲେ ସେ କ୍ଷେତ୍ରରେ ନୂଆ ସ୍ୱାମୀଙ୍କ ପରିଚୟ ଦେଇ ଲୋକେ କହିବେ ଏ ମହାଶୟ ମୃତ/ଛାଡ୍ରୀ ପଦ୍ମିନୀ ଦେବୀଙ୍କ ଭୂତପୂର୍ବ ସ୍ୱାମୀ ବର୍ତ୍ତମାନ ପଦ୍ମଜାଙ୍କ

 Download Magazine from www.aahwaan.com

ସ୍ୱାମୀ ହେଲେ ବା ସୁନନ୍ଦା ଯିଏକି ଶଶଧରଙ୍କ ଭୂତପୂର୍ବ ସ୍ତ୍ରୀ ବର୍ତ୍ତମାନ ବାବୁ ବାଙ୍କବିହାରୀଙ୍କ ନୂଆ ଧର୍ମପତ୍ନୀ ହେଲେ । ଆଜିକାଲିର ଅତ୍ୟାଧୁନିକ ଜୀବନଚର୍ଯ୍ୟାରେ ଏସବୁ ଘଟଣା ସାଧାରଣ ହେବାକୁ ବସିଲାଣି । ସ୍ୱାମୀ ଯଦି ଅକାମି ହେଲା, ଅବାଧ୍ୟ ହେଲା, ବେରୋଜଗାର ହେଲା, ମଦ୍ୟପ ହେଲା କି ଲଂପଟ ହେଲା ତ ତାକୁ ଭୂତପୂର୍ବ ଆସନରେ ବସାଇ ଆଜିକାଲିର ସ୍ମାର୍ଟ ୱାଇଫ୍ ମାନେ ନୂଆ ସ୍ୱାମୀ ଗ୍ରହଣରେ ଆଦୌ ପଛଘୁଂଚା ଦେଉନାହାନ୍ତି । ସ୍ତ୍ରୀକୁ ଭୂତପୂର୍ବ ଆସନରେ ବସାଇବା ଭଳି ସ୍ମାର୍ଟ ସ୍ୱାମୀ ଯେ ନାହାନ୍ତି ତାହା ଭାବିବା ନିହାତି ମୂର୍ଖାମି ହେବ ।

ନୂଆକରି ଆସୁଥିବା ସବୁ ଅଧିକାରୀ/ହାକିମ/ମନ୍ତ୍ରୀ/ଅଧ୍ୟକ୍ଷ ବା ବିଭାଗୀୟ ମୁଖ୍ୟମାନେ ସେହି ପଦବୀରେ ଥିବା ଭୂତପୂର୍ବଙ୍କୁ ଜଣେ ଅପାରଗ, ମୂର୍ଖ, କୃପଣ, ତେଲିଆ, କପଟୀ, ଲଂପଟୀ ଆଦି ବିଶେଷଣରେ ବିଭୂଷିତ କରି ନିଜକୁ ଶହେରୁ ଶହେ ସଚ୍ଚା ବୋଲି ପ୍ରଚାର କରନ୍ତି । ଆପଣ ଜାଣନ୍ତି ନିଜ ଢୋଲ ପିଟୁଥିବା ଲୋକ କେବେହେଁ ସତ କହନ୍ତି ନାହିଁ । ଅର୍ଥାତ୍ ତାଙ୍କ କଥାରେ ଶହେରୁ ଶହେ ପ୍ରତିଶତ ମିଥ୍ୟା ହିଁ ଥାଏ ଯାହା କ୍ରମଶଃ ଧରାପଡେ । ତେବେ ତୋଷାମଦିଆମାନେ ନିଜ ସ୍ୱାର୍ଥହାସଲ ପାଇଁ ଏମାନଙ୍କୁ ମହାନ ବୋଲି ପ୍ରଚାର କରିଥାନ୍ତି । ଏ ପ୍ରଚାର ସ୍ୱାର୍ଥରେ ବାଧା ନଆସିବାଯାଏ ଠିକ୍ ଚାଲିଥାଏ । କିନ୍ତୁ ସ୍ୱାର୍ଥରେ ବାଧା ଉପୁଜିଲେ ବା ବଦଳି ହେଇଗଲେ ସେହି ତୋଷାମଦିଆମାନେ ହିଁ ସଜ ମାଛରେ ପୋକ ପକାଇ କହିବେ ଆମର ସେ ଭୂତପୂର୍ବ ଅଧିକାରୀ ପରା ଏମିତି ଥିଲା, ସେମିତି ଥିଲା, ଶଳା ପକ୍କା କୃପଣଟେ, ଦେହରୁ ମଳି ଛାଡିବନି । ସେ ପରା ଆମ ଲେଡି ଷ୍ଟେନୋ ସାଙ୍ଗେ ନାରେନାରେ ହେଉଥିଲା । ଆମ ଏଇ ଷ୍ଟେନୋ ବି ପକ୍କା ଖଣ୍ଡେ । ସେ ତା'ର ଭୂତପୂର୍ବ ସ୍ୱାମୀକୁ ଏମିତି ଟର୍ଚ୍ଚର କରୁଥିଲା ଯେ ବିଚରା ଶେଷରେ ଯାକୁ ଛାଡି ଆଉଜଣକୁ ଆପଣାର କରିନେଲା ।

 Download Magazine from www.aahwaan.com

ଆମେରିକାରେ ତ ଛାଡପତ୍ର ପ୍ରବଳ । ତେଣୁ କେଉଁ ଭୂତପୂର୍ବ ସ୍ୱାମୀ ଆଉ କାହାର ଭୂତପୂର୍ବ ସ୍ତ୍ରୀକୁ ଧରି ମଉଜମସ୍ତି କରିବାରେ ସେଠାରେ ବାରଣ ନାହିଁ । ସମସ୍ତେ ଆପଣା ମର୍ଜିର ମାଲିକ । ଯେତେବେଳେ ପିଲାମାନେ କଳିଗୋଳ କରନ୍ତି ଭୂତପୂର୍ବ ସ୍ତ୍ରୀ ଭୂତପୂର୍ବ ସ୍ୱାମୀଙ୍କୁ ଅଭିଯୋଗ କରନ୍ତି- ଦେଖ ଦେଖ ତୁମ ଛୁଆ ମୋ ଛୁଆ ସହିତ କେମିତି ଗଣ୍ଡଗୋଳ କରୁଛି ।

କିଛିଲୋକ ଅଛନ୍ତି ଯେଉଁମାନେ ଭିନ୍ନଭିନ୍ନ ସମୟରେ ଭିନ୍ନଭିନ୍ନ ନାମଧେୟ-ଅନାମଧେୟ ପଦପଦବୀରେ ରହିଥିବାର ପ୍ରମାଣ ସ୍ୱରୂପ ଏକାଧିକ ଭୂତପୂର୍ବ ପଦବୀ କଥା ଲେଖି ନିଜର ଓଜନ ବଢାଇବାକୁ ଚେଷ୍ଟା କରିଥାନ୍ତି । ତେଣୁ ନିଜର ନାମଫଳକରେ ଲେଖାହୁଏ-

ଶ୍ରୀ ସମର ବିଜୟ ଛୁଆଳସିଂହ,

ଭୂତପୂର୍ବ ସଦସ୍ୟ-ଓଡ଼ ସାହିତ୍ୟ ଏକାଡେମୀ,

ଭୂତପୂର୍ବ ଅଧ୍ୟକ୍ଷ-କଳିଙ୍ଗ ଖେଳ ମଣ୍ଡଳ,

ଭୂତପୂର୍ବ ସଭାପତି-କବିସମ୍ରାଟ ବ୍ୟାପାରିକ ସଂଘ,

ଭୂତପୂର୍ବ ସଂପାଦକ-ବୃହତ୍ ଖଣ୍ଡାୟତ ସମାଜ,

ଭୂତପୂର୍ବ କୋଷାଧ୍ୟକ୍ଷ-ଦରିଦ୍ର ନାରାୟଣ ସେବା ସମିତି,

ଭୂତପୂର୍ବ ଉପଦେଷ୍ଟା- ଗୋ-ଚାଲାଣ ପ୍ରତିରୋଧ ସମିତି,

ଭୂତପୂର୍ବ ସଂଯୋଜକ- ଜିଲ୍ଲା ଛାଡପତ୍ର-ପୀଡିତ ସଂଘ ଇତ୍ୟାଦି ଇତ୍ୟାଦି ।

ବାବୁ ଏସବୁ ପଦପଦବୀରୁ ତଡା ଖାଇଥିଲେ କ'ଣ ହେଲା, ପଦବୀ ତ ମଣ୍ଡନ କରିଥିଲେ ନା । ତେଣୁ ଘର ଆଗରେ ଗେଟ୍ ପାଖରେ ନାମଫଳକରେ ଏସବୁ ଲେଖି ଛାତି କୁଣ୍ଢେମୋଟ କରିବାରେ ତାଙ୍କ ପ୍ରୟାସକୁ ବାହାବା ଦେବା କଥା ।

ବେଳେବେଳେ ସ୍କୁଲ କଲେଜମାନଙ୍କରେ ପୂର୍ବତନ ଛାତ୍ର ସମ୍ମିଳନୀ କରାହୁଏ ।

Download Magazine from www.aahwaan.com

ଏଥିରେ ସାଧାରଣ ଛାତ୍ର ସମେତ ଭୂତପୂର୍ବ କଲେଜ ୟୁନିଅନ୍ର ଭୂତପୂର୍ବ ସଭାପତି, ସଂପାଦକ, ସହ ସଂପାଦକ, କୋଷାଧ୍ୟକ୍ଷ, କ୍ରୀଡା ସଂପାଦକ, ନାଟ୍ୟ ସଂପାଦକ, ସାହିତ୍ୟ ସଂପାଦକ, ସାଧାରଣ କକ୍ଷ ସଂପାଦକ, ଲେଡିଜ୍ କ୍ଲବ୍ ସଂପାଦିକା ପ୍ରଭୃତି ଯୋଗ ଦିଅନ୍ତି । ଯଦି କଲେଜ ଜୀବନର ୪୦ ବର୍ଷ ପରେ ଏଭଳି ଆୟୋଜନ ହେଉଥାଏ ତାହେଲେ ଉପସ୍ଥିତ ଅନେକେ ନିଜନିଜ ଚାକିରି ପଦପଦବୀରେ ଭୂତପୂର୍ବ ହେଇସାରିଥିବା ଘୋଷଣାରୁ ଜଣାପଡେ ।

ଜନ୍ମେଜୟ ବାବୁଙ୍କ ପ୍ରଥମ ସ୍ତ୍ରୀଙ୍କ ଦେହାନ୍ତ ପରେ ସେ ଅନ୍ୟତ୍ର ବିବାହ କଲେ । ଦିନେ ଏକ ବାହାଘରିଆ ଭୋଜିସଭାରେ ତାଙ୍କର ପ୍ରଥମ ସ୍ତ୍ରୀଙ୍କ ବାପା ଦେଖାହେଇଗଲେ । ତହୁଁ ସେ ବର୍ତ୍ତମାନର ସ୍ତ୍ରୀଙ୍କ ବାପାଙ୍କୁ ତାଙ୍କସହ ପରିଚୟ କରି କହିଲେ-ଇଏ ହେଉଛନ୍ତି ଆମର ପୁରୁଣା ବାପା, ମାନେ ମୋର ଭୂତପୂର୍ବ ଶ୍ୱଶୁର । ପିତାସମ ଶ୍ୱଶୁର ମଧ୍ୟ ଭୂତପୂର୍ବ ହୋଇପାରନ୍ତି, ଏହା ଏକ ବିଡମ୍ବନା ନୁହେଁ କି ? ଅବଶ୍ୟ ଏବେ ଅନୁରୂପ ଭାବେ ଜନ୍ମେଜୟ ବାବୁ ତାଙ୍କ ପ୍ରଥମ ଶ୍ୱଶୁରଙ୍କ ଭୂତପୂର୍ବ ଜ୍ୱାଇଁ ହେବେ କହିବାରେ ଅତ୍ୟୁକ୍ତି ହେବକି ? ତେବେ ଏକଥା ସତ୍ୟ ଯେ ସମସ୍ତେ ନିଜ ନିଜ କ୍ଷେତ୍ରରେ ଦିନେ ଭୂତପୂର୍ବ ହୋଇ ହିଁ ରହିବେ । ଏ ପରିଚୟରୁ କେହି ବର୍ତ୍ତିଯାଇ ପାରିବେ ନାହିଁ । ତାହେଲେ ବର୍ତ୍ତମାନର ଚଉକିକୁ ଜାବୁଡି ଧରିବାର ଗଳଦ୍ଘର୍ମ ପ୍ରୟାସରେ ନୟାନ୍ତ ହେବା କାହିଁକି ସୁଧୀଜନେ ! ବରଂ ଭୂତପୂର୍ବ ହୋଇ ରହିବା ହିଁ ଶ୍ରେୟସ୍କର । କାରଣ ଆପଣ ଯେତେ ଅଭୂତପୂର୍ବ କାମ କରିଥିଲେ ବି ଆପଣଙ୍କୁ ସେଇ ଭୂତପୂର୍ବ ପରିଚୟରେ ହିଁ ପରିଚିତ ହେବାକୁ ପଡିବ, ଏଥିରେ ସନ୍ଦେହ ନାହିଁ । ☺

ସାହିତ୍ୟାୟନ, କୋପରେଟିଭ୍ କଲୋନୀ, ୨ୟ ଗଳି,
ରାୟଗଡ-୭୬୫୦୦୧/ମୋ.୯୪୩୮୬୧୦୮୧୧

Download Magazine from www.aahwaan.com

# ଓଡ଼ିଆ ବ୍ୟାକରଣ ଶିକ୍ଷା



ଅଧ୍ୟାପିକା ରଞ୍ଜିତା ପାତ୍ର

## ଓଡିଆ ବ୍ୟଞ୍ଜନ ବର୍ଣ୍ଣ ଓ ହଳନ୍ତର ପ୍ରୟୋଗ: ଏକ ସୂକ୍ଷ୍ମ ବିଚାର

ଅକ୍ଷର ହେଉଛି ଶବ୍ଦ ଉଚ୍ଚାରଣର ଇଚ୍ଛାକୃତ ଏକକ ବା ୟୁନିଟ୍ । ଇଂରାଜୀରେ ସିଲେବଲ୍ ଶବ୍ଦ ବର୍ଣ୍ଣର ସମଷ୍ଟି । କିନ୍ତୁ କୌଣସି ଶବ୍ଦକୁ ଉଚ୍ଚାରଣ କଲାବେଳେ ତାହା ମଧ୍ୟରେ କୌଣସି ବର୍ଣ୍ଣରେ ରହି ନଯାଇ ଏକାଥରେ ଯୁଗ୍ମ ଶବ୍ଦ ଉଚ୍ଚାରଣ କରାଯାଏ । ଯଦି ଅମେ ଶବ୍ଦ ମଧ୍ୟରେ କୌଣସି ସ୍ଥାନରେ ଇଚ୍ଛାରେ ଅଟକିଯିବା, ତେବେ ସେଇଟି ଗୋଟିଏ ଅକ୍ଷର ହୋଇଯିବ । ଉଦାହରଣ ସ୍ୱରୂପ କୋ/ଇ/ଲି । ତିନୋଟି ଅକ୍ଷର ହୋଇଗଲା । କିମ୍ବା ଅ/କ୍ଷ/ର ଏ ମଧ୍ୟ ତିନି ଅକ୍ଷରିଆ ଶବ୍ଦ ।

ଯେଉଁ ଅକ୍ଷର ସ୍ୱର ଧ୍ୱନିରେ ଶେଷ ହୁଏ, ତାହାକୁ ମୁକ୍ତ ଅକ୍ଷର କହନ୍ତି । ଯେଉଁ ଅକ୍ଷର ବ୍ୟଞ୍ଜନ ଧ୍ୱନିରେ ଶେଷ ହୁଏ, ତାହାକୁ ରୁଦ୍ଧ ଅକ୍ଷର କହନ୍ତି । ରୁଦ୍ଧ ହୋଇ ବା ମୁକ୍ତ ହେଉ, ପ୍ରତ୍ୟେକ ଅକ୍ଷରର ଅବଲମ୍ବନ ହେଉଛି ଗୋଟିଏ ସ୍ୱରଧ୍ୱନି । ଉକ୍ତ ର ଉକ୍ ଅଂଶରେ ଅ ସ୍ୱରଟି ଅଛି ବୋଲି ସେହି ଅଂଶଟି ଗୋଟିଏ ଅକ୍ଷର(ଉଚ୍ଚାରଣର ୟୁନିଟ) ହୋଇପାରିଛି ।

କେତେକ ଭାରତୀୟ ଆର୍ଯ୍ୟ ଭାଷାରେ ରୁଦ୍ଧ ଅକ୍ଷରରେ ଶେଷ ବ୍ୟଞ୍ଜନକୁ ଅସଂପୂର୍ଣ୍ଣ ଆକୃତିରେ ଲେଖି ପରବର୍ତ୍ତୀ ଅକ୍ଷରର ଆଦ୍ୟ ବ୍ୟଞ୍ଜନକୁ ପୂର୍ଣ୍ଣ ଆକୃତିରେ ଲାଖାଯାଏ । ଉଦାହରଣ ସ୍ୱରୂପ- ଅସ୍ତ । ଏଠାରେ ସ୍ତ ଅସଂପୂର୍ଣ୍ଣ କରି ଅ, ତ କୁ ସଂପୂର୍ଣ୍ଣ ଆକୃତିରେ କରାଯାଇଛି । କାରଣ ଉଚ୍ଚାରଣରେ ରୁଦ୍ଧ ଅକ୍ଷରର ଶେଷ ବ୍ୟଞ୍ଜନ ଦୁର୍ବଳ ଏବଂ ତାହା ପରବର୍ତ୍ତୀ ଅକ୍ଷରର ଆଦ୍ୟ ବ୍ୟଞ୍ଜନ ଣ ଅପେକ୍ଷା ସବଳ । କିନ୍ତୁ ଓଡିଆ ଯୁକ୍ତ ବ୍ୟଞ୍ଜନ ଲିପି

 Download Magazine from www.aahwaan.com

ଠୋକ୍ କ୍ଷୁଦ୍ର ଆକୃତିରେ ବା କୌଣସି ଚିହ୍ନ ଆକୃତିରେ ରଖାଯାଏ । ଯେପରି (କଷ୍/ଟ) କଷ୍ଟ ବା(ନିଷ୍/ଠା) ନିଷ୍ଠା । ଏ ଦୁଇଟି ଶବ୍ଦରେ ଥ ଓ ମ କୁ ଗୋଟିଏ ଗୋଟିଏ ଚିହ୍ନ ଆକାରରେ ରଖାଯାଇଛି । ଫଳରେ ଓଡିଆରେ ବହୁତ ଯୁକ୍ତ ବ୍ୟଞ୍ଜନ (ମୁକ୍ତକ୍ଷର)ଲିପିର ସୃଷ୍ଟି ଘଟିଛି ।

ଯୁକ୍ତ ବ୍ୟଞ୍ଜନ ଲିପିଗୁଡିକର ସଂଖ୍ୟା ହ୍ରାସକରି, ତାହାର ସମ୍ୟକ ଧାରଣା ପାଇବା ଉଦ୍ଦେଶ୍ୟରେ ହିଁ ଅନୁସାର ଓ ହଳଂତ ପ୍ରବର୍ତ୍ତନ କରାଯାଇଛି । ଅନୁସାର ଦେଇ ଲେଖିବାର ସ୍ଥାନ ହେଉଛି । ଯେଉଁଠି ରୁଦ୍ଧ ଅକ୍ଷରର ଶେଷରେ ଙ୍ ଞ୍ ଣ୍ ନ୍ ମ୍ ଏହି ପାଞ୍ଚଗୋଟି ଅନୁନାସିକ ବ୍ୟଞ୍ଜନ ବର୍ଣ୍ଣଥାଏ । ଯେପରି ଶଂଳା(ଅଙ୍ଗ୍ଳା)ସଂଜ(ସ/ଜ), କଂଟା(କଣ୍/ଟା), ଦାଂତ(ଦାନ୍/ତ), କଂପ(କମ୍/ପ) ସ୍ଥଳରେ ଯଥାର୍ଥ ପ୍ରୟୋଗ ଘଟିଛି ।

ହଳନ୍ତ ଚିହ୍ନ ଦେଇ ଲେଖିବାର କ୍ଷେତ୍ର ହେଉଛି, ଯେଉଁଠି ରୁଦ୍ଧ ଅକ୍ଷରର ଶେଷରେ ଉପର୍ଯୁକ୍ତ ପାଞ୍ଚଟି ଅନୁନାସିକ ବ୍ୟଞ୍ଜନବର୍ଣ୍ଣ, ସେଠାରେ ସେହି ବ୍ୟଞ୍ଜନ ବର୍ଣ୍ଣରେ ହଳଂତ ଚିହ୍ନ ଦେଇ ଲେଖାଯାଏ । ଯଥା- ଆସ୍ଥା(ଆସ୍ଥା), ବସ୍ର(ବସ୍ର), ରକ୍ତ(ରକ୍ତ), ଶିଷ୍ଟ(ଶିଷ୍ଟ) । ମନେ ରଖିବାକୁ ହେବ, ଏ ଦୁଇ ପଦ୍ଧତି ରୁଦ୍ଧ ଅକ୍ଷରର ଅଂତ୍ୟ ବ୍ୟଞ୍ଜନ ବର୍ଣ୍ଣ ଭିନ୍ନ ଅନ୍ୟ କୌଣସି ଠାରେ ପ୍ରଯୋଜ୍ୟ ନୁହେଁ । (ଡ. ଧନେଶ୍ୱର ମହାପାତ୍ର) । ଉଦାହରଣ ସ୍ୱରୂପ- ସ୍ଥାନ, ପଳାବନକୁ ସ୍ ଆନ, ପ୍ଳାଳାବନ ଲେଖା ଯିବ ନାହିଁ । ଆରମ୍ଭ ବିଭାଗ ନାହିଁ । ଯେଉଁଠି ଅକ୍ଷର ବିଭାଗ ନାହିଁ ସେଠାରେ ହଳଂତ ରହି ନଥାଏ । କାରଣ ସ୍ ଓ ପ ଠାରେ ଆଦୌ ଅକ୍ଷର ବିଭାଗ ନାହିଁ । ଯେଉଁଠି ଅକ୍ଷର ବିଭାଗ ନାହିଁ ସେଠାରେ ଆଦୌ ହଳଂତ ଦେଇ ଲେଖିବାର ପ୍ରଶ୍ନ ଉଠୁନାହିଁ । ଶବ୍ଦର ମୂଳରେ ଥାବା ଯୁକ୍ତ ବ୍ୟଞ୍ଜନକୁ ହଳଂତ ଚିହ୍ନ ଦେଇ ଲେଖିବା ଯୁକ୍ତିଯୁକ୍ତ ନୁହେଁ । ଉଚ୍ଚାରଣ ସୌକର୍ଯ୍ୟ ରହେ ନାହିଁ । ଏଣୁ ଏହା ପରିତ୍ୟାଜ୍ୟ ।

ଯୁକ୍ତ ଅକ୍ଷରର ଅନ୍ତ୍ୟ ଅନୁନାସିକ ବ୍ୟଞ୍ଜନ ବର୍ଣ୍ଣଗୁଡିକ ବଦଳରେ ଅନୁସ୍ୱାର ଦେଇ ଲେଖିବା

Download Magazine from www.aahwaan.com

ପଦ୍ଧତି ବହୁ ପ୍ରାଚୀନ । ଯେତେବେଳେ ସଂସ୍କୃତ ଭାଷାରେ ବ୍ୟାପକ ପ୍ରଚଳନ ଥିଲା, ସେତେବେଳେ ମଧ୍ୟ କାତ୍ୟାୟନ, ବରରୁଚି, ତ୍ରିବିକ୍ରମ, ହେମଚଂଦ୍ର ପ୍ରମୁଖ ପ୍ରାକୃତ ବ୍ୟାକରଣକାରମାନେ ସୂତ୍ର ପଣୟନ କରି ଏ ପଦ୍ଧତିକୁ ସ୍ୱୀକୃତି ଦେଇଥିଲେ । ଆଧୁନିକ ଓଡିଆ ସାହିତ୍ୟରେ ଏହାର ଯଥାଯଥ ପ୍ରୟୋଗ କଲେ ପଂଡିତ ନୀଳକଂଠ ଦାସ । ସେ ସମାଲୋଚନାର ସ୍ୱୀକାର ମଧ୍ୟ ହୋଇଥିଲେ । ପଣ୍ଡିତକୁ ପଂଡିତ କହିଲେ ପ, ପାଖକୁ ଅନୁସାରଟି ଲାଗିଗଲେ ଫ ହୋଇଯାଏ । ଏହି ଏକମାତ୍ର ଅସୁବିଧା କାରଣରୁ ଏହାକୁ ଉଚ୍ଛେଦ କରାଯିବା ଉଚିତ୍ ନୁହେଁ । ପାଠ୍ୟ ପୁସ୍ତକ ଜାତୀୟକରଣ ଅବସରରେ ଅନୁସ୍ୱାର ଦେଇ ଲେଖାଯିବାର ପ୍ରତିବାଦ ହୋଇଥିଲା । ମାତ୍ର ଡକ୍ଟର ଧନେଶ୍ୱର ମାହାପାତ୍ର ତା ୨୦/୧୨/୭୦ ଓ ତା ୨୭/୧୨/୭୦ ସମାଜରେ ସାପ୍ତାହିକ ସାହିତ୍ୟଲୋଚନାରେ ଏହାର ସପକ୍ଷରେ ଦୁଇଟି ଯୁକ୍ତ ପ୍ରବଂଧ ରଚନା କରିଥିଲେ । ଏହା ଅନୁସରଣୀୟ । ଲିଖନ ପଦ୍ଧତି ଏହାଦ୍ୱାରା ସହଜ ହୋଇଥାଏ ।

ଆମ ଭାଷାରେ ହଲନ୍ତ, ହଳନ୍ତ ବା ହସନ୍ତ ବୋଲି ଏକ ବ୍ୟଞ୍ଜନ ବର୍ଣ୍ଣର ବ୍ୟବହାର ଅଛି । ପାଣିନିଙ୍କ ସଂସ୍କୃତ ବ୍ୟାକରଣରେ ହଲ୍/ହଳ ଅର୍ଥ ବ୍ୟଞ୍ଜନ ବର୍ଣ୍ଣ ।  ହଲ୍ର ଓଡିଆ ପ୍ରୟୋଗ ହଳ୍ । ଏହି ହଲ୍/ହଳ ବା ହସ୍ ବର୍ଣ୍ଣ ବା ଶବ୍ଦର ଶେଷରେ ବ୍ୟବହୃତ ହେଉଥିବାରୁ ଏହାର ନାମ ହଳନ୍ତ । ଯଥା- ଜଗତ୍, ପୃଥକ୍, ଠିକ୍ଠିକ୍ । ଏହିଭଳି ଅନେକ ଶବ୍ଦ ରହିଛି । କିନ୍ତୁ ଓଡିଆ ଭାଷାରେ ହଳନ୍ତ ବ୍ୟଞ୍ଜନ ବର୍ଣ୍ଣର ମାନ୍ୟ ପାଇ ନାହିଁ । ତାକୁ ଅଯୋଗବାହ କୁହାଯାଇଛି ।

ହଲନ୍ତ/ହଳନ୍ତ କୁହା ଯାଇଥିବା କିମ୍ବା ପଢା ଯାଇଥବା ସ୍ଥଳେ ପୂର୍ଣ୍ଣଚନ୍ଦ୍ର ଭାଷା କୋଷ, ସର୍ବସାର ବ୍ୟାକରଣରେ ହସନ୍ତ ଶବ୍ଦର ଉଲ୍ଲେଖ ରହିଅଛି । ବଙ୍ଗଳା ଅଭିଧାନରେ ଜ୍ଞାନେନ୍ଦ୍ର

Download Magazine from www.aahwaan.com

ମୋହନ ଦାସ କହନ୍ତି, ଯେଉଁ ବର୍ଣ୍ଣରେ ହଳନ୍ତ ଚିହ୍ନଥାଏ, ତାହା ଖାଣ୍ଟି ବ୍ୟଞ୍ଜନବର୍ଣ୍ଣ । ସଂସ୍କୃତ, ହିନ୍ଦୀ, ମରାଠୀ, ନେପାଳୀ, ବଙ୍ଗଳା ଓ ଓଡିଆ ଭାଷାର ହଳନ୍ତ ଚିହ୍ନ ଏକାପରି ଏବଂ ସମାନ ପ୍ରୟୋଗ ପରିଲକ୍ଷିତ । ଓଡିଆ ଏକ ଉଚ୍ଚକୋଟିର ଭାଷା । ଏହାକୁ ମଧ୍ୟ ସ୍ୱରାନ୍ତ ଭାଷା କୁହାଯାଏ । ଏହି ଭାଷାର ବର୍ଣ୍ଣରେ ଅ ର ଅନୁପସ୍ଥିତିରେ ହଳନ୍ତ ଲାଗେ । ମଧ୍ୟ ବର୍ଣ୍ଣରେ ହଳନ୍ତ ଚିହ୍ନ ଲାଗିଲେ ମଧ୍ୟ ତାହା ଉଚ୍ଚାରଣ ସିଦ୍ଧ ହୁଏ ନାହିଁ । ଯଥା- ଅପରାହ୍ଣ । ହ ତଳେ ହଳନ୍ତ ଦେବା ଅପେକ୍ଷା 'ହ'ରେ 'ଣ' ଯୁକ୍ତ କରିବା ଉତ୍ତମ ଅର୍ଥାତ୍ ଅପରାହ୍‌ଣ । ମାତ୍ର ସଂସ୍କୃତ ଭାଷାରେ ଏ ଧରଣର ମଧ୍ୟ ପ୍ରୟୋଗ ପ୍ରାୟ ନାହିଁ । ଓଡିଆ ଭାଷାରେ ବୈଦେଶିକ/ ଆଗନ୍ତୁକ ଶବ୍ଦର ମିଶ୍ରଣ ହେବା ଫଳରେ ହଳନ୍ତ ଯୁକ୍ତ ଶବ୍ଦ ପରିମାଣ ବୃଦ୍ଧିପ୍ରାପ୍ତ ଘଟିଛି । (କ) ଓଡିଆ- ଉତ୍କଳ/ଉକ୍ରଳ- ଉତ୍କଳ

ଆକାଂକ୍ଷା - ଆକାଙ୍କ୍ଷା

ଜଗଜ୍ଜୀବନ - ଜଗତ୍ ଜୀବନ

ଆତ୍ମା/ଅତ୍ମା - ଆତ୍ମା

ତିବ୍ଧତ - ତିବ୍ବତ

ଯୁକ୍ତ ବର୍ଣ୍ଣଗୁଡିକୁ ହଳନ୍ତ ସାହାଯ୍ୟରେ ଅଧୁନା ଅଧିକ ଲେଖା ହେବାର କାରଣ ଡିଟିପି ଓ ଟାଇପ ନିମନ୍ତେ ଏପରି ପନ୍ଥା ଅବଲମ୍ବନ କରିବାର ହୋଇଅଛି । ଏହା ବିକଳ୍ପ ବିଚାର ।

(ଖ) ଇଂରାଜୀ ଶବ୍ଦର ବହୁଳ ପ୍ରୟୋଗ ଆମ ଜୀବନଧାରାକୁ ପଶି ଆସିଥିବାବ୍ଧ ଶବ୍ଦ ସମୂହ ହଳନ୍ତଯୁକ୍ତ । ସାର୍, ବସ୍, ବାଇକ୍, ପେନସିଲ୍ ଇତ୍ୟାଦି ।

ପାର୍ଶୀ/ ଆରବୀ ଶବ୍ଦ- ବିଦେଶୀ ଶକ୍ତିର ଶାସନ ଫଳରେ କେତେକ ସ୍ଥାନ ଓ କାର୍ଯ୍ୟାଳୟ୍ତ ପଦବୀ ପ୍ରବେଶ କରିଅଛି । ସେଗୁଡିକ ଆପଣାର ଭାଷାଭାବେ ଗୃହୀତ । ଯଥା- ତାସ୍, ଦାମ୍,

 Download Magazine from www.aahwaan.com

ହାଲତ୍, ମସ୍‌ଜିଦ୍, ହଲପ୍ ଇତ୍ୟାଦି ।

ନିଷ୍କର୍ଷ-(୧) ଆବେଗାତ୍ମକ ଶବ୍ଦର ହଳନ୍ତ ଲାଗିଥାଏ । ଯଥା- ସାବାସ୍

(୨) ଆଦେଶାତ୍ମକ ଶବ୍ଦରେ ହଳନ୍ତ ପ୍ରୟୋଗ ହୋଇଥାଏ । ଯଥା- ରଖ୍, ଚୁପ୍, ଉଠ୍

(୩) ଭୟାନକ ରସରେ- ହଠାତ୍, ସର୍ସର୍, ଚର୍ଚର୍, ଧଡ୍‌ଧଡ୍

ପୁନଶ୍ଚ- (କ). ଙ ବର୍ଣ୍ଣରେ ହଳନ୍ତ ଲାଗେ ନାହିଁ ।

(ଖ). ଖ, ଘ, ଛ, ଝ, ଠ, ଧ ବର୍ଣ୍ଣରେ ହଳନ୍ତ ଦିଆ ହୁଏ ନାହିଁ । ଯଦି ମଝିରେ ପ୍ରୟୋଗ ଥାଏ ।

(ଗ). ଯେଉଁ ବର୍ଣ୍ଣ ତଳେ ହଳନ୍ତ ଥାଏ, ସେଥିରେ କୌଣସି ମାତ୍ରା ବା ଫଳା ଲାଗେ ନାହିଁ ।

(ଘ). କୌଣକି ଆଦେଶ ସୂଚକ ଶବ୍ଦର ସୁଦୀର୍ଘ ଉଚ୍ଚାରଣ କରାଯାଇ ହଳନ୍ତ ଲୋପ କରାଯାଏ ।

ବସ୍> ବସଅ

ପଢ୍> ପଢଅ

ରଖ୍> ରଖଅ ଇତ୍ୟାଦି ।

ସ୍ନାତକୋତ୍ତର ଓଡିଆ ଭାଷା ଓ ସାହିତ୍ୟ ବିଭାଗ
ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ
ମୟୂରଭଞ୍ଜ

# ଗଳ୍ପସ୍ପର୍ଦ୍ଧା ବିଭାଗ

Download Magazine from www.aahwaan.com

# ମଧୁସ୍ମିତାର ଜୀବନ



ଭାଗିରଥୀ ଯାନୀ

ଆଜିକାଲି ସମସ୍ତଙ୍କ ବ୍ୟସ୍ତବହୁଳ ଜୀବନ । ଆଧୁନିକ ଶୈଳୀରେ ଜୀବନଯାପନ କରୁଥିବାର ସମସ୍ତଙ୍କୁ ଦେଖିବାକୁ ମିଳେ । ଏହି ଆଧୁନିକ ଯୁଗକୁ କମ୍ପ୍ୟୁଟର ଯୁଗ କହିଲେ ଅତ୍ୟୁକ୍ତି ହେବନାହିଁ । ଯାହା ହାତରେ ଦେଖିବ ଗୋଟିଏ ଗୋଟିଏ ସ୍ମାର୍ଟ୍ ଫୋନ । ଯେଉଁଠି ଦେଖିବେ ସେଲ୍‌ଫି ନେଉଥିବାର ଅଧିକାଂଶ ଦୃଶ୍ୟ । କୌଣସି ଏକ ପାର୍କରେ ହେଉ, ସମୁଦ୍ର କୂଳରେ ହେଉ ବା ଗାଡ଼ି ଭିତରେ ଯାତ୍ରା କରୁଥିବା ସମୟରେ ହେଉ । ଏମିତି ଅନେକ ସ୍ଥାନରେ ଏହା ଦେଖାଯାଏ । ମୋବାଇଲକୁ ଛାଡ଼ି ଦଣ୍ଡେ ଜୀଇଁବା ଲୋକମାନେ ଭାରି କଷ୍ଟ ମନେ କରୁଛନ୍ତି । ଯେମିତି କି ମୋବାଇଲ ଗୋଟିଏ ଅମୂଲ୍ୟ ସମ୍ପଦ । ଏମିତିକି କାହା ହାତରେ ଯଦି ସ୍ମାର୍ଟ୍ ଫୋନଟିଏ ଅଛି, ନିଜର ପିତାମାତା, ଗୁରୁଜନ, ଘନିଷ୍ଠ ବନ୍ଧୁ ଯାହାକୁ ବି ଦେଖା ହେଉନା କାହିଁକି ଦେଖିବ ସେ ଆଉ ସେମାନଙ୍କୁ ଗୁରୁତ୍ୱ ବା ଧ୍ୟାନ ନ ଦେଇ ମୋବାଇଲରେ ମନୋନିବେଶ କରିଥିବ । ଆଉ ଯେକୌଣସି ପରିସ୍ଥିତିରେ ହେଉ ବା ଯେ କୌଣସି ସ୍ଥାନରେ ହେଉ ସେଲ୍‌ଫି ଉଠାଇବାରେ ବ୍ୟସ୍ତ ।

ମଧୁସ୍ମିତା ସାଧାରଣ ପରିବାରର ଝିଅ । ତା' ପରିବାର କହିଲେ ବାପା ମା' ଓ ତା ସାନଭାଇ ସଦାନନ୍ଦ । ଛୋଟ ପରିବାରଟିଏ । ବାପାଙ୍କ କେତେଖଣ୍ଡ ଜମି ଅଛି । ସେଠାରେ ଚାଷ କରି ସେଥିରେ ଯାହା ମିଳେ, ସେଇଥିରେ ତାଙ୍କ ପରିବାର ଚଳେ । ସଦାନନ୍ଦ ଓ ମଧୁସ୍ମିତାର ପାଠପଢ଼ା ପାଇଁ ଟଙ୍କାର ଆବଶ୍ୟକତା ଦିନକୁ ଦିନ ବଢ଼ିବାକୁ ଲାଗିଥାଏ । ତେଣୁ ବାପାଙ୍କୁ ବାହାରେ କେବେ କେବେ ପରିଶ୍ରମ କରିବାକୁ ପଡ଼େ ।

Download Magazine from www.aahwaan.com

ଝିଅ ମଧୁସ୍ମିତା କଷ୍ଟେମଷ୍ଟେ ଯୁକ୍ତତିନି ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିବାକୁ ମନରେ ଆଶା ବାନ୍ଧିଛି । ଯୁକ୍ତ ତିନି ଶ୍ରେଣୀରେ ଆଡ଼ମିସନ କରିବାର ଅଛି । ସେଦିନ ସେ କଲେଜକୁ ନୂଆ ଯାଇଛି । କେଉଁଠି ଆଡ଼ମିସନ୍ ହେଉଥିଲା ସେ ବିଷୟରେ ସେ ଜାଣିନଥିଲା । କାହାକୁ ପଚାରିବ ବୋଲି ଭାବୁଥିବା ବେଳେ ଜଣେ ଯୁବକକୁ ଦେଖି ପଚାରିଲା, "ଯୁକ୍ତ ତିନି ପାଇଁ ଆଡ଼ମିସନ୍ କେଉଁଠି ହେଉଛି ?" ସେ ବି ନୁଆ ବୋଲି ନିଜର ଅକ୍ଷମତା ପ୍ରକାଶ କରିଥିଲା । ଦୁହେଁ ମିଶି ଖୋଜିବାକୁ ଲାଗିଲେ ଏବଂ ଆଡ୍‌ମିସନ ହେଉଥିବା କୋଠରୀରେ ପହଞ୍ଚିଲେ । ଏହି ଖୋଜାଖୋଜି ବେଳେ ପରସ୍ପର ସହ ପରିଚୟ ହୋଇଥିଲେ । ପୁଅଟିର ନାମ ଜୀବନଜ୍ୟୋତି ଆଉ ସେ ମଧୁସ୍ମିତା । ଆଡ଼ମିସନ ସୁରୁଖୁରୁରେ ସରିବାପରେ ନିଜ ନିଜ ରାସ୍ତାରେ ବାହାରି ଯାଇଥିଲେ ସେମାନେ ।

ଜୀବନଜ୍ୟୋତିର ବାପା ରାଜେନ୍ଦ୍ରଙ୍କ ନିଜର ପାଞ୍ଚ ଏକର ଜମି ରହିଛି ଯେଉଁଠି ସେ ଆମ୍ବ, କାଜୁ, କଦଳୀ, ଅମୃତଭଣ୍ଡା ଆଦି ଚାଷ କରନ୍ତି । ବିଭିନ୍ନ ପ୍ରକାର ଫଳ ପନିପରିବା ବିକ୍ରୟ କରି ଯାହା ରୋଜଗାର ହୁଏ ଶାନ୍ତିରେ ପରିବାର ଚଳେ । ଜୀବନଜ୍ୟୋତି ବାପାମା'ଙ୍କର ଗୋଟିଏ ବୋଲି ପୁଅ । ତା'ର ପଢ଼ିବା ଖର୍ଚ୍ଚ ସହିତ ସମସ୍ତ ଖର୍ଚ୍ଚ ବାପାଙ୍କ ରୋଜଗାରରେ ଚଳିଯାଏ । ଆଉ ତାର କୌଣସି ଅଭାବ ବି ରହୁନଥାଏ । ସେ ବାପାମା'ଙ୍କ ଭାରି ଗେହ୍ଲା ପୁଅ ମଧ୍ୟ । ତେଣୁ ତାଙ୍କୁ ସଭିଏଁ ବାବୁ ବୋଲି ଡାକନ୍ତି ।

ଥରେ ମଧୁସ୍ମିତାର ବାପାଙ୍କ ଦେହ ଭାରି ଅସୁସ୍ଥ ଥିଲା । ବାବୁ ଏ କଥା ମଧୁସ୍ମିତାଠାରୁ ଶୁଣି ତା ବାପାଙ୍କ ପାଇଁ ଔଷଧ କିଣି ନେଇଗଲେ । ତାଙ୍କୁ ଖାଇବାକୁ ଦେଇ କେମିତି ତାଙ୍କର ଦେହ ଶୀଘ୍ର ଭଲ ହୋଇଯିବ । ସେତିପାଇଁ ସେ ସେବାଯତ୍ନ ମଧ୍ୟ କଲେ । ଧିରେ ଧିରେ ତା ବାପା ସୁସ୍ଥ ହେଲେ । ମଧୁସ୍ମିତା ତା ବାପାମା'ଙ୍କୁ ବାବୁଙ୍କ ବିଷୟରେ ଆଗରୁ କହିଥିଲା ଯେ

 Download Magazine from www.aahwaan.com

ସେମାନେ ଦୁଇଜଣ ଭଲ ସାଙ୍ଗ । ମଧୁସ୍ମିତାଠାରୁ ବାବୁଙ୍କ ବିଷୟରେ ଶୁଣି ତା ବାପାମା ବାବୁଙ୍କୁ ଜାଣିଥିଲେ । ବେଳେ ବେଳେ ତାଙ୍କ ସୁଖଦୁଃଖରେ ମଧ୍ୟ ବାବୁ ଯୋଗ ଦେଉଥିଲେ ।

ମଧୁସ୍ମିତା ତା ମୋବାଇଲରେ କେତେ ଫଟୋ ଉଠାଇଛି ବାବୁର ଓ ତାର । କାଳେ କିଏ ଫଟୋ ଗୁଡ଼ିକ ଦେଖିଦେବ ତେଣୁ ସେ ମୋବାଇଲକୁ ସବୁବେଳେ ସୁରକ୍ଷିତ ରଖେ । ଏହାରି ଭିତରେ ସେମାନେ ଦ୍ୱିତୀୟ ବର୍ଷ ଉତ୍ତୀର୍ଣ୍ଣ ହୋଇ ତୃତୀୟ ବର୍ଷରେ ପଢୁଛନ୍ତି । କାହାର ଯଦି ନୋଟିସ ବା ବହି ଦରକାର ହୁଏ । ତାହାହେଲେ କଲେଜରେ ଦିଆନିଆ ହେଉଥିଲେ । କିନ୍ତୁ ମଧୁସ୍ମିତାର ଇଚ୍ଛା ହେଉଥିଲା ବାବୁଙ୍କ ଘରକୁ ଟିକିଏ ବୁଲି ଆସିବା ପାଇଁ । ବାବୁ ମଧୁସ୍ମିତାକୁ ମନେ ମନେ ଭାରି ଭଲ ପାଉଥିଲା । କିନ୍ତୁ ତାକୁ ଭଲପାଏ ବୋଲି କେବେ କହିନାହାନ୍ତି । ତା ମନରେ ଟିକିଏ ଭୟ ଅଛି । କାଳେ ସେ ମନା କରିଦେବ ବୋଲି । ବାବୁ ତା କଥା ଶୁଣି ତାର ଇଚ୍ଛାକୁ ମନା କରିପାରିଲା ନାହିଁ । ଶେଷରେ କୌଣସି ଉପାୟ ନ ପାଇ ବାବୁ ତା କଥାରେ ରାଜି ହୋଇ ଦୁହେଁ ସିଧା ଯାଇ ତାଙ୍କ ଘରେ ପହଞ୍ଚିଲେ ।

ସେତେବେଳକୁ ବାବୁଙ୍କ ବାପା ଘରେ ନାହାନ୍ତି । ସେ କୌଣସି କାମରେ ବାହାରକୁ ଯାଇଥିଲେ । ଘରେ ବାବୁଙ୍କ ମାଆ ଏକୁଟିଆ ଅଛନ୍ତି । ତାଙ୍କୁ ଭୀଷଣ ଜ୍ୱର ଓ ମୁଣ୍ଡବ୍ୟଥା ହେଉଥାଏ । କଣ କରିବ । ପାଣି ଟିକିଏ ବି ନାହିଁ । ସଙ୍ଗେ ସଙ୍ଗେ ଯାଇ ବାବୁ କୂଅରୁ ପାଣି ଆଣିଲେ । ମଧୁସ୍ମିତା ତାଙ୍କ ମା'ଙ୍କ ମୁଣ୍ଡ ଧୋଇଦେଇ ଟିକିଏ ଘଷିଦେଲେ । ମା ଟିକିଏ ଆଶ୍ୱସ୍ତି ଅନୁଭବ କଲେ । ସେତିକି ବେଳକୁ ବାବୁ ତାଙ୍କର ସେଲଫି ନେଇ ଯାଇଥିଲେ । କିନ୍ତୁ ମଧୁସ୍ମିତା ସେଲ୍ଫି ନେବାକୁ ମନା କରୁଥିଲେ । କାହିଁକିନା ଥରେ ମଧୁସ୍ମିତା ଖବରକାଗଜରୁ ପଢ଼ିଥିଲା ଯେ ଏଭଳି କେତେକ ମୋବାଇଲରେ ସେଲ୍ଫି ନେଉଥିବା ବେଳେ ତାଙ୍କୁ ଭୁତ ଦେଖା ଯାଇଥିଲା ଏବଂ ତାଙ୍କର ଅକାଳରେ ମୃତ୍ୟୁ ହୋଇଥିଲା । ଏମିତି ଅନେକ ଘଟଣା

Download Magazine from www.aahwaan.com

ଦୁର୍ଘଟଣା ସେଲ୍‌ଫି ନେବା ସମୟରେ ଘଟିଛି । ଆଉ ଅନେକ ପୁଅଝିଅ ଉଭୟଙ୍କ ସେଲ୍‌ଫି ନେଇ ସେଗୁଡ଼ିକର ଅପବ୍ୟବହାର ମଧ୍ୟ କରିଥାନ୍ତି । ସେଥିପାଇଁ ସେ ଭାରି ସଚେତନ ।

ତା’ ବାପାମା’ ଭାରି ବ୍ୟସ୍ତ । ଝିଅ କଣପାଇଁ ଆଜି ଏତେ ଡେରି କଲାଣି । ଏମିତି ଅନେକ ଭାବନା ତାଙ୍କ ମନରେ ଆସୁଥିଲା । ମଧୁସ୍ମିତାର ଫେରିବା ବାଟକୁ ସମସ୍ତେ ଚାହିଁ ରହିଥାନ୍ତି । ଆଜି ମଧୁସ୍ମିତା ଟିକିଏ ବିଳମ୍ବରେ ଘରେ ପହଞ୍ଚିଲେ । ଘରେ ପହଞ୍ଚୁ ପହଞ୍ଚୁ ତା ମା’ କେତେ ଗୁଡ଼ିଏ ପ୍ରଶ୍ନ ପଚାରିଲେ । ମଧୁସ୍ମିତା ନିଷ୍ପତ୍ତି ନେଇଥିଲା ଯେ ତା’ ବାପାମା’ଙ୍କୁ ମିଛ କହିବ ନାହିଁ । ତେଣୁ ସେ ବାବୁଙ୍କ ଘରକୁ ଯାଇଥିବାର ସବୁ ସତ ସତ କଥା କହିଲା । ବାବୁଙ୍କ ମା’ଙ୍କ ଦେହ ଖରାପ କଥା ଶୁଣି ଟିକିଏ ମନ ଦୁଃଖକଲା ମଧୁସ୍ମିତାର ମା’ । ବାବୁର ମା’ ଦୁଇତିନିଦିନ ପରେ ସଂପୂର୍ଣ୍ଣ ସୁସ୍ଥ ହୋଇଗଲେ । ଦିନେ ବାବୁକୁ ପଚାରିଲେ - ସେ ଝିଅ କିଏ ? ସେ କ’ଣ କରେ ? କେଉଁଠି ରହେ ? ଇତ୍ୟାଦି ଅନେକ ପ୍ରଶ୍ନ । ବାବୁ ତା ମାଆଙ୍କୁ ତା କଲେଜର ଜଣେ ଭଲ ସାଙ୍ଗ ବୋଲି କହିଲେ । ଏ ସମସ୍ତ କଥାବାବୁଙ୍କ ମା’ ତା ବାପାଙ୍କୁ କହିଛନ୍ତି । ଏହାରି ଭିତରେ ବାବୁ ଓ ମଧୁସ୍ମିତାର ଯୁକ୍ତି ତିନି ଶେଷ ହୋଇଛି ।

ସମୟ ଚକରେ ସଂସାର ରଥଟା ଗଡ଼ି ଚାଲିଛି । ଏଣେ ପୁଅର ବିବାହ ବୟସ ହୋଇଗଲାଣି । ତା ବାପା ଭଲ ବୋହୁଟିଏ ଯୋଗାଡ଼ କରିବାରେ ଲାଗି ପଡ଼ିଛନ୍ତି । ସେପଟେ ସେ ଝିଅର କଥା ତାଙ୍କର ମନେ ପଡ଼ିଯାଏ । ସେ ଝିଅଟିକୁ ବାବୁଙ୍କ ମା ଦେଖିଛନ୍ତି କିନ୍ତୁ ତା ବାପା ଦେଖିନି । ନଚେତ କଣ ଗୋଟେ ଉପାୟ ବାହାର କରନ୍ତେ । ବାବୁଙ୍କ ସାଙ୍ଗସାଥୀମାନେ ଚାଇରୀ କରି ନିଜ ଗାଁ ଛାଡ଼ି ସହରରେ ବସବାସ କଲେଣି । ତାଙ୍କୁ ବାହାରକୁ ଛାଡ଼ିବାରେ ତା’ ବାପାମା’ଙ୍କ ଜମା ଇଚ୍ଛା ନାହିଁ । କିନ୍ତୁ ଯେଉଁ ପୂର୍ବପୁରୁଷର ଜମିଗୁଡ଼ିକ ଅଛି, ସେ ଗୁଡ଼ିକ ଛାଡ଼ି, ନିଜ ଭିଟାମାଟିକୁ ତ୍ୟାଗ କରି, ବାପାମା’ଙ୍କୁ ଭୁଲି ଦୂରରେ

 Download Magazine from www.aahwaan.com

ରହିବାକୁ ଚାହୁଁନି ବାବୁ । ସେ ମଧ୍ୟ ନିଷ୍ପତ୍ତି ନେଇଛି ଯେ ତା ବାପାମା'ଙ୍କ ପାଖେ ପାଖେ ରହି ତାଙ୍କର ସେବାଯତ୍ନ କରିବ । ଯେଉଁ କେତେଖଣ୍ଡ ଜମି ଅଛି ସେଥିରେ ଉନ୍ନତମାନର ଚାଷ କରି ପରିବାରଟିକୁ ଭରଣପୋଷଣ କରିବ ।

ମଧୁସ୍ମିତା ମଧ୍ୟ ବାବୁଙ୍କୁ ବହୁତ ଭଲପାଏ । କିନ୍ତୁ କହିବ କେମିତି ସେ ପରା ଝିଅପିଲା ଟିଏ । ପୁଅ ପିଲାଟି ତାଙ୍କୁ କହିଲେ ସେ ଭାରି ଖୁସି ହେବ । ତେଣୁ ସେ ବାବୁଙ୍କ ପ୍ରସ୍ତାବକୁ ଧୈର୍ଯ୍ୟଧରି ଚାହିଁ ରହିଛି । ଭଲପାଇବାର ଚାରିବର୍ଷପରେ ଦିନେ ବାବୁ ନିଷ୍ପତ୍ତି ନେଲା । ଆଜି ମଧୁସ୍ମିତାକୁ ଡାକି ସେ ତାଙ୍କୁ ଭଲ ପାଇବା କଥା ଖୋଲି କି କହିବ । ବାବୁ ହିଲଭିୟୁ ପଏଣ୍ଟରେ ମଧୁସ୍ମିତାର ଅପେକ୍ଷାରେ ଥାଏ । ମଧୁସ୍ମିତା ପନ୍ଦର ମିନିଟ୍ ବିଳମ୍ବରେ ପହଞ୍ଚିବାରୁ ସେମାନଙ୍କ ମଧ୍ୟରେ ଟିକିଏ କଥା କଟାକଟି ହେଲା । ଏଇଟା ଗୋଟେ ପୁଅମାନଙ୍କର ଖରାପ ଗୁଣ । ସେହି ସମୟରେ ବାବୁ ନିଜ ପକେଟରୁ ମୋବାଇଲ ବାହାର କରି କଣ ଗୋଟାଏ ଯେମିତି ଖୋଜିବାରେ ବ୍ୟସ୍ତ । ଏତିକି ବେଳକୁ ମଧୁସ୍ମିତା କହିଲା, "ତମ ରାଗ ସେତିକି ଥାଉ । ତୁମେ ମୋବାଇଲଟା ବନ୍ଦ କର ତା'ପରେ କଥାବାର୍ତ୍ତା । ଯଦି ମୋବାଇଲରେ ଲାଗିବାର ଥିଲା ତ ମୋତେ କାହିଁକି ଡାକୁଥିଲ । ଦେଖ ମୁଁ ଖୋଲାଖୋଲି କହିଦେଉଛି ତମର ବ୍ୟବହାର ମୋତେ ଜମା ଭଲ ଲାଗୁନି । ଆଉ ହଁ, ଶୁଣ ମୁଁ ତମ ପାଖରେ ଥିବା ବେଳେ ତମେ ମୋବାଇଲରେ ହାତ ଦେବେନି କି ମୋର ଫଟୋ ନବନି । ତମ ପୁଅ ପିଲାଙ୍କ ଉପରେ ବିଶ୍ୱାସ ନାହିଁ । କେଜାଣି କେତେବେଳେ କେଉଁ ଅବସ୍ଥାରେ ଫଟୋ ନେଇଯିବ । ସତ କହୁଛି ସେ ମୋବାଇଲ ଯଦି ଆଉଥରେ ଦେଖିବି ନା, ମୁଁ ସିଧା ଫେରିଯିବି ।

ନିଜ ମୋବାଇଲଟା ହଜାଇ ଦେବାପରେ ମଧୁସ୍ମିତା ମନେ ପକାଉଥିଲା ବାବୁ କଥା ସେ କେତେ କଥା ବାବୁକୁ କହି ତାଗିଦ କରୁଥିଲା । ଏବେ ତା ନିଜ ମୋବାଇଲ ସେ ଖୋଜି

Download Magazine from www.aahwaan.com

ପାଉନି । ଗତ ସଂଧ୍ୟାରେ ମାର୍କେଟ ଯାଇଥିଲା । ସେ କେଉଁଠି ଛାଡ଼ିଦେଇ ଆସିଲା କି ? ମୋବାଇଲରେ ଯେଉଁ ସବୁ ଛବିଥିଲା ତାହା ଯଦି କାହା ହାତରେ ପଡ଼େ ! କଣ ହେବ ତାଙ୍କ ଦୁହିଁଙ୍କର । ଏହିଭଳି ଅନେକ କଥା ।

ସେ ଦୁହେଁ ପରସ୍ପରକୁ ଏତେ ଭଲ ପାଉଥିଲେ ଯେ କେହି କାହାକୁ ଭଲ ପାଉଛି ବୋଲି ପ୍ରକାଶ କରିବାର ଆବଶ୍ୟକତା ନଥିଲା ।

ସେ ଦିନ ନିଜ ଘରକୁ ଫେରିବା ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିଲା । ସେତିକି ବେଳକୁ ବାବୁର ବାପା ବଜାରରୁ ଘରକୁ ଫେରୁଥାଏ । ବାବୁ ସହ ଝିଅଟିଏ ଥିବାର ଦେଖି ଅଟକି ଗଲା । ଆଉ ପାଖକୁ ଯାଇ ପଚାରିଲା, "ଆରେ ବାବୁ । ଏଠି କଣ କରୁଛୁ ? ଏ ଝିଅଟା କିଏ ?" ବାବୁ ମଧୁସ୍ମିତାକୁ ସେ ତା ବାପା ବୋଲି ଫୁସକିନା କହିବାରୁ ସେ ତାଙ୍କୁ ଭୂମିଷ୍ଠ ପ୍ରଣାମ କଲା । ବାବୁ କହିଲା, "ଏ ମୋର କଲେଜ ସମୟର ସାଙ୍ଗ । ମା'ଙ୍କ ଦେହ ଖରାପ ଥିବା ବେଳେ ଆମ ଘରକୁ ଆସିଥିଲେ ସେ । ଏଇଠି ଦେଖା ହେଲା ତ ଟିକିଏ କଥା ହେଉଛି ।" ବାବୁର ବାପା କହିଲେ, "ହଉ, ଠିକ୍ ଅଛି । ଚାଲ ଚାଲ ଘରକୁ ଚାଲ । ଏଇଠି ଠିଆ ହୋଇ କାହିଁକି କଥା ହେଉଛ ?"

ମଧୁସ୍ମିତା ଉପାୟଶୂନ୍ୟ ହୋଇଗଲା । ତା'ପରେ ଦୁହେଁ ବାପାଙ୍କ ପଛେ ପଛେ ଯାଇ ଘରେ ପହଞ୍ଚିଲେ । ପୂର୍ବରୁ ଥରେ ଏ ଝିଅ ବିଷୟରେ ବୋଧେ ବାବୁର ମା'ଙ୍କଠାରୁ ଶୁଣିଥିଲେ ତା ବାପା । ବାବୁର ବାପା ଟିକିଏ ବଡ଼ ପାଟି କରି କହିଲେ - ମାଳତୀ, ହେଇ ଦେଖ... ମୋ ପୁଅ ସହ ଜଣେ ନୂଆ ଅତିଥି ଘରକୁ ଆସିଛନ୍ତି । ମାଳତୀ ଘର ଭିତରୁ ବାହାରି ଧଡ଼ପଡ଼ ହୋଇ ଆସି ଦେଖିଲେ । ବାବୁର ମା' ମାଳତୀ ଦେଖି ଜାଣିପାରିଲେ । ତା ଦେହ ଖରାପ ଥିବା ସମୟରେ ଯେଉଁ ଝିଅଟି ଆସିଥିଲା । ଇଏ ସେହି ଝିଅ । ମାଳତୀ ମନରେ କୌଣସି ସନ୍ଦେହ

 Download Magazine from www.aahwaan.com

ନ କରି ପୁଅ ବାବୁ ଏବଂ ସେହି ଝିଅଟିକୁ ଘର ଭିତରକୁ ପାଛୋଟି ନେଇଥିଲେ ।

ବାବୁଙ୍କ ମା ମାଳତୀ ଚା ତିଆରି କରି ଆଣିଲେ । ସମସ୍ତେ ଏକାଠି ବସି ଚା ପିଇ କିଛି କଥାବାର୍ତ୍ତା ହେଲେ । ଝିଅଟି ଦେଖିବାକୁ ସୁନ୍ଦରୀ । ଝିଅଟିର କଥାବାର୍ତ୍ତା ମଧ୍ୟ ତା ବାପାମା’ଙ୍କୁ ଭାରି ଭଲ ଲାଗିଲା । ଶେଷରେ ଚା’ ପିଇସାରି ବାବୁ ମଧୁସ୍ମିତାକୁ ନେଇ ତାଙ୍କ ଘରେ ଛାଡ଼ି ଦେଇ ଆସିଲା । ବାବୁର ପିତାମାତା ଦୁହେଁ ପରସ୍ପର ମଧ୍ୟରେ କଥାବାର୍ତ୍ତା ହୋଇ ସେ ଝିଅକୁ ବୋହୁ କରି ଆଣିବା ପାଇଁ ସ୍ଥିର କଲେ ।

ପରିଶେଷରେ ବାବୁଙ୍କ ବାପା ସେ ଝିଅଙ୍କ ଘରକୁ ବିବାହ ପ୍ରସ୍ତାବ ନେଇକି ଗଲେ । ସେ ବିବାହ ପ୍ରସ୍ତାବରେ ବାପାମା’ ମଧ୍ୟ ରାଜି ହୋଇଥିଲେ । ବିବାହ ପାଇଁ ଉଭୟ ପରିବାର ବିଭିନ୍ନ ବନ୍ଦୋବସ୍ତ କରିବାରେ ଲାଗିପଡ଼ିଲେ ।

Download Magazine from www.aahwaan.com

# ପ୍ରତାରଣା



ଅରୁଣ କୁମାର ପାତ୍ର

ପ୍ରଥମ ପ୍ରେମ ସବୁବେଳେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥାଏ ହୃଦୟ ଭିତରେ । ଅନେକ କୁହନ୍ତି ପ୍ରଥମ ପ୍ରେମକୁ ଭୁଲିବା କଷ୍ଟ । ମଣିଷର ସରଳ ଜୀବନକୁ କେମିତି ଗୋଟେ ଅଙ୍କା ବଙ୍କା ନଈର ଧାରା ପରି ସଜେଇ ଥାଏ ଏହି ପ୍ରେମ । ଏକ ସୁନ୍ଦର ଆକର୍ଷଣ ସହ କାହିଁ କେଉଁ କାଳରୁ ଶୋଇ ରହିଥିବା ଏକ ବୀଜଟି ମନ ଭିତରେ ଫୁଟି ଉଠିଥାଏ ।

ପ୍ରେମ ଏକ ମାନସାଙ୍କ । ଏକ ହୃଦୟରେ ହୁଏ । ଏହା କେବେ ବି ଏକ ଗଣିତ ହୋଇପାରେନା । କାରଣ ହିସାବ କରି ପ୍ରେମ କରାଯାଏନା । ସମ୍ଭବତଃ ସେଇଥିଲାଗି ସେଦିନ ବାବୁ ଥରୁଟେ ବି ଅଙ୍କ କଷି ନଥିଲା । ଯେ ଅଚାନକ ମଧୁସ୍ମିତାର ମନ ବଦଳିଗଲା କିପରି ? ଦୀର୍ଘ ଦିନ ଧରି ତା' ଫୋନ୍ ଉଠାଉ ନଥିବା ଝିଅଟା ହଠାତ୍ କେମିତି ତା' ନିଜ ଆଡୁ ଫୋନ୍ କଲା । ପୂର୍ବପରି ତା' ସହ ପ୍ରେମାଳାପରେ ମାତିଗଲା । ତା'ପାଇଁ ଏସବୁ କଥା ଚିନ୍ତା କରିବାର କୌଣସି ଆବଶ୍ୟକତା ନଥିଲା । କାରଣ ବାବୁ ମସ୍ତିଷ୍କରେ ନୁହେଁ; ମଧୁସ୍ମିତାକୁ ତା' ହୃଦୟରେ ଭଲ ପାଉଥିଲା ।

ସଂକ୍ଷେପରେ ବାବୁ ପାଇଁ ମଧୁସ୍ମିତା ଥିଲା ଧୁ ଧୁ ଖରାସିଝା ଦ୍ୱିପ୍ରହରରେ ଝଲକାଏ ଶୀତଳ ପବନ ।

ମଧୁସ୍ମିତାର ବାପା ଅନେକ ଦିନତଳୁ ଆରପାରିକୁ ଚାଲିଯାଇଥିଲେ । ତା'ର ମା'ର ବାବୁଙ୍କ ଘରେ ରୋଷେଇ ବାସ କରୁଥିଲା । ସେମାନେ ଖ୍ରୀଷ୍ଟିୟାନ୍ ଥିଲେ । ହେଲେ ଧର୍ମକୁ ନେଇ ବାବୁଙ୍କ ପରିବାର ଆଦୌ ରକ୍ଷଣଶୀଳ ନଥିଲେ । ମଧୁସ୍ମିତା ବି ବେଳେବେଳେ ତା' ମା'

Download Magazine from www.aahwaan.com

ସହିତ ବାବୁଙ୍କ ଘରକୁ ଆସୁଥିଲା । ସେତେବେଳେ ମଧୁସ୍ମିତା ଦୟାନନ୍ଦ କଲେଜରେ ଗ୍ରାଜୁଏସନ୍ କରୁଥିଲା । ମଧୁସ୍ମିତା ଦେଖିବାକୁ ସେତେ ବି ସୁନ୍ଦରୀ ନଥିଲା । ହେଲେ ତା'ର ଦୁଇଟା ଉସାମେଘର ଆଖି ଥିଲା; ଯାହା ବାବୁର ମନରେ ବେଳ ଅବେଳରେ ଅସରାଏ ଲେଖାଏଁ ଶୀତଳ ଜଳ ସିଞ୍ଚି ଦେଇଯାଉଥିଲା । ବାବୁ ମଧୁସ୍ମିତା ଆଡ଼କୁ ଆକର୍ଷିତ ହୋଇଥିଲା । ଆଉ ମଧୁସ୍ମିତା ବି । ସେମାନେ ଘଣ୍ଟା ଘଣ୍ଟା ଧରି କଥା ହେଉଥିଲେ । କଲେଜ କଥା ଗପୁଥିଲେ । ପାଠ ବହି କଥା ଆଲୋଚନା କରୁଥିଲେ ।

ବାବୁର ଜଣେ ଅନ୍ତରଙ୍ଗ ବନ୍ଧୁଥିଲା ତା'ର ନାଁ ସୌରଭ । ସୌରଭ ଥିଲା ମଧୁସ୍ମିତାର କ୍ଲାସ୍ ମେଟ୍ । ବାବୁ ମଧୁସ୍ମିତାର ସମସ୍ତ ଡ଼ାଟା ସୌରଭ ପାଖରୁ ପାଉଥିଲା । ସୌରଭକୁ ମଧ୍ୟ ବାବୁ ମଧୁସ୍ମିତା ଓ ତା'ର ମିଳାମିଶାର ସମସ୍ତ କଥା ଜଣାଉଥିଲା ।

X X X X

ସେଦିନ ବର୍ଷା ହେଉଥିଲା । ବାବୁ ଓ ମଧୁସ୍ମିତା ଦୁହେଁ ପଢ଼ାଘର ଭିତରେ ବସିଥିଲେ । ସେମାନେ ଦୁଇଜଣ ଯାକ ବୟସର ସେଇ ପାହାଚରେ ଠିଆ ହୋଇଥିଲେ ଯେଉଁ ପାହାଚରେ ଏକୁଟିଆ ନୁହେଁ; କାହାର ନା କାହାର ସାହଚର୍ଯ୍ୟ ଅନିବାର୍ଯ୍ୟ ହୋଇ ପଡ଼ିଥାଏ । ସେଦିନ ବାବୁ ନିଜକୁ ନିୟନ୍ତ୍ରଣ କରି ପାରିଲା ନାହିଁ । ବାସ୍ତବରେ ସେ ନିଜକୁ ନିମନ୍ତ୍ରଣ ହିଁ କରିନଥିଲା । ଏଇଥିପାଇଁ ଯେ, ସେ କୌଣସି ଏକ ନିଷ୍କର୍ଷରେ ପହଞ୍ଚିବାକୁ ଚାହୁଁଥିଲା । ସେଥିଲାଗି ସେ ଖୁବ୍ ଆକସ୍ମିକ ଭାବରେ ମଧୁସ୍ମିତାର ହାତକୁ ନିଜ ହାତ ମୁଠାରେ ଜାବୁଡ଼ି ଧରିଥିଲା ।

ମଧୁସ୍ମିତା ନୀରବ ରହିଲା । ସେ ଚମକିଲା ନାହିଁ । କିମ୍ବା ନିଜର ହାତକୁ ବାବୁର ହାତ ମୁଠାରୁ ଛଡେଇ ନେଲା ନାହିଁ ।

 Download Magazine from www.aahwaan.com

ବାବୁର ହୃତସ୍ପନ୍ଦନ ବଢ଼ିଗଲା । ତା'ର ନିଃଶ୍ୱାସ ପ୍ରଶ୍ୱାସ ପ୍ରଖର ହେବାକୁ ଲାଗିଲା । ସେ ଉଠି ଠିଆହେଲା ଓ ମଧୁସ୍ମିତାର ଖୁବ୍ ପାଖକୁ ଘୁଞ୍ଚିଗଲା । ବାବୁକୁ ଅନେଇ ହସିଦେଲା ମଧୁସ୍ମିତା । ବାବୁ ମଧୁସ୍ମିତାର ମୁହଁକୁ ନିଜର ଦୁଇହାଇ ପାପୁଲିରେ ତୋଳିଧରିଲା, ଠିକ୍ ପାପୁଲିରେ ଆଞ୍ଜୁଳାଏ ପାଣି ତୋଳି ଧରିବା ପରି । ତଥାପି ମଧୁସ୍ମିତା ଚମକିଲା ନାହିଁ କିମ୍ବା ଆଶ୍ଚର୍ଯ୍ୟ ହେଲା ନାହିଁ । ଓଲଟି ତା' ଓଠର ହସ ଅଧିକ ଘନୀଭୂତ ହୋଇଯାଇଥିଲା । ବାବୁ ନିଜର ଓଠକୁ ନୂଆଇଁ ନେଲା ମଧୁସ୍ମିତାର ଓଠ ପାଖକୁ । ବାବୁ ଭାବୁଥିଲା, ହୁଏତ ଏଥର ମଧୁସ୍ମିତା ପ୍ରତିରୋଧ କରିବ ତାକୁ । ତା' ମୁହଁକୁ ଜୋର କରି ଠେଲି ଦେବ ନିଜ ମୁହଁ ପାଖରୁ । ମାତ୍ର ନା, ସେମିତି କିଛି ଘଟିଲା ନାହିଁ । ସମ୍ଭବତଃ ସେମିତି କିଛି ବି ଘଟିବାର ନଥିଲା । ତା' ପରିବର୍ତ୍ତେ ମଧୁସ୍ମିତାର ଆଖିପତା ଦୁଇଟା ଆସ୍ତେ ଆସ୍ତେ ବୁଜି ହୋଇଗଲା – ଲଜ୍ଜାରେ, .. ରୋମାଞ୍ଚରେ .. ଆଉ ସମ୍ଭ୍ରମତାରେ । ବାବୁର ଓଠ ଅଠାଭଳି ଯୋଡ଼ି ହୋଇଯାଇଥିଲା ମଧୁସ୍ମିତାର ଓଠରେ ।

କିଛି ସମୟର ନୀରବତା ।

କିଛି ସମୟର ନିମଗ୍ନତା ।

ତା'ପରେ ମଧୁସ୍ମିତା ଉଠି ଚାଲିଯାଇଥିଲା ବାବୁର ପଢ଼ା ଘରୁ; ଦୁଷ୍ଟାମୀର ଚାହାଣୀଟେ ବାବୁ ଆଡ଼କୁ ପହଁରେଇ ଦେଇ । ସେତେବେଳକୁ ବର୍ଷା ଛାଡ଼ି ଯାଇଥିଲା । ବାବୁ କିନ୍ତୁ ହଜିଯାଇଥିଲା ପ୍ରୀତିର ବର୍ଷାରେ । ଏକ ନିଶ୍ଚିତ ଉପସଂହାରରେ ପହଞ୍ଚି ସାରିଥିଲା ସେ । ମଧୁସ୍ମିତା ପାଲଟି ସାରିଥିଲା ତା'ର ପ୍ରେମିକା ।

କୁହାଯାଏ ପ୍ରେମ ଦୁଇ ମନର ପବିତ୍ର ମିଳନ । ଏହା ମାନେନା ଆକଟ, ବାଧା କିମ୍ବା ବନ୍ଧନ । ପାରିବାରିକ ସ୍ୱୀକୃତି ଥାଉ ବା ନଥାଉ ଦୁଇ ପ୍ରେମୀ ମୁକ୍ତ ବିହଙ୍ଗ ହୋଇ ଉଡ଼ିବାକୁ

Download Magazine from www.aahwaan.com

ହୋଇ ଉଠନ୍ତି ବ୍ୟାକୁଳ ।

ଏହାପରେ .. ଦୀର୍ଘ ଦୁଇବର୍ଷ । ମଧୁସ୍ମିତା ଗ୍ରାଜୁଏସନ୍ ପାସ୍ କଲା ଏବଂ 'ବଡ଼ି ଫୁଏଲ ଏକାଡେମୀ ଜିମ୍'ରେ ରିସେପ୍ସନିଷ୍ଟ ଭାବରେ ଚାକିରୀ କଲା । ବାବୁ ବି ସେ ଜିମ୍‌କୁ ନିଜର ଫିଟ୍‌ନେସ୍ ପାଇଁ ଯାଉଥିଲା ।

ମୋରାଦାବାଦ୍ ଜିଲ୍ଲାର ରାମଗଙ୍ଗା ବିହାର ଫେଜ୍-୨ରେ ରହୁଥିବା କମଳେଶ ସାକ୍ସେନା ଏବଂ ଅଳକା ସାକ୍ସେନାଙ୍କ ସାନପୁଅ ବାବୁ । ସେଥିଲାଗି ବାବୁକୁ କୌଣସି କାମରେ ମନା ନଥିଲା । ସେ ନିଜର ଇଚ୍ଛା ଅନୁଯାୟୀ ସବୁକାମ କରୁଥିଲା । ତା'ର ଜିମ ଯିବା, ଟୁର କରିବା କୌଣସି କାମରେ କେହି ହସ୍ତକ୍ଷେପ କରୁନଥିଲେ । ଏପରିକି ମଧୁସ୍ମିତା ଓ ତା'ର ମିଳାମିଶାକୁ କମଳେଶଙ୍କ ପରିବାରବର୍ଗ ଗୋଟେ ସାଧାରଣ କଥା ବୋଲି ଧରି ନେଇଥିଲେ, ଯଦିଓ ସେମାନେ ଜାଣି ନଥିଲେ ଯେ ଉଭୟ ମଧୁସ୍ମିତା ଓ ବାବୁ ପରସ୍ପରକୁ ଭଲ ପାଉଛନ୍ତି । କମଳେଶ୍ ଜଣେ ବ୍ୟାଙ୍କ୍ ମ୍ୟାନେଜର ଥିଲେ ଆଉ ତାଙ୍କର ପ୍ରଚୁର ଅର୍ଥ ଓ ସମ୍ପତ୍ତି ଥିଲା । ବାବୁକୁ ସେମାନେ ବେଫିକର ହୋଇ ବୁଲିବା ପାଇଁ ଛାଡ଼ି ଦେଇଥିଲେ ।

"ମଧୁସ୍ମିତା ! ତୁମେ ଏତେ ଦିନ ଧରି ମୋ' ଫୋନ୍ ଉଠାଉ ନଥିଲ କ'ଣ ପାଇଁ ?"

ବାବୁ ମଧୁସ୍ମିତାକୁ ପଚାରିଲା । ମଧୁସ୍ମିତା କହିଲା, ମୁଁ ଗୋଟେ କଥା ଶୁଣିଲି ତ ସେଥିପାଇଁ ଅଭିମାନ କରି ତୁମ ସହ କଥା ହେଉ ନଥିଲି । ମୁଁ ଶୁଣିଲି, ତୁମେ ଜିମ୍‌ରେ କୌପୀନ ପିନ୍ଧୁଛ । କୌପୀନ୍ ପିନ୍ଧୁଥିବା ଲୋକମାନେ ବ୍ରହ୍ମଚର୍ଯ୍ୟ ପାଳନ କରନ୍ତି । ଆଉ ବ୍ରହ୍ମଚର୍ଯ୍ୟ ପାଳନ କରୁଥିବା ଲୋକ ପାଖରେ ମୋର ବା କି କାମ ?

ବାବୁ ହସିଲା ଆଉ କହିଲା – 'କଥା ସେଇଆ ନୁହେଁ । କେବଳ ଜିମରେ ମୁଁ କୌପୀନ୍ ପିନ୍ଧୁଛି । ମୁଁ ଆଦୌ ବ୍ରହ୍ମଚାରୀ ହେବି ନାହିଁ । ମୁଁ ତୁମକୁ ବିବାହ କରିବି । ଆଉ ବିବାହପରେ

 Download Magazine from www.aahwaan.com

ତୁମକୁ ଅନେକ ତୁମ ଇଚ୍ଛା ସୁଖଦେବି । ସ୍ୱରକୁ ଗମ୍ଭୀର କରି ମଧୁସ୍ମିତା କହିଲା – "ହେଲେ ମୁଁ ତ ଶୁଣିଛି, କୌପୀନଧାରୀ ଲୋକମାନେ ନାରୀ ସୁଖଠୁ ଦୂରରେ ରୁହନ୍ତି । କାରଣ, ସଂସାର କଲେ ସେମାନଙ୍କ ବ୍ରତ ଭାଙ୍ଗିଯାଏ ।"

ବାବୁ ମଧୁସ୍ମିତାକୁ ବୁଝେଇବାକୁ ଚେଷ୍ଟା କଲା ଯେ, ସେ ବ୍ରହ୍ମଚର୍ଯ୍ୟ ପାଳନ କରିବାକୁ କୌପୀନ ପିନ୍ଧୁନାହିଁ କିମ୍ବା ଜିମ୍‌କୁ ଯାଉନାହିଁ । କେବଳ ବଡ଼ିକୁ ଫିଟ୍ ରଖିବା ପାଇଁ ସେ ଜିମ୍‌କୁ ଯାଉଛି । ଆଉ ଏକ ଦ୍ୱାରା ମଧୁସ୍ମିତା ହିଁ ଲାଭ । କାରଣ ସେ ଯେତେ ଫିଟ୍ ରହିବ ମଧୁସ୍ମିତାକୁ ସେତେ ଅଧିକ ସୁଖ ସନ୍ତୋଷ ପ୍ରଦାନ କରିପାରିବ । ଏତକ କହିସାରିବା ପରେ ବାବୁ ତାକୁ ପଚାରିଲା ଯେ, ଏବେ ସେ ତାକୁ ଭେଟିବ ତ । କାରଣ ସେ ତାକୁ କିଛି ଦିନ ହେବ ଦେଖିନାହିଁ । ମଧୁସ୍ମିତା ହଁ ମାରିଲା । ଖୁସିରେ ତ' ନାଚି ଉଠିଲା ବାବୁ । ତୁରନ୍ତ ଗାଡ଼ି ନେଇ ବାହାରିଗଲା ମଧୁସ୍ମିତାକୁ ଭେଟିବା ପାଇଁ । ଦେଖୁ ଦେଖୁ ପାଖକୁ ଧାଇଁ ଆସି ଆଲିଙ୍ଗନ କରିନେଲା ବାବୁକୁ । କହିଲା – "ତୁମକୁ ଛାଡ଼ି ମୁଁ ରହିପାରିବିନି ବାବୁ । ହେଲେ ତୁମେ କୌପୀନ୍ ପିନ୍ଧି ବାବା ହେବନି ତ ।' ବାବୁ ମଧୁସ୍ମିତାର ଗାଲରେ ଅଜସ୍ର ଚୁମ୍ବନ ଆଙ୍କି ଦେଇ କହିଲା – 'ଯାହାର ପ୍ରେମିକା ରମ୍ଭା, ଉର୍ବଶୀ, ମେନକାଙ୍କ ପରି ସୁନ୍ଦରୀ ସେ ଚେଷ୍ଟା କରିବି କ'ଣ ବାବା ହୋଇପାରିବ ।' ମଧୁସ୍ମିତା ହସିଦେଲା ଓ କହିଲା – 'ଚାଲ ଏବେ ଜିମ୍‌କୁ ଯିବା ।' ବାବୁ ଭ୍ରୁକୁଞ୍ଚିତ କରି ପଚାରିଲା – 'ପୁଣି ଜିମ୍‌କୁ କ'ଣ ପାଇଁ ?' ମୁଁ ତ ନିଷ୍ପତ୍ତି ନେଇଛି ଯେ, "ମୁଁ ଆଉ ଜିମ୍‌କୁ ଯିବି ନାହିଁ । ବ୍ୟାୟାମ୍ କରିବି ନାହଁ କିମ୍ବା କୌପୀନ୍ ପିନ୍ଧିବି ନାହିଁ । ବୋଧହୁଏ ଅଧିକ କ'ଣ କଥାବାର୍ତ୍ତା କରିଥାନ୍ତା ବାବୁ ମଧୁସ୍ମିତା ସହିତ କିନ୍ତୁ ହଠାତ୍ ତାର ମା'ଙ୍କର ଏକ ଅର୍ଜେଣ୍ଟ କଲ୍ ଆସିଲା; ତେଣୁ ସେ ସେଠାରୁ ପ୍ରସ୍ଥାନ ନେଇଥିଲା ପୁଣି ଦେଖାହେବ କହି ।"

ମା'ଙ୍କ ଫୋନ୍ ପାଇ ବାବୁ ଘରକୁ ଚାଲିଯାଇଥିଲା । କିନ୍ତୁ ବ୍ୟସ୍ତତା ବଶତଃ ମଧୁସ୍ମିତାକୁ

Download Magazine from www.aahwaan.com

କଲିକତା ଯିବା ବିଷୟରେ ଜଣାଇନଥିଲା । ପରେ କଲିକତାରୁ ଫୋନ୍ କରି ବାପାଙ୍କ ଦେହ ଖରାପ ବିଷୟରେ ସମସ୍ତ ବିଷୟ ମଧୁସ୍ମିତାକୁ ଜଣାଇଥିଲା ବାବୁ ।

ମଧୁସ୍ମିତା ବାପାଙ୍କ ଆରୋଗ୍ୟ କାମନା ନିମିତ୍ତ ପ୍ରଭୁ ଯୀଶୁଙ୍କ ପାଖରେ ପ୍ରାର୍ଥନା କରିଥିଲା । ଏହା ଭିତରେ ତିନିମାସ ବିତିଯାଇଥିଲା । ବାବୁ ଓ ମଧୁସ୍ମିତା ଦୁହେଁ ଫୋନରେ କଥାବାର୍ତ୍ତା ହେଉଥାନ୍ତି ବେଳେବେଳେ କିନ୍ତୁ ମଧୁସ୍ମିତା ଯାହା ଇଚ୍ଛା କରୁଥିଲା ତାହା ସେ ପାଇପାରୁନଥିଲା ବାବୁଠାରୁ । ତେଣୁ ସେ ଅଭିମାନ ମଧ୍ୟ କରୁଥିଲା ।

X X X X

ଦୀର୍ଘ ତିନିମାସ ଧରି ବାପାଙ୍କ ଦେହ ଭଲ ହେଉ ନଥିବାରୁ ବାବୁ ମନେ ମନେ ଭାଙ୍ଗି ପଡ଼ିଥିଲା । ସେହି କଷ୍ଟକୁ ଲାଘବ କରିବାକୁ ଯାଇ ଦିନେ ରେଷ୍ଟୁରାଣ୍ଟରେ ମଦ ମଧ୍ୟ ପିଇଥିଲା । ମଦ୍ୟପାନ କରି ଘରେ ଯାଇ ଶାନ୍ତିରେ ଶୋଇବ ବୋଲି ମନରେ ସ୍ଥିର କରି ନେଇଥିଲା । ସେପଟେ ଅଳକାଦେବୀ ହସ୍ପିଟାଲରେ ଏକା ସ୍ୱାମୀଙ୍କ ପାଖରେ ଥା'ନ୍ତି । ବାବୁ ଘରକୁ ଯାଇ ଶୋଇପଡ଼ିଲା । କମଲେଶ୍ ଯେ କର୍କଟ ରୋଗରେ ପୀଡ଼ିତ ଏକଥା ଅକାଳଦେବୀ କାହାରିକୁ ଜଣାଉନଥାନ୍ତି ।

ରାତ୍ରିର ଚତୁର୍ଥ ପ୍ରହର । ହଠାତ୍ ବାବୁ ଏକ ଦୁଃସ୍ୱପ୍ନ ଦେଖି ଉଠି ପଡ଼ିଲା । ସ୍ୱପ୍ନରେ ସେ ଦେଖିଲା ତା'ର ପ୍ରେମିକା ମଧୁସ୍ମିତା ଏହି ତିନିମାସ ମଧ୍ୟରେ ଆଉ ତା'ର ହୋଇ ରହିନାହିଁ । ସେ ବୋଧ ହୁଏ ଆଉ କାହାର ହୋଇସାରିଛି । ବାବୁର ମନ ଅସ୍ଥିର ହେଲା । ମନେ ମନେ ଭାବିଲା ମା'ଙ୍କୁ କିଛି ନକହି ଯାଇ ମଧୁସ୍ମିତା ସହ ଦେଖା କରିବ ।

ବାବୁ ସକାଳୁ ସକାଳୁ ଫୋନ୍ କଲା ମଧୁସ୍ମିତାକୁ । ମୋବାଇଲର ରିଙ୍ଗ୍ ଟୋନ୍ ଶୁଣି ମଧୁସ୍ମିତା ଫୋନ୍ ଉଠାଇଲା । କହିଲା-ହ୍ୟାଲୋ ! ତା'ପରେ ଦୁହେଁ ଅନେକ ସମୟ

Download Magazine from www.aahwaan.com

ଫୋନରେ ଗପିବାକୁ ଲାଗିଲେ । ଶେଷରେ ବାବୁ କହିଲା - ମୁଁ ଆଜି ତୁମ ସହ ଦେଖା କରିବାକୁ ଚାହେଁ । ତେଣୁ ମୁଁ ଆଜି ଆସୁଛି, ସଂଧ୍ୟାରେ କଥାବାର୍ତ୍ତା ହେବା । ମଧୁସ୍ମିତା ପଚାରିଲା କ'ଣ କଥାବାର୍ତ୍ତା ଅଛି ଯେ ? ବାବୁ କହିଲା - ଆସିଲେ କହିବି । ଏହା ଏକାନ୍ତ ବ୍ୟକ୍ତିଗତ । ତେଣୁ ଫୋନରେ ସମ୍ଭବ ନୁହଁ । ଜିମରେ ଦେଖା କରିବା । ମଧୁସ୍ମିତା କହିଲା - ଆଜି ତ ରବିବାର । ଜିମ୍ ବନ୍ଦଥିବ ।

ବାବୁ କହିଲା - ଜିମ୍ ମାଲିକଠୁ ଚାବି ମାଗି ମୁଁ ଆଣିବି । କିନ୍ତୁ ଜିମରେ ଆଜି ଦେଖାହେବ ନିଶ୍ଚିତ; ବୁଝିଲ । ମଧୁସ୍ମିତା ନିର୍ବୋଧ୍ୟ ଶିଶୁଟି ପରି ହଁ ଭରିଲା ।

ବାବୁ ଠିକ୍ ସମୟରେ ପହଞ୍ଚି ଜିମ୍ ମାଲିକଠୁ ଚାବି ମାଗି ଆଣି ଜିମ୍ ଖୋଲି ସେଠାରେ ଅପେକ୍ଷା କରିଥିଲା । କିନ୍ତୁ ମଧୁସ୍ମିତା ପହଞ୍ଚିବାରେ ବିଳମ୍ବ ହୋଇଥିଲା । ମଧୁସ୍ମିତାକୁ ପ୍ରଥମେ ଦେଖି ବାବୁ କିଛି ନକହି କିଛି ସମୟ ନିରବରେ ମୋବାଇଲରେ ତାଙ୍କର ବିଗତ ଦିନର ଫଟୋ ଗୁଡିକୁ ଦେଖିବାରେ ବ୍ୟସ୍ତ ରହିଲା । ସେ ମନେ ମନେ ମଧୁସ୍ମିତାର ହାବଭାବକୁ ଲକ୍ଷ୍ୟ କରୁଥିଲା ବୋଧେ !

ବାବୁର ଏତାଦୃଶ ଆଚରଣ ଦେଖି ମଧୁସ୍ମିତା କହିଲା – "ତୁମେ ସେ ମୋବାଇଲଟା ବନ୍ଦ କର ତା'ପରେ କଥାବାର୍ତ୍ତା । ଯଦି ମୋବାଇଲରେ ଲାଗିବାର ଥିଲା ତ ମୋତେ କାହିଁକି ଡାକୁଥିଲ । ଦେଖ ମୁଁ ଖୋଲାଖୋଲି କହିଦେଉଛି ତମର ବ୍ୟବହାର ମୋତେ ଜମା ଭଲଲାଗୁନି । ଆଉ ହଁ ଶୁଣ ମୁଁ ତୁମ ପାଖରେ ଥିବାବେଳେ ତମେ ମୋବାଇଲରେ ହାତ ଦେବନି କି ମୋର ଫଟୋ ନେବନି । ତୁମ ପୁଅ ପିଲାଙ୍କ ଉପରେ ବିଶ୍ୱାସ ନାହିଁ । କେଜାଣି କେତେବେଳେ କେଉଁ ଅବସ୍ଥାରେ ତମେ ଫଟୋ ନେଇଯିବ । ସତ କହୁଛି ସେ ମୋବାଇଲ ଯଦି ଆଉଥରେ ଦେଖିବି, ମୁଁ ସିଧା ଫେରିଯିବି ।

 Download Magazine from www.aahwaan.com

ନିଜ ମୋବାଇଲଟା ହଜାଇ ଦେବା ପରେ ମଧୁସ୍ମିତା ମନେ ପକାଇଥିଲା ବାବୁ କଥା । ସେ କେତେ କଥା ବାବୁକୁ କହି ତାଗିଦ୍ କରୁଥିଲା; ଏବେତ ନିଜ ମୋବାଇଲ୍ ସେ ଖୋଜି ପାଉନି । ଗତ ସଂଧ୍ୟାରେ ମାର୍କେଟ ଯାଇଥିଲା ସେଇଠି କୋଉଠି ଛାଡ଼ି ଦେଇ ଆସିଲା କି ? ମୋବାଇଲରେ ଯେଉଁ ସବୁ ଛବି ଥିଲା ତାହା ଯଦି କାହା ଉପରେ ପଡ଼େ .. ! ! ! !"

ସତକୁ ସତ ମଧୁସ୍ମିତାର ହଜି ଯାଇଥିବା ମୋବାଇଲଟି ସୁକାନ୍ତ ପାଇଥଲା । କାରଣ ସେ ସବୁବେଳେ ମଧୁସ୍ମିତାର ଯିବା ଆସିବା ଉପରେ ନଜର ରଖିଥାଏ । ତେଣୁ ମୋବାଇଲଟି ସୁକାନ୍ତ ହାତରେ ଲାଗିଥିବାରୁ ମଧୁସ୍ମିତାର କିଛି ବି କ୍ଷତି ହୋଇନଥିଲା । କିନ୍ତୁ ସୁକାନ୍ତ, ବାବୁ ଓ ମଧୁସ୍ମିତାର ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଗୁଡିକ ବିଷୟରେ ଜାଣିବାକୁ ପାଇଥିଲା । ତା' କାମ ଅଧିକ ସହଜ ହୋଇଯାଇଥିଲା । ମଧୁସ୍ମିତା ମଧ୍ୟ ତା'ର ଓ ବାବୁର ସମ୍ପର୍କ ବିଷୟରେ ଜଣାଇବାକୁ ସୁକାନ୍ତକୁ ବାଧ୍ୟ ହୋଇଥିଲା । ସୁକାନ୍ତ ମନେ ମନେ ମଧ୍ୟ ମଧୁସ୍ମିତାକୁ ଭଲପାଇ ବସିଥିଲା । ସ୍ୱପ୍ନ ଦେଖି ସାରିଥିଲା ଆଗତ ଭବିଷ୍ୟତର ।

ଏହି ତିନି ମାସ ମଧ୍ୟରେ ବାବୁ ମଧୁସ୍ମିତାର ଭାବକୁ ଠିକ୍ ରୂପେ ପଢ଼ି ସାରିଥିଲା ଏବଂ ସୌରଭ ତା'ର ସାଙ୍ଗ ମଧୁସ୍ମିତା ଓ ସୁକାନ୍ତର ମିଳାମିଶା ଖବର ମଧ୍ୟ ଜଣେଇ ସାରିଥିଲା ବାବୁକୁ । ତେଣୁ ବାବୁର ଆଉକିଛି ବି କହିବା ପାଇଁ ନଥିଲା । ବାସ୍ତବରେ ସେ ମଧ୍ୟ ମଧୁସ୍ମିତାକୁ ଏକାନ୍ତରେ ଚାହୁଁଥିଲା । ଜିମ୍‌ରେ କେହି ନଥାନ୍ତି । ପୁରା ଶୁନ୍‌ଶାନ୍ । ମଧୁସ୍ମିତା ହଠାତ୍ ଜୋର କରି ନିଜର ଦୁଇ ବାହୁରେ ଜାବୁଡ଼ି ଧରିଲା ବାବୁକୁ । ବାବୁ ହସୁଥିଲା ମଧୁସ୍ମିତାର ଏଭଳି ଆଚରଣରେ । ଆଉ ସେ ବି ମଧୁସ୍ମିତାକୁ ଜାବୁଡ଼ି ଧରିବାକୁ ଉଦ୍ୟତ ହେଉଥିଲା । ହେଲେ ଏତିକିବେଳେ ଦୁଇଜଣ ଯୁବକ ଆସି ବାବୁର ଦୁଇହାତକୁ ଭିଡ଼ିଧରିଲେ । ସେ ଦୁଇଜଣ ଥିଲେ ଜିମ୍‌ର ମାଲିକ ସୁକାନ୍ତ ଏବଂ ତା'ର ସାଙ୍ଗ ମିହିର ।

 Download Magazine from www.aahwaan.com

ମଧୁସ୍ମିତା ଏଥର ତାକୁ ତା'ର ଆଲିଙ୍ଗନରୁ ମୁକ୍ତ କରିଦେଲା ।

ହଠାତ୍ କିଛି ବୁଝି ପାରିଲାନି ବାବୁ । ମଧୁସ୍ମିତା ତାକୁ ବୁଝେଇ ଦେଲା – ସେ ଆଉ ତାକୁ ଭଲ ପାଉନାହିଁ । ସେ ସୁକାନ୍ତକୁ ଭଲପାଏ । ତା' ଛଡ଼ା ସେ ବି ଖ୍ରୀଷ୍ଟିୟାନ୍ ଆଉ ସୁକାନ୍ତ ବି ଖ୍ରୀଷ୍ଟିୟାନ୍ । ସେ ଜଣେ ହିନ୍ଦୁକୁ ପ୍ରେମ କରି ସମସ୍ୟାକୁ ଡାକିବ କ'ଣ ପାଇଁ? ଏମିତିରେ ବାବୁଠାରୁ ସୁକାନ୍ତ ତାକୁ ବେଶି ଭଲ ପାଉଛି । ଆଉ ବେଶି ବି ସୁଖ ଦେଉଛି । ଏବେ ଗୋଟିଏ ମାତ୍ର ସମସ୍ୟା - ଅର୍ଥ । କାରଣ, ଅର୍ଥ ନ ହେଲେ ସେମାନେ ବିବାହ କରି ଘର ସଂସାର କରିବେ କେମିତି ? ସେଇ ଅର୍ଥ ବାବୁ ହିଁ ଦେବ ।

ବାବୁ ମଧୁସ୍ମିତାର କଥା ଶୁଣି ଭାଙ୍ଗି ପଡ଼ିଥିଲା । ସେ ମଧୁସ୍ମିତାକୁ ନିଜଠାରୁ ବି ଅଧିକ ଭଲ ପାଉଥିଲା । ମଧୁସ୍ମିତା ତା'ର ପ୍ରେମିକା ଥିଲା । ସେ କେବେ ଦିନେ ତା' ପ୍ରେମିକାର ଯେ ଏଭଳି ରୂପ ଦେଖିବ ସେକଥା ସ୍ୱପ୍ନରେ ସୁଦ୍ଧା କଳ୍ପନା କରିନଥିଲା । ସେ ସମ୍ପୂର୍ଣ୍ଣ ବିବ୍ରତ ହୋଇ ପଡିଥିଲା ।

ବାବୁ କହିଲା - "ମୁଁ ଟଙ୍କା ଆଣିବି କେଉଁଠୁ ? ମୁଁ ତ ଚାକିରୀ ବି କରିନି ।" ସୁକାନ୍ତ କହିଲା - "ଆମେ ତୋତେ ଅପହରଣ କରି ତୋ ବାପାଠୁ ଟଙ୍କା ନେବୁ । ମୁଣ୍ଡଜାମିନ ।" ବାବୁ ଏଥର ଉତ୍ତ୍ୟକ୍ତ ହୋଇ ଉଠିଲା । କାରଣ ସେ ତା' ନିଜର ଭୁଲ ପାଇଁ ତା' ବାପାଙ୍କୁ ଅସୁବିଧାରେ ପକେଇବାକୁ ଚାହୁଁନଥିଲା ।

ବାବୁ ସହିତ ସେମାନଙ୍କର ଧସ୍ତାଧସ୍ତି ଆରମ୍ଭ ହୋଇଗଲା । ସେମାନେ ଦୁଇଜଣ ଥିଲେ ବି ସାହାସର ସହ ସେମାନଙ୍କୁ ମୁକାବିଲା କରୁଥିଲା ବାବୁ । ଏତିକିବେଳେ ମଧୁସ୍ମିତା ସୁକାନ୍ତର ଇଙ୍ଗିତରେ ପଛପଟରୁ ଆସି ବାବୁର ମୁଣ୍ଡକୁ ଲୁହା ରଡ଼ରେ ପିଟିଦେଲା । ବାବୁ ତଳେ ପଡିଗଲା । ସେତିକିରେ ମଧୁସ୍ମିତା ଶାନ୍ତ ହୋଇନଥିଲା । ଗୋଟେ ସିରିଞ୍ଜରେ ଏସିଡ୍

Download Magazine from www.aahwaan.com

ଭରି ବାବୁର ଦେହରେ ପୁରାଇ ଚାଲିଲା । ଧୀରେ ଧୀରେ ପ୍ରାଣବାୟୁ ଉଡିଗଲା ବାବୁର । ଯାହାକୁ ସେ ପ୍ରେମିକା ବୋଲି ଭାବିଥିଲା; ସେ ତା' ପାଇଁ ପିଶାଚିନୀ ପାଲଟି ସାରିଥିଲା ।

ପୋଲିସ୍ ନିକଟରେ ମଧୁସ୍ମିତା ତା'ର ଶେଷତମ ବୟାନ୍ ଭାବରେ ଏକ ଅଦ୍ଭୁତ କଥା କହିଥିଲା । ସେମାନେ କେବଳ ଗୋଟିଏ ଗେମ୍ ଖେଳୁଥିଲେ । ରାନ୍‌ସମ୍ ଗେମ ! ବାବକୁ ହତ୍ୟା କରିବା ସେମାନଙ୍କର ଗେମ୍ ପ୍ଲାନରେ ନଥିଲା । ଘଟୁ ଘଟୁ ଘଟିଗଲା । ଏଥିପାଇଁ ସେ ଦାୟୀ ନୁହେଁ । ହଁ ହୋଇପାରେ ମଧୁସ୍ମିତା ଠିକ୍ । ସେ ଦାୟୀ ନୁହେଁ । ବାବୁ ହିଁ ଦାୟୀ । କାରଣ ସେ ମଧୁସ୍ମିତାକୁ ହୃଦୟରୁ ଭଲ ପାଉଥିଲା । ଅଙ୍କ କଷି ନୁହେଁ ।

ବାବୁର ଆତ୍ମା ଆକାଶ ମାର୍ଗରେ ଏଣେ ତେଣେ ଘୁରି ବୁଲୁଥାଏ ଏବଂ ଗୁଣୁ ଗୁଣୁ ହୋଇ ଏହି ଗୀତଟି ଗାଉଥାଏ ।

"ହୃଦୟର ଏଇ ଶୂନ୍ୟତାକୁ ଆଜି ପଚାରି ମୁଁ ଯେବେ ଶୁଣେ - ପ୍ରତାରଣା କିଏ କାହାକୁ ଦେଇଛି ପ୍ରତିଧ୍ୱନୀ କହେ ତୁମେ .. ତୁମେ .. ତୁମେ ।"

ଶିକ୍ଷକ, କେନ୍ଦୁପଦର, ଫୁଲବାଣୀ – ୭୬୨୦୦୧,
ଜିଲ୍ଲା : କନ୍ଧମାଳ (ଓଡ଼ିଶା)
ମୋ : ୯୪୩୭୭୬୫୨୭୫,
ଇମେଲ୍ : arunpatra21171@gmail.com

Download Magazine from www.aahwaan.com

# ହଜି ଯାଇଥିବା ମୋବାଇଲ୍



ପ୍ରଶାନ୍ତ କୁମାର ନାଥ

ବାବୁ ଆଉ ମଧୁସ୍ମିତା ଗୋଟିଏ କମ୍ପାନୀରେ କାମ କରନ୍ତି । ବାବୁ କମ୍ପାନୀର ଆକାଉଣ୍ଟାଣ୍ଟ ଥିବା ବେଳେ ମଧୁସ୍ମିତା ଥିଲା ତା'ର ସହକର୍ମୀ । ବାବୁ ଥିଲା ବହୁତ ଖୁସି ମିଜାଜର୍ । କେହି କିଛି କହିଲେ ହସି ଦେଇ ତାକୁ ଗ୍ରହଣ କରେ । ନିଜ ସ୍ମିତ ହସ ଦ୍ୱାରା ସେ ସମସ୍ତଙ୍କ ମନକୁ ଜିଣିପରେ । କଥାରେ ମଧ୍ୟ ଥାଏ ଶାଳୀନତା । ମଜା ମସ୍ତିରେ କାମ କରୁଥିବାରୁ ଅନ୍ୟ କର୍ମଚାରୀମାନେ ମଧ୍ୟ ତାକୁ ଭଲ ପାଆନ୍ତି ।

ଯେ ହେତୁ ମଧୁସ୍ମିତା ଥିଲା ତାର ସହକର୍ମୀ । ତେଣୁ ସେମାନେ ବେଳେ ବେଳେ କୌଣସି କାର୍ଯ୍ୟକୁ ନେଇ ଫୋନ ଦ୍ୱାରା ମଧ୍ୟ କଥାବାର୍ତ୍ତା ହୁଅନ୍ତି । ଆଜିକାଲିର ଏହି ହ୍ୱାଟ୍ସଆପ ଯୁଗରେ ସେମାନଙ୍କ କମ୍ପାନୀର ମଧ୍ୟ ହ୍ୱାଟ୍ସଆପ ଗ୍ରୁପ ଥିଲା । ଆଉ ସେମାନେ "ଆମେ ସମସ୍ତେ ଦୋସ୍ତି, କରିବା ମଜା ମସ୍ତି" ନାମରେ ଏକ ଗ୍ରୁପ ମଧ୍ୟ ଖୋଲିଥିଲେ । ଯେଉଁ ଗ୍ରୁପରେ ବାବୁ କେବେ କେବେ ନିଜ ରଚିତ କବିତା ମଧ୍ୟ ପୋଷ୍ଟ କରିଥାଏ । ଆଉ ସେହି କବିତାକୁ ପଢି ସମସ୍ତେ ବା... ବା... କରନ୍ତି । ସମସ୍ତଙ୍କ ସହିତ ମଧୁସ୍ମିତା ମଧ୍ୟ । ଥରେ ମଧୁସ୍ମିତା କହିଥିଲା ସାର୍ ଆପଣ ମୋ ନାଁରେ ଗୋଟେ କବିତା ଲେଖିଦିଅନ୍ତୁ ନା । ବାବୁ ମୁଣ୍ଡ ଟୁଙ୍ଗାରି ହଁ ଭରିଥିଲା । ଆଉ ସେଦିନ ସନ୍ଧ୍ୟାରେ ମଧୁସ୍ମିତା ନାମରେ କବିତାଟେ ଲେଖି ତାର ହ୍ୱାଟ୍ସଆପରେ ପଠେଇ ଦେଇଥିଲା । କବିତାଟି ଥିଲା ଏମିତି ।

ମୁହଁଟା ଅଟଇ ଚାନ୍ଦପରି ତୁମ

ରାଜହଂସୀ ପରି ଚାଲି

Download Magazine from www.aahwaan.com

ଅନନ୍ୟ ସୁନ୍ଦରୀ ଲାଗୁଥାଅ ତୁମେ

ବାଳ ଯେବେ ଦିଅ ଖୋଲି ।

ହସିଦେଲେ ତୁମେ ମୁକ୍ତା ଝରି ପଡେ

କଥାତ କୁହୁକ ଭରା

ତୁମେ ମଧୁସ୍ମିତା କବିର କବିତା

ଲକ୍ଷେରେ ଗୋଟିଏ ହୀରା ।

କବିତାଟି ପଢିଲା ପରେ ମଧୁସ୍ମିତା ଖୁସିରେ ପାଗଳ ହୋଇ ଯାଇଥିଲା । ଆଉ ଅନେକ ଗୁଡିଏ ସ୍ମାଇଲ ପଠେଇ ଦେଇଥିଲା ଯେଉଁଥିରେ ଚୁମ୍ବନ ସ୍ମାଇଲ ମଧ୍ୟ ସାମିଲ ଥିଲା । କେଜାଣି କାହିଁକି ସେହି ଦିନରୁ ମଧୁସ୍ମିତା ବାବୁ ପ୍ରତି ଆକର୍ଷିତ ହୋଇ ପଡ଼ିଥିଲେ । ଧୀରେଧୀରେ ବାବୁ ତାର ମନରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବାରେ ଲାଗିଥିଲା । ଆଉ ମଧୁସ୍ମିତା ଲେଖିଥିଲା... ସତରେ, ତୁମକୁ ଯିଏ ପାଇବ ନା ସେ ଲକ୍ଷେ ଶିବ ପୁଜିଥିବ । ତୁମ ପରି ମଣିଷ ମିଳିବା କାହା ଭାଗ୍ୟରେ ଅଛି କେଜାଣି ?

ସେହି ଦିନରୁ ଦୁହେଁ ହ୍ୱାଟ୍ସଆପ ଜରିଆରେ ଏମିତି ଅନେକ ସମୟରେ ଚାଟିଙ୍ଗ କରନ୍ତି । ଆଉ ଏମିତି ହେଉ ହେଉ ତାହା ନିତିଦିନିଆ ପାଲଟିଗଲା । ବାବୁର ମେସେଜ ନ ଆସିଲେ ମଧୁସ୍ମିତା ରାଗୁଥିଲା । ଆଉ ମଧୁସ୍ମିତାର ମେସେଜ ନ ଆସିଲେ ବାବୁ । ମଧୁସ୍ମିତା ମନେ ମନେ ବାବୁକୁ ଭଲ ପାଇ ବସିଲା । ବହୁତ ଥର ଭାବିଛି ନିଜର ମନକଥା କହିଦେବ, କିନ୍ତୁ କହିପାରିନି । ଅନେକ ଥର ହ୍ୱାଟ୍ସଆପରେ 'ଆଇ ଲଭ ୟୁ' ଲେଖିଛି ପୁଣି ଡିଲିଟ୍ କରିଦେଇଛି ।

ଏଣିକି ଅଫିସରେ ମଧ୍ୟ ମଧୁସ୍ମିତା, ବାବୁ ସହିତ ନିକଟରୁ ଆହୁରି ନିକଟତର ହେବାକୁ ଚେଷ୍ଟା କଲା । ଅବଶ୍ୟ ସେତେବେଳେକୁ ବାବୁ ମଧ୍ୟ ପଢିସାରିଥିଲା ମଧୁସ୍ମିତାର ହୃଦୟ

Download Magazine from www.aahwaan.com

ଭାଷାକୁ । ଆଉ ଏମିତି ଅଫିସରେ ଫିଲ୍ମ ବିଷୟରେ କଥା ହେଉ ହେଉ ମଧୁସ୍ମିତା ପଚାରିଥିଲା ତୁମ ପସନ୍ଦର ଓଡ଼ିଆ ଫିଲ୍ମର ନାମ ? ବାବୁ କହିଥିଲା ଆଇ ଲଭ ୟୁ । ଆଉ ମଧୁସ୍ମିତା କହିଥିଲା 'ମିଠୁ' । କେହି କାହାରିକୁ ବୁଝିବାକୁ ଆଉ ବାକି ନଥିଲା । ନୂଆ ନୂଆ ଡେଣା ଲାଗିଥିବା ଦୁଇପକ୍ଷୀ ଯେମିତି ପ୍ରେମର ଏକ ବସା ବାନ୍ଧିବା ପାଇଁ ଆଗେଇ ଆସିଥିଲେ । ଦୁହେଁ ପ୍ରେମର ଏକ ମହଲ ତୋଳିବା ପାଇଁ ସ୍ୱପ୍ନ ଦେଖିଥିଲେ । ଧୀରେ ଧୀରେ ଚାଟିଙ୍ଗରୁ ସେମାନେ ଖୋଲା ଆକାଶର ପକ୍ଷୀ ପରି ବାହାରେ ମିଳାମିଶା କରୁଥିଲେ । ସେଦିନ ସେମାନଙ୍କର ଅଫିସ ନଥିଲା । ବାବୁ ଫୋନକରି ମଧୁସ୍ମିତାକୁ କହିଥିଲା ପାର୍କ ଯିବାପାଇଁ । ମଧୁସ୍ମିତା ମଧ୍ୟ ଏମିତି ଏକ ସୁଯୋଗକୁ ଅପେକ୍ଷା କରିଥିଲା । କେମିତି ବା ମନା କରିଥାନ୍ତା । ହଁ ଭରିଥିଲା । ଆଉ ଦୁହେଁ ମିଶି ଯାଇଥିଲେ ପାର୍କକୁ । ଅବଶ୍ୟ ସେମାଙ୍କର ପାର୍କ ଯିବା ନୂଆ ନଥିଲା । କାହିଁକି ନା ଆଗରୁ ମଧ୍ୟ ଦୁହେଁ ପାର୍କ ଯାଇଥିଲେ । ଅନେକ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଗୁଡିକ ମଧୁସ୍ମିତା ମୋବାଇଲ୍ ନିଜର ବକ୍ଷରେ କୋଳେଇ ଧରିଛି । ଆଜିକାଲି ଯେମିତି ପ୍ରେମିକ ପ୍ରେମିକାମାନଙ୍କ ଏପରି ମିଳାମିଶା ଏକ ସାଧାରଣ କଥା ପାଲଟି ଗଲାଣି । କିନ୍ତୁ ବେଳେବେଳେ ଏମିତି ସାଧାରଣ ଭାବୁ ଥିବା କଥାଗୁଡିକ କେତେ ଯେ ଭୟଙ୍କର ହୋଇପାରେ ତାହା ଅନୁଭବୀ ହିଁ ଅନୁଭବ କରି ପାରିବ । ନିଜର ଅସାବଧାନତା କେମିତି ବିପଦ ମୁହଁକୁ ଠେଲି ଦେଇପାରେ ତାହା ପ୍ରେମରେ ଉବୁଟୁବୁ ହେଉଥିବା ସମସ୍ତ ପ୍ରେମୀ ଯୁଗଳ ହୃଦୟଙ୍ଗମ କରି ପାରନ୍ତିନି । ଆଉ ସେ ସବୁକୁ ବୁଝିଲା ବେଳକୁ ନେଡି ଗୁଡ଼ କହୁଣିକୁ ବୋହି ଯାଇଥାଏ ।

ସେଦିନ ପାର୍କରେ ପହଞ୍ଚିବା ପରେ ବାବୁ ମଧୁସ୍ମିତା ସହିତ କଥା ହେଉଥାଏ ସତ କିନ୍ତୁ ତାର ଧ୍ୟାନଥାଏ ନିଜର ମୋବାଇଲ୍ ଉପରେ । ସେଲଫି ନେବାପାଇଁ କ୍ୟାମେରା ଅନ କରୁଥିଲା ବୋଧେ । ମଧୁସ୍ମିତା ରାଗିଯାଇ ତାକୁ କହିଲା "ତୁମେ ସେ ମୋବାଇଲ୍‌ଟା ବନ୍ଦକର ତା'ପରେ

Download Magazine from www.aahwaan.com

କଥାବାର୍ତ୍ତା । ଯଦି ମୋବାଇଲରେ ଲାଗିବାର ଥିଲା ତ ମୋତେ କାହିଁକି ଡାକୁଥିଲ । ଦେଖ ମୁଁ ଖୋଲା ଖୋଲି କହି ଦେଉଛି ତମର ବ୍ୟବହାର ମୋତେ ଜମା ଭଲ ଲାଗୁନି । ଆଉ ହଁ, ଶୁଣ ମୁଁ ତମପାଖରେ ଥିବା ବେଳେ ତମେ ମୋବାଇଲରେ ହାତ ଦେବନି କି ମୋର ଫଟୋ ନବନି । ତୁମେ ପୁଅପିଲାଙ୍କ ଉପରେ ବିଶ୍ୱାସ ନାହିଁ । କେଜାଣି କେତେବେଳେ କେଉଁ ଅବସ୍ଥାରେ ତମେ ଫଟୋ ନେଇଯିବ । ସତ କହୁଛି ସେ ମୋବାଇଲ୍ ଯଦି ଆଉଥରେ ଦେଖିବିନା, ମୁଁ ସିଧା ଫେରିଯିବ ।

ନିଜ ମୋବାଇଲଟା ହଜାଇ ଦେବା ପରେ ମଧୁସ୍ମିତା ମନେ ପକାଉଥିଲା ବାବୁକଥା । ସେ କେତେ କଥା କହି ବାବୁକୁ ତାଗିଦ କରୁଥିଲା, ଏବେ ତା ନିଜ ମୋବାଇଲ୍ ସେ ଖୋଜିପାଉନି । ଗତସନ୍ଧ୍ୟାରେ ମାର୍କେଟ ଯାଇଥିଲା । ସେଇଠି କୋଉଠି ଛାଡି ଦେଇଆସିଲା କି ? ମୋବାଇଲରେ ଯେଉଁ ସବୁ ଛବିଥିଲା, ତାହା ଯଦି କାହା ହାତରେ ପଡେ ! ! !"

ମୋବାଇଲ୍ ହଜିବାର ଦୁଇମାସ ବିତିଗଲାଣି । କିନ୍ତୁ ମଧୁସ୍ମିତା ମନରେ ଭୟ ଆଜି ବି ସେମିତି ଉଜ୍ଜୀବିତ ହୋଇରହିଛି । ସେହି ହଜିଯାଇଥିବା ମୋବାଇଲ୍ ତାକୁ ପ୍ରତି ଘଡିସନ୍ଧି ମୁହୂର୍ତ୍ତରେ ଜଳେଇ ଜଳେଇ ମାରୁଛି । ଯଦି କିଏ ସେହି ସବୁ ଛବିର ଅପବ୍ୟବହାର କରେ ତା'ହେଲେ ସେ ସମାଜ ଆଗରେ ମୁଣ୍ଡ ଟେକି ବାଟ ଚାଲି ପାରିବ ତ ?ତାଙ୍କ ବାପାଙ୍କର ଥିବା ସବୁ ମାନ୍‌ସମ୍ମାନ ରହିବ ତ । ଶତଚେଷ୍ଟା  ପରେ ବି ଆଜି ସେ ଆଜି ହସି ପାରୁନି । ନା ସିଏ ମନ ଖୋଲି କାହା ସହିତ କଥା ହୋଇପାରୁଛି ନା ଖୁସିରେ ମିଶିପାରୁଛି । ଖାଲି ଗୋଟିଏ କଥା ଭାବି ହେଉଛି କିଛି ସମୟର ଅନ୍ତରଙ୍ଗ ମୁହୂର୍ତ୍ତ, ବା ସ୍ୱଳ୍ପ ସମୟର ଖୁସି ସତେ ଯେମିତି ତାର ହସଖୁସିର ଜୀବନକୁ ନଷ୍ଟ କରି ଦେଇଛି । ଆଉ ଅନୁତାପ କରୁଛି ମୁଁ କାହିଁକି ଏମିତି କଲି, ଯେଉଁଥିପାଇଁ ପ୍ରତି ମୁହୂର୍ତ୍ତରେ ମୁଁ ଜଳି ଜଳି ମରୁଛି ।

ସୁନ୍ଦରପୁର, ଉତ୍ତରକୁଳହାଟ, ପ୍ରୀତିପୁର, ଯାଜପୁର, ମୋ- ୮୮୯୨୩୦୧୧୪୩

Download Magazine from www.aahwaan.com

# ଦି ଟୋପା ଲୁହ



ପ୍ରିୟଙ୍କା ସାହୁ

ସେଦିନ ଥାଏ ସେପ୍ଟେମ୍ବର -୪ ତାରିଖ, ରାତି ୧୧ ରୁ ଅଧିକ ହେଲାଣି ।

ମଧୁସ୍ମିତା ପାଖକୁ ମେସେଜ୍ ଟିଏ ଆସିଲା । ଏତେ ରାତିରେ କାହାର ମେସେଜ୍ ହୋଇଥାଇ ପାରେ । ମଧୁସ୍ମିତା ଫୋନ୍ ଦେଖିଲା ।

ବାବୁ................ବାବୁର ମେସେଜ୍ ।

ମଧୁସ୍ମିତା ତୁମେ ମୋତେ ଭଲ ପାଅ କି ? ହଁ କିମ୍ବା ନା’ ରେ ଉତ୍ତର ଦେବ ।

ଚମକି ପଡିଲା ମଧୁସ୍ମିତା । ଦ୍ୱନ୍ଦର ଦୁଇ ଛକିରେ ଛନ୍ଦି ହୋଇଗଲା ।

ଏଇ ବାବୁର ମୁଣ୍ଡରେ କେତେବେଳେ କୋଉ ଭୂତ ସବାର ହୁଏ କେଜାଣି । ପ୍ରେମ କଣ ଏତେ ମାମୁଲି ଜିନିଷ ଯେ ତାକୁ ହଁ କିମ୍ବା ନା’ରେ ପ୍ରକାଶ କରିହେବ । ତା ଛଡା ନିବିଡ ବନ୍ଧୁତ୍ୱରୁ ପ୍ରେମର ଦୂରତା କେତେ ବା ଦୂର ଯେ ଉତ୍ତର ଦେଇ ପ୍ରମାଣିତ କରିବାକୁ ପଡିବ ।

ହଁ ବାବୁ ହେଉଛି ମଧୁସ୍ମିତା ହୃଦୟ ବୀଣାର ପ୍ରେମ ତାର । ମଧୁସ୍ମିତା କେବେ ବି ଚାହେଁନା ସେ ପ୍ରେମ ତାର କୁ ଛିଣ୍ଡେଇବା ପାଇଁ । ମାତ୍ର ପ୍ରେମ କୁ କଣ ପ୍ରକାଶ କରି ଜତାଇ ଦିଆଯାଇ ପାରିବ ? ପ୍ରେମ ତ ଭାବ ଭଂଗୀରେ ଆପେ ପରିସ୍ଫୁଟିତ ହେବ । ଏଥିରେ ଉତ୍ତର ଦେଇ ଜଣେଇବା କଣ ଦରକାର ।

ପୁଣି ମେସେଜ୍ ଆସିଲା ପ୍ଲିଜ୍ ମଧୁସ୍ମିତା ହଁ କି ନା ରେ ଉତ୍ତର ଦିଅ ।

ମଧୁସ୍ମିତା ଟିକେ ଅଭିମାନ କରିଲା । ଆଜିଯାଏ ବାବୁ କଣ କେବେ ଅନୁଭବ କରି ପାରିନି ମଧୁସ୍ମିତାର ହୃଦୟ ସିନ୍ଦୁକରେ କେବଳ ବାବୁ ପାଇଁ ଆଞ୍ଜୁଳା ପ୍ରେମ ସାଇତା

 Download Magazine from www.aahwaan.com

ହୋଇରହିଛି । ଉତ୍ତରରେ ନା ଲେଖି ମେସେଜ୍‌ଟି ପଠାଇଲା । ମଧୁସ୍ମିତା ଭାବୁଥିଲା, ବାବୁର ମେସେଜ୍ ପୁଣି ଆସିଲା । ଏଇ ନିବିଡ ବନ୍ଧୁତ୍ୱ ଭିତରେ ତୁମେ କଣ କେବେ ପ୍ରେମକୁ ଅନୁଭବ କରିନ । ତୁମ ଉତ୍ତର ନା ହୋଇଥାଇ ପାରେ କିନ୍ତୁ ମୁଁ ତୁମକୁ ବହୁତ ଭଲ ପାଏ ମଧୁସ୍ମିତା । ମଣିଷର ଭାବନା ସବୁବେଳେ ସତ ହୁଏନା ।

ବାବୁର ଗୋଟିଏ ପରେ ଗୋଟିଏ ମେସେଜ୍ ଆସିବା ଆରମ୍ଭ ହୋଇଗଲା ।

ମୁଁ ଜାଣେ ମଧୁସ୍ମିତା ତୁମେ ସୁନା ଝିଅଟିଏ । ଠିକ୍ ଏହି ଉତ୍ତର ହିଁ ମୁଁ ତୁମ ଠାରୁ ଆଶା କରୁଥିଲି । ଭଗବାନଙ୍କ ଦୟାରୁ ତୁମେ ଭଲରେ ରୁହ । ମଉସାଙ୍କ ସମ୍ମାନ ପ୍ରତି ନଜର ରଖିବ । ତୁମକୁ ମୋ ରାଣ ମଧୁସ୍ମିତା ଅଜି ପରଠାରୁ କେବେ ବି ମୋତେ ଫୋନ୍ କିମ୍ବା ମେସେଜ୍ କରିବ ନାହିଁ । ଆଶା କରେ ତୁମେ ନିଶ୍ଚୟ ମୋ ରାଣ ରଖିବ ।

ବନ୍ୟା ଜଳ ବନ୍ଧ ବାଡ ଭାଂଗି ଧସେଇ ପଶିଲା ଭଳି ମଧୁସ୍ମିତା ଆଖିରୁ ଅନବରତ ଲୁହ ଧାର ଗଡି ଚାଲିଥାଏ । ଆରେ ଇଏ କଣ ମୁଁ ପରା ନିଜେ ସାଙ୍ଗମାନଙ୍କୁ କହୁଥିଲି ଆଜିକାଲି ଦୁନିଆରେ ସତ ପ୍ରେମ ମିଳେନାହିଁ । ସତ ପ୍ରେମ କେବଳ ଉପନ୍ୟାସ ଆଉ କବିତାରେ ମିଳେ । ପ୍ରେମ ପାଇଁ କେହି ବି କାନ୍ଦନ୍ତି ନାହିଁ । କେବଳ ଫସେଇବା ପାଇଁ କାନ୍ଦିବାର ଅଭିନୟ କରନ୍ତି । ପ୍ରେମ ନୁହଁ କିଛି ସ୍ୱାର୍ଥ ପାଇଁ । ଆଜି ମୋ ନିଜ ଆଖିରୁ ଅଜଣାତରେ କେମିତି ଗରମ ଲୁହ ଗୁଡାକ ନରମ ଗାଲକୁ ସ୍ପର୍ଶ କରି ବହିଯାଉଛି । ମନର ମନାକୁ ଲୁହ ମାନୁନି ଜମା ।

ବାବୁ ଆଉ ମଧୁସ୍ମିତା ପିଲାଦିନର ସାଙ୍ଗ । ଗୋଟିଏ ସ୍କୁଲରେ ଏକାଠି ପଢୁଥିଲେ । ଭାଗ୍ୟକୁ ମିଶେଇବାର ଦାୟିତ୍ୱ ସିନା ଭଗବାନଙ୍କ ହାତରେ ଥାଏ । ଅମାନିଆ ମନ କେତେବେଳେ କାହା ମନ ସହ ମିଶିଯାଏ ଜଣା ପଡେନା । ଆଜି ଯାଏ ସମ୍ପର୍କ ବନ୍ଧୁତ୍ୱ ନାଁରେ

 Download Magazine from www.aahwaan.com

ଚାଲିଥିଲା, ମାତ୍ର ସେଇ ନିବିଡ ବନ୍ଧୁତ୍ୱ ମଧ୍ୟରେ ଅନେକ ପ୍ରେମ ଲୁଚିଥିଲା ।

ଆଗରୁ ଅନେକ ଥର ଏମିତି ଛୋଟ ମୋଟ ଝଗଡା ହୁଏ ମାତ୍ର କେଇଟା ମୁହୂର୍ତ୍ତ ଭିତରେ ସବୁ ରାଗ, ଅଭିମାନ ଉଭେଇ ଯାଏ । ପୁଣି ପୂର୍ବ ପରି ଥଟ୍ଟା ମଜ୍ଜା ଆରମ୍ଭ ହୋଇଯାଏ । ମାତ୍ର ଏଇଥର ଏହି ଛୋଟିଆ କାରଣଟା କଣ ମଜଭୁତ ମୂଳଦୂଆ ଉପରେ ଗଢା ହୋଇଥିବା ବନ୍ଧୁତ୍ୱର ପ୍ରାଚୀରକୁ ଭାଙ୍ଗି ଧ୍ୱଂସ କରିଦେବ ?

ରାତି ଅନେକ ହେଲାଣି ଶୋଇବାକୁ ଚେଷ୍ଟା କରୁଥାଏ ମଧୁସ୍ମିତା । ଏ ବାଦୁଆ ନିଦଟା ବି ବାଦ କରି ଆଜି ଆଖିର ଠିକଣା ଖୋଜି ପାଉନି । କଡ ଲେଉଟାଇ ଲେଉଟାଇ ସକାଳ ହେଲା । ବାରମ୍ବାର ମନରେ ଗୋଟିଏ ପ୍ରଶ୍ନ, କେଉଁ ଦୋଷ ପାଇଁ ଫୋନ୍ କିମ୍ବା ମେସେଜ୍ କରିବାକୁ ମନାକରିଲା ବାବୁ ।

ସକାଳୁ ଉଠି ଫୋନକୁ ଦେଖିଲା ମଧୁସ୍ମିତା । କନ୍‌ଟାକ୍ଟ ଲିଷ୍ଟରୁ ବାବୁର ନମ୍ବର ବାହାର କରିଲା । ଭାବିଲା ଥରଟେ ଫୋନ୍ କରି ପଚାରିଦେବି ନ ହେଲେ ସାରା ଜୀବନ ସେଇ ପ୍ରଶ୍ନର ଅଡୁଆ ସୂତା ଭିତରେ ଛନ୍ଦି ହୋଇ ରହିଯିବି ।

ନା ନା ଫୋନ କରିବିନି ବାବୁ ପରା ରାଣ ପକେଇଚି । ଯାହାକୁ ହୃଦୟରେ ରଖିଛି ତା ରାଣକୁ କେମିତି ଭାଙ୍ଗି ପାରିବି । ଫୋନ୍‌ରୁ ବାବୁର ନମ୍ବର ଡିଲିଟ୍ କରିଲା । ସବୁ ମେସେଜ୍‌କୁ ଆଉଥରେ ଭଲକି ପଢି ଡିଲିଟ୍ କରିଦେଲା ହ୍ୱାଟ୍‌ସପ୍ ସବୁଥିରୁ ବ୍ଲକ୍ କରିଦେଲା ବାବୁକୁ ।

ଯେତେ ବି ଚେଷ୍ଟା କରୁଥାଏ ମଧୁସ୍ମିତା ବାବୁକୁ ଭୁଲିଯିବା ପାଇଁ ବାବୁର ଭାବନା ସେତେ ଅଧିକଥର ତାର କୋମଳ ହୃଦୟର କାନ୍ଥକୁ ଦୋହଲାଇ ଦେଉଥାଏ । ସେଇ ସବୁ ଦୁଃଖକୁ ଭୁଲିଯିବା ପାଇଁ ଯେତେବେଳେ ଗୀତ ଶୁଣେ ଲାଗେ ଗୀତିକାର ମାନେ ଯେମିତି

 Download Magazine from www.aahwaan.com

ମଧୁସ୍ମିତାକୁ କେନ୍ଦ୍ର କରି ସବୁ ବିରହ ସଂଗୀତ ଲେଖିଛନ୍ତି । ଅଣନିଶ୍ୱାସୀ ପରି ଲାଗେ । ଯେତେ ସମୟ ଅନଲାଇନ୍‌ରେ ରହିଲେ ବି ବାବୁର ଅଭାବକୁ ଅନ୍ୟ କେହି ବି ପୂରା କରିପାରନ୍ତି ନାହିଁ ।

ଅଶ୍ରୁଳ ଆଖିରେ ନିଶିର ନିଶବ୍ଦ ପ୍ରହରେ ଅନେକ ଥର ଶିହରି ଉଠିଚି ମଧୁସ୍ମିତା । ପାଖରେ ଶୋଇଥିବା ମା'ଙ୍କ ନିଦ ଭାଙ୍ଗିଯାଏ ।

କଣ ତୁ ଏଯାଏଁ ଶୋଇନୁ ? ନା ମା' ଆଜି କାହିଁ ନିଦ ହେଉନି । ଦିନରେ ତ କୁମ୍ଭକର୍ଣ୍ଣ ପରି ଶୋଉଚୁ ଯେ ସଞ୍ଜ ନ ଗଡିବା ଯାଏ ବିଛଣା ଛାଡୁନୁ ଏବେ କୋଉଠୁ ନିଦ ଆସିବ ।

ପ୍ରକୃତରେ କିନ୍ତୁ ମଧୁସ୍ମିତା ଦିନରେ ଶୁଏନି । ଘରର କବାଟ ଝରକା ବନ୍ଦ କରି ଚାରିକାନ୍ଥର ସେଇ ଆବଦ୍ଧ ପୃଥିବୀକୁ ଅନ୍ଧାର କରି ହୀରା ପରି ଝଟକୁଥିବା ବାବୁର ସ୍ମୃତିକୁ ସାଉଁଟୁସାଉଁଟୁ କେତେବେଳେ ଗୋଧୂଳି ବେଳା ଗଡିଯାଇ ଅନ୍ଧାର ହୋଇଯାଏ ଜଣା ପଡେନି ।

ବନରେ ନିଆଁ ଲାଗିଲେ ଧୂଆଁ ସିନା ଗଗନକୁ ଛୁଇଁଥାଏ, ମନରେ ନିଆଁ ଲାଗିଲେ ସହି ହୁଏ ନା ଅନ୍ୟକୁ କହିହୁଏ ।

ବିରହ ବହ୍ନିରେ ଦଗ୍ଧ ପ୍ରାଣର ଯଂତ୍ରଣା କେତେ ଯେ ଭୟଙ୍କର ସେ କଥା ଜଣେ ବିରହିଣୀ ବ୍ୟତୀତ ଅନ୍ୟ କିଏ ବା ବୁଝିପାରିବ । ସେଇ ଯଂତ୍ରଣାକୁ ପାଥେୟ କରି ବଞ୍ଚିବା ଶିଖିଯାଇଥାଏ ମଧୁସ୍ମିତା । ଦିନ ପରେ ଦିନ ବିତିଯାଏ । କ୍ୟାଲେଣ୍ଡରର ପୁରୁଣା ପୃଷ୍ଠା ଲେଉଟି ନୂଆ ବର୍ଷଟିଏ ଆସେ । ସେଇ ନୂଆବର୍ଷର ନୂଆ ଦିନଟି କିଛି ବି ଫରକ ପକାଇଲାନି ମଧୁସ୍ମିତାକୁ । କୌଣସି ସାଙ୍ଗକୁ ଫୋନ୍ କରି ନୂଆବର୍ଷର ଶୁଭେଚ୍ଛା ଜଣେଇଲାନି ମଧୁସ୍ମିତା । ଦିନ ୧୦ଟା ହେବ ଗୋଟିଏ ନମ୍ବରରୁ ଫୋନ୍ ଆସିଲା । ମଧୁସ୍ମିତା

 Download Magazine from www.aahwaan.com

ନମ୍ବରଟିକୁ ଦେଖିଲା । ଚିହ୍ନା ଚିହ୍ନା ଲାଗିଲା । ଭଲ କି ଦୁଇଥର ଦେଖିଲା ।

ଇଏ ତ ବାବୁର ନମ୍ବର । ସେଦିନ ବାବୁର ନମ୍ବରକୁ ଫୋନ୍‌ରୁ ସିନା ଡିଲିଟ୍ କରିଥିଲା ଚେଷ୍ଟା କରି ବି ହୃଦୟରୁ କାଢି ଫିଙ୍ଗି ପାରିନଥିଲା । ଇତି ମଧ୍ୟରେ ଫୋନ୍ ବି ଥରେ କଟି ଦ୍ୱିତୀୟ ଥର ରିଙ୍ଗ ହେଉଥାଏ ।

କଣ କରିବି କଥା ହେବି ବାବୁ ସହ । ନା କାହିଁକି କଥା ହେବି । ମୋ ହୃଦୟ କଣ ଗୋଟେ ବାଲିଘର ହୋଇଛି ଯେ ଯେତେବେଳେ ଚାହିଁବ ଭାଙ୍ଗିଦେବ, ମନ ହେଲେ ଗଢିଦେବ । ଏତେଦିନ ପରେ ବାବୁ ଫୋନ୍ କରିଥିବାରୁ ଟିକେ ଖୁସି ବି ହେଲା କିନ୍ତୁ ଫୋନ୍‌କୁ ଅଫ୍ କରିଦେଲା ମଧୁସ୍ମିତା ।

ମନଟା ଭାରି ଭାରି ଲାଗୁଥାଏ । ନିଜକୁ ଆନମନା କରିବାକୁ ଯାଇ ଫୋନ୍‌ରେ ନିଜର ବହୁତ ଗୁଡିଏ ଷ୍ଟାଇଲିସ୍ ଫଟୋ ଉଠାଇ ମା'ଙ୍କୁ ଦେଖାଇଲା । ମା' କହିଲେ ଏମିତି ଡ୍ରେସ୍‌ରେ କଣ ଷ୍ଟାଇଲ୍ ମାରି ଫଟୋ ଉଠାଉଛୁ । ଯଦି ବାହାର ଲୋକ କିଏ ଦେଖିବ କଣ ଭାବିବ ?

ମଧୁସ୍ମିତା କହିଲା ଓହୋ ମା, ମୋ ମୋବାଇଲର ଫଟୋ ବାହାର ଲୋକ କେମିତି ଦେଖିବେ ଯେ ମୁଁ ଯେବେ ତୁମ ବୟସର ହୋଇଯିବି ଏଇ ସବୁ ଫଟୋ ଦେଖିଲେ ଖୁସି ହେବି । ବେଳେ ବେଳେ ଭବିଷ୍ୟତ ପାଇଁ କିଛି ସ୍ମୃତି ସାଇତି ରଖିବାକୁ ପଡେ ।

ନିୟତିର ଗତି ବଡ ବିଚିତ୍ର କେତେବେଳେ କାହାକୁ କାହା ସହ କେମିତି ଯୋଡି ଦିଏ ।

ତାହା କେବଳ ସେଇ ଭଗବାନଙ୍କୁ ଜଣା । ଦିନେ ମଧୁସ୍ମିତା ଗାଁର ପାଖ ଶିବ ମନ୍ଦିରକୁ ଯାଇଥାଏ । ସେଇଠି ଆକସ୍ମିକ ଭାବେ ବାବୁ ସହ ଦେଖା ହୋଇଗଲା । ମଧୁସ୍ମିତା ନ ଦେଖିଲା ପରି ଚାଲି ଆସୁଥାଏ । ପଛରୁ ବାବୁ ଡାକିଲା । ମଧୁସ୍ମିତା ଅଟକିଗଲା । ବାବୁ କହିଲା ମୁଁ ଜାଣେ ମୋର ସବୁ ଭୁଲ । ତମକୁ ଏମିତି ମେସେଜ୍ ଦେବା ଠିକ୍ ନଥିଲା ମୋର ।

Download Magazine from www.aahwaan.com

ହେଲେ ସେଦିନ ସାଙ୍ଗ ମାନଙ୍କ ଚକ୍ରାନ୍ତରେ ପଡି ମୁଁ ଏମିତି ଗୋଟିଏ ନିଷ୍ଠୁର ନିଷ୍ପତି ନେଇଥିଲି । ଦୟାକରି ମୋତେ କ୍ଷମା କରିଦିଅ । ମଧୁସ୍ମିତା ଚୁପ ଚାପ ଠିଆ ହୋଇଥାଏ । କିଛି ବି କହିଲାନି । ବାବୁ କହିଲା ଦେଖ ତମ ମନରେ ଯେତେ ବି ରାଗ ଅଭିମାନ ଅଛି ସବୁ ଏକାଠି କରି ସର୍ବସମ୍ମୁଖରେ ଶକ୍ତ ଚାପୁଡାଟିଏ ମତେ ମାର, ହେଲେ ଏମିତି ଚୁପ୍ ରୁହନି ।

ମଧୁସ୍ମିତା କହିଲା ଏଇଟା ଆମ ଗାଁ ମନ୍ଦିର । ସବୁ ଲୋକ ମୋର ଏଠି ଚିହ୍ନା । ଯିଏ ଦେଖିବ ମୁଁ ତୁମ ସହ କଥା ହେଉଛି କଣ ଭାବିବ, ତେଣୁ ମୁଁ ଏବେ ଯାଉଛି ।

କିଛି ସମୟ ପରେ ମଧୁସ୍ମିତାର ଫୋନ୍‌କୁ ବାବୁର ମେସେଜ୍ ଆସିଲା । ମଧୁସ୍ମିତା ତୁମକୁ ଗୋଟିଏ ଜରୁରୀ କଥା କହିବାର ଅଛି । ଆଜି ଅପରାହ୍ନରେ ଗାଁର ଶେଷ ମୁଣ୍ଡରେ ନୀରବରେ ଶୋଇ ରହିଥିବା ସେଇ ଶୁଖିଲା ନଈ କୂଳରେ ମୁଁ ତୁମକୁ ଅପେକ୍ଷା କରିଥିବି । ଆଶା କରେ ତୁମେ ଆସିବ ।

ମଧୁସ୍ମିତା ଭାବିଲା କଣ ଜରୁରୀ କଥା କହିବାକୁ ଡାକିଛି । ହଉ ଡାକିଛି ଯଦି ଶେଷ ଥର ପାଇଁ ଦେଖା କରି ଆସିବି ।

ଅପରାହ୍ନ ହେବା ମାତ୍ରେ ମଧୁସ୍ମିତା ବାହାରିଲା । କିଛି ଡ୍ରେସ୍ ଟେଇଲରକୁ ଦେବାର ଥିଲା । ମା'ଙ୍କୁ କହିଲା ମୁଁ ମାର୍କେଟ୍ ଯାଉଛି ଡ୍ରେସ୍ ଫିଟିଙ୍ଗ୍ କରିବି, ତେଣୁ ଟିକେ ଡେରି ହେବ । ମା' କହିଲେ ଅନ୍ଧାର ହେବା ଆଗରୁ ଫେରି ଆସିବୁ ।

ଏଣେ ବାବୁ ଆଶା ଆଉ ଆଶଙ୍କା ମଧ୍ୟରେ ବୁଡି ରହିଥାଏ । ସତରେ କଣ ମଧୁସ୍ମିତା ଆସିବ । ଯଦି ବି ଆସେ ମୁଁ ତାକୁ କେଉଁ ଜରୁରୀ କଥା କହିବି । ଏମିତି ଅନେକ ପ୍ରଶ୍ନର ଉତ୍ତର ଖୋଜୁ ଖୋଜୁ ମଧୁସ୍ମିତା ଆସି ପହଞ୍ଚିଲା । ଅଭିମାନ ଭରା ହୃଦୟରେ କହିଲା କଣ ଜରୁରୀ କଥା କୁହ । ବାବୁ ନିଜକୁ ଦୋଷୀ ମନେ କରୁଥାଏ । ମଧୁସ୍ମିତାର ନଜରରେ ନଜର

Download Magazine from www.aahwaan.com

ମିଶେଇ ନପାରି ମୋବାଇଲକୁ ଦେଖି ଦେଖି କହିଲା, ତୁମେ ଆସିଲ ମୁଁ ବହୁତ ଖୁସି ।

ତୁମେ ସେ ମୋବାଇଲ୍‌ଟା ବନ୍ଦ କର ତା ପରେ କଥାବାର୍ତ୍ତା । ଯଦି ମୋବାଇଲ୍‌ରେ ଲାଗିବାର ଥିଲା ତ ମୋତେ କାହିଁକି ଡାକୁଥିଲ ? ଦେଖ ମୁଁ ଖୋଲାଖୋଲି କହିଦେଉଛି ତୁମର ବ୍ୟବହାର ମୋତେ ଜମା ଭଲ ଲାଗୁନି । ଆଉ ହଁ, ଶୁଣ ମୁଁ ତୁମ ପାଖରେ ଥିବା ବେଳେ ତୁମେ ମୋବାଇଲ୍‌ରେ ହାତଦେବନି କି ମୋର ଫଟୋ ନେବନି । ତୁମେ ପୁଅ ପିଲାଙ୍କ ଉପରେ ବିଶ୍ୱାସ ନାହିଁ । କେଜାଣି କେତେବେଳେ କେଉଁ ଅବସ୍ଥାରେ ତମେ ଫଟୋ ନେଇଯିବ । ସତ କହୁଛି ସେ ମୋବାଇଲ ଯଦି ଆଉ ଥରେ ଦେଖିବି ନା, ମୁଁ ସିଧା ଫେରିଯିବି ।

ନିଜ ମୋବାଇଲ ଟା ହଜେଇଦେବା ପରେ ମଧୁସ୍ମିତା ମନେ ପକାଉଥିଲା ବାବୁ କଥା । ସେ କେତେ କଥା କହି ବାବୁକୁ ତାଗିଦ୍ କରୁଥିଲା, ଏବେ ତା ନିଜ ମୋବାଇଲ୍ ସେ ଖୋଜି ପାଉନି । ଗତ ସଂଧ୍ୟାରେ ମାର୍କେଟ୍ ଯାଇଥିଲା ସେଇଠି କୋଉଠି ଛାଡି ଦେଇ ଆସିଲା କି ? ମୋବାଇଲ୍‌ରେ ଯେଉଁ ସବୁ ଛବିଥିଲା, ତାହା ଯଦି କାହା ହାତରେ ପଡେ !!!

ଏମିତି ଭାବନାରେ ମଧୁସ୍ମିତା ମନସ୍ତାପ କରୁଥାଏ । ଦାଣ୍ଡ କବାଟରେ ଠକ୍ ଠକ୍ ଶବ୍ଦ ଶୁଭିଲା । ମଧୁସ୍ମିତା ଯାଇ ଦେଖେ ତ ବାବୁ ଆସିଛି ।

ବାବୁ - ମଧୁସ୍ମିତା ଏଇ ମୋବାଇଲ୍‌ଟା ତୁମର କି ? କାଲି ସଂଧ୍ୟାରେ ଗଳି ରାସ୍ତା ଦେଇ ମାର୍କେଟରୁ ଫେରିଲା ବେଳେ ପାଇଲି । ମୋବାଇଲ୍‌ର କଭର୍‌ରୁ ମୁଁ ଜାଣିପାରିଲି ତମର ହେଇଥିବ । ଦେଖୁନ, ମୋ ମୋବାଇଲ୍‌ର କଭର୍ ଆଉ ଏଇ ମୋବାଇଲ୍‌ର କଭର୍ ସମାନ । ତେଣୁ ମୁଁ ନିଶ୍ଚିତ ହୋଇ ତମ ପାଖକୁ ଆସିଲି । ତୁମେ କଣ ଭୁଲିଯାଇଛ ମଧୁସ୍ମିତା ଯେ, ଆମେ ଦୁଇଟି ଏକା ପରି ଲାଗୁଥିବା ମୋବାଇଲ୍ କଭର ଅନ୍‌ଲାଇନରେ ଅର୍ଡର କରିଥିଲେ ।

Download Magazine from www.aahwaan.com

ମଧୁସ୍ମିତା ମୋବାଇଲ୍‌ଟା ଦେଖି କହିଲା ଆରେ ଏଇ ତ ମୋ ମୋବାଇଲ୍ । ପରନ୍ତୁ ମଧୁସ୍ମିତା ଖୁସି ହେବା ପରିବର୍ତ୍ତେ ରାଗିଗଲା ଓ କହିଲା ମୁଁ ଜାଣେ ବାବୁ ତମେ ଠିକ୍ ଭାବରେ ଜାଣିଛ ମୋ ମୋବାଇଲ୍‌ର ସିକ୍ରେଟ୍ କୋଡ୍ କଣ, ତେଣୁ ମୋ ମୋବାଇଲ୍‌ରେ ଥିବା ଛବି ଗୁଡାକ ଦେଖିବାରେ ତୁମକୁ କିଛି ଅସୁବିଧା ହୋଇନଥି ।

ବାବୁ କହିଲା ମଧୁସ୍ମିତା ମତେ ବିଶ୍ବାସ କର । ହଁ ତୁମର ସଜ ଗୋଲାପ ଫୁଲର ପାଖୁଡା ପରି ଦିଶୁଥିବା ଓଠ, ରେଶମୀ କେଶର ଛବିକୁ ଦେଖିବା ପାଇଁ ମୋର ଆଗ୍ରହ ଥିଲା । ତଥାପି ମୋର ମାନବିକତା ମୋତେ ଶକ୍ତ ବାରଣ କରିଲା ସେଇ ସବୁ ଛବିକୁ ଦେଖିବା ପାଇଁ । ଜଣେ ଝିଅର ବିନା ଅନୁମତିରେ ତାର ଛବି ଦେଖିବା ନିଶ୍ଚିତ ଭାବେ ଏକ ଅପରାଧ । ତେଣୁ ମୁଁ ତୁମ ଛବି ଦେଖିନି ।

ତା' ଛଡା ଏଇ ମୋବାଇଲ୍ ତୁମର ନ ହୋଇ ଯଦି ମୋ ଭଉଣୀର ହୋଇଥାନ୍ତା ଅନ୍ୟ କେହି ପାଇ ମୋ ଭଉଣୀର ଛବି ଦେଖିଥିଲେ ମୁଁ କେବେ ବି ସହ୍ୟ କରି ପାରିନଥାନ୍ତି ।

ମଧୁସ୍ମିତା ହୃଦୟରୁ ସବୁ ଅଭିମାନ ଉଭେଇ ଗଲା । ନିଜ ଅଜଣାତରେ ଆଖିରୁ ଦୁଇ ଟୋପା ଲୁହ ଗଡିଗଲା । ତାର ଭଙ୍ଗା ହୃଦୟଟା ଯୋଡି ହୋଇଗଲା । ବାବୁ କହିଲା ଥାଉ ମଧୁସ୍ମିତା ତୁମେ ଆଉ କାନ୍ଦନି । ତୁମର ଏଇ ଦୁଇ ଟୋପା ଲୁହରେ ମୋବାଇଲ୍‌ରେ ଥିବା ଛବି ସବୁ ଧୋଇ ନ ହୋଇଯାଉ ।

"ଭାଙ୍ଗି ଯାଇଥିବା ସମ୍ପର୍କରେ ପୁଣି ଥରେ ନିବିଡତା ଭରିବା ପାଇଁ ହେଲେ ପ୍ରଥମେ ବିଶ୍ବାସକୁ ଜିତିବାକୁ ହୁଏ ।"

ସାହାନିୟାଜ ପୁର, କଟକ

Download Magazine from www.aahwaan.com

# ରାକ୍ଷସର ଛାଇ



ଅଶୋକ କୁମାର ସେଠୀ

ଦୋଷ ତ ତାଙ୍କରି ; ଯିଏ ନାରୀ ଦେହରେ
ଭରିଦେଲେ ଏତେ ରୂପ ଓ ଯୌବନ ,
ଯିଏ ପୁରୁଷ ଦୃଷ୍ଟିରେ ଭରିଦେଲେ ସୌନ୍ଦର୍ଯ୍ୟର ପିପାସା ।

- ଯାଜ୍ଞସେନୀ

ମଧୁସ୍ମିତା ଦିଗବଳୟ ଆଡକୁ ଏକ ଲୟରେ ଚାହିଁ ରହି ଭାବନାରେ ରେ ମଗ୍ନ । ମନ ଭିତରେ କେତେ କଣ ଟୁପୁର ଟାପୁର ଶବ୍ଦ । ଜୀବନ ରାସ୍ତାର ଦୋ ଛକିର ସେ ଏବେ ଦଣ୍ଡାୟମାନ । ନିଶ୍ଚିତ ହୋଇ ପାରୁନି କେଉଁ ବାଟ ତାକୁ କେଉଁ ଆଡକୁ ନେବ । ଅତୀତକୁ ମନରୁ ଲିଭେଇ ପାରନ୍ତି ହେଲେ... ଭବିଷ୍ୟତ ଉପରେ କିଛି ଭରସା ରଖି ପାରନ୍ତି । ଦଇବର କୃର ଦୃଷ୍ଟି ମଧୁସ୍ମିତା ଉପରେ ଏମିତ ନିବିଢ ହେବ ଉତ୍ତାରୁ ସେ ସୁଖ କଣ ଦୁଃଖ କଣ ସଠିକ ଭାବେ ଠଉରାଇ ପରିବାକୁ ଅକ୍ଷମ ଓ ଅସମର୍ଥ । ହଁ, ଏଇଟା ନିଶ୍ଚିତ କଥା ଦୁଃଖ ନିଜର ତା ଆପଣାପଣ ଖୁବ ନିବିଡ । ଖୁବ ଶକ୍ତ ଭାବେ ଜାବୁଡି ଧରିଥାଏ ଆପଣାପଣକୁ । ଦିଗବଳୟ ପରି ଇପ୍ସିତ ଆଶା, ହେଲେ ଶୂନ୍ୟତାର ପରସ୍ତ ପରସ୍ତ ବେହରଣ । ଏମିତ ସବୁଥର ମନକୁ ବୁଝେଇ ବୁଝେଇ ମନ ଭିତରର ମନଟା କେଉଁ ଦିନଠୁ ମରିଗଲାଣି । କିଏ କାହାକୁ ପରାସ୍ତ କଲା କଣ, ଏମିତ ଜିଣିଗଲ ଯେ ବିଜୟର ଡିଣ୍ଡିମ ପିଟୁଛ ! ତମେ ଦୁଇ ପ୍ରତିଦ୍ୱନ୍ଦୀ ଭିତରେ ମୁଁ କାହିଁକି କାହା ପକ୍ଷକୁ ଅଣେଇ ହୋଇରହିବି ? କେଉଁ ଡାଳକୁ ଧରିଥାନ୍ତି ? ମୁଁ ଏବେ ଯେଉଁ ଗଭୀର ଦରିଆରେ ଗୋଡ ତ ତଳକୁ ତଳକୁ ସିନା, କାହିଁକି

Download Magazine from www.aahwaan.com

ପଚାରୁଛ କୁଳର ଦୂରତା ? ମଧୁସ୍ମିତା ସେମିତି ଦିଗବଳୟ ଚାହିଁ ରହି ରହିଛି ପୂର୍ବବତ ଦିଗ୍‌ବଳୟ ଏବେ ତମସାଛନ୍ନ  ବେଳୁ ବେଳ ଘନ ଅନ୍ଧକାର ଆବୋରି ବସୁଛି ।

ମଧୁସ୍ମିତା ତା ଅତୀତ ପୃଷ୍ଠା ଉପରେ ବିହଙ୍ଗାବଲୋକନ କରୁ କରୁ ନିର୍ଦ୍ଧିଷ୍ଟ ପୃଷ୍ଠା ଉପରେ ଆଖି ଅଟକି ଯାଇଛି । ସୁଯୋଗଟିଏ ମିଳିଲେ ମଣିଷ ରାକ୍ଷସ ପାଲଟି ଯିବାକୁ ବେଶୀ ସମୟ ଲାଗେନି, ମେଣ୍ଟାଇବାକୁ ଯାନ୍ତବୀୟ ଭୋକ... ହିଂସ୍ରଠାରୁ ହିଂସ୍ର ଏମାନେ, ସହସା ନଛ ନଛ ଶୁଭେ କା ରାମ୍ପୁଡା ନଖ... ସୁନ୍ଦରୀ ହୋଇ ରାକ୍ଷସ ମାନଙ୍କ କଟାସ ଆଖିରୁ ବର୍ତ୍ତିବା ଏମିତ ସହଜ କଥା ନୁହେଁ । ତମ ଅଲକ୍ଷ୍ୟରେ ଖୋଜୁଥିବ ରାକ୍ଷସକୁ ଜଙ୍ଗଲ କି ଅନ୍ଧାରି ଗୁମ୍ଫାରେ, ସେ କିନ୍ତୁ ବିରାଜୁଥିବା ଆପଣା ମାନଙ୍କ ଭିତରେ ..

ମଧୁସ୍ମିତା ପିଲାଟି ବେଳୁ ଦେଖିବାକୁ ଉଉଲ ଡାଉଲ ଅବିକଳ କଣ୍ଢେଇଟିଏ ପରି । ଧୀରେ ଧୀରେ ବୟସ ବଢିବାସହ ସୌନ୍ଦର୍ଯ୍ୟର ଚର୍ଚ୍ଚା ବ୍ୟାପିବାକୁ ଲାଗିଲା ଆଖ ପାଖ ସବୁଠି । ଅପୂର୍ବରୂପ ଲାବଣ୍ୟ ସତେକି ସଦ୍ୟ ପ୍ରସ୍ଫୁଟିତ କୁସୁମକାନ୍ତି । ଅପଲକ ନୟନେ ଯେ କେହି ମୁହୂର୍ତ୍ତେ ଚାହିଁ ରହିବାକୁ ଲୋଭ ବଳେଇବ । ଘରଠାରୁ ଅନତି ଦୂରରେ ସ୍କୁଲ । ସେ ସବୁଦିନ ସ୍କୁଲକୁ ଚାଲି ଚାଲି ଯାଏ । ଘରଠାରୁ ସ୍କୁଲ ଭିତରେ କେତେ ଦୁଷ୍ଟ ନଜର ତା ଆଖ ପାଖ ଘୁରିବୁଲୁଥାନ୍ତି ସେ ହିସାବ ରଖିବାକୁ ଅସମର୍ଥ ।  ଏତେ ଭିଡ ଭିତରେ ବି ମଧୁସ୍ମିତା ସେ ଆଗ ପାନଦୋକାନ ଆଗରେ କାହିଁକି କେଜାଣି ତୀର୍ଯକ ଦୃଷ୍ଟିଟିଏ ଫେରାଇ ଦେବାକୁ ତା ମନ କହେ । ସେ ଦୁଇ ଆଖି ମିଳିବାକୁ ଆଉ ବେଶୀ ଦିନ ଲାଗିଲାନି । ସେ ପାନଦୋକାନରେ ଯେତେ ଭିଡ ଲାଗିଥିଲେ ସୁଦ୍ଧା ସ୍କୁଲ ସମୟ ହେଲେ ତା ମନ ତା ଭିତରେ ଅଣନିଶ୍ୱାସୀ ହୋଇ ଯାଏ । ଛିଟିକି ଆସିବାକୁ ଅଥୟ ହୁଏ । ବାବୁ ଦଶମ ଫେଲ ହେବା ପରେ ସେ ପାନ ଦୋକାନରେ ନିଜ ଭବିଷ୍ୟତ ସ୍ୱପ୍ନକୁ ସେ ଏଇଠି ଭେଟିଛି । ସେ ଏତିକି

 Download Magazine from www.aahwaan.com

ବୁଝିଛି ପରିଶ୍ରମୀ ପକ୍ଷେ ଭାଗ୍ୟ । ସାକାର କରିବାପରେ ଚେଷ୍ଟା ନିରନ୍ତର ଜାରି ରହିବା ଅନିବାର୍ଯ୍ୟ । ମଧୁସ୍ମିତାକୁ ଦେଖିବା ଦିନରୁ ସ୍କୁଲ ଗଲାବେଳେ ଏମିତ ଏକ ଲୟରେ ଚାହିଁ ରହେ ଚାତକ ପରି । ସ୍କୁଲ ଛୁଟିରେ ଆନିକଟ ବ୍ରିଜ ତଳେ ସେମିତ ନଥି ଭଗି ଠିଆ ହୋଇଥାଏ ତା ଫେରିବା ବାଟକୁ ଚାହିଁ । ଦୁଇ ଆଖି ମିଳିବାକୁ ଆଉ ବେଶୀ ଦିନ ଲାଗିଲାନି । ଉଭୟ ଉଭୟଙ୍କୁ ଦେଖିବାକୁ ପାଇଁ ଅଥୟ ହୋଇପଡନ୍ତି ସେ ନିର୍ଦ୍ଧିଷ୍ଟ ସମୟ ପାଖେଇ ଆସିଲେ ।

ଏବେ ଦି ତିନି ଦିନ ହେବା ଯଥା ସ୍ଥାନରେ ଦେଖି ପାରୁନି ମଧୁସ୍ମିତା, ବାବୁକୁ । ଏଣେ ତେଣେ ମଧୁସ୍ମିତାର ନଜର ଖୋଜି ବୁଲୁଥାଏ ଗଲା ଅଇଲା ବାଟରେ । ତା ପାନଦୋକାନ ବି ବନ୍ଦ । ଆଜି କାଲି କାଇଁ ବାଟ ସାରା ଏତେ ଗହଳି ସତ୍ତ୍ୱେ ଖାଁ ଖାଁ ଲାଗୁଛି । ମନ ଖୁବ ଅସ୍ଥିର ଓ ଉଦାସ ହୋଇ ପଡୁଛି ମଧୁସ୍ମିତାର । ଠିକ ଚାରିଦିନ ପରେ ବାବୁ ଦୋକାନ ଖୋଲି ଚିରାଚରିତ ଢଙ୍ଗରେ ଅନେଇ ବସିଛି ମଧୁସ୍ମିତାର ବାଟକୁ । ମଧୁସ୍ମିତା ଆସିଲା ସିଧା ସିଧା ଚାଲିଗଲା ସ୍ମିତ ହାସ୍ୟ ତ ଦୂରର କଥା ଆଡ ଆଖିରେ ବି ଚାହିଁଲାନି । ସ୍କୁଲରୁ ଫେରିବା ବେଳେ ବି ଅନୁରୂପ ଭାବେ ମୁହଁକୁ ଫୁଲେଇ ମୁହଁ ଫେରେଇ ଚାଲିଗଲା ମଧୁସ୍ମିତା । ଏ ଅଭିମାନର ଭାବକୁ ବାବୁ ବେସ ବୁଝି ପାରିଥିଲା । ସମୟାନୁକ୍ରମେ ଦେଖା ଚାହାଁରୁ ହାଲୁକା କଥା, କଥାରୁ ଆରମ୍ଭ ହୋଇଯାଏ ମନ ଦିଆନିଆ । ଏ କଥା ମଧୁସ୍ମିତାର ଅଙ୍କଲ କାନରେ ପଡ଼ିଲାଣି ।  ସେ ମଧୁସ୍ମିତାକୁ ତାଗିତ କରିବା ସହିତ ବାବୁ ସହିତ ନ ମିଶିବାକୁ ବାରଣ କଲେ । ଆଜିକାଲି ମଧୁସ୍ମିତାର ଅଙ୍କଲ ମଧ୍ୟ ଲୁଚିଛପି ମଧୁସ୍ମିତାକୁ ଗୋଡ଼େ ଗୋଡ଼େ ଜଗିବା ଆରମ୍ଭ କରିଦେଲେଣି ।

ହଠାତ ଦିନେ ଅଙ୍କଲ ନଜର ଏମାନଙ୍କ ଉପରେ ପଡିଲା ।  ଅଙ୍କଲ ରାଗରେ ରକ୍ତ

Download Magazine from www.aahwaan.com

ଚାଉଳ ଚୋବାଉଥାନ୍ତି । ରାଗ ପଞ୍ଚମରେ । କର୍କଶ ସ୍ୱରରେ ମଧୁସ୍ମିତାକୁ କହିଲେ, "ଚଞ୍ଚଳ ଘରକୁ ଯାଉଛୁ ନା ନାହିଁ .. ?" ତା' ପରଦିନଠୁ ମଧୁସ୍ମିତାର ଦେଖାନାହିଁ । ନା ସ୍କୁଲକୁ ଆସୁଛି ନା ଘରୁ ପଦାକୁ ବାହାରୁଛି । ବଡ କଷ୍ଟରେ ସଭିଙ୍କ ଅଗୋଚରରେ ମଧୁସ୍ମିତା, ବାବୁକୁ ଦେଖା କରିବାକୁ ଆସିଛି । ମୁହଁକୁ ଦୁପଟାରେ ଢାଙ୍କି । ତୋତେ କିଏ କଣ କହିଲେ କି ? ତୋର କଣ ହେଇଛି ତୁ ସ୍କୁଲ ଯାଉନୁ ?ମୁଁ ତତେ ମୁହୂର୍ତ୍ତେ ନଦେଖି ମୁଁ ଯେଉଁ ବ୍ୟାକୁଳତାରେ ଅଥୟ ଅଧୀର ତୁ ବି ତ ସେମିତି ଅନୁଭବ କରୁଥିବୁ ନିଶ୍ଚୟ । ତଥାପି ତୁ... କଥା ଅଧାରେ ରହିଯାଇଛି ।  ବାବୁ ମଧୁସ୍ମିତାର ବାମ ଆଖିରେ ନଜର ପଡିଯାଇଛି । ଆଖିଟା ଅତିଶୟ ଫୁଲି କଳାଜାମ ପଡିଯାଇଛି ।

ତୋର ଏମିତ କିଏ କଲା ? ବାବୁର ଗୋରା ମୁହଁଟା କେମିତ ଲାଲ ପଡ଼ିଗଲାଣି । ଚକିତ ହୋଇ ପଚାରି ଚାଲୁଛି, ବାବୁ । ସନ୍ତୋଷ ଜନକ ଉତ୍ତର ପାଇନି ବାବୁ ।  ତତେ ମୋ ରାଣ ... ? ସତ କହ ତୋର ଏମିତ କିଏ କରିଛି  ?

ଅଙ୍କଲ ...

ସେଦିନ ସ୍କୁଲରୁ ଫେରିବା ପରେ ମତେ ବହୁତ ଗାଳି କଲେ ଆଉ... ମଧୁସ୍ମିତା ତା କୋହକୁ ଅଟକାଇ ପାରିନି ।

ବାବୁର ଆବେଗ ଏବେ ଅଣାୟତ୍ତ । ଆଉ ପଦିଏ କଥା ବି ଶୁଣିବାକୁ ନାରାଜ । ଆଜି ଶଳାକୁ ପାନେ ଦେବି । ନିଜ ଜିଦରେ ଅଟଳ ବାବୁ ।

ତମକୁ ମୋ ରାଣ ! ଦୟାକରି ତମେ ସେମିତ କିଛି ବି କରନାହିଁ । ତମେ ଏମିତ ଅବୁଝା ହୁଅନି ପ୍ଲିଜ.. ସେମାନେ ମତେ ମାରିଦେବେ । ବଡ କାକୁସ୍ଥ ହୋଇ କହିଲା ମଧୁସ୍ମିତା । ଏଥିରୁ ନିବୃତ ହେବାକୁ ସେ ବାବୁକୁ ଅନୁରୋଧ କରିଛି ।

 Download Magazine from www.aahwaan.com

ସେ କିଏ ତମ ଦେହରେ ହାତ ଦେବାକୁ ?

ମୁଁ ତମକୁ ସବୁ କଥା କହିବି । ମୁଁ ତମକୁ ଅନ୍ଧକାରରେ ରଖିବାକୁ ଚାହୁଁନି । ଏଇ କଥା ପଦକ ବାବୁର ଦିଗ ବଦଳାଇ ଦେଲା । ସେ ଅନ୍ଧକାରର ପ୍ରହେଳିକା ଜାଣିବା ପାଇଁ ସେ ଏବେ ଆତୁର । ମଧୁସ୍ମିତା ତା ଅତୀତ ପୃଷ୍ଠା ଖୋଲିବା ଆରମ୍ଭ କରିଛି ।

ମୋ ବାପା କେନ୍ଦ୍ରାପଡ଼ାରେ ଚାକିରୀ କରୁଥାନ୍ତି । ସେଠିକା ରହଣି ଭିତରେ ତାଙ୍କର ବାସି ପାଇଟି ରୋଷେଇବାସ କରିବା ପାଇଁ ଗୋଟେ ଝିଅ ନିୟମିତ ଆସେ । ସଭିଙ୍କ ଆଢୁଆଳରେ ବାପାଙ୍କର ଜନୈକ ଝିଅ ସହ ସମ୍ପର୍କ ଗଢିଉଠିଲା । ଏହା ଭିତରେ ଝିଅଟି ଅନ୍ତଃସତ୍ତ୍ୱା ହୋଇଯାଇଛି । ଏ କଥା ଝିଅଟି ବାପାଙ୍କୁ କହିଛି । ସେ ମୁହୂର୍ତ୍ତରେ ବାପା ହତବାକ । ଏହାର ପ୍ରତିକାର ପାଇଁ ସବୁ ଆଡୁ ବାଟ ବନ୍ଦ ଜାଣିପାରି ସେ ଏହାର ଆଶୁ ସମାଧାନ ପାଇଁ ତତ୍ପର ହୋଇ ଉଠିଛନ୍ତି । ଏଣେ କଟକରେ ନିଜ ପରିବାର ଏଣେ ଚାକିରୀ । ସେ ଜଣେ ଜଣେ ଝିଅର ଭବିଷ୍ୟତ ଅପେକ୍ଷା ନିଜ ମାନସମ୍ମାନକୁ ଗୁରୁତ୍ୱପୂର୍ଣ୍ଣ ମଣିଛନ୍ତି । ତେଣୁ ସେ ଏକ ବିକଳ୍ପ ଉପାୟ ପାଞ୍ଚିଲେ । ସେ ଝିଅକୁ ବୁଝାସୁଝା କରି ଅନ୍ୟତ୍ର ବିବାହ କରିବା ପାଇଁ ମନାଇଲେ । ଏବଂ ସେମାଙ୍କର ସମସ୍ତ ଖର୍ଚ୍ଚ ସେ ବହନ କରିବାକୁ ବି କଥାଦେଲେ । କଟକର ଏକ ବେସରକାରୀ ସଂସ୍ଥାର ରାତ୍ରିଜଗୁଆଳି ଭାବେ କାର୍ଯ୍ୟ କରୁଥିବା ଏକ କର୍ମଚାରୀ ସହ ତରବରିଆ ଭାବେ ବିବାହ କରିଦେଲେ । ସେ ଲୋକଟି ଦେଖିବାକୁ କଦାକାର । ଦେହ ଯାକ ଭାତୁଡ଼ି ମୟ । ତା'ର ଗୋଟିଏ ଗୋଡ ଜଖମ । ଝିଅଟି ଅନିଚ୍ଛା ସତ୍ତ୍ୱେ ଆଦରି ନେବାକୁ ବାଧ୍ୟ ହେଇଛି କି ବାଧ୍ୟ କରାଯାଇଛି ସେ କଥା ଅଦ୍ୟାବଧି ଅସ୍ପଷ୍ଟ । ସେମାନେ ରହିବା ପାଇଁ କଟକରେ ଯୋବ୍ରା ଅଞ୍ଚଳରେ ଏକ ଭଡା ଘରେ ଥଇଥାନ କରିଦେଲେ । ଏହି ପରି ଭାବରେ କିଛି ଦିନ ଅତିବାହିତ ହୋଇଛି ।  ଯା ଭିତରେ ସେ

Download Magazine from www.aahwaan.com

ଝିଅଟି ଏକ କନ୍ୟା ସନ୍ତାନର ଜନନୀ ହୋଇଛି । ଦୁଃର୍ଭାଗ୍ୟକୁ ସେ ଝିଅଟି ହେଉଛି ମୁଁ । ସେ ଝିଅଟିକୁ ଦେଖିବା ପାଇଁ ବାପା ମଝିରେ ମଝିରେ ଆସନ୍ତି । ବାପାଙ୍କର ମା' ପ୍ରତି ଏକବାର ଆସକ୍ତି ତୁଟି ଯାଇଥାଏ । ମା' ସେତେବେଳକୁ କୁଆଡେ ଅଇଁଠା ହୋଇ ଯାଇଥିଲା । ସେ ଯାହା ହେଉ ପୁରୁଷପଣିଆର ଇଗ୍ନୋ କୁଆଡେ ଏକ ମହାନ ସ୍ୱାଭୀମାନ । ନିଜ ଝିଅ ପ୍ରତି ଅନୁରାଗ ଟିକକ ସେ କିନ୍ତୁ ବଞ୍ଚେଇ ରଖିଥାନ୍ତି । ମୁଁ ସେତେବେଳକୁ ଚତୁର୍ଥଶ୍ରେଣୀରେ ପଢୁଥାଏ । ଆମ ପଡୋଶୀ ହୋଇ ଅଙ୍କଲଙ୍କ ପରିବାର । ସେ ସେତେବେଳକୁ ଯୁବକ । ମା'ର ସମବୟସ୍କ କି ବର୍ଷେ କମ ହେବ । ସେ ମତେ ଟ୍ୟୁସନ ପଢେଇବା ବାହାନାରେ ଆମ ଘରକୁ ତାଙ୍କର ଯିବା ଆସିବା ଲାଗିରହିଥାଏ । ମା'ଙ୍କ ସହ ତାଙ୍କର ମିଳାମିଶା ନିବିଡ ହେବାକୁ ଲାଗିଥାଏ । ସ୍ୱାଭାବିକ କଥା ସେ ଯେହେତୁ ମା'ର ସବୁ ବୋଲହାକ କରନ୍ତି । ଆମ ଘରକୁ ତାଙ୍କର ଅବାଧପ୍ରବେଶ । ମା' ଆଉ ଅଙ୍କଲକୁ ନେଇ ଗୁଜବ ଧିରେ ଧିରେ ଦାଣ୍ଡରେ ପଡି ହାଟରେ ପଡ଼ିବାକୁ ଲାଗିଲାଣି । ମୋ ଆଖି ଆଗରେ ବି ଏମିତ କିଛି ଦୃଶ୍ୟ ପଡିଛି । ଗୁଜବକୁ ଗୁଜବ ବୋଲି ମୁଁ ଆଉ ପରତେ ଗଲିନି । ଅଙ୍କଲ ମତେ ଏମିତ ଥଟ୍ଟା ମଜାରେ ମାଆର ଉପସ୍ଥିତିରେ ଗେଲ କରନ୍ତି ବୋକୋ ଦିଅନ୍ତି । ଦିନକର କଥା ମୁଁ ସେତେବେଳକୁ ସପ୍ତମ ଶ୍ରେଣୀରେ ପଢୁଥାଏ । ମାଆ ରୋଷେଇ ଘରେ ତା' କାମରେ ବ୍ୟସ୍ତଥାଏ । ମୋର ବଢୁଥିବା ବୟସ ଦେଖି ଅଙ୍କଲଙ୍କ ଯାବତୀୟ ଇଚ୍ଛା ସବୁ ବସାବାନ୍ଧୁଥାଏ ସଭିଙ୍କ ଆଢୁଆଳରେ । ସେ ମତେ କୋଳକୁ ଟାଣି ନେଇ ଜଡେଇ ଧରି ଗେଲ କରୁଥାନ୍ତି । ତାଙ୍କର ପ୍ରତ୍ୟେକ ସ୍ପର୍ଶ ଉଦଭିନ୍ନ କାମନାରେ ଅନ୍ଧ । ତାଙ୍କର ଅମାନିଆ ହାତ ମୋ ଶରୀରର ଥାନ ଅଥାନ ସବୁ ଜାଗାରେ ପହଞ୍ଚି ବ୍ୟାକୁଳ ପ୍ରାୟ । ମୁଁ ଚାହିଁଲେ ବି ସେ କବଳରୁ ମୁକୁଳି ପାରୁନଥାଏ । ଏ ଭିତରେ ଥର ଥର କରି କେତେ ଥର ଏମିତ ହେଲାଣି । ମାଆ କିନ୍ତୁ ଏ

 Download Magazine from www.aahwaan.com

କଥା ଜାଣି ପାରୁନଥାଏ । ମୁଁ ଏ କଥା କହିଲେ ବି ସେ ପ୍ରୟାସ ପବନରେ ମିଳେଇ ଯିବ ।

ଅଙ୍କଲର ଅଭିଭାବକ ହିସାବରେ ପୂର୍ଣ୍ଣ କ୍ଷମତା ଅଛି ମୋ ଭଲ ମନ୍ଦ ତିଆରିବାକୁ ।

ବାବୁ ସେମିତି ନିରବରେ ଛିଡା ହୋଇ ଶୁଣୁଥାଏ । ତା' ରାଗ କେତେବେଳୁ ପ୍ରଶମିତ ହୋଇ ସାରିଲାଣି । ତୁ ଥରେ କହି ଦେଖେ ମୁଁ ତୋ ପାଇଁ କଣ କରିପାରୁଛି ...

ବର୍ତ୍ତମାନ ମଧୁସ୍ମିତା ଦଶମ ଶ୍ରେଣୀରେ ଉପନୀତ । ଅଙ୍କଲଙ୍କ ଆକ୍ରୋଶ ସତ୍ତ୍ୱେ ସେମାନଙ୍କ ମିଳାମିଶା ଚାଲିଥାଏ । ଅଙ୍କଲ ମାଆକୁ ଏଣୁ ତେଣୁ କହି ଆମ ସମ୍ପର୍କକୁ ଆହୁରି ଜଟିଳ କରିବାରେ ବ୍ୟସ୍ତ । ଧୀରେ ଧୀରେ ସେ ଆମ ଘରେ ଆଧିପତ୍ୟ ବିସ୍ତାର କରୁଥାଏ । ନିଜେ କୌଣସି କାମ ନକରି ଆକୁ ତାକୁ ତର୍ଜମା କରେ । ବାବୁ ବିରୋଧରେ କୁତ୍ସାରଟନା । ପାନ ଦୋକାନୀର ଔକାତ ବଖାଣେ । ସମସ୍ତଙ୍କ ମନରେ ବିଷ ମଞ୍ଜି ବୁଣି ନିଜେ ଜାଲ ବିଛେଇବାରେ ଲାଗିଥାଏ । ସବୁବେଳେ ଦୁର୍ବଳ ମୁହୂର୍ତ୍ତକୁ ଉଣ୍ଡି ବସିଥାଏ ।

ଏମିତ ଦିନକର ଘଟଣା । ମାଆ ଘରେ ନଥାଏ କୁଣିଆ ଘର ଯାଇଥାଏ । ଆମେ ଘରେ ବୋଇଲେ ବାପା(ସମାଜ ଆଖିରେ), ଦୁଇ ସାନ ଭାଇଭଉଣୀ । ଆଜି ଘରଟା କାମନାର ଗନ୍ଧରେ ଫାଟି ପଡୁଛି ଯେମିତ । ଖୁବ ତୀବ୍ର ଜଣାପଡୁଥାଏ । ରାତି ରୋଷଇରେ ସେ ସହଯୋଗ କରୁଥାନ୍ତି । ଖାଇବା ସରିଲା ଆମେ ଏପଟ ଘରେ ତିନି ଭାଇ ଭଉଣୀ ଶୋଇଥାଉ । ନିଶା ଗରଜୁ ଥାଏ । ନିଦ ଯେ ନିଦ ଚୌକସା ନିଦ । ନଛ ନଛ ନଖର ଶବ୍ଦ, ରାକ୍ଷସରେ ବିକଟାଳ ରୂପ ସନ୍ତର୍ପଣେ ପ୍ରବେଶିଛି ଆମ ଶୋଇବାଘର ମଧ୍ୟକୁ । ଘନ ଘନ ଖର ନିଶ୍ୱାସରେ ଉଷ୍ମପ୍ରବାହ । ବିକଟାଳ ଏକ କୁତ୍ସିତ ଶରୀର ମୋ ଉପରେ ଲଦି ହୋଇପଡିଛି । ସତ ଚେଷ୍ଟା ସତ୍ତ୍ୱେ ମୁଁ ପାରୁନି ମୋ ହାତଗୋଡ ସବୁ ବିବଶ । ନିରୁପାୟ ସେ ପଞ୍ଝାରୁ ମୁକୁଳିବାର ସବୁ ଚେଷ୍ଟା ବ୍ୟର୍ଥ । ରାତିର ରାକ୍ଷସ ସକାଳକୁ ନିର୍ମାୟା ପୁରୁଷ ।

Download Magazine from www.aahwaan.com

ରାତିର ରାକ୍ଷସଟା ସକାଳକୁ ପୁଣି ମଣିଷ ପାଲଟି ଯାଇଛି । ସକାଳକୁ ପୁଣି ସଜବାଜ ନୂଆ ଆରମ୍ଭରେ । ମୁଁ କିନ୍ତୁ ଖୁବ ଦୁର୍ବଳ ଅନୁଭବ କରି ପାରୁଥାଏ । ସବୁ ଜାଣିପାରୁଥାଏ କାହାକୁ ନ ଜଣେଇବାଟା ସବୁଠୁ ନିରାପଦ ମଣିଲି । ସେପଟେ ଅଙ୍କଲ ଆଉ ବାବୁର ଛକାପଞ୍ଝା ଲାଗିରହିଥାଏ । ଏପଟେ ମୁଁ ଦଶମ ଶ୍ରେଣୀ ଯେମିତ ହେଲେ ପାସ କରିବାକୁ ପଡିବ । ରାତିର ଭୟ ମୋ ମନରୁ ଜମା ଯାଉନଥାଏ ।

ଏମିତ ଦିନେ ହଠାତ ମାଆ କଣ ପାଇଁ ଚମକି ପଡିଲା । ମତେ ପ୍ରଶ୍ନ ପରେ ପ୍ରଶ୍ନ । ମତେ କୁଣ୍ଢେଇ କାନ୍ଦି ପକେଇଲା । ମୋ ମାଆଟା ପରା ସତ କହ । ତୋ ମାସିକ ଋତୁସ୍ରାବରେ କିଛି ବିଶୃଙ୍ଖଳା ଅଛି କି ? ମୋ ମନକୁ ନାନା ପ୍ରକାରର ପାପ ଛୁଉଁଛି ? ମୁଁ କେଉଁ ଦିନଠୁ ମରିସାରନ୍ତିଣି । ତୋ ପାଇଁ ମୁଁ ଜୀବନ ଧରିବଞ୍ଚିଛି । ମଧୁସ୍ମିତା ଏବେ ପାଞ୍ଚ ମାସର ଅନ୍ତଃସତ୍ତ୍ୱା । ମାଆ ଏ କଥା ଶୁଣି ଜଡ ପାଲଟି ଯାଇଛି । ଚାରିଦିଗ ଅନ୍ଧାର । ଅଙ୍କଲ ମାଆକୁ ବାବୁ କଥା କହିଛି । ଏ ସବୁ ତା'ର କାମ । ମାଆର ଅଙ୍କଲଙ୍କ ଉପରେ ଅଖଣ୍ଡ ବିଶ୍ୱାସ । ମାଆର ସବୁତକ ସନ୍ଦେହ ଠୁଳ ହୋଇ ବାବୁ ଉପରେ ନିବିଡ଼ ହୋଇଛି । ଗୋଟିଏ କଥା ଚିନ୍ତା ଖାଇ ଯାଉଥାଏ ଏ କଥା ଯେମିତି ତା ବାପାଙ୍କ କାନରେ ନ ପଡୁ । ସେ ଏତେ ସବୁ କଥା ଜାଣିବା ପୂର୍ବରୁ ଗର୍ଭପାତ କରାଇ ନେବା ନିହାତି ଦରକାର । ୟା ବ୍ୟତୀରେକ ଅନ୍ୟ ଉପାୟ କିଛି ଦେଖାଯାଉନି । ସେ ଏଠି ଗୁଜବ ହେବା ଆଗରୁ ଯଥାଶୀଘ୍ର ଏ ଜାଗା ଛାଡିବାକୁ ପଡିବ । ମାଆ ମୋ ମୁଣ୍ଡ ଉପରେ ଦଶମ ପରୀକ୍ଷା ଆଉ କିଛି ଦିନ ପରେ ଯିବା । ତୋ ପାଠ ପଢା ଚୁଲିକୁ ଯାଉ... ! ମାଆ ବିରକ୍ତି ପ୍ରକାଶ କରିଛି । ସେଠିକି ଗଲେ କଣ ରାକ୍ଷସର ଉପଦ୍ରବ କମିଯିବ.. ? କାହାଠାରୁ ଦୁରେଇ ରଖିବୁ .. ? ? ମନେ ମନେ ଭାବୁଥାଏ ମଧୁସ୍ମିତା । ସେମାନେ ବିଡାନାସୀରେ ରହିବାକୁ ସ୍ଥିର କଲେ ଓ ପଛ କଥା ପାଶୋରି ନୂଆ

Download Magazine from www.aahwaan.com

ଘର ନୂଆ ଭାବନାରେ ରହିବାକୁ ଚାହିଁଲେ ।

ଅଙ୍କଲ ମାଆ କୁ ମତେଇ ବାପାଙ୍କ ସମ୍ପତି କେମିତି ଶୋଷଣ କରାଯିବ ସେ ସେଥିରେ ବ୍ୟସ୍ତ । ବାପା କହିଲେ ମୁଁ ତମ ପାଇଁ ସିଡ଼ିଏରେ ଗୋଟେ ଘର ତୋଳି ଦେଉଛି । ତା ପରେ ଝିଅ ପାଇଁ କିଛି ଫିକ୍ସଡ଼ ଡିପୋଜିଟ କରିଛି ଝିଅ ପନ୍ଦର ବର୍ଷ ହୋଇଗଲେ ସେ ଟଙ୍କା ଉଠେଇ ପାରିବ । ମାଆ ବେଳ ଜାଣି ବାପାଙ୍କୁ ମୋ ବାହାଘର ଅଙ୍କଲଙ୍କ ସହ କରିବାକୁ ଜଣେଇଛି ବାପା ସେ ପ୍ରସ୍ତାବକୁ ନାମଞ୍ଜୁର କରିଦେଇଛନ୍ତି । ରୋକ ଠୋକ ମନା କରିଦେଇଛନ୍ତି । ବାପା ପ୍ରସ୍ତାବରେ ଅଗ୍ରାହ୍ୟ କରିଦେବା ପରଠୁ ଅଙ୍କଲ ଏକ ଅଭିନବ ଉପାୟ ଆପଣେଇଛନ୍ତି । ସେ ସବୁ ମୁହୂର୍ତ୍ତର ଫଟୋ ତାଙ୍କ ମୋବାଇଲରେ କଏଦ କରିବାରେ ଲାଗି ପଡିଛନ୍ତି । କେଜାଣି ଏ ସବୁକୁ ନେଇ ତାଙ୍କର ଆଗକୁ କି ପ୍ରକାର ଯୋଜନା ? ତାଙ୍କର ଏମିତ ଅଭଦ୍ରାମିର ମୁଁ ଅତିଷ୍ଠ ହେଇଯାଉଥିଲେ ସୁଦ୍ଧା ନିରବ ରହେ । ଏବେ କେତେ ଦିନ ହେବ ନୂଆ ସ୍ମାର୍ଟ ଫୋନ ଆଣିବା ଦିନଠୁ ତାର ଭରପୁର ଫାଇଦା ଉଠେଇବାରେ ମସଗୁଲ । ସେଥିରେ କୁଆଡେ ଚକିତ କରିଦେଲା ଭଳି ନୂତନ ବୈଷୟିକ କୌଶଳ ସବୁ ଭରପୁର । ଏମିତ କି ମୁଁ କାହା ସହ କଥା ହେଲେ ବି ସେ ଏହା ଅନାୟାସେ ଜାଣି ପାରିବେ । କେତେବେଳ ତାଙ୍କ ମୁହଁଟା ମୋ ମୁହଁ ସହିତ ଯୋଡି ସେଲ୍ଫିତ କେତେବେଳେ କେଉଁଠି ଲୁଚେଇ ଲୁଚେଇ ଭିଡିଓ ରେକର୍ଡିଂ । ଏବେ ଯେବେ ବି ଡାକିବେ ମୁଁ ସିଧା ସିଧା ଜଣେଇଦେବି ବୋଲି ଭାବୁଛି ଏବଂ କହିବାକୁ ବାଧ୍ୟ ହେଲି, “ତୁମେ ସେ ମୋବାଇଲଟା ବନ୍ଦକର ତା’ ପରେ କଥାବାର୍ତ୍ତା । ଯଦି ମୋବାଇଲରେ ଲାଗିବାର ଥିଲା ତ ମତେ କାହିଁକି ଡାକୁଥିଲ । ଦେଖ ମୁଁ ଖୋଲା ଖୋଲି କହିଦେଉଛି ତମର ବ୍ୟବହାର ମତେ ଜମା ଭଲ ଲାଗୁନି । ଆଉ ହଁ, ଶୁଣ ମୁଁ ତମ ପାଖରେ ଥିଲା ବେଳେ ତମେ ମୋବାଇଲରେ ହାତ ଦବନି କି ମୋର

Download Magazine from www.aahwaan.com

ଫଟୋ ନବନି । ତୁମ୍ଭେ ପୁଅ ପିଲାଙ୍କ ଉପରେ ବିଶ୍ୱାସ ନାହିଁ । କେଜାଣି କେତେବେଳେ କେଉଁ ଅବସ୍ଥାରେ ତମେ ଫଟୋ ନେଇଯିବ । ସତକହୁଛି ସେ ମୋବାଇଲ ଯଦି ଆଉଥରେ ଦେଖିବି ନା, ମୁଁ ସିଧା ଫେରିଯିବି ।

ନିଜ ମୋବାଇଲଟା ହଜାଇ ଦେବା ପରେ ମଧୁସ୍ମିତା ମନେ ପକାଉଥିଲା ବାବୁ କଥା । ସେ କଥା ବାବୁକୁ କହି ତାଗିଦ କରୁଥିଲା, ଏବେ ତା' ନିଜ ମୋବାଇଲ ସେ ଖୋଜି ପାଉନି । ଗତ ସନ୍ଧ୍ୟାରେ ମାର୍କେଟ ଯାଇଥିଲା ସେଇଠି କୋଉଠି ଛାଡି ଦେଇ ଆସିଥିଲା କି ? ମୋବାଇଲରେ ଯେଉଁ ସବୁ ଛବି ଥିଲା, ତାହା ଯଦି କାହା ହାତରେ ପଡେ ! ! ! ବିଶେଷ କରି ଅଙ୍କଲ ହାତରେ ପଡିଲେ କଥା ସରିଲା । ମୋବାଇଲିଟା ହଜିଯିବାରେ ଯେତିକି ଭୟ ନାହିଁ ବାବୁର ମୋର ଅନ୍ତରଙ୍ଗ ମୁହୂର୍ତ୍ତର କିଛି ଫଟୋ ସେଥିରେ କଏଦ ଥିଲା । ନିଜେ ସୁବିଧା ଅସୁବିଧା ଦେଖି ନିଜ ମୋବାଇଲ ମୋ ଫଟୋ ଉଠେଇବା ଯଦିଓ ସେମିତି ସୁଯୋଗକୁ  ସେ କେବେ ହାତ ଛଡା କରନ୍ତିନି ।

ଏସନକୁ ମଧୁସ୍ମିତାକୁ ପନ୍ଦର ପୁରି ଷୋହଳ ଚାଲିଲା । ସବୁ ମଣିଷ ନହେଲେ ବି ଅଧିକାଂଶ ସୁଯୋଗଟିଏ ମିଳିଲେ ରାକ୍ଷସ ପାଲଟି ଯିବାକୁ ବେଶୀ ସମୟ ଲାଗେନି । ବାହାରେ ମାଛି ଘଉଡେଇ ଭିତରେ ଶାଗୁଣା ପୋଷୁଥିବା ଲୋକ ଢ଼େରେ ଏଠି ।

କାଲି ରାତିରେ ରାକ୍ଷସର କାଲି ରାତିରେ ମା' ରାକ୍ଷସ ସଂହାର କରିଛି କିନ୍ତୁ ସକାଳକୁ ପଡି ରହିଥିଲା ଏକ ଗଳିତ ମଣିଷର ଶବ । ଦୁଇ ଦିନ ହେବ ଅଙ୍କଲ କୌଣସି କାମରେ ସହରକୁ ଯାଇଥାନ୍ତି । ଏମିତ ଏକ ସୁଯୋଗ ଉଣ୍ଡି ବସିଥିଲା ସେ ରାକ୍ଷସ । ପୂର୍ବଥର କଞ୍ଚା ମାଂସର ଲୋଭ ତା ପାଟିରେ ବାଜିଛି । ସେଥର ଭଳି କାଲି ରାତିରେ ସମସ୍ତଙ୍କ ରାତି ଖାଇବାରେ ସେ କିଛି ନିଶା ଔଷଧ ମିଶେଇ ଦେଇ  ଶିକାର ଅପେକ୍ଷାରେ । ସନ୍ତର୍ପଣରେ ଆମ

Download Magazine from www.aahwaan.com

ଘର ମଧ୍ୟକୁ ପଶିଛି ତା'ର ବିକୃତ ମୁହଁରୁ ଦୁର୍ଗନ୍ଧରେ ଫାଟି ପଡୁଛି । ତା ଭାତୁଡ଼ିମୟ ଶରୀରଟା ମୋ ଉପରେ ଲଦି ହୋଇ ଜାବୁଡି ଧରିଛି । ବଡ କଷ୍ଟରେ ମୋ ପାଟିରୁ ବାହାରି ପଡିଛି ମା ।..

ବାପାଙ୍କୁ ସେ ହତ୍ୟା କରିବା ପରେ ବି ମା ମନରେ ତିଳେ ମାତ୍ର ସଂକୋଚ ନାହିଁ ।...

ମା ତା ମୁଣ୍ଡରେ ମୋ ହାତରଖି ଶପଥ କରେଇଛି ଯେ କୌଣସି ପରିସ୍ଥିତିରେ ବି ତୁଣ୍ଡ ନ ଖୋଲିବାକୁ ।

ଆଜି ଖବର କାଗଜର ପ୍ରଥମ ପୃଷ୍ଠାର ମୁଖ୍ୟ ଖବରଟି ଥିଲା । ୯୨ ପ୍ରତିଶତ ଦୁଷ୍କର୍ମ କରଥାନ୍ତି ନିଜ ଆତ୍ମୀୟ ପରିଜନ ।

କଲ୍ୟାଣପୁର, ନୟାଗଡ

ଭ୍ରାମ୍ୟଭାଷ : ୯୮୭୧୦୭୦୧୫୨

Download Magazine from www.aahwaan.com

# ହନି ଦ ହିରୋଇନ



ଶ୍ରଦ୍ଧାଞ୍ଜଳୀ ମିଶ୍ର

ମଧୁସ୍ମିତାରୁ ଆଜି ହନି ହେଇଯାଇଛି କାହିଁ ସେ ନିପଟ ମଫସଲ ଗାଁର ମଧୁସ୍ମିତା । ଆଜିର ହନୀ ଗ୍ଲାମରସ୍, ଆଧୁନିକା ଆଉ ସ୍ମାର୍ଟ । ହନୀ ଆଜି ଦୁନିଆର ସମସ୍ତଙ୍କ ଆଗରେ ନିଜର ପରିଚୟ ସୃଷ୍ଟି କରିଛି ହଜ଼ାର ହଜ଼ାର ଲୋକଙ୍କ ହୃଦୟରେ ବସିଛି ହନୀ । ସେ ଆଜି ଉଚ୍ଚ ଧାଡିର ଅଭିନେତ୍ରୀ ସେ ଯାହା ଇଚ୍ଛା କରିବ ତାହା ପାଇବ କିନ୍ତୁ ବାବୁ ଆଜି ତା'ଠୁ ବହୁ ଦୁରକୁ ଚାଲିଯାଇଛି ତା ଛୋଟ ବେଳର ପ୍ରେମିକ ବାବୁ ଆଜି ବି ତା ଆଖିରେ ନାଚୁଛି କେମିତି ବାବୁ ତାକୁ ନିପଟ ମଫସଲ ଗାଁରୁ ଆଣିଥିଲା ସହରକୁ ପାଠ ପଢ଼ିବା ପାଇଁ ଆଉ ମଧୁକୁ ଉଚ୍ଚ ଶିକ୍ଷିତା କରିବା ପାଇଁ । ମଧୁ ବି ବାବୁ ସାହସରେ ଆସିଥିଲା ଏତେ ଦୂରରୁ । ମଧୁର କଲେଜ ବାବୁର ଅଫିସ ପାଖରୁ କମ ଦୂର ଥିଲା ସେଥିପାଇଁ କଲେଜ ଛୁଟି ପରେ ସେ ଆଉ ବାବୁ ଗୋଟେ କଫି ସପ୍‌ରେ ଦେଖା କରିବାକୁ ଆସନ୍ତି । ସବୁ ଦିନ ଅଫିସ ପରେ ଦୁଇ ଜଣ କଫି ସପ୍‌ରେ ଦେଖାକରନ୍ତି କିନ୍ତୁ ଗୋଟେ ଦିନ ବାବୁ ଆସିନଥିଲା ମଧୁ ସେମିତି ଏକା ବସିଥାଏ । ଠିକ ସେ ସମୟରେ କଫି ସପ୍‌ର ମାଲିକ ମଧୁକୁ ଏକା ଦେଖି ତା ପାଖେ ଆସି ବସିଲା ଆଉ ତା ସାଙ୍ଗରେ କଥା ହେଲା ଧିରେ ଧିରେ ସେମାନେ ଦୁଇ ଜଣ ଭଲ ସାଙ୍ଗ ହୋଇଗଲେ । ଧିରେ ଧିରେ ବନ୍ଧୁତା ଭଲ ପାଇବାରେ ପରିଣତ ହେଲା । ମଧୁସ୍ମିତା କିନ୍ତୁ ଏ ବିଷୟରେ ବାବୁକୁ କିଛି କହି ନ ଥାଏ ।

ଦିନେ ବାବୁ ଅନ୍ୟ ମାନଙ୍କଠୁ ଶୁଣି ମଧୁସ୍ମିତାକୁ ପଚାରିଲା ଏ ସବୁ କଥା ମଧୁସ୍ମିତା ମୁହଁରୁ ସବୁ କଥା ଶୁଣି ବାବୁ ତାକୁ ବୁଝେଇଲା ସେ କଫି ସପ୍ ମାଲିକ ଭଲ ନୁହଁ । ସେ

 Download Magazine from www.aahwaan.com

କେମିତି କେତେ ଝିଅଙ୍କ ସହ ବୁଲେ ଆଉ ମନ ଭରିଗଲେ ଛାଡିଦିଏ । ମଧୁସ୍ମିତାର ଆଖିରେ ତ ଆଧୁନିକତାର ପଟଳ ପଡ଼ିଛି ସେ ବାବୁ କଥା ଶୁଣିଲା ନାହିଁ । ଧିରେ ଧିରେ ମଧୁ ମୋଡେଲିଂରେ ପାଦ ଥାପିଲା ଓ ସଫଳତା ଲାଭ କରି ସେ ଆଜି ଆଗ ଧାଡ଼ିର ହିରୋଇନ । କେତେ ଡାରେକ୍ଟର ଆଉ ପ୍ରଡ୍ୟୁସରଙ୍କ ଶଯ୍ୟାସଙ୍ଗିନୀ ସେ ଦୁନିଆର ସବୁ ସୀମାକୁ ଟପି ଯାଇଛି ।

କିନ୍ତୁ ଆଜି ସେ ନିଜ ଅତୀତକୁ ମନେ ପକାଉଛି ବାବୁକୁ କେମିତି ମୋବାଇଲ ପାଇଁ ଗାଳି କରୁଥିଲା । ତମେ ସେ ମୋବାଇଲଟା ବନ୍ଦ କର ତା ପରେ କଥାବାର୍ତ୍ତା । ଯଦି ମୋବାଇଲରେ ଲାଗିବାର ଥିଲା ତ ମୋତେ କାହିଁକି ଡାକୁଥିଲ । ଦେଖ ମୁଁ ଖୋଲା ଖୋଲି କହିଦେଉଛି ତମର ବ୍ୟବହାର ମୋତେ ଜମା ଭଲ ଲାଗୁନି ଆଉ ହଁ ଶୁଣ ମୁଁ ପାଖେ ଥିଲା ବେଳେ ତମେ ମୋବାଇଲ ହାତ ଦବନିକି ମୋ ଫୋଟୋ ନବନି । ତୁମ ପୁଅ ପିଲାଙ୍କ ଉପରେ ବିଶ୍ଵାସ ନାହିଁ । କେଜାଣି କେଉଁ ଅବସ୍ଥାରେ ତମେ ଫୋଟୋ ନେଇଯିବ । ସତ କହୁଛି ମୋବାଇଲ ଯଦି ଆଉ ଥରେ ଦେଖିବନା ମୁଁ ସିଧା ଫେରିଯିବି । ନିଜ ମୋବାଇଲକୁ ଆଜି ମାର୍କେଟରେ ହଜେଇ ଦେଇ ମଧୁସ୍ମିତା ଆଜି ଭାବୁଛି ମୋବାଇଲରେ ଛବି ସବୁ ଥିଲା କା ହାତରେ ଯଦି ପଡିବ ଏମିତି ବସି ବସି ଭାବୁ ଭାବୁ କେତେବେଳେ ଆଖିକୁ ନିଦ ଆସିଛି ସେ ଜାଣିନି । ସକାଳୁ ଉଠିକି ସେ ଟିଭି ଖୋଲିଲା ବେଳକୁ ତା ଛାତି ଯେମିତି ଅଟକି ଯାଇଛି ତା ହୃଦୟର ସ୍ପନ୍ଦନ ଯେମିତି ବନ୍ଦ ହେଇଯାଇଛି ଆଜି ସେ ସବୁ ଟିଭି ଚ୍ୟାନେଲର ମଜାଦାର ଖବର ଅଭିନେତ୍ରୀଙ୍କ ଅନ୍ତରଙ୍ଗ ଭିଡିଓ ଭାଇରାଲ ହେଇଯାଇଛି ।

# ଅପ୍ରେଲ ୨୦୧୮ ମସିହାର ସଂସ୍କରଣରେ ପ୍ରକାଶିତ ଗଳ୍ପସ୍ପର୍ଦ୍ଧାରେ ସଫଳ ହୋଇଥିବା ପ୍ରତିଯୋଗୀ :

## ପ୍ରଥମ ସ୍ଥାନ



ସୁବଳ ମହାପାତ୍ର

## ଦ୍ୱିତୀୟ ସ୍ଥାନ



ଜିତେନ୍ଦ୍ର କୁମାର କହଁର



ଅଶୋକ ସେଠୀ

## ତୃତୀୟ ସ୍ଥାନ



ବଲବନ୍ତ ସାହୁ



ପ୍ରଶାନ୍ତ କୁମାର ନାଥ

Download Magazine from www.aahwaan.com

# ଜୁନ୍ ମାସ ପାଇଁ ଗଳ୍ପ ସ୍ପର୍ଦ୍ଧା

ଆହ୍ୱାନରେ ବିଗତ କିଛି ମାସ ହେବ ଆମେ ଆରମ୍ଭ କରିଛୁ ଏକ ନୂତନ ବିଭାଗ । ପତ୍ରିକାରେ ପ୍ରକାଶନ ଯୋଗ୍ୟ କାହାଣୀ ନିବେଦନ କରାଯାଉଛି କିନ୍ତୁ ସେଥିପାଇଁ ଯେଉଁ ଲେଖା ପଠାଇବାକୁ ହୁଏ ତାହାର ସମ୍ୟକ କଥନ ଆମେ ଏଠାରେ ଦେଇଥାଉ ଏବଂ ତାହାକୁ କାହାଣୀରେ ସ୍ଥାନ ଦେଇ ଗୋଟିଏ କାହାଣୀ ସୃଷ୍ଟି କରିବାକୁ କୁହାଯାଏ । ଆପଣ ମଧ୍ୟ ଚାହିଁଲେ ନିମ୍ନରେ ଦିଆଯାଇଥିବା କାହାଣୀର ଅଂଶକୁ ନେଇ ନିଜେ ଗୋଟିଏ ସୁନ୍ଦର କାହାଣୀ ଲେଖି ଆମ ନିକଟକୁ ପଠାଇ ପାରିବେ । ମନେ ରଖନ୍ତୁ ଆପଣଙ୍କ କାହାଣୀରେ ଆମେ ଦେଇଥିବା କାହାଣୀର ଅଂଶ ନିଶ୍ଚୟ ଭାବରେ ରହିଥିବ ।

"ଆଜ୍ଞା ଆମର ଗୋଟିଏ ବୋଲି ପୁଅ । ଆମେ ବୁଢ଼ାବୁଢ଼ୀ ଅନ୍ତେ ସବୁ ସମ୍ପତ୍ତି ସେ ହିଁ ଉପଭୋଗ କରିବ । କେଉଁଥିକୁ ଅଭାବ ନାହିଁ । ଆପଣ ଖାଲି ପ୍ରସ୍ତାବରେ ହଁ କହିଦେଲେ, ବିବାହ ସାଙ୍ଗେ ସାଙ୍ଗେ କରିଦେବା । ଆପଣଙ୍କ ଝିଅ ଘରର ମାଲିକାଣୀ ହେଇ ରହିବ । କୋଉଠିକି ଅଭାବ କରିବୁନି ।

'କ୍ଷମା କରିବେ ଆଜ୍ଞା ଆପଣଙ୍କ ପୁଅର ଉଚ୍ଚତା ଟିକେ କମ, ତେଣୁ ମୋ ଝିଅ ନାପସନ୍ଦ କରୁଛି । ସେ ଚାହୁଁଛି ଅନ୍ତତଃ ଛଅ ଫୁଟ୍ ଉଚ୍ଚତା ଥିବା ଭଳିଆ ବର ଗୋଟେ । ନଥିଲେ ବି ଚଳିବ ହେଲେ ଅନ୍ତତଃ ପକ୍ଷେ ଘରେ ବଡ଼ କାର୍‌ଟିଏ ଥିବ । ସକାଳୁ ସଞ୍ଜ ଘରେ ଖଟିବା ପାଇଁ ଚାକର ବାକର ଥିବେ ।'

ସେ ସବୁ ବ୍ୟବସ୍ଥା ବିବାହ ପୂର୍ବରୁ କରିଦେବୁ । ଆପଣ ଖାଲି ହଁ କହନ୍ତୁ । ଦେଖନ୍ତୁ ବହୁ ଆଶା କରି ଆସିଛୁ । ବାରଦୁଆର ଶୁଣ୍ଠିପିଣ୍ଡା ହେଲୁଣି, କୋଉଠି ବି ପ୍ରସ୍ତାବଟେ ହେଉନି । ଆପଣ ଯଦି ଚାହାନ୍ତି ଆମେ ଅଗ୍ରୀମ କିଛି ଅର୍ଥ ଦେବା ବ୍ୟବସ୍ଥା ବି କରିଦେବୁ । ଆପଣ ଖାଲି ହଁ କହନ୍ତୁ ।"

ମନେ ରଖନ୍ତୁ ଏହି ପାରାଗ୍ରାଫଟି ଆପଣଙ୍କ କାହାଣୀରେ ରହିବା ଅନିବାର୍ଯ୍ୟ । ଆପଣ ଏହାକୁ କାହାଣୀରେ ଯେ କୌଣସି ଭାଗରେ ରଖିପାରିବେ । କାହାଣୀ ଆମ ନିକଟକୁ ୨୦୧୮, ଜୁନ୍ ମାସ ତିନି ତାରିଖ ପୂର୍ବରୁ ପହଞ୍ଚିଯିବା ଆବଶ୍ୟକ । ଆମ ଇମେଲ୍ ଠିକଣା : aahwaan@gmail.com

 Download Magazine from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ଜୁନ୍ ୨୦୧୮

ଲେଖା ପଠାଇବାର ଶେଷ ତାରିଖ : ୩ ଜୁନ୍ ୨୦୧୮

ଲେଖା ପଠାଇବା ସମୟରେ ଇମେଲ୍‌ରେ ସବ୍‌ଜେକ୍ଟ ଲେଖିବେ :

Article for JUNE 2018 Edition: YOURNAME (ନିଜ ନାଁ ଲେଖିବେ)

ଲେଖା ଗୁଡ଼ିକ ଯଦି ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ ତା ହେଲେ ଆମକୁ ପୁଣିଥରେ ସେହି ସବୁ ଲେଖା ଟାଇପ୍ କରିବାକୁ ପଡ଼ିବ ନାହିଁ । ହାତ ଲେଖାକୁ ଫଟୋ ଉଠାଇ କିମ୍ବା ସ୍କାନ୍ କରି ଇମେଲ୍ ଆଟାଚ୍‌ମେଣ୍ଟ ଭାବରେ ପଠାଇବେ । ହସ୍ତଲେଖା ସୁନ୍ଦର ଓ ପଠନଯୋଗ୍ୟ ହେବା ଅନିବାର୍ଯ୍ୟ, ନଚେତ ଯଦି ପ୍ରକାଶନରେ କୌଣସି ତ୍ରୁଟି ରହେ ସେଥିପାଇଁ ସମ୍ପାଦକ ଦାୟୀ ରହିବେ ନାହିଁ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

Download Magazine from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ସୂଚନାଯୋଗ୍ୟ ଯେ କିଛି ବନ୍ଧୁ ବିଗତ ମାସରେ ଅନ୍ୟୁନ ଦଶରୁ ଅଧିକ କବିତା ପଠାଇଛନ୍ତି । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଟାଇପ୍ ନ କରି ଲେଖା ପଠାଉଛନ୍ତି । ଏହା ଫଳରେ ଆମକୁ ସମ୍ପାଦନା ପୂର୍ବରୁ ଅନ୍ୟୁନ ଅର୍ଦ୍ଧାଧିକ ପୃଷ୍ଠା ନିଜେ ଟାଇପ୍ କରିବାକୁ ପଡୁଛି ଏବଂ ଏଥିପାଇଁ ପତ୍ରିକା ପ୍ରକାଶନରେ ବିଳମ୍ବ ଦେଖା ଦେଉଛି । ଦୟାକରି ନିଜସ୍ୱ ଲେଖା ଟାଇପ୍ କରି ମାଇକ୍ରୋସଫ୍ଟ ୱାର୍ଡ୍ ଫାଇଲରେ ପଠାନ୍ତୁ । ଯଦି ଟାଇପ୍ କରି ପାରୁନାହାନ୍ତି ତା ହେଲେ ଅନ୍ୟ ଉପାୟ କରନ୍ତୁ । ପିଡ଼ିଏଫ୍ ଫାଇଲରେ ପଠାଉଥିବା ଲେଖାକୁ ୱାର୍ଡ୍ ଫାଇଲରେ ପଠାନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

**aahwaan@gmail.com**